# ଦେବୀ ପୁରାଣ ।

# ଚଣ୍ଡୀ ଯୁଦ୍ଧ

ଶ୍ରୀ ନିତ୍ୟାନନ୍ଦ ସାହୁ ଓଗେରଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।

କଟକ ଅରୁଣୋଦୟ ଯନ୍ତ୍ରାଳୟରେ

ପ୍ରିଣ୍ଟର ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଦ୍ୱିତୀୟବାର ମୁଦ୍ରିତ ।

* ପ୍ରା ପ୍ତି ସ୍ଥା ନ *

ଅରୁଣୋଦୟ ପୁସ୍ତକାଳୟ,

ବାଲୁବଜାର, ପୋଃ ଅଃ ଚାନ୍ଦନୀଚୌକ କଟକ

ମୂଲ୍ୟ ଃ ୧୯    ୧୯୩୫    ଏକଟଙ୍କା ମାତ୍ର ।

Digitized by srujanika@gmail.com

# ଚଣ୍ଡୀ ପୁରାଣ ।

## ସୂଚିପତ୍ର ।


| ବିଷୟ | ପୃଷ୍ଠା |
|---|---|
| ଗଣେଶ ବନ୍ଦନା ... ... | ୧ |
| ବିଷ୍ଣୁ ବନ୍ଦନା ... ... | ୨ |
| ଦୁର୍ଗାସ୍ତୁତି ... ... | ୪ |
| ମୈଷାସୁରର ତପସ୍ୟା ଓ ବରଲାଭ ... ... | ୪ |
| ମୈଷାସୁରର ଦିଗ୍ବିଜୟ ... ... ... | ୧୦ |
| ମେରୁଦେଶ ସଙ୍ଗେ ମୈଷାସୁରର ଯୁଦ୍ଧ ଓ ପରାଜୟ ... | ୧୩ |
| ମୈଷାସୁରର ଧୂମ୍ରଲୋଚନକୁ ସବିଷ୍ଣୁ ପଣେ ଶାସ୍ତି ଦେବାର ... | ୧୪ |
| ଚଣ୍ଡ ମୁଣ୍ଡ ସଙ୍ଗେ ମୈଷାସୁର ଯୁଦ୍ଧ ଓ ପରାଜୟ ... | ୧୫ |
| ମୈଷାସୁର ଦକ୍ଷିଣଦିଗେ ଯାତ୍ରା ଓ ଚନ୍ଦ୍ରାବତୀ ସଙ୍ଗେ ବିବାହ ... | ୧୯ |
| ମୈଷାସୁରର ଜମ୍ବୁଦ୍ୱୀପେ ଯାତ୍ରା ... ... | ୨୫ |
| ଶୁମ୍ଭ ନିଶୁମ୍ଭ ସଙ୍ଗେ ମୈଷାସୁରର ଯୁଦ୍ଧ ଓ ପରାଜୟ | ୨୮ |
| ଇନ୍ଦ୍ର ନିକଟକୁ ଶୁମ୍ଭ ନିଶୁମ୍ଭଙ୍କର ଚିଠି ଓ ଅନ୍ଧକାସୁରର ବିବରଣ | ୩୮ |
| ଶୁମ୍ଭ ନିଶୁମ୍ଭଙ୍କର ସ୍ୱର୍ଗପୁର ଆକ୍ରମଣ ... ... | ୪୧ |
| ନାରାୟଣଙ୍କ ନିକଟରେ ଦେବଗଣଙ୍କର ଦୁଃଖ ଜଣାଇବା ଓ ତାହା ଶୁଣି ମହେଶଙ୍କ କ୍ରୋଧ | ୪୨ |
| ଦୁର୍ଗାଙ୍କର ଆବିର୍ଭାବ ଓ ଦେବଗଣଙ୍କର ଶସ୍ତ୍ର ପ୍ରଦାନ ... | ୫୧ |
| ଦୁର୍ଗାଙ୍କର ବିନ୍ଧ୍ୟଗିରିରେ ଅବସ୍ଥିତି ଓ ଚଣ୍ଡୀକପୁର ବିବରଣ ... | ୫୨ |
| ମୈଷାସୁର ନିକଟରେ ଚଣ୍ଡ ମୁଣ୍ଡଙ୍କର ଦୁର୍ଗାଙ୍କ ବାର୍ତ୍ତା ଜଣାଇବାର | ୬୨ |
| ଚଣ୍ଡ ମୁଣ୍ଡ ବଧ ... ... | ୬୬ |
| ଶୁମ୍ଭ ନିଶୁମ୍ଭ ବଧ ... ... ... | ୬୮ |
| ଚାମର ବେମାଳ ବଧ ... ... ... | ୭୨ |
| କାଳ୍ପମାଳା, ବିଡ଼ାଳାକ୍ଷ, ରକ୍ତବୀଜ, ବୀରଭଦ୍ର ଏବଂ କାଳଦଣ୍ଡ ପ୍ରଭୃତିଙ୍କର ଯୁଦ୍ଧେ ଗମନ ଓ ମୃତ୍ୟୁ ... ... ... | ୭୪ |
| ବୈଲୋଚନ ଚରିତ ... ... | ୯୧ |
| ଧୂମ୍ରଲୋଚନ ପ୍ରଭୃତି ଅଷ୍ଟାବିଂଶତି ସେନାପତିଙ୍କର ଯୁଦ୍ଧେ ଗମନ ଓ ମୃତ୍ୟୁ | ୯୫ |
| ସୂର୍ଯ୍ୟମଣ୍ଡଳ ରଥର ବିବରଣ ... ... ... | ୧୧୮ |
| ମୈଷାସୁରର ଯୁଦ୍ଧେ ଗମନ ଓ ନର୍ମଦା ପ୍ରଭୃତି ଦେବୀଗଣଙ୍କର ଆବିର୍ଭାବ | ୧୨୨ |
| କାଳ ବିମୋଚନର ଯୁଦ୍ଧେ ଗମନ ଓ ଜୟଲାଭ ... ... | ୧୨୭ |
| କାଳବିମୋଚନ ବଧ ... ... ... | ୧୩୦ |
| ମୈଷାସୁରକର୍ତ୍ତୃକ ବିନ୍ଧ୍ୟଗିରି ଉତ୍ପାଟନ | ୧୩୧ |
| ଶୂନ୍ୟ ଉପଶୂନ୍ୟ ବଧ ... | ୧୩୫ |
| ମହିଷାସୁର ବଧ ... | ୧୪୮ |


ସମାପ୍ତ ।

Digitized by srujanika@gmail.com

# ଚଣ୍ଡୀପୁରାଣ ।

## ବା

## ଚଣ୍ଡୀଯୁଦ୍ଧ ।

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ ।
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋ ଜୟମୁଦୀରୟେତ୍ ॥

ଯଂ ବ୍ରହ୍ମା ବରୁଣେନ୍ଦ୍ରରୁଦ୍ରମରୁତଃ ସ୍ତୁନ୍ୱନ୍ତି ଦିବ୍ୟୈଃ ସ୍ତବୈ-
ର୍ବେଦୈଃସାଙ୍ଗପଦକ୍ରମୋପନିଷଦୈ ର୍ଗାୟନ୍ତି ଯଂ ସାମଗାଃ ।
ଧ୍ୟାନାବସ୍ଥିତ ତଦ୍ଗତେନ ମନସା ପଶ୍ୟନ୍ତି ଯଂ ଯୋଗିନୋ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣା ଦେବାୟ ତସ୍ମୈ ନମଃ ॥

ହରେ ମୁରାରେ ମଧୁକୈଟଭାରେ
ଗୋବିନ୍ଦ ଗୋପାଳ ମୁକୁନ୍ଦ ଶୌରେ ।
ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୋ
ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ ॥

ମଧ୍ୟେ ସୁଧାବ୍ଧି ମଣିମଣ୍ଡପରତ୍ନବେଦୀ-
ସିଂହାସନୋପରିଗତାଂ ପରିପୀତବର୍ଣ୍ଣାଂ ।
ପୀତାମ୍ବରାଂ କନକଭୂଷଣମାଲ୍ୟଶୋଭାଂ
ଦେବୀଂ ଭଜାମି ଧୃତମୁଦ୍ଗରବୈରିଜିହ୍ୱାଂ ॥

---

### ✱ ଗଣେଶଙ୍କ ବନ୍ଦନା । ✱

ଜୟ ଜୟ ଗଣେଶ୍ୱର ଜୟ ବିଘ୍ନରାଜ ।
ଦର୍ଶନେ ପ୍ରସନ୍ନେ ଯାର ହୁଏ ସିଦ୍ଧକାର୍ଯ୍ୟ ॥
ଗିରିଜାନନ୍ଦନ ସ୍ୱାମି ଭକତବତ୍ସଳ ।
ତାଣ୍ଡବ ନୃତ୍ୟରେ ନାଥ ଅନୁବ୍ରତେ ଖେଳ ॥
ଜୟ ଜୟ ବକ୍ରତୁଣ୍ଡ ସ୍ଥୂଳ ଉଦର ।
ପାଶ ଅଙ୍କୁଶରେ ଶୋଭା ପାଏ ତୋର କର ॥
ଅଷ୍ଟାଦଶ ପୁରାଣର ଅଟୁ ଆଦ୍ୟମୂର୍ତ୍ତି ।
ଭକ୍ତଜନେ ବର ଦେଉ ହୋଇ ତୋଷମତି ॥
କହରୁକେ ବଢାଇଲୁ କାମ କାଳନିଦ୍ରା ।
ଜପ ତପରେ ତୁ ସାଧ କଲୁ ସର୍ବମୁଦ୍ରା ॥
ମେରୁ ତୁଲ୍ୟ ମହିମା ତୋ ଅଟେ ଚନ୍ଦ୍ରହୋଲା ।
ଚତୁର୍ଦ୍ଦଶ ନାୟକ ତୁ ସଦା ରଙ୍ଗେ ଖେଳା ॥
ତୋହର କୃପାରେ ମୂର୍ଖ ହୁଅଇ ପଣ୍ଡିତ ।
ଉତ୍ପନ୍ନଅଛଇ ତୋର ଠାରୁ ସର୍ବଶାସ୍ତ୍ର ॥

Digitized by srujanika@gmail.com

ସ୍ଫୁରତୋଷ୍ଠ ଦ୍ୱିଜ ତୋର ଅତ୍ୟନ୍ତ ସୁନ୍ଦର ।
ମୂଷିକବାହନେ ଭ୍ରମୁ ଚଉର୍ଦ୍ଦଶ ପୁର ॥
ଭକ୍ତବତ୍ସଳ ସ୍ୱାମି ତୁ ବିଘ୍ନନାଶକ ।
ସର୍ବଦେବେ ଅଗ୍ରପୂଜ୍ୟ ଯାବତ ଚନ୍ଦ୍ରାର୍କ ॥
ଜଗତର ନାଥ ଦେବ ସୃଷ୍ଟିର କରତା ।
ଅଷ୍ଟାଦଶ ପୁରାଣର ତୁହି ଯେ ବକତା ॥
ତୋହର ମହିମା ମୁଖେ କେହ୍ନ କହିପାରେ ।
ବାହନେଷ୍ଟକ ଚଣ୍ଡୁଡ଼ କଲ୍ଲୁ ବୃଷାତୁରେ ॥
ସପତସମୁଦ୍ର ଗୋପ୍ୟ ତୋର କୁମ୍ଭସ୍ଥଳ ।
ନ ପଶିଲ ଶଙ୍ଖବର୍ଣ୍ଣ ମହାର୍ଣ୍ଣବ ଜଳ ॥
ନାଥ ତୁହି ରକ୍ଷାକଲୁ ସପ୍ତଦ୍ୱୀପା ପୃଥ୍ୱୀ ।
ତୋର ହେତୁ ଚରାଚର ବରତୁଅଛନ୍ତି ॥
କାର୍ତ୍ତିକେୟ ପ୍ରହାରନ୍ତେ ବାମପାଦ ତୋତେ ।
ଦକ୍ଷିଣଦନ୍ତ ଭଞ୍ଜନ ହୋଇଲା ତଦର୍ଥେ ॥
ସେ ଭଗ୍ନଦନ୍ତ ପଡ଼ନ୍ତେ ଅବନୀ ଉପରେ ।
ରସାଗତ ହେଲା ମହୀ ଦନ୍ତ ମହାଭରେ ॥
ପୃଥ୍ୱୀ ଦୁଃଖ ଦେଖି ସ୍ତୁତିକଲେ ଶୂଳପାଣି ।
ବାମକରେ ସମ୍ଭାଳିଲୁ ଭଗ୍ନଦନ୍ତ ଆଣି ॥
କୋପ ସମ୍ଭାଳି ନ ପାରୁ ତୋର ବାଳବୁଦ୍ଧି ।
ଚନ୍ଦ୍ରମାରେ ଶାପ ଦେଲୁ ହେଉ କୁଷ୍ଠବ୍ୟାଧି ॥
ତୋର ନାମ ଚନ୍ଦ୍ରବାରୁ ପାଇଲେ ସେ ରକ୍ଷା ।
ଅପଦ ଶାନ୍ତ କର ତୁ ବୁଝାଇଲୁ କକ୍ଷା ॥
ଅମୃତ ଭୋଜନେ ତବ ଶରୀର ଭୂପତ ।
ନମସ୍ତେ ନମସ୍ତେ ମହାବିନାୟକ ମୂର୍ତ୍ତି ॥
ଝମ ଝମ ବାଜେ ତୋର ଚରଣେ ନୂପୁର ।
ଚଳେ ମହୀ ପାଇ ଯାର ଅଙ୍ଗୁଷ୍ଠର ଭର ॥
ସ୍ୱାମି ରାଗରାଜ ଯେହ୍ନେ ମାଳବ ବସନ୍ତ ।
ଭୂପାଳ ଯେ ଅଶାବରୀ ଗୁର୍ଜ୍ଜରୀ ସହିତ ॥
କାମୋଦୀ କନଡ଼ା ଆଉ ପଟହ ମଞ୍ଜରୀ ।
କର୍ଣ୍ଣାଟ ସିନ୍ଧୁଡ଼ା ଆଦ କର ଧନାଶ୍ରୀ ॥
ମଲ୍ଲାର ଚନ୍ଦ୍ରାଦେଶାକ୍ଷ ତୋଡ଼ି ରାମକେରୀ ।
ବଙ୍ଗଳାଶ୍ରୀ ଗାନ୍ଧାର ଯେ କେଦାରଦକର ॥
ବସନ୍ତବରାଡ଼ ଗୌରୀ ଯେ କୁମୁଦକାମୋଦୀ ।
କାଳି ମଙ୍ଗଳବରାଡ଼ ଭଇରବୀ ଆଦି ॥
ଏ ରାଗ ରାଜାଏ ହେନ ସୁନ୍ଦରୀ ନକର ।
ଝଟଥାନ୍ତି ଦେବ ତବ ଚରଣ ତଳର ॥

ଗୁଣସାଗର ନାଥ ତୁ ଅଟୁ ମହାବାହୁ ।
ନର ହୋଇ ତୋ ମହିମା ବର୍ଣ୍ଣିବ ବା କେହୁ ॥
ବିଘ୍ନରାଜ ପାଦ ଥାଉ ମମ ହୃଦଗତେ ।
ବଞ୍ଚିବ କୃତାନ୍ତ ଦଣ୍ଡୁ ତୋତେ ସୁମରନ୍ତେ ॥
ମନ୍ମଥ ତୁଲ୍ୟ ସୁନ୍ଦର ବିନାୟକ ନାମ ।
ଦର୍ଶନେ ପ୍ରସନ୍ନେ ନାଥ ଖଣ୍ଡୁ ପାପତମ ॥
କାମିନୀ ମୋହନ ସ୍ୱାମି ମହେଶ ଅଙ୍ଗଜ ।
ମୃଣାଳ ପରାୟେ ଯାର ଅଟେ ଚତୁର୍ଭୁଜ ॥
ଯୋଗେଶ୍ୱର ନାଥ ତୁହି ସଦା ସିଦ୍ଧରୂପ ।
ହେଳେ ବଦାଇଲୁ ସ୍ୱାମି କୃତାନ୍ତର ଦର୍ପ ॥
ସାଧୁ ସନ୍ଥ ପଣ୍ଡିତର ଅଟୁ ଗଳାମାଳ ।
ସୁର ସିଦ୍ଧ ମୁନିଗଣେ ଥାଉ ପ୍ରତିପାଳ ॥
ତୁ ଦେବ ଜଗଜ୍ଜୀବନ ପ୍ରଭୁ ଚିନ୍ତାମଣି ।
ତୋ ନାମ ଭଜନ୍ତେ ଭବୁଁ ତରଯାନ୍ତି ପ୍ରାଣୀ ॥
ସୃଷ୍ଟି ପାଳନକରତା ଅଟେ ଗଣେଶ୍ୱର ।
ମୋ ଶିରକମଳ ନ୍ୟସ୍ତ ପଦ୍ମରେ ତୋହର ॥
ଅକାଶ ପ୍ରାୟେ ଘୋଟିଛି ମୋତେ ମୋହଫାଶି ।
ଏଥୁଁ ରକ୍ଷାକର ମୋତେ ମୁକ୍ତିଗତ ଦେସି ॥
ମୁହିଁ ତୋତେ ଭେଟିଲଇଁ କଳ୍ପବୃକ୍ଷ ତଳ ।
ପ୍ରସନ୍ନ ହୋଇବା ମୋତେ ଗିରିଜାଦୁଲାଳ ॥
ସର୍ବ ସମ୍ପଦ ପାଇଲି ତୁମ୍ଭ ଦରଶନେ ।
ମନୋରଥ ପୂର୍ଣ୍ଣକର ମୋହର ଅବନ୍ଧେ ॥
ସ୍ୱାମି ଅଜପା ମନ୍ତ୍ରରେ ଯାର ଯୋଗଲୟ ।
ତୋହର ପ୍ରସନ୍ନେ ନାଥ ହୋଇବ ନିର୍ଭୟ ॥
ଶ୍ରୀ ବିଘ୍ନରାଜର ନାମ ହୃଦୟରେ ଭାବ ।
ସୁଜନଙ୍କ ହିତେ ରତ ଶ୍ରୀ ଶାରଳା କହ ॥

## ✱ ବିଷ୍ଣୁ ବନ୍ଦନା । ✱

ଜୟ ଜୟ ଜଗନ୍ନାଥ ସଙ୍କାବଲୋଚନ ।
ସର୍ବଜନ ଲୟ ତବ ପାଦପଙ୍କଜେଣ ॥
ଶ୍ରୀକର ନୀଳେନ୍ଦୀବର ପ୍ରାୟ ମୁଖ ଗୋଷ୍ଠ ।
ସାରଦାବକ୍ଷେ ସିନ୍ଧୁସୁତା ପ୍ରାଣବନ୍ଧୁ ।
ସଂସାର ଅନ୍ଧକାରକୁ ତୁହି ପୂର୍ଣ୍ଣଇନ୍ଦୁ ॥
ଜଗଜ୍ଜନ ସୋଦର ତୁ ବସୁଦେବ ବାଳ ।
କଉତୁକେ ବନାଶିଲୁ ଅସୁରଙ୍କ ବଳ ॥

Digitized by srujanika@gmail.com

ବାମକରେ ଶଙ୍ଖ ଦକ୍ଷକରେ ସୁଦର୍ଶନ ।
ନରକତାରଣ ଜୟ ଜୟ ଭଗବାନ ॥
ଅନନ୍ତ ସୃଷ୍ଟି ଯାହାର ଗର୍ଭେ ହୋଏ ଲୀନ ।
ମନୁଷ୍ୟ ହୋଇ ମୁହିଁ କି କରିବ ବର୍ଣ୍ଣନ ॥
ଜଗତଜନ ରକ୍ଷକ ଜଗନ୍ନାଥ ନାମ ।
ପୁରୁଷଙ୍କ ଶ୍ରେଷ୍ଠ ହେତୁ ପୁରୁଷ ଉତ୍ତମ ॥
ଅନିତ୍ୟ ସଂସାର ଏଥିଁ ନାହିଁ ଥଳ କୂଳ ।
ପୁରୁଷୋତ୍ତମ ନାମ ମୋ ବୋଇତ କେବଳ ॥
ଜୟ ଜୟ ରାମଚନ୍ଦ୍ର ସଞ୍ଜୀବନମୂଳ ।
ଜୟ ଜୟ ରାମଚନ୍ଦ୍ର କୌଶଲ୍ୟାନନ୍ଦନ ॥
ବିଦ୍ୟାବନ୍ତ ପଣେ ନାଥ ଅଟୁ ତୁ ସୁଜ୍ଞାନୀ ।
ଇହଲୋକେ ଦାତା ବୋଲି ତୁମ୍ଭଙ୍କୁ ଯେ ଜାଣି ॥
ଗୁଣ ଗମ୍ଭୀର ନାଥ ତୁ ଅଟୁ ସତ୍ୟସନ୍ଧ ।
ମାୟା କୂଟରେ ଛେଦିଲୁ ଦୁଷ୍ଟ ଦଶକନ୍ଧ ॥
ମାୟାକୁ ତୁ ମାୟା କରି ପାତିଅଛୁ ଛନ୍ଦ ।
ରଜତମ ନାଶ ନାଶେ ତୋ ପଦାରବିନ୍ଦ ॥
ଗହଳ ବୋଲି ତୁ ନାଥ ଅଟୁ ଗନ୍ଧଭୋଗୀ ।
ଧ୍ୟାନ ଧାରଣାରେ ସଦା ପରଂହଂସ ଯୋଗୀ ॥
ସ୍ୱରଥ ବୋଲିଣ ତୁହି ସବୁ ତହିଁ ଅଗ ।
ଜୁରଅଙ୍କଠାରୁ ବଳି ସେନୁଅଛୁ ଭାଗ ॥
ସତ୍ୟବନ୍ତ ପଣେ ଏକା ତୁହି ସତ୍ୟସନ୍ଧ ।
ଏ ମୋହ-ସଂସାରସିନ୍ଧୁ ଅଟେ ଅତି ଦ୍ୱନ୍ଦ ॥
ହଠ ଯେ ବୋଲନ୍ତି ସ୍ୱାମି ତୁ ହଠନାଗର ।
ଦୟାବନ୍ତ ପଣ ତୋର ସବୁ ଜନ୍ତୁଠାର ॥
ବନ୍ଧୁ ବୋଲନ୍ତେଣ ରାମ ବିପତ୍ତି ସପକ୍ଷ ।
ଏଁ ଅଖିଳ ସଂସାରତ ସବୁ ଅଟେ ମିଛ ॥
ଶରଣପଞ୍ଜର କରୁ ବଇର ମୁକତ ।
ସ୍ଥିର ବୋଲନ୍ତେଣ ରାମ ତୁହି ଶାନ୍ତମୂର୍ତ୍ତି ॥
ସୁନ୍ଦରବନ୍ତ ତୁହିତ ସଂଗ୍ରାମେ ଶକତା ।
ସ୍ନେହକାରୀ ବୋଲନ୍ତେଣ ତୁହି ମାତା ପିତା ॥
ସତ୍ୟ ପାଳିବାକୁ ନାଥ ତୋତେ ନାହିଁ ସରି ।
ଜ୍ଞାନୀ ବୋଲନ୍ତେଣ ତୁହି ଚଇତନ୍ୟକାରୀ ॥
ଅଥଳକୁ ଥଳ ତୁହି ଜଳକୁ କମଳ ।
କମଳକୁ ଗନ୍ଧ ତୁହି ଗନ୍ଧେ ପରିମଳ ॥
ଚୁମ୍ବିବାକୁ ରାମ ତୁହି ଅଟୁନା ଭ୍ରସଳ ।
ଭାବ ଅଭାବ ଯେ ସ୍ୱାମି ଜାଣୁ ତୁ ସକଳ ॥
ଭକ୍ତଜନର ଭାବ ତୁମ୍ଭେ ଏକା ଜାଣ ।
ସେବକ ଅନୁରୂପରେ କର ଯେ ପାଳନ ॥
ଅଚନ୍ତା ଚନ୍ତାମଣି ହେ ଅଟ ଜ୍ଞାନଗୁରୁ ।
ନିଷ୍କଳ ପଣରେ ତୁମ୍ଭ ଅଟ ମହାମେରୁ ॥
ଶୀତଳ ଗୁଣରେ ତୁମ୍ଭେ ମଳୟ ପବନ ।
ଉପଭୋଗ ବୋଲିବାର ମଳୟ ଚନ୍ଦନ ॥
ତୁମ୍ଭ ଯହିଁ ନାହିଁ ରାମ ତହିଁ ନାହିଁ କିଛି ।
ଧ୍ୟାନ ଧାରଣାରେ ଅଟ ତୁମ୍ଭ ଶିରବସି ॥
ମନ ପ୍ରକୃତ ପବନ ମହିମା ଯେ ମାନ ।
ଜଳସ୍ତମ୍ଭନ ମୋହନ ବଶ୍ୟ ଉଚ୍ଚାଟନ ॥
ସଜ୍ଜନ ବନ୍ଦନ ରାମ ବିକଟଙ୍କୁ ବାଙ୍କ ।
ପରମ ଯୋଗରେ ରାମ ଅଟ ନିଷ୍କଳଙ୍କ ॥
ଅଗ୍ନି ସ୍ୱରୂପରେ ରାମ ସବୁ କର ଧ୍ୱଂସ ।
ମୁନିମାନଙ୍କର ପୁଣି ପରଂଯୋଗ ହଂସ ॥
ନିରାକାର ଅବତାର ତୁମ୍ଭ ସୂର୍ଯ୍ୟବଂଶୀ ।
ଗୁଣସାଗର ନାଥ ତୁ ବଇକୁଣ୍ଠବାସୀ ॥
ବିଦଣ୍ଡିତ ଲୋକେ ନାଥ ଦଣ୍ଡିବାକୁ କ୍ଷମ ।
କି ସ୍ତୁତି କରିବି ତବ ମୁଁ ମୂର୍ଖ ଅଧମ ॥
ମହିମା ତୁମ୍ଭର ଧାତା ନ ପାରଇ କହି ।
ମାନବ ହୋଇଣ ମୁହିଁ କିସ କହିବଇଁ ॥
ମୋହରେ ମୋହିଲ ସ୍ୱାମି ଜଗତର ଜନ ।
ଉତ୍କଳା ବୁଝନ୍ତା ନାଥ ସଞ୍ଜୀବନମୂଳ ॥
ହସ୍ତୀକି ତୁ ମତ୍ତକରୁ ମତ୍ତନ୍ତି ଅଙ୍କୁଶ ।
ମୁହିଁ ତୋତେ ସ୍ତୁତି ଅବା କରିବଇଁ କିସ ॥
ରାମ ନାମ ବେନିବର୍ଣ୍ଣ ମାଗଇ ମୁଁ ତୋତେ ।
ହସ୍ତରେ ହେଉ ପ୍ରାପତ ଅଜ୍ଞାଦଅ ମୋତେ ॥
ପ୍ରାଣନାଶ କାଳେ ଓଷ୍ଠେ ଥିବୁ ମୋର ହରି ।
ତବ ନାମ ଚନ୍ଦ୍ର ଭବଜଳୁଁ ଯିବ ତରି ॥
ଜ୍ଞାନେ ଧ୍ୱନିନାମ ରଟ ଧ୍ୟାନେ ହରିନାମ ।
ଯାହା ମୁନିଜନମାନେ କରନ୍ତି ଅଧ୍ୟାନ ॥
ଅହର୍ନିଶି ରାମ ନାମ ଭାବୁଥିବ ପୁଣି ।
ଏ ମାୟା ସଂସାର ଅନ୍ଧକାର ଯିବ ଜଣି ॥
ନାରାୟଣଙ୍କର ଧ୍ୟାନେ ଦୁଃଖନାଶ ଯାଇ ।
ନାମ ସ୍ମରନ୍ତେ ବଇକୁଣ୍ଠ ପୁର ପାଇ ॥
ନରକତାରଣ ନାଥ ନାମ ତୋର ହରି ।
ଯେଉଁ ନାମ ସ୍ମରନ୍ତେ ଭବବନ୍ଧୁଁ ତରି ॥

Digitized by srujanika@gmail.com

ମଧୁକଇଟଭ ନିବାରଣ ନାମ ତୋର ।
ତୋ ନାମ ଚିନ୍ତବଲ ଦେଉ ଅଭୟ ଯେ ବର ॥
ପାଦସେବା କଲେ ନାଥ ସୁସମ୍ପଦ ଦେଉ ।
କ୍ରୋଧ କଲେ ଦୁଃଖ ଦେଇ ସମ୍ପଦକୁ ନେଉ ॥
ରାମ ନାମ ସ୍ମରିଲେ ନର୍କ ତରିଯାଇ ।
ଯେହୁ ରାମ ନାମ ଶ୍ରେଷ୍ଠ ହୃଦେ ମୁଁ ଭାବଇ ॥
ତାରକମନ୍ତ୍ର ନାମରେ ତୋର ନାମଗୋଷ୍ଠି ।
ରାମ ରାମ ବୋଲି ସଦା ଭାବନ୍ତି ଧୂର୍ଜଟି ॥
ମହାଦେବ ଜପାବନ୍ତି ଯେଣୁ ତୋର ନାମ ।
ପାପୀ ହେଲେ ମଧ୍ୟ ହୁଏ ବ୍ରହ୍ମାର ସମାନ ॥
ରାମ ନାମ ଭବ ଭାବ ଦେବ ପଶୁପତି ।
ହରହର ଏକାଅକ୍ଷା ଜଗତେ ବିଖ୍ୟାତି ॥
ଅହେ ବୁଧ ଜନେ ମୋର ନ ଧରିବା ଦୋଷ ।
କଳିତ କର୍ମରୁ ଏହା ହୋଇଲାକ ଦୃଶ୍ୟ ॥
ମୂର୍ଖ ଅପଣ୍ଡିତ ମୁହିଁ ନ ଜାଣଇ ସିଦ୍ଧି ।
ନ ଜାଣଇ ଅକ୍ଷର ଯେ ରସ ଅବା ବୁଦ୍ଧି ॥
ଏତେବଡ଼ ପଣ୍ଡିତ ମୁଁ ଅଟଇ ସଂସାରେ ।
ଶାରଳା ଦାସ ମୋ ନାମ ପ୍ରଘଟ ଲୋକରେ ॥

## ✵ ଦୁର୍ଗାସ୍ତୁତି । ✵

ଜୟ ଜୟ ଦୁର୍ଗା ମାଗୋ ଦୁର୍ଗତିନାଶିନି ।
ଜୟ ଜୟ ଦୁର୍ଗା ମାଗୋ ସଙ୍କଟତାରିଣି ॥
ଜୟ ଜୟ ଦୁର୍ଗା ମାଗୋ ସଦାଶିବ ଜାୟା ।
ଶତଦାହ ଜନକକୁ ଜଣି ତୋର କାୟା ॥
ସତ୍ୟଯୁଗେ କୃପାଜଳ ନାମେ ଏକବ୍ରହ୍ମା ।
ସୃଷ୍ଟିର କରତା ଅଟେ ସେହୁ ମହାତମା ॥
ତାର କୁଟଳ ଉତପତ୍ତି ଯେଉଁ ମହାଦେବୀ ।
ମନୁକାଳ ବଞ୍ଚାଇଲେ ପରମ ବୈଷ୍ଣବୀ ॥
ନାମ ତାଙ୍କର ନର୍ମଦା ଦେବୀ ସରସ୍ୱତୀ ।
ଶାସ୍ତ୍ରରେ ନିନ୍ଦିତା ସେହୁ ସର୍ବଦା ଭୃପତି ॥
କଳିତ ଦୋଷରେ ପିତାମହଙ୍କର ଶାପେ ।
ମର୍ତ୍ତ୍ୟରେ ଜନମ ଅଛି ଶ୍ରୀ ହଙ୍ଗୁଳାରୂପେ ॥
ଜମ୍ବୁଦ୍ୱୀପ ଭରତଖଣ୍ଡ ଦାରସ୍ତ୍ର ଐଶାନ୍ୟେ ।
ଯୋଗ୍ୟ ହେଲ ଚନ୍ଦ୍ରଭାଗାତୀର୍ଥତଟ ସ୍ଥାନେ ॥
ପରଶୁରାମ ପାଟଣା ଯେ କନକାବତୀ ।
ଦେବୀ ରୂପେ ରହି ତହିଁ ଭକ୍ତଙ୍କୁ ପାଳନ୍ତି ॥
ଜଗନ୍ନତାରିଣୀ ସେ ଶାରଳା ବୋଲାଇ ।
ତାହାଙ୍କର ନାମ ହୃଦେ ଭାବେ ସଦା ମୁହିଁ ॥
ଅଭୟା ଭବାନୀ ମାଗୋ ଶ୍ରୀଶାରଳା ଦେବୀ ।
ଶୂଦ୍ରମୁନି ଶାରଳା ଯେ ଅଛି ତୋତେ ଭାବି ॥
ମୂର୍ଖ ଅପଣ୍ଡିତ ମୁହିଁ ନ ଜାଣଇ କିଛି ।
ସଂଯୋଗରେ ଭେଟିଲଇଁ ଅଭୟା କାମାକ୍ଷୀ ॥
ନାହିଁ ନୋହିବ ନୋହୁଛି ଏହି ଗୃହ ଯୁଗେ ।
ତୁମ୍ଭ ମା ବରଦାୟିନୀ ଅଛ ମଧ୍ୟସ୍ୱର୍ଗେ ॥
ତୋହର ଚରଣେ ମାଗୋ ଶରଣ ମୁଁ ନିତ୍ୟ ।
ତୋ ପାଦକମଳେ ରହିଥାଉ ମୋର ମାଥ ॥
ମୋହଠାରେ ଅନୁଗ୍ରହ କର ଗୋ ଭବାନି ।
ଏ ଭବସିନ୍ଧୁ ତରିବି ତବ ନାମ ଗୁଣି ॥
ଶ୍ରୀଚଣ୍ଡୀ ଶାରଳା ଦେବୀ କହେ ଯାହା ନିତ୍ୟେ ।
ମୁହିଁ ତାହା ଲେଖିଯାଏ ଜଗଜ୍ଜନ ହିତେ ॥
ସେ ଦେବୀ ପାଦପଦ୍ମେ ମୁଁ ନିତ୍ୟ କରେ ସେବା
ଶୂଦ୍ରମୁନି ଶାରଳାକୁ ପ୍ରସନ୍ନ ହୋଇବା ॥
ଝଙ୍କଡ଼ପୁରବାସିନୀ ଯେ ଶାରଳା ଦେବୀ ।
ତାହାଙ୍କର କୁମର ମୁଁ ଶ୍ରୀ ଶାରଳା କବି ॥
ଅହେ ବୁଧଜନେ ମୋତେ ସେ ଯାହା କହଇ ।
ଅରୁଣ ଉଦୟ କାଳେ ତାହା ମୁଁ ଲେଖଇଁ ॥

## ✵ ମହିଷାସୁରର ତପସ୍ୟା ଓ ବରଲାଭ । ✵

କୁରୁ ପାଣ୍ଡବ ବଂଶରେ ପରୀକ୍ଷିତ ରାଜେ ।
ଅଜ୍ଞାନ ବାଳ ଭାବରେ ଋଷି ଶାପ ପାଏ ॥
ବାମନାସା ପୁଟେ କଲା ତକ୍ଷକ ନିପାତ ।
ଅନ୍ତର୍ଜଳେ ଥାଇ ରାଜା ହେଲା ବିଗଳିତ ॥
ବିଷଘାତରେ ଶରୀରରେ ଲାଗେ ମହାଜ୍ୱାଳା ।
ନାରାୟଣଙ୍କୁ ଚିନ୍ତିଲା ଅଭିମନ୍ୟୁବଳା ॥
ହରି ଚିନ୍ତନ୍ତେ ବହିଲା ତହିଁ ବିଷ ବାତ ।
ଶୁକମୁନି ଭେଟିଲେକ ପରୀକ୍ଷ ଅଗ୍ରତ ॥
ବେଦଶାସ୍ତ୍ରରେ ନିର୍ଣ୍ଣିତ ଯେବଣ ମହାତ୍ମା ।
ଧର୍ମ ଉଦ୍ଧତ ବେଳକୁ ମିଳେ ସେ ପୁଣ୍ୟାତ୍ମା ॥
ଅନ୍ତର୍ଜଳେ ଥାଇ ପ୍ରଣିପାତ କଲା ରାଜା ।
ଏ ମୋହର କଷ୍ଟ ଦେଖ ଅହେ ବ୍ରହ୍ମଦ୍ୱିଜା ॥
ଏହା କହି ନବତନ ବସ୍ତ୍ର ବହୁମାଳ ।
ଧୂପ ଦୀପ ନଇବେଦ୍ୟ କର୍ପୂର ତାମ୍ବୂଳ ॥

Digitized by srujanika@gmail.com

ଚନ୍ଦନ ଚତୁଃସମ ଯେ ସୁବର୍ଣ୍ଣ ଶ୍ରୀଫଳ ।
ଗନ୍ଧପୁଷ୍ପ ଶୁକ୍ଳବସ୍ତ୍ର ନାନାବିଧ ଫଳ ॥
ସୁବର୍ଣ୍ଣ ଘଟରେ ଗଙ୍ଗା ଜଳକୁ ପୂରାଇ ।
ଚୂତପତ୍ର ନାରିକେଳ ତା ଉପରେ ଥୋଇ ॥
ସୁବର୍ଣ୍ଣ ଥାଳୀରେ ଦୂର୍ବାକ୍ଷତକୁ ରଖାଇ ।
ମାଣିକ୍ୟ ପ୍ରଦୀପରେ ଗୁଆ ଘୃତକୁ ଜଳାଇ ॥
ଅଚ୍ଛିଦ୍ରକତରେ ଦେଇ ମୁନିଙ୍କ ଚରଣେ ।
କର ଯୋଡ଼ି ପଚାରଇ ବିନୟ ବଚନେ ॥
ହେ ମୁନି ମୋହର ଠାରୁ ବୁଡ଼ିଲା ମୋ ବଂଶ ।
କପର ଉଦ୍ଧାର ହେବ କୁହ ବ୍ୟାସଶିଷ୍ୟ ॥
ରାଜାର ଭକତି ଦେଖି କହନ୍ତି ସେ ଯତି ।
ଏକଲୟ କର ରାଜା ଶୁଣ ହର କାନ୍ତି ॥
ପୁରାଣ ଶୁଣିଲେ ତୋର ଦୁର୍ଗତି ଖଣ୍ଡିବ ।
ଅନାୟାସେ ବଇକୁଣ୍ଠ ଭୁବନେ ମିଳିବ ॥
ଦୈବଯୋଗେ ବ୍ରହ୍ମଶାପ ହୋଇଛି ତୁମ୍ଭଙ୍କୁ ।
ଭାବନା ନ କର ରାଜ୍ୟ ଚିତ୍ତେ ଏ କଥାକୁ ॥
ଏହା ଶୁଣି କହଇ ଯେ ଅଭିମନ୍ୟୁସୁତ ।
ହେ ମୁନି ତୋହର ହେତୁ ହୋଇବି କୃତାର୍ଥ ॥
କେତେ ଥର ଏ ମହୀରେ ହର ଅବତାର ।
ମହୀଭାର ଘୁଞ୍ଚାଇଲେ ଦୁଷ୍ଟଙ୍କୁ ସଂହାରି ॥
ତାହା କହି କହ ମୁହିଁ ଅଛି ପୂର୍ବ ଶୁଣି ।
କେଉଁପରି ଦୁର୍ଗାରୂପେ ଶୈଳନନ୍ଦିନୀ ॥
ମହିଷାସୁର ଦୈତ୍ୟକୁ ବଧକଲେ ରଣେ ।
ଏହା ଶୁଣିବି ହେ ମୁନି ତୁମ୍ଭର ପ୍ରସନ୍ନେ ॥
ଶ୍ରୀଚଣ୍ଡୀ ପୁରାଣ ମୋର ଶୁଣିବାକୁ ଇଚ୍ଛା ।
ସଂକ୍ଷେପେ ଶୁଣାଇ ପୂର୍ଣ୍ଣ କର ମନୋବାଞ୍ଛା ॥
ଶୁଣିକରି ସାନନ୍ଦ ଯେ ଶୁକ ମହାତ୍ମା ।
ବୋଇଲେ କହିବା ତୋତେ ଦୁର୍ଗାଙ୍କ ମହିମା ॥
ଏକମନା ହୋଇ ଶୁଣ ଏ ପୁଣ୍ୟ ଚରିତ ।
କଶ୍ୟପ ଋଷିଙ୍କ ଗୋତ୍ରେ ଅସୁର ସମ୍ଭୂତ ॥
ସିଂହିକାର ଗର୍ଭୁ ଜାତ ରାହୁ ନାମେ ଦୈତ୍ୟ ।
ଅମୃତ ଖାଇଣ ସେହୁ ହେଲା ବଳବନ୍ତ ॥
ଜମ୍ଭୁ ଦଇତ୍ୟ ହୋଇଲା ରାହୁର କୁମର ।
ଜମ୍ଭୁଦଇତର ପୁତ୍ର ବୀର ଜପାସୁର ॥
ଜପାସୁରର ତନୟ ଦପାସୁର ବୋଲି ।
ଦପାସୁରର ନନ୍ଦନ ଅଙ୍ଗିରା ଯେ ବଳୀ ॥
ଅଙ୍ଗିରା ନନ୍ଦନ ନାମ ବୋଲି ଯମସାର ।
ମଧୁ ଦୈତ୍ୟର କୁମର ଅଟଇ ଲୋହାସୁର ॥
ଲୋହାସୁରର ନନ୍ଦନ ଅଛଲେଷ ବୋଲିଣ ।
ଅଲେଷ ନନ୍ଦନ ହେଲା ତାରକା ଯେ ପୁଣ ॥
ତାରକାସୁର ନନ୍ଦନ ମହାମାୟୀ ବୀର ।
ମହାମାୟୀ ସୁତ ବଜ୍ରନାଭ ବୀରବର ॥
ବଜ୍ରନାଭର ନନ୍ଦନ ଅସୁର ମାରୁତ ।
ମାରୁତର ନନ୍ଦନ ଯେ ଅଟଇ କାଳଷ୍ଟ ॥
ଶୁଣ ତୁହେ ପରୀକ୍ଷିତ ସତ୍ୟଯୁଗ କାଳେ ।
ନାରାୟଣ ଯୋଗନିଦ୍ରା ଲକ୍ଷ୍ମୀଦେବୀ କୋଳେ ॥
ତାରକାସୁର ନାମରେ ଯେଉଁ କହୁଣପ ।
ନାନାତୀର୍ଥେ ବୁଲି ଭ୍ରମେ ଋଷିଙ୍କ ରୂପ ॥
କାମକୁ ଦହିଲେ ଯେଉଁ କାଳେ ସଦାଶିବ ।
ସ୍କନ୍ଦ କୁମର ହେଲା ତାଙ୍କର ସମ୍ଭବ ॥
ସେ କୁମର ବଧକଲା ତାରକା ଅସୁର ।
ତାହା ସୁତ ବଳଷ୍ଠ ଯେ ସଜଦାସସୁର ॥
ନିରୋଧ କରିଲା ଯାଇଁ ସେ ସ୍ୱର୍ଗ ଭୁବନ ।
ଅମର ତେଜି ପଳାଇ ଗଲେ ଦେବଗଣ ॥
ଏହା ଶୁଣି ପୁଚ୍ଛା କରେ ପରୀକ୍ଷିତ ରାଜେ ।
ହେ ମୁନି କହିଲ ଏବେ ଅପୂର୍ବ କଥାଏ ॥
ସିଂହିକା ଗର୍ଭରୁ ଜାତ କେମନ୍ତେ ଅସୁର ।
ସେ ସିଂହିକା ଅଟଇ ଯେ ନନ୍ଦନୀ କାହାର ॥
ପରୀକ୍ଷିତ ବାକ୍ୟ ଶୁଣି ତୋଷ ମହାମୁନି ।
ପ୍ରସନ୍ନ ହୋଇ କହନ୍ତି ମହା ବ୍ରହ୍ମଜ୍ଞାନୀ ॥
ଶୁଣ ପରୀକ୍ଷିତ ରାଜ୍ୟେ ଏ ପୁଣ୍ୟ କାହାଣୀ ।
ଅକ୍ଳେଶରେ ତରିଯିବ ଭବ ସିନ୍ଧୁପାଣି ॥
ଦକ୍ଷ ପ୍ରଜାପତିର ଯେ ଷାଠିଏ କୁମାରୀ ।
ଏଥିଁ ଏକ ବଳଣ ଯେ ଅତ୍ୟନ୍ତ ସୁନ୍ଦରୀ ॥
ପୁତ୍ର ଜାତ ଅନନ୍ତ ହେଲେ ଅନେକ ଦୁହିତା ।
ଦେଖି ପ୍ରଜାପତିର ଯେ ଚିତ୍ତେ ବହୁଚିନ୍ତା ॥
ଅସୁର ଅଂଶରେ ଜାତହେବାରୁ ସିଂହିକା ।
ତାର ତହୁଁ ଉତପତ୍ତି ରାହୁ ହେଲା ଏକା ॥
ସୁଧା ବଣ୍ଟନ ବେଳରେ ବଧ ହେଲା ରାହୁ ।
ବେନଖଣ୍ଡ ହୋଇଣ ଯେ ହେଲା ସପ୍ତ ବାହୁ ॥
ଶୁଣି ପରୀକ୍ଷିତ ରାଜା ବୋଲଇ ବଚନ ।
ପ୍ରଥମୁ ଅସୁରମାନେ କାହୁଁ ହେଲେ ଜନ୍ମ ॥

Digitized by srujanika@gmail.com

ଅତ୍ୟନ୍ତ ଗହନ ମୁନି ଏ କଥା ଅଟଇ ।
ଅତଏବ ସନ୍ଦେହ ମୋ ମନକୁ ଲାଗଇ ॥
ମହା ବଳଷ୍ଠ ଅଟନ୍ତି ସର୍ବ ଯାତୁଧାନ ।
ଏଥିର କାରଣ ମୋତେ କୁହ ତପୋଧନ ॥
ଏସନ ରାଜାର ମୁଖୁଁ ଶୁଣି ଶୁକ ବ୍ରହ୍ମା ।
କହନ୍ତି ତା ସାବଧାନେ ଶୁଣ ମହାତମା ॥
ମହା ପ୍ରଳୟ ବୋଲଣ ଯେତେବେଳେ ହୋଏ ।
ନବଦ୍ୱୀପା ପୃଥ୍ୱୀ ସବୁ ଥିଲ ଜଳମୟେ ॥
ନିଦ୍ରିତ ଯେ ନିରଞ୍ଜନ ଦେବ ଯୋଗବଳେ ।
ଅଢ ମାହେଶ୍ୱରୀ ବାକ୍ୟ ଦେବୀଙ୍କର କୋଳେ ॥
କର୍ଣ୍ଣ ମଳ ତ୍ୟାଗ କଲେ ଦେବ ନାରାୟଣ ।
ତହୁଁ ଉପୁଜିଲେ ବେନବୀରେ ତତକ୍ଷଣ ॥
ଅକାଶ ଉପରକୁ ସେ କୌଣପ କ୍ଷେପିଲେ ।
ନାମ ଅଟେ ତାଙ୍କ ମଧୁ କଇଟଭ ଭଲେ ॥
ନାରାୟଣ ସୀମନ୍ତାନେ ଛନ୍ତି ବାକ୍ୟଦେବୀ ।
ବିଷ୍ଣୁଙ୍କୁ କୋଳେ ଧର ସେ ପରମବୈଷ୍ଣବୀ ॥
ଅନନ୍ତ କୋଟି ବ୍ରହ୍ମାଣ୍ଡ ଯାକ ଜଳେ ପୂର୍ଣ୍ଣ ।
ସେ ବେନି ଦୈତ୍ୟଙ୍କ ତହିଁ ନ ଭଜେନ୍ତ ଚରଣ ॥
ଅନ୍ୟନ୍ତ ସୁନ୍ଦରୀ ସେହୁ ଦେଖି ଧବଳାଙ୍ଗୀ ।
ବେନବୀରେ ଆସି ତାଙ୍କୁ ସୁରତ ଯେ ମାଗି ॥
ଭୟେ ସରସ୍ୱତୀ ଦେବୀ ତୋଳ ଦେବରାୟେ ।
କହିଲେ ଦୁଷ୍ଟପ୍ରକୃତ ଏ ଅସୁର ଦୁହେଁ ॥
ଶୁଣି ନାରାୟଣ ଯୋଗ ନିଦ୍ରାରୁ ଉଠିଲେ ।
କାଳାନଳ ନେତ୍ରେ ତାଙ୍କୁ ତରାଟି ଗୃହିଁଲେ ॥
କରେ ଚକ୍ର ଧରଣ ସେ ବୁଲାଇ ବୁଲାଇ ।
ଅସୁରଙ୍କ ଉପରକୁ ମାଇଲେ ନିଠାଇ ॥
ଭୟେ ମଧୁ କଇଟଭ ଗଲେ ଅପସର ।
ବିଷ୍ଣୁ ଉଗ୍ରତେଜ ଦେଖି ମହାଭୟ କର ॥
ପୁଣି ଆସି କରଯୋଡ ଆଗେ ହେଲେ ଉଭା ।
ବିନୟୀ ହୋଇ କହନ୍ତି ଏମନ୍ତେ ଦାନବା ॥
ସ୍ୱାମି ନ ଚିହ୍ନିଣ ଅମ୍ଭେ ଅରଜିଲୁ ଦ୍ରୋହ ।
ତହିଁକି ମାଗୁଛୁ ଶାସ୍ତି ଏହିରୂପେ ଦିଅ ॥
ସଲିଳ ନ ଥିବା ସ୍ଥାନେ ଅମ୍ଭଙ୍କୁ ଯେ ମାର ।
ଅପରାଧୀ ହୋଇଅଛୁ ପଦୃରେ ତୁମ୍ଭର ॥
ଶୁଣି ନାରାୟଣ ଏହା ଦୈତ୍ୟଙ୍କର ତହୁଁ ।
ବଳେ ଉପାଡିଲେ ତାଙ୍କ ଜାଙ୍ଘ ଦୁଇବାହୁ ॥
ଗଦା ବଘାତରେ ତାଙ୍କ ମାଂସ କଲେ ଯୋଗ ।
ଜଳଉପରେ ପକାଇ ପୃଥ୍ୱୀ କଲେ ସଜ !
ମେଦକୁ ମରଦ କରେ ସର୍ଜିଲେ ମେଦନୀ ।
ଏରୂପେ ମେଦନୀ ହେଲେ ସେହି ଦୈତ୍ୟ ବେନି ॥
ଶୁକମୁନି ବୋଇଲେ ହୋ ଶୁଣ ତୁ ପରୀକ୍ଷ ।
ଅସୁରଙ୍କ ମାଂସେ ମହୀ ହୋଇଛି ପ୍ରତ୍ୟକ୍ଷ ॥
ପୃଥିବୀରେ ଜନମନ୍ତି ଯେତେକ କୌଣପ ।
ତେଣୁ ତାଙ୍କର ହୁଅଇ ଅତଏବ ଦର୍ପ ॥
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୁଦ୍ର ଗୃହଜାତ ।
ଏହିମାନେ ମେଦନୀକ ଗରୁ ଯେ ହୁଅନ୍ତି ॥
ମହୀଦାସ ନୃପତିର ଅଟେ ମହୀଅଳ ।
ପୁଣ ପରାୟେ ପରଜା ଥାଏ ପ୍ରତିପାଳ ॥
ମହୀଦାସର ନନ୍ଦନ ସୌଦାସ ରାକ୍ଷସ ।
ଜଳତରଙ୍ଗ ବୋଲଣ ଅଟେ ତାର ଶିଷ ॥
ଜଳତରଙ୍ଗ ନନ୍ଦନ ନାମ ବୀରମେଧା ।
ଦେବତାଙ୍କ ସଙ୍ଗେ ବାଦୀ ହେଲେ ସେ ସର୍ବଦା ॥
ତାହାର ନନ୍ଦନ ହେଲା ଦୈତ୍ୟ କୃତକେଶୀ ।
ସଂସାରକୁ ଦହିଲା ସେ ନାଶି ସର୍ବଋଷି ॥
କୃତକେଶୀର ନନ୍ଦନ ଅଟେ ଶୁର ନାମ ।
ଏହା ଭୟେ ଦେବେ ତ୍ୟାଗ କଲେ ସ୍ୱର୍ଗଧାମ ॥
ତାହାର ତନୟ ଜଟାସୁର ନାମ ହେଲା ।
ଭାସ୍କର ଯେ ଭଭାସ୍କର ନାମ ବୋଲାଇଲା ॥
ସିଂହଳାସୁର ଭାସ୍କର ଦଇତର ପୁତ୍ର ।
ବଜ୍ରସିଂହ ବୋଲି କର ହେଲା ତାର ସୁତ ॥
କପଳସିଂହ ଯେ ବଜ୍ରସିଂହର ନନ୍ଦନ ।
ବଢାଇ ପ୍ରତାପୀ ଜୟ କଲା ତ୍ରିଭୁବନ ॥
ମନ୍ତ୍ର ଜପି ଈଶ୍ୱରଙ୍କୁ କଲା ବହୁ ପୂଜା ।
ନିରାହାରରେ ରହିଲା କଷ୍ଟେ ମହାରାଜା ॥
ଚତୁର୍ଦ୍ଦଶ ବରଷ ସେ ତପେ ଦେଲା ମନ ।
ମହାକଷ୍ଟ ଦେଖି ଶିବ ହୋଇଲେ ପ୍ରସନ୍ନ ॥
ବରମାଗ ବତ୍ସ ବୋଲି ଈଶ୍ୱରଦେବତା ।
କପିଳସିଂହ ବୋଲେ ମୁଁ ହେବ ରଣଜିତା ॥
ସ୍ତମ୍ଭନ ବିଦ୍ୟା ତାହାକୁ ଦେଲେ ମହାଦେବ ।
ବୋଇଲେ ତୋ ପୁରତରେ ସ୍ତ୍ରୀସନ୍ତୋଷ ହେବ ॥
ଦୀର୍ଘ୍ୟବନ୍ତ ହୁଅ ବାବା ବୋଇଲେ ଶଙ୍କର ।
ଶୃଙ୍ଗାର ରସରେ ଜତା ହୁଅ ବୀରବର ॥

Digitized by srujanika@gmail.com

ଏ ବର ଦେଇ ଈଶ୍ୱର ହେଲେ ଅନ୍ତର୍ଦ୍ଧାନ ।
ଅସୁର ଭୋଗକରଇ ବସ୍ତୁ ତ୍ରିଶମାନ ॥
ଶୁଣ ପକ୍ଷ କପିଳସିଂହର ଭାରିଯା ।
ଶୃଙ୍ଗାରଭସ୍ମରେ ସେହୁ ସ୍ୱାମି କଲା ତେଜ୍ୟା ॥
ପଳାଇଲା ମଇଁଷିର ସ୍ୱରୂପେ ଯୁବତୀ ।
ସିଂହଳଦ୍ୱୀପରେ ଗୋପ୍ୟ ହୋଇଲାକ ଯାଇ ॥
ଯମବାହନ କୃତାନ୍ତ ନାମରେ ମଇଁଷି ।
ସିଂହଳ ଦ୍ୱୀପେ ସର୍ବଦା ଚରଇ ସେ ଅସି ॥
ଶୁଣ ନୃପସିଂହ କୃଷ୍ଣ ଅମାବାସ୍ୟାଦିନ ।
ମଙ୍ଗଳ ବାସର ମଘାନକ୍ଷ ବଦ୍ୟମାନ ॥
ସେ ଦିନ ଯମବାହନ ସିଂହଳ ଦ୍ୱୀପରେ ।
ଚରଇ କୋମଳପତ୍ର ତୃଣ ତୋଷଭରେ ॥
କପିଳସିଂହ ଭାରିଯା ମଇଁଷି ଶରୀର ।
ଧରିଥିଲା ତାହାକୁ ସେ ଦେଖେ ନୟନର ॥
ପଳାଏ ସେ ଡରଭରେ ମନେ ଭୟ ପାଇ ।
ଜୀବନର ବଳକରେ ପଛକୁ ନ ଗୃହିଁ ॥
ଯମବାହନ ଦେଖି ତା ପଛେ ଗୋଡ଼ାଇଲା ।
କପିଳସିଂହ ଭାରିଯା ବେଗେ ପଳାଇଲା ॥
ନବଲକ୍ଷ ଯୋଜନ ସେ ହୋଇଲା ଅନ୍ତର ।
କଦଳୀ ପତ୍ର ପରାୟେ ତନୁ ଥରହର ॥
ସେ ସିଂହଳଦ୍ୱୀପମଧ୍ୟେ ବନସ୍ତ୍ରେକ ଅଛି ।
ତହିଁର ଭିତରେ ନଦୀ ବହଇ କାମାକ୍ଷୀ ॥
ସେ କାମାକ୍ଷୀ ନଦୀ ତୀରେ ସୁବର୍ଣ୍ଣ ପର୍ବତ ।
ଶିଂଶପାନାମରେ ତରୁ ତା ଶିଖରେ ସ୍ଥିତ ॥
ସେହୁ ପର୍ବତଉପରେ ଶିଂଶପାର ତଳେ ।
ମଇଁଷିକି ଯମାସନ ଧଇଲାକ ବଳେ ॥
ତାର ସଙ୍ଗେ କ୍ରୀଡ଼ାକଲା ଅତିଆନନ୍ଦରେ ।
ଅକ୍ଷୟ ରେତ ରହିଲା ଯହୁଁ ତା ଗର୍ଭରେ ॥
ସଇନ୍ଦୁ ଭ୍ରମର ଏକ ଜନମ ହୋଇଲା ।
ତଳେ ପଡ଼ି ଶିଶୁକୋଷ୍ଟ ଗର୍ଜ୍ଜରଡ଼ି ଦେଲା ॥
ମହାବଳବନ୍ତ ତାର ଅଟଇ ମହାତେଜ ।
ମଇଁଷିର ମୁଣ୍ଡଗୋଟା ଶରୀର ଦନୁଜ ॥
କୋଟି ଅର୍କକୁ ଜିଣଇ ଆପଣାର ତେଜେ ।
ପର୍ବତ ପରାୟେ ତାର ଶରୀର ବିରାଜେ ॥
ଏଣେ କପଳସିଂହ ଯେ ଭ୍ରମେ ଚଉକତ ।
ଅନେକ ଦେଶ ସେ ବୁଲି ଲୋଡ଼ଇ ଯୁବତି ॥

ଲୋଡ଼ି ଲୋଡ଼ି ଭେଟିଲା ସେ କପିଳ ମହର୍ଷି ।
ମଇଳ ହୋଇ ତାହାଙ୍କୁ ଅନେକ ଅଣାସି ॥
ବୋଇଲା କୁଅଛେ ଧଳୁ ମୋହର ଭାରିଯା ।
ନବଯୌବନୀ ସେ ବାଳା ଅଟଇ ନାଗରଜା ॥
ତାହାକୁ ନ ପାଇ ମୁହିଁ ପୃଥିବୀ ଭ୍ରମିଲି ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ଭେଟ ନ ପାଇଲି ॥
ଋଷି ବୋଇଲେ ଯାହାର ନାହିଁ ପ୍ରିୟବତୀ ।
ଅନ୍ତମେ ତାହାକୁ କାହୁଁ ଦେବ ସଦଗତି ॥
ଦିନେ ମୁଁ ସିଂହଳଦ୍ୱୀପେ ବୁଲି ଯାଇଥିଲି ।
ମଇଁଷ ମଇଁଷୀ ବେନି ସେଠାରେ ଦେଖିଲି ॥
ସେ ମଇଁଷୀ ବୋଇଲା ମୁଁ ନୋହେ ଏହୁ ଜୀବ ।
କପିଳସିଂହ ନାରୀ ମୁଁ ଅଟଇ ଜାଣିବ ॥
ତୁ ଅଟୁ ଦେବବାହନ ମୁଁ ଅଟେ ଅସୁରୀ ।
ତୋହର ମୋହର ପ୍ରୀତି ହେବ କେଉଁ ପରି ॥
ଯମବାହନ ସେ କଥା କାନେ ନ ଶୁଣିଲା ।
ବଳାତ୍କାରେ ତାହା ସଙ୍ଗେ ପୀରତି କରିଲା ॥
ଏତେ କହି କପିଳ ଯେ ଗଲେ ଅନ୍ତର୍ଦ୍ଧାନେ ।
ଅସୁର ଅତ୍ୟନ୍ତ କୋପ କଲା ପଞ୍ଚମନେ ॥
ମୁହୂର୍ତ୍ତେକେ ସିଂହଳରେ ପ୍ରବେଶିଲା ଯାଇଁ ।
ଦେଖିଲା ମଇଁଷୀ ନିଜ ନାରୀ ଅଛି ହୋଇ ॥
ଅତି ଆନନ୍ଦ ହୋଇଲା ଦେଖି ଦୈତ୍ୟରାଜା ।
କଣ୍ଠକୁ ଗିଳି ନିକଟେ ଭେଟିଲା ଭାରିଯା ॥
ସ୍ୱାମୀକି ଦେଖିଣ ନାରୀ ସଙ୍କୁଚିତମତି ॥
ନିଜରୂପ ଧଇଲା ସେ ଛାଡ଼ିଣ ବିକୃତି ॥
ବୋଇଲା ତୁମ୍ଭର ତେଜ ସହି ମୁଁ ନ ପାରି ।
ପଳାଇ ଅଇଲି ଏଥେଁ ଦେହ ଗୋପ୍ୟକରି ॥
ଯମବାହନ କୃତାନ୍ତନାମରେ ମଇଁଷି ।
ବଳାତ୍କାରେ ସେହୁ ମୋର ସତୀତ୍ୱ ବିନାଶି ॥
ମୁଁ ଦୋଷୀ ହେଲି ନାଥ ଏଥୁଁ ବାଞ୍ଛିତ ଯା ।
ଏ ପୁତ୍ର ଦେଖିଲେ ଲୋକେ ହେବ ବଡ଼ ଲଜ୍ଜା ॥
କପିଳସିଂହ ବୋଲେ ମୁଁ ନ ଯିବଇଁ ଦେଶ ।
ଏ ପୁତ୍ରକୁ ଘେନି ଏଥେଁ କରିବା ଗୋ ବାସ ॥
ଶୁଣ ପକ୍ଷୀଷ କହନ୍ତି ଶୁକ ମହାମୁନି ।
ସିଂହଳ ଦ୍ୱୀପେ ରହିଲେ ସେହୁ ବେନି ପ୍ରାଣୀ ॥
କାମାକ୍ଷୀ ତୀରେ ରହିଲେ ସେହୁ ଘର କରି ।
ସେ କଟକ ନାମ ହେଲା ଜେନାବତୀ ପୁରୀ ॥

Digitized by srujanika@gmail.com

ପୁତ୍ରକୁ କୋଳେ ଧରିଣ ବକ୍ରଫିଟିବଳା ।
ମହିଷାସୁର ବୋଲିଣ ନାମ ତାର ଦେଲା ॥
ବଢିଲଫିଟ ଭାରିଯା ମହିଷାକୁ ଦେଖ ।
ଗୁଞ୍ଜିତ କରେ ଶଣ୍ଡିକ୍ରେ ନଷଣ୍ଡକେ ପୁଣି ॥
ଏହିରୂପେ କଣ୍ଟ ଦିନ ହୁଅନ୍ତେ ଅତୀତ ।
ମହିଷା ବିଚାର କରେ ଆପଣାର ଚିତ୍ତ ॥
ତପସ୍ୟା କରି ମୁଁ ମହାବଳଷ୍ଟ ହୋଇବ ।
ଧାତା ବରେ ଅମରତ ହୋଇ ମୁଁ ପାରିବ ॥
ବାହୁବଳେ ତ୍ରିଭୁବନ କରିବଇଁ ସାଧ ।
ଦେବତା ରାକ୍ଷସ-କରେ ହେବ ମୁଁ ଅବଧ ॥
ଏବେ ଚିତ୍ତରେ ସେ ତପେ ଦେଲା ତହିଁ ମନ ।
ନମସ୍କାରେ ଲମ୍ବ କଲା ବିଧାତା ଚରଣ ॥
ନଇ ସହସ୍ର ବରଷ ତପ ଆଚରିଲା ।
ଦୁର୍ବାର ଦନୁଜ ହୃଦେ ଧାତାଙ୍କୁ ଧ୍ୟାଇଲା ॥
ଅପ୍ରସନ୍ନ ନୋହିଲେକ ଯହୁଁ ବିଧାତାଏ ।
ଅନଳ ଭିତରେ ମାଂସ କାଟିଣ ପକାଏ ॥
ଧାତାଙ୍କ ପ୍ରସାଦେ ମାଂସ ପୁଣି କଅଁଳଇ ।
ପୁଣି ପୁଣି କାଟି ମାଂସ ଅଗ୍ନିତ ଦିଅଇ ॥
ଏହି ପରକାରେ ତପ କରିଲା ଦାନବ ।
ପୂର୍ବରୁ ଯା ନ ହୋଇଛି ଯାହା କ ନୋହିବ ॥
ତଥାପିତ ନ ଦ୍ରବିଲା ଧାତାବନ୍ଦି ଚିତ୍ତ ।
ପୁଣିହିଁ ଶରୀର ଦଗ୍ଧ କରେ ଯାତୁଧାନ ॥
ବିଂଶ ସହସ୍ର ବରଷ ଶରୀର ବିନାଶି ।
ଅଗ୍ନିତ ଦେହଣ ଅଗ୍ନି ମଧ୍ୟେ ଯାଏ ପଶି ॥
ଅନଳ ଭିତରେ ସେହି ନବେଶନ୍ତେ କାୟା ।
ଦହନ ନୁହଇ ପିତାମହଙ୍କର ମାୟା ॥
ଜ୍ୱଳନ୍ତା ଅନଳେ କରେ ଶରୀରକୁ ତ୍ୟାଗ ।
ଟଳୁ ନ କରେ ତପକୁ କେବେ ପରିତ୍ୟାଗ ॥
ଏମନ୍ତ କଠୋର ତପ ଦେଖି ପିତାମହ ।
ଅଶୀ ସହସ୍ର ବରଷେ ଜାଣିଲେ ତା ସ୍ନେହ ॥
ମହାକଷ୍ଟ ଦେଖି କରି ସର୍ବ ବୃନ୍ଦାରକେ ।
ଧାତାର ପୁରକୁ ତହୁଁ ଚଳିଲେ ସଶଙ୍କେ ॥
ଇନ୍ଦ୍ର ରୁଦ୍ର ଶମନ ଯେ ବାୟୁ ବୃହସ୍ପତି ।
ଚନ୍ଦ୍ରମା ସୂର୍ଯ୍ୟ ବରୁଣ ଅଳକାଧିପତି ॥
ଛଡ଼ଗଣ ଆଦି କରି ସର୍ବ ଦେବଗଣେ ।
ବଧୂମଣ୍ଡ ସହିତରେ ଗଲେ ଦୁଃଖମନେ ॥
ଯଶୋବନ୍ତୀ ଭୁବନରେ ଭଜେ ବେଦବର ।
ଅସ୍ଥାନର ତଳେ ଉଭା ହେଲେ ସର୍ବସୁର ॥
ଶତ ସହସ୍ର ପ୍ରଣାମ ଚରଣରେ କଲେ ।
ଦେଖି ପ୍ରତିବାକ୍ୟ ତାଙ୍କୁ ବିଧାତା ବୋଇଲେ ॥
କେଉଁ କାରଣେ ଅଇଲ ସର୍ବ ଦେବଲୋକେ ।
କଷ୍ଟ କବା ପଡ଼ିଅଛି କୁହ ଅମ୍ଭ ପାଖେ ॥
ବୃହସ୍ପତି ବୋଇଲେ ତୁ ଜଗଜ୍ଜନ ବନ୍ଧୁ ।
ଜଗତତାରଣ ନାଥ କୃପାଜଳସିନ୍ଧୁ ॥
ତୁ ଦେବ ସକଳ ଜନମାନଙ୍କ କରତା ।
ତୁ ଯେ ନବଦ୍ୱୀପ ସପ୍ତସାଗର ବିହନ୍ତା ॥
ତୁ ଦେବ ଛପନ କୋଟି ଜୀବ ଅର୍ଜିଅଛୁ ।
ସ୍ଥାବର ଜଙ୍ଗମ ତୋର ଦେହୁ ବର୍ତ୍ତିଅଛୁ ॥
ଅଦଅନ୍ତ ମଧ୍ୟ ତୋତେ ଲାଗେ ସର୍ବଶକ୍ତା ।
ପ୍ରଳୟ ଧାରଣେ ନାଥ ତୁ ଅଟୁ ବିଧାତା ॥
ତୋହର ଚେତନାରୁ ଯେ ସର୍ବ ଦେବଦେବୀ ।
ପାଳନା କରୁଛି ତୁହି ଚରାଚର ଭୂବ ॥
ଯେତେଦେବ ତୋ ଯୋଗେ ସ୍ୱର୍ଗେ ଅମର ଯେ ବାସ
ମହିଷାସୁରର ତପ ଦେଖି ଲାଗେ ତ୍ରାସ ॥
ଇନ୍ଦ୍ର ବୋଇଲେ ମୋହର ନେବ ଇନ୍ଦ୍ରପଦ ।
କୁବେର ବୋଇଲେ ମୋର ଘେନିବ ସମ୍ପଦ ॥
ନିଶାକର ବୋଇଲେ ମୋ ନେବ ଚନ୍ଦ୍ରପଦ ।
ଗୁରୁ ବୋଇଲେ କରିବ ମୋ ସଙ୍ଗରେ ଦ୍ୱନ୍ଦ ॥
ଦେବତାମାନଙ୍କ ମୁଖୁ ଏରୂପରେ ଶୁଣି ।
ବିଧାତା ବୋଇଲେ ଅମ୍ଭେ ଯିବୁ ଏହିକ୍ଷଣି ॥
ବଡ଼ କଠୋର କରି ସେ କରୁଅଛି ତପ ।
ସାଗର ସହିତେ କମ୍ପି ଉଠେ ନବଦ୍ୱୀପ ॥
ତପଅନୁରୂପେ ଅମ୍ଭେ ତାକୁ ଦେବୁ ବର ।
ଏ କଥାକୁ ଦେବେ ମନେ ଭାବନା ନ କର ॥
ଏମନ୍ତେ ବଚନ ତାଙ୍କୁ କହିଲେ ବିରଞ୍ଚି ।
ବୁଝିବା ଦଇତ କେତେ ତପ କରୁଅଛି ॥
ଦେଖାହେଲେ ବୁଝିବା କିସ ସେ ବୋଲଇ ।
ଦେବତାଙ୍କ ଆଗେ ବ୍ରହ୍ମା ଏସନେକ କହି ॥
ଯାଅ ଏବେ ବୃନ୍ଦାରକେ ନ କରଣ ଚିନ୍ତା ।
ମୁହିଁ ସେ ବିହନ୍ତା ଅଟେ ମୁଁ ନାଶକରତା ॥
ଏରୂପେ କହି ଦେବଙ୍କୁ ଦେଲେ ପଠିଅଇ ।
ଯେ ଯାହାର ପୁରେ ଦେବେ ବିଜେକଲେ ଯାଇଁ ॥

Digitized by srujanika@gmail.com

କହନ୍ତି ଯେ ଶୁକମୁନି ଶୁଣ ହେ ସୁଜନ ।
ପଦ୍ମଯୋନିଙ୍କ ଆସନ କମ୍ପେ ଘନ ଘନ ॥
ବଇକୁଣ୍ଠେ ଶ୍ରୀ ବେଦବର ମରାଳ ବାହନେ ।
ସଙ୍ଗରେ ଅଛନ୍ତି ବ୍ରହ୍ମଋଷିଗଣମାନେ ॥
ବଶିଷ୍ଠ ଶ୍ରୀବାମଦେବ ବାଲ୍ମୀକି ଅଗସ୍ତି ।
ବିଶ୍ୱାମିତ୍ର ଶତମନ୍ୟୁ ଋଷି ପଉଲସ୍ତି ॥
ନାରଦ ଯେ ବିଭାଣ୍ଡିକ ମାର୍କଣ୍ଡେୟ ଯେଣି ।
ଭରଦ୍ୱାଜ ସୁମନ୍ତକ ଋଷ୍ୟଶୃଙ୍ଗ ମୁନି ॥
କଉଶିକ ଭୃଗୁ ଅଷ୍ଟାବକ୍ରଙ୍କର ମୂଳେ ।
ହାହା ହୁହୁ ତିନି କୋଟି ଗନ୍ଧର୍ବଙ୍କ କୁଳେ ॥
ଏହାଙ୍କର ସହିତରେ ବାଲଖିଲ୍ୟା କେତେ ।
ଚଳନ୍ତି ଯେ ବେଦବର ଭକତ ନିମନ୍ତେ ॥
ସପତ ବ୍ରହ୍ମାଣ୍ଡ ମଧ୍ୟେ ଯେନ୍ତ ବେଦବର ।
ଆସି ପ୍ରବେଶ ହୋଇଲେ ସିଂହଳଦ୍ୱୀପର ॥
କାମାକ୍ଷୀପୀଠରେ ଅଛଇ ସୁବର୍ଣ୍ଣ ପର୍ବତ ।
ତାହାର ଅଗ୍ରେ ଶିଂଶପା ନାମେ ବୃକ୍ଷ ସ୍ଥିତ ॥
ସେ ସ୍ଥାନରେ ମହିଷାର ତପସ୍ୟା ଆଶ୍ରମ ।
ଜଳଇ ଯେ ହୁତାଶନ ଆକାଶର ସମ ॥
ଦେଖିଣ ଆଶ୍ଚର୍ଯ୍ୟ ମନେ ହୋଇଲେ ବିଧାତା ।
ସାଧୁରେ ଦାନବ ତୋର ସାଧୁ ପିତା ମାତା ॥
ଅନେକ ପ୍ରଶଂସା ତାକୁ କଲେ ଦେବଦେବ ।
ଏପରି ତପ ପୂର୍ବରୁ ନୋହିଛି ନୋହିବ ॥
ପର୍ବତର ଉପରବେ ଉଠି ମୁଖଗୁରୁ ।
ମରାଳ ବାହାନୁ ଦେବ ସେଠାରେ ଉତୁର ॥
କମଣ୍ଡଳ ଜଳେ ଶାନ୍ତ କଲେ ହୁତାଶନ ।
ଦେଖିଲେ ଶରୀର ତାର ଲୋହିତବରନ ॥
ନଖ ମୁଖ ନାସା କର୍ଣ୍ଣ ଚରଣ ତା ନାହିଁ ।
ମୁଣ୍ଡା ବୃକ୍ଷ ପ୍ରାୟେ ତାର ଶରୀର ଦିଶଇ ॥
ଚତୁର୍ଲୋକ ପିତାମହ କରୁଣା ନେତ୍ରରେ ।
ଅମୃତକୁ ସିଞ୍ଚିଦେଲେ ନେଇ ତା ଉପରେ ॥
ଅମୃତ ପଡ଼ନ୍ତେ ହେଲା ତାର ପାଦ ଭୁଜ ।
ବିଶ୍ୱରୂପ ପ୍ରକାଶିଲା ଦୁର୍ବାର ଦନୁଜ ॥
ଲୋହିତବର୍ଣ୍ଣ ମହିଷାକାର ମୁଣ୍ଡ ଗୋଟି ।
ବିଧାତା ଦେଖନ୍ତେ ଶିର ଗଗନକୁ ଘୋଟି ॥
ଧାତାଏ ବୋଇଲେ ବର ମାଗ ଜଉଣପ ।
ପ୍ରଦାନ କରିବା ଆମ୍ଭେ ତପ ଅନୁରୂପ ॥

ଦାନବ ବୋଇଲା ମୁହିଁ ନ ଜାଣଇ ତୋତେ ।
ଏତେ ବଡ଼ ତପ ମୋର ଭାଙ୍ଗିଲୁ କିମର୍ଥେ ॥
କେବଣ ମହାତମା ତୁ କାହିଁ ତୋର ବାସ ।
ଏତେ ତପ କାହିଁପାଇଁ କଲୁ ମୋର ନାଶ ॥
ସତ କହ ନୋହିଲେ ତୋ ଘେନିବଇଁ ପ୍ରାଣ ।
ଏତେବଡ଼ ତପ ମୋର କଲୁ ଅକାରଣ ॥
ବିଧାତା ବୋଇଲେ ତୋର ଯାହାଠାରେ ଲୟ ।
ଧଳରୂପେ ଛନ୍ତି ମୁହିଁ ସେହି ପିତାମହ ॥
ମହିଷା ବୋଇଲା ଅଟୁ ତୁହି ଯେବେ ଧାତା ।
ନିଜ ସ୍ୱରୂପ ତୋହର ଦେଖାଅ ବିଧାତା ॥
ବ୍ରାହ୍ମଣ ରୂପରେ କିପାଁ ଦେଖାଦେଉ ମୋତେ ।
ଶୁଦ୍ଧ ବର୍ଣ୍ଣ ଦେଖିଲେ ମୁଁ ଯିବଇଁ ପରତେ ॥
ମହିଷା ବଚନ ଶୁଣି ବିଧାତା ଯେ ହସି ।
ବର ମାଗ ବୋଲୁ ଅରେ ଦୈତ୍ୟ କୁଳବଂଶୀ ॥
ଦଇତ୍ୟ ବୋଲେ ତୋହର ସ୍ୱରୂପ ଦେଖାଅ ।
ନିଜରୂପ ଦେଖିଲେ ମୁଁ ମାଗିବି ନିଷ୍ଟୟ ॥
କଠୋର ବଚନ ଯହୁଁ ଶୁଣିଲେ ବିଧାତା ।
ନିଜରୂପ ଦେଖାଇଲେ ଜଗତକରତା ॥
ବାମେ ଗୁରୁମୁଖ ଦକ୍ଷେ ବିଧାତା ଆନନ ।
ଅଗ୍ରେ ବ୍ରହ୍ମାମୁଖ ପଛେ ବିରଞ୍ଚି ବଦନ ॥
ନିଜ ସ୍ୱରୂପକୁ ତହୁଁ ଧଇଲେ ବିରଞ୍ଚି ।
ଜଗତ ଯାକରେ ତାଙ୍କ ତେଜ ବ୍ୟାପିଅଛି ॥
ଗୁରୁଗୋଷ୍ଠ ମୁଖ ତାଙ୍କ ଅଠଗୋଷ୍ଠ ଭୁଜେ ।
ଦଣ୍ଡକମଣ୍ଡଳୁ କୁଶବଟୁ ଯେ ବିରାଜେ ॥
ବ୍ରହ୍ମଶକ୍ତି ଅଗ୍ନି ସ୍ୱାହା ପ୍ରୋକ୍ଷଣୀ ଅବର ।
ଅଭୟ କବଚ ପୁଣି ବ୍ରହ୍ମ ମୁଦୁଗର ॥
ଏକଇ କରେ ଜପାମାଳ ଅଛି ବ୍ରହ୍ମବେଣୀ ।
ଐଶ୍ୱର୍ଯ୍ୟ ସାମରଥା ଯେ ପ୍ରଭୁ ବେଦପାଣି ॥
କେବଣ ଭୁଜରେ ଶୋଭାପାଏ ବେଦପୋଥି ।
ଲୋହିତବର୍ଣ୍ଣ ଶରୀର ବିଦ୍ୟୁତର ଜ୍ୟୋତି ॥
ଅଙ୍ଗେ ଦ୍ୱାଦଶ ତିଳକ ଟେକିଛି ବସନ ।
ଲମ୍ବିତ କବରୀ ଶିରେ ଯା ଗୋପିତଦନ ॥
ମରାଳ ବାହନେ ବିଜେ ବଦନ କଣାମ୍ବୁ ।
ଦେଖିଣ ଆନନ୍ଦ ହେଲା ସେ ଦାନବସ୍ୱୟ ॥
ଗୁରୁ ମୁଖେ ଗୁରୁ ବେଦ କରନ୍ତି ପଠନ ।
ବଦନ୍ତି ଶୁକମୁନି ଶୁଣ ହେ ସୁଜନ ॥



Digitized by srujanika@gmail.com

ଅସୁର ଦେଖିଲା ନିଜରୂପ ବିଧାତାର ।
ଏକ ଶରୀର ପୂରିଛି ଜଗତ ଭିତର ॥
ଦେଖି ପ୍ରଣିପାତ କଲା ମହା ବଳବନ୍ତ ।
କଲ୍ୟାଣ ବାଣୀ ତାହାଙ୍କୁ କରନ୍ତି ବିଧାତା ॥
କରି ପ୍ରସାଦ କଲ୍ୟାଣ କହିଲେ ବରଷି ।
ବର ମାଗ ବାବୁ ଯାହା ମନେ ଅଛି ବାଞ୍ଛି ॥
ମହିଷା ବୋଇଲା ଦେବ ଦେବୁ ଯେବେ ବର ।
ଦଶଦିଗପାଳେ ସାକ୍ଷୀ ରହିଲେ ମୋହର ॥
ଯମ ପବନ ଅନଳ ଜଳ ସ୍ଥଳ ଶୂନ୍ୟ ।
ଏମାନେ ସାକ୍ଷୀ ହୋଇଲେ କହିବ ବଚନ ॥
ବର ମାଗ ବର ମାଗ ପିତାମହ ଭଣି ।
କେତେ ବାରମ୍ବାର ସାକ୍ଷୀ ରଖୁଅଛୁ ପୁଣି ॥
ମହିଷା ବୋଇଲେ ସ୍ୱାମି ଦେବୁ ଯେବେ ବର ।
ହେବି କଳି ସତ୍ୟ ତ୍ରେତା ଦ୍ୱାପରେ ଅମର ॥
ସ୍ୱାମି କେତେକଷ୍ଟେ ତୋର ପାଦେ ଅଛି ସେବି ।
ପ୍ରଳୟ କାଳ ପର୍ଯ୍ୟନ୍ତେ ଚିରଜୀବୀ ହୋଇବି ॥
ଯମର କାଳଦଣ୍ଡେ ମୁଁ ନୋହିବଇଁ କ୍ଷୟ ।
ନାନା ରୋଗମାନେ ପୀଡ଼ା ନ ଦେବେ ମୋ କାୟ ॥
ଶରୀର ବଜ୍ର ସମାନ ହୋଇବ ମୋହର ।
ଅଙ୍ଗରେ ନ ଭେଦିବ ଯେ କେଉଁଣସି ଶର ॥
ଦେବଶର ବ୍ରହ୍ମଶର ନ ଭେଦିବ ଅଙ୍ଗ ।
ଗିରିବର ମୋ ଶରୀରେ ପଡ଼ି ନୋହିବ ଭଙ୍ଗ ॥
ଅଗ୍ନିରେ ନ ପୋଡ଼ିବ ମୁଁ ଖଡ୍ଗେ ନ ଛିଡ଼ିବ ।
ଅଗାଧ ଜଳରେ ମୁହିଁ କେବେ ନ ବୁଡ଼ିବ ॥
ତପିଙ୍କର ଅଭିଶାପେ ନୋହିବଇଁ ବଧ ।
ତୋହର ସମାନେ ମୁହିଁ ହେବି ମହାସିଦ୍ଧ ॥
ଦେବଲୋକ ନରଲୋକ ନାଗଲୋକ ଯେତେ ।
ଯକ୍ଷ କିନ୍ନର ଏ ଆଦି ନ ଜିଣିବେ ମୋତେ ॥
ସର୍ବ ଦେବ ଚନ୍ଦ୍ର ଦିବାକର ଅଧିକାର ।
କହିତ ସମରେ ମୁହିଁ ଜିଣିବଇଁ ଧର ॥
କର୍ଣ୍ଣେ ଶୁଣିଲି ଦୈତ୍ୟଙ୍କ ବିଷ୍ଣୁ ଭୟ ବୋଲି ।
ତାହାର ଭୟରେ ମୁହିଁ ତପ ଆଚରିଲି ॥
ଯେବେ କ ନାଥ ପ୍ରସନ୍ନ ହୋଇଲୁ ତୁ ମୋତେ ।
ମୁହିଁ ବଧ ନୋହିବଇଁ ନାରାୟଣ ହସ୍ତେ ॥
ବିଷ୍ଣୁ ସୁଦର୍ଶନ ଚକ୍ରେ ନୋହିବ ମୁଁ କ୍ଷୟ ।
ହର କିଜଣିଲେ ସିଦ୍ଧ ହେବ ମୋର କାମ୍ୟ ॥

ଅବର କଥାଏ ଶୁଣ ହେ ଚତୁରାନନ ।
ପୁରୁଷ ହସ୍ତରେ ମୁହିଁ ନୋହିବି ନିଧନ ॥
ପିତାଏ ବୋଇଲେ ଯାହା ମାଗିଲୁ ତୁ ବର ।
ସମସ୍ତ କଥାହିଁ ସିଦ୍ଧ ହେଉ ରେ ତୋହର ॥
କଳ୍ପ ମର୍ତ୍ତ୍ୟରେ ଜନ୍ମିଣ ଅମର କେ ନାହିଁ ।
ଦେବତା ହୋଇଲେ ମଧ୍ୟ ଅବଶ୍ୟ ମରଇ ॥
ଏହିକଥା ଗୋଟି ତୁହି ରଖିଥାଅ ମନେ ।
ରମଣୀ ହସ୍ତରେ ବଧ ହୋଇବୁ ତୁ ଦିନେ ॥
ମୈଷା ବୋଲେ ଯେବେ ସ୍ତ୍ରୀର ହାତରେ ନିଧନ ।
ହୋଇବ ମୁଁ ଗୃହିଁଥିବ ତା ସ୍ତନ ଯୌବନ ॥
ତଥାସ୍ତୁ ତଥାସ୍ତୁ ବୋଲି ବୋଲନ୍ତି ଗୌମାଥ ।
ଯାହା ବାଞ୍ଛା କଲୁ ବତ୍ସ ହେଉ ତୋତେ ପ୍ରାପ୍ତ ॥
ବ୍ରହ୍ମାଣ୍ଡରେ ଯେତେକାଳ ଥିବୁ ତୁହି ଭଲେ ।
କେହି ସମାନ ନୋହିବେ ରଣେ ତୋର ତୁଲେ ॥
ବର ମାଗୁଁ ମାଗୁଁ ସୂର୍ଯ୍ୟ ଅସ୍ତାଚଳେ ଗଲେ ।
ଯଶୋବନ୍ତୀ ଭୁବନକୁ ପିତାଏ ଚଳିଲେ ॥
ବର ପାଇ ମହିଷା ଯେ ହୋଇଲା ନିର୍ଭୟେ ।
ମହା ସମ୍ଭ୍ରମ କରିଣ କଟକ ଭିଆଏ ॥
ଜେନାବଳୀ ବୋଲିକରି ରଚିଲା ଭୁବନ ।
ବାରସ୍ତି ପୁର ତାକୁ ନୋହିବ ସମାନ ॥
ଅଲୌକିକ ବର ପାଏ ମୈଷାସୁର ରାଜା ।
ଅନେକ ଦଇତ୍ୟେ ଆସି କଲେ ତାକୁ ପୂଜା ॥
ଜୟ ଜୟ ଦୁର୍ଗା ମାଗୋ ଦୁର୍ଗତିହାରିଣି ।
ଜୟ ଜୟ ଦୁର୍ଗା ମାଗୋ ଦନୁଜଦଳନି ॥
ଜୟ ଜୟ ଦୁର୍ଗା ମାଗୋ ଗିରିରାଜ ସୁତା ।
ଜୟ ଜୟ ଦୁର୍ଗା ମାଗୋ ଶଙ୍କର ବନିତା ॥
ଝଙ୍କଡ଼ ପୁରରେ ମାତ କରିଅଛୁ ବାସ ।
ଜନ୍ମେ ଜନ୍ମେ ଶାରଳା ତୋ ପାଦତଳ ଦାସ ॥

## ମହିଷାସୁରର ଦିଗ୍ବିଜୟ ।

ଏଥିଅନ୍ତେ ପରୀକ୍ଷିତ ନାମେ ମହାରାଜା ।
ଶୁକମୁନି ଚରଣରେ କରି ଦିବ୍ୟପୂଜା ॥
ବୋଇଲା ହେ ମୁନି କୁହ ମୈଷାସୁର କଥା ।
ବିଧାତାଙ୍କଠାରୁ ବର ପାଇ ବଳବନ୍ତା ॥
କିପରି ସଙ୍କଟ କଲା କୁହ ବ୍ରହ୍ମମୁନି ।
ତବ ମୁଖୁଁ ଶୁଣି ମୁକ୍ତି ଲଭିବଇଁ ପୁଣି ॥

Digitized by srujanika@gmail.com

କହନ୍ତି ସେ ଶୁକମୁନି ଶୁଣ ମହାରାଜେ ।
ଶ୍ରୀଚଣ୍ଡୀ ପୁରାଣ ଶୁଣି ପାପ କର କ୍ଷୟେ ॥
ମୟୂଦାନବର ପୁତ୍ର ଅଟଇ କାନ୍ତମାଳା ।
ମହିଷାସୁରକୁ ଆସି ଦରଶନ କଲା ॥
ବଜ, ଲଙ୍ଗଳର ପୁତ୍ର ଗୃମର ବେମାଳ ।
ସେ ଆସି ଦର୍ଶନ କଲେ ଘେନି ସୈନ୍ୟବଳ ॥
କାନ୍ତମାଳା ଗୃମର ଯେ ବେମାଳ ଏ ତିନି ।
ଏହାଙ୍କ ସଇନ ନବସହସ୍ର କ୍ଷଉଣୀ ॥
ବଲଙ୍କ ଦେଶର ସେହୁ ଠାକୁର ଅଟନ୍ତି ।
ମହିଷାସୁରର ପାଦେ ଶରଣ ପଶନ୍ତି ॥
ମାଧୁର୍ଯ୍ୟ ଦେଶର ରାଜା ଦୈତ୍ୟ ବିଡ଼ାଳାକ୍ଷ ।
ଶରଣ ପଶେ ସେ ଘେନି ସେନା ନବଲକ୍ଷ ॥
ଦ୍ୱୈପାୟନ ଦେଶ ରାଜା ଯେ ଧୂମ୍ରଦର୍ଶନ ।
ସେ ଭେଟିଲା ଘେନି ସାତ ଅର୍ବୁଦ ସଇନ ॥
ଭ୍ରନ୍ଦେଶ ନରପତି ନାମ କାଳନେମି ।
ଭେଟେ ସେ ବେନି ସାଗର ଯୋଦ୍ଧାସଙ୍ଗେ ଘେନି
ଏହିରୂପେ କେତେ କେତେ ନରପତିଗଣ ।
ଭୟତର ମହିଷା ପାଦେ ପଶିଲେ ଶରଣ ॥
ଏକୁଁ ଏକ ବଳୀ ବୀର ପାରନ୍ତି ସେ ତୋଳି ।
ଯମ କାଳପାଶ ପାଦେ ପାରନ୍ତି ସେ ଦଳି ॥
ଏରୂପେ ସପ୍ତ ଅର୍ବୁଦ ନବଲକ୍ଷ ବୀର ।
ସଙ୍ଗତରେ ଘେନିକରି ମହିଷା ଅସୁର ॥
ବୀରତୂର ବଜାଇଣ ଦଗ ବଜେ କରେ ।
ବଡ଼ ପ୍ରତାପୀ ହୋଇଲା ସିଂହଳଦ୍ୱୀପରେ ॥
ସିଂହଳଦ୍ୱୀପ ମଧ୍ୟରେ ଯେତେ ରାଜାମାନ ।
ସମସ୍ତଙ୍କୁ ଜିଣିଲା ସେ ଅସୁର ରାଜନ ॥
ଅନେକ ସମ୍ପଦରେ ପୂର୍ଣ୍ଣ ଜେନାବଳୀ ପୁରୀ ।
ଅତି ସମ୍ପଦରେ ମୈଷାସୁର ରାଜ୍ୟ କରେ ॥
ଶ୍ୟୂରଲକ୍ଷ ଯୋଜନ ତା ପୁର ଅଯୁତନ ।
ପୁରଶ୍ରୀରେ ବିଶ୍ୱକର୍ମା କରିଛି ଗଠନ ॥
ତାକୁ ଉପମା ଦେବାକୁ ନାହିଁ ତିନିପୁରେ ।
ବାରସ୍ୱତୀ ପୁର ତୁଳ ହେବ ତା ଶୋଭାରେ ॥
କୁବଞ୍ଜନ ନାମେ ତହିଁ ଏକ ନଗ୍ର ଥିଲା ।
ତାକୁ ବଟଳ କେହୁ ଧର୍ଷି ପାରୁ ଯେ ନ ଥିଲା ॥
ତହିଁର ନୃପତି ନାମ ତାମ୍ରାକ୍ଷୀ ଅଟଇ ।
ଅତନ୍ତ୍ରରେ ନିଷ୍କଣ୍ଟକେ ରାଜୁତି କରଇ ॥
ବତିଶ ପଦ୍ମ ତାର ଅଟଇ ସଇନ ।
ବଳସ୍ପଶେ ତା ସମ ନାହିଁ କେ ମେଦିନୀ ॥
ଚକ୍ରବର୍ତ୍ତୀ ପଣରେ ସେ ଜିଣିଲା ଧରଣୀ ।
ତାହାକୁ ମହିଷାସୁର ସଂଗ୍ରାମରେ ଜିଣି ॥
ଏକଦିନେ ସୈନ୍ୟ ସାଜ ମହିଷା ଅସୁର ।
ସଙ୍ଗତରେ ହାତୀ ରଥୀ ଘେନିଣ ଅପାର ॥
ତାମ୍ରାକ୍ଷୀର କଟକକୁ କଲା କଟକାଇ ।
ବାରତା ପାଇଲା ଶୂର ମୁଣ୍ଡି ନରସାଇଁ ॥
ମନ୍ତ୍ରୀ କହିଲା ନୃପକୁ ଶୁଣ ଦଣ୍ଡଧାରୀ ।
ତୋହର ରାଜ୍ୟକୁ ମୈଷାଦୈତ୍ୟ ବଳେ କରେ ॥
ସିଂହଳଦ୍ୱୀପରେ ଥିଲେ ଯେତେ ନରପତି ।
ସମସ୍ତେ ଖଟିଲେ ତାର ହୋଇ ବଶବର୍ତ୍ତୀ ॥
ମନ୍ତ୍ରୀର ମୁଖରୁ ରାଜା ଏହିରୂପେ ଶୁଣି ।
କ୍ରୋଧରେ ଜଳି ଉଠଇ ଦାବାନଳ ଜାଣି ॥
କେବଣ ଦର୍ପରେ ମୈଷାସୁର ଆସୁଅଛି ।
ମୋହର ମହିମା ସେ କି ନ ଜାଣଇ କିଛି ॥
କହୁଁ କହୁଁ ନରପତି କୋପେ ପରଚଣ୍ଡ ।
ଆଜ୍ଞାଦେଲା ସାଜ ସାଜ ମୋର ସମଦଣ୍ଡ ॥
ରାଜାର ଆଜ୍ଞାରେ ମନ୍ତ୍ରୀ ସମଦଣ୍ଡ ସାଜ ।
ଅମାପ ସଇନ ତାର ସିନ୍ଧୁପ୍ରାୟେ ଗର୍ଜି ॥
ବଜସ୍ପେ ଦାନବ ବୀର ଶାର୍ଦ୍ଦୂଳର ପିଠି ।
ତୁଲେ ତାହାର ଅଛନ୍ତି ସେନା ପାଞ୍ଚକୋଟି ॥
ପାଞ୍ଚକୋଟି ସେନାଙ୍କର ଶାର୍ଦ୍ଦୂଳ ବାହନ ।
ସମସ୍ତେ ଦେଖାଯାଆନ୍ତି କୁବେର ସମାନ ॥
ତର୍ଜନ୍ତି ଗର୍ଜନ୍ତି କୋପେ ଚଳାବନ୍ତି ଆଟ ।
କିଛି ଦୂରେ ଯାଇଁ ଦୁଇଦଳ ହେଲେ ଭେଟ ॥
ଦେଖେ ମହିଷାସୁରକୁ ତାମ୍ରାକ୍ଷୀ ନୃପତି ।
ସମୁଦ୍ର ଲହରୀ ପ୍ରାୟେ ସୈନ୍ୟ ତା ଅସନ୍ତି ॥
ପାଞ୍ଚଅର୍ବୁଦ ଯୋଦ୍ଧାଙ୍କୁ ସଙ୍ଗତରେ ଘେନି ।
ସମର କରିଲା ବୀର ହୋଇ ଅନ୍ୟେ ଅନ୍ୟ ॥
ମହାମତ୍ତ ବଳ ତାର ଉଠିଲେ ଗଲ୍ଲାଜି ।
ମହିଷା ଦଇତ ବଳ ଗଲେ ସବୁ ଭାଜି ॥
ସମଦଣ୍ଡ ଖଜନ୍ତେଣ ମୈଷାସୁର ଉଠି ।
ବେନି କରରେ ତାହାର ଘେନେ ବଜ୍ରମୁଷ୍ଟି ॥
କାନ୍ତମାଳା ବିଡ଼ାଳାକ୍ଷ ଗୃମର ବେମାଳ ।
ଉଠିଲେକ ଶସ୍ତ୍ରଧର ହୋଇ କୋପାନଳ ॥

Digitized by srujanika@gmail.com

ଅଶିବର ବୁଲୁଭଣ ସୈନ୍ୟ ତାର ପିଣ୍ଟି ।
ତାମ୍ରକ୍ଷୀ ଦେଖନ୍ତେ ସର୍ବେ ମହୀପରେ ଲୋଟି ॥
କାନ୍ତମାଳା ରକ୍ଷସ ଯେ ଖଡ୍‌ଗ ଧରି ହାଣି ।
ରମ୍ଭାବନେ ମତ୍ତଗଜ ଯେସନେ ପଶିଣି ॥
ସେହିମତ ହୋଇଣ ସେ ପଡ଼ିଲେ ସଇନ ।
ରୁଧିରରେ ବଲେପନ ହୋଇଲା ମେଦିନୀ ॥
ସମରରେ ପଡ଼ି ମଲେ ବହୁ ରଥୀ ଯୋଧୀ ।
ପଳାନ୍ତା ଲୋକ ମାରନ୍ତି ପଥକୁ ନିରୋଧି ॥
ତାମ୍ରକ୍ଷୀ ଯେ ଦେଖୁ ଦେଖୁ ମଲେ ବହୁଥାଟ ।
ଲକ୍ଷେ ରଜା ସେନକର ଥିଲେ ସେ ମୁରାଟ ॥
ପାଞ୍ଚସାଗର ସଇନ ତାମ୍ରକ୍ଷୀର ମଲେ ।
ଅସୁରଙ୍କ ମାରଣେ ସେ ସବୁ ଶେଷ ହେଲେ ॥
ଶାର୍ଦ୍ଦୂଳମାନ ତାଙ୍କର ସେନଲେ ଛଡ଼ାଇ ।
ମହିଷାସୁର ଛାମୁରେ ସମର୍ପିଲେ ନେଇ ॥
ସଇନ ପଡ଼ିବା ଦେଖି ତାମ୍ରକ୍ଷୀ ନିସରି ।
ପ୍ରାଣଆଶା ଛାଡ଼ିକରି ମହାରଣେ ଝାସି ॥
ଲକ୍ଷେକ ଯୋଦ୍ଧାଙ୍କୁ ସେନ ଏକମୁଖ ହୋଇ ।
ମହିଷାସୁର ଆଟରେ ପଶିଲା ଝସାଇ ॥
ଅରେ ୨ ରହ ବୋଲି ଧାମେ କାନ୍ତମାଳା ।
ବଜ୍ରମୁଦୁଗର ଅଗ୍ରେ ସେନଣ ପିଟିଲା ॥
ତାମ୍ରକ୍ଷୀ ଯୋଦ୍ଧାଙ୍କ ପରେ ଯହିଁ ରଗେ ପିଟି ।
ଏକା ପ୍ରହାରକେ ପଡ଼ୁଛନ୍ତି ମହୀଲୋଟି ॥
ଲକ୍ଷେକ ଯୋଦ୍ଧାଙ୍କୁ ତହିଁ ଚୂରଜଣ ହୋଟି ।
ରମ୍ଭାବନ ପ୍ରାୟେ ଯୋଦ୍ଧା ଭୂମିପରେ ଲୋଟି ॥
ନିଦ୍ରାକାଳେ ଯେସନ୍ତେ ନରେ ଶୁଅନ୍ତି ଧରଣୀ ।
ତେସନ୍ତେ ବଳ ଗଲେ ତାର ପୁର ସଯନ୍ନୀ ॥
ରଣେ ନିମଚ୍ଛି ପଡ଼ିଲେ ତାମ୍ରକ୍ଷୀର ବଳ ।
କ୍ରୁନ୍ତ କରେ ସେନ ତହିଁ ଧାଏଁ ମହୀପାଳ ॥
ରଜାକୁ ଦେଖିଣ ତହିଁ ଧାମେ କାନ୍ତମାଳା ।
ବଜ୍ରଏକ ପିଟି ନେଇ ଦୈତ୍ୟ ଅନର୍ଗଳା ॥
ମୁଣ୍ଡ ପାତ ସହିଲା ତା ନୃପତି ତାମ୍ରକ୍ଷୀ ।
ଛତ୍ରରେ ଭସ୍ମ କରଲେ ସର୍ବେ ତାହା ଦେଖି ॥
ତାମ୍ରକ୍ଷୀ ଧାଇଁଣ ମୁଦୁଗର ସେନି ପିଟି ।
ପ୍ରହାରନ୍ତେ କାନ୍ତମାଳା ଭୂମିପରେ ଲୋଟି ॥
ରଣ ଗୋଳରେ ତାମ୍ରକ୍ଷୀ ମାରେ ବହୁବଳ ।
ଧାତକାରେ ଓଗାଳିଲେ ଚାମର ସେମାଳ ॥

ବଜ୍ରକଣ୍ଠ କୁଠାରକୁ ସେନ ରଣେ ପଶି ।
ତାମ୍ରକ୍ଷୀର ଉପରେ ତା ମାରନ୍ତି ଆକର୍ଷି ॥
ସେ ବଜ୍ରକଣ୍ଠକୁଠାର ଧାତା ସର୍ଜିଥିଲା ।
ମହିଷାସୁର ହସ୍ତୁ ତା ଚାମର ଆଣିଲା ॥
ତାମ୍ରକ୍ଷୀ ସମାନେ ପୃଥ୍ୱୀ ମଧ୍ୟେ ନାହିଁ ଯୋଧୀ ।
ସେ ବ୍ରହ୍ମଶସ୍ତ୍ର ମେଣ୍ଟନେ ନ ଜାଣଇ ବୁଦ୍ଧି ॥
ତାମ୍ରକ୍ଷୀକି ସେ ଶସ୍ତ୍ରରେ କାନ୍ତମାଳା ହାଣି ।
ଏକା ପ୍ରହାରକେ ଛେଦେ ତାର ବେନପାଣି ॥
ମୂର୍ଚ୍ଛା ବୃକ୍ଷ ପ୍ରାୟେକ ସେ ପଡ଼ିଲାକ ତଳ ।
ପୁଣି ଆରବେଳେ ତାକୁ ପ୍ରହାର ତା ତୋଳ ॥
ବଜ୍ରକଣ୍ଠ କୁଠାରେ ସେ ହେଲା ବେନିଖଣ୍ଡ ।
ସମୁଦ୍ର ଭିତରେ ଯାଇ ପଡ଼େ ତାର ମୁଣ୍ଡ ॥
ଅନେକ ଧନ ଥିଲା ଯେ କୁରଞ୍ଜିନ ପୁରୀ ।
ମହିଷାସୁର ସୈନ୍ୟ ତା ସବୁ କଲେ ଜୁରି ॥
ଅପର ଦେଶର ରଜାମାନେ ଯେତେଥିଲେ ।
ତାମ୍ରକ୍ଷୀର ବଧ ଶୁଣି ସର୍ବେ ଭସ୍ମ କଲେ ॥
ବହୁତ ଧନ ରତନ ବସନ ସଇନ ।
ସେନ ରଜାଏ ଭୟରେ କରନ୍ତି ଦଇନ ॥
ବେଢ଼ିଁ ବେଳ ବଳ ବଢ଼େ କଳନା ନ ଯାଇ ।
ସମଦଣ୍ଡ ସେନ ତହିଁ ମୈଷାସୁର ବାହୁ ॥
ସିଂହଳ ଦ୍ୱୀପରେ ଥିଲେ ଯେତେ ନୃପରାୟେ ।
ସମସ୍ତେ ଖଟିଲେ ଆସି ମୈଷାସୁର ପାୟେ ॥
ଶୁଣନ୍ତେ ଆଶ୍ଚର୍ଯ୍ୟ ଲାଗେ ମହିଷା ମହିମା ।
ଯାହା ସର୍ଜନା କରଣ ଅଛି ବେଦବ୍ରହ୍ମା ॥
ଚୁରିଲକ୍ଷ ଯୋଜନ ଯେ ଅଟେ ତାର ପୁର ।
ବାନ୍ଧିଛି ସେ ପୁରେ ମେଳେ ମହିଷା ଅସୁର ॥
ପାଞ୍ଚସାଗର ସୈନ୍ୟ ତା ଏକୁଁ ଏକ ବଳୀ ।
ମନ କଲେ ମେରୁ ଗିରି ପାରନ୍ତି ସେ ତୋଳି ॥
ବଜ୍ରସମାନ ଅଟଇ ତାହାଙ୍କର କାୟା ।
ବ୍ରହ୍ମାର ବରରେ ସେହୁ ରଣରେ ନିର୍ଭୟା ॥
ଭୟେ ନ ପଶଇ ଯମଦଣ୍ଡ କାଳଦଣ୍ଡ ।
ମହା ମହା ଯୋଦ୍ଧା ତାର ବଡ଼ ପରଚଣ୍ଡ ॥
ଆଦିତ୍ୟର ରଶ୍ମି ତହିଁ ନ ପଶଇ ଡରେ ।
ପବନ ଖରେ ନ ବହେ ଜେନାବଳୀ ପୁରେ ॥
ଶ୍ରୀ ଶାରଳା ପାଦପଦ୍ମେ ରଖି ହୃଦମତ ।
ଶାରଳାଦାସ ଲେଖିଲା ଅମୃତ ଭାରତ ॥

Digitized by srujanika@gmail.com

## ମେରୁଶୂଳ ସଙ୍ଗେ ମହିଷାସୁରର ଯୁଦ୍ଧ ଓ ପରାଜୟ ।

ପରୀକ୍ଷିତେ ଗୃହଁ ଭଣି ଶୁକ ତପୋଧନ ।
ଏକ ଦାନବର କଥା ମନ ଦେଇ ଶୁଣ ॥
ରବିବାର ମୂଳାନକ୍ଷତ୍ର ଯେ ବିଦ୍ୟମାନ ।
ସକଳ କାର୍ଯ୍ୟକୁ ସିଦ୍ଧ ଅଟଇ ସେ ଦିନ ॥
ତୈତିଳ ନାମେ କରଣ ପରଘ ଯେ ଯୋଗ ।
ସେ ଦିନ ମହିଷାସୁର ବିଜେ ମେରୁ ସ୍ୱର୍ଗ ॥
ମେରୁତଳେ ଅଛି ବଜ୍ର ନାମେ ଏକ ରାଜ୍ୟ ।
ତହିଁରେ ନୃପତି ମେରୁଶୂଳ ମହାରାଜ ॥
ସେ ରାଜାର କୁଳରେ ସେ କଲା ବନ୍ଧୁ ଦ୍ୱନ୍ଦ ।
ଶତଦିନ ପର୍ଯ୍ୟନ୍ତ ଲାଗିଲା ବିବାଦ ॥
ଅନେକ ସୈନ୍ୟ ପଡ଼ିଲେ ଲାଗନ୍ତେ କନ୍ଦଳ ।
ରୁଧିର ନଦୀ ବହିଲା ହୋଇଣ ଉଚ୍ଛୋଳ ॥
ପୃଥ୍ୱୀ ଉତପାତ ହେଲା ଦୁହିଙ୍କ ବିବାଦେ ।
ଗିରିବର ଶୃଙ୍ଗମାନେ ଝଡ଼ିଲେକ ହାଦେ ॥
କାଳମାଳା ବିଡ଼ାଳାକ୍ଷ ବେମାଳ ଗୃମର ।
ଦେବଙ୍କୁ ଦୁର୍ଲଭ ଅଟେ ଏହାଙ୍କ ସମର ॥
ମେରୁଶୂଳ ସେନା ମନୁ ଲୋଚନ ଯେ ବୀର ।
ମହାବୀର ଅଟନ୍ତି ସେ ଅବନୀ ମଧର ॥
ଏକକୋଟି ସଂଖ୍ୟା ସୈନ୍ୟ ଘେନି ସଙ୍ଗତରେ ।
ମେରୁଶୂଳ ଧାଏଁ ଗଦା ଘେନି କୋପଭରେ ॥
ବିଶ୍ୱରୂପ ବିକାଶିଣ ଧାଏଁ ମହାବୀର ।
ଉଚ୍ଚସ୍ୱରେ ଡାକେ ଅରେ ଅରେରେ ପାମର ॥
ଯମପୁରେ ଯିବାପାଇଁ ବଳାଇଲୁ ମତି ।
ଏତେ କହି ଗଦା ପିଟି ସଇନ୍ୟ ନିପାତି ॥
କଦଳୀ ବନ ପରାୟେ ପଡ଼ିଗଲେ ସେନା ।
ମହାକୋପେ ଗର୍ଜ୍ଜଇ ସେ ବୀରବର ଯେନା ॥
ବଳ ଭଞ୍ଜନ୍ତେଣ କାଳମାଳା ଯେ ଦେଖାଇ ।
କାହିଁକି ପଳାଅ ବୋଲି ତାଙ୍କୁ ଆଶ୍ୱାସଇ ॥
ରୁହ ରୁହ ରୁହ ଯୁଦ୍ଧ ଦେଖ ରେ ମୋହର ।
ସଇନ୍ୟଙ୍କୁ ସମ୍ଭାଳିଣ ଚଳେ ମହାବୀର ॥
ତା ଭୁଲେ ଚଳନ୍ତି ଦଶପଦ୍ମ ଖର୍ବ ବଳ ।
ନିଃଶଙ୍କରେ ଯୁଦ୍ଧ କରେ ଦୈତ୍ୟ ମେରୁଶୂଳ ॥
ସେ ଯେ ହିମବନ୍ତ ଯେବେ ପାଇଅଛି ବର ।
ନାନା ଶସ୍ତ୍ର ନ ଭେଦଇ ଅଙ୍ଗରେ ତାହାର ॥
ଲୋଚନ ଧ୍ୱଂସନ ନାମେ ଦେବି ସେନାପତି ।
ମହିଷାସୁରର ସେହି ମହାବଳୀ ଅତି ॥
ଧାଇଁ ମେରୁଶୂଳ ଆଟି ପିଟିଲେ ସେ ଗଦା ।
ଗୃହଁ ଗୃହଁ ସୈନ୍ୟ ଚୂରି କରଦେଲେ ପଦା ॥
ମେରୁଶୂଳ ଦେଖି ତାହା ସୈନ୍ୟ ଘେନି ଉଠି ।
ଲୋଚନାସୁର ଉପରେ ବଜ୍ରଶୂଳ ପିଟି ॥
ଧାଏଣ ଲୋଚନାସୁର ପଡ଼ଲାକ ତଳ ।
ପୁଣି ସେ ପ୍ରହାର କଲା ମୂଷଳେକ ତୋଳ ॥
ମେରୁଶୂଳ ପ୍ରହାରରେ ଲୋଚନା ଯେ ଗୁଣ୍ଡା ।
ରଣେ ବିହରଇ ଯେହ୍ନେ ଷଣ୍ଢୀ ବୀରଷଣ୍ଢା ॥
ପୁଣି ଅସ୍ତ୍ର ଧରି କୋପେ ଉଠେ ମେରୁଶୂଳ ।
ନିର୍ଦ୍ଦୟ ରାକ୍ଷସ ସେହି ପିଟିଲା କୋଦାଳ ॥
କୋଦାଳ ପିଟନ୍ତେ ନେଇ ଧ୍ୱଂସନ ମରିଲା ।
ସମୁଦ୍ର ପରାଏ ରକ୍ତନଦୀ ବହିଗଲା ॥
ଦଣ୍ଡେ ଗୃମର ବେମାଳ ପଛଦିଆ ଦେଲେ ।
ମେରୁଶୂଳ ଅଗ୍ରତରେ କେହି ନ ରହିଲେ ॥
ସୈନ୍ୟଭଗ୍ନ ଦେଖିକରି ଧାଇଁଲା ମହିଷା ।
କିଂଭୂତ କାରଣ ଜାର ଏଡ଼େକ ଭରସା ॥
ମହିଷାସୁର ଉଠନ୍ତେ ସୈନ୍ୟ ହେଲେ ଆଗ ।
ଗୃମର ବେମାଳ ଆସି ମିଳିଲେକ ବେଗ ॥
ଲାଗିଲା ଦୁଇ ଦଳରେ ବିଷମ କନ୍ଦଳ ।
ସମସ୍ତେ ଅସୁର ପୁଣି ଏକେ ମହାବଳ ॥
ମହିଷାସୁର କ୍ରୋଧରେ ମାରେ ବଜ୍ରଶର ।
ସ୍ୱତଃଶରେ କାଟିଲା ତା ମେରୁଶୂଳ ବୀର ॥
ପୁଣି ମହିଷା ପେଷଇ ମନ୍ତ୍ରି ନାଗ ବାଣ ।
ମେରୁଶୂଳ ଗରୁଡ଼ାସ୍ତ୍ରେ କଲେ ତା ବାରଣ ॥
ପୁଣି ଅଗ୍ନି ଶର ଧରି ମହିଷା ପେଷଇ ।
ଜଳଶରେ ମେରୁଶୂଳ ତାହା ନିବାରଇ ॥
ରୁହିଡ ଶର ପେଷିଲା ପୁଣି ତଦାପରେ ।
ସୂର୍ଯ୍ୟଅସ୍ତ୍ରେ ଛେଦେ ମେରୁଶୂଳ ଲଷିତରେ ॥
ଏରୂପେ ଯୁଦ୍ଧ କରନ୍ତେ ରବି ଅସ୍ତ ଗଲେ ।
ତହୁଁ ଦୁଇଦଳ ଯାକ ନିବର୍ତ୍ତି ରହିଲେ ॥
ମେରୁଶୂଳ ରହିଲା ଯେ ବଜ୍ରଗିରି ଦେଶେଣ ।
ରାଜ୍ୟେ ଚଳିଲା ମହିଷା ମନର ହରଷେ ॥
ଆର ଦିବସରେ ମନେ ଭାଳିଲେ ରକ୍ଷଗଣ ।
ମେରୁଶୂଳ ସଂଗ୍ରାମରେ ଅଟଇ ନିପୁଣ ॥

Digitized by srujanika@gmail.com

ପିତାର ବଚନ ଏବେ ହେଲା ମୋର ବୃଥା ।
କି ଆଗେ କହିବ ଏହା ଅତି ଲଜ୍ଜାକଥା ॥
ଏତେଶୁଣିଣ ମଉନରେ ରହିଲା ନୃପତି ।
ଶ୍ରୀଚଣ୍ଡୀ ପୁରାଣେ ଏହା ଅପୂର୍ବ ଭାରତୀ ॥

## ମହିଷାସୁର ଧୂମ୍ରଲୋଚନଙ୍କୁ ସାରଥିପଣେ ଶାଢୀ ଦେବାର ।

ଶୁଣ ହେ ପରୀକ୍ଷ ନୃପ ଏଥିଅନନ୍ତରେ ।
ହେ ମହିଷାସୁର କଥା ଯେସନ ପ୍ରକାରେ ॥
ଆଶ୍ୱିନ କୃଷ୍ଣଚତୁର୍ଥୀ ଗୁରୁବାର ଦିନ ।
ସେ ଦିନ ସଣି ଅଟଇ କୃଷ୍ଣ ନାମେ ଜାଣ ॥
ବାଳବ ନାମେ କରଣ ଅନୁଷ୍ଠାନ ଯୋଗ ।
ଦିଗ୍‌ବିଜୟ କରିବା ପାଇଁ ପୁଣି ତା ଉଦ୍ଯୋଗ ॥
ସଙ୍ଗତରେ ବହୁ ରଥ ରଥୀଙ୍କୁ ଚଳାଇ ।
ଗଦାପାଣି ହୋଇ ବୀର ପୁଣି ବାହାରଇ ॥
ଯାଉଁ ଯାଉଁ ଭେଟିଲେକ ସେ କରଞ୍ଜଦେଶ ।
ବହୁ ସମ୍ପାରେ ସେ ରାଜ୍ୟ ହୋଇଲା ପ୍ରବେଶ ॥
ଅମର ଭୁବନ ପ୍ରାୟେ ସେହୁ ଦେଖାଯାଇ ।
ସମଦଣ୍ଡ ସେନା ମୈଷା ବିଜେ କଲା ତହିଁ ॥
ମେଢ଼ ମଣ୍ଡପ ଜଗତୀ ଭାଙ୍ଗିଲେ ସକଳ ।
ହାଟ ବାଟ ଚୂର ସବୁ କଲେ ମୈଷା ଦଳ ॥
ମନ୍ତ୍ରୀ ବାରତା କହଇ ଶୁଣ ନୃପନାଥ ।
ତୋ ଦେଶରେ ପଶିଲା ସେ ମହିଷା ଦଇତ ॥
ଧୂମ୍ରକେତୁ ପଚାରଇ କିମର୍ଥେ ଆସଇ ।
ପୀରତି କରିବ କିବା ଯୁଦ୍ଧକୁ ଇଚ୍ଛଇ ॥
ରାଜାର ଆଗେ କହଇ ମନ୍ତ୍ରୀ ସେ ଏସନ ।
ସୋଦର ଅଟଇ ତୋର ସେହୁ ନୃପରାଣ ॥
କନ୍ୟାସ ନରପତି ସେ ବଶିଷ୍ଠଙ୍କ ଶାପେ ।
ଦନୁଜ ରୂପ ବହିଲା ଅତ୍ୟନ୍ତ ପ୍ରତାପେ ॥
କନ୍ୟାସ ନୃପତିବର ହୋଇଲେକ ରକ୍ଷ ।
ତାହାର ନନ୍ଦନ ହେଲା ଜାଣ ମନ୍ଦାକ୍ଷ ॥
ମନ୍ଦାକ୍ଷର କୁମର ହେଲେ ରକ୍ଷ ଭକ୍ଷ ।
ହେତି ପ୍ରହେତି ବୋଲିଣ ତାଙ୍କ ବେନି ବହି ॥
ଏହାଙ୍କର ପୁତ୍ର ବଜ୍ରଅଙ୍ଗ କାଳାନଳ ।
ମାଳି ସୁମାଳି ମାଲ୍ୟ ସେ ଏହାଙ୍କର ବାଳ ॥
ମାଳିର ସନ୍ତତି ନାମ ଦମନ ସେ ଦାନବ ।
ତାହାର ନନ୍ଦନ ନାମ ମାତଙ୍ଗ ଜାଣିବ ॥
ମାଲ୍ୟବନ୍ତ ରହିଥିଲା ଲଙ୍କା ନାମ ପୁରେ ।
କରଞ୍ଜ ଦ୍ୱୀପେ ରହିଲା ମାଧବର ଡରେ ॥
ମାତଙ୍ଗର ପୁତ୍ର ଅଟେ ବିଶାଳଲୋଚନ ।
ବିଶାଳଲୋଚନ ପୁତ୍ର ହୋଇଲା ହିରଣ୍ୟ ॥
ହିରଣ୍ୟତନୟ ନାମ ଗୋଟି ବୈଲୋଚନ ।
ବଇଲୋଚନର ପୁତ୍ର ବଳୀ ଉତପନ୍ନ ॥
ବଳୀର ତନୟ ସେ ମଦନ ବିମୋଚନ ।
ତାହାର ତନୟ ଅଟେ କାଳବିମୋଚନ ॥
କାଳବିମୋଚନସୁତ ଭୂମ୍ନେ ଅଟେ ସୁତ ।
ଭୂମ୍ନର ତହୁଁ ସେ ଧୂମ୍ରଲୋଚନ ସଞ୍ଜାତ ॥
ମନ୍ତ୍ରୀ ତାକୁ କହିଲେକ ବାରତା ଏମନ୍ତ ।
ତାହାର ତୋହର ଏକବଂଶରେ ସମ୍ଭୂତ ॥
ମନ୍ତ୍ରି ବଚନେ ଆନନ୍ଦ ଧୂମ୍ରକେତୁ ହୋଇ ।
ଧୂମ୍ରଲୋଚନ ନାମରେ ସୁତ ହକରାଇ ॥
ପାରିଦଣ୍ଡ ମାନ ଘେନି ବାବୁ ଏବେ ଯାଅ ।
ମହିଷାସୁର ସଙ୍ଗରେ ପ୍ରୀତି ଉପୁଜାଅ ॥
ପିତାର ବଚନ ବେଗେ ସେ ଧୂମ୍ରଲୋଚନ ।
ଘେନିଲାକ ନାନାବିଧ ରତନ ବସନ ॥
ବିଜେ ମହିଷା ଅସୁର କରଞ୍ଜଦ୍ୱୀପରେ ।
ଧୂମ୍ରଲୋଚନ ପ୍ରବେଶ ହେଲା ତା ପାଶରେ ॥
ଅନେକ ଯୋଗାଡ଼ମାନ ମୈଷାସୁର ଦେଖି ।
କରଞ୍ଜଦ୍ୱୀପ ନୃପତି କୋପ ସେ ଉପେକ୍ଷି ॥
ନରପତିକୁ କହଇ ମନ୍ତ୍ରୀ କାନ୍ତମାଳା ।
ଏ ଧୂମ୍ରଲୋଚନ ଧୂମ୍ରକେତୁ ନୃପବଳା ॥
ତୋହର ତାହାର ପ୍ରୀତି ଉପୁଜିବା ଅର୍ଥେ ।
ଦେଖାଦରଶନୀ ଧନ ଆଣିଅଛି କେତେ ॥
ସାମାଧାନ ଦେଇ ତୋତେ ହେଉଛି ବିନୟେ ।
କରଞ୍ଜଦ୍ୱୀପତି ସାଧି ଏବେ ତୋର ହୋଏ ॥
ଶୁଣି ଦୟା କଲା ମୈଷାସୁର କଉଣପ ।
ଦେଖି ଦ୍ରବ୍ୟମାନ ତୋଷ ହୋଇଲା ଅମାପ ॥
ମହିଷାସୁରକୁ ଧୂମ୍ରଲୋଚନ ପ୍ରଣମି ।
ଦର୍ଶନେ ପ୍ରସନ୍ନେ ସ୍ୱାମି ରଖ ପାରମଣି ॥
ବଚନ ଶୁଣି ସାନନ୍ଦ ହେଲା ମହାରାଜ ।
ଆସ ଆସ ତୁ ମୋ ପ୍ରାଣସଖା ରେ ତନୁଜ ॥

Digitized by srujanika@gmail.com

ଅନେକ ବନସ୍ତେ ଧୂମ୍ରନେତ୍ର କରେ ସେବା ।
ଅମ୍ବର ଅସ୍ଥାନେ ଦେବ ବଜସ୍ତୁ କରବା ॥
ସମଦଣ୍ଡ ଘେନାଣ ସେ ମୈଷାସୁର ସାର ।
ତା ଅସ୍ଥାନେ ବଜେ କଲା ପ୍ରତାପୀ ଅସୁର ॥
ଧୂମ୍ରନେତ୍ର ପିତା ଧୂମ୍ରକେତୁ ଯେ ରାଜନ ।
ମହିଷାସୁରଙ୍କୁ କଲା ପୂଜାବିଧିମାନ ॥
ପୂଜାରେ ବହୁ ଉତ୍ସବ କରାଇଲା ରାଜ୍ୟେ ।
ବହୁ ସମ୍ପଦରେ ପୂଜା କରଲା ତା ପାଦ୍ୟେ ॥
କରଞ୍ଚ ଦ୍ୱୀପେ ମହିଷା ପାଞ୍ଚଦିନ ରହି ।
ବଢ଼ାଇ ସମ୍ପଦେ ରାଜା କରଇ ମଣୋହି ॥
ବେନ ପଦ୍ମ ସୈନ୍ୟଙ୍କୁ ସେ ଦେଲାକ ଭୋଜନ ।
ମହିଷାସୁର ରାଇଲା ସେ ଧୂମ୍ରଲୋଚନ ॥
ଶ୍ରାହ୍ୱଜେ ମହିଷା ତାକୁ ଶାଢ଼ୀଦେଲା ଯାଚ ।
ବୋଇଲା ତୁହି ମୋ ରଥେ ହୋଇବୁ ସାରଥି ॥
ଏତେ କହିଣ ତାହାକୁ ସଙ୍ଗତରେ ଘେନ ।
ବାହୁଡ ସିହଳ ଦ୍ୱୀପେ ବଜେ କଲା ପୁଣି ॥

## ଚଣ୍ଡମୁଣ୍ଡ ସଙ୍ଗେ ମହିଷାସୁରର ଯୁଦ୍ଧ ଓ ପରାଜୟ ।

ଶୁଣ ପରୀକ୍ଷିତ ମୈଷାସୁର ନୃପମଣି ।
ଧ୍ୱଜବଜେ କରେ ସମଦଣ୍ଡ ପୁଣି ଘେନ ॥
ତୁଲ କାର୍ତ୍ତିକ ପୌର୍ଣ୍ଣମୀ ଅଟେ ଚନ୍ଦ୍ରବାର ।
ରୋହିଣୀ ନକ୍ଷତ୍ର ଭୋଗ ଅଟେ ସେ ଦିନର ॥
ବାଣିଜ୍ୟ ନାମେ କରଣ ଧ୍ରୁବନାମ ଯୋଗେ ।
ଦଣ୍ଡସାଇଁକେ ମୈଷାସୁର ମନ ଉଦବେଗେ ॥
ସାରଘଣ୍ଟ ସାରତୂର ଢମକ ନଗାରି ।
ବଜାଇ ବାହାର ହେଲେ ମୈଷାସୁର ସୈନ ॥
ଅଶୀଲକ୍ଷ ଯୋଦ୍ଧା ସଙ୍ଗେ ସାତବୃନ୍ଦବଳ ।
ସେ ଯୋଦ୍ଧାମାନଙ୍କର ଯେ ବାହନ ଶାର୍ଦ୍ଦୂଳ ॥
କୁନ୍ତ ଖଡ୍ଗ ଶାବେଳ ଛେଲ ଚକ୍ରମାନ ।
ଧରିଥିଛନ୍ତି ଯେ ନାନାବିଧ ଶସ୍ତ୍ରଗଣ ॥
ଜାଠ ଶକ୍ତି ଶର ଗଦା ଭଲ ତୀକ୍ଷ୍ଣମୁନା ।
ଏକକୁ ଅନେକ ତହିଁ ନ ଯାନ୍ତି ଗଣନା ॥
ବହୁତ ବଳ ଚପଳେ ଚଳାନ୍ତେ ସେ ଆଟ ।
ଆକାଶ କମ୍ପି ଉଠଇ କମ୍ପେ ଧରୁସୃଷ୍ଟି ॥

ଅନେକ ସମ୍ପଦବରେ ପଇନ ପଲାଣି ।
କମ୍ପନ୍ତି ମହିଷା ବଳେ ଶୁଣି ନୃପଶ୍ରେଣୀ ॥
ଦେବଙ୍କୁ ଦୁର୍ଲଭ ଅଟେ ମହିଷା ମହିମା ।
ଯାହା ସେ ସର୍କ୍କନା କରୁଛନ୍ତି ବେଦବ୍ରହ୍ମା ॥
ଦୁଷ୍ପ୍ରାପ୍ୟ ବର ତାହାକୁ ଦେଲେ ଯେଣୁ ଧାତା ।
ମହିଷା ହୋଇଲା ତେଣୁ ଜଗତରେ ଜିତା ॥
କୁଶ ଦ୍ୱୀପକୁ ସେ ପୁନ କରଲା ପ୍ରୟାଣ ।
ପାଦଭରେ ବସୁନ୍ଧରା ହୁଏ କମ୍ପମାନ ।
ପ୍ରଚଣ୍ଡାସୁର ବୋଲିଣ କୁଶଦ୍ୱୀପ ରାଜ୍ୟେ ।
ମହାବଳବନ୍ତା ସେହୁ ଶିବ ବର ପାଏ ॥
ବଢ଼ାଇ ସମ୍ପଦେ ପୂର୍ଣ୍ଣ ତାହାର ଭୁବନ ।
ଦ୍ୱିତୀ କୈଳାସ ଜାଣି ଅଟେ ସେହିସ୍ଥାନ ॥
ତା ମହିମା ଯେତେ କହିଲେତ ନ ସରଇ ।
ଦ୍ୱିତୀ ସ୍ୱର୍ଗପର ତାର ଭୁବନ ଦିଶଇ ॥
ବଢ଼ାଇ ଧାର୍ମିକ ସେହି ପ୍ରଚଣ୍ଡା ଅସୁର ।
ଭସ୍ମ ଭୂଷଣ ଶରୀର ଶିରେ ଜଟାଭାର ॥
କକ୍ଷା ବାସ ଆଭରଣ କଣ୍ଠରେ ପଇତା ।
ତ୍ରିଶୂଳ ଡମରୁ ପର୍ଶୁ ଖଟ୍ୱାଙ୍ଗ ଧରନ୍ତା ॥
ଚଉଦ କୋଟି ତାହାର ବଳ ଯାଉଥାନ ।
ମୃତ୍ୟୁଜତା ନ ଜାଣନ୍ତି ସେ ଯମ ଭୁବନ ॥
ଗୁଳଣି ସପ୍ତ ଯୋଜନ ଦ୍ୱୀପ ଅଯୁତନ ।
ଗୁର ସହସ୍ର ତହିଁରେ ବସନ୍ତି ରାଜନ ॥
ସମଦଣ୍ଡ ଘେନଣ ଯେ ଷଠନ୍ତି ରାଜାଙ୍କୁ ।
ସର୍ବଜନେ ସେବନ୍ତି ଯେ ପ୍ରଚଣ୍ଡାସୁରକୁ ॥
ଶିବଙ୍କ ପ୍ରସାଦେ ସେହୁ ହେଲା ମହାରାଜା ।
ଈଶ୍ୱର ଦେବଙ୍କୁ ନିତ୍ୟ କରଇ ସେ ପୂଜା ॥
ଅନେକ ଦନୁଜବଳ ଘେନ ସଙ୍ଗତରେ ।
ବଜେ ମହିଷା ଅସୁର ତାହାର ରାଜ୍ୟରେ ॥
ରାଜାର ଆଗେ ଯାଇଣ କହେ ମନ୍ତ୍ରିବର ।
ଭୋ ଦେବ ତୋ ରାଜ୍ୟେ ପଶେ ମହିଷାଅସୁର ॥
ବଢ଼ାଇ ପ୍ରତାପୀ ମୈଷାସୁର ନୃପନାହା ।
ଅମର ବର ଦେଇଛି ତାକୁ ଅଷ୍ଟବାହା ॥
ଦୁର୍ଦ୍ଦାନ୍ତ ଅସୁର ସେହୁ କଷା ଜଗକ୍ଷେତ୍ରେ ।
କାଳାନ୍ତକ ପ୍ରାୟେ ତୋର ନଗରକୁ ଘୋଟି ॥
ସତ୍ୟଯୁଗ ଅନ୍ତକଲ୍ପ ତୋର ପୁଣ୍ୟବଳେ ।
ଅପାର ଥାଇ ଅପିଣ ଧଣେ ଏତେକାଳେ ॥

Digitized by srujanika@gmail.com

ସଂଗ୍ରାମ କରିବା କିବା କରିବାଟି ସନ୍ଧି ।
ତୁ ସର୍ବଜ୍ଞ ନାଥ ଦେବ ଜାଣୁ ସର୍ବବିଧି ॥
ଏମନ୍ତେ ସେ ଶିବପାଦ ମନ୍ତ୍ରୀ ତା ବୁଝାଇ ।
ମତ୍ୟ ପୁରରୁ ପ୍ରଚଣ୍ଡାସୁରକୁ ଖଟଇ ॥
ଅନେକ ପ୍ରକାରେ ତାଙ୍କୁ କହେ ମନ୍ତ୍ରିବର ।
ପ୍ରୀତି ଅପ୍ରୀତି କି ଦେବ ବୁଝିବା ତାହାର ॥
ମହିଷାସୁର ଯେ ଅଛି ମହାନଦୀ କୂଳେ ।
କରୁଣାକର ନାମରେ ଏକ ବଟମୂଳେ ॥
ରାଜାକୁ ବୁଝାଇ କହେ ଶିବପାଦ ମନ୍ତ୍ରୀ ।
ମୁହିଁ ଯିବ କହେ ଦେବ ମୈଷାସୁର କତି ॥
ପ୍ରସ୍ଥାନକଲା କାହିଁକି ଅସୁର ପୁରକୁ ।
ସନ୍ଦେଶ ବୁଝିବା ଦେବ ଅସୁର ତାହାକୁ ॥
ପୀରତି ହେଲେ ସମ୍ବନ୍ଧ ତା ସଙ୍ଗେ କରିବା ।
ଦୁଷ୍ଟମତି ଦେଖିଲେ ତା ସଙ୍ଗରେ ଯୁଝିବା ॥
ମନ୍ତ୍ରିମୁଖୁ ଶୁଣି ବୋଲେ ସେ ପ୍ରଚଣ୍ଡା ରାଜେ ।
ବୁଝ ତୁମ୍ଭ ମନକୁ ହୋ ଯେମନ୍ତ ଯୋଗାଏ ॥
ନୃପ ଆଜ୍ଞା ପାଇ ଶିବପାଦ ମନ୍ତ୍ରିବର ।
ମୈଷାସୁର ପାଶେ ଗଲା ଘେନି ଉପହାର ॥
ଅଗ ଦଣ୍ଡେ ରହିଥିଲେ ଗୃମର ବେମାଳ ।
ବତିଶ ଅର୍ବୁଦ ସଙ୍ଗେ ଅଛନ୍ତି ତା ବଳ ॥
ଅନେକ କନକ ରତ୍ନ ଆଭରଣ କାନ୍ତେ ।
ସବୁଅସୁର ଦଶନ୍ତି ବୃନ୍ଦାରକ ପ୍ରାନ୍ତେ ॥
ଉପହାର ଦେଖି ତାର ଗୃମର ବେମାଳ ।
ଜଣାଇଲେ ଯାଇ ବେଗେ ମୈଷାମହାମଲ୍ଲ ॥
ଗୃମର ବେମାଳ ଯାଇଁ ସନ୍ନିଧିରେ ମିଳ ।
କହିଲେ ଖୁସୁରେ ପ୍ରୀତି ଯୋଗାଡ଼ ଏ ବୋଲି ॥
ପ୍ରଚଣ୍ଡାସୁରର ଏଥୁ ଅଟଇ ଯେ ମନ୍ତ୍ରୀ ।
ତୁମ୍ଭ ତହିଁକି ଆଇଲା ସମାଧାନ ଘେନି ॥
ଶୁଣି ଗୃମର ବେମାଳେ ରାଜା ପ୍ରଶଂସଇ ।
ବେମାଳିତ ଶରୀରରେ ନଖେ ହାତ ଦେଇ ॥
ଗୃମର ବେମାଳେ ପୁଣି କହିଲେ ରାଜାକୁ ।
ଶିବପାଦ ଦରଶନ କରିବ ତୁମ୍ଭଙ୍କୁ ॥
ଅଜନ୍ମ ପରଂ ବୈଷ୍ଣବ ଅଟଇଟି ସେହି ।
ସତ୍ୟଯୁଗ ରାଜା ତାର ସମ ନାହିଁ କେହି ॥
ଅଜନ୍ତ ସେ ବୋଲି ଆଜ୍ଞା ଦେଲା ମୈଷାସୁର ।
ତାହାର ମୋହର ଯେବେ ପୀରତି ବେଭାର ॥

ଶୁଣି ଅତି ଆନନ୍ଦିତ ହୋଇଲାକ ମନ୍ତ୍ରୀ ।
ଉପହାର ଥୋଇ କହେ ବିନମ୍ର ଭାରତୀ ॥
ମନ୍ତ୍ରୀ ବୋଇଲା ଶ୍ରେ ଦେବ ଶୁଣ ମୈଷାସୁର ।
ପ୍ରଚଣ୍ଡାସୁର ନୃପତି ଆଜ୍ଞା ହେଲା ତୋର ॥
ସେ ଶିବଙ୍କ ଶିଷ୍ୟ ତୁହି ବ୍ରହ୍ମାଙ୍କର ଶିଷ୍ୟ ।
ତାହାର ତୋହର ହେବ ପୀରତି ଅଶେଷ ॥
ମହିଷାସୁର ବୋଇଲା ଶୁଣ ମନ୍ତ୍ରିବର ।
ରାଜାର ଆଗରେ ଯାଇଁ ଜଣାଅ ତୋହର ॥
ମୋହର ସେନାପତି ସେ ବୀର କାନ୍ତମାଳା ।
ସିଂହଳ ଦ୍ୱୀପ ନୃପ ଏ ଅଟେ ଅନର୍ଗଳା ॥
ମୋତେ ଖଟଲାକ ସେହୁ ସର୍ବ ସୈନ୍ୟ ଘେନି ।
ସିଂହଳ ଦ୍ୱୀପ ନୃପତି ହେଲା ମୋତେ ମାନି ॥
ଏ କୁଶଦ୍ୱୀପରେ ପୁଣି ପ୍ରଚଣ୍ଡା ଯେ ରାଜା ।
ଚଣ୍ଡ ମୁଣ୍ଡ ନାମେ ବେନି ତାହାର ଅସ୍ୱଜା ॥
ତାହାର ମୋହର ଯେବେ ହୋଇଲା ପୀରତି ।
ମୋତେ ସେହୁ ଦେବ ଚଣ୍ଡ ମୁଣ୍ଡ ଯେ ଦୁହିନ୍ତି ॥
ତାର ମୋର ପୀରତି ଯେ ଥିବାକ ସର୍ବଦା ।
ଚଣ୍ଡ ମୁଣ୍ଡ ବେନି ଦୁଇ ରଖୁ ମୋର ଛନ୍ଦା ॥
ପ୍ରଚଣ୍ଡାସୁର ନୃପତି ନ ଦେଲେ ତାହାନ୍ତି ।
ସଂଗ୍ରାମ ତାହାର ତୁଲେ କରିବ ବହୁତ ॥
ମାରିବ ସକଳ ସୈନ୍ୟ ଉଜାଡ଼ିବ ଦେଶ ।
ଯୋଦ୍ଧାମାନଙ୍କର ସବୁ କାଟିବ ମାଉଁସ ॥
ପ୍ରତିଜ୍ଞା କରେ ଅପାର ଓଷ୍ଠେ ଦନ୍ତ ଚପି ।
ଆକାଶ ମାର୍ଗକୁ ମୈଷାସୁର ଶିର ବ୍ୟାପି ॥
ବେନିଲୋଚନ ତାହାର ପ୍ରତ୍ୟକ୍ଷେ ବହ୍ନି ।
ଆକାଶ କମ୍ପିଲା ମୈଷାସୁର ତେଜ ଘେନି ॥
ବାହୁଡ଼ଇ ମନ୍ତ୍ରୀ ମନେ ତାପ ବହୁ ପାଇ ।
ରାଜାକୁ କହିଲା ସମ ତାକୁ କେହି ନାହିଁ ॥
ନିମିଷକରେ ଘୋଟି ସେ ପାରଇ ଜଗତ ।
ମହାଦୁର୍ଦ୍ଦାନ୍ତ ଅଟଇ ସେ କପିଳ ସୁତ ॥
ମନ୍ତ୍ରୀବୋଲେ ବ୍ରହ୍ମା ସହି ନ ପାରେ ତା କୋପ ।
ମଇଁଷିର ମୁଣ୍ଡଗୋଟା ମନୁଷ୍ୟ ସ୍ୱରୂପ ॥
ବୋଇଲା ତାହାର ମୋର ହେବ ଯେବେ ପ୍ରୀତି ।
ମୋତେ ଦେଇଯିବ ଚଣ୍ଡ ମୁଣ୍ଡ ଯେ ଦୁହିନ୍ତି ॥
ମୋର ଥାଟେ ସେନାପତି ହୋଇବେ ସେ ବେନି ।
ତାହାଙ୍କୁ ଘେନିଣ ମୁଁ ଯେ ସାଧିବ ମେଦିନୀ ॥

Digitized by srujanika@gmail.com

ପ୍ରଚଣ୍ଡାସୁର ତହିଁରେ କଲା ଅଯତ୍ନ ।
ପୁଅଙ୍କୁ ଦେଇ ନ ପାରେ କଦାପି ହୋ ମନ୍ତ୍ରି ॥
ଋଣତ ହୋଇ କାହିଁକି ଦେବଇଁ ଅସ୍ୱଜା ।
ମନ୍ତ୍ରୀକି ବୋଇଲା ମୋର ଦଣ୍ଡକୁ ସାଜ ଯା ॥
ରାଜା ଆଜ୍ଞାରେ ଶୁଭିଲା ସାଜ ସାଜ ଧ୍ୱନି ।
ସାଜିଲେ ସମର ରୁଦ୍ର ପ୍ରତାପ ସଇନ ॥
କରେ ସବୁ ଯୋଦ୍ଧାଙ୍କର ତ୍ରିଶୂଳ ଶକତ ।
ବାଦ୍ୟ ଡମରୁ ବଜାନ୍ତି ହୋଇ ଉଗ୍ରମୂର୍ତ୍ତି ॥
ଧବଳ ଶରୀରବେନି ପାଦ ଚତୁର୍ଭୁଜ ।
ପୃଥିବୀ ଯାକ ପୂରିଲା ଯୋଦ୍ଧାଙ୍କର ତେଜ ॥
ନଉକୋଟି ଡମରୁ ଯେ ବଜାନ୍ତି ସେ ବଳୀ ।
ସ୍ୱରଗ ମର୍ତ୍ତ୍ୟ ପାତାଳ ତ୍ରିପୁର ଉଚ୍ଛୁଳି ॥
ବୃଷଭମାନ ଯେ ଚଢ଼ିଛନ୍ତି ସର୍ବସାର ।
ବିଭୂତି ଲେପନ ହୋଇ ଅଛନ୍ତି ଶରୀର ॥
ପ୍ରଚଣ୍ଡ ବଳ ତାହାର ମହା ମହା ସେନା ।
ସମର ସମ୍ମୁଖେ ସେହି ନ ଯାନ୍ତି ଗଣନା ॥
ମହିଷା ସଇନ ଦୁଇ ସାଗରତ ଜାଣି ।
ଗଗନ ଉଚ୍ଛୁଳ କରୁ ମୁଖରବ ଧ୍ୱନି ॥
ଏ ବିଧିରେ ବେନିବଳ ହେଲେ ଭେଟାଭେଟ ।
ଲାଗିଲାକ ରଣ ଘୋର ସେ ନଦୀର ତଟ ॥
ହେ ପରୀକ୍ଷ ବ୍ୟାଘ୍ରେ ବ୍ୟାଘ୍ରେ ଚଢ଼ି ଚଣ୍ଡ ମୁଣ୍ଡ ।
କରେ ଗଦା ଘେନିଣ ସେ କୋପରେ ପ୍ରଚଣ୍ଡ ॥
ପ୍ରତିଜ୍ଞା କରିଲେ ଦୁହେଁ ପିତାର ଅଗ୍ରତେ ।
ତୁମ୍ଭର ଜୟ ସମର ଅମ୍ଭର ଥାଆନ୍ତେ ॥
ପ୍ରଚଣ୍ଡାସୁର ପୁତ୍ରଙ୍କୁ ପାଶରେ ବସାଇ ।
କହଇ ମହିଷାସୁର ତୁମ୍ଭଙ୍କୁ ମାଗଇ ॥
ତୁମ୍ଭେ ଘରେ ରହିଥାଅ ଆରେ ବେନିବଳା ।
ପୁଅଙ୍କୁ ରଖାଇ ତହୁଁ ନୃପତି ଚଳିଲା ॥
ବାଜିଲାକ ବଜଘୋଷ ଦୁନ୍ଦୁଭି ଯେ ଢୋଲ ।
ରେଢ଼େକାରେ ଧାଉଁଛନ୍ତି ସେନା ଦଳ ଦଳ ॥
ବେନି ସଇନ ସମରେ ହେଲେ ଏକମୁଖ ।
ବିହରନ୍ତି ଦାନବେ ଯେ ପାଇ ଅତି ସୁଖ ॥
କାନ୍ତିମାଳା ଜଣାଏ ଯେ ଭେ କେଶରବର୍ଣ୍ଣି ।
ପୁତ୍ରଙ୍କୁ ମାଗନ୍ତେ ରାଜା ସମରକୁ ଅସି ॥
ମୈଷାସୁର ବଳ ବୋଲେ ସମର ବେମାଳେ ।
ପ୍ରଚଣ୍ଡାସୁରକୁ ତୁମ୍ଭେ ଓଗାଳ ଏକାଳେ ॥
ଚଣ୍ଡମୁଣ୍ଡ ନ ହେଲେତ ମୋର ଜୟ ଥିବ ।
ବ୍ରହ୍ମାର ବର କି ମୋର ବିଫଳ ହୋଇବ ॥
ପଚଶ ମେଚ୍ଛ ମୋର ତୁଲେ ସେନା ଅଛ ।
ଏତେ ବୋଲି ମୈଷାସୁର ଧାଏଁ ଅନ୍ତରୀକ୍ଷ ॥
କଟକ ପଶ୍ଚିମେ ଥିଲେ ଚଣ୍ଡମୁଣ୍ଡ ବେନି ।
ପକ୍ଷୀପରି ମୈଷାସୁର ଉଡ଼େ ସୈନ୍ୟ ଘେନି ॥
ଚଣ୍ଡମୁଣ୍ଡଙ୍କୁ ଦେଖିଣ ଧାଇଁ ସେ ପଡ଼ିଲା ।
ଧରିବାକୁ ଲକ୍ଷେ ପୁର କରିଣ ବେଢ଼ିଲା ॥
ଯୁଦ୍ଧଶ ସମୃଦ୍ଧ ଘେନି ଚଣ୍ଡ ମୁଣ୍ଡ ବୀରେ ।
ଜଳକ୍ରୀଡ଼ା କରୁଥିଲେ ଅତି ମୋଦଭରେ ॥
ଅସୁର ବଳ ଦେଖିଣ କୋପେ ପରଚଣ୍ଡ ।
ବେନି କରେ ଧରି ବେନି ଲୌହସାର ଦଣ୍ଡ ॥
ଗଦାକୁ ବୁଲାଇ ନଦୀ ମଧ୍ୟୁ ବୀରେ ଉଠି ।
କେଶ ଚାଷ ଅସମ୍ଭାଳେ ଦୃଢ଼କରି ମୁଷ୍ଟି ॥
ଅବର୍ଦ୍ଦେ ଯୋଦ୍ଧା ସଙ୍ଗତେ ଘେନି ବୀରବେନି ।
ସମର କରନ୍ତି ହସ୍ତେ ଗଦାବର ଘେନି ॥
ଦେଖି ରହ ରହ ବୋଲି ବୋଇଲା ମହିଷା ।
ବାଳ ବୟସରେ ଏଡ଼େ ତୁମ୍ଭର ଭରସା ॥
ସେନାଗଣ ଶୁଣ ମୈଷା ଅସୁର ବୋଲଇ ।
ଏହାଙ୍କୁ ଦେଖି ମୋ ଦେହ ଉତ୍ଫୁଲ୍ଲ ହୁଅଇ ॥
ପ୍ରାଣେ ନ ମାର ଏହାଙ୍କୁ ବେଗେ ଧର ବେଢ଼ି ।
ରାଜ୍ୟକୁ ନେବା ଅମ୍ଭର ନ ଯିବାଟି ଛାଡ଼ ॥
ରାଜା ବଚନେ ବେଢ଼ିଲେ ଯାଇଁ ସର୍ବସେନା ।
ମହା ପ୍ରତାପୀ ସେମାନେ ଏକୁଁ ଏକ ଜଣା ॥
ବଜ୍ରଘାତ ପ୍ରାୟେ ଚଣ୍ଡମୁଣ୍ଡଙ୍କର ମୁଷ୍ଟି ।
ପ୍ରହାର କରନ୍ତେ ସୈନ୍ୟ ପଡ଼ କୋଟି୨ ॥
ଗଦାବର ଘାତେ ସେନା ହୋନ୍ତି ମସିଗୁଣ୍ଡା ।
ରଣେ ବିହରନ୍ତି ବେନି କୁଶଦ୍ୱୀପ ଖଣ୍ଡା ॥
ଅଧର ପୃଷ୍ଟ କରନ୍ତେ ପୃଥିବୀ ଥରଇ ।
ତାଙ୍କ ଆଗେ ଦୈତ୍ୟବଳ ନ ରହନ୍ତି କେହି ॥
ବୁଲାଇଣ ଗଦାବର ପ୍ରହାର କରନ୍ତି ।
ଏକ ପ୍ରହାରକେ ଦଶ ପଚଶ ପଡ଼ନ୍ତି ॥
କରନ୍ତି ସମର ଦୁହେଁ ଅତିହିଁ ବିରୋଧି ।
ଘଡ଼କେ ପଡ଼ିଲେ ବେନି ସତ୍ର ମହାଯୋଧୀ ॥
ମୈଷାସୁରସୈନ୍ୟ ହେଲେ ଛେଳପଲ ପ୍ରାୟେ ।
ମହାମତ୍ତ ବ୍ୟାଘ୍ର ଜାଣି ପଚଣ୍ଡା ଚନ୍ଦ୍ରେ ॥



Digitized by srujanika@gmail.com

ବେଢ଼ିବେଳ ତାହାଙ୍କର ତେଜ ପ୍ରକାଶଇ ।
ସଇନ ମାରନ୍ତି ଚଣ୍ଡମୁଣ୍ଡ ବେନି ଭାଇ ॥
କଠୋର ଦେଖି ମହିଷାସୁର ଯେ ଉଠଇ ।
ଶର ବୃଷ୍ଟିକର ସୃଷ୍ଟିଯାକ ନରୋଧଇ ॥
ଶର ପଡ଼ନ୍ତେଣ ସେହି ... କରନ୍ତି ଭସ୍ମ ।
ଈଶ୍ୱର ବରେ ଅମର ଅଟେ ତାଙ୍କ କାୟେ ॥
ବଜ୍ରରେ ନିର୍ମାଣ ଅଟେ ଚଣ୍ଡମୁଣ୍ଡ ଅଙ୍ଗ ।
ସମସ୍ତ ଶସ୍ତ୍ର ପଡ଼ଣ ଅଙ୍ଗେ ହୋନ୍ତି ଭଙ୍ଗ ॥
ଶସ୍ତ୍ର ବାଜବାର ଦେଖି ଭଦ୍ରି ମହାବଳୀ ।
ମୈଷାସୁର ସୈନ୍ୟ ସବୁ ପିଷି କଲେ ଧୂଳି ॥
ଅପାନ୍ତ ସମର ସେ ଯେ କରନ୍ତି ନପ୍ରୋଧି ।
ପ୍ରହରକ ଭିତରେ ଯେ ପଡ଼ି ସବ ଯୋଧି ॥
ନାସ୍ତିରେ ପୁଣି ମହିଷା ସବ ଦଗ ରୁନ୍ଧ ।
ମହା ବଳଷ୍ଠ ଦାନବ ଅଟେ ଅସୁରାଧି ॥
ଆକାଶ ଅନ୍ଧାର କଲା ଶର କର ବୃଷ୍ଟି ।
ପ୍ରାଣେ ମାରିବ ବୋଲି ସେ ମୈଷାସୁର ଉଠି ॥
ସମରେ ଅନିବାର ଯେ ଚଣ୍ଡ ମୁଣ୍ଡ ବେନି ।
ପୁଣି ସମରେ ମାଇଲେ ଅନେକ ସଇନ ॥
ଅର୍ବୁଦେକ ଯୋଦ୍ଧା ମୈଷାସୁର ସଙ୍ଗେ ଥିଲେ ।
ଚଣ୍ଡମୁଣ୍ଡ ମାରନ୍ତେ ସେ ସବ କ୍ଷୟ ଗଲେ ॥
ପବନକୁ ବ୍ୟଗ୍ରକର ପଞ୍ଚୁଡ଼ନ୍ତି ଗଦା ।
ମହିଷାସୁର ସଇନ ମାର କଲେ ସଦା ॥
ରକତରେ କର୍ଦ୍ଦମ ଯେ ମେଦନୀ ହୋଇଲା ।
ମୈଷାସୁର ସଇନରୁ କେହି ନ ରହିଲା ॥
ଦେଖି ମହିଷାସୁରର ନ ଫୁରଇ କଛି ।
ଭଗ୍ନବଳ ଯେସନ ମୈଷାସୁର ପଳାଉଛି ॥
କାନ୍ତିମାଳାକୁ ଡାକାଇ ମହିଷା ଅସୁର ।
କହିଲାକ ଯେସନ୍ତେ ଚଣ୍ଡମୁଣ୍ଡଙ୍କ ସମର ॥
ଯୁଝିଲେ ନ ଜିଣିବାତ ଏହାଙ୍କୁ ସର୍ବଥା ।
ଶୁଣି କାନ୍ତିମାଳା ମନେ ପାଇ ବଡ଼ ବ୍ୟଥା ॥
ମହିଷା ବୋଇଲା ଏବେ କର ଆନ ବୁଦ୍ଧି ।
ଏହାଙ୍କ ସଙ୍ଗରେ ଅମ୍ଭେ କରିବା ଯେ ସନ୍ଧି ॥
ଗୃହର ବେମାନେ ଭଣି ପୀରତ କରିବା ।
ଋଣଶୁଦ୍ଧ ହୋଇ ଛାମୁକୁ ତାହାଙ୍କର ଯିବା ।
ବନ୍ଧୁପଣ ଲଗାଇଣ ସମାଧା କରିବା ।
ସନ୍ଧି ନୋହିଲେ ସମର ପଛେ ଆଚରିବା ॥

ଏମନ୍ତ ବିଗ୍ରହ ସେହି ତେଜ ଶସ୍ତ୍ରମାନ ।
ପାଦଗତ ହୋଇ କର କରିଲେ ଗମନ ॥
ରାଜା ଅଗ୍ରେ କହିଲା ମନ୍ତ୍ରୀ ଶିବପାଦ ।
ପାଦତଳେ ମିଳିଲା ଯେ ସକଳ ସମ୍ପଦ ।
ସମର ଛାଡ଼ ମହିଷାସୁର ଜୟ ଅଟଇ ।
ସନ୍ଧି ହୋଇଲା ଏଠାରେ କୋପ ନ ଯୋଗାଇ
ଏହା ଛାଡ଼ ତୁମ୍ଭେ କ୍ରୋଧ କରିବଟି ଯଦି ।
ପ୍ରୀତଭଗ୍ନ ଦୋଷେ କାର୍ଯ୍ୟ ନୋହିବ ଯେ ସିଦ୍ଧି
ମନ୍ତ୍ରୀ ବଚନେ ପ୍ରଚଣ୍ଡାସୁର ଯେ ଚଳଇ ।
ମହିଷାସୁରକୁ କୋଳ କରିଣ ବସାଇ ॥
ଶିବପାଦ କହେ ବସି ରାଜାଙ୍କଣ କଥା ।
ତୋର ତା'ର ସବୁଦିନେ ପୀରତ ବ୍ୟବସ୍ଥା ॥
ଶୁଣି ଆନନ୍ଦ ହୋଇଲା ମହିଷା ନୃପତି ।
କରାଇଲେ ବେନିଜନଙ୍କର ଅତିପ୍ରୀତ ॥
ମହିଷାସୁରକୁ ଯେନ ଯେ ପ୍ରଚଣ୍ଡାସୁର ।
ଭଜସ୍ୱେ କହିଲା ଯାଇଁ ଆପଣାର ପୁର ॥
ମାଲ୍ୟବନ୍ତ ଲେଖାରେ ତ ମୈଷାସୁର ନାତି ।
ପିତାମହ ହେଲା ତାର ପ୍ରଚଣ୍ଡା ନୃପତି ॥
ମହିଷାକୁ ଦେଲା ପୁଣି ଅନେକ ସମ୍ଭାର ।
ପ୍ରାଣୁ ଅଧିକ କରିଲା ସେ ପ୍ରଚଣ୍ଡାସୁର ॥
ପାଞ୍ଚଦିବସ ସେଠାରେ ରହିଲା ମହିଷା ।
ସିଂହଳ ଦ୍ୱୀପକୁ ପୁଣି ବଳାଏ ମନୀଷା ॥
ପ୍ରଚଣ୍ଡାଠାରେ କରଇ ବହୁତ ଭକତି ।
ସଙ୍ଗ ନ ଛାଡ଼ଇ ତାର ସଦା ଦିବାରାତି ॥
ଚଣ୍ଡମୁଣ୍ଡର ପୀରତ ମୈଷାସୁର ତୁଳେ ।
ହସି ବସିବା ଆଉ ଶଯ୍ୟା ଏକାବେଳେ ॥
ଦିନେ ମହିଷା ବୋଇଲା ପ୍ରଚଣ୍ଡାସୁରକୁ ।
ମୋ ସଙ୍ଗତେ ଦିଅ ପିତା ଏ ଚଣ୍ଡ ମୁଣ୍ଡଙ୍କୁ ॥
ମୋହଠାରେ ଦୟା ଯେବେ ଥାଏ ପିତାମହ ।
ତୋର ବେନି ପୁତ୍ରଙ୍କୁ ମୋ ସଙ୍ଗତରେ ଦିଅ ॥
ପ୍ରାଣୁ ଅଧିକ କରି ମୁଁ କରୁଥିବ ପୂଜା ।
ଏହାଙ୍କ ସାହାଯ୍ୟେ ଜିଣିବଇଁ ମୁଁ ଦେବରାଜା ॥
ଶୁଣି ସାନନ୍ଦ ହୋଇଲା ସେ ପ୍ରଚଣ୍ଡାସୁର ।
ଚଣ୍ଡମୁଣ୍ଡେ ସମର୍ପିଲା ମହିଷା ସଙ୍ଗର ॥
ପାଞ୍ଚଶତ ଅର୍ବୁଦ ଦେଲା ସେନାପତି ।
ଚଣ୍ଡମୁଣ୍ଡ ସମାନରେ ଦେଲା କୋଟି ହାତୀ ॥

Digitized by srujanika@gmail.com

ଏତେ ସୈନ୍ୟ ଘେନି ତହୁଁ ମହୀଷା ଚଳଇ ।
ବଡ଼ ସମ୍ଭ୍ରମେ ସିଂହଳ ଦ୍ୱୀପରେ ମିଳଇ ॥
ସନ୍ତୋଷେ ଅନେକ ଉତ୍ସବ କରାଇଣ ରାଜା ।
ଚଣ୍ଡମୁଣ୍ଡଙ୍କୁ ସାଦରେ କଲା ବହୁ ପୂଜା ॥
ଅହୋ ପରୀକ୍ଷିତ ଶୁଣ ଏକମନ କରି ।
ସିଂହଳଦ୍ୱୀପରେ ସେହୁ କରି ଏକପୁରୀ ॥
ଚାରିଲକ୍ଷ ଯୋଜନ-ତା ପୁରି ଅଯୁତନ ।
ସେ କଟକେ ଚଣ୍ଡ ମୁଣ୍ଡ ହୋଇଲେ ରାଜନ ॥
ନଗରେ ଥାଇ ମହିଷାସୁର ମହାରାଜେ ।
ଚଣ୍ଡମୁଣ୍ଡ ଦୁହେଁ ତାର କରନ୍ତି ଦିଗ୍‌ବିଜେ ॥
ଜୟ ଜୟ ଭଗବାନ ଭକତବତ୍ସଳ ।
ରାଜୀବଲୋଚନ ଜୟ ଜୟ ଆଦିମୂଳ ॥
ମନ ବଚନ କର୍ତ୍ତବ୍ୟେ ପରମ ସାନନ୍ଦେ ।
ଶ୍ରୀ ଜଗନ୍ନାଥଙ୍କ ନାମ ସ୍ଫୁରୁଥାଉ ହୃଦେ ॥
ପରମ ବ୍ରହ୍ମ ସ୍ୱରୂପ ମନେ ମୋର ସ୍ଫୁରେ ।
ଲୟ ରହିଥାଉ ମୋର ପ୍ରଭୁ ବାସୁଦେବେ ॥
ହେ ମହୋଦଧି ନିକଟ ନୀଳାଚଳବାସୀ ।
ଦେବକଳ୍ପ ବଟତଳେ ମୋତେ ଠାବ ଦେସି ॥
ନମାମି ନମାମି ନାରାୟଣ ଯାର ନାମ ।
ନରେ ନରକତାରଣ ଶ୍ରୀପୁରୁଷୋତ୍ତମ ॥
ବିଜେ ବଳରାମ ବଜ୍ର ଲଙ୍ଗଳକୁ ଧରି ।
ଚାଣୂର ମୁଷ୍ଟିକ ଆଦି ପ୍ରଳମ୍ବା ଯେ ମାରି ॥
ନିର୍ମଳ ନିର୍ମାୟ ନିରାକାର ରୂପ ଗୋଟି ।
ଜନ୍ମେ ଜନ୍ମେ ମୁଁ ତୁମ୍ଭର ପାଦେ ଥିବି ଖଟି ॥
ସରସ୍ୱତୀ କାମକଳା ସର୍ବଦା ମଙ୍ଗଳା ।
ମୋତେଂ ଦୟା କରିବେ ସେ ଭକତବତ୍ସଳା ॥
ହେ ବୁଧଜନେ ସର୍ବଦା ଜଗନ୍ନାଥ ପାଶେ ।
ମୋର ଚିତ୍ତ ରହିଥାଉ ରଜନୀ ଦିବସେ ॥
ତୁଳସୀବସ୍ତ୍ର ଯେହୁ କଥା ଜଗତ୍ତେଠି ।
ଶୂଦ୍ରମୁନି ଶାରଳା ଯେ ତାଙ୍କ ପାଦେ ଲୋଟି ॥
ଆହେ ବୁଧଜନମାନେ ନ ଧର ମୋ ଦୋଷ ।
ମୂର୍ଖ ଅପଣ୍ଡିତ ମୁହିଁ ମୋର ବୁଦ୍ଧି କସ ॥
ନର୍ମଦା ସରସ୍ୱତୀ ଯେ ଝଙ୍କଡ଼ନିବାସୀ ।
କଳିକାଳ କଳୁଷ ଯା ଚରଣରେ ଧ୍ୱଂସି ॥
ଅକାରଣ ଜନଙ୍କୁ ସେ କାରଣ କରନ୍ତି ।
ପରଲୋକେ ମୁକ୍ତିଦେଇ ମର୍ତ୍ତ୍ୟେ ବର ଦ୍ୟନ୍ତି ॥

କୃପାଜଳନିଧିନୀ ସେ ଶ୍ରୀଶାରଳା ଦେବୀ ।
ମୁହିଁ ତାହାର ନନ୍ଦନ ଶ୍ରୀ ଶାରଳା କବି ॥
ଏ ମହାଶାସ୍ତ୍ରକୁ ମୁଁ କି ହୋଇବି ବକତା ।
ସେ ଦେବୀ କହଇ ଯାହା ମୁଁ ତାହା ଲେଖନ୍ତା ॥
ପଦ୍ମଦଳଲୋଚନୀ ଗୋ ଚନ୍ଦ୍ରିକାବଦନୀ ।
ଦୃଷ୍ଟି ଦେଇଥିବୁ ସଦା ଏ ମୋର ଲେଖନୀ ॥
ଶ୍ରୀ ଚଣ୍ଡୀ ଶାରଳା ପାଦେ କରଇ ବନ୍ଦନ ।
ମହାମାୟା ପ୍ରସନ୍ନେ ମୁଁ ହେଲି ଶୂଦ୍ରମୁନି ॥
ଅହେ ବିଜ୍ଞ ଜନେ ମୋର ନ ଧରିବ ଦୋଷ ।
ଶ୍ରୀ ଚଣ୍ଡିକା ଶାସ୍ତ୍ରକୁ ମୁଁ କରୁଛି ପ୍ରକାଶ ॥

## ମହିଷାସୁରର ଦକ୍ଷିଣଦିଗେ ଯାତ୍ରା ଓ ଚନ୍ଦ୍ରାବତୀ ସଙ୍ଗେ ବିବାହ ।

ଏଥୁ ଅନ୍ତରେ ପରୀକ୍ଷ ନାମେ ମହାରାଜା ।
ଶୁକମୁନି ଚରଣରେ କରି ଦିବ୍ୟ ପୂଜା ॥
ବୋଲଇ ଭୋ ମହାମୁନି କୁହ କୃପାକର ।
ଶ୍ରୀଚଣ୍ଡିକା ପୁରାଣକୁ ମୋ ଆଗେ ବିସ୍ତାର ॥
ସିଂହଳ କୁଶ ଏ ବେନି ଦ୍ୱୀପରାଜା ସାଧି ।
ପୁଣିହିଁ ମହିଷାସୁର କଲା କେଉଁ ବୁଦ୍ଧି ॥
ଏହା ସଂକ୍ଷେପିଣ ମୋତେ କୁହ ତପୋନିଧି ।
ଅନେକ ଜନ୍ମ ଦୁଷ୍କୃତ ଯାଉ ମୋର ତୁଟି ॥
ବଦନ୍ତି ପୁଣ୍ୟବାଣୀ ଶୁକ ଆଦିବ୍ରହ୍ମା ।
ଶୁଣ ସାବଧାନେ କୁରୁକୁଳ ମହାତମା ॥
ମକରମାସ ଶୁକଳ ତ୍ରୟୋଦଶୀ ଦିନ ।
ବୃହସ୍ପତି ବାର ପୁଷ୍ୟା ନକ୍ଷତ୍ରବିଦ୍ୟମାନ ॥
ବଷ୍ଟି ନାମରେ କରଣ ଶୁକନାମେ ଯୋଗ ।
ସେ ଦିନ ମହିଷା ବିଜେ ଦକ୍ଷିଣ ଯେ ଦିଗ ॥
ବୀର ତୂରି ବିଜୟଘୋଷ ନିଶାଣାଦି ବାଜେ ।
ଦିବ୍ୟ ଅନୁକୂଳେ ସୈନ୍ୟ ଚନ୍ଦ୍ରଦ୍ୱୀପେ ବିଜେ ॥
ବଡ଼ ଆରମ୍ଭ କରି ସେ ଚଳାଇଛି ବଳ ।
ଅଗୁଆଣି ଆଟେ ଯାନ୍ତି ଚାମର ବେମାଳ ॥
ଡାହାଣ ପାଖ ଆଟରେ ଚଳେ କାଳମାଳା ।
ବାମପାଶେ ଚଳେ ବଇଡ଼ୁର୍ଯ୍ୟ ମହାବଳା ॥
ରଜାର ବେନି ପାରୁଶେ ଯାନ୍ତି ଚଣ୍ଡ ମୁଣ୍ଡ ।
ଚଳନ୍ତେ ଅସୁରେ ଧ୍ୱନି ପୂରଇ ବ୍ରହ୍ମାଣ୍ଡ ॥

Digitized by srujanika@gmail.com

ଆକାଶେ ଥାଇ ଦେଖନ୍ତି ତାହା ଦେବଲୋକେ ।
ନଂଷ ଯାଇ ସ୍ୱର୍ଗପୁର ଗୁଡ଼ି ଛନ୍ତି ଥୋକେ ।
ଫିଙ୍ଗିଲ ଟିପି ଲବଣ ସମୁଦ୍ର ପଶିଲେ ।
ଲବଣ ଡେଇଣ କ୍ରୌଞ୍ଚଦ୍ୱୀପେ ଭ୍ରମିଗଲେ ॥
କ୍ରୌଞ୍ଚଦ୍ୱୀପେ ଗୁରଲକ୍ଷ ଯୋଜନକୁ ଜିଣି ।
ତ୍ରିଂଶଲକ୍ଷ ଯୋଜନ ଯେ ସୁରସିନ୍ଧୁ ପାଣି ॥
ସୁରସିନ୍ଧୁ ଜିଣି କୁଶଦ୍ୱୀପରେ ପଶନ୍ତି ।
ପ୍ରଚଣ୍ଡାସୁର ତାହାଙ୍କୁ ଦେଖି ତୋଷ ହେଲେ ॥
ଚଣ୍ଡମୁଣ୍ଡଙ୍କ ସମ୍ପତ୍ତି ଦେଖି ସେ ନୃପତି ।
ଶିବପାଦ ନଗ୍ରୀ ଅନ୍ଧ ହୋଇଲେ ଭୂପତି ॥
ସେଠାରୁ ମହିଷାସୁର କରଇ ପ୍ରୟାଣ ।
ପ୍ରବେଶ ହୋଇଲା ଯାଇଁ ସେ ଚନ୍ଦ୍ରଦ୍ୱୀପେଣ ॥
ଅତି ବଳିଷ୍ଠ ଅଟନ୍ତି ସେ ମହାରାକ୍ଷସ ।
ଅଖାଦ୍ୟ ଦ୍ରବ୍ୟମାନ ସେ କରୁଛନ୍ତି ଗ୍ରାସ ॥
ଉଜାଡ଼ନ୍ତି ଦେଶ ଜୁର କରନ୍ତି ସମ୍ପଦ ।
ଚନ୍ଦ୍ରଦ୍ୱୀପ ମଧ୍ୟେ ପଶି କଲେ ପରମାଦ ॥
ଚନ୍ଦ୍ରଦ୍ୱୀପର ନୃପତି ଅଟେ ଚନ୍ଦ୍ରନେମି ।
ଭୁଷଣ୍ଡ କାକବଂଶୀ ସେ ଅଟେ ମହାବ୍ରହ୍ମୀ ॥
ମୈଷାସୁର ଦେଖି ଚଣ୍ଡ ମୁଣ୍ଡ ଯେ ବୋଲନ୍ତି ।
ଚନ୍ଦ୍ରନେମି ରାଜା ରାଜ୍ୟ ନ କର ଅନୀତି ॥
ପୀଡ଼ିତ କରିବା ଅମ୍ଭେ ଏ ରାଜାର କୁଳେ ।
ତେବେ ଜିଣିବାକୁ ଚନ୍ଦ୍ରଦ୍ୱୀପ ଅମ୍ଭେ ଭଲେ ॥
ଏ ବଚନ ଶୁଣି କରି ମୈଷାସୁର ରାଜ୍ୟେ ।
ସବୁ ସଇନ୍ୟ ଉଲୂକ ମନ୍ତ୍ରେ ସେ ଲୁଗୁଏ ॥
ନଗର ଉଜାଡ଼ିବାର ନ ଜାଣେ ସେ ରାଜା ।
ଶୁଚିତ ହେଲା କପିଳ ଫିହର ଅସୂଜା ॥
ଚନ୍ଦ୍ରନେମିର ଭାରିଯା ଚନ୍ଦ୍ରରେଖା ସତୀ ।
ତାହାର ଦୁହିତା ନାମ ଅଟେ ଚନ୍ଦ୍ରାବତୀ ॥
ଚନ୍ଦ୍ରାବତୀ ସମ ରାଜା ନ ପାଇଲା ବର ।
ମର୍ତ୍ତ୍ୟଭୁବନରେ ତାକୁ ନାହିଁ ପଟାନ୍ତର ॥
ଚନ୍ଦ୍ରଦ୍ୱୀପ ଅଟେ ତ୍ରିଂଶ ଯୋଜନ ଯେ ସ୍ଥଳୀ ।
ପଞ୍ଚଦଶ ଲକ୍ଷ ରାଜା ବସନ୍ତି ଉଗ୍ରଳ ॥
ଅନେକ ରାଜା ନିମନ୍ତ୍ରି ଆଣି ନୃପବର ।
ଦୁହିତାର ନିମନ୍ତେ ଯେ କରେ ସ୍ୱୟମ୍ବର ॥
ଚନ୍ଦ୍ରଗିରି ନାମରେ ଯେ ଏକଇ ପର୍ବତ ।
ତହିଁ ଗର୍ଭେ ଅଛି ସପ୍ତକୁଣ୍ଡ ଯେ ଅମୃତ ॥
ସେ ଗିରି ରଖନ୍ତି ପାଞ୍ଚକୋଟିଏ ଗନ୍ଧର୍ବ ।
ତହିଁରେ ଉଦୟ ହୁଅନ୍ତି ନିତ୍ୟ ଚନ୍ଦ୍ରଦେବ ॥
ସେ ଚନ୍ଦ୍ର ଦ୍ୱୀପର ପ୍ରଭୁ ଚନ୍ଦ୍ର ଯେ ଅଟନ୍ତି ।
ରାଜାମାନେ ଭକତରେ ଚନ୍ଦ୍ରଙ୍କୁ ଖଟନ୍ତି ॥
ଏଣେ ଚନ୍ଦ୍ରନେମି ରାଜା ଦୂତଙ୍କୁ ବରଗି ।
ସ୍ୱୟମ୍ବରେ ରାଜାମାନ ବରଥଣ ବେଗି ॥
ରାଜାର ଆଜ୍ଞାରେ ତହୁଁ ଗଲେ ଦୂତପନ୍ତି ।
ଚନ୍ଦ୍ରାବତୀ ସ୍ୱୟମ୍ବର ରାଜାଙ୍କୁ ଜଣାନ୍ତି ॥
ଶୁଣି ରାଜାମାନେ ତହୁଁ ହୋଇଣ ଉଦ୍ୟତ ।
ଏକେ ଏକେ ଗମନ୍ତି ସେ ଘେନି ଦଣ୍ଡଛତ୍ର ॥
ପଦ୍ମଦ୍ୱୀପ ବୋଲି ଦ୍ୱୀପମାନଙ୍କ ଉତ୍ତମା ।
ସେ ଦେଶର ନରପତି ଅଟେ ବେଦବ୍ରହ୍ମା ॥
ଅନନ୍ତକ ବୋଲି କରି ତା ଈଶାନ କୋଣ ।
ତହିଁର ନୃପତି ନାମ ଅଟେ ବୀରସେନ ॥
ସାତକୋଟି ସଇନ ସେ ଘେନି ବେନିରାଜା ।
ଚନ୍ଦ୍ରନେମି ପୁରେ ଭଜେ ବାଇ ଦ୍ରବ୍ୟ ବାଜା ॥
ପର୍ବତଦେଶେ ନୃପତି ଲବଙ୍ଗ ଯେ ରାଜ୍ୟେ ।
ଅଠଲକ୍ଷ ଯୋଦ୍ଧା ଘେନି ଚନ୍ଦ୍ରଦ୍ୱୀପେ ଯାଏ ॥
ଅନଙ୍ଗଦେଶ ନୃପତି ଯେ ଅନଙ୍ଗ ସେନ ।
ପ୍ରବେଶ ହୋଏ ସେ ଚନ୍ଦ୍ରଦ୍ୱୀପେ ଘେନି ସୈନ୍ୟ ॥
ମଳୟଦେଶ ନୃପତି ଯେ ମଳୟସେନ ।
ସ୍ୱୟମ୍ବରେ ଯାଏ ଘେନି ସାତକୋଟି ସୈନ୍ୟ ॥
କପାଳଦେଶର ରାଜା ତ୍ରିଶ୍ରମଲ୍ଲସେନ ।
ସମଦଣ୍ଡ ଘେନି ପରବେଶ ସେ ରାଜନ ॥
ଯଜ୍ଞବନ୍ତ ଦେଶ ରାଜା ଲକ୍ଷ୍ମୀପାଦ ବୀର ।
ସେ ଆସି ପ୍ରବେଶ ହେଲା ଚନ୍ଦ୍ରନେମିପୁର ॥
ଅବନ୍ତୀ ନଗର ଜୟପାକ୍ଷ ଯେ ନୃପତି ।
ବଢ଼ାଇ ସମ୍ପର୍କେ ସେହୁ ଗମଇ ତଡ଼ତି ॥
ନୀଳମାଧବ ବୋଲିଣ ଚଣ୍ଡଦ୍ୱୀପ ରାଜା ।
ସାତପଦ୍ମ ବଳ ଘେନି ଆସେ ମହାରାଜା ॥
ବଜ୍ରପାଳ ଦେଶ ରାଜା ଅଟେ ସଉଦାସ ।
ତିନିଲକ୍ଷ ଯୋଦ୍ଧାରେ ସେ ହୋଇଲା ପ୍ରବେଶ ॥
ଚନ୍ଦ୍ରରେଖା ବୋଲି ଚନ୍ଦ୍ରନେମିର ଭାରିଯା ।
ବଜ୍ରାଳାକ୍ଷ ରକ୍ତବୀର୍ଯ୍ୟ ତାହାର ତନୁଜା ॥
ପୁଚ୍ଛେ ରାଇ ଆଜ୍ଞାଦେଲା ସେହୁ ଚନ୍ଦ୍ରନେମି ।
ଅନେକ ନୃପତି ଅସୁଛନ୍ତି ସୈନ୍ୟ ଘେନି ॥

Digitized by srujanika@gmail.com

ସମ୍ମାନ ଗୌରବ କରି କରୁଥିବ ପୂଜା ।
ଯେ ଯେମନ୍ତକୁ ଭଜନ୍ତି ଅଟନ୍ତି ସେ ରାଜା ॥
ମୃଦଙ୍ଗ ଦେଶର ରାଜା ଅଟେ କଣ୍ଠିମାଳ ।
ପାଞ୍ଚସହସ୍ର ଯୋଦ୍ଧା ସେନ ବଳେ ମହାବଳୀ ॥
କ୍ଷମନ ଦେଶର ରାଜା ବିରସୁଧ ବୀର ।
କୋଟିଯୋଦ୍ଧା ସେନ ଆସେ ବ୍ୟାଘ୍ର ବାହାନର ॥
ଶୂରସେନ ଦେଶର ଯେ ଇନ୍ଦ୍ର ନରପତି ।
ସେ ଆସିଲେ ତୁରିଲ ସେନ ପାଞ୍ଚଲକ୍ଷ ଷଣ୍ଢୀ ॥
ଜଳଧର ଦେଶ ରାଜା ଯେ ଜଳତରଙ୍ଗ ।
ବାହୁବଳେ ଚଳଇ ସେ ରୂପରେ ଅନଙ୍ଗ ॥
ଅନେକ ବଳ ମିଳନ୍ତେ ମୁଖରିବ ଧ୍ୱନ ।
ଶୁଭିବାରେ ଉଛୁଳଇ ଏହି ପୁର ତିନ ॥
ନଗସୁଧ ଦେଶ ରାଜା ପ୍ରଳମ୍ବ ଯେ ରାୟେ ।
ସମଦଣ୍ଡ ସେନ ସେହୁ ସମ୍ମୁଖରେ ଯାଏ ॥
ସନ୍ଧାନ ଦେଶର ରାଜା ନୃପତି କରୀତ ।
ତାହାର ତୁଲରେ ଯୋଦ୍ଧା ତିନ ଅଯୁତ ॥
ମାତଙ୍ଗ ଦେଶର ରାଜା ଅଟେ ନଥପତି ।
ବେନ କୋଟି ଯୋଦ୍ଧା ସେନ ବଳେ ମହାଷଣ୍ଢୀ ॥
ଦୁଃସହ ଗଡ଼ ନାମରେ ଅଟେ ଏକଦେଶ ।
କାମକ୍ରୋଧ ନାମେ ସେହି ନୃପତି କୁଳେଶ ॥
କୋଟିଏ ସଇନ୍ୟ ସେନ ଚଳଇ ଅରମ୍ଭେ ।
ବୀରତୂର ବଜାଇଣ ଯାଏ ମହାଦମ୍ଭେ ॥
ପରାଶର ଦେଶର ଯେ ଶତଶିର ରାୟେ ।
ସମଦଣ୍ଡ ସେନ ସେହୁ ସ୍ୱୟମ୍ବରେ ଯାଏ ॥
ଅଳାୟୁଧ ଦେଶ ରାଜା ନାମ ବଜ୍ରମାଳ ।
ସାଗରେ ସଇନ୍ୟ ସେନ ସ୍ୱୟମ୍ବରେ ଚଳ ॥
ଅରୁଣ୍ଟ ଦେଶର ରାଜା ଅଟେ ଭୈରବୀର ।
ସମଦଣ୍ଡ ସେନଣ ସେ ଚଳେ ମହାବୀର ॥
ଶଙ୍ଖମଣ୍ଡଳ ନୃପତି ନାମ ଶତସିଂହ ।
ପନର ସହସ୍ର ଯୋଦ୍ଧା ସେନ ଆସେ ବେଗ ॥
ମତଙ୍ଗଦେଶର ରାଜା ଅଟେ ବୀରକେଶୀ ।
ସମଦଣ୍ଡ ସେନଣ ସେ ସ୍ୱୟମ୍ବରେ ଅସି ॥
କାମ୍ୟକ ଦେଶର ରାଜା କାମ୍ୟକ ଯେ ଦେବ ।
ପାଞ୍ଚଲକ୍ଷ ସୈନ୍ୟ ତାର ସଙ୍ଗେ ଚଳେ ସବ ॥
ଆଦିତ୍ୟ ଦେଶର ରାଜା ପଦ୍ମସେନରାୟେ ।
ସମଦଣ୍ଡ ସେନ ସେହୁ ବୀରଙ୍କର ଯାଏ ॥

କୁମୁଦଦେଶର ରାଜା ନାମ ସମୁଦ୍ରରାୟେ ।
ସ୍ୱୟମ୍ବର ସ୍ଥାନେ ଯାଇ ପ୍ରବେଶ ସେ ହୁଏ ॥
କୋମଳାଙ୍ଗ ଦେଶ ରାଜା ସେ ବସନ୍ତସେନ ।
ଶିଖରେଶ୍ୱର ବୋଲିଣ ଏକ ନୃପରାଣ ॥
ଶ୍ୱେତବର୍ଣ୍ଣ ତାଙ୍କର ଯେ ସମସ୍ତ ସଇନ ।
ସମ୍ମୁଖେ ଆଇଲେ ନଜବଳ ସଙ୍ଗେ ସେନ ॥
ଦୁର୍ଜ୍ଜନ ଦେଶର ଅଟେ ନୃପତି ସଞ୍ଜାତି ।
ସମଦଣ୍ଡ ସେନଣ ସେ ଚଳନ୍ତି ତତ୍ପର ॥
ବରବର୍ଣ୍ଣ ଦେଶର ଯେ ନୃପତି ବରଷି ।
ବଳଦ ବାହନେ ସେହୁ ଯାଏ ମନେ ପାଇ ॥
ସୁରତ ଦେଶର ଅଟେ ନୃପ କଣ୍ଠିମାଳ ।
ପାଞ୍ଚସହସ୍ର ଯୋଦ୍ଧା ସେନ ସ୍ୱୟମ୍ବରେ ମିଳ ॥
ଗମନକ ଦେଶ ରାଜା ମୁକୁନ୍ଦ ବୋଲିଣ ।
ବେନକୋଟି ଯୋଦ୍ଧାସେନ ପ୍ରବେଶ ସେ ପୁଣ ॥
କଳକଳାଦେଶ ରାଜା କାଙ୍କୋଳା ଯେ ବଳୀ ।
ପନର ସହସ୍ର ସୈନ୍ୟ ସେନ ସେହୁ ମିଳ ॥
ପୁରୁରବ ଦେଶ ରାଜା ଯେ କୁମୁଦସେନ ।
ଦଶସହସ୍ର ଯୋଦ୍ଧା ସେନ ଆସେ ସେ ବହନ ॥
ଚଣ୍ଡାନ୍ତକ ଦେଶ ଚକ୍ରବର୍ତ୍ତୀ ମହାରାୟେ ।
ନବସହସ୍ର ଯୋଦ୍ଧା ତୁଲେ ପ୍ରବେଶ ସେ ହୋଏ ॥
ନବଲକ୍ଷ ଦେଶ ରାଜା ହିରଣ୍ୟକପଟ ।
ସେ ଆସିଲେ ତୁରିଲ ସେନ ସୈନ୍ୟ ପାଞ୍ଚଲକ୍ଷ ॥
ଗୂଢର ଦେଶର ନୃପ ନାମ କଳାଇଣ ।
ସମଦଣ୍ଡ ସେନ ସ୍ୱୟମ୍ବରେ ସେ ପ୍ରବେଶ ॥
ଢେଙ୍କଳ ଦେଶର ରାଜା କୃତାନ୍ତନନ୍ଦନି ।
ପାଞ୍ଚସହସ୍ର ଯୋଦ୍ଧା ସେନ ଅଇଲ ସେ ଭୂମି ॥
ନୀଳାମ୍ବର ଦେଶ ରାଜା ନୀଳାମ୍ବର କହି ।
ସତୁର ସହସ୍ର ଯୋଦ୍ଧା ସେନ ସେ ଆସଇ ॥
ନଗ ଦେଶ ପାଟଣାର ସମସ୍ତ ଭୂପତି ।
ଚନ୍ଦ୍ରଦ୍ୱୀପରେ ସେ ଅସି ପ୍ରବେଶ ହୁଅନ୍ତି ॥
ଜୟ ଜୟ ମାତଗୋ କାତ୍ୟାୟନ ଶଶିମୁଖି ।
ଅନର୍ଘ୍ୟାପ ଲେଖନକୁ ତୁହି ମୋତେ ସାକ୍ଷୀ ॥
ଯେବଣ ଚରିତ ବ୍ୟାସ ପୁରାଣେ ଉକତି ।
ଚତୁର୍ବେଦ ବ୍ରହ୍ମା ଯାହା କରନ୍ତି ଉତ୍ପତ୍ତି ॥
ଚତୁର୍ଦ୍ଦଶ ପୁରାଣରୁ ଯାହା ଅଛି ବାଛି ।
ମୁଁ ତାହା ମାନ୍ଦର ମାନ ହୋଇଣ କହୁଛି

Digitized by srujanika@gmail.com

ମୂର୍ଖଲୋକେ ବୋଲିବେ ଯେ ଯୋଜଣା ବହୁତ ।
ଏଥିକୁ କହିଲି ହଜ ନୃପତି ମାନନ୍ତ ॥
ଥୋକାଏ କହିଲି ନଦୀ ହାଲି ଗଣି ଯଥା ।
ଜମ୍ବୁଦ୍ୱୀପେ ଜାତ ହୋଇ ଚନ୍ଦ୍ରନେମି କଥା ॥
ବ୍ୟାସର ପ୍ରସଙ୍ଗେ ମୁହିଁ ଶୁଣାଇଲି ବକତା ।
କହିବ ଶ୍ରୀ ଭାଗବତ ପୁରାଣ ସଂହିତା ।
ଅକଳତ ବାରିଧି ଏ ଜାଣିବାକୁ ନୋହି ।
ଲେଖି ଶେଷ କେ କରିବ ଅସୀମତ ଏହି ॥
ପାରିଦଣ୍ଡ ସେନ ସଙ୍ଗେ କୋଟି ପାଟଲଷ ।
ଏବେ ନୃପତି ମିଳଲେ ସେ ସ୍ଥାନେ ପ୍ରତ୍ୟକ୍ଷ ॥
ରକ୍ତବୀର୍ଯ୍ୟ ଚନ୍ଦ୍ରାକାକ୍ଷ ଏହି ବେନି ବାଳ ।
ଅନୁରୂପେ ପୂଜା କଲେ ସର୍ବ ମହୀପାଳ ॥
ହେ ପକ୍ଷ ଚନ୍ଦ୍ରଭାଗା ବୋଲି ନଦୀଟିଏ ।
ଅନନ୍ତଶାୟୀ ବିଷ୍ଣୁର ପାଦରୁ ସେ ବହେ ॥
ଚନ୍ଦ୍ରକ୍ଷୟ ହେଲା ପ୍ରଜାପତିଙ୍କର ଶାପେ ।
ଦିନୁ ଦିନୁ କ୍ଷୟ ହେଲା ଶ୍ୱଶୁରଙ୍କ କୋପେ ॥
ତୁଳ ଶୁକ୍ଳପୌର୍ଣ୍ଣମୀରେ ଚନ୍ଦ୍ରେ ଶାପ ହେଲା ।
କୃଷ୍ଣ ଚତୁର୍ଦ୍ଦଶୀକି ସେ ସୂତାଏ ରହିଲା ॥
ସେହି ଚନ୍ଦ୍ରଦ୍ୱୀପ ଚନ୍ଦ୍ରଭାଗା ନଦୀ ଗର୍ଭେ ।
ତହିଁ ଯାଇଁ ବୁଡ଼ଣ ସେ ରହିଲାକ ଜବେ ॥
ସେ ନଦୀ ଭିତରେ ଶଶଧର ହେଲା ହ୍ରାସ ।
ସେହି ଷଦ୍‌କାଯ୍ୟ ଗୋଟି ନ ଗଲା ବିନାଶ ॥
ଅମାବାସ୍ୟା ଅନ୍ତରେ ଯେ ପ୍ରତିପଦା ଦିନ ।
ଦ୍ୱିତୀୟା ତିଥିରେ ଶୂନ୍ୟେ ଉଦେ ହୋଏ ଜଣ୍ଡ ॥
ଗ୍ରହ ବେନି ପଡ଼ଯାଏ ଦିଶଇ ତା ଜ୍ୟୋତି ।
ଦିନୁ ଦିନ ଶରୀର ତା ହୁଅଇ ସେ ପୂର୍ତ୍ତି ॥
ପୌର୍ଣ୍ଣମୀରେ ଚନ୍ଦ୍ର ଷୋଳ କଳାରେ ଉଦିତ ।
ଏହି ହେନ ଚନ୍ଦ୍ରଭାଗା ନଦୀ ନାମ ଖ୍ୟାତ ॥
ସେହି ନଦୀତଟେ ଚନ୍ଦ୍ରନେମି ରାଜଧାନୀ ।
ତହିଁ ରୁଣ୍ଡ ହୋଇଛନ୍ତି ସର୍ବ ରାଜଶ୍ରେଣୀ ॥
ରାଜାମାନେ ଅସ୍ଥାନର ପରେ ଛନ୍ତି ରହି ।
ପାଦ୍ୟ ଅର୍ଘ୍ୟ ହେନ ଚନ୍ଦ୍ରନେମି ଯେ ଅସଇ ॥
ଉଭା ହୋଇ ବୋଲଇ ସେ ବିନୟ ଭାବରେ ।
କଥାଏକ ମୋର ଅଛି କହିବ ଏଠାରେ ॥
ଜମ୍ବୁଦ୍ୱୀପକୁ ମୁଁ ଦିଗବିଜେ କରି ଗଲି ।
ନଳବ୍ରତ ନୃପତିର ସ୍ୱୟମ୍ବରେ ହେଲି ॥
ତାହାର ଗୃହରେ ଜାତ ଏକଇ ଅବଳା ।
ସେ କନ୍ୟାର ନାମ ଦେଇଥିଲା ଶକୁନ୍ତଳା ॥
ତାହାର ନିମନ୍ତେ ସ୍ୱୟମ୍ବର କଲା ରାଜ୍ୟେ ।
ସମସ୍ତ ଦେଶ ନୃପତି ସମ୍ବରରେ ଥଟ୍ଟେ ॥
ମକର ମାସ ଶୁକଳ ପକ୍ଷ ତ୍ରୟୋଦଶୀ ।
ସୋମବାରେ ପୁଷ୍ୟା ନାମେ ଋକ୍ଷ ଭୋଗ ଅସି ॥
ବାଣିଜ୍ୟ ନାମେ କରଣ ପ୍ରୀତି ନାମେ ଯୋଗ ।
ଯେ ଦିନ ମିଳିଲି ଯାଇଁ ତାର ପୁର ଭାଗ ॥
ଗହଳ ଦେଖି ମୁଁ ତହିଁ ରୁହାଇଲି ରଥ ।
ସବୁ ରାଜାମାନେ ଦେଖି ହେଲେ ସ୍ତମ୍ଭୀଭୂତ ॥
ମୋତେ ଦେଖିଣ ସନ୍ତୋଷ ହେଲା ଶକୁନ୍ତଳା ।
ମୋର କଣ୍ଠେ ଲମ୍ବାଇଲା ଆଣି ରତ୍ନମାଳା ॥
ବରଣ କରି ବାଳାକୁ ଆଣିଲି ଯେ ମୁହିଁ ।
ଇଚ୍ଛାଏ ବର ବରିଲା ଯେଣୁ ଚନ୍ଦ୍ରମୁହିଁ ॥
ତାକୁ ଆଣି ଏଠେଁ ମୁହିଁ କଟର ଗୃହବାସ ।
ତୁମ୍ଭର ଅଗରେ ତାହା କଲଇଁ ପ୍ରକାଶ ॥
ଅତିସ୍ନେହେଁ ଚନ୍ଦ୍ରରେଖା ନାମ ତାର ଦେଲି ।
ତାକୁ ହେନ ସମସ୍ତେ ମୁଁ ଭୋଗ ବିଳସିଲି ॥
ତାହା ତହୁଁ ଜନମିଲା ଏକଇ ଦୁହିତା ।
ତୁମ୍ଭ ଅଗେ ସ୍ୱରୂପତ କହିଲି ଏ କଥା ॥
ତେଣୁ କରି ରାଜାମାନ ବରି ଆଣି ବେଗେ ।
ସ୍ୱୟମ୍ବର କରାଇଲି ଅତ୍ୟନ୍ତ ସରାଗେ ॥
ମୋହର ଦୁହିତା ନାମ ଅଟେ ଚନ୍ଦ୍ରାବତୀ ।
ତ୍ରୈଲୋକ୍ୟମୋହିନୀ ସେହୁ ନବୀନା ଯୁବତୀ ॥
କାହାକୁ କହିବ ଅବା ଏଥେଁ ଅସ୍ତି ନାସ୍ତି ।
ଏଯନକ ବେଭାରତ ନୁହଇ ଯୁକତି ॥
ଏକା ବ୍ରତ ମୋହର ଯେ ଗୋଟିଏ ଅଛଇ ।
ରାଜାଏ ବୋଇଲେ ତାହା ନ କହୁ କିପାଇଁ ॥
ଚନ୍ଦ୍ରଦ୍ୱୀପର ଈଶାନ୍ୟେ ଛନ୍ତି ଚନ୍ଦ୍ରଦେବ ।
ତହିଁର ପାଶେ ପାତିଛି ନେଇ ମଣିସ୍ତମ୍ଭ ॥
ତହିଁ ନବଦ୍ୱୀପ ସପ୍ତସାଗର ରହିଛି ।
ଅଷ୍ଟକଳା ମଧ୍ୟେ ମଣିସ୍ତମ୍ଭକୁ ସର୍କ୍ତିଛି ॥
ସେ ସ୍ତମ୍ଭେ ଜଡ଼ିତ ହୋଇ ଅଛି ନାନାରତ୍ନ ।
ବିସ୍ତାର ଅଟଇ ତାର ପଞ୍ଚାଶ ଯୋଜନ ॥
ଉତ୍ସର୍ଗ ଅଟଇ ଲକ୍ଷେ ଯୋଜନ ପ୍ରମାଣ ।
ସେ ମଣି ସ୍ତମ୍ଭ ଉପରେ ବସଇ ବରୁଣ ॥

Digitized by srujanika@gmail.com

ତେଜ ପ୍ରକାଶଇ ତାର ସହସ୍ରେ କରଣ ।
ଜଗତ ଯାକେ ସେ ତେଜ ଅଛି ପରିପୂର୍ଣ୍ଣ ॥
ଏ ମଣି ସ୍ତମ୍ଭକୁ ଯେହ୍ନ ବିନ୍ଧିବଟି ଶର ।
ପଶ୍ଚିମରେ ପଡ ପୂର୍ବେ ହୋଇବ ବାହାର ॥
ଏରୂପରେ ଯେ ଫୁଟାଇ ପାରିବ ସ୍ତମ୍ଭକୁ ।
ମୋର ଦୁହିତାକୁ ଦେବ ନିଶ୍ଚୟ ତାହାକୁ ॥
ଏମନ ପ୍ରକାରେ ଅଛେ ମୋର ସତ୍ୟବ୍ରତ ।
ସ୍ୱୟମ୍ବର କରିବ ମୁଁ ଦିବସ ସପତ ॥
ସାତଦିନ ପରିଯନ୍ତେ ସହିବ ଅର୍ଦ୍ଧୋଳ ।
ଯାହା ହେଉ ପଛକେ ମୁଁ ଥିବଇଁ ସମ୍ଭାଳ ॥
କୋଟିଏ ପାଞ୍ଚଲକ୍ଷ ଯେ ନୃପତିମାନଙ୍କୁ ।
ନିତ ମନଶୋହ୍ନ ଦିଅଇ ଯେତନଣ ସୈନ୍ୟଙ୍କୁ ॥
ଗଜ ଅଶ୍ୱ ବାହନ ଯେ ନାହିଁ ସେହୁ ଦ୍ୱୀପେ ।
ବଳଦ ବାହନେ ଚଳି ଯାନ୍ତି ସର୍ବ ନୃପେ ॥
କାହାର କୋଟିଏ ପଦ୍ମ ବଳଦ ଅଛଇ ।
ପବନୁଁ ବେଗେ ଚଳନ୍ତି ଦେହ ନ ହଲଇ ॥
ବଳଦ ବାହନରେ ଯେ ସର୍ବ ମହୀପତି ।
ମଣିସ୍ତମ୍ଭ ସନ୍ନିଧିରେ ବିଜୟେ କରନ୍ତି ॥
ସହସ୍ରେ ଯୋଜନ ମାତ୍ର ଚଳନ୍ତି ସଇନ ।
ଚହଲେ ସିନ୍ଧୁ ଗର୍ଜ୍ଜନ ପ୍ରାୟେ ଶୁଭେ ଧ୍ୱନ ॥
ସବୁର ବୃଦେ ବସିଲେ ଚନ୍ଦ୍ରକାନ୍ତ ମଣି ।
ନଗାକାଳେ ବସିଲେ କ ଶତ ଦନମଣି ॥
ରାଜାଗଣ ବେଢ଼ିଲେକ ଯାଇଁ ମଣିସ୍ତମ୍ଭ ।
ଦୂରୁ ଦେଖି ଭାଜଗଲା ସବୁଙ୍କର ଦମ୍ଭ ।
ଦଳୀପ ରାଜା ବୋଇଲା ଶୁଣ ଚନ୍ଦ୍ରନେମି ।
ବଢ଼ାଁଇ ଦୁହିଁଭ ଅମ୍ଭେ ଦେଖିଲୁ ଏ ଭୂମି ॥
ଇହ ଲୋକେ ବିନ୍ଧିବାକୁ ଏହା ନାହିଁ କ୍ଷମ ।
ବିନ୍ଧିବ ବା ଯମଦର୍ଗ୍ଗ ପୁତ୍ର ପର୍ଶୁରାମ ॥
ସବୁ ରାଜା ଆଶ୍ଚର୍ଯ୍ୟ ଯେ ହେଲୁ ଏହା ଶୁଣି ।
ଏହା ବିନ୍ଧିବାକୁ ଶକ୍ତି କାହାରତ ନାହିଁ ॥
ପଞ୍ଚାଶ ଯୋଜନ ଅଛେ ଏ ସ୍ତମ୍ଭର ସ୍ଥଳୀ ।
ନାରଚର ଘାତେ କାହ୍ନୁଁ ଯିବ ଏହୁ ଗଳ ॥
ଆନ ପଣ କଲେ ଥିଲେ କହ ତା ବଚୁର ।
ଏଡ଼େ ଏଡ଼େ ରାଜା ହୋଇ ଲଜେ ଗଲୁସର ॥
ଚନ୍ଦ୍ରନେମି ବୋଇଲା ଯେ ନାହିଁ ମୋର ଆନ ।
ଯେ ଏହା ବିନ୍ଧିବ କନ୍ୟା କରିବ ପ୍ରଦାନ

ଦଳୀପ ରାଜା ବୋଇଲା ଶୁଣ ମହାମତେ ।
ଦୁହିତାକୁ ଆଣ ତୋର ସଭାର ଅଗ୍ରତେ ॥
କେମନ୍ତ ରୂପ ତାହାର ଦେଖିବା କୁମାରୀ ।
କନ୍ୟାକୁ ଦେଖିଲେ ସିନା ଲକ୍ଷ ବିନ୍ଧିପାର ।
ଶୁଣିଣ ସାନନ୍ଦ ହୋଇ ସେ ଚନ୍ଦ୍ର ନେମି ॥
ବିଲୁସାର୍ଯ୍ୟ ବୋଲାଇଲେ ଡାକ ଏହା ଭଣି ॥
ବାବୁରେ ଚନ୍ଦ୍ରାବତୀକୁ ଆଣ ଏ ସ୍ଥାନକୁ ।
ନଦେଖି ଦେଖାଅ ଏହି ନୃପତିମାନଙ୍କୁ ॥
ପିତାର ଆଜ୍ଞା ପାଇଣ ଗଲା ଭିଲୁସାର୍ଯ୍ୟ ।
ସୁକେଶୀକି ବୋଇଲିକ କନ୍ୟା କର ସଜ ॥
ଆଜ୍ଞା ପାଇ ଧାଇଁକାରେ ଗଲା ମୃଦୁସ୍ୱନୀ ।
କନ୍ୟାକୁ ବେଶ ଭୂଷଣ କରିଲେ ଯୋଇଲି ॥
ଅନେକ ଆଭରଣ ତା ଶରୀରେ ମଣ୍ଡନ୍ତି ।
ସହସ୍ରେକ ଯୁବତୀ ଯେ ଚାମର ଢାଳନ୍ତି ॥
ଉଦଣ୍ଡ ଯେ ପାଟଛତ୍ର ପାଶେ ଉଡ଼ାବନ୍ତି ।
କାହାକ ଦୁନ୍ଦୁଭି ତାଳ ଗୁମୁରେ ବଜାନ୍ତି ॥
ଗଣିକାଗଣ ମିଳଣ ଆଳାପ କରନ୍ତି ।
ଆଳଟ ଗୁମର ଯେନ ତରୁଣୀ ଅଛନ୍ତି ॥
ହାଣ୍ଡୋଳାରେ କନ୍ୟାକୁ ଯେ ଧୀରେ ଆଣି ।
ସଭାତଳେ ପରବେଶ କଲେ ତତକ୍ଷଣି ॥
ହାଣ୍ଡୋଳାକୁ ତଳେ ଓହ୍ଲାଇଲେ ସୁକୁମାରୀ ।
ନୃପତିମାନଙ୍କ ମଧ୍ୟେ ନେଇ ଉଭା କର ॥
ରାଜାମାନେ ଯେ କନ୍ୟାର ରୂପକୁ ଗୁହିଁଲେ ।
ଗୁହିଁଲାକ୍ଷଣି ଚକ୍ଷୁରୁ ପଲକ ତେଜିଲେ ॥
ବିଗୁରନ୍ତି ଏ କନ୍ୟାତ ରମା ଉମା ଜାଣି ।
କପାଇଁ ଅଇଲୁ ଅମ୍ଭେ ସଭାକୁ ନ ଜାଣି ॥
ଧନ ନ ଅର୍ଜ୍ଜିବ ଏହା ରୂପ ଗ୍ରହିବାକୁ ।
ଧନ୍ୟ ବୋଲିବା ବିବାହ ହେବ ଯେ ଏହାକୁ ॥
ଏହା ମୁଖ ଚନ୍ଦ୍ରକୁ କ ଦେବା ପଟାନ୍ତର ।
ଦକ୍ଷଶାପରୁ ମଳିନ ଅଛେ ଶଶଧର ॥
ରତନାନ ପଟାନ୍ତର ସ୍ଥି ଦେହକୁ ନୋହେ ।
ଏହାର ତେଜେ ମଳିନ ଦିଶିବ ନିଶ୍ଚୟେ ॥
କେଉଁ ଗୁଣେ ଅମ୍ଭେମାନେ ହେବା ଯୋଗ୍ୟ ବର ।
ଆଜଯାଏ ଦେଖିନାହୁଁ ଏମନ୍ତ ସୁନ୍ଦରୀ ॥
ଅମ୍ଭେ ସକଳେ ହୋଇଲୁଁ ଜନ୍ମେ ତାରାଗଣ ।
ଏ କନ୍ୟା ଅମ୍ଭଙ୍କୁ ଅଛେ ଚନ୍ଦ୍ରର ସମାନ ॥

Digitized by srujanika@gmail.com

ନବଦ୍ଵୀପ ଦେଶ ରାଜା ନରେନ୍ଦ୍ର ରାୟେ ।
ସେ ବୋଇଲା ଶୁଣ ସର୍ବେ କହୁଛି କଥାଏ ॥
ଏ କନ୍ୟା ରୂପ ପ୍ରଶଂସୁଅଛ ତୁମ୍ଭେମାନେ ।
ସୁନ୍ଦରୀ ବୋଲିଣ ବୋଲୁଅଛ ସର୍ବଜନେ ॥
ତାର ବର ହେବ ଯେହ୍ନେ ଏ ଲକ୍ଷ ବନ୍ଧିବ ।
ସେ ନରେ ଏ କନ୍ୟା ନେବ ଅନ୍ୟଥା ନ ହବ ॥
କନ୍ୟାର ରୂପ କପାଇଁ ନରେଶେପିଣ ଦେଖ ।
ଯେତେ ବଳବନ୍ତ ଏଥେଁ ବନ୍ଧ କନା ଲକ୍ଷ ॥
ଏମନ୍ତ ଶୁଣିଣ ବଳବନ୍ତ ରାଜାମାନେ ।
ଧଇଲେ ସେ ଧନୁଶର ଉତ୍ସାହିତ ମନେ ॥
ଚନ୍ଦ୍ରପୁରର ଯେ ନୀଳମାଧବ ରାଜନ ।
ଧନୁ ଧରି ଲକ୍ଷ ପାଶେ କରିଲା ଗମନ ॥
ଆକୋଷିଣ ଧାଇଁ ସେହୁ ବନ୍ଧିଲେକ ଶର ।
ଗଳିଗଲା ବେକତାଳ ଯାଏ ବାଣ ତାର ॥
କପାଳ ଦେଶର ରାଜା ହେମନ୍ତ ନୃପତି ।
କୋଦଣ୍ଡେ ଶର ପୁରାଇ ବନ୍ଧିଲା ସେ ଧାତି ॥
ତାଳେକ ଗଲାରେ ତାର ପଶିଗଲା ଶର ।
ଅଦୃଶ୍ୟ ହୋଇଲା ଶର ନୋହିଲା ବାହାର ॥
ପ୍ରତିଜ୍ଞା ସାମର୍ଥ୍ୟ ଯେତେ ଯେତେ ରାଜାମାନେ ।
ବନ୍ଧନ୍ତି ନାରାଚ ସେଯେ ମିଳିଣ ବହନେ ॥
ଜଇନ୍ତ୍ରା ନଗ୍ରର ରାଜା ଉଗ୍ରପାଦ ବୋଲି ।
କମାଣ ଧରିଣ ଶର ବନ୍ଧେ ମହାବଳୀ ॥
ଛନ୍ନତାଳ ପର୍ଯ୍ୟନ୍ତେ ସେ ଭିତରେ ପଶିଲା ।
ଚନ୍ଦ୍ରବର୍ଣ୍ଣ ନାରାଚର କିଛି ନ ଦିଶିଲା ॥
ବରପାଲୁନ ଦେଶର ନୃପ ସତ୍ୟହାସେ ।
ଅଜଗବ ଧନୁ ଧରି ଶର ସେହୁ ପେଷେ ॥
ସାତତାଳ ପରଯନ୍ତେ ଶର ଗଲା ଗଳି ।
ଏରୂପେ ବନ୍ଧନ୍ତି ନୃପମାନେ ଭଲି ଭଲି ॥
କାମ୍ୟକ ନଗର ରାଜା ଯେ କାମ୍ୟକ ଦେବ ।
ନାରାଚ ପୁରାଇ ପ୍ରେମେ ବନ୍ଧିଲା ସେ ଜବ ॥
ତାଳେକ ମାତ୍ର ଶର ତା ପଶିଲା ଭିତରେ ।
ହସିଲେ ରାଜାଏ କର ଦେଇଣ ନାଶରେ ॥
କୋଳଙ୍ଗ ଦେଶର ରାଜା ସରସ ବସନ୍ତ ।
ମାନଚକ୍ରବର୍ତ୍ତୀ ସେହୁ ମହାବଳବନ୍ତ ॥
ଅଜଗବ ନାମେ ଧନୁ ଧରେ ତାର କରେ ।
ପୃଥ୍ଵୀ ଦେବୀ କମ୍ପି ଉଠେ ଯାର ପାଦଭରେ ॥
ବେଟରେକାର କରିଣ ସେ ନାରାଚ ବନ୍ଧିଲା ।
ଷୋଡ଼ଶ ଯୋଜନ ଯାଏ ଭୂମିରେ ପଶିଲା ॥
ଧନ୍ୟ ଧନ୍ୟ କଲେ ତାକୁ ସମସ୍ତ ରାଜାଏ ।
ମଣିସ୍ତମ୍ଭ ନ ଫୁଟେ ଯେ କାର ଶରଘାଏ ॥
ଏହି କାଳରେ ମହିଷା ଅସୁର ଆସଇ ।
ଧାତାର ମନ୍ତ୍ରେ ଗୋପ୍ୟାନ କରିଅଛି ଦେଖି ॥
କନ୍ୟାରୂପ ଦେଖିଲା ସେ ହୋଇ ଶୂନ୍ୟବାସୀ ।
ଧାତକାରେ ସ୍ଵୟମ୍ଵର ସ୍ଥାନେ ମିଳେ ଆସି ॥
ଯହିଁ ଶୁଭିଲା ଅସୁରମାନଙ୍କ ଶବଦ ।
ରାଜାଗଣମାନେ ଶୁଣି ହୋଇଲେ ସ୍ତବଧ ॥
କେଶ ପିଙ୍ଗଳ କାହାର ଅଟେ ଊର୍ଦ୍ଧ୍ଵବାହୁ ।
ନିଶାକରକୁ ଦେଖିଣ ଘୋଟେ ଯେସନ୍ତେ ରାହୁ ॥
ଅଦ୍ଭୁତେ ଅଶ୍ଚର୍ଯ୍ୟ ଯେ ଦୈତ୍ୟବଳ ଦେଖି ।
ଭୟେ ରାଜା ପଳାଇଲେ ସଭାକୁ ଉପେକ୍ଷି ॥
ସଭାର ମଧ୍ୟେ ବଜ୍ରସ୍ଵେ କରିଲା ମହିଷା ।
ପଳାଇଲେ ରାଜାମାନେ ନ ପାଇ ଭରସା ॥
ନୈଷାକୁ ଦେଖି ଭଜନ୍ତେ ଚନ୍ଦ୍ରନେମି ଥାଟ ।
ବହ ବୋଲି ବକ୍ରସାର୍ଯ୍ୟ କରଇ ମୁରାଟ ॥
ମହିଷାସୁର ବୋଇଲା ଶୁଣ ଚନ୍ଦ୍ରନେମି ।
ଦେଖୁଥିଲି ସ୍ଵୟମ୍ଵର ହୋଇ ଶୂନ୍ୟଗାମୀ ॥
ମୁହିଁ ତୋର ଏ ବ୍ରତକୁ ପୂରାଇବ ଘାସ୍ତେ ।
ଲକ୍ଷ ବନ୍ଧିଲେ ଦେବୁ ତୋର ଦୁହିତାଏ ॥
ଚନ୍ଦ୍ରନେମି ବୋଇଲା ଯେ ତୁ ମହାରାଜନ ।
ତୂରେ ତୋତେ ବର ଦେଲା ଚତୁର ଆନନ ॥
ଏ ମର୍ତ୍ତ୍ୟ ମଣ୍ଡଳେ ଏକା ବୀର ଅଟୁ ତୁହି ।
ଲକ୍ଷ ବନ୍ଧିଲେ ତୋତେ କି କହିବ ମୁଁ ନାହିଁ ॥
ରାଜାର ବଚନ ଶୁଣି ମହିଷା ଅସୁର ।
ଲୌହସାର ଧନୁ ଏକ ଧଇଲା ସେ କର ॥
ଅକର୍ଣ୍ଣ ଯାଏ ଓଟାରି ବନ୍ଧିଲାକ ଶର ।
ବ୍ରହ୍ମ ରୁଦ୍ର କଉଶିକ ବଜ୍ର ଯେ ଅବର ॥
ଏକାବାନ୍ତିକେ ସେ ଶୂର ନାରାଚ ପୁରାଇ ।
ଚଣ୍ଡ ମୁଣ୍ଡ ବେନି ସଙ୍ଗେ ସାହା ଛନ୍ତି ହୋଇ ॥
ବିକ୍ରମ ତତ କରିଣ ବନ୍ଧେ ଶର କୋଟି ।
ନିର୍ଘାତ ଶବଦ କରି ସ୍ତମ୍ଭ ଗଲା ଫୁଟି ॥
ଏହା ଦେଖି ସର୍ବଲୋକେ ହେଲେ ଚମତ୍କାର ।
ସାଧୁରେ ମହିଷା ବୋଲି ବୋଇଲେ ଅମର ॥

Digitized by srujanika@gmail.com

ବିଧାତାର ବରେ ଦୈତ୍ୟ ଅଟେ ମହାବଳୀ ।
ସୁନ୍ଦର ପଣରେ କାମଦେବଠାରୁ ବଳି ॥
ଚନ୍ଦ୍ରାବତୀକୁ ଘେନଣ ସେ ଚନ୍ଦ୍ରନେମି ।
ମହିଷାସୁରେ କହଇ ସୁମଧୁର ବାଣୀ ॥
ତୋର ଯୋଗେ ମୋର ମାନ ରହିଲା ଧରାରେ ।
ଅନୁଗ୍ରହ କର ବିଜେ କରିବା ମୋ ପୁରେ ॥
ଶୁଣି ମହିଷା ଅସୁର ଆନନ୍ଦିତ ହେଲା ।
ଚନ୍ଦ୍ରନେମି ପୁରେ ଯାଇଁ ପ୍ରବେଶ ହୋଇଲା ॥
ଅନେକ ଉତ୍ସବମାନ କଲା ନୃପବର ।
ବିଭାର ଯୋଗାଡ଼ ସବୁ ହୋଇଏ ସତ୍ୱର ॥
ଅସୁରଙ୍କ ଗୁରୁ ଶୁକ୍ର ଆଣି ମିଳିଲେ ।
ଶୁଭବେଳେ ବିଭାକାର୍ଯ୍ୟ ସମ୍ପୂର୍ଣ୍ଣ କରିଲେ ॥
ସୈନ୍ୟ ସହିତରେ ତହିଁ ମହିଷା ଅସୁର ।
ଦିନ ଦଶ ରହିଲା ଯେ ଚନ୍ଦ୍ରନେମି ପୁର ॥
ଚନ୍ଦ୍ରନେମି ଚରଣରେ ମହିଷା ପ୍ରଣମି ।
ମୋ ରାଜ୍ୟକୁ ଯିବ ଆଜ୍ଞା ଦିଅ ଦେବ ସ୍ୱାମି ॥
ରକ୍ତବୀର୍ଯ୍ୟ ବିଡ଼ାଳାକ୍ଷେ ଦିଅ ଦୟା କରି ।
ତାଙ୍କ ଯୋଗରେ ଜିଣିବ ଚତୁର୍ଦ୍ଦଶ ପୁରୀ ॥
ଶୁଣି ତାହା ଚନ୍ଦ୍ରନେମି ସନମତ କଲା ।
ଦିଅ ଜୋଇଁଙ୍କ କୌତୁକ ସହ ବିଦାଦେଲା ॥
ମହା ପ୍ରତାପୀ ଅଟଇ ସେ ମହିଷା ନୃପ ।
ପରବେଶ ହେଲା ଆସି ସିଂହଳ ଯେ ଦ୍ୱୀପ ॥
ରକ୍ତବୀର୍ଯ୍ୟ ବିଡ଼ାଳାକ୍ଷେ ଏ ଦୁହିଙ୍କୁ ରଜା ।
ଆପଣା ସମାନେ ରାଜ୍ୟେ କରାଇଲା ପୂଜା ॥
ରତ୍ନକୁ ଘେନି ମଦନ ଯେସନ୍ତେ କରେ ବିଜେ ।
ତେସନ ମହିଷାସୁର ବିଜେ ନିଜ ରାଜ୍ୟେ ॥
ଜୟ ଜୟ ମା ଶାରଳା ଦନୁଜ ଦଳନି ।
ଭକ୍ତର ଗୁହାରି ମାଗୋ ଶୁଣୁ କର୍ଣ୍ଣ ଦେନି ॥
ଝଙ୍କଡ଼ପୁରରେ ତୋର ଅଟେ ନିଜ ବାସ ।
ସଦା ଶାରଳା ଦାସ ଯେ ତୋ ପାଦର ଦାସ ॥

## ମହିଷାର ଜମ୍ବୁଦ୍ୱୀପେ ଯାତ୍ରା ।

କହନ୍ତି ଯେ ଶୁକ ମୁନି ଶୁଣ ପରୀକ୍ଷିତ ।
ଶ୍ରୀ ଚଣ୍ଡୀ ପୁରାଣ ଶୁଣି ହୁଅ ତୁ ମୁକତ ॥
ମହିଷା ଅସୁର କଥା ବଡ଼ ଚମତ୍କାର ।
ଏକଦିନେ ମନରେ ସେ କରଇ ବିଚାର ॥
ଆଉ କେତେ ବାକି ରାଜ୍ୟ ରହିଗଲା ପୁଣି ।
ଆସିବଇଁ ଏବେ ଯାଇଁ ସେ ସମସ୍ତ ଜିଣି ॥
ଏମନ୍ତ ବିଚାର କରି ଆଜ୍ଞା ସଜାଇଲା ।
ନିଜେ ଲୁହା ଧନୁ ଏକ ହସ୍ତରେ ଧଇଲା ॥
ବାର ଅର୍ବୁଦ ସଇନ ଘୋଇଲେ ବାହାର ।
କେ ସଂଖ୍ୟା କରିପାରିବ ଯେତେ ବାଦ୍ୟକାର ॥
ଗୃମର ବେମାଳ ରକ୍ତବୀର୍ଯ୍ୟ ବିଡ଼ାଳାକ୍ଷ ।
ଏହାଙ୍କର ସୈନ୍ୟ ସାତ ପଦ୍ମ ଶତେଲକ୍ଷ ॥
ଏସନେକ ସୈନ୍ୟ ଘେନି ମହିଷାସୁର ରାଜ୍ୟେ ।
ଜମ୍ବୁଦ୍ୱୀପ ମଧ୍ୟରେ ସେ କରିଲା ବିଜୟେ ॥
ଗୁରୁମୁଖରୁ ରାଜାଏ ଦୈତ୍ୟଭୟ ଶୁଣି ।
ନଗର ଛାଡ଼ ପଳାନ୍ତି ଭୟେ କେତେ ପୁଣି ॥
ଭାଙ୍ଗନ୍ତି ଅସୁରେ ଦେଶ ଉଜାଡ଼ନ୍ତି ନଗ୍ର ।
ଗୋ ବ୍ରାହ୍ମଣ ସ୍ତ୍ରୀମାନଙ୍କି ସେ କରନ୍ତି ବଧେଗ ॥
ମନ୍ଦର ଗିରି ସମାନେ ଅସୁରଙ୍କ କାୟ ।
ମାର୍ଜାର ବାହନ ବ୍ୟାଘ୍ର କାହାର ବଳଅ ॥
ରକ୍ତବୀର୍ଯ୍ୟ ଗୃମର ବେମାଳ କାନ୍ତମାଳା ।
ବିଡ଼ାଳାକ୍ଷ ବହିରନ୍ତି ହୋଇ ମତ୍ତଭୋଳା ॥
ବାଜଇ ଯେ ବଜ୍ରଘୋଷ ମର୍ଦ୍ଦଳ ଦାଉଣ୍ଡି ।
ନାଚଇ କେ ମହାନନ୍ଦେ ଖେମଟା ଦାଣ୍ଡି ଖଣ୍ଡି ॥
ଆନନ୍ଦେ ଦାନବେ ବିହରନ୍ତି ଏସନେକ ।
ନ ଜାଣନ୍ତି ବିଧାତାର ବରେ ଯମଦୁଃଖ ॥
ଶିରରେ ବଜ୍ର ପଡ଼ିଲେ ନୁହନ୍ତି ବିନାଶ ।
ଉଚ୍ଚରେ ଆକାଶେ ଲାଗୁଅଛି ଶିରଦେଶ ॥
ନର ବାନର ଗୋ ସ୍ତ୍ରୀ ବ୍ରାହ୍ମଣ ସହିତେ ।
ସବୁ ଭକ୍ଷଣ କରନ୍ତି ସେ ମହାଦୁରନ୍ତେ ॥
ବାରପଦ୍ମ ସଇନ ଯେ ପାଞ୍ଚପଦ୍ମ ସେନା ।
ନ କରନ୍ତି ଯମଦଣ୍ଡେ କୋଟିଏ ଗଣନା ॥
କାଶୀ କଉଶିକ କାନ୍ୟକୁବ୍ଜ କନାଉଜ ।
ଅଙ୍ଗ ବଙ୍ଗ ଦେଶାଦି ଜିଣି ସର୍ବ ରାଜ୍ୟ ॥
ମହାଭୟ ପାଇ କରି କେତେ ନୃପଗଣ ।
ଶରଣ ପଶିଲେ ଦନ୍ତେ ଧରିଣ ତୃଣ ॥
ଧନ ଭଣ୍ଡାର ଘେନିଣ କେହି କେହି ପୁଣ ।
ମହିଷାସୁର ଚରଣେ ପଶିଲେ ଶରଣ ॥
ଯେତେକ ଦେବତା କାଷ୍ଠ ପାଷାଣରେ ଥିଲେ ।
ଅସୁରେ ସମସ୍ତ ଭାଙ୍ଗି ନାରଖାର କଲେ ॥

ମେରୁ ମଣ୍ଡପ ଦେଉଳ ଅଷ୍ଟାଳ ଜଗତୀ ।
କାହିଁ ନ ରଖିଲେ ଅଣୁମାନ ଧର୍ମ କାନ୍ତି ॥
ଜମ୍ବୁଦ୍ୱୀପରେ ବଶେଷେ ବ୍ରାହ୍ମଣଙ୍କ ବାସ ।
ସର୍ବଦା ଗୃହେ ବେଦ ସେ କରନ୍ତି ଅଭ୍ୟାସ ॥
ସେମାନଙ୍କୁ ମାର ଧର ନେଲେ ତାଙ୍କ ଜାତ ।
ଦୈତ୍ୟଙ୍କ ଭୟେ କେ ବୃଦ୍ଧ କୋଣରେ ଲୁଚନ୍ତି ॥
ଯେସନେକ ରମ୍ଭାବନ ଭାଙ୍ଗେ ବାତଘାତେ ।
ତେସନ ବନସ୍ତମାନ ଭାଙ୍ଗନ୍ତି ଦଇତେ ॥
ଭୟେ ଦେବତା ଯାହାଙ୍କୁ ଦେଖିଲେ ଡରନ୍ତି ।
ମନୁଷ୍ୟ ହୋଇ କେ ତାଙ୍କ ଅଗରେ ବରତି ॥
ଗୋରାଷ୍ଟ୍ର ସୌରାଷ୍ଟ୍ର କର୍ଣ୍ଣାଟ ନାଟ ଏହି ଦେଶ ।
ଭାଙ୍ଗିଣ ଧନ ଭଣ୍ଡାର ଜୁରନ୍ତି ସର୍ବସ୍ୱ ॥
ଶଙ୍ଖବତୀ ନଗ୍ର ରାଜା ଅଟେ ପଦ୍ମନାଭ ।
ବରଷ ବରରେ ତାର ମହିମା ଦୁର୍ଲ୍ଲଭ ॥
ପ୍ରତାପୀ ଦାନବ ତାର ଚତୁରଙ୍ଗ ବଳ ।
ଶଙ୍ଖବତୀ ନାମେ ପୁର ଅତି ପରମଳ ॥
ରାଜାର ଅଗରେ ମନ୍ତ୍ରୀ କହିଲାକ ଯାଇଁ ।
ସ୍ୱାମି ତୋହ ଦେଶକୁ ଯେ ନୈଷାସୁର ବାହି ॥
ସିଂହଳଦେଶ ଯେ କ୍ରୌଞ୍ଚ କୁଶ ଚନ୍ଦ୍ର ଦ୍ୱୀପ ।
ଏ ଅଦ୍ଧ ଦେଶ ଜଣିଲା ପ୍ରତାପୀ କୌଣପ ॥
ସବୁ ଦ୍ୱୀପ ଭୁଲ ଜମ୍ବୁଦ୍ୱୀପରେ ପଶିଲା ।
ଅନେକ ପୁର ପଟ୍ଟଣା ଅଦ୍ଧ ଉଜାଡ଼ିଲା ॥
ବନ ପର୍ବତ ଦେଶ ପାଟଣୋଦ୍ଧ କେହି ।
ମହିଷାସୁର ଅଗରେ ରହନ୍ତା ଯେ ନାହିଁ ॥
ନଗ୍ର ତେଜିଣ କାନନେ ପଶିଲେକ ରାଜେ ।
କେତେ ଶରଣ ପଶିଲେ ତାର ପାଦେ ଭୟେ ॥
ନ ଜାଣି ଯୁଦ୍ଧ କରବ ତାର ଭୁଲେ ଯେହି ।
ଦଣ୍ଡଭଙ୍ଗ ହେଲେ ଯାଇଁ ପଶିବ ସେ କାହିଁ ॥
ମନ୍ତ୍ରିର ବଚନ ଶୁଣି କହେ ପଦ୍ମନାଭ ।
ସମଦଣ୍ଡ ସଜକର ଦେଖିବା ଦାନବ ॥
ବାହାର ଗଡ଼ରେ ତାର ଥିଲା ଯେ ଜଗତୀ ।
ତହିଁରେ ଉଠିଲା ପଦ୍ମନାଭ ନରପତି ॥
ଦେଖିଲା ଦଇତ ବଳ ଅସଂଖ୍ୟନ୍ତି ବାହି ।
ଯେସନେ ସାତସମୁଦ୍ର ଏକଠେ ଅସରି ॥
ଅଗ୍ରଅଣି ଆଟେ ଛନ୍ତି ଚାମର ବେମାଳ ।
କାନ୍ତିମାଳା ସହିତରେ ଯେତେ ମହାବଳ ॥
ମନ୍ତ୍ରିକ ପୁଚ୍ଛିଣ ପଦ୍ମନାଭ ଯେ ପ୍ରଚ୍ଛଇ ।
ପଶ୍ଚିମ ଦଗରୁ ସାତସମୁଦ୍ର ଅସରି ॥
ମନ୍ତ୍ରୀ ବୋଲେ ଦେଖ ମୋତେ ସେହି ମହାରାଜେ ।
ମହିଷାସୁର ସଇନ ଦଶେ ସିନ୍ଧୁ ପ୍ରାୟେ ॥
ସୈନ୍ୟ ଅଛନ୍ତି ପାଞ୍ଚଯୋଜନ ଯେ ମାତ୍ର ।
ସିନ୍ଧୁଘୋଷ ପ୍ରାୟେ ଦେଖ ଶୁଭେ ମୁଖ ବଡ ॥
ପଞ୍ଚଦଶ ଯୋଜନରେ ରହିଥିଲେ ସୈନ୍ୟ ।
ଘଡିକ ମଧ୍ୟେ ଅଇଲେ ସେ ତନି ଯୋଜନ ॥
ଜଗତୀରୁ ପଦ୍ମନାଭ ନୃପ ଓହ୍ଲାଇଲେ ।
ଗଡ଼ ବେଢ଼ିଲେ ଅସିଣ ଅସୁର ଦୁରନ୍ତେ ॥
ଗଡ଼ରେ କବାଟ ଦେଇ ଲୁଚିଲା ସେ ରାଜା ।
ମନ୍ତ୍ରିକୁ ବୋଲେ ତାହାଙ୍କୁ ବାହୁଡ ହୋଅ ଯା ॥
ମନ୍ତ୍ରୀ କହିଲା ଅରୁଣ କବଚର ବଂଶୀ ।
ଅଭୟ ବର ପାଇଲା ବରଞ୍ଚିକ ତୋଷି ॥
ତାହାର ନନ୍ଦନ ଅଟେ ଅଙ୍କନ ଦଇତ ।
ମାତଙ୍ଗାସୁର ବୋଲିଣ ତାହାର ଯେ ପୁତ୍ର ॥
ତାହାର ନନ୍ଦନ ନାମ ଅଟଇ ହିଶିଶ ।
ହିଶିଶ ନନ୍ଦନ ନାମ ଦୁନ୍ଦୁଭି ଯେ ବୀର ॥
ଦୁନ୍ଦୁଭିର ନନ୍ଦନ ଯେ ଅସୁର ଦୁର୍ମିଳା ।
କଙ୍କାସୁର ବୋଲି ତାର କୁମରେକ ହେଲା ॥
କଙ୍କାସୁର ନନ୍ଦନ ଯେ ଧଙ୍କାସୁର ବୋଲି ।
ଧଙ୍କାସୁରର କୁମର ବକାସୁର ବଳୀ ॥
ବକାସୁର ପୁତ୍ର କନ୍ୟାସୁର ବୋଲି ବୀର ।
ଶଙ୍ଖାସୁର ବୋଲି କର ତାହାର କୁମର ॥
ଶଙ୍ଖାସୁର ତନୟ ଯେ ଦୈତ୍ୟ ସିଂହନାଭ ।
ସିଂହନାଭର ନନ୍ଦନ ଅଟେ ସୁରନାଭ ॥
ସୁରନାଭର କୁମର ବଜ୍ରନାଭ ବୋଲି ।
ବଜ୍ରନାଭର ନନ୍ଦନ ସଇନଭ ବଳୀ ॥
ଅମ୍ଭେ ଅଟୁ ସବୁ ହେନେ କଉଣପବଂଶୀ ।
ସେମାନେ ମଧ ନୃହନ୍ତି କେବେ ଅବିଶ୍ୱାସୀ ॥
ଯାହା ହେଉ ଯାଉଛି ମୁଁ ଦେବ ଚବର୍ତ୍ତି ଇ ।
ଏତେ କହି ମନ୍ତ୍ରୀବର ସତ୍ୱର ଗମଇ ॥
ସୈନ୍ୟଙ୍କୁ ଯାଇଁ ବୋଇଲା ଅସୁର ନୃପତି ।
ତୁମ୍ଭର କଣ୍ଠହିଁ ଦୋଷ କର ସେ ନାହାନ୍ତି ॥
ବିଡ଼ାଳାକ୍ଷ ବୋଇଲା ଯେ ଅମ୍ଭେ ତା ନ ଜାଣୁ ।
ଶରଣ ପଶିଲା ଲୋକ ରଖି ଅମ୍ଭେ ଜାଣୁ ॥

Digitized by srujanika@gmail.com

କ୍ରୋଧେ ଅଜ୍ଞା ଦେଲା କାନ୍ତମାଳା ମହାବଳୀ ।
ତାଡ଼ ରେ ତାଡ଼ ରେ ଗଡ଼ ଲଗାଇ ଶାବେଳୀ ॥
ଯହୁଁ ଅଜ୍ଞା ଦେଲା ସାରଥିର ଏଣ୍ଟେ ବଚି ।
ଲାଗିଲେ ସୈନ୍ୟ ଯେ ଶଙ୍ଖବତୀ ପୁର ତାଡ଼ି ॥
ପଦ୍ମନାଭର ସଇନ ଜଗତୀ ଉପରେ ।
ଚଢ଼ିଣ ବିନ୍ଧନ୍ତି ଶର ଅତି କୋପଭରେ ॥
ବଜ୍ରଶର ଅଗ୍ନିଶର ଅଉ ବ୍ରହ୍ମଶର ।
ମନ୍ତ୍ରିଣ ପେଶନ୍ତି କ୍ରୋଧେ ଦୈତ୍ୟଙ୍କ ଉପର ॥
ବେଳୁଁ ବେଳ ପେଷିଲେ ସେ ଅସ୍ତ୍ର ଗଳଗାଜ ।
ମହିଷାସୁର ସଇନ ପଳାଇଲେ ଭାଜି ॥
ସୈନ୍ୟଙ୍କର ଭଙ୍ଗ ଦେଖି ଉଠେ ରକ୍ତବୀର୍ଯ୍ୟ ।
ଦ୍ୱାର କବାଟ ତାଡ଼ି ଯେ ଲାଗିଲେ ଦନୁଜ ॥
ବିଡ଼ାଳାକ୍ଷ ରକ୍ତବୀର୍ଯ୍ୟ ଚାମର ବେମାଳ ।
ପାଞ୍ଚ ଅର୍ବୁଦ ସଇନ ଚାଳନ୍ତି ସେ ପୁର ॥
ବଜ୍ରରୁ କଠିନ ଅଟେ ଅସୁରଙ୍କ କାୟେ ।
ନାନାଶସ୍ତ୍ରମାନଙ୍କୁ ସେ ନ ରଖନ୍ତି ଭୟେ ॥
ପଦ୍ମନାଭର ସଇନ ବିନ୍ଧନ୍ତି ଯେ ଶର ।
ଦୈତ୍ୟଙ୍କ ଉପରେ ପଡ଼ି ହୁଅନ୍ତି ଶତଚୂର ॥
ଗର୍ଜନ୍ତି ପ୍ରତାପୀ ଦୈତ୍ୟେ ଯେଣୁ ମହାବଳୀ ।
ତାଡଲେ କବାଟସବୁ ଲଗାଇ ଶାବେଳୀ ॥
ଗଦା ପ୍ରହାର ଶାବଳେ ତାଡ଼ିଲେ ଦର୍ପିଷ୍ଠ ।
କ୍ଷଣକରେ ଗଡ଼ ତାର କଲେ ନଷ୍ଟ ଭ୍ରଷ୍ଟ ॥
କୋପଭରେ ପ୍ରହାରିଲେ ଅନର୍ଯ୍ୟାପ ଶର ।
ଭାଜିଲେ ସଇନସବୁ ସେ ପଦ୍ମନାଭର ॥
ଅଶୀସହସ୍ର ଯୋଦ୍ଧା ରଣେ ପଡ଼ିଲେ ଅଚେତେ ।
ସଂଖ୍ୟା କେ କରି ପାରିବ ପଦାତିକ ଯେତେ ॥
ଯୁଦ୍ଧରେ କର୍ଦ୍ଦମ ହେଲା ଦେଖି ବୀଭତ୍ସ ।
ଶଙ୍ଖବତୀ ନଗ୍ର ଭଙ୍ଗି କଲେ ସବୁ ଚୂର ॥
ପାଚେରୀ ଦେଉଳ ଅଉ ଜଗତୀ ଅଟ୍ଟାଳି ।
ମହିଷାସୁର ସଇନ ଭଙ୍ଗି କଲେ ଧୂଳି ॥
ପୁନରପି ବେଢ଼ିବଳ କରନ୍ତି ସମର ।
ବେଢ଼ ଆଟରେ ପଡିଲେ ନବଲକ୍ଷ ବୀର ॥
ସୈନ୍ୟହତ ଦେଖିକରି କାନ୍ତମାଳା ଉଠେ ।
ବଶ ଫୁଲାଇ ଗଦାକୁ କ୍ରୋଧଭରେ ପିଟେ ॥
ରକ୍ତବୀର୍ଯ୍ୟ ବିଡ଼ାଳାକ୍ଷ ଚାମର ବେମାଳ ।
ଏକମୁଖରେ ରଣରେ ପଶି କଲେ ଗୋଳ ॥

ଏ ପାଞ୍ଚ ଅସୁରେ ଜଣି ମାରନ୍ତି ଯେ ସ୍ୱର୍ଗ ।
ଗୃହୁଁ ଗୃହୁଁ ହୋଇଗଲେ ଯେ ଗଗନମାର୍ଗ ॥
ପଦ୍ମନାଭର ସଇନ ଦେଖି କଲେ ଭୟ ।
ମନ୍ଦର ଗିରି ପରାଏ ଦୈତ୍ୟଙ୍କର କାୟ ॥
ଅଶୀଅର୍ବୁଦ ଯୋଦ୍ଧାଙ୍କ ସଙ୍ଗତରେ ଘେନି ।
ଶୀଘ୍ର ଉଠିଲେ ଚାମର ବେମାଳ ଯେ ବେନି ॥
ଲୋହଶର ଶକତକି ନ କରନ୍ତି ଭୟ ।
ବଜ୍ରରୁ କଠିନ ଅଟେ ଦୈତ୍ୟଙ୍କର କାୟ ॥
କାନ୍ତମାଳା ପ୍ରହାରରେ ମଲେ ବହୁଯୋଧୀ ।
ଶଙ୍ଖବତୀ ନଗରରେ ବହେ ରକ୍ତନଦୀ ॥
କାନ୍ତମାଳାର ଶରୀର ମେରୁଗିରି ପ୍ରାୟେ ।
ପଦ୍ମନାଭର ସଇନ ଦେଖି କଲେ ଭୟେ ॥
ଅପାର ଯୋଦ୍ଧା ତାହାର ପଡିଲେକ ରଣେ ।
ଦେଖି ପଦ୍ମନାଭ ମହାଭୟ କଲା ମନେ ॥
ପାଞ୍ଚକୋଟି ଯୋଦ୍ଧା ତାର ଅଛନ୍ତି ସଙ୍ଗତେ ।
ଛେଳ ପ୍ରାପ୍ତ ହେଲେ କାନ୍ତମାଳାର ଅଗ୍ରତେ ॥
ଦେଖି ପଦ୍ମନାଭ କାନ୍ତମାଳାକୁ ପୁଚ୍ଛଇ ।
ଅକାରଣେ ବଳ ମୋର ନାଶିଲ କପାଇଁ ॥
କାନ୍ତମାଳା ବୋଇଲା ହୋ ନ ଜାଣ ଯେ ତୁମ୍ଭେ
ବ୍ରହ୍ମାଣ୍ଡଜିତା ମହିଷାସୁର ବଳ ଅମ୍ଭେ ॥
ସମସ୍ତ ଦ୍ୱୀପ ଜିଣିଲୁ ଅମ୍ଭେ ବଳେ ଧରି ।
ମହିଷାସୁରକୁ କେହି ନାହାନ୍ତି ବା ଡ଼ରି ॥
ଜମ୍ବୁଦ୍ୱୀପରେ ଜିଣିଲୁ ସବୁ ରାଜାମାନ ।
ତୁ ସାମାନ୍ୟ ରାଜା ତୋର କେତେ ବଡ଼ପଣ ॥
ଏବେ ଆସ କରାଇବା ରାଜାଙ୍କ ଦର୍ଶନ ।
ମହୀମଣ୍ଡଳ ନୃପତି ହେବେ ପରସନ୍ନ ॥
ପଦ୍ମନାଭ ନୃପ ବୋଲେ ପଡ଼ିଲେ ମୋ ସଖା ।
ଆଉ ସଖ୍ୟ ତୁମ୍ଭର ସଙ୍ଗେ କାହିଁ ଦେଖା ॥
ପଶ୍ଚୁ ମହିଷାସୁର ବଳ ଯେ ଉଠିଲେ ।
ପଦ୍ମନାଭ ସୈନ୍ୟ ତୁଲେ ଯୁଦ୍ଧ ଆରମ୍ଭିଲେ ॥
କୋପାନ୍ଳେ ଜର ଜର ହେଲା ରକ୍ତବୀର୍ଯ୍ୟ ।
ଅନେକ ଯୋଦ୍ଧା ଘେନିଣ ଧାଇଁଲି ଦନୁଜ ॥
ଧଇଲେ ପଦ୍ମନାଭର ଯାଇଁ ବଳେ କେଶ ।
ଖଡ୍ଗ ପ୍ରହାରେ ତାର ପ୍ରାଣ କଲେ ନାଶ ॥
ପଦ୍ମନାଭ ନରପତି ଯାନ୍ତେ ଯମାଳୟ ।
ତାହାର ସଇନ୍ୟ ଯାକ ମାରି କଲେ କ୍ଷୟ ॥

Digitized by srujanika@gmail.com

ବଜ୍ରନାଭ ପୁନାଭଙ୍କୁ ଧରିଣ ନଅନ୍ତି ।
ଯେଉଁଠାରେ ରହିଅଛି ମହିଷା ନୃପତି ॥
ସେଠାରେ ନେଇ ସମର୍ପୁ କହେ ରକ୍ତବୀର୍ଯ୍ୟ ।
ଅସୁର ଅନେକ ଦେବ ଯୁଝିଲେ ଦନୁଜ ॥
ମୁଁ ବଧ କରିଲି ପଦ୍ମନାଭ ନୃପତିଙ୍କୁ ।
ଧରି ଆଣିଲି ତାହାର ଏ ବେନି ପୁତ୍ରଙ୍କୁ ॥
ବାହୁତ ହେଲେ ତ ହେବ ଅନ୍ତ୍ୟ ଏ ଜୀବ ।
ତୁମ୍ଭ ମହିମା ଜାଣନ୍ତି ଏହି ଶିଶୁ ବେନି ॥
ଅସୁର ହୋଇଣ ଏଥେ ହୁଅନ୍ତୁ ଏ ରାଜା ।
ଥାଟ ସୈନ୍ୟ ସେନ କରି କରନ୍ତୁ ଯେ ପୂଜା ॥
ବହୁତ ପ୍ରବୋଧ କରି କହେ ରକ୍ତବୀର୍ଯ୍ୟ ।
ଶୁଣିଣ ସୁଦୟା କଲା ସେ ଦୁଷ୍ଟ ଦନୁଜ ॥
ଆପଣା ଶ୍ରୀକରେ ମୈଷା ବାନ୍ଧେ ନେଇ ଗାଡ଼ୀ ।
ସେ ପୁରେ ନୃପତି ତାଙ୍କୁ କଲେ ସର୍ବେ ବେଢ଼ି ॥
ପାଞ୍ଚଲକ୍ଷ ରଥୀ ପାଞ୍ଚଅୟୁତ ଯେ ହସ୍ତୀ ।
ସେନାକର ବଜ୍ରନାଭ ଖଟେ ମୈଷା ପାଶେ ॥
ଏରୂପେ ରାଜ୍ୟ ସାଧିଲା ମହିଷା ଦଇତ ।
ମହାମନ୍ଥନ ନାମକୁ ବହେ ବଳ ବଳବନ୍ତ ॥
ଜନ୍ମରୁ ଜନ୍ମରୁ ଦେବ ପରଂ ଯୋଗାଭ୍ୟାସି ।
ଉଗ୍ରତାର ଉଦରରୁ ଅଭୁତେ ପ୍ରକାଶି ॥
ମାତାଙ୍କୁ ହରିଲୁ ଛାଡ଼ି ନ ପାରିଣ ଭୋଳେ ।
ତେଣୁ ମହାଦେବ ନାମ ତୋର ରହିଗଲେ ॥
ଜୟ ରୁ ଜୟ ଧବଳମୂର୍ତ୍ତି ମହାଶୂଳୀ ।
ଅଯୋନି ସମ୍ଭୂତ ନାଥ ନାମ ତୋ ଧବଳୀ ॥
କ୍ଷଣକରେ ଦହିଦେଲୁ କାମଦେବ କାୟ ।
ଦେବଙ୍କ ଯୋଗେ ଜନ୍ମିଲେ ଦେବ କାର୍ତ୍ତିକେୟ ॥
ଜଗଜ୍ଜନ ହିତେ କାଳକୂଟକୁ ଭକ୍ଷିଲୁ ।
ଡମରୁ ବଜାଇ ବୃଷ ବାହନରେ ବୁଲୁ ॥
ନିଶାକର ଚନ୍ଦ୍ର ଧର୍ମ ଦହନ ତ୍ରିନେତ୍ର ।
ଅନନ୍ତ ନାଗ ଭୂଷଣ ଅଙ୍ଗରେ ପବିତ୍ର ॥
ଯାବତ ବହନେ ନାଥ ରୁଦ୍ର ଯେ ନାୟକ ।
ଜଗତ ଜନ ସୋଦର ଦେବ ତ୍ରିଅମ୍ବକ ॥
ଧାରୁବାଦ୍ୟ ପୁରୁଷ ତୋ ଶିରେ ପଞ୍ଚଜଟ ।
ଅଗ୍ରେପଣ କରୁ ଦେବ ମନ୍ଦିରଙ୍ଗେ ନାଟ ॥
ଚରାଚର ଠାକୁର ତୋ ମହେଶ୍ବର ନାମ ।
ଜାତ ଅନ୍ତ ନାଥ ରୁଦ୍ର ଈଶାନ ଉତ୍ତମ ॥

ଶ୍ରୀ ନୀଳକଣ୍ଠ ଚରଣ ଥିଲେ ହୃଦଗତେ ।
ଶାରଳା ଦାସ ଯେବଣ ବିଶ୍ବନାଥ ନତେ୍ୟ ॥
ମୈଷାସୁର ଉଗଭଙ୍ଗେ ଏ ପୁଣ୍ୟ ଅଖ୍ୟାନ ।
ଏକମନ କରି ଶୁଣ ଅହେ ସୁଜ୍ଞ ଜନ ॥
ଶାସ୍ତ୍ର ସଂହିତାରେ ଯାହା ହୋଇଛି ଉକତ ।
ଲେଖି ପାରିବ କେ ତାହା କରି ଅଦ୍ୟ ପ୍ରାନ୍ତ ॥
ଅଜନ୍ମରୁ ମୂର୍ଖ ମୁହିଁ ଅଟେ ଅପଣ୍ଡିତ ।
କହିବାକୁ ଶକ୍ୟ କି ମୁଁ ଏହି ମହା ଶାସ୍ତ୍ର ॥
ମୋତେ ଅଗୋଚର ଏହି ଚିଣ୍ଡ ଭାଗବତ ।
ବେଦତନ୍ତ୍ରରୁ ଏହା ଯେ ହୋଇଛି ସମ୍ଭୂତ ॥
ବୈକୁଣ୍ଠ ପୁରବାସିନୀ ପ୍ରସନ୍ନ ହୁଅନ୍ତୁ ।
ମୋର ହୃଦୟକୁ ସେହୁ ସଦା ପଦ୍ମମାଳା ॥
ଶାରଳା ପାଦରେ ମୁହିଁ ଶରଣ ଖଟେ ।
ମୋତେ ଯାହା କହଇ ତା ବଦନରେ ରଟେ ॥
ପରମ ଗତି ପାଇଁକି ଦେଲା ମୋତେ ବୁଦ୍ଧି ।
ତାହାର ଆଜ୍ଞାରେ ଏହି ଶାସ୍ତ୍ରକୁ ମୁଁ ଛନ୍ଦି ॥
ବିକଚକମଳମୁଖୀ ଉତ୍ପଳ ନୟନୀ ।
ସୁଧାଦ୍ରମହି ପ୍ରସନ୍ନ ହୁଅ କାତ୍ୟାୟିନୀ ॥
ହେ ବୁଧ ଜନେ ମୋହର କେହୁ ସଖା ନାହିଁ ।
ସେ ମହାମାୟୀ ସ୍ବପ୍ନରେ ଯାହା ମୋତେ କହି ॥
ମୁହିଁ ସେ କଥା ଗୋଟିକୁ ଅଭ୍ୟାସ କରଇ ।
ତେଣୁ କରି ମୁଁ ତ ଏହି ଗ୍ରନ୍ଥ ଲେଖିଲଇଁ ॥
ପ୍ରଯନ୍ନା ସେ ମାହେଶ୍ବରୀ ପର ଦୁଃଖେ ଦୁଃଖୀ ।
ସର୍ବଦା ଭକତ ଜନ କଷ୍ଟକୁ ନ ଦେଖି ॥
ବରଦାୟିନୀ ମାତା ଗୋ ଶ୍ରୀ ସିଦ୍ଧଶାରଳେ ।
ଶୂଦ୍ରମୁନି ଶାରଳା ତୋ ପାଦତଳେ ଲୁଚେ ॥

## ଶୁମ୍ଭ ନିଶୁମ୍ଭ ସଙ୍ଗେ ମହିଷାସୁରର ଯୁଦ୍ଧ ଓ ପରାଜୟ ।

ଏଥୁଅନନ୍ତରେ ପରୀକ୍ଷ ନାମେ ମହାରାଜା ।
ଶୁକ ମୁନି ଚରଣରେ କରି ଦ୍ରବ୍ୟପୂଜା ॥
ବୋଇଲା ହେ ବ୍ରହ୍ମବେତ୍ତା ବକତା ପ୍ରବର ।
କହ ମହିଷାର ଉଗଦିଜ ସମାଚାର ॥
ଅନ୍ତର୍ଜଳରେ ରହିଣ ବ୍ୟାକୁଳ ମୋ ଚିତ୍ତ ।
ପୁରାଣ ଶୁଣାଇ ଶାନ୍ତ କର ତପୋବନ୍ତ ॥

Digitized by srujanika@gmail.com

କହ ମହାମୁନି ମୋତେ ସୁଧାସମ ବାଣୀ ।
ଅସ୍ଥା ତ୍ୟାକୁଳ ମୋ ସ୍ଥିର ହେବ ତାହା ଶୁଣି ॥
ଶୁଣ ପରୀକ୍ଷିତ ରାଜେନ୍ଦ୍ର କହେ ବ୍ରହ୍ମମୁନି ।
ଏକମନେ ଶୁଣ ଏବେ ମହିଷା କାହାଣୀ ॥
କର୍ଣ୍ଣାଟ ମାଳବ ଦେଶ ଗଉଡ଼ ବିହୃତ ।
ଗୁର୍ଜ୍ଜର ମହାରାଷ୍ଟ୍ର ନେପାଳ ସୁରାଟ ॥
କଛ ମହ୍ଲାର ନଗର ଥିବର ଭୂପାଳ ।
ଶ୍ଵେତ ମରହଟ୍ଟ ବାରସ୍ଵଣ ଦେଶକୁଳ ॥
ଏତେ ଏତେ ଦେଶମାନ ମୈଷାସୁର ଜିଣି ।
ବିଧ୍ୱଂସି ଧନ ଭଣ୍ଡାର ସବୁ ଲୁଟି ଆଣି ॥
ଡରେ ରାଜାମାନେ ହେଲେ କରରପରାୟେ ।
ସଇନ ଯେନ ଖଟନ୍ତି ମହିଷାର ପାୟେ ॥
ହେ ପରୀକ୍ଷ ସମୁଦ୍ରର ପଶ୍ଚିମ କୂଳରେ ।
କୁଶାବତୀ ପାଟଣା ଯେ ବିଖ୍ୟାତ ଧରାରେ ॥
କ୍ଷିତିସୃ ବର ଶୋହଇ ସାଗରର ମଣି ।
ସେ ନଗ୍ରେ ନୃପତି ଶୁମ୍ଭ ନିଶୁମ୍ଭ ଯେ ବେନି ॥
ମହାସିନ୍ଧୁ ଚନ୍ଦ୍ରଭାଗା ନଦୀର କୂଳରେ ।
ତପ କଲେ ବିଧାତାଙ୍କୁ ସେ ବାଳକାଳରେ ॥
ସହସ୍ରେ ବରଷ ଯେଝୁ କୌହିରୂଣ୍ଡି ଭକ୍ଷି ।
ତପ କରନ୍ତି ଶରୀରୁ ଉପ୍ରୋଧ ଉପେକ୍ଷି ॥
ସହସ୍ର ବରଷ ମଧ୍ୟେ ହେଲେ ଜଇଗଦା ।
ଫୁଟି ବଣେ ତାହାଙ୍କର କାୟ୍ୟୁ ହୋଇ ଚିଛା ॥
ପରମ ନିରାକୁଳରେ ମହାତପ ରତ ।
ନବସହସ୍ର ବରଷେ ପ୍ରବେଶ ବିରକ୍ତ ॥
ଅସାଷ୍ଟମ ହୋଇକର ଛନ୍ତି ବେନିବୀର ।
ଶରୀରରେ ଚେତନା ଯେ ନାହିଁ ତାହାଙ୍କର ॥
କମଣ୍ଡଳରୁ ବିଧାତା ସୁଧା କଲେ ବୃଷ୍ଟି ।
ସଚେତ ହୋଇଣ ଶୁମ୍ଭ ନିଶୁମ୍ଭ ଯେ ଉଠି ॥
ବୋଇଲେ କାହିଁଥେ ଭଗ୍ନ କଲୁ ଏଡ଼େ ତପ ।
ଏହିକ୍ଷଣି ମାରବୁ ଯେ କହ ତୋ ସ୍ଵରୂପ ॥
ବିଧାତା ବୋଇଲେ ମୁହିଁ ଚତୁରବଦନ ।
ଇଚ୍ଛାବର ମାଗ ବାରୁ ଦେବଇଁ ବହନ ॥
କମଣ୍ଡଳୁରୁ ଅମୃତ ପୁଣି କଲେ ବୃଷ୍ଟି ।
ଜ୍ଞାନ ପାଇଣ ଉଠିଲେ ଦୈତ୍ୟ ବେନି ଗୋଟି ॥
ବର ମାଗ ବତ୍ସ ବୋଲି ବୋଇଲେ ବିରଞ୍ଚି ।
ମନେ ଯେଉଁ କଥା ପୂର୍ବୁଁ ଅଛି ତୁମ୍ଭେ ପାଞ୍ଚି ॥

କର ଯୋଡ଼ଣ ବୋଲନ୍ତି ସେ ଶୁମ୍ଭ ନିଶୁମ୍ଭ ।
ନିଜରୂପ ଦେଖା ପିତା ଯେବେ ବର ଦେବ ॥
ଶୁଣି ଆପଣାର ରୂପ ଦେଖାଇଲେ ଧାତା ।
କରେ କମଣ୍ଡଳୁ କନ୍ଧେ ସୁଦର୍ଭ୍ୟ ପଇତା ॥
କେଉଁ ହସ୍ତରେ ଅସ୍ତ୍ର କେଉଁ ହସ୍ତେ ମାଳା ।
ବେଦ ପଢ଼ନ୍ତି ଚତୁର ମୁଖେ ଅନର୍ଗଳା ॥
ନିଜସ୍ଵରୂପ ଦେଖିଣ ସେ ଶୁମ୍ଭ ନିଶୁମ୍ଭ ।
ବୋଇଲେ ଯଦ୍ୟପି ପିତା ବର ତୁମ୍ଭେ ଦେବ ॥
ଆଜ ସତ୍ୟକର ପଛେ ମାଗିବୁ ଯେ ବର ।
ନୋହିଲେ ବାହୁଡ଼ିଯାଅ ଆପଣାର ପୁର ॥
ପିତାମହ ବୋଇଲେକ କଲି ମୁହିଁ ସତ୍ୟ ।
ଯାହା ମାଗିବରେ ତାହା ଦେବଇଁ ନିଶ୍ଚିତ ॥
ଶୁମ୍ଭ ନିଶୁମ୍ଭ ବେନିଙ୍କୁ ବର ଦିଅ ଯାତ ।
ବିଳମ୍ବ ନ କର ତୋଳି କହନ୍ତି ବିରଞ୍ଚି ॥
ଶୁଣି ଶୁମ୍ଭ ନିଶୁମ୍ଭ ଯେ ଦିଅନ୍ତି ଉତ୍ତର ।
ଯୁଗେ ଯୁଗେ ରହିଥିବ ଅମର ଶରୀର ॥
ପ୍ରଳୟକାଳେ ବିନାଶ ଆମ୍ଭେ ଯେ ନୋହିବୁ ।
କୋଟିକଳ୍ପ ଗଲେ ଏହିରୂପେ ରହିଥିବୁ ॥
ବିଧାତା ବୋଇଲେ ବତ୍ସ ତଥାସ୍ତୁ ଯେ ହେଉ ।
ଅକ୍ଷୟ ହୋଇଣ ଯୁଗେ ଯୁଗେ ଦେହ ଥାଉ ॥
ଲକ୍ଷେ କୋଟି ସିଂହ ପରାକ୍ରମ ଥିବ ବହୁ ।
ଏସନକ ବର ଧାତା ଦେଲେ ତାହାଙ୍କୁହିଁ ॥
ବର ଦେଇ ଧାତା ନିଜପୁରେ ବିଜେ କଲେ ।
ଶୁମ୍ଭ ନିଶୁମ୍ଭ ଯେ ବଡ଼ ଆନନ୍ଦିତ ହେଲେ ॥
ଶୁଣ ଅହେ କୁରୁବଂଶୀ ପରୀକ୍ଷ ନୃପତି ।
ଶୁକମୁନି କହନ୍ତି ଶ୍ରୀ ଭାଗବତ ରୀତି ॥
ଏଥିଅନ୍ତରେ ବିହନ୍ତି ପ୍ରଭୁଙ୍କ ଯେ ହାସେ ।
ମାରି ବେଗେ ଜଣାଇଲେ ନାରାୟଣ ପାଶେ ॥
ଖ୍ୱେଦେବ ଦାନବ ଶୁମ୍ଭ ନିଶୁମ୍ଭ ଯେ ବୋଲି ।
ବିଧାତା ପ୍ରସନ୍ନ ହେଲେ ତାହାଙ୍କୁ ଯେ କାଲି ॥
ଅମର ବର କମଳାସନ ଛନ୍ତି ଦେଇ ।
ଅସୁରେ କଳପକାରୀ ହୋଇଲେ ଗୋସାଇଁ ॥
ଅମରତ୍ତ ବର ଧାତାଙ୍କୁ ମାଗିଲେ ସେ ଦୁଷ୍ଟ ।
ଅବର କ ସଂସାରକୁ ରଖିବେ ଦର୍ପିଷ୍ଟ ॥
ବିହନ୍ତି ପ୍ରଭୁଙ୍କର ଏ ବଚନ ଶୁଣି ।
ମନେ ଅତି ଚିନ୍ତାକଲେ ପ୍ରଭୁ ଚକ୍ରପାଣି ॥

Digitized by srujanika@gmail.com

ତକ୍ଷଣେ ସେ ନାରାୟଣ ବ୍ୟାଘ୍ରରୂପ ଧରି ।
ବୋଧ୍ୟାନ ରୂପୀ ହୋଇଲେ ଅନ୍ତର ଅଇରି ॥
ଖଟ୍ଟରୂପ ଧଇଲେ ସେ ଦେବ ନାରାୟଣ ।
ଅତି କ୍ଷୀଣାଙ୍ଗ ଦୁର୍ବଳ ନ ଚଳେ ଚରଣ ॥
ବର ପାଇଣ ଦଇତ୍ୟ ଯାନ୍ତି ଯେଉଁ ବାଟେ ।
ସେ ପଥେ ଶୋଇଲେ ହରି ଯାଇଁ ଜଳଘାଟେ ॥
ତାଙ୍କର ଏ ଅବସ୍ଥାକୁ ଦେଖିଣ ଦଇତେ ।
ପଚାରନ୍ତି କାହା ସୁତ ଶୋଇଛ କମର୍ଥେ ॥
କେଉଁଠାରେ ଘର ପୁଣି କେଉଁ ବଂଶେ ଜାତ ।
ଏପରି ଅବସ୍ଥା ହେଲା କୁହ କି ନିମନ୍ତ ॥
କୁହି ନ ପାରଣ ପ୍ରଭୁ ନ କହନ୍ତି କଥା ।
ପୁଣ ପୁଣ ଦାନବେ ଯେ ପୁଛନ୍ତି ବାରତା ॥
ସରୋବରୁ ପାଣି ଆଣି ମୁଖେ ଦ୍ୟନ୍ତି ସିଞ୍ଚି ।
ତାଳପତ୍ର ଗୋଟିଏକ ସେନ ଧରି ବିଞ୍ଚି ॥
ସଚେତ ହୋଇ ପୁରୁଷ ଉଠି କହେ କଥା ।
ଶୁଣିବା ବାନ୍ଧବେ ତୁମ୍ଭେ ମୋହର ବାରତା ॥
ମୁହିଁତ ଅଟେ ଅନନ୍ତ ଦେଶର ଯେ ରଜା ।
ନରକାର ନୃପତିର ଅଟଇ ତନୁଜା ॥
ମୋତେ ଯେକାଳେ ପ୍ରସନ୍ନ ହୋଇଲେ ବିରଞ୍ଚି ।
କଳପ ଅସୂତ କରି ମୋତେ ଗଲେ ରଚି ॥
ସତ୍ୟ କରଣ ବୋଇଲେ ମୋର ସେ ଅଯୁଷ ।
ତୋର ତେଣେ ପରମାୟୁ ହେଉ ହେ ପୁରୁଷ ॥
କୋଟିବ୍ରହ୍ମାଣ୍ଡେ ନୋହିବେ ତୋତେ କେହି ସରି
ସମରେ ହାରିବେ ତୋତେ ବ୍ରହ୍ମା ରୁଦ୍ର ହରି ॥
ନାନାଶସ୍ତ୍ର ନ ଭେଦିବ ତୋହର ଶରୀର ।
ଏମନ୍ତ କରଣ ପିତା ମୋତେ ଦେଲା ବର ॥
ମୋର ଅଙ୍ଗେ ବ୍ରହ୍ମଶକ୍ତି ଅମୋଘ ଶକତ ।
ନାରାୟଣ ଶର ପାଶୁପତ ନ କାଟନ୍ତି ॥
ବର ପାଇବାର ହୋଇନାହିଁ ଷଡ଼ମାସ ।
ଏତେବର କ୍ଷଣତରେ ଗଲା ମୋର ନାଶ ॥
ଧାତା ମୋତେ ବର ଦେଇ ଗଲେ ଯେଉଁ ଦିନୁ ।
ସେବେ ଘାଣ୍ଟି ହେଲା ସେହିକାଳୁ ମୋର ତନୁ ॥
ଗୋଟିଏ ମାତ୍ର ତନୟ ମୋହର ଯେ ଥିଲା ।
ବିଧାତା କ୍ରୋଧରେ ସେହି ପୁତ୍ର ନାଶ ଗଲା ॥
ବେନ ଭାରଯା ଅଗାଧ ଜଳେ ଗଲେ ବୁଡ଼ ।
ଏସନକ ଅବସ୍ଥା ଯେ ମୋହରତ ପଡ଼ ॥

ଏ କଥା ମନେ ବିଚାର ଅହେ ବେନ ଗାରେ ।
ଜାତ ହେଲେ ମରଣତ ଘଟେ ମର୍ତ୍ତ୍ୟପୁରେ ॥
କାହାକୁ ପ୍ରାପତ ନୋହେ ପରମ ଯେ ପଦ ।
ରକତ ମାଂସ ଦେହରେ ପଡ଼ଇ ପ୍ରମାଦ ॥
ଅନେକ ଦୁଃଖ ପାଇଲି ମୁହିଁ ଅହେ ଜାଣ ।
ବିଧାତାର ବର ମୋତେ ନୋହିଲା କାରଣ ॥
ଦେଖ ଏଠାରେ ପଡ଼ିଛି ଆସି ଜଳସ୍ଥାନେ ।
କେହିହେଲେ ନ ପଚାରେ ପଦେ କେ ବଚନେ ॥
ଅର୍ଜିତ ଜନ ମୁହିଁତ ଅଟେ ମହାରୋଗୀ ।
ଭଲ ହୋଇବାକୁ ସ୍ଥାନ ଲୋଡ଼ୁଛି ମୁଁ ବେଗି ॥
ଅହୋ ମହାତମା ଜାଣ ସେହି ବେଦବର ।
ଲୋକଙ୍କୁ କେଉଁ ରୂପରେ ଦଅଇଟି ବର ॥
ସର୍ଜନା କରଇ କେଉଁପରି ଏ ବ୍ରହ୍ମାଣ୍ଡ ।
ଦେବତାଙ୍କ ମଧ୍ୟେ ଯେହୁ ଅଟେ ବଡ଼ ଭଣ୍ଡ ॥
ଏକମୁଖ ଦେବତା ସେ ନୁହଇ କଦାପି ।
ଦେଖୁଁ ଦେଖୁଁ ଚାରିମୁଖେ ଭଣ୍ଡେ ଯତ ତପୀ ॥
ଏ ଧେନ ଅଟଇ ସେହୁ ଅତ୍ୟନ୍ତ ଅଜାତ ।
ତୁଚ୍ଛରେ ଲୋକଙ୍କୁ ଭଣ୍ଡୁ ଥାଇ ନିତ ପ୍ରତ ॥
ଈଶ୍ୱର ଜାଣିଲା ଯେଣୁ ତାର ମର୍ମ ଖଣ୍ଡି ।
ପଞ୍ଚମୁଣ୍ଡ ବହିଅଛି ଏକଗୋଟି ଗଣ୍ଡି ॥
ଦେଖିକରି ଅତିକୋପ ସଦାଶିବ କଲା ।
ଗୃପୋଡ଼େ ମାରି ମୁଣ୍ଡେକ ତାର ଛିଣ୍ଡାଇଲା ॥
ତୁମ୍ଭେ ବାନ୍ଧବେ ନ ଜାଣ ତାର ଚୌର୍ଯ୍ୟ ପଣ ।
ଅପୂଜ୍ୟ ଦେବତା ଯେହୁ ଏ ମର୍ତ୍ତ୍ୟପୁରେଣ ॥
ବଡ଼ ମନ୍ଦ ଜାତି ଜାଣ ଅଟେ ପଦ୍ମଯୋନି ।
ବେଶ୍ୟାସଙ୍ଗେ ମାତିଲା ସେ ଦିବସ ରଜନୀ ॥
ତାର ତହୁଁ ଏକଗୋଟି ପୁତ୍ର ଉପୁଜିଲା ।
ଅତି ଶ୍ରଦ୍ଧାରେ ବଶିଷ୍ଠ ନାମ ତାର ଦେଲା ॥
ଅନର୍ଯ୍ୟାପ ଅକର୍ମୀ ଯେ ଅଟଇ ବିରଞ୍ଚି ।
ତାକୁ ସେବା କଲେ ଭଲ ଫଳ ନାହିଁ କିଛି ॥
ମନୁଷ୍ୟ ମଧ୍ୟେ ଅଟଇ ସେ କାଳ ପୁରୁଷ ।
ତୋଷେ ବ୍ରହ୍ମାକୁ ଯେ ତପ କରେ ଯାଏ ନାଶ ॥
କହୁଁ ୨ ବଇକୁଲ୍ୟ ହେଲା ତାଙ୍କ ପ୍ରାଣ ।
କ୍ଷିତରେ ପଡ଼ି ଲୁଟଲେ ପିଣ୍ଡରୁ ପରାଣ ॥
ଦେଖିଣ ଆଶ୍ଚର୍ଯ୍ୟ ହେଲେ ବେନିଘୋଟି ଗାରେ ।
ବଞ୍ଚକର କଥାଯାକ ଭାବିଲେ ମନରେ ॥

Digitized by srujanika@gmail.com

ବାଲ୍ମିକ ତପସ୍ୟା କଲେ ବିଧାତାର ନାମେ ।
ନିରାହାରରେ ରହିଲେ ଅତ୍ୟନ୍ତ ଉଦ୍ୟମେ ॥
ଅନେକ କାଳ ପର୍ଯ୍ୟନ୍ତ ବସି କଲେ ଧ୍ୟାନ ।
ନ ଦେଖିଲେ ବିଧାତାର ଯେଣୁ ବର୍ଣ୍ଣ ଚିହ୍ନ ॥
ତେଣୁ କ୍ରୋଧେ ବଗୁରନ୍ତି ମନେ ଗୁଣି ବେନି ।
ବ୍ରହ୍ମାଙ୍କୁ ଖୋଜି ଧରିବା ଶ୍ଯୁଲ ପୁର ତନି ॥
ହେ ପରୀକ୍ଷ ତପ ତେଜ ଉଠିଲେ ସେ ଦୁଇ ।
ଆକାଶେ ପଶି ଲୋଡ଼ନ୍ତି ପଦ୍ମଯୋନିକୁହିଁ ॥
ବ୍ରହ୍ମାଙ୍କୁ ସେ ଲୋଡ଼ି ଲୋଡ଼ି ପଶନ୍ତି ଯେ ପୁରେ ।
ନ ରଖନ୍ତି ଗୋ ବ୍ରାହ୍ମଣ ପ୍ରଭୃତି ତହିଁରେ ॥
ଏମନ୍ତ ଭଣ୍ଡାରିଦ ଜୁରି କଲେ ମହାବଳୀ ।
ଆକାଶ ପୁରେ ବହୁତ ହେଲା ହାଲହୋଳି ॥
ଶୂନ୍ୟରେ ଗମିଲେ ତହୁଁ ବହନ୍ତା ପୁରୁଷେ ।
ବିନମ୍ର ହୋଇ କହନ୍ତି ପିତାମହ ପାଶେ ॥
ସ୍ୱାମି ସ୍ୱର୍ଗେ ବଳେ ଶୁମ୍ଭ ନିଶୁମ୍ଭ ଏ ବେନି ।
ନାଶକର ଛାଡ଼ିଲେ ଯେ ପୁର ସମ୍ପମନି ॥
ତବ ବର ପାଇ ସେ ନ ଗଣନ୍ତି କାହାକୁ ।
ଉପାୟ କରଣ ବେଗେ ନିବର୍ତ୍ତି ତାହାଙ୍କୁ ॥
ସମସ୍ତଙ୍କର ବଚନ ଦେଖି ବେଦପତି ।
କରେ ବ୍ରହ୍ମଣର ଧରି ବାହାର ତତ୍ପତି ॥
ଗୁରୁ ଭୁଜେ ଶର ଗୁରୁ ଭୁଜେ ଧନୁ ଧରି ।
ମହାକୋପେ ବାହାରିଲେ ତହୁଁ ମୁଖଗୁରୁ ॥
ବ୍ରହ୍ମାଙ୍କୁ ଦେଖିଣ ଶୁମ୍ଭ ନିଶୁମ୍ଭ ଯେ ବେନି ।
କ୍ରୋଧଭରେ ଉଠିଲେ ସେ କରେ ଶସ୍ତ୍ରଘେନି ।
ଯହୁଁ ବିଧାତା ଦେଖିଲେ ଅସୁରଙ୍କ ମୂର୍ତ୍ତି ।
ନିଜକ୍ରୋଧ ସମ୍ଭାଳଣ ହେଲେ ଶାନ୍ତମତି ॥
ବ୍ରହ୍ମାଙ୍କର ଉପରକୁ ଧାଇଁଲେ ଚଣ୍ଡାଳେ ।
ଅକ୍ରୋଷିଣ ପିଷ୍ଟଲେକ ନେଇ କରବାଳେ ॥
କରବାଳଘାତେ ଅସାଷ୍ଟମ ପିତାମହ ।
କୋପେ ପ୍ରଚଣ୍ଡ ଗଳିତ ସ୍ୱେଦ ସର୍ବକାୟ ॥
କ୍ଷଣକରେ ମୋହ ଛାଡ଼ି ଉଠି ପ୍ରଜାପତି ।
ଦେଖିଲେ ନୟନେ ଶୁମ୍ଭ ନିଶୁମ୍ଭ ଦୁହନ୍ତି ॥
କହ୍ନି ବିଧାତାର ଯେ ବଡ଼ ଗରୁ ଚାପ ।
ଶୁମ୍ଭ ନିଶୁମ୍ଭ ଦୁହିଙ୍କି ଦେଲେ ବେଗେ ଶାପ ॥
ଅରେ ମୂର୍ଖବାଇ ମୋତେ ଚିହ୍ନି ନ ପାରିଲ ।
ଯେବେ ମୋ ଶରୀରେ କରବାଳ ରେ ମାଇଲ ॥
ଏକକର ଯେବେ ଦେବୀ ଅନେକର ଶୀର ।
ତେବେ ଭସ୍ମ ହୋଇଯିବ ତୁମ୍ଭର ଶରୀର ।
ଶାପ ପାଇକର ଶୁମ୍ଭ ନିଶୁମ୍ଭ ଯେ ବୀର ।
ପ୍ରଣିପତ୍ୟ ହୋଇଲେ ପିତାର ପୟର ॥
ତୁହି ଚତୁର୍ମୁଖ ବ୍ରହ୍ମା ସର୍ବ ବର ଦେଣ ।
ଅପାବନ ଲୋକକୁ ତୁ ପାବନ କରାଉ
ହେ ପିତାମହ ଏ କୋପ କରିବାକ ଶାନ୍ତ ।
ଏ ବଚନ ଶୁଣି ଅନ୍ତର୍ଦ୍ଧାନ ବେଦପତି ॥
ଶୂନ୍ୟପୁରୁ ଅସୁରଙ୍କ ଶୁଭିଲା ଶବଦ ।
ଧଳା ଏଥେଁ ରହିଲେକ ହେବ ପରମାଦ ॥
ଶୁମ୍ଭ ନିଶୁମ୍ଭ ଏ ବେନି କରନ୍ତି ଦଇନ ।
ପୋଷିଲା ଜୀବକୁ ନାଶ କରିବ କି ପୁଣି ॥
ବିନମ୍ର ଶୁଣି ପିତାନ ବସିଲା ସଦ୍ଧେ ।
ସ ଶାତରେ ଶୁମ୍ଭ ନିଶୁମ୍ଭଙ୍କୁ ଦୃଶ୍ୟ ହୁଏ ॥
ଶୁମ୍ଭ ନିଶୁମ୍ଭ ବୋଇଲେ ଶୁଣ ଦେବ ପିତା ।
ବର ପାଇ ଯାଇଥିଲୁ ହୋଇଣ ଅଚିନ୍ତା ॥
ଅଦଭୁତେ ପୁରୁଷେକ ଦେଖିଲୁ ବାଟରେ ।
ମହା ଅବସ୍ଥା ଧରିଛି ସେ ବୃଦ୍ଧଶରୀରେ ॥
ତୁମ୍ଭ ବର ନିନ୍ଦାକର କହିଲା ବହୁତ ।
ବୋଇଲା ବ୍ରହ୍ମାବରେ ମୁଁ ହେଲି ସର୍ବସ୍ୱାନ୍ତ ॥
ଗୁରୁଷ୍ଠା ମୁହିଁ ତାହାଙ୍କ ଅସତ୍ୟ ଦେବତା ।
ମିଛୁଆ ଖରୁଆ ବଡ଼ ଅଶତ କଳିତା ॥
ଶୁମ୍ଭ ନିଶୁମ୍ଭଙ୍କ ମୁଖୁଁ ଏ ବଚନ ଶୁଣି ।
ଧ୍ୟାନେ ପିତା ଜାଣିଲେ ସେ ଅଟେ ଚକ୍ରପାଣି ॥
ଦରହସିତେ ବୋଲନ୍ତି ତହୁଁ ପଦ୍ମଯୋନି ।
ଚକ୍ରକୁଟରେତ ପଡ଼ିଗଲ ଦୁଇ ବେନି ॥
ବ୍ରହ୍ମା ଈଶ୍ୱର ଯେ ଅମ୍ଭେ ଅଟୁ ବରଦାତା ।
ଶ୍ରୀବିଷ୍ଣୁଙ୍କ ଲାଗେ ଧିନା ଜଗତର ଚିନ୍ତା ॥
ଅମ୍ଭେତ ତୁମ୍ଭଙ୍କୁ ଦେଲୁ ଅନର୍ଯ୍ୟାପବର ।
ତେଣୁ କରି ବଡ଼ ଚିନ୍ତା କଲେ ଦାମୋଦର ॥
ହେ ଶୁମ୍ଭ ନିଶୁମ୍ଭ ତୁମ୍ଭେ ଅମର ହୋଇବ ।
ବ୍ରହ୍ମା ବିଷ୍ଣୁ ରୁଦ୍ର ଇନ୍ଦ୍ର ସମରେ ଜିଣିବ ॥
ଏ ମଧ୍ୟଭୁବନେ ତୁମ୍ଭେ ଦାନବ ଉତ୍ତମ ।
ସମରେ ଜିଣିବ ତୁମ୍ଭେ ଦେବାସୁର ଯମ ॥
ଅମ୍ଭର ଦେଲା ବର କି ଅନ୍ୟଥା ହୋଇବ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ପ୍ରତାପକୁ ରଖିବ ॥

Digitized by srujanika@gmail.com

ଚୂର୍ଣ୍ଣ ମୁଖ ଭେଦନ କରିଅଛ ମୁର୍ଦ୍ଧ ।
ଏକ କର ଯେବେ ଅନ୍ୟ ଟିରେ ଦେବ ନେଇ ॥
ତେବେ ଶୁମ୍ଭ ଦୁହିଙ୍କର ହୋଇବ ମରଣ ।
ଏମନ୍ତ ବୋଲି କହନ୍ତି ଗୁରୁର ବଦନ ॥
ଶୁଣି ଶୁଣି ଦେବବର ଗଲେ ଅନ୍ତର୍ଦ୍ଧାନେ ।
ପାଇଲେକ ମୁଖଭେଦ ବିଧାତା ବଚନେ ॥
ଧାତାର ମୁଖ ଏମନ ବଚନକୁ ଶୁଣି ।
ବିସ୍ମୟନ୍ତ କପଟ କଲେ ଚକ୍ରପାଣି ॥
ବାହୁଡ଼ି ଶୁମ୍ଭ ନିଶୁମ୍ଭ ତତକ୍ଷଣେ ଗଲେ ।
କୁଳାବତୀ ପାଟଣାରେ ପ୍ରବେଶ ହୋଇଲେ ॥
ମହା ସମ୍ଭ୍ରମରେ ସେହି କରନ୍ତି ଯେ ରାଜ୍ୟ ।
ସର୍ବ ରାଜା ଜିଣି ଭୋଗ କରନ୍ତି ଐଶ୍ୱର୍ଯ୍ୟ ॥
କୁଳାବତୀ ପାଟଣାରେ ହେଲେ ମହାସ୍ୱେ ।
ସେ ରାଜ୍ୟକୁ ମୈଷା ଉପଦ୍ରବେ କର ଯାଏ ॥
ବଜାବନ୍ତି ନାନାବିଧ ବାଦ୍ୟ ଯେ ନିଶାଣ ।
ସଙ୍ଗତେ ଅଛନ୍ତି ବେନିଲକ୍ଷ ନୃପଗଣ ॥
ଯୋଦ୍ଧା ଅମାତ୍ୟଗଣ କେହି ପାରେ କଳ ।
ପାଦଘାତେ କମ୍ପମାନ ହୁଏ ମହୀସ୍ଥଳୀ ॥
ଏସ୍ଥାନେ ଶୁମ୍ଭ ନିଶୁମ୍ଭ ଦୁହେଁ ବସିଛନ୍ତି ।
ଚରଗଣେ ଯାଇ ତାଙ୍କ ସମ୍ମୁଖରେ ଜଣାନ୍ତି ॥
ଶୁଣ ଦେବ ହେ ରାଜବର ପ୍ରତାପୀ ନୃବର ।
ଶୁମ୍ଭ ରାଜ୍ୟକୁ ବାହୁଳି ମହିଷା ଅସୁର ॥
ମହା ପ୍ରତାପୀ ଅଟଇ ସେ ସିଂହଳ ରାଜା ।
ହରି ଜଣିଲ କପିଳ ସିଂହର ଅଗ୍ରଜା ॥
ହଟକଲ ପଦ୍ମନାଭ ପୁର ତାର ଭଜ ।
ଅନେକ ଦାନବଙ୍କର ଦର୍ପ ରଣେ ଭଞ୍ଜି ॥
କାନ୍ତିମାଳା ମହାବୀର ଚାମର ବେମାଳ ।
ରକ୍ତବୀର୍ଯ୍ୟ ବିଡ଼ାଳାକ୍ଷ ଲୋଚନ ବରୋଳ ॥
ଏହାଙ୍କର ମୂଳେ ମହା ମହା ବୀର ରହି ।
ନ ଗଣନ୍ତି ଏକ ଅଙ୍କକରେ କାହାକୁହିଁ ॥
ମନୋହର ଚରମୁଖୁଁ ଶୁଣିଣ ଏମନ୍ତ ।
ସେ ବେନି ବୋଇଲେ ଦଣ୍ଡ ସାଜ ରେ ତୁରିତ ॥
ରାଜାର ବଚନେ ସଜ ହୋଇଲେ ସଇନ୍ୟ ।
ଅନେକ ଦାନବ ବାନ୍ଦେ କମ୍ପଇ ମେଦିନୀ ॥
ଦ୍ୱି ଲକ୍ଷ ରଥୀ ପଞ୍ଚଶ ଅର୍ବୁଦ ନାଗ ।
ବିଂଶ କ୍ଷୌଣୀ ବଳ ସାତ ବୃନ୍ଦ ଯେ ତୁରଗ ॥

ଏମନ୍ତ ଥାଟ ଘେନ ଶୁମ୍ଭ ନିଶୁମ୍ଭ ଏ ବେନି ।
କଟକରୁ ବାହାରିଲେ କରେ ଶସ୍ତ୍ର ଘେନି ॥
ପଞ୍ଚ ଯୋଜନ ମାଡ଼ିଣ ରହିଲେକ ଥାଟ ।
ମଧ୍ୟ ମହା ଦୈତ୍ୟ ଏକୁଁ ଏକ ଯେ ବଳିଷ୍ଠ ॥
କାଳ ବିକାଳ ନାମରେ ବେନି ସେନାପତି ।
ବାରତା କହିଲେ ଯାଇଁ ମୈଷାସୁର କତ ॥
ଶୁମ୍ଭ ନିଶୁମ୍ଭ ଆସନ୍ତି ପ୍ରଭେ ସୈନ୍ୟ ଘେନି ।
ବାଦ୍ୟ ମୁଖ ଶବଦରେ କମ୍ପଇ ଧରଣୀ ॥
ଖଡ଼ଗ କୁନ୍ତ ନାରାଚ ଅସିପତ୍ର ଯଷ୍ଟି ।
ଶାବେଳ କୋଦାଳ ଚକ୍ର କୁଠାର ଯେ କାଠି ॥
ଢେଙ୍କଣ ଲଙ୍କଅ ଘେନ ଅଛନ୍ତି ବୀରେ ।
ସେନାମାନଙ୍କ ଉପମା କେହି କହିପାରେ ॥
ତୋଖାର ତୁରଗ ବାୟୁଠାରୁ ବେଗେ ଗତି ।
ଧାଇଁଛନ୍ତି ଅରୋହଣ କୋପ କରି ଅତି ॥
ଅସିପତ୍ର ବୁଲାଇଣ ଉଠନ୍ତି ରାଉତେ ।
ବହରନ୍ତି ଗଜମାନ ଚଲାଇ ମାହୁନ୍ତେ ॥
ହାକନ୍ତି ଦାନବଗଣ ହୋଇ ମହାସୁଖୀ ।
ଦୂରେ ଥାଇ ମୈଷାସୁର ନୟନେ ତା ଦେଖି ॥
ଘନ୍ତୁଁ ଝାମ୍ପ ଦେଲେ ଶୁମ୍ଭ ନିଶୁମ୍ଭର ବଳ ।
ଅଗୁଆଣି ଥାଟେ ଥିଲେ ଚାମ୍ପର ବେମାଳ ॥
କାନ୍ତିମାଳା ରକ୍ତବୀର୍ଯ୍ୟ ବିଡ଼ାଳାକ୍ଷ ତିନି ।
ଏକମୁଖରେ ଉଠିଲେ ସୈନ୍ୟମାନ ଘେନି ॥
ଉଭୟ ବଳ ସଇନ ହେଲେ ଭେଟାଭେଟି ।
ଗଦା ମୁଦୁଗର ଚନ୍ଦେ ହେଲେ ପିଟାପିଟି ॥
ରଣତୋଳ ଧନ୍ଦୋଳ ଯେ ଲାଗିଲା ପ୍ରବଳ ।
ଅକାଶ ଛୁଇଁଲେ ହୋଇବାରୁ ମହାଗୋଳ ॥
ଏସନେକ ସମର ଯେ କରନ୍ତି ସଇନ ।
ରାଉତେ ରାଉତ ସଙ୍ଗେ ହେଲେ ଅନ୍ୟୋଅନ୍ୟ ॥
ଶୁମ୍ଭ ନିଶୁମ୍ଭଙ୍କର ଯେ ବେନି ସେନାପତି ।
ବଜ୍ରଅଙ୍ଗ ବୀରଦଣ୍ଡ ନାମରେ ବିଖ୍ୟାତି ॥
ଚାମର ବେମାଳଙ୍କର ସଙ୍ଗେ ସେହି ଯାଇ ।
ଘୋର ସମର କରନ୍ତି ଭେଟାଭେଟି ହୋଇ ॥
ବୀରଦଣ୍ଡ ଘେନି ଲୋହସାର ବେନି ଗଦା ।
ମହିଷାସୁର ସଇନ ମାରି କଲା ଚଦା ॥
ବଶେଷେ ଅର୍ଦ୍ଧେ ଯେସନେ ବାହିନ୍ନ ଛକି ।
ମୈଷା ସୈନ୍ୟ ତେସନେକ ବୀରଦଣ୍ଡ ଦେଖି ॥

Digitized by srujanika@gmail.com

ସୈନ୍ୟଭଗ୍ନ ଦେଖି ବଡ୍ହାଳାକ୍ଷ କାନ୍ତମାଳା ।
ଶାରଘଣ୍ଟ ସନ୍ନିଧିରେ ଯାଇ ହେଲେ ମେଳା ॥
ଲକ୍ଷେକ ନାଗର ପୁରୁଷଣ ବକ୍ରଶାର୍ଯ୍ୟ ।
ବଜ୍ରାଙ୍ଗ ଉପରେ ନେଇ ପଢ଼ୁଚନ୍ତି ଦନୁଜ ॥
ହାତରେ ବ୍ୟଗ୍ର ତାଙ୍କର ଦେଖିତ ନ ପାର ।
ଲୋହଶର ଘାତେ ସେହୁ ହୁଅନ୍ତି ମରମର ॥
ନାଗରମାନେ ପଢ଼ନ୍ତି ବଜ୍ରାଙ୍ଗର ଅଙ୍ଗ ।
ଉପୁଡ଼ ନାଗର ସବୁ ହେଉଛନ୍ତି ଭଙ୍ଗ ।
ଈଶ୍ୱରଙ୍କୁ ସେବି ସେହୁ ପାଇଅଛି ବର ।
ନାନାଶସ୍ତ୍ର ନ ଭେଦଇ ଶରୀରେ ତାହାର
ଖଡ୍‌ଗ ନାଗର କୁଠାର ପଡ଼ି ହୁଅନ୍ତି ଭଗ୍ନ ।
ଗିରିବର ସମାନରେ ବଜ୍ରାଙ୍ଗର ଅଙ୍ଗ ॥
ଘୋର ବେମାଳ ଯୁଦ୍ଧ ଶାରଘଣ୍ଟ ଭୁଲେ ।
ନବଲକ୍ଷ ଯୋଦ୍ଧା ଶାରଘଣ୍ଟଙ୍କୁ ବେଢ଼ିଲେ ॥
ଶାରଘଣ୍ଟ ଭୁଲେ ଛନ୍ତି ପଞ୍ଚଲକ୍ଷ ଯୋଧୀ ।
ସେ ଯୋଦ୍ଧାଙ୍କୁ ଦଶଲକ୍ଷ ନାଗର ସେ ବନ୍ଧ ॥
ରୁଧିରରେ ଜର୍ଜରିତ ହେଲେ ସବୁ ବଳ ।
ତାହା ଦେଖି ଶାରଘଣ୍ଟ କ୍ଷତୀ ଅନର୍ଗଳ ॥
କାମ୍ୟକ ନାଗର ତାଙ୍କୁ ଭୁଶ୍ର ଦେଇଥିଲା ।
ତାହା ଘେନି ମୈଷାସୁର ସୈନ୍ୟଙ୍କୁ ବାନ୍ଧିଲା ॥
ଏକା ପ୍ରହାରକେ ପଡ଼ିଗଲେ ଲକ୍ଷେ ରଥୀ ।
ରୁଧିରରେ କରଦନ ହେଲା ବସୁମତୀ ॥
ନରେ ଅଗୋଚର ଶାରଘଣ୍ଟର ସମର ।
ବୃନ୍ଦାରକବୃନ୍ଦେ ପୁଣି ଲାଗେ ଅଗୋଚର ॥
ପଢ଼ନ୍ତି ବେନିବଳର ସୈନ୍ୟ ଶରଘାତେ ।
ନାଗର ଘାତେ ଆକାଶ ଅନ୍ଧକାରମୟେ ॥
ଏମନକ ପରକାରେ ହୁଅନ୍ତେ ଅନ୍ୟୋନ୍ୟ ।
ଶାରଘଣ୍ଟ କରେ ବଜ୍ରାବଳ ଗଦା ଘେନି ॥
କାନ୍ତମାଳା ଉପରକୁ ବେଗେଣ ମାଇଲା ।
ତେତେବେଳେ ଗଦା ଅଙ୍ଗେ ବାଜି ବେନିଖଣ୍ଡ ହେଲା ॥
ପୁଣି ଧାଇଁ ପ୍ରହାର ସେ କଲା ଲୋହଦଣ୍ଡ ।
କାନ୍ତମାଳା ବକ୍ଷସ୍ଥଳେ ପଡ଼ି ହେଲା ଭଙ୍ଗ ॥
କାନ୍ତମାଳା ମାଇଲା ଯେ ଘେନିଣ ମୁଦ୍‌ଗର ।
ଶାରଘଣ୍ଟ ହୃଦସ୍ଥରେ ବାଜି ହେଲା ଚୂର ॥
ବେଳକୁ ବେଳ ସମର ବଢ଼େ ମହାଶେଳ ।
ବେନିବଳ ମିଶାମିଶି ହୋଇ କଲେ ଗୋଳ ॥

ପର ଅପଣା ବୋଲି କେ ବାରିତ ନ ପାରେ ।
ଅପଣା ଅପଣା ମଧ୍ୟେ ହୁଅନ୍ତି ମରମର ॥
ମହିଷାସୁର ସଇନ ପଳାଇଲେ ଭଜି ।
ଶୁମ୍ଭ ନିଶୁମ୍ଭ ସଇନ୍ୟ ଗାଢ଼ିଲେ ଗଲ୍ଲାଜି ॥
ପାଷପୁଣ୍ୟ ଯାଏ ମୈଷା ସୈନ୍ୟ ପଳାଇଲେ ।
ସମରେ ଅନେକ ସୈନ୍ୟ ନିମନ୍ତି ପଡ଼ିଲେ ॥
ଅନେକ ମାଇଲେ ଶୁମ୍ଭ ନିଶୁମ୍ଭ ଯେ ବେନି ।
ଦଣ୍ଡଭଗ୍ନ ହୋଇଲା ଯେ ମୈଷା ନୃପମଣି ॥
ବିନ୍ଧ୍ୟମାଳ ବନମଧ୍ୟେ ଯାଇଣ ପଶଇ ।
ମହା ବଳିଷ୍ଠ ଦାନବ ଅପେ ଦୁଃଖ ପାଇ ॥
ମୈଷାସୈନ୍ୟ ବିନ୍ଧ୍ୟମାଳ ପର୍ବତେ ରହିଲେ ।
ଶୁମ୍ଭ ନିଶୁମ୍ଭ ଯେ କୁଳବଣିକ ଚଳିଲେ ॥
ଜୟ ତୁ ଜୟ ତୁ ନୀଳ ପର୍ବତନିବାସୀ ।
ମୟୂରପୁଚ୍ଛ ତୋ ଶିରେ ସୁବୁଦ୍ଧିର ଦଶି ॥
ନିରାକାର ପୁରୁଷ ତୁ ଭକତ ବତ୍ସଳ ।
ଗୋପେ ଗୋପୀଙ୍କି ରସିଲୁ ହୋଇ ନନ୍ଦବାଳ ॥
ଏହି ଭବ ଅର୍ଣ୍ଣବକୁ ହୋଇଲୁ ଅପ୍ରତେ ।
ତୁମ୍ଭ ନାମ ନିବେଦିଲି ଜଗନ୍ନାଥ ହସ୍ତେ ॥
ଏ ମହାଘୋର ସଂସାରେ କଳକାଳ ଫାଶି ।
ଏଥୁଁ ନେଇ ମୋତେ ଅନଠାରେ ଠାବ ଦେସି ।
ମୁହିଁ ତୋତେ ଛାଡ଼ି ନ ପାରିଲି ନରହରେ ।
ମାୟା ମୋହରୁ ଉଦ୍ଧର ଅହେ ବାସୁଦେବେ ॥
ଦିବାରନ୍ଧ ଦେବ ମୁହିଁ ଆଏ ତୁମ୍ଭ ଅଘେ ।
କଳକାଳୁଁ ତରିବି ମୁଁ ତୁମ୍ଭର ଅଦେଶେ ॥
ବ୍ରହ୍ମା ରୁଦ୍ର ଚନ୍ଦ୍ର ଦିବାକର ବୃନ୍ଦାରକେ ।
ହୋଇ ଯାଆନ୍ତି ମୁକତି ଯାର ପାଦୋଦକେ ॥
ନମାମି ନାରାୟଣ ହେ ଜଗନ୍ନାଥ ଦେବ ।
ସମସ୍ତ ଜୀବନ ନାଥ ଏକ ତୋର ସ୍ତବ ॥
ନୀଳ କମଳ ପରାୟେ ଯାର ମୁଖ ଶୋଭ ।
ତାର ଶ୍ରୀଚରଣେ ମୁହିଁ ଥିବ ନିତ୍ୟ ଶକ୍ତ ॥
ଶଙ୍ଖୁଳ ଜଗର ନାଥ ପ୍ରଭୁ ପୀତବାସ ।
ହେଉ ମୋତେ ଯେ ଅଦୃଶ୍ୟ ପଦମାନ ଦୃଶ୍ୟ ॥
ଅଜ୍ଞାନୀ ମୂର୍ଖ ଅତି ମୁଁ ଅଟଇ ବଡ଼ ଦୋଷୀ ।
ପାଇଲେ ପରମ ଗତି ଏଥ ଦ୍ୱେଷୀକେତି ॥
ଶ୍ରୀକୃଷ୍ଣଚରଣେ ମୋର ଶତେ ଦଣ୍ଡବତ ।
ଶାରଳା ଦାସ କହଇ ଶେଷ ଭଗବତ ॥



Digitized by srujanika@gmail.com

ଅନେକ ବୁଧ ଜନମାନେ ଧର୍ମର ଯେ ମତେ ।
ଶ୍ରୀ ଝଙ୍କଡ଼ପୁରବାସୀ ଅମ୍ବା ପରସନ୍ନେ ॥
ଲେଖେ ମୁଁ ଚଣ୍ଡୀପୁରାଣ ଜଗଜ୍ଜନହିତେ ।
ଯେ ଦେବୀ ଦୟାହେବାରୁ ମୋତାରେ କହିତେ ॥
ବୈକୁଣ୍ଠର ଦ୍ୱାରୀ ଜୟ ବିଜୟ ସେ ବେନି ।
ତାହାଙ୍କ ସ୍ଥାନେ ଭେଟିଲେ ମନୁ ମହାମୁନି ॥
ନମସ୍କାର ଦେଖିବାକୁ ମନେ କଲେ ଶ୍ରଦ୍ଧା ।
ଜୟ ବିଜୟ ଯେ ଦ୍ୱାର କରିଲେ ନିଷେଧା ॥
ଜଗ ପ୍ରସାର କଲ୍ୟାଣ ମନୁ ଋଷି ବୋଲି ।
ଦେଖୁ ଦେଖ ଦ୍ୱାରପାଳେ ଦେଲେ ତାଙ୍କୁ ପେଲି
ଜୟ ବିଜୟଙ୍କ କରପଲ୍ଲବର ବାତେ ।
ମନୁ ମହର୍ଷି ପଡ଼ିଲେ ଗଗନର ପଥେ ॥
ପଡ଼ିଲେକ ମନୁ ନବ ସହସ୍ର ଯୋଜନେ ।
ଭ୍ରମିଲେ ଉଦ୍ଭ୍ରାନ ହୋଇ ଅତ୍ୟନ୍ତ ଅଜ୍ଞାନେ ॥
ସଚେତ ହୋଇଲେ ଋଷି ତେତେଦୂରେ ପଡ଼ି ।
ପୁଣି ବୈକୁଣ୍ଠ ପୁରକୁ ଅଇଲେ ବାହୁଡ଼ି ॥
ବେଦ ଅଧ୍ୟୟନ କରି କଲ୍ୟାଣ ସେ କଲେ ।
ପୁଣି ଜୟ ବିଜୟ ସେ ବହୁତ ଭର୍ତ୍ସିଲେ ॥
କୋପେ ତାଙ୍କୁ ଶାପ ଦେଲେ ବ୍ରହ୍ମାଙ୍କର ପୁତ୍ର ।
ଯେଣୁ ତାଙ୍କର ଦେଖିଲେ ପ୍ରକୃତ ଏମନ୍ତ ॥
ଅରେ ଏ ବୈକୁଣ୍ଠ ପୁରେ ଦ୍ୱାରପାଳ ହୋଇ ।
ଏଡ଼େ ନିର୍ଦ୍ଦୟଚିତ୍ତ ରେ ହୋଇଛ କପାଇଁ ॥
ମୁହିଁ ବାଳଖିଲ୍ୟା ଯତ କଲ ମୋରେ ତମ ।
ବେଳୁଁ ବେଳ କୋପ କଲେ ସେ ମୁନିସତ୍ତମ ॥
କ୍ରୋଧେ ବୋଇଲେ ରେ ଯେନ ଏ ଶାପ ଅମ୍ଭର ।
ବ୍ରହ୍ମଦୈତ୍ୟ ହୁଅ ବେଗେ ଅରେରେ ପାମର ॥
ମୋର ଶାପେ ତୁମ୍ଭେ ଦୁଃଖ ପାଅ ରେ ଅପାର ।
ଶୁଣି ଜୟ ବିଜୟ ତା ହୋଇଲେ କାତର ॥
ମୁନିଙ୍କି ବିନୟେ ତହୁଁ ବଚନ ପ୍ରକାଶି ।
ବ୍ରହ୍ମାଙ୍କର ପୁତ୍ର ତୁମ୍ଭେ ମନୁ ମହାଋଷି ॥
ନ ଚିହ୍ନି ତୁମ୍ଭଙ୍କୁ ଅମ୍ଭେ କଲୁଁ ବଡ଼ ଦ୍ରୋହ ।
ହେ ମୁନି ଅମ୍ଭଙ୍କୁ ଏବେ ପ୍ରତିକାର କହ ॥
ମନୁ ବୋଇଲେ ରେ ମୋତେ କରିଲ କନ୍ଦାଳ ।
ଅବଶ୍ୟ ଅସୁର ତୁମ୍ଭେ ହେବ ଭବତଳ ॥
ପୁଣି ବୋଇଲେ ରେ ତୁମ୍ଭେ ହୋଇଣ ଅସୁର ।
କୃଷ୍ଣେ ବୈରୀ ହୋଇ ହୁଅ ଶତେଜନ୍ମୁ ପାର ॥
ଶ୍ରୀକୃଷ୍ଣ ସଙ୍ଗତେ ଯେବେ ହୋଇବ ବଇରୀ ।
ତେବେ ଯାଇଁ ମୋର ଶାପୁଁ ଯିବ ରେ ନିସ୍ତରି ॥
ପ୍ରଥମେ ହିରଣ ହିରଣ୍ୟାକ୍ଷ ଯେ ହୋଇବ ।
ଶ୍ରୀକୃଷ୍ଣ କରରେ ନିଶ୍ଚେ ମରଣ ଲଭିବ ॥
ଦ୍ୱିତୀୟେ ରାବଣ କୁମ୍ଭକର୍ଣ୍ଣ ବୋଲାଇବ ।
ସୀତା ହରଣେ ଶ୍ରୀରାମ କରରେ ମରିବ ॥
ତୃତୀୟରେ ହେବ ଦନ୍ତବକ୍ର ଶିଶୁପାଳ ।
ଚକ୍ରେ ଶିର ଛେଦିବେ ଯେ ପ୍ରଭୁ ଅଦ୍ଧମୂଳ ॥
ରାଜସୂୟ ଯାଗେ ହେବ ରୁକ୍ମିଣୀ ହରଣ ।
ସେ କାଳେ ଚକ୍ରରେ ତୁମ୍ଭେ ଲଭିବ କାରଣ ॥
ତିନିଜନ୍ମେ ମୋର ଶାପୁଁ ପାର ତୁମ୍ଭେ ହୁଅ ।
ପୁଣି ଏଥେ ଦ୍ୱାରପାଳ ରୂପେ ରହିଥାଅ ॥
ଶୁଣ ପରୀକ୍ଷିତ ମନୁଋଷିଙ୍କର ଶାପେ ।
ତତକ୍ଷଣେ ଜନ୍ମିଲେ ସେ ଅସୁର ସ୍ୱରୂପେ ॥
ଦ୍ୱାର ଶୂନ୍ୟ ଯହୁଁ ହେଲା ବୈକୁଣ୍ଠପୁରର ।
କୃଷ୍ଣ କୋପ କଲେ ବ୍ରହ୍ମା ତନୟ ଉପର ॥
ଅରେ ଅଳ୍ପଦୋଷେ ଦ୍ୱାରପାଳ ମୋ ନାଶିଲୁ ।
ଯାରେ ମର୍ତ୍ତ୍ୟପୁରେ ନର ହୁଅ ତୁରେ ଓଲୁ ॥
ମନୁ ମହାଋଷି ଶୁଣି ହୋଇଲେ ବିନୟୀ ।
ପିତାର ଆଜ୍ଞାରେ ଦେବ ଅଇଲି ଯେ ମୁହିଁ ॥
ତୁମ୍ଭ ଅଭିଶାପେ ମୁହିଁ ହୋଇବି ମନୁଷ୍ୟ ।
ମୁକତି ପଥକୁ ମୋତେ କହ ଜଗଦୀଶ ॥
ପ୍ରଭୁ ବୋଲନ୍ତି ମନୁଷ୍ୟ ହୋଇବୁ ନିଶ୍ଚୟ ।
ମମ ଲୀଳା କହି ପୁଣି ବୈକୁଣ୍ଠକୁ ପାଅ ॥
ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ ।
ସେ ଜନ୍ମରେ କୃଷ୍ଣ ଲୀଳା କଲି ପରକାଶ ॥
କାଳେ ସୁପ୍ରସନ୍ନ ମୋତେ ହୋଇଲେ ଅଙ୍ଗିରା ।
କୃଷ୍ଣ ଚରିତ କଥନେ ମତି ମୋର ରସ ॥
ଦ୍ୱିତୀୟ ଜନ୍ମରେ ମହାକାଳୀ ନାମେ କବି ।
କଞ୍ଜସିତବଦନୀ ସୁପ୍ରସନ୍ନ ବାକ୍ୟଦେବୀ ॥
ତୃତୀୟ ଜନ୍ମରେ ହେଲି ଶ୍ରୀ ଶାରଳାଦାସ ।
ଶ୍ରୀ କୃଷ୍ଣ ଲୀଳାକୁ ମୁଖେ କରିଲି ଅଭ୍ୟାସ ॥
ପ୍ରଥମେ ଶ୍ରୀ ରାମାୟଣ ଦ୍ୱିତୀୟେ ଭାରତ ।
ତୃତୀୟେ ଲେଖନ କଲି ଶିବଭାଗବତ ॥
ଝଙ୍କଡ଼ପୁର ବାସିନୀ ଶ୍ରୀ ଶାରଳା ଚଣ୍ଡୀ ।
ମୁଖ କମଳ ଯାହାର ସିନ୍ଦୂରରେ ମଣ୍ଡି ॥

Digitized by srujanika@gmail.com

ସେ ଦେବୀ ଚରଣତଳେ ନିତ୍ୟ ମୋର ସେବା ।
ଶ୍ରୀ ଶାରଳା ଦାସଙ୍କୁ ଗୋ ଗତି ମୁକ୍ତି ଦେବା ॥
ଏଥିଅନ୍ତେ ପରୀକ୍ଷିତ ନାମେ ମହାରାଜେ ।
ଶୁକ ମୁନି ଚରଣରେ କରଣ ବନ୍ଦେ ॥
ବୋଲଇ ହେ ମହାମୁନି କର ଅନୁଗ୍ରହ ।
ଭଗବତୀ ପୁରାଣକୁ ମୋର ଆଗ କୁହ ॥
ମନୁଷ୍ୟ ଜନ୍ମରୁ ଯେମନ୍ତେ ପାଇବ ମୁକତି ।
ତାହା ମୋତେ କହିଦିଅ ଅହେ ମହାଯତି ॥
ଶୁକ ବୋଇଲେ ତୁ ଶୁଣ ପରୀକ୍ଷିତ ରାଜେ ।
ଶ୍ରୀ ଚଣ୍ଡୀ ପୁରାଣ ଶୁଣି ପାପ କର କ୍ଷୟେ ॥
ସେ ଦିନ ରଜନୀ ଯାଇ ହୋଇଲା ପ୍ରଭାତ ।
ସୈନ୍ୟଙ୍କର ଡାକହାକେ ମହୀ ପ୍ରକମ୍ପିତ ॥
ଧର ଧର ମାର ମାର ଓଗାଳ ଓଗାଳ ।
ପିଟ ପିଟ ବାନ୍ଧ ବାନ୍ଧ ପଡ଼ିଲା ଚହଳ ॥
ଶୁମ୍ଭ ନିଶୁମ୍ଭ ଗଡ଼ରୁ ହୋଇଲେ ବାହାର ।
ସଇନ ସଙ୍ଗତେ ଛନ୍ତି ଅପାରୁ ଅପାର ॥
ରେ ରେ କାର ଶବଦରେ ଉଛୁଳେ ଆକାଶ ।
ଅମର ପୁରରେ ଦେବେ ଲଭିଲେକ ତ୍ରାସ ॥
ସୈଷା ସୈନ୍ୟ ବନ୍ଧ୍ୟମାତ୍ର ବାହାର ହୋଇଲେ ।
ହାବୋଡ଼ା ହାବୋଡ଼ ତହିଁ ବେନିସୈନ୍ୟ ହେଲେ ॥
ବଜ୍ରାଘାତ ସମାନରେ ବର୍ଷିଲେକ ଶର ।
ବ୍ରହ୍ମାଣ୍ଡ କମ୍ପଇ କରିବାରୁ ଶବ୍ଦ ଘୋର ॥
ରକ୍ତବୀର୍ଯ୍ୟ ବିଡ଼ାଳାକ୍ଷ ଚାମର ବେମାଳ ।
ଧଇଲେ ସେ ଲୌହସାର ଗଦା ମହାମସ ॥
ରକ୍ତବୀର୍ଯ୍ୟ କୋପ ଦେଖି ସେ ଶୁମ୍ଭ ନିଶୁମ୍ଭ ।
ତାଙ୍କ ଦିଅନ୍ତି ରେ ଦୈତ୍ୟରେ କାହିଁ ପଳାଇବ ॥
ରକ୍ତବୀର୍ଯ୍ୟ ସଙ୍ଗେ ବେନିଭାଇ ଭେଟାଭେଟି ।
ବଜ୍ରାବଳ ଗଦା ଶୁମ୍ଭ ନିଶୁମ୍ଭ ଯେ ପିଟି ॥
ଲୌହସାର ଗଦାବର ଅଶୀସସ୍ର ଭାର ।
ରକ୍ତବୀର୍ଯ୍ୟ ବକ୍ଷସ୍ଥଳେ ପଡି ହେଲା ଚୂର ॥
ଲକ୍ଷେ ଭାର ଗଦା ଘେନି ରକ୍ତବୀର୍ଯ୍ୟ ପିଟି ।
ଶୁମ୍ଭ ନିଶୁମ୍ଭ ଉପରେ ପଡି ଗୁଣ୍ଡା ଉଠି ॥
ପୁଣି ଯାତକାରେ ରକ୍ତବୀର୍ଯ୍ୟ ଯେ ନସଣି ।
ନିଶୁମ୍ଭ ଦାଇତକୁ ସେ ଧଇଲା ଅକ୍ରୋଷି ॥
ମାଲବନ୍ଧେ ଲାଗି ଭୁଜେ ଭୁଜ ଭିଡ଼ାଭିଡ଼ି ।
ସମରେ ସେ ବେନି ବୀରେ ହେଲେ ଗଡ଼ାଗଡ଼ି ॥

ବେନ୍ତି ୨ ସମର ଯେ ହୋଏ ମହାଘୋର ।
ମହୀ କମ୍ପିଲା ଦେବତା ନ୍ଧିର ଅଗୋଚର ॥
କେହିତ ପାନ ନିହନ୍ତି ସମିନ ଯେ ଦୁହେଁ ।
ବନ ଗିର ପୃଷ୍ଠ ହେଉଛନ୍ତି ପଡ଼ ବାଯେ ॥
ହୁଂକାର ଶବ୍ଦେ କମ୍ପଇ ଚଉଦ୍ଦଶ ପୁର ।
ଯାମଳା ବୃକ୍ଷ ପରାଯେ ଦୁହିଙ୍କ ଶରୀର ॥
କୋପରେ ନିଶୁମ୍ଭ ରକ୍ତବୀର୍ଯ୍ୟକୁ ପାତିଲା ।
ବଜ୍ରାଘାତ ଜାଣି ତାକୁ ଚଢ଼ାଏ ମାଇଲା ॥
ତେତେହେଁ ବୀର ଯୋଦ୍ଧା ଅତି ବଳବାନ ।
ନିଶୁମ୍ଭ ଚଢ଼ାଘାତରେ ହେଲା ଅଚେତନ ॥
ଲକ୍ଷେ ଲକ୍ଷେ ଭାର ବେନି କରେ ଗଦା ଘେନି ।
କୋପରେ ଉଠିଲେ ଶୁମ୍ଭ ନିଶୁମ୍ଭ ଯେ ବେନି ॥
ମହିଷାସୁର ସଇନ ଉପରେଣ ପିଟି ।
ବାତଘାତେ ରମ୍ଭାବନ ପ୍ରାୟେ ସୈନ୍ୟ ଲୋଟି ॥
ଶୁମ୍ଭ ନିଶୁମ୍ଭ ଆଗରେ ଚାମର ବେମାଳ ।
ଭେଟିଣ ସେ ଯୁଦ୍ଧ କଲେ କ୍ଷଣୀ ଅନର୍ଗଳ ॥
ମହାଭୟଙ୍କର ରଣ କଲେ ସେହି ମିଳି ।
ଚାମର ବେମାଳ ମୋହେ ମହୀପରେ ଢଳି ॥
ଶୁମ୍ଭ ନିଶୁମ୍ଭ ଅକ୍ରୋଷି ଗଦା ଘେନି ପିଟି ।
ଗଦାଘାତେ ବେନି ବୀରେ ଭୂମିପରେ ଲୋଟି ॥
ଚାମର ବେମାଳ ମୋହ ଦେଖି କାନ୍ତିମାଳା ।
ଶୁମ୍ଭ ନିଶୁମ୍ଭଙ୍କ ତୁଲେ ସମର ସେ କଲା ॥
ଲକ୍ଷେ କୋଟିଏ ଅର୍ବୁଦ ପ୍ରହାରିଲା ଶର ।
ଶୁମ୍ଭ ନିଶୁମ୍ଭ ଅଙ୍ଗରେ ପଡି ହେଲା ଚୂର ॥
ଲକ୍ଷେ ଭାର ଗଦା ଘେନି ଶୁମ୍ଭ ବେଗେ ପିଟି ।
ବଞ୍ଚାଇ ନ ପାରି କାନ୍ତିମାଳା ମହୀ ଲୋଟି ॥
କାନ୍ତିମାଳାର ଅବସ୍ଥା ଦେଖିଣ ମହିଷା ।
କୋପେଣ ଧାଇଁଲା ଛାଡି ଜୀବନର ଆଶା ॥
ମହିଷାକୁ ଦେଖି ଶୁମ୍ଭ ଦାନବ ଯେ କୋପି ।
ମନ୍ଦର ସମାନେ କାୟା କଲା କାମରୂପୀ ॥
ଯୋଜନେ ୨ ଲମ୍ଭ କଲା ବେନି ବାହୁ ।
ସୂର୍ଯ୍ୟଙ୍କୁ ଦେଖିଣ ଯେମନ୍ତେ ଘୋଟିଯାଏ ରାହୁ ॥
ତେସନେ ମହିଷାସୁର ଘେରେ ମହାବଳା ।
ଧାଇଁଣ ମହିଷାସୁର ତାହାକୁ ଘୋଟିଲା ॥
ଜମ୍ଭସିଂହ ବଜ୍ରସିଂହ ମହିଷା ଅସୁର ।
ଶୁମ୍ଭ ନିଶୁମ୍ଭର ତୁଲେ ରଣ ମହାଘୋର ॥

Digitized by srujanika@gmail.com

ଲୌହର ଧନୁଏ କରେ ଧାରଣ ଦେବୀର ।
ଲୌହର ନାରାଚ ବାଣେ ଛୋଡେ ଲକ୍ଷ ଶୂର ।
ଶରବୃଷ୍ଟି ଦେଖିଣ ମହିଷାସୁରର ।
ଶୁମ୍ଭ ନିଶୁମ୍ଭ ପ୍ରଶଂସା କରନ୍ତି ଅପାର ॥
ଧନ୍ୟ ଧନ୍ୟ ଷଣ୍ଢିପଣ ଅଟଇ ତୋହର ।
କେଉଁ ଦେଶେ ଜନମ ରୁ କାହାର କୁମର ॥
ମହିଷାସୁର ଯେତେ ଶର କରଇ ପ୍ରହାର ।
ନିଶୁମ୍ଭ ଅଙ୍ଗରେ ପଡ଼ି ହୁଏ ସବୁ ଚୂର ॥
ଶର ବାଜନ୍ତେ ନିଶୁମ୍ଭ ଅତ୍ୟନ୍ତ ପ୍ରଜ୍ୱଳ ।
ଧାମେ ବେନି କରେ ବେନି ଗଦାବର ତୋଳି ॥
ମହିଷାସୁର ରଥରେ ନେଇ ସେ ପିଟଇ ।
ଗଦାଘାତେ ମହିଷା ରଥ ଗୁଣ୍ଡା ହୋଇ ॥
ରଥ ଭାଜନ୍ତେ ମହିଷାସୁର ପାଦଗତ ।
କୋପକର ବୁଲାଇଲା ସେ ବଜ୍ର ଶକତ ॥
ଗଦା ବୁଲାବନ୍ତେ କମ୍ପି ଉଠଇ ମେଦିନୀ ।
ଆକାଶରେ କମ୍ପମାନ ଦେବ ସଦ୍‌ଯୋନି ॥
ଶକତକୁ ବୁଲାଇଣ ମହିଷା ଦଇତ ।
ନିଶୁମ୍ଭ ଉପରେ ନେଇ ପକ୍ଷ୍ଟଡ଼ ତୁରତ ॥
ଶକ୍ତି ଆସନ୍ତେ ନିଶୁମ୍ଭ ପାତେ ଭୁଜଦଣ୍ଡ ।
ଭୁଜେ ଶକତ ବାଜିଣ ହେଲା ବେନି ଖଣ୍ଡ ॥
କୋଟି କୋଟି ବଜ୍ର ଜବା ପଡ଼େ ମେରୁମୁଣ୍ଡ ।
ଶବଦେକ କଲା ସେହୁ ସପତ ବ୍ରହ୍ମାଣ୍ଡ ॥
ଶୂନ୍ୟହସ୍ତ ହୋଇଣ ସେ ମହିଷା ଦୁଃଖଇ ।
ରହ ରହ ବୋଲି ଶୁମ୍ଭ ଦଇତ ବୋଲଇ ॥
ଲୌହଶର ଗଦା ଯେନ ଶୁମ୍ଭ ପଛୁଡ଼ନ୍ତେ ।
ଧାଇଁସେ ମହିଷା ଚରଣ ଧରେ ବେଗେ ଦନ୍ତେ ॥
କାକୁତସ୍ଥ ଶରଣ ଦେଖି ବୋଲଇ ସେ ଶୁମ୍ଭ ।
ଦେଖ ଦେଖ ଭାଇ ପାପୀ ହେଲାଣି ଅଦମ୍ଭ ॥
ଉପୁରେ ଚରଣ ଧରି ମାଗଇ ଶରଣ ।
ଏହାର ସଙ୍ଗତେ ଆଉ ନ କର ହେ ରଣ ॥
ଶୁମ୍ଭ ଦଇତ ପଚାରେ ତୁ କେଉଣ ଦେଶୀ ।
କେମନ୍ତ କାରଣେ ଆମ୍ଭ ରାଜ୍ୟେ ଆସି ପଶି ॥
ଏ କୁଳବତୀ ପାଟଣା ଅଜେୟ ନଗର ।
ଯମ ଅଗ୍ନି ବାୟୁ ଯହିଁ ପଶିତ ନ ପାର ॥
କେମନ୍ତ କାରଣେ ତୋର ଏତେଡ଼କ ଭରସା ।
ବିନମ୍ର ହୋଇଣ ତାକୁ କହଇ ମହିଷା ॥

ଶୁଣ ଅହୋ ମହାବୀର ଏ ମୋହର ବାଣୀ ।
ତୋହର ଆଗେ ସ୍ୱରୂପ କହୁଛି ଏଷଣି ॥
ମୋହର ରାଜ୍ୟ ସିଂହଳ ଦ୍ୱୀପ ନାମେ ପୃଥ୍ୱୀ ।
ଲକ୍ଷଶତ ଯୋଜନେ ମୁହିଁ ଚକ୍ରବର୍ତ୍ତୀ ॥
କ୍ରୌଞ୍ଚଦ୍ୱୀପ କୁଶଦ୍ୱୀପ ଚନ୍ଦ୍ରଦ୍ୱୀପ ଜାଣି ।
ଏ ଦ୍ୱୀପ ନୃପତିଗଣ ଖଟାଇଲି ଆଣି ॥
ଚଣ୍ଡ ମୁଣ୍ଡ ରକ୍ତବୀର୍ଯ୍ୟ ଧୂମ୍ର ଓବମାଳ ।
ବିଡ଼ାଳାକ୍ଷ ବାରିଦଣ୍ଡ ପୁଣି କାଳମାଳ ॥
ଦ୍ୱୀପମାନଙ୍କର ଯେତେ ଅଟନ୍ତି ନୃପତି ।
ମୋତେ ସେବା କଲେ ସେହୁ ହୋଇଣ ଭକତି ॥
ଚତୁରଙ୍ଗ ବଳ ଯେନ ପାଦେ ଛନ୍ତି ଖଟି ।
ବ୍ରହ୍ମାର ବରେ ମୁହିଁତ କଷ୍ଟା ଜଗତ୍‌କୋଟି ॥
ଏକ ଦିନକରେ ଜାଣ ନାରଦ ମହର୍ଷି ।
ପ୍ରୀତ ବଚନେ ମୋତେ ସେ କହିଲେ ଆଶ୍ୱାସି ॥
ଜମ୍ବୁଦ୍ୱୀପ ପୃଥ୍ୱୀସାର ବୋଲିଣ ବୋଇଲେ ।
ଦେବତାଙ୍କ ଯୋଗ୍ୟ ସ୍ଥାନ ବୋଲିଣ କହିଲେ ॥
ତାଙ୍କ ବାଣୀ ଶୁଣି ଦଣ୍ଡ ସାଜ ମୁଁ ଅଇଲି ।
ଜର୍ମି ଅବଳରେ ତୁମ୍ଭ କୁଲେ ରଣ କଲି ॥
ଅନେକ ନୃପତି ଜିଣିଥିଲି ବାହୁବଳେ ।
ତୁମ୍ଭ ତୁଲ୍ୟ ଷଣ୍ଢୀ ନାହିଁ କେହୁ ରବିତଳେ ॥
ଭୋଗପୁର ବୋଲି ଏଥେଁ କରିଲି ମୁଁ ଇଚ୍ଛା ।
ତୁ ମହାପ୍ରଭୁ ପୁରାଅ ମୋର ମନୋବାଞ୍ଛା ॥
ଅନେକ ବିନୟେ ବୋଲେ ମହିଷା ନୃପତି ।
ଶୁଣି ଶାନ୍ତହେଲା ମହାଦାସର ସେ ନାତି ॥
ବିନମ୍ର ଦେଖିଣ ବୀର କୋପ ସମ୍ବରିଲା ।
ମହିଷାସୁରକୁ ଅଧି ଶୁମ୍ଭ କୋଳ କଲା ॥
ମହିଷାସୁର ସଇନ ଯେନ ସେ ଆପଣେ ।
କୁଳବାଟର ପ୍ରବେଶ ହେଲା ତତକ୍ଷଣେ ॥
ଶୁଣ ବିପ୍ରେ ବୋଲନ୍ତି ସେ ଶୁକ ମହାତମା ।
ଶୁମ୍ଭ ନିଶୁମ୍ଭଙ୍କର ସେ ବଢ଼ାଇ ମହିମା ॥
ପଛର ଚଳେଛି ମହିଷାସୁରର ସଇନ ।
ସମ୍ମାର୍ଜନା କଲେ ଶୁମ୍ଭ ନିଶୁମ୍ଭ ସେ ବେନି ॥
ଯଥା ବିଧି ପ୍ରମାଣରେ ସାନନ୍ଦ ଭୋଜନ ।
ଦେଲେ ସନ୍ତୋଷ ହୋଇଲେ ମହିଷା ସଇନ ॥
ଭୁଞ୍ଜି ସାର ରାଜାଗଣ ବସି ଏକସ୍ଥାନେ ।
ପଟୁଆସ ହୋଇଲେକ ସକଳ ସଇନେ ॥

Digitized by srujanika@gmail.com

ଅଳପ ହସିଣ ଶୁମ୍ଭ ନିଶୁମ୍ଭ ଏ ବଚନ ।
ମହିଷାସୁରକୁ ଧୀରେ କହନ୍ତି ଯେ ବାଣୀ ॥
ଅହୋ ନୃପତି ତୁ ଯେବେ କଲୁ ଭୋଗ ଇଚ୍ଛା ।
ମାଗ ମାଗ ଯେ ତୋହର ଅଛି ମନବାଞ୍ଛା ॥
ମହିଷା ବୋଲେ ପ୍ରସନ୍ନ ହେଲ ଯେବେ ମୋତେ
ମାଗୁଅଛି ଏହି କଥା ଦିଅ ସ୍ୱଚ୍ଛ ଚିତ୍ତେ ॥
ତୁମ୍ଭେ ଯେ ମହତ ଜନ ହୋଇବା ପୀରତି ।
ଜେନାବଳୀ ନଗ୍ରେ ମୋତେ କରିବା ନୃପତି ॥
ଏଥି ମୋତେ ତୁମ୍ଭେ ଆପି କର ରାଜଭୋଗ ।
ତୁମ୍ଭ ପ୍ରସନ୍ନେ ପାଇବି ଅଇଶ୍ୱର୍ଯ୍ୟଯୋଗ ॥
ଶୁମ୍ଭ ନିଶୁମ୍ଭ ବୋଇଲେ ମାଗିଲୁ ଯେ ପଦ ।
ମୁହିଁ ଭୋଗ କରୁଥାଅ ଅମୃତ ସମ୍ପଦ ॥
ଶୁଣ ହୋ ପରୀକ୍ଷ ରାଜା ବୋଲେ ଶୁକ ବ୍ରହ୍ମା ।
ମହିଷା ମାଡିବସିଲା ଜେନାବଳୀ ସୀମା ॥
କେବଳ ମହିଷା ରାଜ୍ୟ ଭୋଗ କରୁଥାଇ ।
ଶୁମ୍ଭ ନିଶୁମ୍ଭର ଆଜ୍ଞା ରାଜ୍ୟରେ ଫେରଇ ॥
ସିଂହଳଦ୍ୱୀପ ସହିତ ଜମ୍ବୁଦ୍ୱୀପ ସୈନ୍ୟ ।
ବନ୍ଧୁବାନ୍ଧବ ହୋଇଲେ ନୋହି ଅନ୍ୟୋଅନ୍ୟ ॥
ଶୁମ୍ଭ ନିଶୁମ୍ଭ ମହିଷାସୁର ଆଟେ ଭିଡ ।
ଯେ ଭୂମି ଅସାଧ୍ୟ ତହିଁ ଦେଉଥାନ୍ତି ଧାଡି ॥
ଜିଣି ପାରନ୍ତି ନିମିଷମାତ୍ରେ ସମସ୍ତ ।
ବିଶାଗତେ ଅକ୍ଷଉହିଣୀ ଯେ ଅସୁରଙ୍କ ଥାଟ ॥
ଲକ୍ଷେ ରାଜା ବସନ୍ତି ସେ ଜମ୍ବୁଦ୍ୱୀପ ପୃଥ୍ୱୀ ।
ସବୁ ସାଧ କଲେ ଶୁମ୍ଭ ନିଶୁମ୍ଭ ଯେ ଷଢୀ ॥
ଉତ୍ତରେ ଶୁମ୍ଭ ନିଶୁମ୍ଭ ବେନି ମହାବୀର ।
ଦକ୍ଷିଣ ଦିଗକୁ ରକ୍ତବୀର୍ଯ୍ୟ ଧନୁର୍ଦ୍ଧର ॥
ପଶ୍ଚିମେ ଚାମର ଆଉ ବେମାଳ ଏ ବେନି ।
ସଙ୍ଗେ ଗ୍ରାରସଙ୍ଘ ଚଳେ ଘେନିଣ ସଇନ ॥
ଏମନ୍ତେ ଚାରିଦିଗକୁ ସୈନ୍ୟମାନ ଘେନି ।
କତିପତ ମାନଙ୍କେ ସାଧ କରିଲେ ମେଦିନୀ ॥
ବାସଂନଧି ପର୍ଯ୍ୟନ୍ତେ ଯେ ଅକଳତ ବଳ ।
ଦୈତ୍ୟଙ୍କ ପାଦରେ ମହୀ ହୁଏ ଟଳମଳ ॥
ଭୂମିରେ ଆପଦମାନ ନ ପଡ଼େ ସେ ପୁରେ ।
ଯମ ଅଗ୍ନି ବାୟୁ ତହିଁ ପଶିତ ନ ପାରେ ॥
ଅନେକ ବୃଦ୍ଧି ହୋଇଲେ ତହିଁ ଦୈତ୍ୟବଳ ।
ମହାଭୟ ପାଇଲେ ଯେ ଦେବତା ସକଳ ॥

ଦିନ ବଳେ କରିଣ ସେ ସମସ୍ତ ସାଧିଲେ ।
ରାଜଭୋଗ ପାଇ ସୁଖୀ ହୋଇଣ ରହିଲେ ॥
ଦଣ୍ଡ ପ୍ରଯୁଣ କରନ୍ତେ ଦେଶୀ ବସୁମତୀ ।
ଅସମ୍ଭାଳ ହୋଇ ରକ୍ତ କରଇ ସେ ବାନ୍ତି ॥
ଶୁନି ବୋଲନ୍ତି ହୋ ଶୁଣ ପରୀକ୍ଷିତ ରାଜା ।
ତିନି ଭୁବନରେ ଦୈତ୍ୟେ ପାଇଲେକ ପୂଜା ॥
ଶୁମ୍ଭ ନିଶୁମ୍ଭ ଅସ୍ଥାନ ପରେ ବସିଥିଲେ ।
ଦିନେ ନାରଦ ମହର୍ଷି ତହିଁ ବିଜେ କଲେ ॥
ଦଇତେ ଦେବ ତଗର ସେ ନାରଦ ମୁନି ।
ନୃତ୍ୟ ରଙ୍ଗରେ ମୋହନ୍ତି ଦେବ ପଦ୍ମଯୋନି ॥
ମିଥ୍ୟା ନ କହିଣ ସତ୍ୟ ବଚନ ସେ କହି ।
ସତ୍ୟ କହିଲେ କାହାକୁ ତାହା ନ ଯୋଗାଇ ॥
ନ ଜାଣିବା ଲୋକେ ବୋଲୁଥାନ୍ତି ଭଣ୍ଡ ପୁଣ ।
ଗୁଣ ଘେନି ପୂଜ୍ୟ ସେହି ବ୍ରହ୍ମାଣ୍ଡ ମଧ୍ୟେଣ ॥
ନମସ୍ତେ ତୁ ନାରାୟଣ ନରକୁ ତାରନ୍ତା ।
ସ୍ଥିତି ସଂହାରକାରକ ପୃଥ୍ୱୀ ଉଦ୍ଧାରନ୍ତା ॥
ଯାବତ ଜୀବନର ତୁ ଅଟ ପଞ୍ଚଭୂତ ।
ଯୋଗୀଜନମାନଙ୍କର ତୁ ସେ ପରମାର୍ଥ ॥
ମହାବ୍ରହ୍ମ ରୂପ ତୋର ଜଗତରେ ପଣ୍ଡି ।
କଉତୁକେ ରଚିଅଛୁ ଏ ମିଥ୍ୟା ଭୁବନ ॥
ସ୍ୱାମି ତୁହି ଯାହା କହୁ ବ୍ରହ୍ମା ତା ଶୁଣଇ ।
ତହିଁ ନାରଦ ଶୁଣିଣ ବ୍ୟାସଙ୍କୁ କହଇ ॥
ବ୍ୟାସଙ୍କ ମୁଖୁଁ ଶୁଣନ୍ତି ତାହା ସର୍ବ ଋଷି ।
ଜ୍ଞାନ ପାଇଣ ସେ ବ୍ୟକ୍ତ କରନ୍ତି ସେ ଅସି ॥
ତୁ ପରମ ନିରାକୁଳ ତୋର ମହାବୁଦ୍ଧି ।
ଜଗନ୍ନାଥ ନାଥ ତୁ ଯେ ଜାଣୁ ବୃଦ୍ଧି ସିଦ୍ଧି ॥
ଯୁକତେ ଏ କଳିଯୁଗ କଳିହ ବୋଲଇ ।
ସକଳ କଳାକୁ ଘେନି କଳାବନ୍ତି ବହି ॥
ଜଗତର ଧାରଣ ଯେ ରାମ ନାମ ଗୋଷ୍ଠି ।
ହୃଦେ ଭାବ ଜନେ କଳିକାଳ ଯାଉ ଫିଟି ॥
ଝଙ୍କଡ଼ପୁରବାସିନୀ ଶ୍ରୀ ଶାରଳା ଚଣ୍ଡୀ ।
ତାଙ୍କ ପାଦରଜ ମୋର ମସ୍ତକରେ ମଣ୍ଡି ॥
ପ୍ରସନ୍ନ ହୋଇଣ ମୋତେ କହନ୍ତି ଯେ ବାଣୀ ।
ମୁଁ ତାହା ଲେଖି ପଢାଏ ସଭରେ ତକ୍ଷଣି ॥
ସେ ସର୍ବମଙ୍ଗଳା ତାଙ୍କପଦ୍ମ ନିତ୍ୟ ସେବି ।
ଜଗତରେ ବୋଲାଇଲି ଏକଗୋଟି କବି ॥

Digitized by srujanika@gmail.com

ଅତେବ ବୁଧଜନମାନେ ନ ଧରିବ ଦୋଷ ।
ସକଳ ଝଗଡ଼ା ସାର ରାମ ନାମ ଘୋଷ ॥

## ଇନ୍ଦ୍ର ନିକଟକୁ ଶୁମ୍ଭ ନିଶୁମ୍ଭଙ୍କର ଚିଠାଉ ଓ ଅଳକାପୁରର ବିବରଣ ।

ଶୁକମୁନି ବକତା ଯେ ପରୀକ୍ଷିତ ଶ୍ରୋତା ।
ଅତି ବିଚିତ୍ର ଅଟଇ ଚଣ୍ଡୀଙ୍କ କଥା ॥
ନାରଦଙ୍କୁ ଦେଖିଣ ସେ ଅସୁର ସଜନ ।
ଅର୍ଚ୍ଚନା ବନ୍ଦନା କଲେ ତାଙ୍କ ପାଦ ବେନି ॥
ବସିଲେ ସେ ମହାମୁନି ପାଦ୍ୟ ଅର୍ଘ୍ୟ ପାଇ ।
କଲ୍ୟାଣ ବାଞ୍ଛା କରିଲେ ସେ ତପୀ ଗୋସାଇଁ ॥
ଶୁମ୍ଭ ନିଶୁମ୍ଭଙ୍କୁ ଚାହିଁ ବୋଲନ୍ତି ନାରଦେ ।
ତୁମ୍ଭ ତୁଲ୍ୟ ବଳୀ ନାହିଁ ଜଗତର ମଧ୍ୟେ ॥
ସମସ୍ତ କୁଶଳ ପଚାରନ୍ତି ବ୍ରହ୍ମଋଷି ।
ଅସୁର ଭୁବନ ବୁଲି ଦେଖିଣ ପ୍ରଶଂସି ॥
ନାରଦ ବୋଇଲେ ଶୁଣ ହେ ଶୁମ୍ଭ ନିଶୁମ୍ଭ ।
ତୋର ଭୁବନକୁ ସମ ଅଳକା ନ ହେବ ॥
ଯେତେ ସମ୍ପଦ ଦେଖିଲି ଏ ତୁମ୍ଭର ପୁରୀ ।
ଅମରପୁର ଏଥକୁ ପଟାନ୍ତର କରି ॥
ପଶ୍ଚିମେ ସିଂହଳ ଗିରି ପୂର୍ବେ ଋକ୍ଷ ଗିରି ।
ଦକ୍ଷିଣେ କୁଣ୍ଡଳ ଗିରି ବାମେ ବିନ୍ଧ୍ୟଗିରି ॥
ଏ ଚାରି ପର୍ବତ ଅଛି ଆକାଶକୁ ଭେଦି ।
ବହଇ କଣ୍ୟୁଭଦ୍ର ବ୍ରହ୍ମଭୋଗ ନଦୀ ॥
ପୁଣି ବୋଇଲେ ଦୈତ୍ୟଙ୍କ ନଗରକୁ ଚାହିଁ ।
ତୁମ୍ଭ ହେତୁ ସିନା ବାବୁ ଏ କଥା କହଇ ॥
ଏସନେକ ଭୁବନକୁ ତୁଲ୍ୟ ଅଉ ନାହିଁ ।
ବଢ଼ାଇ ହରଷ ଅମ୍ଭେ ହେଉଅଛୁଁ ଚାହିଁ ॥
ଦେବତାଙ୍କର ନଗର ପୁର ବାରବତୀ ।
ତହିଁକି ଅଳ୍ପ ଅନ୍ତର ଏହି ଜେନାବତୀ ॥
ସ୍ୱର୍ଗକୁ ପଟାନ୍ତର ବା ହୁଅନ୍ତା ଭୁବନ ।
ଚାରି ପଦାର୍ଥ ମାତ୍ରକ ନାହିଁ ଏହି ସ୍ଥାନ ॥
ଏହା ଶୁଣିକରି ଶୁମ୍ଭ ନିଶୁମ୍ଭ ପୁଛନ୍ତି ।
ମୁନି କେଉଁ କେଉଁ ଦ୍ରବ୍ୟମାନ ନାହିଁ ଏଥି ॥
ଯେବଣ ଯେବଣ ଦ୍ରବ୍ୟମାନ ଏଥି ନାହିଁ ।
ହେ ନାରଦ ମହାମୁନି କହ ଦୟା ବହି ॥
ନାରଦ ବୋଇଲେ ବାବୁ ଶୁଣ ମୋ ଉତ୍ତର ।
ଯେଉଁ ଯେଉଁ ଚାରି ଦ୍ରବ୍ୟ ନାହିଁ ଏହିପୁର ॥
ଇନ୍ଦ୍ର ଦେବତାର ଯେଉଁ ଐରାବତ ହସ୍ତୀ ।
ଆଉରି ଅପୂର୍ବ ରମ୍ଭା ନାମରେ ଯୁବତୀ ॥
ଉଚ୍ଚୈଃଶ୍ରବା ଅଶ୍ୱ ଆଉ ପାରିଜାତ ତରୁ ।
ଏତେକ ଅପୂର୍ବ ଦ୍ରବ୍ୟ ଅମ୍ଭେ ହୋ ବସ୍ତୁରୁଁ ॥
ନାରଦ ବାକ୍ୟେ ବୋଲନ୍ତି ସେ ଶୁମ୍ଭ ନିଶୁମ୍ଭ ।
ଅମ୍ଭର ଏ ବାହୁବଳେ ସାଧିକଲୁଁ ସର୍ବ ॥
ଅମ୍ଭର ନାମ ଜଗତେ କେହି ନାହିଁ ଜାଣି ।
ସାରବରପଣେ ଅମ୍ଭ ନାମ ଏ ଧରଣୀ ॥
ତୁମ୍ଭ ଆଜ୍ଞା ପ୍ରମାଣେ ସେ ମିଳିବ ଅମ୍ଭଙ୍କୁ ।
ଶୁଣିଣ ନାରଦ ଗଲେ ଅମର ପୁରକୁ ॥
ତହୁଁ ଶୁମ୍ଭ ନିଶୁମ୍ଭ ଯେ ହୋଇ କୋପମୂର୍ତ୍ତି ।
ସ୍ୱର୍ଗପୁର ଇନ୍ଦ୍ରକୁ ସେ ଶ୍ରୀମୁଖ ଲେଖନ୍ତି ॥
ପ୍ରଥମେ ଲେଖିଲେ ଚିଠାଉର ଆଦ୍ୟ ଏତେ ।
ଶ୍ରୀ ଜଗତର କରତା ଚରଣେ ନମସ୍ତେ ॥
ଶ୍ରୀ ପିତାମହ ଚରଣେ ନମସ୍ତେ ନମସ୍ତେ ।
ଏ ଉତ୍ତାରୁ ଲେଖନ୍ତି ସେ ତହୁଁ ଭାଷା ଯେତେ ॥
ଆଦି ଅନାଦି ଦେବ ଶ୍ରୀ କଶ୍ୟପଙ୍କ ଗୋଷ୍ଠୀ ।
ସିଂହିକା କୁମାର ରାହୁ ବଂଶରେ ପ୍ରାପ୍ତି ॥
ଅନୁଗତ ଜନଙ୍କର ଆନନ୍ଦ ପ୍ରଦାତା ।
ଅଧମ ଉଦ୍ଧାରଣ ଏ ଜଗତ କରତା ॥
ଚତୁର୍ଦ୍ଦଶ ଭୁବନର ମଣ୍ଡଳାଧିପତି ।
ଶିବ ବ୍ରହ୍ମାବରେ ଯାର ଅତ୍ୟନ୍ତ ପୀରତି ॥
ତିନି ଭୁବନ ପୁରକୁ ଯେ ବଜ୍ର କପାଟ ।
ସେହି ସିଂହଳ ଦ୍ୱୀପର ଅଟେ ସମ୍ରାଟ ॥
ମହୀମଣ୍ଡଳରେ ଜିତା ପ୍ରାକର୍ମରେ କର୍ତ୍ତା ।
ସୁନ୍ଦରୀ ମନୋରଞ୍ଜନ ରତିରସେ ଜିତା ॥
ଦେବଲୋକ ନରଲୋକ ରାକ୍ଷସ କିନ୍ନର ।
ନାଗଲୋକ ଗ୍ରହଗଣ ଋକ୍ଷ ଯେ ବାନର ॥
ଗନ୍ଧର୍ବଲୋକ ଯେ ଯକ୍ଷଲୋକ ଯମଲୋକ ।
ବ୍ରହ୍ମ କ୍ଷତ୍ରୀ ବୈଶ୍ୟ ଶୂଦ୍ର ଏଥିରେ ଯେତେକ ॥
ଆଉରି ସିଦ୍ଧ ଲୋକହିଁ ଛନ୍ତି ଯେତେ ଭଲ ।
ଏ ଲୋକମାନଙ୍କର ଯେ ଅଟେ ଉର ଶଲ ॥
ଜମ୍ବୁଦ୍ୱୀପ ପ୍ଲକ୍ଷଦ୍ୱୀପ ପୁଣି କୁଶଦ୍ୱୀପ ।
କ୍ରୌଞ୍ଚଦ୍ୱୀପ ଶାକଦ୍ୱୀପ ଯେ ଶାଲ୍ମଳଦ୍ୱୀପ ॥

Digitized by srujanika@gmail.com

ପୁଷ୍କର ଦ୍ଵୀପାନ୍ତ ଏହୁ ସପ୍ତଦ୍ଵୀପ ଯେଉଁ ।
ସିଂହଳ ଦ୍ଵୀପ ଯେ ଚନ୍ଦ୍ରଦ୍ଵୀପ ଲେକ ପୁଣି ॥
ପାରଦ୍ଵୀପ ରତ୍ନଦ୍ଵୀପ ପଦ୍ମଦ୍ଵୀପ ପର ।
ଏତେ ଏତେ ଦ୍ଵୀପମାନ ଯେହୁ ସାଧି କର ॥
ଲବଣେକ୍ଷୁ ସୁରା ସର୍ପି ଦଧି ଦୁଗ୍ଧ ଜଳ ।
ଏ ସାତସିନ୍ଧୁ ହୁଅଇ ଯାକୁ ଏକଚଳ ॥
ଏତେ ଦ୍ଵୀପ ଏତେ ସିନ୍ଧୁ ସ୍ଥିତ ଲୋକଗଣ ।
ଯାହାର ଚରଣ ତଳେ ପଶନ୍ତି ଶରଣ ॥
ରକ୍ତବୀର୍ଯ୍ୟ ବୀରଘଣ୍ଟ ଗୃମର ବେମାଳ ।
ଧୂମ୍ର ଲୋଚନ ଯେ ଚଣ୍ଡମୁଣ୍ଡ କାନ୍ତମାଳ ॥
ଶୁମ୍ଭ ନିଶୁମ୍ଭ ଯେ ବିଡ଼ାଳାକ୍ଷ ମହାବୀର ।
ଏକେ ଏକେ ଏହୁ ଦହ ପାଚନ୍ତି ନିପୁର ॥
ଶ୍ରୀବୀରଧ୍ଵ ବୀରବର ମାନ ଦର୍ପ ହର ।
ମାନଉଦ୍ଧାରଣ ଯେହୁ ଶରଣସୋଦର ॥
ସମସ୍ତ ନୃପତି ଅଉ ସର୍ବ ସେନାପତି ।
ଯାହାର ଶ୍ରୀ ପଦ୍ମପାଦ ନିରତେ ସେବନ୍ତି ॥
ଶରଣ ଉଦ୍ଧାରଣ ଯେ କକ୍ଷା ଜଗଜ୍ଜ୍ୟୋତି ।
ଭକତବତ୍ସଳ ସିଦ୍ଧ ମୁନି ଯେ ସେହୁଟି ॥
ଶରଣ ରକ୍ଷଣ ପୁଣି ଦୁଷ୍ଟ ନିବାରଣ ।
ଦେବାଧି ଦେବରାଜାଙ୍କ ମୁକୁଟଭୂଷଣ ॥
ନଷ୍ଟଚ୍ୟୁତ ନୃପତିଙ୍କ ସ୍ଥାପନାକାରକ ।
ଅମାନସ୍ଥ ରାଜାଙ୍କର ନଗରଧ୍ଵଂସକ ॥
ମଦନ ସୁନ୍ଦର ରୂପ ବୀର ମହାବୀର ।
ପ୍ରତାପୀ ଅସୁରକୁଳ କମଳେ ଭାସ୍କର ॥
ଏବଂଭୂତ ଶ୍ରୀ ମହିଷାସୁର ନୃପତିର ।
ଶ୍ରୀମୁଖ ସ୍ଵର୍ଗ ଇନ୍ଦ୍ରକୁ କଲ୍ୟାଣ ଉତ୍ତର ॥
ତୋହର ଅମରଗଣମାନ ଘେନି ସଙ୍ଗେ ।
ଶ୍ରୀମୁଖ ପ୍ରବେଶ ମାତ୍ରେ ଅସିବୁ ତୁ ଏବେ ॥
ଐରାବତ ନାଗ ପାରିଜାତ ତରୁବର ।
ରମ୍ଭା ଅପସରା ଉଚ୍ଚୈଃଶ୍ରବା ହୟସାର ॥
ଏ ସୁର ପଦାର୍ଥ ଆଜ୍ଞା ପ୍ରମାଣେ ଘେନିକୁ ।
ଦୂତ ସଙ୍ଗତରେ ଆସି ଦର୍ଶନ କରିବୁ ॥
ଯେବେ ଅବଜ୍ଞା କରଣ ଶୀଘ୍ର ନ ଆସିବୁ ।
ତେବେ ଆନ ଇନ୍ଦ୍ର ହେବ ଏହା ଜାଣିଥିବୁ ॥
ପ୍ରଚଣ୍ଡ ଶ୍ରୀ ବୀରବର ଯେ ଶୁମ୍ଭ ନିଶୁମ୍ଭ ।
ଏରୂପେ ସେ ଲେଖାଗୋଟି ଶେଷ କଲେ ଜବ ॥

ଗଦାବର ସନ୍ତକକୁ ଶ୍ରୀହସ୍ତରେ ଦେଲେ ।
ତତକାଳେ ଲେଖାର ଉପରେ ଶ୍ରୀମୁଖ ମୁଦିଲେ ॥
ଶ୍ରୀମୁଖକୁ ଲେଖିଲେ ଯେ ହୋଇଣ ହରଷ ।
ଶ୍ରୀକୃଷ୍ଣେ ଶରଣ ପଶେ ଶ୍ରୀ ଶାରଳାଦାସ ॥
କହେ ଶୁକମୁନି ଶୁଣ ପରୀକ୍ଷିତ ରାୟେ ।
ଶ୍ରୀଭାଗବତ ଶୁଣିଣ ପାପ କର କ୍ଷୟେ ॥
ଶୁମ୍ଭ ନିଶୁମ୍ଭ ଯେ ଶସ୍ତ ପ୍ରହସ୍ତକୁ ବଳ ।
ଆଜ୍ଞା ଦିଅନ୍ତି ଶ୍ରୀମୁଖକୁ ତାଙ୍କହସ୍ତେ ଦେଇ ॥
ଶ୍ରୀମୁଖ ଘେନିଣ ତୁମ୍ଭେ ଯାଅ ସ୍ଵର୍ଗପୁରେ ।
ଇନ୍ଦ୍ର ଦେବତାକୁ ଘେନି ଆସ ଯାତକାରେ ॥
ଇନ୍ଦ୍ର ଅଟଇ ଭୁଷଣ୍ଡ କାକର ତନୟେ ।
ବେଗେ ଆସୁ ମନେ କିଛି ନ କରୁ ଯେ ଭୟେ ॥
ରାଜାର ଆଜ୍ଞା ନିବେଶି ଶିରେ ବେନିବୀରେ ।
ଶ୍ରୀମୁଖକୁ ହସ୍ତର ସେ ଲମ୍ବାଇ ଗଳାରେ ॥
ଆକାଶ ମାର୍ଗେ ବହନ ଚଳଗଲେ ଦ୍ରୁତେ ।
ବର୍ଷର ବଳେ ସେହୁ ଗଲେ ଶୂନ୍ୟପଥେ ॥
ପ୍ରବେଶ ହୋଇଲେ ଯାଇ ଅମରାବତୀରେ ।
ନାରଦେ କହିଲେ ତେଣେ ଇନ୍ଦ୍ରଙ୍କ ଛାମୁରେ ॥
ବୋଲନ୍ତି ନାରଦ ଅହୋ ଶୁଣ ପୁରନ୍ଦର ।
ତୋତାକୁ ଶ୍ରୀମୁଖ ଦେଇଅଛି ମହିଷାସୁର ॥
ଶୁଣିଣ ଦରହରିତ ହେଲେ ଦେବତାଏ ।
ଶସ୍ତ ପ୍ରହସ୍ତ ପ୍ରବେଶ ଏସନ ସମୟେ ॥
ଗଳଇ ପ୍ରଚଣ୍ଡ ଜ୍ଵାଳ ପ୍ରଖର ନିଃଶ୍ଵାସ ।
ସ୍ଵର୍ଗପୁର ଘୋଟିଛନ୍ତି ସେ ବେନି ରାକ୍ଷସ ॥
ଆସ ହୋ ଇନ୍ଦ୍ର ବୋଲିଣ ଡାକନ୍ତି ଦର୍ପିଷ୍ଟ ।
ମହାରାଜ ପଣ କର କରନ୍ତି ଉଚ୍ଚାଟ ॥
ତ୍ରୈଲୋକ୍ୟ ଈଶ୍ଵର ମହିଷାସୁର ଠାକୁର ।
ତୋତେ ଶ୍ରୀମୁଖ ସେ ଦେଲେ ଶୁଣ ସୁରେଶ୍ଵର ॥
ଅସ୍ଥାନ ତେଜିଣ ତୁହି ଆସ ହୋ ବହନ ।
ପାସୋରିବା ପାଇଁ ଶ୍ରୀମୁଖ ଗୋଟି ବେଗେ ଘେନ ॥
ଶୁଣି କୋପକଲା ତହୁଁ ଦେବ ଇନ୍ଦ୍ର ରାୟେ ।
ତାହା ଶ୍ରୀମୁଖକୁ କରେ ମୋର ଅଛି ଭୟେ ॥
ଆସ ଆସ ଅଙ୍ଗାରପର୍ଣ୍ଣ ରେ ବହନ ।
ଏ ମୋହରା ଦୁହିଙ୍କ ଶିର କର ବେ ଛେଦନ ॥
ମହିଷାସୁର ବାଘ ଆସି ରକ୍ଷା କରୁ କିନା ।
ମୋହପୁରେ କେତେ କରୁଅଛନ୍ତି ଭର୍ତ୍ସନା ॥

Digitized by srujanika@gmail.com

ଇନ୍ଦ୍ର ବଚନ ଶୁଣି ସେ ମୃଗାରିପଲ୍ଲବ ।
ଅସୁରଙ୍କ କେଶ ଧରି ନେଲା ତହୁଁ ବେଗ ॥
ସ୍ୱର୍ଣ୍ଣ କୁଠାର ଧରିଣ ହେନ୍ତୁ ବିଦ୍ୟାଧର ।
ଦୁହିଙ୍କ ଉପରେ ନେଇ କଲେକ ପ୍ରହାର ॥
ସେ ବିଦ୍ୟାଧରର ମହାପ୍ରଚଣ୍ଡ ଘାତେ ।
ବେନି ବେନିଖଣ୍ଡ ହୋଇ ପଡ଼ିଲେ ସେ ଦୈତ୍ୟେ
ତାଙ୍କ ବଧ ଦେଖି ବୋଇଲେକ ନାରଦାଦି ।
ଦୂତକୁ ଯେ ବଧ କଲୁ ତୋର ମନ୍ଦ ବୁଦ୍ଧି ॥
ସତ୍ୟ ତ୍ରେତା ଦ୍ୱାପର ଯେ କଳିଯୁଗ ଚାରି ।
ଦୂତକୁ ମାରିଲେ ହୋଏ ବ୍ରହ୍ମହତ୍ୟା ସରି ॥
ନାରଦାଦି ବଦନରୁ ଏହି ବାଣୀ ଶୁଣି ।
ପ୍ରତିଜ୍ଞା କରି ଗର୍ଜନ୍ତି ଦେବ ବଜ୍ରପାଣି ॥
ଅମରାବତୀ ସ୍ୱର୍ଗରେ ଦେବେ ନିରଞ୍ଜନ ।
ଦେବରାଜା ପଦେ ମୋତେ କଲେ ନିବେଶନ ॥
ତିନି ଭୁବନେ ଅଟଇ ମୁହିଁ ଦେବରାୟେ ।
ଦୁଷ୍ଟ ନାଶନ ମୁଁ ମୋର କାହାକୁଟି ଭୟେ ॥
ଯହୁଁ ଶିରଚ୍ଛେଦ ହେଲେ ଶାସ୍ତ୍ର ଯେ ପ୍ରଶସ୍ତ ।
ଦେବତା ରୂପରେ ଭୋଗ କଲେ ସେ ବହୁତ ॥
କୁମ୍ଭ ଶୁକଳ ଦ୍ୱିତୀୟା ତିଥି ଚନ୍ଦ୍ର ବାର ।
ଅଶ୍ୱିନୀ ନକ୍ଷତ୍ର ଭୋଗ ମେଷ ସେ ରାଶିର ॥
ବାଳବନାମେ କରଣ ଆୟୁଷ୍ମାନ ଯୋଗ ।
କୁମ୍ଭ ସଙ୍କ୍ରାନ୍ତିକ ପଚିଶ ଦିନ ଭୋଗ ॥
ଜେନାବଳୀ ନଷ୍ଟେ ଶୁମ୍ଭ ନିଶୁମ୍ଭ ଏ ବେନି ।
ଆସ୍ଥାନେ ବସିଲେ ପାଶ ଅମାତ୍ୟ ଘେନି ॥
ଅନ୍ଧକ ବୋଲି ମହିଷାସୁର ନୃପ ମନ୍ତ୍ରୀ ।
ଭୂତ ଭବିଷ୍ୟତ ଜ୍ଞାତା ସମସ୍ତ କହନ୍ତି ॥
ବଦନ୍ତି ପରୀକ୍ଷିତ ରାଜା ଶୁଣିବା ମୁନି ହେ ।
ଏ କଥାରେ ଲାଗିଲାତ ବଡ଼ଇ ସନ୍ଦେହେ ॥
ନବଦ୍ୱୀପ ସାଧିକଲା ଯେବଣ ମହିଷା ।
ମନ୍ତ୍ରୀ ଅନ୍ଧକର ଠାରେ କମ୍ପା କଲା ଆଶା ॥
ନେତ୍ର ବେନି ତାର ଯେବେ ଅନ୍ଧ ହୋ ଅଛଇ ।
କି ବୁଦ୍ଧି ପଣେ ସେ ମନ୍ତ୍ରୀ ହୋଇଣ ଅଛଇ ॥
ଏ କଥା କେ ମହାମୁନି ଅଟେ ଅପୂରୁବ ।
ଏ ସନ୍ଦେହ ଗୋଟା ମୋତେ ଫେଡଣ କହିବ ॥
କହନ୍ତି ସେ ଶୁକମୁନି ମହାବ୍ରହ୍ମବେତ୍ତା ।
ଶୁଣ ପରୀକ୍ଷିତ ରାଜା ପଣ୍ଡିତ ସୁଜ୍ଞାତା ॥

ରକ୍ଷ ଭକ୍ଷକର ଯେହ୍ନେ ଅଟେ ପଣନାଡ ।
ଜନ୍ମ ହେଲା କାତ୍ରୁ ସେହି ହେଲା ମହାଯତ ॥
ତାହାର ଭଗିଣୀ ନାମ ଅଟେ ଚନ୍ଦ୍ରାବଳୀ ।
ତାର ତନୟ ଅନ୍ଧକ ନାମେ ମହାବଳୀ ॥
ମହିଷାସୁରର ସେହି ଦେଖିଲା ଅଜାତ ।
ତଆରିଲା ନାନାରୂପେ ସେ ଅନ୍ଧକ ମନ୍ତ୍ରୀ ॥
ବୋଲେ ବସୁଧନ ଅରଜିଲୁ ଭୁଜବଳେ ।
ଦୁଷ୍ଟ ହୋଇଲେ ହୋ ଶିଶୁ ତୁଟେ ଅଳ୍ପକାଳେ ॥
ଅନେକ ମତେ ତଥାରେ ମଧ ବିରୂପାକ୍ଷ ।
ଶୁଣି କୋପିଲା କପିଳ ସିଂହର ଯେ ବତ୍ସ ॥
ମାତୁଳ ନୋହିଲେ ଶିର ପକାନ୍ତି ମୁଁ ମୋଡ଼ି ।
କୋପେ ମୈଷାସୁର ବେନି ଚକ୍ଷୁ ତାର ତାଡ଼ି ॥
ଚକ୍ଷୁ ବେନି ତାଡ଼ନ୍ତେ ଯେ ପଡ଼େ ମୁହିଁମାଡ଼ି ।
ଈଶ୍ୱର ରକ୍ଷ ବୋଲି ଯେ ଦେଲା ଘୋରରଡ଼ି ॥
ଅନାଥ ଲୋକର ସେ ଯେ ବଇକୁଳ୍ୟ ଦେଖି ।
ବୃଷଭ ଆରୋହି ରଜେ ପଞ୍ଚଦଶ ଅକ୍ଷି ॥
ବୋଲନ୍ତି ଅସୁର ତୁରେ କି ନିମିତ୍ତେ କାନ୍ଦୁ ।
ପର ଦୁଃଖେ କାତର ମୁଁ ପରଲୋକ ବନ୍ଧୁ ॥
ଏ ଅଶ୍ୱାସ ବଚନକୁ ଶୁଣିଣ ଦଇତ ।
ବୋଲଇ ସେ କରପଦ୍ମ ଯୋଡ଼ିଣ ଏମନ୍ତ ॥
ସ୍ୱାମି ରକ୍ଷଭକ୍ଷ ବଂଶେ ହେତ ଯେ ପ୍ରହେତ ।
ବିରୂପାକ୍ଷ ନାମ ମୋର ତାଙ୍କର ସନ୍ତତ ॥
ସ୍ୱାମି ମୈଷାସୁରର ମୁଁ ଅଟଇ ମଉଳା ।
ଜତକର୍ମୀ ଦାନବ ସେ ଅଜାତ କରିଲା ॥
ଅନେକ ତଆରିଲି ତା ଦୁଷ୍ଟପଣ ଦେଖି ।
କୋପେ ପାଦାଗ୍ରା ଖୋଳିଲା ମୋର ବେନିଅକ୍ଷି ॥
ଈଶ୍ୱର ବୋଇଲେ ଅଟୁ ଆମ୍ଭେ ବିରୂପାକ୍ଷ ।
ଏ ଯୋଗୁଁ ତୋହ ମୋହର ମିତ୍ରତା ପ୍ରତ୍ୟକ୍ଷ ॥
ଏବେ କହ ବୋଇଲେ ସେ ଦେବ ତ୍ରିଲୋଚନ ।
ନିଶ୍ଚୟ ତୋତେ ଆମ୍ଭେ ଯେ ଦେବା ଚକ୍ଷୁଦାନ ॥
ଅନ୍ଧ ବୋଲେ ମୈଷା ସମ୍ପଦ ମୁଁ ନ ଦେଖିବି ।
ଅନ୍ଧ ହୋଇଣ ତାହାର ରାଜ୍ୟେ ରହିଥିବି ।
ଭକତେ ପ୍ରସନ୍ନ ହେବା ଦେବ ବିଶ୍ୱନାଥ ।
ହୃଦରେ ଚକ୍ଷୁ ମୋହର ହେବ ପରାପତ ॥
ମନ୍ତ୍ରିପଣକୁ ହେ ଦେବ ହୋଇବ ଶକତା ।
ତବାଜ୍ଞାରେ ହେବ ଭୂତ ଭବିଷ୍ୟତ ଜ୍ଞାତା ॥

Digitized by srujanika@gmail.com

ଶୁଣି ସଦାଶିବ ବୋଇଲେକ ତୋଷଚିତ୍ତେ ।
ବ୍ରହ୍ମାଣ୍ଡରେ ନଇଲୁଣ୍ଠ ଯାଏ ଦଣ୍ଡ ତୋତେ ॥
ଏସନେକ ବୋଲ୍ ଯହୁଁ ଶିବାଜ୍ଞା ମିଳଇ ।
ଅନ୍ଧକ ହୃଦରେ ଦ୍ରବ୍ୟ ଚିନ୍ତୁ ଯେ ହୋଇଲା ॥
ଦ୍ରବ୍ୟ ବର ଯେଣୁ ତାକୁ ଦେଲେ ହିଅମ୍ବକ ।
ତେଣୁ କର ସବୁ କଥା ଜାଣେ ସେ ଅନ୍ଧକ ॥
ତେଣୁ ଅନ୍ଧକଙ୍କୁ ପୁଚ୍ଛି ଶୁମ୍ଭ ଯେ ନିଶୁମ୍ଭ ।
ସ୍ୱର୍ଗେ ଯିବା ଦୂତ ବାର୍ତ୍ତା ସତ୍ୱର କହିବ ॥
ହୃଦଗତେ ଚିନ୍ତା କର ଜାଣିଣ ଅନ୍ଧକ ।
ବୋଲେ ଶୁଣ ମହାବୀରେ ମନକର ଏକ ॥
ଶ୍ରୀ ମୁଖ ଶୁଣିଣ କୋପ କଲା ବଜ୍ରପାଣି ।
ଶସ୍ତ୍ର ପ୍ରହସ୍ତ ଦୁହିଁଙ୍କି ପକାଇଲା ହାଣି ॥

ଶୁମ୍ଭ ନିଶୁମ୍ଭଙ୍କର ସ୍ୱର୍ଗପୁରକୁଗମନ ।

ଅନ୍ଧକ ମୁଖୁଁ ଏସନ ବଚନକୁ ଶୁଣି ।
ବିଷାଦେ ବିସ୍ମୟ ହେଲେ ସେହି ବୀର ବେନି ॥
କୋପେ ଆଜ୍ଞାଦେଲେକ ସେ ବେନି ବୀରବର ।
ଅମର ସ୍ୱର୍ଗେ କାହିଁକ ଥିବ ସୁରାସୀର ॥
ସମଦଣ୍ଡ ଅସୁରତ ବେଗେ ସାଜ ସାଜ ।
ଅମର ସ୍ୱର୍ଗପୁରକୁ ଯିବୁଁ ଅମ୍ଭେ ଆଜ ॥
ରାଜାର ବଚନେ ମନ୍ତ୍ରୀ ଯାଜ ସମଦଣ୍ଡ ।
ସଇନ୍ୟ ସଜ୍ଜିତ ହୋଇ ହେଲେ ଏକ ଝୁଣ୍ଡ ॥
ଗଜ ତୁରଙ୍ଗ ପଦାତି ରଥୀ ରଥମାନ ।
ସାଜ ଅସୁରେ କରନ୍ତି ଘୋର ଟରଜନ ॥
ହେମ୍ବମୟ ରଥ ଏକ ସାଜ ମହାବଳ ।
ରଥରେ ଯୋଡିଲେ ନେଇ ସହସ୍ରେ ଶାର୍ଦ୍ଦୁଳ ॥
ତହିଁ ସଜ ହୋଇ ଶୁମ୍ଭ ନିଶୁମ୍ଭ ବସିଲେ ।
ଚଳ ବୋଲ୍ କରି ସୈନ୍ୟେ ଆଜ୍ଞା ଦେଲେ ॥
ମନପବନ ସାରଥି ବାହିଲ ସେ ରଥ ।
ପବନ୍ ବେଗେ ଗମନ୍ତି ଅସୁରେ ସମର୍ଥ ॥
ନାରଦାଦ୍ଧ ବୋଇଲେ ହୋ ଶୁଣ ପୁରନ୍ଦର ।
ଶୁମ୍ଭ ନିଶୁମ୍ଭ ବାହିଲେ ତୋହର ଅମର ॥
ଶୁଣିଣ ଅସ୍ଥାନୁ ଉଠି ବୋଲେ ପୁରୁହୂତ ।
ସାଜ ରେ ମୋହର ସୈନ୍ୟ ଗଜ ଐରାବତ ॥
ଭିଡ଼ଜେ ଅର୍ଦ୍ଧାବଳ ଧନୁ ଶକତି ଧରଣ ।
ଚଉଷଠି କୋଟି ସଜ ଗନ୍ଧର୍ବଗଣ ॥

ଦେବତାଏ କରେ ଧରନ୍ତି ଲୁନ୍ତି ଯଷ୍ଟି ।
ପଚିଶ ମୁଷଳ ମୁଦ୍‌ଗର ଧ୍ୱକାଟି କୋଟି ॥
ସଜ ହୋଏ ଉଚ୍ଚୈଃଶ୍ରବା ନାମେ ହସ୍ତିବର ।
ଗର୍ଜନ ଘାତରେ କମ୍ପେ ଅଷ୍ଟ ତିନ ପୁର ॥
ଆବରଣ ହେଲେ ସେହି ବସ୍ତୁ ଦ୍ରବ୍ୟମାନ ।
ଦଶନ୍ତି ଯେ ବ୍ରହ୍ମା ରୁଦ୍ର କୁବେର ସମାନ ॥
ଏସନ ପ୍ରକାରେ ସଜ ହେଲେ ସର୍ବସେନା ।
ପ୍ରଚଣ୍ଡ ସହିତରେ ପଚିଶ କୋଟି ଜେନା ॥
ଏସନ ସମ୍ଭବେ ଇନ୍ଦ୍ର ଥାଇ ଯେ ସଳଖି ।
ବ୍ରହ୍ମାଣ୍ଡ କମ୍ପେ ଦେବଙ୍କ ହୁନ୍ଦୁଭିକୁ ଶୁଣି ॥
ଶୁମ୍ଭ ନିଶୁମ୍ଭ ଯେ ଅସି ହୋଇଲେ ନିକଟ ।
ଦେବ ଅସୁର ହୋଇଲେ ଯାଇଁ ଭେଟାଭେଟ ॥
ଇନ୍ଦ୍ର ରାଜା ବୋଇଲେକ ରେ ଶୁମ୍ଭ ନିଶୁମ୍ଭ ।
ମର୍ତ୍ତ୍ୟ ମଣ୍ଡଳ ରାଜାନ୍ତ ଜିଣିଲେ ରେ ସର୍ବ ॥
ମୁହିଁ ଦେବରାଜା ସ୍ୱର୍ଗ ପୁର ରକ୍ଷାପାଳ ।
ଅମୃତ କାରଣେ ମୋତେ ତୁମ୍ଭର କଟାଳ ॥
ଶୁମ୍ଭ ନିଶୁମ୍ଭ ବୋଇଲେ ଶୁଣ ଦେବରାଜ୍ୟେ ।
ମୈଷାସୁର ନୃପତିକୁ ନ ଜାଣେ ବା କିଏ ॥
ଅମ୍ଭେ ଦୂତ ପଠାଇଲୁ ତୋହର ନିକଟ ।
ନ ବୁଝି ନ ପୁଛି ତାର କଲୁ ମୁଣ୍ଡ କାଟ ॥
ତାହାକୁ ବିନାଶ ତୁ ହୋ କଲୁ ଅନନିତ୍ତେ ।
ଏ କର୍ମ କରବ କେହ୍ନ ଏ ତିନ ଜଗତେ ॥
ନ ଜାଣିବା ପଣେ ଏହା କଲୁ ଯେବେ ହୃତ ।
ଏତେଦ୍ରବ୍ୟ ଦେଲେ ଅମ୍ଭେ ଯିବୁଁ ହୋ ବାହୁଡ଼ ।
ପାରିଜାତ ନାମେ ତରୁ ଐରାବତ ଗଜ ।
ରମ୍ଭା ଅପସରା ଉଚ୍ଚୈଃଶ୍ରବା ହସ୍ତିରାଜ ॥
ଏ ସୁର ପଦାର୍ଥ ବେଗେ ଦିଅ ଅଣି ଦିଅ ।
ଅମ୍ଭେ ବାହୁଡ଼ିବୁ ତୁ ଏ ସ୍ୱର୍ଗପୁରେ ଥାଅ ॥
ଅମ୍ଭ ଦୂତକୁ ମାଇଲୁ କହ କି କାରଣ ।
ଜାଣିଲୁ ହୋ ଇନ୍ଦ୍ର ତୋର ନ ଜାଣିବା ପଣ ॥
ଦୂତକୁ ମାଇଲେ ଯେତେ ପାତକ ହୁଅଇ ।
ଏକଥା କି ଇନ୍ଦ୍ର ତୋର ଶୁଣିମାର ନାହିଁ ॥
ଅମ୍ଭେ ଅସୁରମାନେ ହୋ ଚଣ୍ଡାଳ ଯେ ହୋଇ ।
ଧର୍ମ ଲଙ୍ଘିବାକୁ ପୁଣ ନହା ଭୟ ପାଇ ॥
ପୁଣି ବୋଇଲେ ରେ ଶୁଣ ଶୁଣ ଅରେ ମନ୍ଦ ।
ମୈଷାସୁର ଅଛେ ବହୁ ପାରୁ କି ଇନ୍ଦ୍ର ॥



Digitized by srujanika@gmail.com

ବୋଲନ୍ତି ବାସବ ତୁମ୍ଭେ ଶୁଣ ଭାଇ ବେନି ।
ମୁଁ ଯାଇଁ ଜଣାଇ ଆସେ ଏବେ ପଦ୍ମଯୋନି ॥
ତାହାଙ୍କ ଆଜ୍ଞାରେ ମୁହିଁ ସର୍ବ ରକ୍ଷାପାଳ ।
ସେ ବୋଇଲେ ଯେଣନ ହୋ ଅମର ମଣ୍ଡଳ ॥
ଅଧିକାର ଅଛି ଦିନା ଅମରେ ମୋହର ।
ମୁହିଁ ଯାଇ କହି ଆସେ ବ୍ରହ୍ମାର ଆଗର ॥
ଏତେ ବୋଲି ଇନ୍ଦ୍ର ଗଲା ବ୍ରହ୍ମାର ସନ୍ନିଧେ ।
ଦୈତ୍ୟଙ୍କ ଉପ୍ଦ୍ରେ ଲୁଚିଲେ ସମସ୍ତ ବିବୁଧେ ॥
ଅମର ଛାଡ଼ଣ ସର୍ବେ ଗଲା ପ୍ରଭୃତି ।
ସ୍ୱର୍ଗେ ରହିଲେ ସେ ଶୁମ୍ଭ ନିଶୁମ୍ଭ ଦଇତ୍ୟ ॥
ଅପସରାମାନେ କେହି ନ ରହିଲେ ଡରେ ।
ସ୍ୱର୍ଗ ଛାଡ଼ି ପଳାଇଲେ ସର୍ବ ବିଦ୍ୟାଧରେ ॥
ଅପସରାଶ୍ରେଷ୍ଠ କାମସେଣା ପ୍ରମୋହିନୀ ।
ତାହାଙ୍କ ହରିଲେ ଶୁମ୍ଭ ନିଶୁମ୍ଭ ଯେ ବେନି ॥
ଏଥି ଅନନ୍ତରେ ସେ ଯେ ଦେବ ସୁରପତି ।
ପଳାଇଣ ପଶିଲେ ସେ ପୁର ଯଶୋବନ୍ତୀ ॥
ଲୁଚିଲେଣ ଅମର ବିଦ୍ୟାଧରେଣ ସଇନ ।
ଅପସରାଗଣମାନ ସଙ୍ଗେ ଅଛି ଯେଣ ॥
ବ୍ରହ୍ମାଣ୍ଡ କରତାଙ୍କର ନିତ୍ୟକର୍ମ ବେଳେ ।
ଯାଇଣ ଇନ୍ଦ୍ର ପ୍ରବେଶ ହେଲା ସଭାତଳେ ॥
ନେତ୍ର ବୁଜିଣ ବିରଞ୍ଚି ଲଘୁ କରିଛନ୍ତି ।
ଏହିକାଳେ ଇନ୍ଦ୍ର ସଭାତଳେ ଉଭା ହୋନ୍ତି ॥
ସମାଧି ନ ତେଜି ବସିଅଛି ଅଷ୍ଟଆସେ ।
କିଛି ନ କହନ୍ତି ଇନ୍ଦ୍ର ଉଭା ହୋଇଅଛି ॥
ବ୍ରହ୍ମାଙ୍କୁ ଯେ ନବଦଣ୍ଡ ହୋଇଲା ପ୍ରବେଶ ।
ଇନ୍ଦ୍ରଦେବତାଙ୍କୁ ନବସହସ୍ର ବରଷ ॥
ସ୍ୱର୍ଗେ ଭୋଗ କରନ୍ତି ସେ ବଳେ ଦୈତ୍ୟବେନି ।
ହିହନ୍ତା ପୁରୁଷ ଧରି ପାଳନ୍ତି ମେଦିନୀ ॥
ଆଜ୍ଞାରେ ମେଘେ ବର୍ଷନ୍ତି ଅଉ ଗ୍ରହଗଣେ ।
ନବଦ୍ୱୀପା ପୃଥ୍ୱୀ ସେହି କରିଲେ ଶାସନ ॥
ଯେ ଯାହାର ଠାରେ ଦିଗପାଳମାନେ ଭୋଗି ।
ଅକାଳେ ମୃତ୍ୟୁଦେବତା ନ ପାରଇ ଲଙ୍ଘି ॥
ଶୁମ୍ଭ ନିଶୁମ୍ଭ ଯେ ନବସହସ୍ର ବରଷ ।
ସ୍ୱର୍ଗପୁରେ ରହିଲେ ସେ ହୋଇଣ ହରଷ ॥
ନର ନାଗ ଯକ୍ଷ କିନ୍ନରାଦି ଯେତେ ଥିଲେ ।
ଶୁମ୍ଭ ନିଶୁମ୍ଭ ଭୟରେ ସର୍ବେ ପଳାଇଲେ ॥
ନାଗଙ୍କର ପଳାଇଲା ଯମଭୟ ନାହିଁ ।
ଜଗତେ ମୃତ୍ୟୁ ଅବା ବିଘ୍ନବନ୍ଧ ନାହିଁ ॥
ମେଘଙ୍କୁ ଏମନ୍ତ ଆଜ୍ଞା ଦେଲେକ ଅସୁରେ ।
ନିତହିଁ ବରଷିବ ରେ ରାତ୍ରରେ ପ୍ରହରେ ॥
ଗଗନ ମଣ୍ଡଳେ ଦିବସରେ ନ ରହିବ ।
ପୃଥ୍ୱୀରୀକ ନଦୀଙ୍କ ଶସ୍ୟ କରିଥିବ ॥
ଶୁଣ ପରୀକ୍ଷିତ ରାଜା ବୋଲେ ଶୁକମୁନି ।
ଅନୀତି ଅବିଧି ନାହିଁ ପାଳିଲେ ମେଦିନୀ ॥
ଅଖଣ୍ଡ ମଣ୍ଡଳେ ହେଲା ନୈଷା ଏକ ରାଜା ।
ଯାହା ଅଜନ୍ତ୍ର ନିଅନ୍ତି ସୁଖରେ ପରଜା ॥
ଦୈତ୍ୟମାନଙ୍କର କିଛି ଉପଦ୍ରବ ନାହିଁ ।
ମହା ସମ୍ଭବରେ ପୃଥ୍ୱୀ ଫଳଦାୟୀ ହୋଇ ॥
ଯାଗମାନ କରନ୍ତି ଯେ ସୁରେଶ ସର୍ବମୁନି ।
ନୈଷା ରାଜାକୁ ଶୁଭିଲା ଧନ୍ୟ ଧନ୍ୟ ଧ୍ୱନି ॥
ଯୁଗେ ଯୁଗେ ନୃପ ହୋଇଥାଉ ନୈଷାସୁର ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ହେଉ ଏ ଈଶ୍ୱର ॥
ନୈଷା ପଚାରିଲା ଶୁଣ ଅହୋ ଅନ୍ଧମନ୍ତ୍ରି ।
ଉତ୍ତମ କରତ ଇନ୍ଦ୍ର ପାଇଅଛି ପୃଥ୍ୱୀ ॥
ଅନ୍ଧକ ବୋଲେ ଶୁଣିମା ଅହେ ମହାମତି ।
ଏହି ନବ ବ୍ରହ୍ମାଣ୍ଡରେ ତୁମ୍ଭ ବଡ଼ କୀର୍ତ୍ତି ॥
ନାରଦ ମୁନି କହିଲେ ଶୁମ୍ଭ ନିଶୁମ୍ଭଙ୍କୁ ।
ସ୍ୱର ପଦାର୍ଥ ଅପୂର୍ବ ତୁମ୍ଭ ଭୁବନକୁ ॥
ଆଉ ସର୍ବ ସମ୍ପଦରେ ପୂର୍ଣ୍ଣ ଏହି ପୁର ।
ଶୁଣି ବୋଲନ୍ତି ସେ ଶୁମ୍ଭ ନିଶୁମ୍ଭ ଦ୍ୱିବୀର ॥
କେବଣ ସ୍ୱରପଦାର୍ଥ ଏଥିରେତ ନାହିଁ ।
ହେ ମୁନି ଏ କଥା ଆମ୍ଭ ଆଗେ ଦିଅ କହି ॥
ନାରଦେ ବୋଇଲେ ଅହେ ଶୁଣ ବୀରବେନି ।
ଯେଉଁ ସ୍ୱରଦ୍ରବ୍ୟ ଅପୂର୍ବତ ଏ ମେଦିନୀ ॥
ରମ୍ଭାନାମେ କନ୍ୟା ପାରିଜାତ ନାମେ ପୁଷ୍ପ ।
ଐରାବତ ନାମେ ଗଜ ଉଚ୍ଚୈଃଶ୍ରବା ଅଶ୍ୱ ॥
ଏମାନେ ଅପୂର୍ବ ଏଥି ବୋଇଲେ ନାରଦ ।
ଏ ସ୍ୱର ପଦାର୍ଥ ଥିଲେ ସୁନ୍ଦର ସମ୍ପଦ ॥
ଶୁଣି ଶୁମ୍ଭ ନିଶୁମ୍ଭ ଯେ ଲେଖାଇଲେ ଲେଖ ।
ଶସ୍ତ୍ର ପ୍ରହସ୍ତଙ୍କୁ ରାଇ ଦେଲେକ ଶ୍ରୀମୁଖ ॥
ବୋଇଲେ ଇନ୍ଦ୍ରଙ୍କୁ ଯେଣଅସ ଲେଖଦେଇ ।
ଶୁଣି ବେନିବୀରେ ଗଲେ ଦିମାନ ଅଶ୍ୱେହ ॥

Digitized by srujanika@gmail.com

ଇନ୍ଦ୍ର ଛାମୁରେ ଶ୍ରୀମୁଖ ଦେଲେ ନେଇ ଦୂତ ।
ସେ ଦୂତଙ୍କୁ ମାରିଲା ସେ କୋପେ ପ୍ରବୃତ୍ତ ॥
ତାହା ଶୁଣି ଶୁମ୍ଭ ନିଶୁମ୍ଭ ଯେ ଭାଇ ବେନି ।
ଅମରଙ୍କୁ ବାହାର କରିଦେଲେ ସଧିଯୋନି ॥
ସ୍ୱର୍ଗପୁର ମାଡ଼ ବସିଲେକ ବେନିବୀର ।
ବଢ଼ାଇ ସମ୍ପଦେ ପାଳୁଅଛନ୍ତି ନିପୁର ॥
ହବସେ ପର୍ବତେ ମେଘେ କରନ୍ତି ଯେ ବୃଷ୍ଟି ।
ନିତ ରବିରେ ସୁବୃଷ୍ଟି ହୁଏ ନବସୃଷ୍ଟି ॥
ନାଶକର ସହିତରେ ପଳାଇଲେ ଡରେ ।
ନବସହସ୍ର ବରଷ ହେଲା ପୃଥ୍ୱୀରେ ॥
ମୃତ୍ୟୁ ନ ପାବନ୍ତି ନରେ ସୁଖେ ଛନ୍ତି ରହି ।
ଯମ ପଳାଇଲା ଆଉ ଯମଦଣ୍ଡ ନାହିଁ ॥
ନିଃଶଙ୍କ ହୋଇଣ ଦିବ୍ୟପୁର ସର୍ବେ କଲେ ।
ଉପରେ ହେମ କଳଶ ମାନ ବସାଇଲେ ॥
ଯତି ସନ୍ନ୍ୟାସୀ ଯେ ତପୋଧନ ବ୍ରାହ୍ମଣ ।
ବୋଲନ୍ତି ଚିରାୟୁ ହେଉ ମହିଷା ରାଜନ ॥
ଏମନ୍ତ ବୋଲି ସମସ୍ତେ କରନ୍ତି କଲ୍ୟାଣ ।
ଅତ୍ୟନ୍ତ ସୁଖୀ ହୋଇଣ ଛନ୍ତି ପ୍ରଜାଗଣ ॥
ଶୁଣି ହରଷ ହୋଇଲା ମୈଷାସୁର ରାସ୍ତେ ।
ସାଧୁ ଶୁମ୍ଭ ନିଶୁମ୍ଭରେ ତୁମ୍ଭ ବାପ ମାସ୍ତେ ॥
ସାଧୁ ସାଧୁ ବେନିବୀରେ ତୁମ୍ଭର ଜୀବନ ।
ସାଧୁ ସାଧୁ ତୁମ୍ଭ ଯଶ ଧନ୍ୟ ଅଟେ ଧନ୍ୟ ॥
ଅନେକ ହରଷ ହେଲା ମହିଷା ଅସୁର ।
ଇନ୍ଦ୍ରଙ୍କୁ ଘଉଡ଼ି ମାଡ଼ ବସିଲେ ଅମର ॥
ସନ୍ନିଧିକୁ ଗଲା ସେ ସୁମେର ବେମାନ ।
ତାଙ୍କ ହସ୍ତେ ଦେଲା ତାଡ଼ ବାହୁଟି ସକଳ ॥
ହଦ ମୁଦ କଙ୍କଣ ଯେ ମୁକୁଟ କୁଣ୍ଡଳ ।
ହୃଦକୁ ପଦକ ନାନାବର୍ଣ୍ଣ କଣ୍ଠମାଳ ॥
ବୋଇଲା ଏମାନ ଘେନି ଯାଅ ସ୍ୱର୍ଗପୁର ।
ନେଇ ସମର୍ପିବ ଶୁମ୍ଭ ନିଶୁମ୍ଭ ଅଗର ॥
ବୋଲିବ ଏ ଅଭରଣମାନ ତୁମ୍ଭେ ଘେନ ।
ଅକାଶ ମଣ୍ଡଳେ ହୋଇଥାଅ ହେ ରାଜନ ॥
ଅମର ପୁରରେ ସେହି ହୋଇଥାନ୍ତୁ ରାଜା ।
ଯେ ଭୁବନେ ଷଣେ ଅଉ ନ ଥାଉ ବଢ଼ୋଜା ॥
ମୈଷାସୁର ଆଜ୍ଞା ଘେନ ସୁମେର ବେମାନ ।
ନବଲକ୍ଷ ସେନା ତୁଲେ ଘେନି ଅଙ୍ଗବଳ ॥

ଶୁମ୍ଭ ନିଶୁମ୍ଭଙ୍କ ପାଇଁ ଉପହାରମାନ ।
ଘେନି ପ୍ରବେଶ ହୋଇଲେ ଅମର ଭୁବନ ॥
ଶୁମ୍ଭ ନିଶୁମ୍ଭଙ୍କ ଅଗେ ଉପହାର ଥୋଇ ।
କହିଲେ ଯେମନ୍ତ ଆଜ୍ଞା ଦେଲେ ନୃପ ଦେଇ ॥
ବୋଇଲେ ରାଜା ତୁମ୍ଭଙ୍କ କଲାକ ପ୍ରଶଂସା ।
ଅନେକ ହରଷ ପୁଣି ହୋଇଲା ମହିଷା ॥
ଏ ବହୁମାନ ତୁମ୍ଭେ ହୋ ହୁଅ ଅଭରଣ ।
ଉତ୍ତମେ ଯେସନ୍ତେ ପାଳନ୍ତି ପୃଥ୍ୱୀ ଗ୍ରହଗଣ ॥
ତେମନ୍ତ କର ପାଳନ କରୁଅ ହେ ତୁମ୍ଭେ ।
ରାଜା ଅଦେଶ ଯେମନ୍ତ କହିଲୁଁ ହୋ ଅମ୍ଭେ ॥
ଶୁଣି ଶୁମ୍ଭ ନିଶୁମ୍ଭ ଯେ ସନ୍ତୋଷ ହୋଇଲେ ।
ବହୁମାନ ରଖି ତାଙ୍କୁ ବିଦା କରି ଦେଲେ ॥
ଏଥୁ ଅନ୍ତରେ ପରୀକ୍ଷ ନାମେ ମହାରାଜା ।
ଶୁକ ମୁନି ଚରଣରେ କରି ଦିବ୍ୟ ପୂଜା ॥
ବୋଲେ ଇନ୍ଦ୍ରଦେବ ଗଲା ଧାତାର ଛାମୁକୁ ।
ତହିଁକି କ ବିଚାର ସେ କହିଲେ ଇନ୍ଦ୍ରକୁ ॥
ଶୁଣି ରାଜାକୁ କହନ୍ତି ଶୁକ ମହାମୁନି ।
ସମାଧି ସରନ୍ତେ ଗୃହିଁ ଦେଲେ ପଦ୍ମଯୋନି ॥
ପରୀକ୍ଷିତ ପୁଛାକଲେ ପୁଣି ଭଗବନ୍ତେ ।
ବ୍ରହ୍ମାର ସମାଧି ପୁଣି କାହାର ନିମନ୍ତେ ॥
ନମସ୍କାର ତାହାଙ୍କୁ ସେ ଦେଲେ ବହୁପଣ ।
ତାହାଙ୍କର ସମାଧି ହୋ କେବଣ କାରଣ ॥
ଶୁକମୁନି ବୋଲେ ରାଜା ପୃଛାକଲ ଯାହା ।
ସାବଧାନେ ଶୁଣ ମୁହିଁ କହେ ତୋତେ ତାହା ॥
ଗୃହଖାନି ଚଉରାଶୀ କୋଟି ଜୀବଜନ୍ତୁ ।
ଏମାନଙ୍କ ଚିନ୍ତା ନିତ୍ୟ ଲାଗେ ତାଙ୍କୁ ତନ୍ତୁ ॥
ନିତ୍ୟେ ହେଁ ସଂସାର କରୁଥାନ୍ତି ସେ ରଚନା ।
ଯେ ଯେମନ୍ତକୁ ଭଜନ କରନ୍ତି ସର୍ଜନା ॥
ଚତୁର୍ବଦନ ପିତାର ଅଟେ ଅଷ୍ଟ ଆଖି ।
ଧ୍ୟାନ ଅନୁକ୍ରମରେ ସେ ସବୁଙ୍କୁହିଁ ଦେଖି ॥
ଲକ୍ଷ୍ୟ କରଣ ସବୁଙ୍କୁ ସେହି ଦିଏ ଅନ୍ନ ।
ତହିଁକି ସେ ଧ୍ୟାନ କରୁଥାଏ ପ୍ରତିଦିନ ॥
ନବସୃଷ୍ଟି ସରଜନା କରିବା ନିମିତ୍ତେ ।
ଲକ୍ଷ୍ୟେ ବସଇ ଅଠର ଦଣ୍ଡ ପରିଯନ୍ତେ ॥
ହେ ପରୀକ୍ଷ ପୁଛାକଲୁ ଧାତା ଲକ୍ଷ୍ୟ କଥା ।
ଏଥିକୁ ଯେ ଧ୍ୟାନ କରୁଥାଇ ଦେବ ପିତା ॥

Digitized by srujanika@gmail.com

ଜୟ ଜୟ ପିତାମହ ଈଶ୍ୱର ବରିଷ୍ଠ ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ଯାହାରେଟି ସୃଷ୍ଟ ।
ବାମ ମୁଖରେ ଅଥର୍ବବେଦ ଗୋଷ୍ଠୀ ଋଷି ।
ପଛେ ବରିଷ୍ଠ ବଦନେ ଋକ ବେଦ ଘୋଷି ॥
ଡାହାଣରେ କରତା ସେ ଶୋଭା ଧାତାନନ ।
ସାମବେଦ ମୁଖେ ପୁଣି କର ଅଧ୍ୟୟନ ॥
ଆଗ ପାଖେ ବ୍ରହ୍ମମୁଖ ସେ ଦିବ୍ୟ ବକତା ।
ଯଜୁର୍ବେଦ ସେ ବଦନେ ସ୍ତବ ଦେବଧାତା ॥
ଚତୁର୍ବଦନରେ ଚାରିବେଦଙ୍କ ଉଚ୍ଚାର ।
ମହାବ୍ରହ୍ମ ବାକ୍ୟ ତୋର ଲୋକେ ଅଗୋଚର ॥
ଜୟ ତୁ ଜୟ ତୁ ଆଦିଅନ୍ତ ମଧ୍ୟମାନ ।
ତୋହର ପ୍ରଯତ୍ନେ ସୃଷ୍ଟି ହୋଏ ବର୍ତ୍ତମାନ ॥
ଶ୍ରୀବତ୍ସ ନାଭିରୁ ଯେଉଁ ମହାତ୍ମା ଜନ୍ମ ।
ମୁଁ କିସ କହିବି ମୁଖେ ତା ମହିମା ମାନ ॥
ଜୟ ଜୟ ପଦ୍ମଯୋନି ବ୍ରହ୍ମାଣ୍ଡ କାରଣ ।
ଭକତ ବତ୍ସଳ ନାଥ କରିବା ତାରଣ ॥
ଜଗତର ନାଥ ତୁହି କର୍ତ୍ତା ଜଗତ୍କେଠି ।
ତୋହର ତନୟ ବାଲ୍ମୀକି ତପୋନିଷ୍ଠି ॥
ଶ୍ରୀବ୍ରହ୍ମ ଦେବତା ଶ୍ରୀଚରଣରେ ନମସ୍ତେ ।
ପ୍ରଣିପାତ ବାସବ ସେ ବ୍ରହ୍ମା ପାଦତଳେ ॥
ଏଥି ଅନ୍ତରେ ସହସ୍ରାକ୍ଷ ନାମେ ମହାବଳୀ ।
ଶୁକ ବ୍ରହ୍ମା ପାଦତଳେ ପ୍ରଣମତ ହୋଏ ॥
ବୋଲେପିତାଙ୍କସମାଧି ଭଙ୍ଗେ ଯେତେବେଳେ ।
ଆଖଣ୍ଡଳଙ୍କୁ ସେ କେଉଁ ପ୍ରତ୍ୟୁତ୍ତର ଦେଲେ ॥
ବଦନ୍ତି ଯେ ଶୁକମୁନି ପରାଶର ନାତି ।
ବ୍ୟାସଙ୍କ ପଦକମଳ ମନଙ୍କେ ଚିନ୍ତି ॥
ଇନ୍ଦ୍ରଙ୍କୁ କହନ୍ତି ତହିଁ ସର୍ବ ବିଦ୍ୟାଧରେ ।
ଅପସରମାନେ ଛନ୍ତି ତାହାଙ୍କ ସଙ୍ଗରେ ॥
ସ୍ୱାମି ତୁମ୍ଭେ ପଳାଇଲ ସ୍ୱର୍ଗପୁର ଛାଡି ।
ବସିଲେ ଶୁମ୍ଭ ନିଶୁମ୍ଭ ଦୁହେଁ ସ୍ୱର୍ଗମାଡି ॥
ମୋହିନୀ କାମସେଣା ଏ ଅପସରୀ ବେନି ।
ଏହାଙ୍କୁ ବଳେ ହରିଲେ ଅସୁର ଅଙ୍ଗିନୀ ॥
ଅମର ଭୁବନେ ଦେବ ନ ରହିଲେ କେହି ।
ଅସୁରଙ୍କ ବିନୁ ଅନ୍ୟ ତହିଁ କେହି ନାହିଁ ॥
ଭଲ ଭଲ ଦ୍ରବ୍ୟମାନ ଗଲେ ସବୁ ଘେନି ।
ତ୍ରିଲୋକନାଥ ଦଇତ ବଳେ ଏବେ ଜିଣି ॥
ପୁଣି ଅଇଲେ ଗ୍ରାମର ବେମାଳ ଏ ବେନି ।
ସଙ୍ଗତରେ ଅନେକ ସେ ଦୈତ୍ୟବଳ ଘେନି ॥
ଏହା ଶୁଣି ଇନ୍ଦ୍ରଦେବ ବିସ୍ମୟ ହୋଇଲେ ।
ପିତାମହ ଆଗେ ଏହା କହିବା ବୋଇଲେ ॥
ବ୍ରହ୍ମାଙ୍କର ତେଜ ଗୃହେ ଏସନେକ ବେଳେ ।
ଇନ୍ଦ୍ର ପ୍ରଣିପାତ ହେଲେ ରହି ସନ୍ତତଳେ ॥
ପରୁହୁତ ପ୍ରଣିପାତ ଦେଖି ପିତାମହ ।
ବୋଇଲେ ଉଠହୋ ଇନ୍ଦ୍ର କିନିମନ୍ତ କହ ॥
ବୋଲେ ଇନ୍ଦ୍ରଦେବ ତୁ ଯେ ବଡ଼ନ୍ତା ବିଧାତା ।
ତୁହି ଛଡ଼ିଲୁ ନାଥ ତୋ ନବସୃଷ୍ଟି ଚିନ୍ତା ॥
ତୁମ୍ଭର ଆଜ୍ଞାରେ ମୁହିଁ ଦିନା ସୁରେଶ୍ୱର ।
ମୁହିଁ କି ଲୋକ ପାଳଇ ସବୁ ବୁଦ୍ଧି ତୋର ॥
ମୈଁଷା ବୋଲିଣ କପିଳ ଫିହର ଦୁଲାଳ ।
ସେ ମୋହର ଘେନଲା ଯେ ଅମର ମଣ୍ଡଳ ॥
ପାରିଜାତ ତରୁ ଆଉ ଐରାବତ ହସ୍ତୀ ।
ରମ୍ଭା ଅପସରା ଉଚ୍ଚୈଃଶ୍ରବା ସ୍ୱର୍ଗେ ସ୍ଥିତି ॥
ଅସୁରେ ମାଗିଲେ ଆସି ଏ ଗୁରୁ ପଦାର୍ଥ ।
ଶ୍ରୀମୁଖ ଦେଇଣ ପୁଣ ପେଷିଥିଲେ ଦୂତ ।
ଉପହାସ କରଣ ଦୂତ କହିଲା ବହୁତ ।
ତାହା ଶୁଣିକରି କୋପ ବଢ଼ିଲା ମୋ ଚିତ୍ତ ॥
ସ୍ୱାମି ତୁମ୍ଭର ପ୍ରସାଦେ ମୁହିଁ କଲି ରୋଷ ।
କୋପେ ବେନିଦୈତ୍ୟଙ୍କୁ ମୁଁ ପ୍ରାଣେ କଲି ନାଶ ॥
ତାଙ୍କ ନାଶ ଶୁଣି ଶୁମ୍ଭ ନିଶୁମ୍ଭ ଯେ ବେନି ।
ଦୈତ୍ୟବଳ ତୁଲେ ଆସି ସ୍ୱର୍ଗପୁର ଘେନି ॥
ହରିଲେ ଦୈତ୍ୟେ ମୋହିନୀ କାମସେଣା ନାରୀ ।
ତୋହର ବରେ ଅସୁରେ ହେଲେ ଏଡ଼େସରି ॥
ଅସଙ୍ଖ୍ୟା କରଣ ଦେବ ଦେଲୁ ତାଙ୍କୁ ବର ।
ତେଣୁକରି ମୈଁଷାସୁର ଭ୍ରମେ ତିନିପୁର ॥
ମୁହିଁ ଏବା ସମରରେ ପାରେ ତାଙ୍କୁ ମାରି ।
ପ୍ରଭୁ ଯେ ଅବଧ ବୋଲି ଏ ବର ପ୍ରସରି ॥
ଶୁକ ବୋଇଲେ ହେ ରାଜା ଶୁଣ ମୋ ବଚନ ।
ଏତେ ବୋଲି ଇନ୍ଦ୍ର ଅଭିଷେକ ବଧମାନ ॥
ଥୋଇଣ ବୋଲଇ ପିତାମହଙ୍କର ଅଗେ ।
ତୁମ୍ଭେ ଘେନ ଶୁମ୍ଭ ନିଶୁମ୍ଭଙ୍କୁ ଥାଅ ସ୍ୱର୍ଗେ ॥
ଗନ୍ଧର୍ବ ବିଦ୍ୟାଧର ଯେ ସୈନ୍ୟବଳ ଘେନି ।
ଯଶୋବନ୍ତୀ ଭୁବନରେ ଥାଅ ପଦ୍ମଯୋନି ॥

Digitized by srujanika@gmail.com

ହେ ପରୀକ୍ଷିତରାଜା ଚନ୍ଦ୍ରକାଳ ସମ୍ବତ୍ସରେ ।
ସିଦ୍ଧମାସ ଶୁକ୍ଳପକ୍ଷ ଅଷ୍ଟମୀ ଦିନରେ ॥
ଶନିବାର ସ୍ୱାତୀ ଋକ୍ଷ ବିଷ୍ଟି ଯେ କରଣ ।
ବିଷ୍କୁମ୍ଭ ନାମ ଯୋଗରେ ସେ ଦିନ ଘଟଣ ॥
ସେ ଦିନେ ଶୁମ୍ଭ ନିଶୁମ୍ଭ ନାଗ ଦୁଇ ବେନି ।
ଅଳକାପୁରକୁ ଗଲେ ଦୈତ୍ୟବଳ ଘେନି ॥
ଅଗିଅଣି ହୋଇଲେ ଥାଟେ ଶୁମ୍ଭର ବେମାନ ।
ତାହାଙ୍କର ତୁଲେ ଥିଲେ ନବଲକ୍ଷ ଦଳ ॥
ଶୂନ୍ୟପୁରୁଷେ ଯାଇଣ କହି କୁବେରଙ୍କୁ ।
ଶୁମ୍ଭ ନିଶୁମ୍ଭ ବାହୁଲେ ତୁମ୍ଭ ଭୁବନକୁ ॥
ଶୁଣିଣ ଅଳକା ନାଥ ସମସ୍ତ ଭଣ୍ଡାର ।
ଛାଡ଼ି ପଳାଇଲା ମନେ କରି ଭୟ ଘୋର ॥
ନିଶାଚର ପଇଲେ ଯେ ବସି ସ୍ୱର୍ଗପୁରୀ ।
ଦେବତାଙ୍କ ଧନ ରତ୍ନ ଦୈତ୍ୟେ କଲେ ଚୁରି ॥
ପେଷିଣ ଦେବବସନ ହରନ୍ତି ଅପ୍ସରୀ ।
ଅକାଶରେ ବିହରନ୍ତି ଦୈତ୍ୟ ମହାବୀର ॥
ଦେବତାଙ୍କ ଅଭିଷେକ ଯୋଗାଡ଼ ନ ପାଇ ।
କୁବେର ଦେବତାଙ୍କୁ ଯେ ଅସୁରେ ଗୋଡ଼ାଇ ॥
ହେ ପରୀକ୍ଷ ଅସୁରଙ୍କ ବିଶ୍ୱରୂପ ଦେଖି ।
ପଳାଇଲେ ବୃନ୍ଦାରକେ ଭୁବନ ଉପେକ୍ଷି ॥
କୁବେର ପଳାଇଲା ଯେ ନୈଋତ ପୁରେ ।
ପଛେ ଗୋଡ଼ାନ୍ତି ଅସୁରେ ପଳାଇ ସେ ଦୂରେ ॥
ପଳାଇ କୁବେର ଫିଙ୍ଗି ଦିଏ ଦେବ ରତ୍ନ ।
ଘେନିଲେ ତା ଯାଉଣିଣ ଦୈତ୍ୟେ କରି ଯତ୍ନ ॥
ଅଭିଷେକର ଯୋଗାଡ଼ ପାଇଲେ ସେ ଯହିଁ ।
ଶୁମ୍ଭର ବେମାନ ଥାଟ ଲେଉଟାଇ ତହିଁ ॥
ତୁଲେ ତାଙ୍କ ଛନ୍ତି ତିନ ଅରବୁଦ ବଳ ।
ଅଳକା ପୁରେ ପଶିଲେ ଶୁମ୍ଭର ବେମାନ ॥
କୁବେରଙ୍କ ରତ୍ନ ଘେନି ଗଲେ ସେ ହରଷେ ।
ଶୁମ୍ଭର ବେମାନ ଶୁମ୍ଭ ନିଶୁମ୍ଭଙ୍କ ପାଶେ ॥
ବୋଲନ୍ତି ଶୁମ୍ଭ ନିଶୁମ୍ଭ ତାହାଙ୍କୁ ଯେ ଗୁହିଁ ।
ମୈଷାସୁରକୁ ଦିଅ ଏ ରତ୍ନମାନ ନେଇଁ ॥
ଆଜ୍ଞାପାଇଣ ଶୁମ୍ଭର ବେମାନ ଦ୍ୱିବୀର ।
ଦେବତାଙ୍କ ଅଭିଷେକ ଯୋଗାଡ଼ ଅପାର ॥
ଇନ୍ଦ୍ରଦେବତାଙ୍କ ଅଭିଷେକ ରତ୍ନମାନ ।
ମହିଷା ଛାମୁକୁ ଘେନିଗଲେ ସେ ବହନ ॥

କଳ୍ପବୃକ୍ଷ ପାଟଣାରେ ମୈଷାସୁର ବିଜେ ।
ସ୍ୱର୍ଗକୁ ଅସି ଦର୍ଶନ କଲା ସେ ଦନୁଜେ ।
ରତ୍ନମାନ ଥୋଇଲେ ସେ ମହା ନିଶାକାଳେ ।
ଚମରି ବଦାରଣ ଯେ ଛନ୍ଦିଲା ତତକାଳେ ॥
ଅକାଶର ବାର୍ତ୍ତା କହିଲେକ ଦୂତମାନେ ।
ସ୍ୱର୍ଗେ ରହି ନ ପାରିଲେ କ୍ଷଣେ ଦେବଗଣେ ॥
ଇନ୍ଦ୍ର ଦେବତାର ଅଭିଷେକ ଦ୍ରବ୍ୟମାନ ।
ମଣିମନ୍ଥନ ନାଥ ଯେ ହୋଇଲା ଭୂଷଣ ॥
ସମୁଦ୍ର ମନ୍ଥନ ଉପୁଜିଲା ଯେତେ ଅସ୍ତ୍ରେ ।
ତାହା ବଳସଇ ବଳେ ମୈଷାସୁର ରାଜ୍ୟେ ॥
ବୀରଘଣ୍ଟ ବୀର ରକ୍ତବୀର୍ଯ୍ୟ ବିଡ଼ାଳାକ୍ଷ ।
ଅସୁର ସୈନ୍ୟ ମଧ୍ୟରେ ସର୍ବେ ଦୁର୍ମୁଖ ॥
ଡାକଇ କମ କାହାଳ ଦାଉଣ୍ଡି ଦମୁରୀ ।
କାଦମ୍ବରୀ ପାନକରି ନାଚନ୍ତି ଅସୁରୀ ॥
ଏକଦିନେ ଆଜ୍ଞାଦେଲା ମୈଷାସୁର ରାଜ ।
ଅମରାବତୀ ପୁରକୁ ଦଣ୍ଡ ମୋର ସାଜ ॥
ରାଜାର ବଚନ ଶୁଣି ଲୋଚନ ସାରଥି ।
ଶୀଘ୍ରକ୍ରମେ ସ୍ୟନ୍ଦନ ମଣ୍ଡଇ ତଡ଼ିତ ॥
ଅସୁତେକ ବ୍ୟାଘ୍ର ଯୋଚିଲା ସେ ନେଇ ରଥେ ।
ମୈଷାସୁର ବିଜେକଲା ରଥରେ ତୁରିତେ ॥
ଅକାଶ ମାର୍ଗରେ ଚଳିଯାଏ ସେହି ଯାନ ।
ହରଷେ ଉଡ଼ି ଯାଆନ୍ତି ପକ୍ଷୀଏ ଯେସନ ॥
ଟମକ ନିଶାଣ ଭେରୀ ବୀରତୂରୀ ବାଜେ ।
ଯମଦଣ୍ଡ ଘେନି ମୈଷା ଅକାଶକୁ ବିଜେ ॥
ବ୍ରହ୍ମାର ବରରେ ସେହି ଅଟେ କାମରୂପୀ ।
ଅସୁର ବଳ ସଇନ ଅନ୍ତରୀକ୍ଷେ ଖେପି ॥
ପବନଠୁଁ ବେଗରେ ଯେ ଖେଦନ୍ତି ଶାର୍ଦ୍ଦୂଳ ।
ବିଜୟେ ମହିଷାସୁର ଅକାଶ ମଣ୍ଡଳ ॥
ଗନ୍ଧର୍ବ କନ୍ଧରେ ଯେବା ଥିଲେ ସ୍ୱର୍ଗପୁରେ ।
ଅସୁରଙ୍କୁ ଦେଖିଣ ସେ ପଳାଇଲେ ଡରେ ॥
ଇନ୍ଦ୍ର ବିନା ରଖାପାଳ ଅଟଇ ସ୍ୱର୍ଗରେ ।
ଦେବେ ରହିବେ କେମନ୍ତେ ତାହାଙ୍କୁ ବାହୁରେ ॥
ଅସୁର ସଇନ୍ୟ ଯହୁଁ ପଡ଼ିଲେକ ମାଡ଼ି ।
ପଳାଇଲେ ବୃନ୍ଦାରକେ ସ୍ୱର୍ଗପୁର ଛାଡ଼ି ॥
ଗଗନ ମାର୍ଗରେ ଖେପେ ମହିଷା ଅସୁର ।
ବେଢ଼ିଗ କରିଲେ ଅସୁର ବଳ ସ୍ୱର୍ଗପୁର ॥

Digitized by srujanika@gmail.com

ଅମରାବତୀ ପୁରରେ ପ୍ରବେଶିଲେ ସବେ ।
ଅଷ୍ଟନିଧି ଦେଇ ଭେଟ ଦେଁ ଶୁମ୍ଭ ନିଶୁମ୍ଭେ ॥
ବାସବ ଦେବର ଅଭିଷେକ ଯେ ଯୋଗାଡ ।
ତାହା ଆଭରଣ ହେଲା ମହିଷାସୁର ମୂଢ ॥
ସ୍ୱର୍ଗେ ବିଜୟ କରିଲେ ସର୍ବ ଦୈତ୍ୟ ଯୋଧୀ ।
ଅନ୍ଧକ ମଲ୍ଲିକ ଯେ ଯେ ଦେଲେ ସପ୍ତନିଧି ॥
ବସୁଧନ ଦେଲେ ବୀରଘଣ୍ଟ କାନ୍ତିମାଳା ।
ଚଣ୍ଡମୁଣ୍ଡ ତାକୁ ସ୍ୱର୍ଣ୍ଣା ସରଳ ସେ ଦେଲା ॥
ବସୁରତ୍ନ ପାଇଲେ ଅସୁର ବିଡ଼ାଳାକ୍ଷ ।
ଅସୁର ସ୍ୱରୁ ଭାର୍ଗବ ବୀର ବଭ୍ରୁପାକ୍ଷ ॥
କାଳଦଣ୍ଡ ବୀରବଜ୍ର ଦଣ୍ଡ ବୀରବାହୁ ।
ଲୌହାସୁର କଙ୍କ ଧଙ୍କ କାଳାନଳ ରାହୁ ॥
ବାହୁ ସୁବାହୁ ପ୍ରଚଣ୍ଡ ଭେଷ୍ଟା କାଣଭେଷ୍ଟା ।
ଅଭସ୍ମାଚଣ୍ଡ ଦୁର୍ଦ୍ଦଣ୍ଡା ସୁବଧିର ମୋଷ୍ଟା ॥
ଏକମୁଣ୍ଡ ଅସୁର ଯେ ସୁମୁଖା ଦୁର୍ମୁଖା ।
ଶିଳା ମହାଶିଳା ଶୁଣ ତାଡ଼କା ବମୁଖା ।
କାଳକେତୁ କେଶରୀ ଯେ ଖର ଧୀର ବୀର ।
ମୈଷାସୁର ସେନାପତି ଏତେକ ଅସୁର ॥
ଏମନ୍ତେ ଏ ମହିଷାସୁର ସେନାପତିମାନ ।
ସମସ୍ତେ ଭୂଷଣ ହେଲେ ଦେବ ବହୁମାନ ॥
ମହା ସମ୍ଭ୍ରମରେ ବସେ ମହିଷା ଅସୁର ।
ଆଗରେ ଜଗୁ ଯେ କାଳ ବିକାଳ ଡ଼ଗର ॥
ଶୁଣ ମୋ ବଚନ ପରୀକ୍ଷିତ ଦଣ୍ଡଧାରୀ ।
ଦେବ ଭଣ୍ଡାର ଆଣିଲେ ଯହିଁ ଜୁରକର ॥
ଦେବାଙ୍ଗ ଝୀନବସନମାନ ଆଣି କର ।
ଅତି ହରଷେ ପିନ୍ଧିଲେ ଅସୁର ଅସୁରୀ ॥
ମୈଷା ପ୍ରଶଂସଇ ସାଧୁ ହୋ ଶୁମ୍ଭ ନିଶୁମ୍ଭ ।
ତୁମ୍ଭ ଯେଣୁ ମୋତେ ପ୍ରାପ୍ତ ହେଲା ଅସି ସବ ॥
ତୁମ୍ଭେ ବେନବୀର ଅଛ ଏ ତିନି ଭୁବନେ ।
ଧନ୍ୟ ଶବଦ ବୋଇଲେ ମୋତେ ସର୍ବଜନେ ॥
କାଳକେତୁ ଦଇତକୁ ମୈଷା ଦେଲା ଶାଢ଼ୀ ।
ନାଗକର ଭୁବନକୁ ଯାଇଁ ବସ ମାଡ଼ି ॥
ବୀରଘଣ୍ଟ ନାମେ ଅଛି ଯେଉଁ ସେନାପତି ।
ହେମବନ୍ତ ପୁରେ ତାକୁ କଲାକ ନୃପତି ।
ପୁଣ ବିଡ଼ାଳାକ୍ଷ ରାଇ ବୋଲେ ଶାଢ଼ୀଦେଇ ।
ହିରଣ୍ୟଗର୍ଭ ପୁରେ ତୁ ରାଜା ହୁଅ ଯାଇଁ ॥
ଶାଢ଼ୀଦେଲା ସେ ଗୁମର ଅଜ ବେମାଳକୁ ।
ବୋଇଲା ଅଳକାପୁର ଦେଲିଁ ହୋ ତୁମ୍ଭକୁ ॥
ଶୀଘ୍ରେ ମହିଷାସୁର ବେଗେ ଶାଢ଼ୀ ଦେଲା ।
ଶୁମ୍ଭ ନିଶୁମ୍ଭ ଦୁହିଁଙ୍କ ସ୍ୱର୍ଗେ ରାଜା କଲା ॥
ସଲିଧିକୁ ହକାରିଲା ଚଣ୍ଡ ମୁଣ୍ଡ ବେନି ।
ପାତାଳକୁ ଗଲେ ଶିରେ ସେହୁ ଶାଢ଼ୀଘେନି ॥
ଜଳତରଙ୍ଗ ନାମରେ ଯେଉଁ ସେନାପତି ।
ବରୁଣ ଭୁବନେ ସେହୁ ହେଲା ଚକ୍ରବର୍ତ୍ତୀ ॥
ଜଣେ ଜଣେ ଶାଢ଼ୀଦେଲା ନୃପ ମୈଷାସୁର ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ପାଳିଲେ ଅସୁର ॥
ଜୟ ଜୟ ନାରାୟଣ ଜଗତ କରତା ।
ଜୟ ଜୟ ନାରାୟଣ ଶକଷ୍ଟା ନିହନ୍ତା ॥
ଜୟ ହେ ପ୍ରଭୁ ଅଖିଳ ବ୍ରହ୍ମାଣ୍ଡାଦ ପତି ।
ଶାରଳା ଦାସକୁ ପ୍ରଭୁ ଦିଅ ଗତି ମୁକ୍ତି ॥

## ନାରାୟଣଙ୍କ ନିକଟରେ ଦେବଗଣଙ୍କର ଦୁଃଖ ଜଣାଇବା ଓ ତାହା ଶୁଣି ମହିଷାସୁର କ୍ରୋଧ ।

ପଚାରନ୍ତି ପରୀକ୍ଷିତ ଶୁକମୁନି ଗୁହିଁ ।
ମହିଷାସୁରର କଥା ଆଶ୍ଚର୍ଯ୍ୟ ଲାଗଇ ॥
ତଦପରେ କିସ ହେଲା କହ ମହାମୁନି ।
ଭବୁଁ ତରଯିବ ଚଣ୍ଡୀପୁରାଣକୁ ଶୁଣି ॥
ବଦନ୍ତି ଶୁକ ବ୍ରହ୍ମା ଶୁଣ ମହାରାଜେ ।
ଚଣ୍ଡୀପୁରାଣକୁ ଶୁଣି ପାପକର କ୍ଷୟେ ॥
ନାରଦାଦ୍ଦ କହିଲେକ ଶୁଣ ବେଦପତି ।
ମହିଷାସୁର ଗ୍ରାସିଲା ପୁର ବାରସ୍ୱତୀ ॥
ଦେବେ ରହି ନ ପାରିଲେ କୌଣସି ଠାବରେ ।
ଅସୁରଙ୍କ ଭୟ ଏବେ ଲାଗେ ତିନିପୁରେ ॥
ଯେ ଯାହାର ଭୁବନକୁ ତେଜି ବୃନ୍ଦାରକେ ।
ଭୟେ ତୋ ପୁରେ ଲୁଚିଲେ ଅସି ଦେବଲୋକେ
କୁବେର ବରୁଣ ଚନ୍ଦ୍ର ସୂର୍ଯ୍ୟ ସ୍ଥାନଭ୍ରଷ୍ଟ ।
ଦେଖିଣ ସେ ପିତାମହ ସବୁଙ୍କର କଷ୍ଟ ॥
ସଙ୍ଗତରେ ଘେନି ତହିଁ ସମସ୍ତ ଅମର ।
ମହଳ ବାହନେ ବିଜେ କଲେ ବେଦବର ॥
ଇନ୍ଦ୍ରଦେବ ବିଜେକଲେ ଐରାବତ ପିଠି ।
ମହିଷି ବାହନେ ବିଜେ ଯମ କାଳଦୃଷ୍ଟି ॥

Digitized by srujanika@gmail.com

ଗ୍ରହଗଣ ତାରମାନ ଯେଜନ ଦ୍ୱିଜଗଜେ ।
ବୃଷଭ ବାହନେ ସଦାଶିବ କଲେ ସଜେ ॥
ମକର ବାହନେ ସଜେ ଦେବ ରତ୍ନାକର ।
ମେଣ୍ଢା ପୃଷ୍ଠରେ ବିଜୟ କଲେ ଦାବାନଳ ॥
ଆଦିତ୍ୟ ଯେ ଏକଚକ୍ର ରଥେ କଲେ ସଜେ ।
ପୁଣି ରଥରେ ବିଜୟ କଲେ ଚନ୍ଦ୍ରରାଜେ ॥
ମରୁତ ଦେବତା ସଜେ ହରିଣ ବାହନେ ।
ବୃହସ୍ପତି ଚଳନ୍ତି ଯେ ହଂସର ବାହନେ ॥
ଭୁବନବା ଅଶ୍ୱ ଚଢି କାମକ୍ଷେତ୍ରପାଳ ।
ଛତିଶ କୋଟି ଦେବତାଏ ଆକାଶମଣ୍ଡଳ ॥
ଅସୁରଙ୍କ ଭୟ ଦେଖି ଦେବ ସ୍ତ୍ରୀମାନେ ।
ଦେବତାଙ୍କ ସହିତରେ ବିଜୟେ ଗଗନେ ॥
ସ୍ୱର୍ଗ ଭୁବନରେ ଆଉ ନ ରହିଲେ କେହି ।
ଅସୁରଙ୍କ ଭୟେ ଅଙ୍ଗମାନ ଯେ କମ୍ପଇ ॥
କ୍ଷୀର ସମୁଦ୍ରରେ ସଜେ ଜଗତ ଗୋସାଇଁ ।
ତାଙ୍କ ନିକଟେ ଚଳନ୍ତି ସର୍ବ ଦେବତାହିଁ ॥
ଦେଖିଲେ ସେ କରିଛନ୍ତି ମହାଯୋଗନିଦ୍ରା ।
ଧ୍ୟାନ ଅନୁରୂପେ ଧରିଛନ୍ତି ମହା ମୁଦ୍ରା ॥
ଲକ୍ଷ୍ମୀଜାନୁ ସୀମନ୍ତାନେ ଅଛେ ସରସ୍ୱତୀ ।
କରେଣ ବୀଣା ବାଦନ କରୁଛନ୍ତି ସତୀ ॥
ବିମଳ ଚନ୍ଦ୍ର ନାମରେ ଏକଇ ଉତ୍ତଙ୍ଗ ।
ତାହାକୋଳେ ନାରାୟଣ ମହାନିଦ୍ରା ଯୋଗ ॥
ଏମନ୍ତେ ତେତିଶକୋଟି ଦେବେ ଗଲେ ବେଗେ ।
ବିନୟ ହୋଇଣ ଉଭା ନାରାୟଣ ଆଗେ ॥
କୃତାଞ୍ଜଳି ହୋଇ ବଦନ୍ତି ଦେବ ପିତା ।
ନାରାୟଣ ସମାଧିକ ଭାଙ୍ଗି ଜଗନ୍ନାଥ ॥
ପିତାମହ ଆଜ୍ଞାକୁ ଯେ ପାଇ ବାକ୍ୟଦେବୀ ।
ବିଷ୍ଣୁଙ୍କୁ ଲକ୍ଷ୍ୟ କରିଣ ପଞ୍ଚସ୍ୱରେ ସ୍ତବ ॥
ଅଜପା ଲୟେ ରହସ୍ୟ ସୁସଙ୍ଗୀତ କଳା ।
ସପ୍ତସ୍ୱରେ ବୀଣାଗୁଣ ଗୁଞ୍ଜିଲେ ଧବଳା ॥
ସାରଗମ ପଧନି ଯେ ସପ୍ତସ୍ୱର ଗୀତା ।
ବିଷ୍ଣୁ କର୍ଣ୍ଣେ ପଶେ ବାକ୍ୟଦେବୀର ସଙ୍ଗୀତା ॥
ବେଳକୁବେଳ ମାଧୁର୍ଯ୍ୟ ରସ ଯେ ଉଚ୍ଛୁଳ ।
ମହାବ୍ରହ୍ମ ଭେଦନ୍ତେ ଯେ ଚେତ ବନମାଳୀ ॥
ନୟନ ମେଳ ସଧୀରେ ଗୁହିଁଲେ ଅନାଦି ।
ସୁରଗଣ ଯେଜନ ପ୍ରଣିପାତ ଜମ୍ଭଭେଦୀ ॥

ଯହୁଁ ଯେ ଲକ୍ଷ୍ୟ କରିଣ ଗୁହିଁଲେ ମହାତ୍ମା ।
ନମସ୍କାର କରି ପାଦେ ଶୋଏ ବେଦବ୍ରହ୍ମା ॥
ଶ୍ରୀବିଷ୍ଣୁ ଗୁହିଁ ବୋଲନ୍ତି ଦେବଙ୍କର ମୁଖ ।
କମୁତ କାରଣେ ଅହୋ ତୁମ୍ଭର ଏ ଦୁଃଖ ॥
ଉଠି କରପଦ୍ମ ଯୋଡ଼ି ବୋଲେ ଦେବପିତା ।
କ୍ଷୀରୋଦଶାୟୀ ହୋଇ ତୁ ଥିଲୁ ଯେ ଶାନ୍ତା ॥
ବିଷ୍ଣୁ ବୋଇଲେ ତୁମ୍ଭର କାହାକୁ ବା ଭୟେ ।
ଯୋଧବର ହୋଇ ବୋଲୁଛନ୍ତି ଦେବରାୟେ ॥
ଅବନୀର ସକଳତ କହି କେତେ ପାରି ।
ତୁମ୍ଭର ସମ୍ମୁଖେ କସ କହିବୁଁ ମୁରାରି ॥
ସ୍ୱାମି ସହି ନ ପାରିଲୁ ଅସୁରଙ୍କ ତ୍ରାସ ।
ମୁଖରୁ ରୁଧିର ବହେ ଦେଖ ବସୁଧାର ॥
ଚନ୍ଦ୍ର ସୂର୍ଯ୍ୟାଗ୍ନି ବରୁଣ କରନ୍ତି ଗୁହାରି ।
ସେ ମହିଷାସୁର ତ୍ରାସ ସହିତ ନ ପାରି ॥
ଆକାଶ ଜିଣିଲେ ପଶି ଦୈତ୍ୟବଳ ସୈନ୍ୟ ।
ଜଳ ପବନ ଅଗ୍ନିରେ ନୁହନ୍ତି ନାଶନ ॥
ଅପସରଙ୍କୁ ହରିଲେ ଅନ୍ଧକ ବୁଦ୍ଧିରେ ।
କୁବେର ପୁରରୁ ଅଷ୍ଟନିଧି ଜୁରିକଲେ ॥
ଜଳ ମନ୍ଥିଲେ ବରୁଣ ନଗରରେ ପଶି ।
ତମିର ନାଶନମଣି ଦଇତ୍ୟେ ହରିଲେ ॥
ନରକେ କେ ନାଶଗଲେ ଯେ ମୃତ୍ୟୁ ମଣ୍ଡଳେ ।
ତୋର ନିର୍ଦ୍ଦୟରେ ସ୍ୱାମି ସବୁ ନଷ୍ଟହେଲେ ॥
ତୁ ଦେବ ସ୍ୱାମି ଥିଲୁ ଜଗତର ଶାନ୍ତା ।
ଦେବଲୋକେ ନାଗଲୋକେ ପାଆନ୍ତି ଅବସ୍ଥା ॥
ହେ ପରୀକ୍ଷ ଦେବତାଏ ଜଣାନ୍ତି ଯେ କଷ୍ଟ ।
ତୋହ ଯୋଗେ ନାଶ ଯିବ ଅସୁର ଅରିଷ୍ଟ ॥
ଦେବଙ୍କ ବିକଳ ଦେଖି ପ୍ରଭୁ ନାରାୟଣ ।
ନିଦ୍ରା ତେଜିଣ ବିଜୟେ ଗରୁଡ଼ବାହନ ॥
ତେତିଶ କୋଟି ଦେବତା ଶ୍ରୀହରି ସହିତେ ।
ସଜେ କଲେ ଯାଇ ତହୁଁ ମେରୁ ପର୍ବତେ ॥
ସମସ୍ତ ଦେବତାମାନେ ବସିଣ ସଭୁର ।
ହରଷ ବଦନ ହୋଇ ନାହିଁ ଯେ କାହାର ॥
ତେତିଶ କୋଟି ଦେବତା ପାଇ ବଡ଼ଦୁଃଖ ।
ଏମନ୍ତ କରିଣ ବର ଦେଲେ ଚତୁର୍ମୁଖ ॥
ଶ୍ରୀବିଷ୍ଣୁ ବୋଇଲେ ପୁଣ ଶୁଣ ହେ ଶଙ୍କର ।
ତୁମ୍ଭେ ବଧ କରିଥିଲ ତ୍ରିପୁର ଅସୁର ॥

Digitized by srujanika@gmail.com

ଚଣ୍ଡେଶ୍ୱରର ଭୁନ ନାମ ଅଟଇ ନିପୁରାର ।
ଏବେ ମହିଷାସୁରକୁ ପାରିବୁ କି ମାର ॥
ଈଶ୍ୱର ବୋଇଲେ ମହିଷା ଯେବେ ତପ କଲା ।
ପୁରୁଷେ ଅବଧ ବର ବିଧାତାକୁ ମାଗିଲା ॥
ଦେବଲୋକ ନାଗଲୋକ ରଣେ ନ ମରିବ ।
ନରବାନର ରାକ୍ଷସେ ବଧ ମୁଁ ନୋହିବ ॥
ଯମର କାଳଦଣ୍ଡରେ ମୁହିଁ ନ ପଡ଼ିବ ।
ମହାପ୍ରଳୟ ଜଳର ମଧ୍ୟେ ନ ବୁଡ଼ିବ ॥
ଅନଳରେ ନ ପୋଡ଼ିବ ଶସ୍ତ୍ରେ ନ ଛେଦିବ ।
ନାରାୟଣ ବ୍ରହ୍ମଶସ୍ତ୍ରେ ବିନାଶ ନୋହିବ ॥
ଦେବତାଙ୍କ କୋପ ଋଷିମାନଙ୍କର ଶାପ ।
ସେମାନ ପଡ଼ିଲେ ମୋତେ ନ ଲାଗିବ ପାପ ॥
ଏସନେକ ବର ସେହି ଦୈତ୍ୟ ପାଇ ସାର ।
ପୁଣି ବ୍ରହ୍ମାଏ ତାହାକୁ ବୋଇଲେ ଏପର ॥
ପୁରୁଷ ହସ୍ତରେ ତୁହି କେବେ ନ ମରିବୁ ।
ଅରେ ବସ ଯୁଗେ ଯୁଗେ ରାଜ୍ୟ କରୁଥିବୁ ॥
ଶ୍ରୀବତ୍ସ ବୋଇଲେ ମଧ୍ୟ ନ ମରେ ମୋ ହସ୍ତେ ।
ମୋହୋରେ ଭସ୍ମ ଅବା ସେ କରିବ କେମନ୍ତେ ॥
ଶ୍ରୀ ନାରାୟଣ ହସ୍ତରେ ଅବଧକୁ ଶୁଣି ।
ଉଚ୍ଚସ୍ୱରରେ ରୋଦନ କରଇ ଧରଣୀ ॥
ଅବର ମୁହିଁ ଧରି ନ ପାରେ ମହୀସ୍ଥଳୀ ।
ଯୋଡ଼ି ସେ ମେଦିନୀ ଯାଉ ରସାତଳେ ଗଡ଼ି ॥
ଚନ୍ଦ୍ରସୂର୍ଯ୍ୟେ ବୋଇଲେ ନ ହେବୁ ଅମ୍ଭେ ଉଦେ ।
କ୍ଷୀର ସମୁଦ୍ରେ ଶୋଇବୁଁ ନାରାୟଣ ପାଦେ ॥
ପବନ ବୋଇଲେ ମୁଁ ନ ବହିବ ଶୀତଳ ।
ସ୍ଥାବର ଜଙ୍ଗମ ଲୋକ ମରନ୍ତୁ ସକଳ ॥
ନାରାୟଣଙ୍କୁ ସ୍ତୁତିଣ ବୁଦନ୍ତି ବୃନ୍ଦାରକେ ।
ଶରଣର ଅସନ ତ କର ଦେବଲୋକେ ॥
ଏଥୁଅନନ୍ତରେ ଶୁଣ ଅହେ ମହୀପାଳ ।
ଦେବତାଏ ବସି ସର୍ବେ ହୁଅନ୍ତି ବିକଳ ॥
କନ୍ୟାମାସ ଶୁକ୍ଳପକ୍ଷ ଅଷ୍ଟମୀର ତିଥି ।
ଉତ୍ତରଷାଢ଼ା ନକ୍ଷତ୍ର ଭୋଗ ଯେ ଯୁକତ ॥
ବାଳବକରଣ ସଉଭାଗ୍ୟ ନାମେ ଯୋଗ ।
ଶୁକ୍ରପ୍ରହରକେ ଦେବତାଏ ଉଦବେଗ ॥
ଏମନ୍ତ ସମୟେ ପାପୀ ମହିଷା ଅସୁର ।
ଅନ୍ଧାର ରଜନ୍ୟେ କରି ଅଛଇ ପାମର ॥

ନାରାୟଣ କହୁଛନ୍ତି ବ୍ରହ୍ମାଙ୍କର ଆଗେ ।
ମହିଷାସୁର ନାଶିବ କେବଣହିଁ ବାଗେ ॥
ଏଥକୁ କି ବୁଦ୍ଧି ତୁମ୍ଭେ କର ବେଦପାଣି ।
ଗିରିତଳେ ଥାଇ ମହିଷାସୁର ତାହା ଶୁଣି ॥
ହେ ରାକ୍ଷସ ପଛଦ୍ୟୁଷା ଦେଖାକ ସେ ବେଗେ ।
ଗିରିରାଜ ସର୍ବେ ନେଇ ମାଇଲାକ ଶିରେ ॥
କୋଟାଏଣ ଦନୁଜ ପୁଣି ମାରେ ଗଳଗାଜ ।
ତେତେଲବନ୍ଧ ଚିରିବର ପଡ଼ିଲାକ ଭୂଜ ॥
ତେତିଶକୋଟି ଦେବତା କଲେ ମହାରାଗ ।
ସଭୁଙ୍କର ମୁଖୁଁ ଅଗ୍ନି ଉଠିଲାକ ବେଗ ॥
ମହାପ୍ରଳୟ କରଣ ପ୍ରକାଶେ କହୁତ ।
ମହାନଳ ସମ୍ଭବରେ ହେଲା ଯେଣୁ ଜାତ ॥
ଗଗନ ଛୋଟିଲା ମହା ଅନଳର ଜ୍ୱାଳା ।
ଧୂମ୍ର ଉଠିଲାକ କାଳ ଅନଳ ପିଙ୍ଗଳା ॥
ରୁଦ୍ରଅଗ୍ନି ବ୍ରହ୍ମଅଗ୍ନି ବିଷ୍ଣୁଅଗ୍ନି ଖଣ୍ଡ ।
କାଳାନଳ ଅଗ୍ନି ହେଲେ ସର୍ବେ ଏକକୁଣ୍ଡ ॥
ସପତ ବ୍ରହ୍ମାଣ୍ଡ ଯାକେ ତେଜ ପ୍ରକଟିଲା ।
ଧ୍ରୁବଲୋକ ଯାଏ ଅଗ୍ନି ଶିଖା ପ୍ରକାଶିଲା ॥
ମହାତେଜ ଦେଖି ମହିଷାସୁର ଘୂରଇ ।
ପଳାଇ ଯାଇଣ ଶୁମ୍ଭ ନିଶୁମ୍ଭେ କହଇ ॥
ଦେବତାଙ୍କ ଚରିତ ମୁଁ ବୁଝିଲି ସକଳ ।
ମେରୁଗିରି ଶିଖେ ସର୍ବେ ହୋଇ ଏକମେଳ ॥
ଅନ୍ଧାର ରଜନୀ କାଳେ ଶୁଣିଲାକ ମୋତେ ।
ବୋଲୁଛନ୍ତି ମହିଷାସୁର ମରିବ କେମନ୍ତେ ॥
ଆଜ ସେ ସବୁ ଭୁବନେ ଦେବ ମୁହିଁ ଧାଡ଼ ।
ଦେବତାମାନଙ୍କ ମୁଣ୍ଡ ପକାଇବ ମୋଡ଼ ॥
ପଳାଇଲେ ଖୋଜିବଇଁ ସପତ ବ୍ରହ୍ମାଣ୍ଡ ।
ବ୍ରହ୍ମାପୁରେ କରିବଇଁ ରାଜା ଚଣ୍ଡ ମୁଣ୍ଡ ॥
ଶୁଣି ସେ ବୋଇଲେ ବ୍ରହ୍ମା ବରଦେଲେ ତୋତେ
ଅଦୋଷରେ ପିତାକୁ ତୁ ଲଙ୍ଘିବୁ କେମନ୍ତେ ॥
ମହିଷା ବୋଇଲା ଯେବେ ସେ ଆମ୍ଭର ପିତା ।
ଦେବପକ୍ଷରେ ସେ ମୋର କରେ ମନ୍ଦଚିନ୍ତା ॥
ପିତା ହୋଇ ଯେବେ ପୁତ୍ର ବିନାଶ ଲୋଡ଼ଇ ।
ତାହାକୁ ବଧ କରିଲେ ଦୋଷ କିଛି ନାହିଁ ॥
ଶୁମ୍ଭ ନିଶୁମ୍ଭ ମହିଷାସୁରକୁ ବୋଇଲେ ।
ଦେବତାମାନେ ଯେ ମେରୁଶୃଙ୍ଗେ ରହିଥିଲେ ॥

Digitized by srujanika@gmail.com

କେବଣ ଭୁବନକୁ ସେ ପଳାଇଣ ଗଲେ ।
ତାହା ତଥ୍ୟକର ତୁମ୍ଭେ ବୁଝିଲ କି ଭଲେ ॥
ମୈଷାସୁର ବୋଇଲା ମୁଁ ମହାନଳ ଦେଖି ।
ଯାସେ ଅଇଲ ଦେବତାମାନଙ୍କୁ ଉପେକ୍ଷି ॥
ଚଣ୍ଡ ମୁଣ୍ଡ ବୋଇଲେ ହୋ ଶୁଳ ଜେନାବଳୀ ।
ଅଯୋଗେ ଦେବଙ୍କୁ ଧାଡ ଦେବା ସର୍ବେ ମିଳି ॥
ତାହାଙ୍କ ବଚନେ ମୈଷାସୁର ବୋଧପାଇ ।
ଆଷ୍ଟସେନ ନଜରଜ୍ୟେ ତହୁଁ ସେ ଚଳଇ ॥
ଅନ୍ଧକ ମନ୍ତ୍ରୀକି ସଙ୍ଗ କହିଲା ବସାଇ ।
ଅମ୍ଭ ନାଶକୁ ଦେବତା ବଶ୍ୟବନ୍ତ ରହି ।
ମନ୍ତ୍ରୀବୋଲେ ସେ କଥା ମୁଁ ଅଜହୁଁ ହେ ଜାଣେ
ଅନଷ୍ଟ ବାଞ୍ଛନ୍ତି ତୋର ବସି ଦେବଗଣେ ॥
ଶିବଗତ ଲକ୍ଷ୍ମୀ ହେଲେ ଅସିଣ ତୋହର ।
ତେଣୁକର ଏ କଥା ମୁଁ ମଣୁଛି ଅସାର ।
ମହାମହା ଅସୁରେ ଯେ ପୂର୍ବକାଳେ ଥିଲେ ।
କେହୁତ ଅମର ପୁର ମଣ୍ଡ ନ ବହିଲେ ॥
ହିଣିସ୍ୱ ତାଡ଼କାସୁର ମଧୁ କଇଟଭ ।
ରକ୍ଷ ଭକ୍ଷ ହିରଣାକ୍ଷ ନାମରେ ଦାନବ ॥
ହିରଣ୍ୟକଶିପୁ ତୋର ଯେ ଉପର ବଂଶେ ।
ସ୍ୱର୍ଗକୁ ନ ଭଗିଛନ୍ତି ସେ ମହା ସାହସେ ॥
ଏବେ ତୁହି ବ୍ରହ୍ମାବରେ ହେଲୁ ଉତକର୍ଷ ।
ଅତଚତ ହୋଇଣ ତୁହି ହେଲୁ ମତଭ୍ରମ ॥
ମୈଷାସୁର ବୋଇଲା ତୁ ଶୁଣ ମନ୍ତ୍ରିବର ।
ଏବେ ଅମ୍ଭଙ୍କୁ କହ ହୋ କେବଣ ବଶ୍ୟର ॥
କ୍ଷୀରାବ୍ଧି ଭିତରେ ଦେବେ ଗୋପ୍ୟ ହୋଇଥାନ୍ତି ।
ଅନଠାବରେ ସେମାନେ ରହି ନ ପାରନ୍ତି ॥
ସପତ ସମୁଦ୍ରରେ ମୁଁ ନ ଥୋଇବି ପାଣି ।
ତେବେ ସେ ଦେବଗଣଙ୍କୁ ଜିଣାଇବ ଧାଣି ॥
ଏମନ୍ତ ବିଚାର କରେ ସେ ଅସୁର ସାହୁ ।
ଦେବେ ଯେବେ ଶନ୍ତ୍ରାକଲେ ମୋମୃତ୍ୟୁ ଉପାୟୁ ॥
ଶୂନ୍ୟ ଉପଶୂନ୍ୟ ବୋଲି ବେନି ସେନାପତି ।
ତାଙ୍କୁ ଅଜ୍ଞାଦେଲେ ମୈଷାସୁର ନରପତି ॥
ତୁମ୍ଭେ ଥାଟ ଘେନି ଚଳ ସମୁଦ୍ରର ତୀର ।
ଦେବେ ଅବା ପଶନ୍ତି ସମୁଦ୍ର ଭିତର ॥
ସବୁ ଦେବତାଙ୍କୁ ଧର ନ ଛାଡ଼ିବ କାହିଁ ।
ସିନ୍ଧୁମାନ ଶୋଷି ଜାବ ନ ଥାଉ ହେ ତହିଁ ॥
ବୋଲେ ଜଳତରଙ୍ଗଙ୍କୁ ପୁଣି ସେ ଡ଼କାଇ ।
ଲବଣ ସମୁଦ୍ର ତୁହେ ଶୋଷ ବେଗେ ଯାଇ ॥
ବଢ଼ାଳାକ୍ଷ ରାକ୍ଷସକୁ ବୋଲଇ ଏମନ୍ତ ।
ତୁ ଯାଇ କ୍ଷୀର ସମୁଦ୍ର ଶୋଷରେ ତୁରିତ ॥
ତହିଁର ଭିତରେ ଯେବେ ଥାନ୍ତି ଦେବତାଏ ।
ସବୁ ଶୋଷ କ୍ଷୀର ତହିଁ ନ ଥାଉ ମହାଏ ॥
ନୀର ସମୁଦ୍ରକୁ ଯାଅ ଶମ୍ବର ବେମାଳ ।
ସେହି ସମୁଦ୍ରକୁ ଶୋଷ ନ ଥାଉ ଯେ ଜଳ ॥
ପୁଣି ଅଜ୍ଞା ଦେଲା ଅବେ କୃତାନ୍ତ ରାକ୍ଷସ ।
ତୁ ଯାଇଁ ଇକ୍ଷୁସମୁଦ୍ର ବେଗେ କର ଗ୍ରାସ ॥
ସୁଖା ଧୂମ୍ରାକ୍ଷକୁ ଚାହିଁ ପୁଣି ସେ ବୋଲଇ ।
ସୁରା ସମୁଦ୍ରକୁ ଶୋଷ ତୁମ୍ଭେ ବେନି ଯାଇ ॥
ଅଜ୍ଞାଦେଲା ଯାଅ ଚଣ୍ଡ ମୁଣ୍ଡ ବେନି ବୀର ।
ଘୃତ ସମୁଦ୍ରକୁ ତୁମ୍ଭେ କର ହୋ ଅହାର ॥
ଏ ବିଧିରେ ଅଜ୍ଞା ଦେଲା ମହିଷା ନୃପତି ।
ସପତ ସମୁଦ୍ରକର ହେବ ବିଭୂତି ॥
ଅପଣେ ମହିଷାସୁର ଥାଟଅଛି ଭିଡ଼ି ।
ବ୍ରହ୍ମାର ଭୁବନକୁ ସେ ବେଗେ ଦେଲା ଧାଡ଼ି ॥
କନ୍ୟମାସ ଶୁକ୍ଳପକ୍ଷ ଦଶମୀର ଦିନ ।
ମୈଷାସୁର କରେ ବ୍ରହ୍ମାପୁରକୁ ଗମନ ॥
ଏସନ ଉପାୟୁ ସେହି ମୈଷାସୁର କଲା ।
ବସ୍ତୁ ସମ୍ଭାର କରିଣ ଥାଟ ଚଳାଇଲା ॥
ଏହା ଶୁଣି ବୋଇଲେ ସେ କୁରୁକୁଳ ନାହା ।
ସୁଧାମୟ କଥା ମୋତେ କହ ପୁଣ୍ୟଦେହା ॥
ଅଦ୍ଭୁତେ ଅନଳ ଯେ ହୋଇଲା ବିକାଶ ।
ତେତିଶକୋଟି ଦେବତା କଲେ ପୁଣ ତ୍ରାସ ॥
ଏହା ମୋତେ କହିବା ଯେ ହେଉ ବ୍ରହ୍ମବେତ୍ତା ।
ତବ ମୁଖୁଁ ଶୁଣିମଇଁ ସୁଧାରସ କଥା ॥
ବଦନ୍ତି ସେ ଶୁକବ୍ରହ୍ମା ଶୁଣ ମହାବାହେ ।
ଦୁର୍ଗାଙ୍କ କଥା ଶୁଣିଣ ପାପକର କ୍ଷୟେ ॥
ଅନ୍ତର୍ଜଳେ ଦଢ଼ ହୋଇଥିଲ ଅସାଷ୍ଟମ ।
ଶ୍ରୀ ଭାଗବତ ଶୁଣ ହେ ଉଦେ ହେବ ଧର୍ମ ॥
ଦେବତାଙ୍କ ତହୁଁ ଜାତ ଯେବଣ ବହ୍ନିନ ।
ତହିଁ ନିଶିତ ହୋଇଲା କାଳାନଳ ଅଗ୍ନି ॥
ଅଗ୍ନି ଶାନ୍ତ ଅର୍ଥେ ବ୍ରହ୍ମା ଦେଲେକ ଅହୁତ ।
ସୁରପାଦ ମଳେ ବ୍ରହ୍ମା ବେଦେ କରେ ସ୍ତୁତ ॥



Digitized by srujanika@gmail.com

ରୁଦ୍ରଙ୍କର ଜୀବନର ଭସ୍ମ ଅନଳକୁ ।
ଏକଲକ୍ଷ କଥ ସ୍ତୁତି କଲେ ଶାନ୍ତ୍ୟର୍ଥକୁ ॥
ଜୀବ ଆଶା ତ୍ୟାଗ କଲେ ସର୍ବେ ଏକାବେଳେ ।
ମହାଅଗ୍ନି ଘୋଟିଗଲା ବ୍ରହ୍ମାଣ୍ଡ ମଣ୍ଡଳେ ॥
ସମସ୍ତ ଅସୁରେ ଯାଉଥିଲେ ଯେ ଆକାଶେ ।
ସ୍ବର୍ଗେ ପଶି ନ ପାରିଲେ ମହାନଳ ତ୍ରାସେ ॥
ସ୍ବର୍ଗପୁର ଛାଡ଼ିକରି ପଳାଇ ଅଇଲେ ।
ଜେନାବଳୀ ପୁରେ ଭୟେ ଯାଇଁଣ ପଶିଲେ ॥
ଦେବତାଙ୍କ କଥା ଏବେ ଶୁଣ କୁରୁପତି ।
ଅଗ୍ନିଙ୍କ ବେଢ଼ି ସକଳେ କରୁଛନ୍ତି ସ୍ତୁତି ॥
ଜୟ ତୁ ଦାବାନଳ ହେ ଅତି ତେଜୋମୟ ।
ଜଗତେ ବ୍ୟାପିଛୁ ତୁହି ନାହିଁ ତୋର କ୍ଷୟ ॥
କୋଟି ବ୍ରହ୍ମାଣ୍ଡରେ ପୂରିଅଛି ଶିଖା ଯାର ।
ଜୟ ତୁ ଜୟ ତୁ ରକ୍ଷାକର ବୈଶ୍ବାନର ॥
ଜାତ ଅନ୍ତ ମଧ୍ୟ ଶୂନ୍ୟ ଭୁବନକୁ ଭେଦ ।
ସକଳ ସିଦ୍ଧଙ୍କ ନାଥ ତୁହି ଆଦ୍ୟ ସିଦ୍ଧ ॥
ନ ଦେଖି ନ ଶୁଣିଲା ଯା ଅଦୃଶ୍ୟ ଦେହଟି ।
ସପ୍ତ ବ୍ରହ୍ମାଣ୍ଡକୁ ଯାର ତେଜଗୋଟି ଘୋଟି ॥
ତବ ମନରୁ ଉତ୍ପତ୍ତି ହେଲେ ଦେବସମୟେ ।
ଗଗନ ଭେଦ ସଂସାର ହୁଏ ତେଜୋମୟେ ॥
ଅଣଉଚ ଅହଂକାରକୁ କରୁ ତୁହି ଭେଜ ।
ସମସ୍ତ ଭୁବନ ଲୋକେ ତୋତେ ଦେବ ପୂଜ ॥
ଅକ୍ଷୟ ନିରାକାର ତୁ ଅକାଳ ଅକାମ ।
ଅନ୍ତ ବ୍ରତେ ପାଳ ହବ୍ୟାସ୍ବାହେ ଅବଶାମ ॥
ଧ୍ୟକତର ଅଧୀନ ତୁ ଦରିଦ୍ରର ଧନ ।
ବନ୍ଧୁତ ଅହାରେ ଯାର ତେଜ ଦୁଇଗୁଣ ॥
ଉତ୍ପତ୍ତି କରତା ଜନ୍ମକର୍ତ୍ତା ଦାତା ବ୍ରହ୍ମା ।
ଯାବତ ଚନ୍ଦ୍ର ମହର ତୋର କର୍ମେ କର୍ମା ॥
ଦେବ ନର ନାଗଲୋକ ସର୍ବଗର୍ଭେ ଥାଉ ।
ଅବକାର କାଳେ ପୁଣି ସମସ୍ତଙ୍କୁ ଖାଉ ॥
ନାମ ସଙ୍କେତ ଯାହାର ମହାବ୍ରହ୍ମ ଲୟେ ।
ସମସ୍ତ ଉଦ୍ଭବର ତୁ ଦେବ ଯେ ଅଭୟେ ॥
ଅଜପା ପୁରୁଷ ଯାର ନାହିଁ ବର୍ଣ୍ଣ ଚିହ୍ନ । •
ଏକ ନିମିଷକେ ଦେବ ହୋଇ ତୁ ଅଜ୍ଞାନ ॥
ପରମବ୍ରହ୍ମ ଦେବ ହେ ମନ୍ତ୍ରେ ବଶ ତୁହି ।
ଅଜାତରେ ଜାତ ତୁ ଯେ ମହାତେଜ ବହି ॥

ସୁରସିଦ୍ଧ ମୁନି ଯାହା ଚରଣରେ ବନ୍ଦେ ।
ମୁଁ କସ ବନ୍ଦିବି ଦେବ ସେ ପରମାନନ୍ଦେ ॥
ସ୍ବାମି ଅଭରଣ ଜ୍ୟୋତି ଧନ୍ୟ ତ୍ରିଶୂନା ।
ଅଜପା ଜପା ତୋହର କବଚ ଯେ ସେନା ॥
ନିରଞ୍ଜନ ନିରାକାର ଅଛ ମହାବାହୁ ।
ଅନେକ ପ୍ରକାରେ ଅନନ୍ତ ନାମ ବହୁ ॥
କଳ୍ପିତ ତୃଷା ମାହକେ ନବସୃଷ୍ଟି ଖାଉ ।
ତୋ ମୁଖରେ ଦଉ ଅବା କେଉଁ ପ୍ରାଣ ପାଉ ॥
ଅସ୍ମାଙ୍କୁ ସଖା ନାଥ ତୁ ଧୀର ଗୁଣଗ୍ରାହୀ ।
ଜଗତର ଉଦ୍ଧାରଣ ନାଥ ସିନା ତୁହି ॥
କାମ୍ୟକ ମେଖଳା ଶତେ କୋଟି ଯାର ଗର୍ଭ ।
ଦେବତାଙ୍କ ଉପରେ ତୁ ଅଛୁ ଦେବଦେବ ॥
ନମୋ ନାରାୟଣ ତୋର କାଳାନଳ ଜ୍ୱାଳା ।
ନମାମି ନମାମି ବ୍ରହ୍ମ ତୁ ମହା ପିଙ୍ଗଳା ॥
ନମୋ ନମୋ ଆଦ୍ୟ ଦେବ ଈଶାନ ଶଙ୍କର ।
ନମୋ ନମୋ ଦିବାକର ତୁ ଦେବ ଭାସ୍କର ॥
ନମସ୍ତେ ନମସ୍ତେ ଦାବାନଳ ତୁ ବହ୍ନି ।
ନମୋ ବୈଶ୍ବାନର ସର୍ବଭକ୍ଷ ଅଛ ପୁଣି ॥
ସ୍ବାମି ତୁ ପରମାନନ୍ଦ ବ୍ରହ୍ମ ପରଂବ୍ରହ୍ମ ।
ଅନାଦି ଦେବତା ତୋର ଅଛେ ନିତ୍ୟକର୍ମ ॥
ସମୁଦ୍ର ବୃଦ୍ଧି ହୁଅଇ ବର୍ଷାଋତୁ ଯୋଗେ ।
କିନ୍ତୁ ତୋ ବଡ଼ବାନଳ ନାଶ ନୋହେ କେବେ ॥
ସ୍ବାମି ଯେ କର୍ମ ଧର୍ମରେ ତୁ ଆଦ୍ୟ ଦେବତା ।
ସମସ୍ତ ଅସହଣି ତୁ ତୁ ସର୍ବ ଅହନ୍ତା ॥
ପ୍ରସନ୍ନ ଯୋଗେଶ୍ବର ତୁ ଉଦାସୀନ ଦେହା ।
ଜାତ ଅନ୍ତକାଳେ ତୋର ଅନେକ ସ୍ନେହା ॥
ବ୍ରହ୍ମା ବିଷ୍ଣୁ ଶିବ ଯାକୁ କରୁଥାନ୍ତି ସ୍ତୁତି ।
ତାକୁ ସ୍ତୁତି କରିବାକୁ ମୋର କସ ଶକ୍ତି ॥
ଶ୍ରୀ ଅଗ୍ନି ଦେବତାର ମୁଁ ଜନ୍ମେ ଜନ୍ମେ ଦାସ ।
କାଳାନଳ ବହ୍ନିର ତେଜ ପରକାଶ ॥
ଶ୍ରୀ ଅଗ୍ନି ଦେବତାର ଯେ ଚରଣେ ଦନ୍ଧିକା ।
ଭରୁଁ ନିସ୍ତରିବା ପାଇଁ ଭଲେ ମୁହିଁ ପୁଣି ॥
ଜୟ ଜୟ ଜୟ ଦେବ ତୁ ସେ ଆଦ୍ୟ ଅନ୍ତ ।
ଜୟ ଜୟ ଦେବଜନେ ତୋହରେ ମୁକତ ॥
ଜୟ ଜୟ ଜୟ ଦେବ ତୁ ସେ ବୈଶ୍ବାନର ।
ତୋହରେ ଉଲ୍ଲାସ ହେବ ଏହି ମହାବର ॥

Digitized by srujanika@gmail.com

ଦେବତାଙ୍କ କଷ୍ଟ ଫେଡ଼ ଅହୋ ମହାବହ୍ନି ।
ଜଗଜ୍ଜନ ହୃଦେ ଅଛୁ ନିଜରୂପ ଘେନି ॥
ହେ ଅଗ୍ନିଦେବତା ତୋତେ ନମସ୍ତେ ନମସ୍ତେ ।
ହୃଦୟ ବ୍ୟାକୁଳ ଦେବ ଫେଡ଼ସି ତୁରତେ ॥
ବ୍ରହ୍ମା ବ୍ୟାପିତ ତୁହ୍ମ ଯେ ଦେବ ସାରସ୍ୱତେ ।
ମାନବ ଜନ୍ମରେ ମୁହିଁ ବର୍ଣ୍ଣିବ ବା କେତେ ॥
ଏମନ୍ତେ ଦେବତାମାନେ ବହୁ ସ୍ତୁତି କଲେ ।
ପାଦପଦ୍ମରେ ସେ ଗଳ୍ପଧାଲଣ ଶୁତଲେ ॥
ସମସ୍ତ ଦେବତାଗଣ କଲେ ନମସ୍କାର ।
ଇନ୍ଦ୍ର କୁବେର ନୈର୍ଋତ ଆଦି ଦିବାକର ॥
ସମସ୍ତେ ଶୁତଲେ ଅଗ୍ନି ଦେବତାର ପାଦେ ।
ଏ କଷ୍ଟରୁ ତରୁଁ ଦେବ ତୋହର ପ୍ରସାଦେ ॥
ଶ୍ରୀ ଅଗ୍ନି ଦେବତାଙ୍କର ଚରଣେ ସନ୍ତତ ।
ଶ୍ରୀ ସିଦ୍ଧ ଶାରଳା ଦାସ କରେ ପ୍ରଣିପାତ ॥

## ଦୁର୍ଗାଙ୍କର ଆବିର୍ଭାବ ଓ ଦେବଗଣଙ୍କର ଶସ୍ତ୍ର ପ୍ରଦାନ ।

ଶୁଣ ହୋ ପରୀକ୍ଷ ରଜା କହେ ଶୁକ ମୁନି ।
ଧାତାଙ୍କ ବିନୟ ଦେବଗଣଙ୍କ ଦୟିନୀ ॥
ଦେଖିଣ ଶାନ୍ତ ହୋଇଲେ ସେ ମହାବହ୍ନି ।
ଦେବତାମାନଙ୍କର ସେ ଭକ୍ତିଭାବ ଘେନି ॥
ଅମରେ ଏରୂପେ କରି ବ୍ୟାକୁଳରେ ସ୍ତୁତି ।
ଅଗ୍ନିଦେବତାଙ୍କୁ ସର୍ବେ ନିରେଖି ଗୃହାନ୍ତି ॥
ଅନଳ ଶାନ୍ତ୍ୟର୍ଥେ ବ୍ରହ୍ମା ଦେଲେ ଯେ ଆହୁତି ।
ମହା ଅନଳ ମଧ୍ୟରେ ପ୍ରକାଶିଲା ଜ୍ୟୋତି ॥
ଅଗ୍ନିର ତହୁଁ ବହୁତ ପ୍ରକାଶିଲା ତେଜ ।
ବେନିପାଦ ଏକଶିର ସହସ୍ରେକ ଭୁଜ ॥
ଅଭୟା କାତ୍ୟାୟନୀ ସେ ଅନାଦି ଶକତି ।
ମହା ବଇଷ୍ଣବୀ ଦେବୀ ହେଲେ ଉତପତ୍ତି ॥
ପ୍ରସନ୍ନ ଅନ୍ନପୂର୍ଣ୍ଣାର ଦିବ୍ୟରୂପ ଦେଖି ।
ଭୟେ ବୃନ୍ଦାରକେ ଯାନ ବାହନ ଉପେକ୍ଷି ॥
ବ୍ରହ୍ମା ରୁଦ୍ର ଇନ୍ଦ୍ର ଚନ୍ଦ୍ର ମହାବିଷ୍ଣୁ ସ୍ୱାମୀ ।
ଅଗ୍ନିକୁ ସେ ସ୍ତୁହିଁ କରି ସକଳେ ପ୍ରଣମି ॥
ତେତିଶକୋଟି ଦେବେ ଯେ କରିଲେ ଭକତି ।
ପୁଣ ପୁଣ ପ୍ରଣିପାତ ଚରଣେ ହୁଅନ୍ତି ॥

କରେଣ ତରଣି ଦନ୍ତେ ଧରିଣ ଅଙ୍ଗୁଷ୍ଠ ।
ସବିନୟେ ଭକ୍ତି ଦେବ ସେ ତେତିଶକୋଟି ॥
ମହା ବଇଷ୍ଣବୀ ରୂପ ଦେଖି ଦେବତାଏ ।
ବହୁତ ସ୍ତୁତି କରି ସେ କହନ୍ତି ବିନୟେ ॥
ତେତିଶକୋଟି ଦେବଙ୍କ ମହାତେଜ ଘେନି ।
ଆଦି ଅନ୍ନପୂର୍ଣ୍ଣା ଜନ୍ମ ହୋଇଲେ ମେଦିନୀ ॥
ଦୁର୍ଗତି କାଳରେ ଯେତୁ ହେଲେ ଉତପନ୍ନ ।
ହୃଦୟ ବ୍ୟାକୁଳ ସ୍ତୁତି ଦେଲେ ସର୍ବଜନ ॥
ମହା ଶଙ୍ଖ ଧ୍ୱନି କଲେ ପୁରୁଷ ଉତ୍ତମ ।
ବ୍ରହ୍ମା ବଗୁରଣ ଦେଲେ ତାଙ୍କୁ ଦୁର୍ଗାନାମ ॥
ବ୍ରହ୍ମ ତେଜୁଁ ଅନଳ ଯେ ହୋଇଲା ସଞ୍ଜାତ ।
ସେ ଅନଳ ମଧ୍ୟୁଁ ତାଙ୍କ କଳେବର ଜାତ ॥
ରୁଦ୍ରର ଅଗ୍ନିରୁ ତାଙ୍କ ମୁଖ ପ୍ରକାଶିଲା ।
ଈଶ୍ୱର ଅଗ୍ନିରୁ ଜାତ ଦନ୍ତପନ୍ତି ହେଲା ॥
ଚନ୍ଦ୍ରତେଜ ଅନଳରୁଁ ନୟନ ପ୍ରକାଶ ।
ସୂର୍ଯ୍ୟ ତେଜ ଅଗ୍ନିରୁ ଯେ ନାସିକା ପ୍ରକାଶ ॥
ଅଗ୍ନିର ତେଜରୁ ଜିହ୍ୱା ହେଲା ଉତପନ୍ନ ।
ଇନ୍ଦ୍ର ତେଜ ଅଗ୍ନିରୁ ଯେ ଶିର ଶୋଭାବନ ॥
ଶମନ ଅଗ୍ନି ତେଜରୁ କେଶ ବଦ୍ୟମାନ ।
ଜୀମୂତ କଜ୍ଜ୍ୱଳ ତାକୁ ନୋହିବେ ସମାନ ॥
ଯମର ଅଗ୍ନିରୁ ପୁଣି ହେଲା ଗଣ୍ଡସ୍ଥଳ ।
କୁବେର ଅଗ୍ନି ତେଜରୁ ଜାତ ବକ୍ଷସ୍ଥଳ ॥
ବିଶ୍ୱଦେବଙ୍କ ଅଗ୍ନିରୁ ହୋଇଲାକ କୁକ୍ଷି ।
ସକଳ ଦେବଙ୍କ ତେଜ ନାଭିପଦ୍ମେ ଅଛି ॥
ମଞ୍ଜାଫିହ୍ୱ ଜିଣି କଟୀ ଗୁରୁ ବାହୁବେନି ।
ସେଠାରେ ତେଜ ଦେଇଛି କୁମାର ଅଶ୍ୱିନୀ ॥
ବେନି ନିତମ୍ବର ଦିଶେ ମହାତେଜ କାନ୍ତି ।
ବୃହସ୍ପତି ଅଗ୍ନି ତେଜୁଁ ହୋଇଛି ଉତ୍ପତ୍ତି ॥
ରମ୍ଭାତରୁ ସମ ବେନି ଜାନୁ ସୁସଞ୍ଚିତ ।
ପ୍ରଜାପତି ତେଜରୁ ସେ ହୋଇଛି ସମ୍ଭୂତ ॥
ଅନନ୍ତ ବାସୁକି ଅଷ୍ଟକୁଳା ନାଗଙ୍କର ।
ତେଜ ଘେନି ପାଦତଳ ଦିଶଇ ସୁନ୍ଦର ॥
ନବ ସହସ୍ର ଦେବତା ସ୍ତ୍ରୀ ପୁରୁଷ ମିଶି ।
ବେନି ଚରଣ ଅଙ୍ଗୁଷ୍ଠିମାନ ପରକାଶି ॥
ଅଙ୍ଗୁଷ୍ଠିର ନଖ ବସୁତେଜରେ ପ୍ରକାଶ ।
ହେମବନ୍ତ ତେଜ ପଟି ହେଲା ପରକାଶ ॥

Digitized by srujanika@gmail.com

ବିଷ୍ଣୁ ନନ୍ଦନ ଯେ କାମଦେବର ବଦନ ।
ଏହାଙ୍କ ତେଜରୁ ଜାତ ହୋଇଲେ ସ୍ତନ ବେନ ॥
ଏମନ୍ତ ପ୍ରତିମା ସେହୁ ଅଟେ ଶୁଦ୍ଧଗାମୀ ।
ନକ୍ଷତ୍ରଙ୍କ ତେଜରୁ ଯେ ହେଲେ ଶ୍ରୋମାଦନୀ ॥
ବରୁଣ ତେଜରୁ ଜାତ ହୋଇଲା ଗରଭ ।
ମେଘଙ୍କ ତେଜରୁ ଜନମିଲା କଟୀଭାର ॥
ଅରୁଣ ପବନରୁ ଯେତେ ଅଗ୍ନି ତେଜ ।
ଏଥିଁ ଜାତ ହୋଇଲା ଯେ ସହସ୍ରେକ ଭୁଜ ॥
ଗଣନାୟକମାନେ ଯେ ଚତୁର୍ଦ୍ଦଶ କୋଟି ।
ଏହାଙ୍କ ତେଜ ହୋଇଲେ ଭୁଜଙ୍କ ଅଙ୍ଗୁଷ୍ଠି ॥
ପର୍ବତଙ୍କ ତେଜ ଅଭ୍ର ଅନଳଙ୍କ ଶିଖା ।
ଏହାଙ୍କ ତେଜୁଁ ହୋଇଲା ଅଙ୍ଗୁଷ୍ଠିର ନଖ ॥
ପଞ୍ଚବିଂଶ ଅଗ୍ନି ସମାନରେ ମହାତେଜ ।
ନିର୍ଦ୍ଧୂମ ଅଗ୍ନିର ପ୍ରାୟେ ଶରୀର ବିରାଜ ॥
କୃତାନ୍ତକ ସମାନରେ ବଚନ ପ୍ରକାଶି ।
ବଇଷ୍ଣବୀପଣକୁ ସେ ଅଟେ ଦେବ କାଶୀ ॥
ତପିପଣକୁ ଯେ ସେହୁ ଦୁର୍ବାସା ମହର୍ଷି ।
ବାକ୍ୟକଥନରେ ସେହୁ ପରାଶର ଋଷି ॥
ବ୍ରହ୍ମାର ସମାନେ ସେହୁ ଅଟେ ମହାଜ୍ଞାନୀ ।
କାମଦେବ ସମାନେ ସେ ନୟନମୋହିନୀ ॥
ବିଷ୍ଣୁର ସମାନେ ସେ ଯେ କ୍ଷେତ୍ର ବାସିଂନାଥ ।
ବୃହସ୍ପତି ସମାନରେ ଅତିଶୟ ବୁଦ୍ଧି ॥
ଇନ୍ଦ୍ର ସମାନେ ତାଙ୍କର ଅଟଇ ବଡିମା ।
ଚନ୍ଦ୍ର ଦେବତା ସମାନେ ଅନେକ ମହିମା ॥
ଆଦିତ୍ୟର ସମାନରେ ଅଟେ ତେଜକାନ୍ତ ।
ସପତ ସମୁଦ୍ରତେଜ ଗର୍ଭରେ ବହନ୍ତ ॥
ସେ ଅନନ୍ତ କାତ୍ୟାୟିନୀ ସହ୍ୟ ଗୁଣ ଯେନ ।
ବସୁନ୍ଧରା ସମାନରେ ସକଳ ସହଣୀ ॥
ପବନର ସମାନେ ସେ ଅଟନ୍ତି ଚଞ୍ଚଳ ।
ମେରୁର ସମାନେ ସେହୁ ଅଟନ୍ତି ଅଚଳ ॥
ମେଘର ସମାନେ ସେହୁ ଅଟେ କାମରୂପୀ ।
ବରୁଣର ସମାନରେ ତ୍ରୈଲୋକ୍ୟରେ ବ୍ୟାପି ॥
ମୋହିନୀ ପଣକୁ ସେହୁ ପ୍ରତ୍ୟକ୍ଷେ ପାର୍ବତୀ ।
କୁମାର ସମାନେ ତାଙ୍କ ପ୍ରତିଜ୍ଞା ଶକତି ॥
ଦେବଙ୍କ ତେଜରୁ ଯେଣୁ ହେଲେ ଉତପତ୍ତି ।
ତେଣୁକରି ବୋଲାଇଲେ ସେ ସର୍ବଙ୍କ ପ୍ରକୃତି ॥

ତ୍ରୈଲୋକ୍ୟମଣ୍ଡଳେ ଦେବ ଯେ ତେତିଶକୋଟି ।
ସର୍ବତେଜ ବଳ ସହ ହେଲା କାୟା ଗୋଟି ॥
ଦୁର୍ଗତିରୁ ଯେଣୁ କରି ପାରନ୍ତି ସେ ଦୂର ।
ତେଣୁକରି ଦୁର୍ଗାନାମ ଅଟଇ ତାଙ୍କର ॥
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଏ ତିନି ମୂରତି ।
ଦେବଙ୍କୁ ଘେନି କରନ୍ତି କରଯୋଡ଼ି ସ୍ତୁତି ॥
ଜୟ ତୁ ଦୁର୍ଗା ଦୁର୍ଗତି କାଳେ ଉତପତ୍ତି ।
ଜୟ ତୁ ମଙ୍ଗଳା ମାଗୋ କରତା ପାର୍ବତୀ ॥
ଜୟ ତୁ ମଙ୍ଗଳା ମାଗୋ ଶୁଭ ଅବଧାରି ।
ଜୟ ମଙ୍ଗଳେ ଦୁସ୍ତରୁ କରୁ ତୁହି ପାର ॥
ଜୟ ତୁ ଜୟ ମଙ୍ଗଳେ ଅଭୟା ମା ଦୁର୍ଗେ ।
ପ୍ରସନ୍ନ ହୋଇ ଅମ୍ଭଙ୍କୁ ସ୍ଥାପ ତୁମ୍ଭେ ସ୍ୱର୍ଗେ ॥
ତେତିଶକୋଟି ଦେବ ଯେ କଲେ ଏହି ସ୍ତୁତି ।
ମନେ ଅନେକ ସାନନ୍ଦ ସମସ୍ତେ ହୁଅନ୍ତି ॥
ଶ୍ରୀ ଦୁର୍ଗାଦେବୀ ଚରିତ ଶୁଣ ସଜ୍ଜନେ ।
ଧର୍ମାର୍ଥ କାମ ମିଳିବ ଦୁର୍ଗାଙ୍କ ପ୍ରସନ୍ନେ ॥
ଦୁର୍ଗା ସ୍ମରନ୍ତେ ଦୁର୍ଗତିମାନ ବେଗେ ଛାଡ଼ୁ ।
ଦୁର୍ଗା ସୁମର ହୋ ଜନେ ଆପଦ ନ ପଡ଼ୁ ॥
ଦୁର୍ଗା ସୁମର ହୋ ବିଘ୍ନମାନ ଯାଉ ନାଶ ।
ଦୁର୍ଗା ସୁମର ହୋ ଜନେ ଫିଟୁ କାଳପାଶ ॥
ଦୁର୍ଗା ସୁମରଣେ ନରେ ଜ୍ୱରରୋଗ ଖଣ୍ଡ ।
ଦୁର୍ଗା ସୁମର ନରେ ନ ଲାଗୁ ଯମଦଣ୍ଡ ॥
ଦୁର୍ଗା ସୁମର ମନରେ ସନ୍ତାପକୁ ତେଜ ।
ଧନ ପୁତ୍ର ପ୍ରାପ୍ତ ହେବେ ଦୁର୍ଗା ନାମ ଭଜ ॥
ଦୁର୍ଗା ସୁମର ହେ ନରେ ବାସ ହେଉ ସ୍ୱସ୍ଥ ।
ଦୁର୍ଗା ସୁମର ହେ ନରେ ପୁତ୍ର ହେଉ ଜାତ ॥
ଦୁର୍ଗା ସୁମର ହେ ନରେ ଚିତ୍ତ ହେଉ ସ୍ଥିର ।
ଦୁର୍ଗା ସୁମରନ୍ତେ ଆୟୁ ହୋଇବଟି ଚିର ॥
କନ୍ୟାମାସ ଶୁକ୍ଳପକ୍ଷ ତିଥି ଯେ ଅଷ୍ଟମୀ ।
ସେ ଦିନ ଜାତ ହୋଇଲେ ଦେବୀ କାତ୍ୟାୟିନୀ ॥
କୃଷ୍ଣାଷ୍ଟମୀରୁ ଯେ ଶୁକ୍ଳାଷ୍ଟମୀ ପରଯନ୍ତେ ।
ସର୍ବରାଜା ଆରାଧନା କରନ୍ତି ଗୋ ତୋତେ ॥
ଆୟୁଷ ସମ୍ପଦ ପୁତ୍ର ଯାର ଯେଉଁ ଇଚ୍ଛା ।
ଜଗତତାରଣୀ ମାଗୋ ପୂର୍ଣ୍ଣ ମନୋବାଞ୍ଛା ॥
ଲୋଭଭୟ ମୋହ କାମ ସଂସାରପବାହୁଁ ।
ଏଥିଁ ତରିବେ ମାତା ଗୋ ତୋହର ପ୍ରସାଦୁଁ ॥

Digitized by srujanika@gmail.com

ଜୟ ମା ଦୁର୍ଗେ ଆଶ ଗୋ ସଦା ମମ ହୃଦେ ।
ଶାରଳାଦାସ ସେବଇ ଦୁର୍ଗାଦେବୀ ପାଦେ ॥
ଶୁଣିଣ ଦେବତାଙ୍କର ବିନୟ ଭକତ ।
ସମାଶ୍ୱାସ ଦିଅନ୍ତ ତାଙ୍କୁ ଅଭୟ ପାର୍ବତୀ ॥
ଭୋ ଦେବଗଣ ବଦ୍ଧତ ସ୍ତୁତି ମୋତେ କର ।
କିମ୍ପାଇଁ କାରଣେ ଏତେ ଅକୁଳ ହୋଇଲ ॥
ବ୍ରହ୍ମାଙ୍କୁ କହିଲେ ଧୀରେ ଦେବ ଚକ୍ରଧର ।
ବୁଝାଇ କହ ହେ ଧାତା ଦେବୀଙ୍କ ଅଗର ॥
ଶ୍ରୀ ବିଷ୍ଣୁ ବଚନେ ପିତା ତହୁଁ ଅଗସର ।
ସ୍ତୁତିରେ କହନ୍ତି ଅଷ୍ଟଭୁଜ ଯୋଡ଼ କର ॥
ଶୁଣ ସାବଧାନେ ମାଗୋ ଜଗତଜନନି ।
ଯହିଁପାଇଁ ଆମ୍ଭେ ତୋତେ ହେଉଛୁଁ ଦୟିନୀ ॥
ଦକ୍ଷ ପ୍ରଜାପତିଙ୍କର ଷାଠିଏ ଦୁହିତା ।
ଦଶକନ୍ୟା ବିଭା ହେଲେ ସେ ଧର୍ମଦେବତା ॥
ତନ୍ତ୍ର ଭ୍ରାନ୍ତ ମେଧା ଆଉ ଶ୍ରଦ୍ଧା ଶ୍ରୁତି ମୂର୍ତ୍ତି ।
ଶାନ୍ତ୍ର ବୃଦ୍ଧା ସୁମେଧା ଯେ ଭୁଷ୍ଟାନାମ ଖ୍ୟାତି ॥
କି କହିବ ଏହାଙ୍କର ରୂପ ଗୁଣମାନ ।
ଏ ଦଶ କୁମାରୀ ଧର୍ମେ କଲେ ସେ ପ୍ରଦାନ ॥
ଊମା ନାମେ କନ୍ୟାକୁ ସେ କାଶ୍ୟପଙ୍କୁ ଦେଲ ।
ସାବିତ୍ରୀ କନ୍ୟାକୁ ମୋତେ ପ୍ରଦାନ କରିଲ ॥
ବରୁଣଙ୍କୁ ପ୍ରଦାନ ସେ କଲ ଲୀଳାବତୀ ।
ଅଗ୍ନିଙ୍କି ଦେଲ ସେ ସ୍ୱାହା ସ୍ୱଧା ଯେ ଦୁହିନ୍ତି ॥
ବୃହସ୍ପତିଙ୍କି ପ୍ରଦାନ କଲ କନ୍ୟା ତାରା ।
କୁବେରଙ୍କୁ ପ୍ରଦାନ ସେ କର ଦେଲ ସ୍ୱାସ ॥
ଅଦିତ୍ୟଙ୍କୁ ଦେଲ ସ୍ତମ୍ଭୁ ମାୟୁ ନାମେ ବାଳୀ ।
ଚନ୍ଦ୍ରଙ୍କୁ ଦେଲ ସପତ ବିଂଶତି ଦୁଲାଳୀ ॥
ଅଶ୍ୱିନୀ ଦ୍ୱିଜା କୃତ୍ତିକା ରୋହିଣୀ ସୁନ୍ଦରୀ ।
ମୃଗଶିର ଅର୍ଦ୍ରା ପୁନର୍ବସୁ ଅଦକର ॥
ପୁଷ୍ୟା ଅଶ୍ଳେଷା ଯେ ମଘା ପୂର୍ବାଫାଲଗୁନୀ ।
ଉତ୍ତରଫାଲ୍‌ଗୁନୀ ହସ୍ତା ଚିତ୍ରା ସୁଲକ୍ଷଣୀ ॥
ସ୍ୱାତୀ ବିଶାଖା ଯେ ଅନୁରାଧା ଜ୍ୟେଷ୍ଠା ମୂଳା ।
ପୂର୍ବା ଉତ୍ତରଷାଢ଼ା ଯେ ଶ୍ରବଣା ସୁଶୀଳା ॥
ଧନିଷ୍ଠା ଯେ ଶତଭିଷା ପୂର୍ବଭାଦ୍ର ବାଳୀ ।
ଉତ୍ତରଭାଦ୍ରବ ରେବତୀ ଯେ ଶୁଦ୍ଧଶାଳୀ ॥
ଦକ୍ଷପ୍ରଜାପତି ଗୃହିଁ ଏହାଙ୍କର ଶୋଭା ।
ଚନ୍ଦ୍ରଦେବତାଙ୍କୁ ଏତେ କନ୍ୟା କଲ ବିଭା ॥

ହେମାନାମେ କୁମାରୀ ଯେ ପରଂଯୋଗୀ ହେଲ ।
ବିଭା ନୋହିଲ ତାହାଙ୍କୁ ଭର୍ତ୍ତା ନ ଗଢ଼ିଲ ॥
ତେଣୁକରି ସେହି କନ୍ୟା ପରଂଯୋଗୀ ହେଲ ।
ପୁଣିହିଁ କଶ୍ୟପଙ୍କୁ ଯେ ତେର ସୁତା ଦେଲ ॥
ଦିତି ଅଦିତି କୁନ୍ଦସ୍ୱ ବିନତା ଗନ୍ଧର୍ବୀ ।
ବିଲୁ ଋକ୍ଷା ବାଳୀ ଶୁଦ୍ଧ୍ୟା ଅରିଷ୍ଟା ସୁରଭି ॥
ସିଂହିକା ଯକ୍ଷା କନ୍ୟକା ଏ ତେର କୁମାରୀ ।
ସ୍ୱୟମ୍ବର କର ସେହି ମୁନିଙ୍କୁ ବିଭା କରି ॥
ମାଗୋ ଅଦିତିର ତହୁଁ ଦେବେ ଉତପତ୍ତି ।
ଦିତିତହୁଁ ଜାତ ହେଲେ ଦାନବ ସମ୍ପାତି ॥
ନାଗେ ଜାତ ହୋଇଲେ ଯେ କୁନ୍ଦସ୍ୱରତହୁଁ ।
ବିନତା ତହୁଁ ଗରୁଡ଼ ହେଲେ ମହାବାହୁ ॥
ଗନ୍ଧର୍ବୀ ଉପୁଜାଇଲ ଏ ଗନ୍ଧର୍ବ ଲୋକ ।
ସୁଖେ ଆହ୍ଲାଦ କର ନୃତ୍ୟ ଗୀତ କଉତୁକ ॥
ଯକ୍ଷାଠାରୁ ଜନ୍ମ ହେଲେ ଯକ୍ଷ ଯେ କିନ୍ନର ।
ଋକ୍ଷା ଜାତ କଲ ଚତୁଷ୍ପଦ ଜୀବସାର ॥
ସିଂହ ବ୍ୟାଘ୍ର ଭାଲୁ ହସ୍ତୀ ଘୋଡ଼ାଆଦି କରି ।
ଋକ୍ଷାବାଳୀ ତହୁଁ ଏହିମାନେ ଅବତରି ॥
ଅରିଷ୍ଟା ଜାତ କଲ ଅରିଷ୍ଟ ଲୋକମାନ ।
ବିଶୁଅଳ ଖଣ୍ଡୁଅଳ ଆଦି ଏତେ ଜନ ॥
କାଳାନ୍ତସ୍ୱ ତହୁଁ କାଳ ପୁରୁଷେ ଜନମି ।
ପରି ଅଛନ୍ତି ଏମାନେ ନବଦ୍ୱୀପା ଭୂମି ॥
ଅତି କାକୁସ୍ଥ ହୋଇଣ ବ୍ରହ୍ମା କହୁଛନ୍ତି ।
ଜଗତଜନନୀ ଏକ ମନରେ ଶୁଣନ୍ତି ॥
କରପଦ୍ମ ଯୋଡ଼ି ସୁରପତିଣ ଦେବଗଣ ।
ଉଭା ହୋଇ କରି ସର୍ବେ କରନ୍ତି କାରୁଣ୍ୟ ॥
ଅଣାକାର ଆଦି ହେମବନ୍ତ ଆଦିକରି ।
ଜନମ ହୋଇଲେ ଅଠଲକ୍ଷ ମହାଗିରି ॥
ସୁରଭିର ତହୁଁ ଉପୁଜିଲ ଯେ ଗୋ ଜୀବ ।
ଶୁଦ୍ଧ୍ୟାତହୁଁ ହେଲେ ଶୁଦ୍ଧ୍ୟଲୋକ ଯେ ସମ୍ଭବ ॥
ଛୁଇଁଲେ ଯେଉଁ ଲୋକଙ୍କୁ ଯାଇଁ ସ୍ନାନ କରି ।
ସେହି ଲୋକମାନେ ଶୁଦ୍ଧ୍ୟାଠାରୁ ଅବତରି ॥
ସିଂହିକା ବୋଲି କରିଣ ଯେବଣ କୁମାରୀ ।
ତାହାର ଗର୍ଭରୁ ମାଗୋ ଗ୍ରହ ଅବତରି ॥
ବଦନ୍ତି ବ୍ରହ୍ମାଏ ମାଗୋ ଶୁଣ ଗୋସାମଣି ।
କହୁଅଛି ଅସୁରଙ୍କ ଆଦିଜନ୍ମ ପୁଣି ॥

Digitized by srujanika@gmail.com

ଆଦିତ୍ୟର ବିବାଦରେ ସ୍କନ୍ଧ ନାଶ ଗଲା ।
ସ୍କନ୍ଧ ଅର୍ଦ୍ଧଅଙ୍ଗ କେତୁ ନାମ ଗୋ ହୋଇଲା ॥
କେତୁର କୁମର ମାଗୋ ହେଲା ଜମ୍ଭୁଦୈତ୍ୟ ।
ଅଜ ବିବାଦେ ତା ନାଶ କଲେ ପ୍ରବୁଦ୍ଧ ॥
ଜମ୍ଭୁଦୈତ୍ୟର ତନୟ ହେଲା ହିରଣ୍ୟାକ୍ଷ ।
ହିରଣ୍ୟାକ୍ଷ ପୁତ୍ର ପୁଣି ହେଲେ ଋଷ ଭଷ ॥
ଯହିଁ ଉପଦ୍ରବ କଲେ ସେ ବେନି ରାକ୍ଷସ ।
ତହା ସତ୍ୟଯୁଗେ ତାଙ୍କୁ ବିଷ୍ଣୁ କଲେ ନାଶ ॥
ଋଷ ଭଷଙ୍କର ପୁତ୍ର ହେତ ଯେ ପ୍ରହେତ ।
ତାହାଙ୍କ ବଧ କଲେ ଶ୍ରୀ ଦାମୋଦର ମୂର୍ତ୍ତି ॥
ହେତ ପ୍ରହେତ ପୁତ୍ର ବଜ୍ରାଙ୍ଗ କାଳାନଳ ।
ଶ୍ରୀକୃଷ୍ଣ ଛେଦିଲେ ତାଙ୍କ ମସ୍ତକ କମଳ ॥
ବଜ୍ରାଙ୍ଗ ସୁତ ହିରଣ୍ୟକବଚ ଯେ ବୀର ।
ଜନାର୍ଦ୍ଦନ ରୂପେ ହରି ନାଶିଲେ ଅସୁର ।
ହିରଣ୍ୟକବଚ ପୁତ୍ର ଯେ ବଜ୍ରକବଚ ।
ଦୁଃସହ ସମରେ ତାକୁ ମାରି ସବ୍ୟସାଚୀ ॥
ହିରଣ୍ୟକବଚ ପୁତ୍ର ଅନ୍ଧକ ଦଇତ୍ୟ ।
ବହୁ ସମରେ ମାରିଲେ ତାଙ୍କୁ ବିଶ୍ୱନାଥ ॥
ଅନ୍ଧକର ପୁତ୍ର ହେଲା ତ୍ରିପୁର ରାକ୍ଷସ ।
ଷଷ୍ଟିସହସ୍ର ବର୍ଷେ ତାକୁ ନାଶ କଲେ ଈଶ ॥
ତ୍ରିପୁର ପୁତ୍ର ଯେ ଶୁମ୍ଭ ନିଶୁମ୍ଭ ହୋଇଲେ ।
ବେଦବକ୍ଷ ହରଣେ ତା କାମ ନାଶ କଲେ ॥
ଶୁମ୍ଭ ଦୈତ୍ୟ ପୁତ୍ର ଜଳତରଙ୍ଗ ହୁଅଇ ।
କେଶବ କଣ୍ଠିତ ଯୁଦ୍ଧେ ମାରି ତାହାକୁହିଁ ॥
ଜଳତରଙ୍ଗ ନନ୍ଦନ ହେଲା ଶଙ୍ଖାସୁର ।
ସନ୍ଧ୍ୟାଠାରୁ ବେଦପୋଥି ହରିଲା ମୋହର ॥
ସମୁଦ୍ର ଭିତରେ ଯାଇଁ ପଶିଲା ଲୁଚିଣ ।
ମୀନରୂପେ ତାହାକୁ ଯେ ମାରି ନାରାୟଣ ॥
ଶଙ୍ଖାସୁର ସୁତ ଯେ ଅବନ ନାମେ ଦୈତ୍ୟ ।
କୂର୍ମରୂପେ ବିନାଶିଲେ ତାହାକୁ ଅନନ୍ତ ॥
ଅବନଦୈତ୍ୟର ପୁତ୍ର ହିରଣ୍ୟାକ୍ଷ ହୋଇ ।
ବରାହ ରୂପେଣ ହରି ଦନ୍ତେ ବିଦାରଇ ॥
ହିରଣ୍ୟାକ୍ଷର ପୁତ୍ର ଯେ ହେଲା ଦୈତ୍ୟକେଶି ।
ଗୋମୁଖ କେଶବ ତାକୁ ଯମଘରେ ପେଷି ॥
କେଶିଦୈତ୍ୟର ତନୟ ଅମାତ୍ୟା ଦାନବ ।
ଝଞ୍ଜାବରୂପେ ତାହାକୁ ନାଶି ବାସୁଦେବ ॥

ଅମାତ୍ୟାର ନନ୍ଦନ ଯେ ହିରଣ୍ୟ ଦନୁଜ ।
ନୃସିଂହ ରୂପେ ତାକୁ ମାରିଲେ ଦେବରାଜ ॥
ହିରଣ୍ୟର ପୁତ୍ର ବୈରୋଚନ ଉତପତ୍ତି ।
କପଟେ ହରି ସ୍ତ୍ରୀରୂପେ କଲେ ବିନାଶିତ ॥
ଭାର୍ଯ୍ୟାରୂପେ ବୈରୋଚନଠାରେ ବସିଥିଲେ ।
କେଶ ଉପାଡିଣ ନାଶ ତା ଜୀବନ କଲେ ॥
ବୈରୋଚନର ତନୟ ଉପୁଜିଲା ବଳୀ ।
ବାମନରୂପେ ଗୁପିଲେ ତାକୁ ବନମାଳୀ ॥
ବଳିର ନନ୍ଦନ ପୁଣି ହେଲା ବାଣାସୁର ।
ତାହା ତୁଲେ ସମର ଯେ କଲେ ଚକ୍ରଧର ॥
ନବଶତ ଅଠାଶୋଇ ଭୁଜ ଛେଦ ତାର ।
ନ କାଟିଲେ ସଦାଶିବ ବୋଲେ ମାତ୍ର ଶିର ॥
ବାଣାସୁର ନନ୍ଦନ ଯେ ନାମ ମାୟାସୁର ।
ତାହାକୁ ବିନାଶ କଲେ ଦେବ ଚକ୍ରଧର ॥
ମୟଦୈତ୍ୟ ପୁତ୍ର ଯେ ଅମୟ ହେଲା ଜାତ ।
ସତ୍ୟଯୁଗେ ମାଡ଼ ବସିଲେ ଯେ ହନୁମନ୍ତ ॥
ଅମାତ୍ୟା ନନ୍ଦନ ହେଲା ତାରକା ଅସୁର ।
କାର୍ତ୍ତିକେଶ୍ୱର ହାତରେ ଗଲା ଯମପୁର ॥
ତାହାର ନନ୍ଦନ ଲୌହାସୁର ଉପୁଜଇ ।
ବଜ୍ରସିଂହ ବୋଲିକରି ତାର ପୁତ୍ର ହୋଇ ॥
ବଜ୍ରସିଂହ ପୁତ୍ର ଯେ କପିଳସିଂହ ବୀର ।
କପିଳସିଂହ ପୁତ୍ର ଯେ ମହିଷା ଅସୁର ॥
ମୈଷାସୁର ଦାନବ ଗୋ ଅରାଧିଲା ମୋତେ ।
ନିରାହାରେ ଅଶୀସହସ୍ର ବର୍ଷ ପର୍ଯ୍ୟନ୍ତେ ॥
ମାଗୋ ଭୋଳ ହୋଇଣ ମୁଁ ତାକୁ ଦେଲି ବର ।
ବୋଇଲି ଯେ ଇଚ୍ଛା ତୋର ମାଗ ରେ କୁମର ॥
ମାଗିଲା ସେ ପୁରୁଷର ହସ୍ତେ ନ ମରିବ ।
ଅମର ହୋଇଣ ମୁହିଁ ଯୁଗେ ଯୁଗେ ଥିବ ॥
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଇନ୍ଦ୍ରଚନ୍ଦ୍ର ସୂର୍ଯ୍ୟ ।
ଏହାଙ୍କୁ ଜିଣିବ ବରଦେବ ଦେବରାଜ ॥
ସେ ଯାହା ମାଗଇ ଭୋଳେ ମୁଁ ସତ୍ୟ କରଇ ।
ତେଣୁ ଅମର ହୋଇଲା ମୈଷାସୁର ଦେହ ॥
ମୈଷାସୁର ଦୈତ୍ୟର ଗୋ ନୌସହସ୍ର ସେନା ।
ଦେବ ଦାନବରେ ସେ ଯେ ନ ଯାନ୍ତି ଗଣନା ॥
ମହା ପ୍ରତାପୀ ଅଟନ୍ତି ଅସୁର ସଇନ୍ୟ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ଘୋଟିଗଲେ ପୁଣି ॥

Digitized by srujanika@gmail.com

ବଜ୍ରଫିହ ଦୈତ୍ୟ ମାଗୋ ପଦ୍ମଦ୍ୱୀପେ ରାଜା ।
ସିଂହଳ ଦ୍ୱୀପରେ ମୈଷାସୁର ମହାରାଜା ॥
ଚଣ୍ଡ ମୁଣ୍ଡ ପାତାଳରେ ପାଳନ୍ତି ପରଜା ।
ଉତ୍ତର ଦକ୍ଷିଣେ ଶୂନ୍ୟ ଉପଶୂନ୍ୟ ରାଜା ॥
ପୂର୍ବ ପଶ୍ଚିମରେ କାଳ ଅକାଳ ନୃପତ ।
ସାରଘଣ୍ଟ ବନସ୍ତର ମାଗୋ ଅଧିପତ ॥
ପର୍ବତ ଉପରେ ମାଗୋ ଅକ୍ଷାସୁର ରାଜା ।
ଅମର ପୁରେ ଗୋ ଶୁମ୍ଭ ନିଶୁମ୍ଭ ତରଜା ॥
ଅଳକାପୁରେ ଚ୍ୟମର ବେମାଳ ରାଜନ ।
ସଞ୍ଜମନୀ ପୁରେ କାଳଦଣ୍ଡ ରାଜା ଜାଣ ॥
ହିରଣ୍ୟଗର୍ଭପୁରେ ଗୋ ରକ୍ତବୀର୍ଯ୍ୟ ରାଜା ।
ଏ ପ୍ରାୟେ ସମସ୍ତ ପୁରେ ଅଧିପ ଦନୁଜା ॥
ନବଦ୍ୱୀପ ସପ୍ତସିନ୍ଧୁ ଦୈତ୍ୟଙ୍କର ବାସ ।
ବୃନ୍ଦାରକେ ମାହତୋତେ କରଛନ୍ତି ଅଶ ॥
ମାଗେ ମୋ ଭୁବନ ଅଟେ ଯଶୋବନ୍ତୀ ଖଣ୍ଡ ।
ତାହାଙ୍କୁ ନାଶିଲେ ପଣି ପାପିଷ୍ଠ ଦୁର୍ଦ୍ଦଣ୍ଡ ॥
ବହୁ ବଚନରେ କହିଲେ ଦେବ ବେଦପତ ।
ମାଗୋ ତନପୁର ମଧ୍ୟେ ଦୈତ୍ୟ ରହିଛନ୍ତି ॥
ଅତ ଉନମତ୍ତ ହେଲ ମହିଷା ଚଣ୍ଡାଳ ।
ଦେହଦେନ ରହିଥିବ କଷେ ଶରକାଳ ॥
ଦେବତାଙ୍କ ବଚନକୁ ଜାଣି ମହାମୂର୍ତ୍ତି ।
ଅଗ୍ନି ରୁ ପ୍ରକାଶିଲୁ ଗୋ ଅନାଦ ଶକତ ॥
ମାଗୋ ବ୍ରହ୍ମାୟଣୀ ତୁହି ରୁଦ୍ରାୟଣୀ ତୁହି ।
ପ୍ରସନ୍ନ ନାରାୟଣୀ ତୁ ନାମ କୋଟି ବହି ॥
ଇନ୍ଦ୍ରାୟଣୀ ତୁହି ମାଗୋ କର ଏବେ ଦୟା ।
କନ୍ମାୟଣୀ ତୁହି ମାହେଶ୍ୱରୀ ମହାମାୟା ॥
ଅଷ୍ଟତାରୀ ଅଭୟା ବାସେଳୀ ଉଗ୍ରତାରା ।
ମହା କାତ୍ୟାୟନୀ ମାଗୋ ଭୈରବୀ ତ୍ରିପୁରା ॥
ଅନନ୍ତା ଛୟା ବିଜୟା ମାୟା ଗୋ ସଂଧ୍ୟା ।
କଙ୍କାଳୀ ବେତାଳୀ କାଳୀ କାଳରାତ୍ରୀ ଦେବୀ ॥
ମହାଦେବୀ ଅମ୍ବିକା ତୁ ଚଣ୍ଡୀ ଯେ ପ୍ରଚଣ୍ଡୀ ।
ବକବଳୀ କାମଦେଣୀ ଚଣ୍ଡୀ ତୁ ଚାମୁଣ୍ଡା ॥
କୃତାନ୍ତକୀ ନାରାନ୍ତକୀ ଦେବୀ ପିଙ୍ଗଳାକ୍ଷୀ ।
ସିଦ୍ଧି ସାଧବୀ ଶ୍ୟାମଳଅକ୍ଷୀ ତୁ କାମାକ୍ଷୀ ॥
କାମରୂପା ଘୋରରୂପା ଅନ୍ନ ତୁ ବାରସା ।
ବିକଟାକ୍ଷୀ ମହାମାୟା ଅନ୍ନପୂର୍ଣ୍ଣା ତୁହି ॥

ମାତଙ୍ଗୀ ମାହେଶ୍ୱରୀ ତୁ ଅଦିତ୍ୟା କୁମାରୀ ।
କଉଶକୀ ତୁହି କାତ୍ୟାୟନୀ କାଳଙ୍କରୀ ।
ମାଗୋ ଏକାମ୍ବିକେ ତୋର ସହସ୍ରେକ ଭୁଜ ।
ଏତେ ବୋଲି ପ୍ରଣିପତ୍ୟ ଅମର ସମାଜ ॥
ଭକତ ଦେଖି ପ୍ରସନ୍ନ ହେଲେ ମହାଦେବୀ ।
ଶ୍ରୀ ଦୁର୍ଗା ଶ୍ରୀ ଚରଣକୁ ସର୍ବଦେବେ ସେବି ॥
ଅହୋ ପରୀକ୍ଷିତ ରାଜା ଦେବଙ୍କ ବିନ୍ତୀ ।
ବହୁତ ଶୁଣି ପ୍ରସନ୍ନ ହେଲେ କାତ୍ୟାୟନୀ ॥
ଅମୃତ ଦୃଷ୍ଟିରେ ପରମେଷ୍ଠୀଙ୍କି ଚାହିଁଲେ ।
ବର ମାଗ ପଦ୍ମଯୋନି ଏମନ୍ତ ବୋଇଲେ ॥
ନମସ୍କାର କର ପାଦେ ବୋଲନ୍ତି ଯେ ବ୍ରହ୍ମା ।
ମାଗିବଇଁ ବର ମାଗୋ ଦୋଷକର କ୍ଷମା ॥
ତେତିଶକୋଟି ଦେବେ ତୋ ଚରଣରେ ଲାଗି ।
ମୈଷାସୁର ବଧକର ଏହି ବର ମାଗୁଁ ॥
ଶ୍ରୀ ଦୁର୍ଗାଦେବୀ ବୋଇଲେ ବ୍ରହ୍ମାର ଅଗର ।
ଶସ୍ତ୍ରମାନ କଛ ନାହିଁ ମୋହର ହସ୍ତର ॥
ଏମନ୍ତ ବଚନ ଶୁଣି ସବୁ ଦେବମାନେ ।
ଯେ ଯାହାର ଶସ୍ତ୍ରମାନ ଦଅନ୍ତି ବହନେ ॥
ତ୍ରିଶୂଳ ଡମରୁ ଅଉ ପିନାକ ସାୟକ ।
ଶ୍ରୀ ଦୁର୍ଗାର କରେ ଦେଲେ ନେଇ ତ୍ରିଅମ୍ବକ ॥
ଅଜଗବ ଧନୁ ଅଉ ଯେ ବଜ୍ର ଶକତ ।
ଦୁର୍ଗାର ଶ୍ରୀହସ୍ତେ ଦେଲେ ନେଇ ଶଚୀପତ ॥
ସୂର୍ଯ୍ୟାବର୍ତ୍ତିକ ଚକ୍ର ଯେ ଅମୃତ କୁଣ୍ଡଳ ।
ଅଦିତ୍ୟଦେବତା ନେଇ ଦେଲେ ଜୟମାଳ ॥
ଭରଦ୍ୱାଜ ଦେଲେ ମଣି ଚର୍ମରଅଧାର ।
ବହ୍ନିଦେବା ଖଡ୍ଗ ଦେଲେ ଦୁର୍ଗାଙ୍କର କର ॥
ଅମୃତାଖ୍ୟା ନାମେ ଶର ହେମ ଚନ୍ଦ୍ରଫାଶ ।
ଚନ୍ଦ୍ରଦେବତାଏ ଦେଲେ ଦୁର୍ଗାଙ୍କର ପାଶ ॥
ଅନଳ ନେଇଣ କରେ ଶୀଳଚକ୍ର ଦେଲ ।
କାଳଦଣ୍ଡ ପାଶ ନେଇ ଯମ ସମର୍ପିଲ ॥
ସ୍ତମ୍ଭନ ମୋହନ ବଶ୍ୟ ଅବ ଉଚ୍ଚାଟନ ।
ଦୁର୍ଗା ଆଗେ ଦେଲେ କାମଦେବ ପଞ୍ଚବାଣ ॥
ମୋହିନୀରେ କାମ୍ୟକ ଶର ଅଦ୍ଭୁବଳ ।
ବସୁଧା ଅଣି ଦୁର୍ଗାଙ୍କ କରେ ଦେଲେ ତୋଳ ॥
ଦେଲେ ଶଙ୍ଖଚକ୍ର ଗଦା ସୁନ୍ଦର ମାଧବ ।
ବହନ୍ତା ପୁରୁଷେ ଶସ୍ତ୍ର ଆଣିଦେଲେ ଜବ ॥

Digitized by srujanika@gmail.com

ହଗନ୍ତ୍ରକ ନାମେ ଚକ୍ର ପୁଣି ଆଣି ଦେଲେ ।
ଶୁଣ ପରୀକ୍ଷିତ ଦେବ ଶୁକ ଯେ ବୋଇଲେ
ଅଦଣ୍ଡାମ ଚକ୍ର ଆଣି ଦେଲେକ ମରୁତ ।
ପର୍ବତା ଶସ୍ତ୍ରକୁ ପୁଣି ଦେଲେ ହେମବନ୍ତ ॥
ବରୁଣ ଦେବତା ନେଇ ଦେଲେ ଜଳପାଶି ।
ମନଭେଦ ନାସ୍ତ୍ରକୁ ଦେଲେ ବ୍ରହ୍ମଋଷି ॥
ନାଗପାଶ ବାଣ ନେଇ ଦେଲେ ଗଣପତି ।
ସୁଧା ଲଡ଼ୁ ଦେଲେ କାର୍ତ୍ତିକେୟ ମହାମତି ॥
ବଜ୍ରବାଣ ନିର୍ଘାତ ଯେ ଅର୍ଦ୍ଧଚନ୍ଦ୍ର ବାଣ ।
ମେଘାସ୍ତ୍ର ଅଗ୍ନିବାଣ ଯେ ଦେଲେ ସୁରଗଣ ॥
ଇନ୍ଦ୍ରାଣୀର ମୋହବାଣ ଅଷ୍ଟାଦଶ ବାଣ ।
ମହାବୁଦ୍ଧ ପୁରୁଷ ଯେ ଦେଲେ ତତକ୍ଷଣ ॥
ଇନ୍ଦ୍ର ଯେ ଅକ୍ଷୟ ତୋଣ ମହାକାଳ ବାଣ ।
ବଜ୍ରଶକ୍ତି ବଜ୍ରକାଟି ଦେଲେ ନେଇ ପୁଣ ॥
ପୁଣ ସମର୍ପିଲେ ରତ୍ନମଣି ଯେ ସକଳ ।
ଶତମନ୍ୟୁ ଦେଲେ ନେଇ ଅଜପା ଯେ ମାଳ ॥
ରସ ରସାୟନ ଆଉ କାଞ୍ଚନ ମୌକ୍ତିକ ।
ଅଶ୍ୱିନୀକୁମାର ଦେଲେ ସେନ ଋଦ୍ଧି ସିଦ୍ଧି ॥
ଅନନ୍ତ ବାସୁକୀ ଆଦ ଅଷ୍ଟକୁଳା ନାଗେ ।
ନାଗପାଶ ବାଣ ନେଇ ଦେଲେ ଦୁର୍ଗା ଆଗେ ॥
ସୋମ ଅଚଳ ମଦନ ମାଦକ ମୋହନ ।
ଅନାଦ୍ୟ ଦେବତା ଦେଲେ ଏତେ ବାଣଗଣ ॥
ଋକ ଯଜୁ ସାମ ଯେ ଅଥର୍ବ ବେଦମନ୍ତ୍ର ।
ବ୍ରହ୍ମାଏ ଦେଲେ ନେଇଣ ଦୁର୍ଗାର ଅଗ୍ରତ ॥
ଗଜସ୍ୱ ଶଙ୍ଖସ୍ୱ ପ୍ରସନ୍ନ ଯେ ନଳବଦ୍ଧ ।
ଅର୍ଦ୍ଧପାକ ପୂର୍ଣ୍ଣପାକ ଦେଲେ ଋଦ୍ଧି ସିଦ୍ଧି ॥
ସ୍ୟମନ୍ତକ ମଣି ପୁଣ ବଇଦୁର୍ଯ୍ୟ ମଣି ।
ଚମିରବଦାଙ୍ଗଣାଦ ଚକ୍ର ଦେଲେ ଆଣି ॥
ଅନଳ ନାରାଚ ପୁଣ ମହାମନ୍ତ୍ର ଶର ।
ଦୁର୍ଗାର ହସ୍ତରେ ନେଇ ଦେଲେ ବୈଶ୍ୱାନର ॥
ହପୁଳୀ ଆବଳୀ ଅମର ନଯ କୋଷଧନୁ ।
ଦୁର୍ଗାଦେବୀ କରେ ନେଇ ଦେଲେ ଶତମନ୍ୟୁ ।
ଅମଳାନ ପାଟ ଲଗିଦେଲେ ଦେବୀ ଅଙ୍ଗେ ।
ତେତଶକୋଟି ଦେବତା ଶସ୍ତ୍ର ଦେଲେ ଅଗେ ॥
ଶସ୍ତ୍ର ଶାସ୍ତ୍ର ପାଇ ବୋଇଲେକ ଗୋପାମଣି ।
ବାହାନ ଦନ୍ତ ଦୈତ୍ୟଙ୍କୁ ପାଇବ କି ଜିଣି ॥

ଏ ବାଣୀ କହଲେ ଯହୁଁ ଦୁର୍ଗତିତାରଣୀ ।
ଯେ ଯାହା ବାହନ ଦେଲେ ଦେବତାଏ ଆଣି ॥
ଶ୍ରୀ ଦୁର୍ଗାର ବଚନରେ ଦେବେ ଉଦବେଗ ।
ସିଂହ ନେଇଣ ଦୁର୍ଗାଙ୍କୁ ସମର୍ପିଲେ ବେଗ ॥
ମନପବନ ଦଣ୍ଡକୁ ନାରଦ ଯେ ଦେଲେ ।
ଖେଚରସ୍ୱ ଯାନ ଅନନ୍ତଦେବ ସମର୍ପିଲେ ॥
ମରାଳ ବାହନ ନେଇ ସମର୍ପିଲେ ଧାତା ।
ଗରୁଡ଼କୁ ଦେଲେ ନେଇ ଜଗତକରତା ॥
ଅତ୍ୟନ୍ତ ସନ୍ତୁଷ୍ଟ ସେହୁ ହୋଇଣ ଈଶାନ ।
ଦୁର୍ଗାର ଛାମୁରେ ଦେଲେ ବୃଷଭବାହନ ॥
ଦେବତାମାନଙ୍କର ଯେ ରାଜା ପୁରୁହୂତ ।
ଆଣିସମର୍ପିଲେ ଯାନ ନାମ ଐରାବତ ॥
ଶାର୍ଦ୍ଦୂଳ ବାହନ ସମର୍ପିଲେ ଯେ ଅନଙ୍ଗ ।
ପବନଦେବତା ଆଣି ଦେଲେ ବେଗେ ମୃଗ ॥
କାଳାନଳ ଦେବ ଅନନ୍ତ ଯେ ବୈଶ୍ୱାନର ।
ମେଷ ବାହନ ସେ ଦେଲେ ଦୁର୍ଗାର ଅଗର ॥
ଭୈରବ ଶକ୍ତି ଅଭୟ ଆନ କାଳପାଶି ।
ଯମଦେବତା ନେଇଣ ଦେଲେକ ମହିଷି ॥
ତାରକା ନିସୂଦନ ଯେ ହରର କୁମାର ।
କାର୍ତ୍ତିକେଶ୍ୱର ଅର୍ପିଲେ ନେଇଣ ମୟୂର ॥
ମକର ବାହନ ନେଇ ଦେଲେକ ବରୁଣ ।
ଦେଇଥିଲେ ପୂର୍ବହୁଁ ସେ ବହୁ ବାହଗଣ ॥
ଅନେକ ହରଷ ହୋଇ ମନେ ଯେ ଭାସ୍କର ।
ସପ୍ତଅଶ୍ୱ ଯାଚଦେଲେ ଦୁର୍ଗାର ଛାମୁର ॥
ଅମ୍ବୁଦେବ ବ୍ୟାଘ୍ର ଦେଲେ ଦୁର୍ଗାର ଛାମୁର ।
ରତ୍ନାବଳ ଯାନ ନେଇ ଦେଲେକ କୁବେର ॥
ଧାବଧାନେ ଶୁଣ ଅହୋ ପରୀକ୍ଷିତ ରାଜ୍ୟେ ।
ଯେ ଯାହା ଭୂଷଣ ଯାନ ନେଇ ଦେବତାଏ ॥
ବୋଇଲେ ତୋତେ ସମସ୍ତେ ଦେଲୁଁ ଅସ୍ତ୍ରକାଟି
ପାପଅସ୍ତ୍ରା ଦେନ ଅମ୍ଭେ ଜଳେ ଅଛୁଁ ବୁଡ଼ ॥
ହେ ମାତ ତୋ ପାଦେ ଅମ୍ଭ ଜନ୍ମେ୨ ସେବା ।
ମହିଷା ମାର ଅକ୍ଷୟ ସ୍ୱର୍ଗପୁର ଦେବା ॥
ଦୁର୍ଗା ବୋଇଲେ ତୁମ୍ଭଙ୍କୁ ହେଲି ମୁଁ ପ୍ରସନ୍ନ ।
ଅଜଁ ୨ଖେ ଥାଅ ତୁମ୍ଭେ ଯେ ଯାହାର ସ୍ଥାନ ।
ଅମର ହୋଇ ପ୍ରମାଦେ ଡାକିଲ ଯେ ମୋତେ ।
ଆଜହୁଁ ଦୈତ୍ୟଙ୍କୁ ମାରିବଇଁ ତୁମ୍ଭ ଅର୍ଥେ ॥

Digitized by srujanika@gmail.com

ଅଗ୍ନି ଉଦାରଣ ମୂର୍ତ୍ତିମନ୍ତ ସେ ହୋଇଲେ ।
ଦେବଙ୍କୁ ଅଭୟ ବର ପ୍ରସନ୍ନରେ ଦେଲେ ॥
ଶୁଣ ହୋ ପରୀକ୍ଷିତ ରାଜା କହେ ଶୁକମୁନି ।
ଦୁର୍ଗାଙ୍କୁ ଦେଖିଣ ବ୍ୟଥା ଛାଡ଼ିଲେ ଅବନୀ ॥
ଅନନ୍ତକୋଟି ବ୍ରହ୍ମାଣ୍ଡ ଏକଦୃଷ୍ଟି ଘୋଟି ।
ବିଜେ ମାହେଶ୍ୱରୀ ଯାଇଁ ଗଜଇନ୍ଦ୍ର ପିଠି ॥
ସହସ୍ର ଭୁଜେ ସହସ୍ର ଶସ୍ତ୍ର ଅଙ୍ଗେ ଚେତନା ।
ବ୍ରହ୍ମାଣ୍ଡେ ଲାଗିଲା ବିଶ୍ୱମୂର୍ତ୍ତିର ମୂର୍ଚ୍ଛନା ॥
ସମସ୍ତ ଦେବତା ଦେଖି କଲେ ବଡ଼ ଭୟେ ।
ବୋଇଲେ ଏ ସଙ୍କଟରୁ ରଖ ମହାମାୟେ ॥
ଦୁର୍ଗା ବୋଇଲେ ହେ ଦେବେ ଭୟ ନାହିଁ କିଛି ।
ଅସୁର ଭୁବନକୁ ମୁଁ ଏବେ ଯାଉଅଛି ॥
ବାହାନ ଶହସ୍ତମାନ ଥାଉଁ ଶୂନ୍ୟମାର୍ଗେ ।
ସ୍ମରଣା କଲେ ପ୍ରାପତ ହେବ ମୋତେ ବେଗେ ॥
ସେ ଦୁର୍ଗାଚରଣତଳେ ରହୁ ମୋର ମତି ।
ଶାରଳାଦାସ ଯେ ଏହା ଭଣିଲେ ଦେବୀବ୍ରତ ॥

## ଦୁର୍ଗାଙ୍କର ରତ୍ନଗିରିରେ ଅବସ୍ଥିତି ଓ ଚଣ୍ଡୀକାପୁର ବିବରଣ ।

ବଦିଷ୍ୟନ୍ତି ଶୁକ ଶୁଣ ହେ ପରୀକ୍ଷ ରାୟେ ।
ମେରୁ ଐଶାନ୍ୟ ମୂରତି ହେଲେ ମହାମାୟେ ॥
ବହଇ ମେଖଳାରୂପେ ଐଶାନ୍ୟ ବାହିନୀ ।
ଗଙ୍ଗା ଯମୁନା ଯେ ସରସ୍ୱତୀ ଧାର ତିନି ॥
ମେରୁ ଦୂରେ ପଞ୍ଚଷଷ୍ଟି ସହସ୍ର ଯୋଜନ ।
ଉଦ୍ୟାନ ନାମରେ ସରସ୍ୱତୀ ତୀରେ ବନ ॥
ଧବଳାଙ୍ଗୀ ତୀରର ଯେ ଐଶାନ୍ୟ ଭାଗରେ ।
ତହିଁ ପାଶେ ଅଛି ଗିରି କଣ୍ଡୁ ନାମରେ ॥
ସେହି ପର୍ବତ ଉପରେ ବିଜେ ଶାକମ୍ଭରୀ ।
ଦେବତାଙ୍କ ହିତରେ ସେ ଯେଣୁ ଅବତରି ॥
ସେ ଗିରିକି ଛଡ଼ା ଜେନାବଳ ଯେ ନଗରୀ ।
ପଞ୍ଚଦଶ ଯୋଜନ ତ ମୈଶାସୁରପୁରୀ ॥
ସେ ଗିରି ଉତ୍ତରପାଶେ ଜଟୀନାମେ ବଟ ।
କୁଳାବତୀ ପାଟଣା ଯେ ତା ଉପର ତଟ ॥
ଲବଣ ସମୁଦ୍ର ଅଛି ତହିଁର ସନ୍ନିଧେ ।
ଦେଖି ଗୋସାମଣୀ ଆନନ୍ଦିତ ହେଲେ ହୃଦେ ॥
ସହସ୍ରେକ ଭୁଜ ଦେବୀ ହୃଦେ ଗୋପ୍ୟକଲେ ।
ଆକାଶପଥରେ ଶସ୍ତ୍ରମାନହିଁ ଥୋଇଲେ ॥
ସମସ୍ତ ସେ ଅସ୍ତ୍ରପାଶେ ରଖିଲେ ଭବାନୀ ।
ବସିଲେ ସେହି ମୋହନୀସ୍ୱରୂପକୁ ଘେନି ॥
ଅନେକ ଧନ ରତନ ଆଭରଣ କାୟେ ।
ଦିବ୍ୟ ଝୀନବାସ ଉପରୀଣ ମହାମାୟେ ॥
ଏକାଇ ଶରୀର ତାଙ୍କ ରୌଦ୍ରରୂପ ଘୋଟି ।
ବିଜୟ ମାହେଶ୍ୱରୀ ଯେ ରତ୍ନଗିରି ପିଠି ॥
ଅସୁର ଭୁବନକୁ ସେ ଦେଲେ ଦେବୀ ଦୃଷ୍ଟି ।
ବନକନ୍ଦରକୁ ପୁଣି କରଛନ୍ତି ପିଠି ॥
ଅମରଭୁବନ ପ୍ରାୟ ଅସୁରଙ୍କ ପୁରୀ ।
ପ୍ରକାଶିଲେ କାଳରୁଦ୍ର ରୂପ ଶାକମ୍ଭରୀ ॥
ବାରଂବାର ପଚାଇଲେ ଯହିଁ କୋପ ଦୃଷ୍ଟି ।
ଜେନାବଳ ନଗ୍ରେ ଉପୁଜିଲାକ ଅରିଷ୍ଟି ॥
ଶୁଣ ହେ ପରୀକ୍ଷ ରାଜା କହେ ଶୁକମୁନି ।
ନିଶ୍ଚଳ ଆସନେ ବିଜେ ଦେବୀ କାତ୍ୟାୟନୀ ॥
ସିଂହଳ ବୋଲି କରଣ ଯେବଣହିଁ ଦ୍ୱୀପ ।
ରତନେ ନିର୍ମିତ ସେହି ହୋଇଛି ସ୍ୱରୂପ ॥
ମେରୁବାହିନୀ ଯେ ଲକ୍ଷ୍ମୀ ଭଦ୍ରା ସରସ୍ୱତୀ ।
ସିଂହଳଦ୍ୱୀପର ସେ ଯେ ଐଶାନ୍ୟେ ବହନ୍ତି ॥
ସେ ତେନି ନଦୀଙ୍କ ମଧ୍ୟେ ଗିରୁ ସୁଶୋଭନ ।
ବସଇ ଗୃହେ ସେଟି ନଗ୍ର ଅତି ବିତପନ ॥
ଜେନାବଳ ନଗ୍ର ଯେ ଚଣ୍ଡୀକା ପୁର ନଗ୍ର ।
ଜମ୍ବୁପୁର ନଗ୍ର ଚଣ୍ଡପୁର ନାମେ ନଗ୍ର ॥
ସେ ନଗ୍ରକୁ ବେଢ଼ି ସରସ୍ୱତୀ ଲକ୍ଷ୍ମୀ ଭଦ୍ରା ।
ବହିଲେକ ଯୋଗେଶ୍ୱରୀ ନେହେ ନାହିଁ ନିଦ୍ରା ॥
ତହିଁ ମଧ୍ୟେ ହର ବ୍ରହ୍ମା ନାମେ ଏକ ବନ ।
ଦେବ ଯୁଣେ ନବସହସ୍ର ଯୋଜନ ବିସ୍ତୀର୍ଣ୍ଣ ॥
ସେ ବନଭିତରେ ଯେତେ ବୃକ୍ଷଗଣ ଛନ୍ତି ।
ସୁସ୍ୱାଦୁ ପଦାର୍ଥ ସୁଧାରସ ସେ ଫଳନ୍ତି ॥
ଆମ୍ବ ଜାମୁ ନଡ଼ିକାଳ ଗୁଆ ଦ୍ରାକ୍ଷା ଫଳ ।
ପନସ ମିରଗା ଚମ୍ପା ବରକୋଳି ତାଳ ॥
କରଞ୍ଜା ବଉଳ ରମ୍ଭା ଲବଙ୍ଗର ଲଟି ।
ଅଁଳା ଉଇଶ ବେଲ ବୃକ୍ଷ କୋଟି କୋଟି ॥
ଖଜୁରି ଲେମ୍ବୁଓ ଟଗ ଦିବ୍ୟ ନାଗରଙ୍ଗ ।
କରମଙ୍ଗା କମଳ ଯେ ବୃକ୍ଷ ମାଳୁଙ୍ଗ ॥



Digitized by srujanika@gmail.com

କାଞ୍ଚଣ କଳଶ କେମ୍ବୁ ବୃକ୍ଷ ବଦ୍ୟମାନ ।
ଏସନେକ କର ଯାତା ଭଅଇଛ ବନ ॥
ଫଳ ବୃକ୍ଷ ବ୍ୟତରେକେ ଅନ ବୃକ୍ଷ ନାହିଁ ।
ରତ୍ନବେରକ ସେ ବନ ବେଢ଼ିଅଛ ରହ ॥
କୁଣ୍ଡଳ ପର୍ବତ ବନ୍ଧ୍ୟ ଗିର ପରବତ ।
ପ୍ରସଙ୍ଗ ଅସ୍ଥାନ ଯହିଁ ରତ୍ନାଦ ନିର୍ମିତ ॥
ଏ ସୁର ପର୍ବତ ମଧ୍ୟେ ଅଛ ରତ୍ନଗିର ।
ସେ ଗିର ଉପରେ ବଜେ ଦେବୀ ମାହେଶ୍ୱରୀ ॥
ଏହା ଶୁଣି ନୃପ ପରୀକ୍ଷିତ ଯେ ବୋଇଲା ।
ଅହେ ଶୁକ ବ୍ରହ୍ମା ଏତ ସନ୍ଦେହ ଲାଗିଲା ॥
ନରେକ କହିଲ ଯେ ଚଣ୍ଡାଳ ପୁର ବୋଲି ।
ତାହା ଶୁଣି ମୁହିଁ ବଡ଼ ଅଶ୍ଚର୍ଯ୍ୟ ହୋଇଲି ॥
କପାଇଁ ଚଣ୍ଡାଳ ନଗ୍ର ତାହାର ଯେ ନାମ ।
ଏହା ବସ୍ତାରଣ କହ ହେ ମୁନ ଉତ୍ତମ ॥
ଶୁକମୁନ ବୋଲନ୍ତ ଯେ ଅହୋ କୁରୁନାହା ।
ଏକ ମନ ହୋଇ ଶୁଣ କହଇ ମୁଁ ତାହା ॥
ସତ୍ୟଯୁଗରେ ନହୁଷ ନାମେ ନରପତ ।
ତାହାର ରାଜ୍ୟରେ ମେଘ ଜଳକ ଅଗତ ॥
ଷାର ଦ୍ୱୀପ ମଧ୍ୟରେ ଯେ ଅପାଳକ କଲା ।
ପାଞ୍ଚବର୍ଷ ପରଯନ୍ତେ ମେଘ ନ ବର୍ଷିଲା ॥
ବୁଦ୍ଧିମନ୍ତ ଅଟଇ ସେ ନହୁଷ ରାଜନ ।
ବେନ ବର୍ଷ ପ୍ରଜାଙ୍କୁ ସେ ପୋଷେ ଦେଇ ଅନ୍ନ ॥
ରାଜାର ଭଣ୍ଡାରେ ଥିଲା ଯେତେ ଧନ ଦ୍ରବ୍ୟ ।
ପ୍ରଜାମାନଙ୍କୁ ସେ ରାଇ ବାଣ୍ଟିଦେଲା ସର୍ବ ॥
ଏହରୂପେ ସୁରବର୍ଷ ଗଲା ଗତ ହୋଇ ।
ପୁଣିହିଁ ସେ ମେଘମାନ ନ ପାଳଲେ ତହିଁ ॥
ପ୍ରଜାଙ୍କର କଷ୍ଟଦେଖି ନହୁଷ ନୃପତ ।
ଦେବତା ବ୍ରାହ୍ମଣ ସେବ୍ଧ କରଲା ମରୁନ୍ତ ॥
ହୋମଯାଗ ଜପ ମେଘ ନୋହିଲେ ଯେ ଶାନ୍ତ ।
ବରଷା ନ କଲେ ଯହୁଁ ନହୁଷର ପୃଥ୍ୱୀ ॥
ଦେବ ବ୍ରାହ୍ମଣଙ୍କ ବୋଲ ଯହୁଁ ନ ରହିଲା ।
ବଳେ ସେ ରାଜା ସବୁର ଝାଁଦ ହରଲା ॥
ବ୍ରାହ୍ମଣମାନେ କହିଲେ ତେଣୁ ବଶିଷ୍ଠଙ୍କୁ ।
ସତ୍ୟଯୁଗେ ନ ପୂଜିଲେ ବ୍ରାହ୍ମଣମାନଙ୍କୁ ॥
ଅଜ୍ଞ ଯୁଗମାନେ ଏବେ ହୋଇଯିବେ ଭ୍ରଷ୍ଟ ।
ପିତାମହ ଅଗ୍ରେ ତୁ କହ ହୋ ବଶିଷ୍ଠ ॥

ବଶିଷ୍ଠ କହିଲେ ପିତାମହର ଅଗ୍ରତେ ।
ଇନ୍ଦ୍ର ନ ବର୍ଷିଲା ପାଞ୍ଚବରଷ ପର୍ଯ୍ୟନ୍ତେ ॥
ପ୍ରଜାଙ୍କ ପୁରୁଣା ଧନ ଦ୍ରବ୍ୟ ଥିଲା ଯେଣୁ ।
ବେନବର୍ଷ ବଞ୍ଚିଲେକ ଲୋକମାନେ ତେଣୁ ॥
ଅରବର୍ଷ ତହିଁ ମେଘ ନ କଲାକ ବୃଷ୍ଟି ।
ରାଜ୍ୟ ଧନ ପ୍ରଜାଙ୍କୁ ସେ ଦେଲା ନେଇ ବାଣ୍ଟି ॥
ଅବର ବର୍ଷାହିଁ ମେଘ ନ ପାଳିଲା ପୁଣ ।
ରାଜା ବୋଲେ ଧନ ନେଇ ଧାନ ଏବେ କିଣ ॥
ସୁର ବର୍ଷ ପ୍ରଜାଗଣ ବଞ୍ଚିଲେ ଏମନ୍ତେ ।
ପୁଣିହିଁ ମେଘ ଯେ ନ ବର୍ଷିଲା କଦାଚତେ ॥
ବଶିଷ୍ଠ କହିଲେ ଏମନ୍ତେ ସେ ପିତାମହଙ୍କୁ ।
ଅପାଳକ ହେଲା ପ୍ରଭୁ ମଧ୍ୟ ଭୁବନକୁ ॥
ମେଘେ ନ ପାଳିଲେ ଦେବ ନହୁଷର ରାଜ୍ୟ ।
ଏଥକୁହିଁ କିସ ଆଜ୍ଞା ଦିଅ ବ୍ରହ୍ମରାଜ ॥
ପିତାମହ ଶୁଣିଣ ଯେ ହୋଇଲେ ବଷାଦ ।
ନିସ୍ତସ୍ତୁ ନହୁଷ ରାଜ୍ୟେ ପଡ଼ିଲା ପ୍ରମାଦ ॥
ନ ଜୀଇବେ ସେ ଭୁବନେ ଅଜ ଜୀବଜନ୍ତୁ ।
ପିତାମହ ଆଜ୍ଞା ଦେଲେ ନାରଦେ ଯାଅନ୍ତୁ ॥
ଏବେ ଠାବ କର ଅସ ଧାନ ଅଛି କାହିଁ ।
ଅମ୍ଭଙ୍କୁ କହିଲେ ଅମ୍ଭେ ଦେବା ତାଙ୍କୁ ନେଇ ॥
ତୁ ଯେ ତନପୁରେ ବୁଲୁ ଜାଣୁ ହୋ ସମସ୍ତ ।
ନାରଦ ବୋଇଲେ ଖୋଜିବି ମୁଁ ପୁର ସାତ ॥
ପିତାମହ ବଚନରେ ଗଲେକ ନାରଦେ ।
ସାତଦ୍ୱୀପ ମଧ୍ୟରେ ଯେ ପଶିଲେ ସାନନ୍ଦେ ॥
ଶିମ୍ବଳଦ୍ୱୀପରେ ପୁଣ୍ୟତୋୟା ନଦୀତୀରେ ।
ମହାସମ୍ଭବେ ଚଣ୍ଡାଳ ନଗରମଧ୍ୟରେ ॥
ଘୋଷଣା କର ଅମ୍ବିକା ନାମରେ ଚଣ୍ଡାଳ ।
ମହାସ୍ଥଳେ ଥାଇ ପୁଣ୍ୟତୋୟା ନଦୀତୀର ॥
ଚଣ୍ଡାଳର ପାଞ୍ଚପଦ ଧାନ ଗଦା ଅଛି ।
ତାହା ଠାବ କଲେ ଯାଇ ବିଧାତାର ବସି ॥
ନାରଦ ବସିଲେ ପୁଣ୍ୟତୋୟା ନଦୀକୂଳ ।
ବାରତା ପାଇଣ ମିଳେ ଅମ୍ବିକା ଚଣ୍ଡାଳ ॥
ନାରଦ ବୋଇଲେ ତୋର ବନ୍ଧୁ ଅଧୃତନ ।
ଚଣ୍ଡାଳ ବୋଇଲା ମୁନ ସବୁ ଏହୁ ଧାନ ॥
ଚନଯୋଜନ ପର୍ଯ୍ୟନ୍ତେ କୁଢ଼ ହୋଇଅଛି ।
ତଳେ ଅଛି ପଟା ଉପରରେ ନାହିଁ ଢଙ୍କ ॥

Digitized by srujanika@gmail.com

ମୋହର ଲେଖାରେ କ୍ଷେତ୍ର ପାଞ୍ଚପଦ୍ମ ବସି ।
ତହିଁର ଉପରେ ଖଣ୍ଡ କାକର ବରଷି ॥
ଖଣ୍ଡ ବରଷାର କାଳେ ଥାଇ ସେହି ଠାବେ ।
ଚଣ୍ଡାଳ କହନ୍ତି ଶୁଣିଲେକ ମୁନିଦେବେ ॥
ନାରଦ ବୋଇଲେ ଶୁଣ ହେ ଯୋଷଣାଚାର ।
ଏତେ ଧନ ଅର୍ଜିଲୁ କେମନ୍ତେ ଏକାକର ॥
ଅମ୍ବିକା କହିଲା ଶୁଣି ନାରଦଙ୍କ ଆଗେ ।
ଯଦୁ ନାମେ ରାଜା ସତ୍ୟସମ୍ବରର ଯୁଗେ ॥
ବଡ଼ ପ୍ରତାପୀ ସ୍ୱଜନ ଶୈଳଧର ଛୋଣୀ ।
ସିହଳଦ୍ୱୀପରେ ସେହୁ ଅଟେ ଚକ୍ରବର୍ତ୍ତୀ ॥
ସେ ରାଜାର ମୁହିଁ ବାଡ଼ିତାଟ ଯେ ଖଟଇ ।
ମଳ କାଢ଼ିଣ ମୁଁ ଯଦୁରାଜା ତହିଁ ଠାଇଁ ॥
ତାହାର ମଳ କାଢ଼ିଣ ପକାନ୍ତେଣ ପୃଥ୍ୱୀ ।
ତହିଁ ଧାନ ମୁଣ୍ଡାଏକ ହେଲା ଉତପତ୍ତି ॥
କ୍ଷେ ମୁନି ତହିଁରୁ ଧାନ ହେଲା ମାଣକେ ।
ତା ଅଣି କର ବହନ କରିଲି ହେ ମୁନି ॥
ଯେ ଭରମାଣ ବୁଣିଲି ସେ ଭୂମିର କଡ଼ ।
ତହିଁରୁ ହେଲା ଶକଣ ପୌଷ୍ଟ ଉତପତ୍ତି ॥
ଅହେ ମୁନି ସେ ଧାନକୁ ମୁହିଁ କଲି ବୃଦ୍ଧି ।
କୋଡ଼ିକେ ପାଞ୍ଚପାହ ଯେ ଯେନେ ଯଥାବିଧି ॥
ସେ ଭୂମିରେ ବୁଣେ ଯେତେ ତେତେ ଉପୁଜଇ ।
ସବୁ ସଂଯୋଗ କରିଣ ମୁହିଁ ଥୋଇ ଥାଇଁ ॥
ପାଞ୍ଚ ପାହ ପ୍ରମାଣରେ ବୁଣ ମୁଁ ଢଅଇଁ ।
ବହନ ପରସ୍ପ କର ସେ ଧାନ ଯେନଇଁ ॥
ଜୀମୂତବାହନ ରାଜ୍ୟେ ଅପାଳକ କଲା ।
ମୋଠାରୁ ଲକ୍ଷେ ଭରଣ ଧାନ ବୁଣ ନେଲା ॥
ବରଷାନ୍ତେ ବେନି ଲକ୍ଷ ଭରଣ ସେ ଯାଚେ ।
ମୁହିଁ ବୋଇଲି ଏମନ୍ତ ଧର୍ମ କାହିଁ ଅଛି ॥
ଅହେ ଜୀମୂତବାହନ ଏହି ବିଧାନକୁ ।
କୋଡ଼ିକରେ ପାଞ୍ଚ ବୃଦ୍ଧି ମାଗଇଁ ତୁମ୍ଭଙ୍କୁ ॥
ଲକ୍ଷେ ଭରଣକୁ ପାଞ୍ଚଯାହ ଯେତେ ହୋଇ ।
ତହୁଁ ଅଧିକ ଗୋଟିଏ ମୁହିଁ ନ ଯେନଇଁ ॥
ଧାନ ଦେଇ ମୋତେ ସର୍ବେ କଲେ ଧନ୍ୟ ଧନ୍ୟ ।
ବୋଇଲେ ବର୍ତ୍ତିଥାଅ ତୁ ଅମ୍ଭ ଅସୁ ଯେନ ॥
ଏଣୁ ସତ୍ୟଯୁଗ ନେଲି ବଡ଼ିତ କଲ୍ୟାଣେ ।
ଅଦ୍ଭୁତ କହିବା ମୋର ଓଲୋକଙ୍କ ବଚନେ ॥

ନାରଦ ବୋଇଲେ ଶୁଣ ଅମ୍ବିକା ଚଣ୍ଡାଳ ।
ପାଞ୍ଚ ବର୍ଷ ଅପାଳକ ଦ୍ୱୀପ ଯେ ସିହଳ ॥
ନହୁଷ ନରପତିର ଅଟଇ ସେ ରାଜ୍ୟ ।
ତୋ ତହିଁକି ଅଇଲୁଁ ହେ ଅମ୍ଭେ ତେଣୁ ଆଜ ॥
ତୋହର ବିବେକବନ୍ତ ନାହିଁ ତ୍ରିଭୁବନ ।
ଏ ସଂସାର ଗୋଟିକୁ ତୁ କର ଉଦ୍ଧାରଣ ॥
ଚଣ୍ଡାଳ ବୋଇଲା ମୁହିଁ ନ ଧରେଁ ଅବଧି ।
ଏକ କଥାଏ ମୋହର ଶୁଣ ତପୋନିଧି ॥
ଦିବ୍ୟ ଦୁହିତା ଗୋଟିଏ ଅଛି ଯେ ମୋହର ।
ତାହାର ସମାନେ ମୁହିଁ ନ ପାଇଲି ବର ॥
ସେ ଦୁହିତା ଗୋଟିକ ମୁଁ ପ୍ରଦାନ କରିବି ।
ଏ ଧାନଯାକ ତାହାକୁ ଯଉତୁକ ଦେବି ॥
ଏହା ଶୁଣି ନାରଦ ଯେ କର୍ଣ୍ଣେ ହସ୍ତ ଦେଲେ ।
ପିତାମହ ଛାମୁରେ ସେ ଯାଇଣ କହିଲେ ॥
ଶୁଣ ଦେବ ସାବଧାନେ ଅହେ ଜଗତ୍ପିତା ।
ଚିନ୍ତାମଣି ନାଥ ତୁହି ଜଗତକରତା ॥
ସିହଳଦ୍ୱୀପରେ ପୁଣ୍ୟତୋୟା ନଗରରେ ।
ଅମ୍ବିକା ନାମେ ଚଣ୍ଡାଳ ଅଛଇ ତହିଁରେ ॥
ତାହାତହିଁ ଧାନ ଅଛି ପାଞ୍ଚପଦ୍ମ ବସି ।
ମୁଁ ବୋଇଲି ଏ ଧାନ ତୁ ନହୁଷକୁ ଦେସି ॥
ସେହି କଥାରେ ସମ୍ମତ କରିଲା ଚଣ୍ଡାଳ ।
ଧାନ ଦେଇ ନହୁଷକୁ ଦିଅ ତତକାଳ ॥
ନାରଦଙ୍କ ମୁଖୁଁ ଏହି ବଚନକୁ ଶୁଣି ।
ବଶିଷ୍ଠ ବୋଇଲେ ତ୍ରଇଲୋକ୍ୟ ଚିନ୍ତାମଣି ॥
ନାରଦ ଏବେ ଅଇଲେ ଧାନ ଠାବ କରି ।
ସେ ଧାନକୁ ଅଣୁ ବେଗେ ଯାଇ ଦଣ୍ଡଧାରୀ ॥
ବ୍ରହ୍ମାଙ୍କର ବଚନରେ ବଶିଷ୍ଠ ଯେ ଗଲେ ।
ନହୁଷ ରାଜାକୁ ବେଗେ ଯାଇଣ କହିଲେ ॥
ଅମ୍ବିକା ଚଣ୍ଡାଳଠାରୁ ଅଣ ଯାଇଁ ଧାନ ।
ଏହା ବୋଇଲେ ବଶିଷ୍ଠ ମହା ତପୋଧନ ॥
ଯେତେ ପୁରେ ତୋର ହୋଇଅଛି ଅନାବୃଷ୍ଟି ।
ପରଜାମାନଙ୍କୁ ଅଣି ଧାନ ଦିଅ ବାଣ୍ଟି ॥
ଋଷିର ବଚନ ଶୁଣି ଗଲେକ ନହୁଷ ।
ପୁଣ୍ୟତୋୟା ନଗରରେ ହୋଇଲା ପ୍ରବେଶ ॥
ସନ୍ନିଧିକୁ ଡାକାଇଣ ଅମ୍ବିକା ଚଣ୍ଡାଳ ।
ବୋଇଲେ ଏ ଧାନ ବୁଣ ଦିଅ ତତକାଳ ॥

Digitized by srujanika@gmail.com

ଚଣ୍ଡାଳ ବୋଇଲା ତୁ ହୋ ଅଟୁ ଚକ୍ରବର୍ତ୍ତୀ ।
ସୋମବଂଶେ ଜାତ ତୁ କ କଉରୁ ଅଜାତ ॥
ତୁମ୍ଭ ବାନ୍ଧବଙ୍କେ ସିନା ତପ ଧର୍ମ ସଙ୍ଗ ।
ନହୁଷ ବୋଲେ ତୋ ଦ୍ରବ୍ୟ ବଳେ କେହ୍ନେ ନେବ
ଚଣ୍ଡାଳ ବୋଇଲା ଯେବେ ଧାନ ନେବୁ ସ୍ୱଚ୍ଛେ ।
ମୋର ଅଛି ଅବିବାହୀ ସୁନ୍ଦରୀ କନ୍ୟାଏ ॥
ତାହାକୁ ତୁ ବିଭା ଯେବେ ହୋଇବୁ ହୋ ସ୍ୱଚ୍ଛେ ।
ଧାନଯାକ ଜଉତୁକ ଦେବି ମୁଁ ନିଶ୍ଚେ ॥
ଏସନେକ ବ୍ରତ ମୁହିଁ କରିଛି ନୃବର ।
ତୁ ଦେବ ସର୍ବେଶ୍ୱର ହେ ବିଚାର ଯା କର ॥
ଶୁଣିଣ ନହୁଷ ରାଜା କର୍ଣ୍ଣେ ହସ୍ତ ଦେଲା ।
ଶିବ ଶିବ ସ୍ମରି ସେ ବାହୁଡ଼ି ଆଇଲା ॥
ବଶିଷ୍ଠଙ୍କ ଆଗେ ଆସି ନହୁଷ କହିଲା ।
ପ୍ରଥମରେ ହସ୍ତ ଯୋଡ଼ି ନମସ୍କାର କଲା ॥
ଅମ୍ବିକା ଚଣ୍ଡାଳର ହେ ଧାନ ଅଛି ଯେତେ ।
ମୋ ଦେଶେ ଅଣ୍ଟିବ ସାତବରଷ ପର୍ଯ୍ୟନ୍ତେ ॥
ସେ ବୋଲେ ମୋହର ଅଛି ଦୁହିତା ଗୋଟିଏ ।
ତାହାକୁ ବିବାହ ଯେବେ ହେବୁ ଦେବସ୍ୱଚ୍ଛେ ॥
ଏ ଧାନଗୁଡ଼ିକ ତୋତେ ଜଉତୁକ କରି ।
ଦେବି ଏ କଥାକୁ ଅଛି ମୁହିଁ ସତ୍ୟ କରି ॥
ବୁଦ୍ଧି କର ନ ଡରଇଁ ସତ୍ୟ ମୋର ବାକ୍ୟ ।
ଦୁହିତାକୁ ବିଭା କର ଦେବି ଜଉତୁକ ॥
ମୁଁ କେମନ୍ତେ ବିଭା ହେବି ଚଣ୍ଡାଳ ଦୁହିତା ।
ତେଣୁ ମୁଁ କହି ଅଇଲି ତୋହର ଯେ କତ ॥
ମୁହିଁ ଯୁବତରେ ଅଟେ ପୁଣି ସୋମବଂଶୀ ।
ଏଡ଼େବଡ଼ ବଂଶେ ଜନ୍ମି ହୋଇବି କି ଦୋଷୀ ॥
ଏହା ଶୁଣିଣ ବଶିଷ୍ଠ ଶୀଘ୍ର ହୋଇଗଲେ ।
ପିତାମହ ଆଗେ କହି ଅନ୍ତର ହୋଇଲେ ॥
ଏମନ ବଚନ ଶୁଣି ବ୍ରହ୍ମା ହୋଇ ତୁନି ।
ସନ୍ନିଧିକୁ ଡକାଇଲେ ସେ ବଶିଷ୍ଠ ମୁନି ॥
ତୁ ବେଗେ ଯାଅ ବଶିଷ୍ଠ ଚଣ୍ଡାଳର କତ ।
ସେ ଧାନ ସମସ୍ତ ନେଇ ନହୁଷ ନୃପତି ॥
ଶୁଣ ହୋ ପରୀକ୍ଷ ପତା ଅଣ୍ଟା ଘେନ ଶିର ।
ଚଳିଲେ ବଶିଷ୍ଠ ପୁଣ୍ୟତୋୟା ନଦୀତୀର ॥
ସେ ଚଣ୍ଡାଳ ଦେଖିଲା ଯେ ବଶିଷ୍ଠ ମୁନିଙ୍କୁ ।
ପଜା କରି ବସ୍ତ୍ର ବରୁ ଦେଲା ନେଇ ତାଙ୍କୁ ।
ବଶିଷ୍ଠ ଋଷି ବୋଇଲେ ଶୁଣ ହୋ ଚଣ୍ଡାଳ ।
ତୋହର ସଞ୍ଚିତ ହୋଇ ଅଛି ଧର୍ମ ବଳ ॥
ବୋଲନ୍ତି ସେ ପଣ୍ଡିତ ଆଗେ ଶୁକମୁନି ।
ଧର୍ମଶାସ୍ତ୍ର ବଶିଷ୍ଠ ଯେ ବଖାଣିଲେ ପୁଣି ।
ଭୋକିଲା ଜନକୁ ବେଳେ ଯେବେ ଦେବ ଅନ୍ନ ।
କୋଟି ସ୍ୱର୍ଣ୍ଣ ଦାନ ନୋହେ ତାହାର ସମାନ ॥
ତୋ ଘରେ ପାଞ୍ଚପଦ୍ମ ଧାନ ଅଛି ବସି ।
ଏ ଧାନ ଅମ୍ଭଙ୍କୁ ଦେଇ ବୈକୁଣ୍ଠେ ବସସି ॥
ଚଣ୍ଡାଳ ବୋଲେ ମୁଁ କିଛି ନ ଜାଣଇଁ ଧର୍ମ ।
ଏକା କଥା ଗୋଟିଏ ମୁଁ ଜାଣଇ ଉତ୍ତମ ॥
ଏ ମୋ ଦୁହିତା ଗୋଟିକ ବିଭା ଯେ ହୋଇବ ।
ସେହି ଲୋକ ଏହି ଧାନ ସବୁ ଘେନିଯିବ ॥
ଶୁଣିଣ ଏହା ବଶିଷ୍ଠ ବାହୁଡ଼ିଣ ଗଲେ ।
ପିତାମହ ଆଗେ ଯାଇଁ ସମସ୍ତ କହିଲେ ॥
ବଶିଷ୍ଠ କହିଲେ ପୁଣ ପିତାମହପାଶ ।
ନୋହିଲେ କପାଇଁ ଫେରି ଆସନ୍ତେ ନହୁଷ ॥
ସେ ବୋଲେ ଯାହାକୁ କନ୍ୟା ପ୍ରଦାନ କରିବ ।
ତାହାକୁ ଏ ଧାନଯାକ ଜଉତୁକ ଦେବ ॥
ଏମନ୍ତ ନିୟମ କରିଅଛି ସେ ଚଣ୍ଡାଳ ।
କହିଲେ ନ ଶୁଣଇ ତ ଧର୍ମ ଶାସ୍ତ୍ର ବୋଲ ॥
ଯାଅ ତୁ ବଶିଷ୍ଠ ପୁଣି ବୋଇଲେ ବିଧାତା ।
ବିଭା ହୁଅ ଯାଇଁ ତୁ ସେ ଚଣ୍ଡାଳଦୁହିତା ॥
ସେ ଧାନକୁ ଜଉତୁକ ଆଣିବର ଦିଅ ।
ସଚରାଚରର ଚିନ୍ତା ବହନ ଫିଟାଅ ॥
ଏତେକ ବଚନ ଶୁଣିକରି ମହାମୁନି ।
ଚଣ୍ଡାଳ ପୁରକୁ ବିଜେ କଲେ ତପୋଧନି ॥
ପିତାଙ୍କ ବୋଲରେ ଗଲେ ସେ ବଶିଷ୍ଠ ଯତି ।
ସଙ୍ଗେ ତାହାଙ୍କର ଗଲେ ଋଷି ପଉଲସ୍ତି ॥
ମାର୍କଣ୍ଡେୟ ମୁନି ଯେ ବାଲ୍ମୀକି ଅଗସ୍ତି ।
ବିଶ୍ୱାମିତ୍ର ବିଭାଣ୍ଡକ ବ୍ୟାସ ମହାଯତି ॥
ବଶିଷ୍ଠଙ୍କ ତୁଲେ ବ୍ରହ୍ମଋଷିମାନେ ଗଲେ ।
ଅମ୍ବିକା ଚଣ୍ଡାଳ ପୁର ଦୁଆରେ ମିଳିଲେ ॥
ଋଷିମାନେ ବୋଇଲେ ହୋ ଶୁଣ ତୁ ଚଣ୍ଡାଳ ।
ନହୁଷ ନୃପତି ତ୍ରୈଲୋକ୍ୟ ମହୀପାଳ ॥
ଏ ଧାନଯାକ ମାଗିଲେ ସେ ଆସିଣ ତୋତେ ।
ତୁ ସେ ରାଜାର ବଚନ ଲଙ୍ଘିଲୁ କେମନ୍ତେ ॥

Digitized by srujanika@gmail.com

ଅମ୍ବିକା ଚଣ୍ଡାଳ ବୋଲେ ଶୁଣିମା ଗୋସାଇଁ ।
ମୁଁ ଧାନ ମାଗିଲି ନାଅ ସତ୍ୟ ଯେ ରଖାଇ ॥
ଦୁହିତାକୁ ପ୍ରଦାନ ମୁଁ କରିବି ଯାହାକୁ ।
ଧାନଯାକ କଉତୁକ ଦେବି ମୁଁ ତାହାକୁ ॥
ବଶିଷ୍ଠ ବୋଇଲେ ଏବେ ଆଣ ତୋର ଝିଅ ।
ଯେ ତୋର କାମନା ଆଣି ଅମ୍ଭଙ୍କୁ ହୋ ଦିଅ ॥
ଶୁଣିଣ ଚଣ୍ଡାଳ ହେଲା ଅନେକ ହରଷ ।
ମଣ୍ଡିଲା ଭୂଷଣ ସେହୁ ବସ୍ତ୍ରରତ୍ନ କୋଷ ॥
ଅରୁନ୍ଧତୀ ନାମରେ ଯେ ତାହାର କୁମାରୀ ।
ରୂପଗୁଣେ ତାହାକୁ କେ ନ ହୋଇବ ସରି ॥
କମଳନୟନୀ ମତ୍ତ ମରାଳଗମନୀ ।
ପିକଭାଷୀ ଚନ୍ଦ୍ରହାସୀ ପୃଥୁଳଜଘନୀ ॥
ମଧ୍ୟ ସୂକ୍ଷ୍ମ ବକ୍ଷମହିତ ତାର ଠାଣି ।
ବନ୍ଧୁଲୀ ଅଧର ସେ ଯେ ଧରଣୀଶୋଭିନୀ ॥
ଜାତି ପଦ୍ମିନୀ ତାହାକୁ ନାହିଁ ପଟାନ୍ତର ।
ବେଶ କରି ଆଣିଦେଲା ବଶିଷ୍ଠ ଅଗର ॥
ବଶିଷ୍ଠଙ୍କୁ ମାର୍କଣ୍ଡେୟ ଅଗସ୍ତି ଯେ ମୁନି ।
ବିଭା କରାଇଲେ ତହିଁ ବେଦକୁଳ ଘେନି ॥
ଫଲ୍ଗୁମାସ କୃଷ୍ଣପକ୍ଷ ପ୍ରତିପଦା ଦିନ ।
ରବିବାର ରୋହିଣୀ ନକ୍ଷତ୍ର ବିଦ୍ୟମାନ ॥
ଚଣ୍ଡାଳର ଦୁହିତା ଯେ ଅଟେ ଅରୁନ୍ଧତୀ ।
ତାହାକୁ ବିବାହ ହେଲେ ସେ ବଶିଷ୍ଠ ଯତି ॥
ତାରା ବାର ଗ୍ରହ ଆଉ ଯେ ମାହେନ୍ଦ୍ର ଯୋଗ ।
ଶୁଭେ ବିଭା ବିଧି ଶେଷ କଲେ ଋଷିବର୍ଗ ॥
କୁଳଧର୍ମର ଗୋତ୍ରରେ ସେ ବଶିଷ୍ଠ ଯତି ।
ଅମ୍ବିକା ଗୋତ୍ରେ ବିବାହ ଚଣ୍ଡାଳ ଦୁହିତା ॥
ଅମ୍ବିକା ଗୋତ୍ରୀ ବୋଲି ସେ ଚଣ୍ଡାଳର ଋଷି ।
ବିଭା କରାଇଲେ ବୋଲି ଅଗସ୍ତି ମହର୍ଷି ॥
ବେଦକୁଳ ଘୋଷ ସେ ଯେ ବାଦ୍ୟଯନ୍ତ୍ର ତଉ ।
ହସ୍ତ ଗଣ୍ଠି ବନ୍ଧନାଦ କରନ୍ତି ସମସ୍ତ ॥
ଜୟ ଜୟ ମଙ୍ଗଳ ଯେ ଶୁଭେ ବହୁଧ୍ୱନି ।
ଶୁଭ କ୍ଷଣରେ ବିବାହ କରନ୍ତି ସେ ବେନି ॥
ବଶିଷ୍ଠଙ୍କର କରରେ ଚଣ୍ଡାଳୀର କର ।
ଲଗ୍ନ କାନ୍ଧିଲେ ଅଗସ୍ତି ମହା ମୁନିବର ॥
ସତ୍ୟେ ଘଟେ ଜଳ ତଳ ଭରଣ ଅଗସ୍ତି ।
ଅମ୍ବିକା ଚଣ୍ଡାଳ କରେ ଦେଲେକ ତତ୍ତ୍ୱ ॥

ଅମ୍ବିକା ଚଣ୍ଡାଳ ବୋଲେ, ନାହିଁ ମୋର ଧନ ।
ପାଞ୍ଚଶ ଅର୍ବୁଦ ମୋର ମାଣ ଅଛି ଧାନ ॥
ତାହା ମୁହିଁ କଉତୁକ ଦେଲି ଯଥାବିଧି ।
ବଶିଷ୍ଠ ବୋଲେ ଅମ୍ଭର ଏତେ କାର୍ଯ୍ୟସିଦ୍ଧି ॥
କଉତୁକ ସରିଲା ଯେ କୁଶଗଣ୍ଠି ପିଟ ।
ସ୍ୱାହା ସ୍ୱଧା ତୋଷ କଲେ ଲାଜାହୋମ ଘୋଟ ॥
ଅନଳ ମୂର୍ତ୍ତି କାଷ୍ଠଣ ସେ ଅଗସ୍ତି ଦେବେ ।
ହବିଭୋଗ ଦେଲେ ବୈଶ୍ୱାନରଙ୍କର ଜବେ ॥
ଏହିରୂପେ ବିଭାଘର ହେଲା ସମାପତ ।
ମହା ସନ୍ତୋଷ ହୋଇଲା ଚଣ୍ଡାଳର ଚିତ୍ତ ॥
ତହୁଁ ବଶିଷ୍ଠ ମହର୍ଷି ନକ୍ଷତ୍ରଙ୍କୁ ରାଜା ।
ଧାନଯାକ ସମର୍ପିଲେ ନାଅ ବୋଲି କହୁ
ତାହା ନେଇ ଗ୍ରାମେ ବାଣ୍ଟିଦେଲା ସେ ସ୍ୱଜନ ।
ସେ ଅନ୍ନ ଖାଇଣ ସର୍ବେ କଲେ ଧନ୍ୟ ଧନ୍ୟ ॥
ବୋଇଲେକ ଅରୁନ୍ଧତୀ ଅମ୍ଭ ଅସ୍ତୁ ଘେନ ।
କୋଟିକଳ୍ପ ବଞ୍ଚିଥାଉ ପତିସହ ପୁଣି ॥
ଶୁଣି ପରିଷିତ ସ୍ୱଜା ସର୍ବ ଅନୁସରେ ।
ଅରୁନ୍ଧତୀ ଚଳିଲେକ ବଶିଷ୍ଠଙ୍କ ସଙ୍ଗେ ॥
ବଟବୃତ ବଚନେ ମହାପାପୁଁ ସେ ତରିଲା ।
ଚଣ୍ଡାଳକୁଳୁଁ ଦୁହିତା ପାର ହୋଇଗଲା ॥
ଏରୂପେ ଅଟଇ ଜାଣ ବ୍ରାହ୍ମଣଙ୍କ ବଳ ।
ଚଣ୍ଡାଳୁଣୀ ଅର୍ଦ୍ଧଅଙ୍ଗ ହେଲା ଶରବାଳ ॥
ଯାହା ସ୍ନେହେ ଅରୁନ୍ଧତୀ ସୁଧା ହୋଏ ପାଶ ।
ଦେବଋଷି ରାଜଋଷି କରନ୍ତି ତା ସ୍ନେହ ॥
ବଶିଷ୍ଠେ ଯାଗ କରିଲେ ଅରୁନ୍ଧତୀ ଘେନି ।
ଅନ୍ନପୂର୍ଣ୍ଣା ସଙ୍ଗେ ହେଲା ସେ ସ୍ୱର୍ଗଗାମିନୀ ॥
ତହିଁ ଅଧିକ ଯେ ଷଷ୍ଠି ଥିଲେ ଅନ୍ନପୂର୍ଣ୍ଣା ।
ଅରୁନ୍ଧତୀ ମେଳି ଚଉଷଠି ଯେ ଗଣନା ॥
ଯେ ବ୍ରହ୍ମଋଷି ପ୍ରଳୟକାଳେ ନୋହେ ନାଶ ।
କାଳେ ଅରୁନ୍ଧତୀ ପୁଣି ହେଲା ଗର୍ଭବାସ ॥
ସେହୁ ଜାତ କରିଲା ଯେ ମହର୍ଷି ଶକ୍ତି ।
ଅତିଭାଗ୍ୟ କରିଥିଲେ ସେହୁ ରୂପବତୀ ॥
ଶକ୍ତିଙ୍କର ନନ୍ଦନ ଋଷି ପରାଶର ।
ପରାଶର ନନ୍ଦନ ଯେ ବ୍ୟାସ ମୁନିବର ॥
ବଶିଷ୍ଠଙ୍କ ତହୁଁ ଷଷ୍ଠି ସୁତ ହେଲେ ଶେଷେ ।
ବୈଦୋକ୍ୟ ପାତକ ନାଶ ହେଲେ ସ୍ୱର୍ଗବାସୀ ॥

Digitized by srujanika@gmail.com

ତୁ ପୁଚ୍ଛା କଲୁ ଚଣ୍ଡାଳ ପୁରର ଯେ କଥା ।
କହଲୁଁ ତେଣୁ ଅମ୍ବିକ ଚଣ୍ଡାଳବାରତା ।
ସେ ଚଣ୍ଡାଳ ଅନ୍ନ ଖାଇ ବର୍ତ୍ତିଲେ ସଂସାର ।
ପୃଥ୍ୱୀରେ ଶସ୍ୟ ଜାତ ହୋଇଲା ଅପାର ॥
ଅତି ଆନନ୍ଦ ହୋଇଲା ସେ ନୈଷଧ ସ୍ୱାମୀ ।
ସେ ଅମ୍ବିକା ଚଣ୍ଡାଳକୁ ଦେଲା ଦ୍ରବ୍ୟ ଭୂମି ॥
ଜନବଂଶ ନରଭୂତ ଦାଣ୍ଡ ଭୂମି ଦେଲା ।
ତାହା ପାଇ ଚଣ୍ଡାଳ ଯେ ମହାସୁଖୀ ହେଲା ॥
ସେ ନଗ୍ର ହୋଇଲା ସରସ୍ୱତୀ ନଦୀକୂଳେ ।
ଚଣ୍ଡାଳପୁର ବୋଲଣ ରହେ ସର୍ବ କାଳେ ।
ଶୁଣିଣ ସାନନ୍ଦ ହେଲେ ପରୀକ୍ଷ ନୃପତି ।
ତବ ମୂର୍ତ୍ତି ଶୁଣି ଫିଟିଲା ମନୋଭ୍ରାନ୍ତି ॥
ନମୋ ନାରାୟଣ ନରସିଂହ ଯାର ରୂପ ।
ନରକନାଶନ ଦେବ ସଦାସ୍ତୁ ସ୍ୱରୂପ ॥
ଅଲ୍ପ ତେ ସ୍ତମ୍ଭରୁ ପ୍ରକାଶିଲା ଯାର କାୟେ ।
ବ୍ରହ୍ମାଣ୍ଡସୋହିଲା ଯେଉଁ ଦେବ ତେଜୋମୟେ ॥
ବିଷ୍ଣୁର ଭକତ ହେଲା କୁମାର ପ୍ରହ୍ଲାଦ ।
ସେ କୁମାରକୁ ଦଣ୍ଡିଲା ବନ୍ଧୁତ ଦନୁଜ ॥
ଭକତବତ୍ସଳ ତୁ ସେ ପରଂ ଯୋଗନାଥା ।
ପ୍ରଳୟ ରୂପ ଯାହାର ହାଦେ କାମକାୟା ॥
ଧେବକୁ ଅଗୋଚର ସେ ନରସିଂହମାୟା ।
ଅଲ୍ପ ତେ ସ୍ତମ୍ଭରୁ ଜାତ ଶ୍ରୀ ନୃସିଂହ କାୟା ॥
ବଡ଼ ଦୁର୍ଦ୍ଧର ଅଟଇ ଦୈତ୍ୟ ହିରଣ୍ୟାକ୍ଷ ।
ଜାନୁରେ ପକାଇ ତାକୁ ଚିରିଲେ ପ୍ରତ୍ୟକ୍ଷ
ଏକଇ ସମୟରେ ଦେବ କୋଟି ଭୁଜ ବ୍ୟାପି ।
ସେ ପ୍ରଭୁ ମହିମା କେହୁ କହିବ ସଙ୍କ୍ଷେପି ॥
ନବ ସହସ୍ର ଯୋଜନ ହିରଣ୍ୟର କାୟେ ।
ତବ ନଖକୋଣରେ ସେ ଗୋପ୍ୟ ହୋଇଯାଏ ॥
ହିରଣ୍ୟ ନାଶି ଯେ ପ୍ରହ୍ଲାଦେ ରକ୍ଷା କରୁ ।
ଦେବତାଙ୍କ କଷ୍ଟ ଅହେ ଫେଡ଼ିଲୁ ମୁରାର ॥
ମହାଘୋର ରୂପ ଦେଖି ଦେବେ କଲେ ଭୟେ ।
ଲକ୍ଷ୍ମୀ ପେଷି କୋପଶାନ୍ତି କଲେ ଦେବତାଏ ॥
ଭକତବତ୍ସଳ ଦେଖି ନରସିଂହ ଶାନ୍ତ ।
କୋପକୁ ମନୁ ତେଜିଲେ ଅନନ୍ତ ମୂରତି ॥
ଶ୍ରୀ ନୃସିଂହ ଛବିଇ ଯେ ମମ ହୃଦଗତେ ।
ଲଭର ଲଳମଗତ ନୃସିଂହ ଚରିତ୍ରେ ॥
ନୃସିଂହ ସ୍ମରଣ ନରେ ପାପମାନ ଖଣ୍ଡ ।
ନୃସିଂହ ସ୍ମରଣ ନରେ ଯମହିଁ ନ ଦଣ୍ଡ ॥
ନୃସିଂହ ସ୍ମରଣ ନରେ ଆପଦ ନ ପଡ଼ ।
ମନରେ ଚିନ୍ତି ନୃସିଂହ ଆୟୁ ଧନ ବଢ଼ ॥
ନୃସିଂହ ସ୍ମରଣ ନରେ ସ୍ୱର୍ଗ ହୋଇ ବାସ ।
ନୃସିଂହ ସ୍ମରଣ ନରେ ଫିଟୁ କାଳପାଶ ॥
ନୃସିଂହ ସ୍ମରଣ ନରେ ଖଣ୍ଡୁ ଜରା·ବ୍ୟାଧି ।
ନୃସିଂହ ସ୍ମରଣ ନରେ ଆୟୁ ହୋଇ ବୃଦ୍ଧି ॥
ନୃସିଂହ ସ୍ମରଣ ନରେ ନ ଛୁଇଁବ ସର୍ପ ।
ନୃସିଂହ ସ୍ମରଣ ନରେ ସିଦ୍ଧ ହୋଇ ତପ ॥
ନୃସିଂହ ସ୍ମରଣ ନରେ ଯାଉ ହେ ଅରିଷ୍ଟି ।
ନୃସିଂହ ସ୍ମରଣନ୍ତେ ଯେ ସୁଧା ହେବ ବୃଷ୍ଟି ॥
ନୃସିଂହ ସ୍ମରଣ ନରେ ନାଶ ସର୍ବ ପାପ ।
ନୃସିଂହ ସ୍ମରଣ ନ କର ଆନ ତପ ॥
ନୃସିଂହ ସ୍ମରଣ ନରେ ଶତ୍ରୁ ହୋଇ କ୍ଷୟେ ।
ନୃସିଂହ ସ୍ମରଣ ନିରମଳ ହୋଇ କାୟେ ॥
ଶ୍ରୀ ନୃସିଂହ ଶ୍ରୀ ଚରଣେ ଥାଉ ମମ ସେବା ।
ଶୂଦ୍ର ମୁନି ଶାରଳାକୁ ଗତି ମୁକ୍ତି ଦେବା ॥

## ମହିଷାସୁର ନିକଟରେ ଚଣ୍ଡ ମୁଣ୍ଡଙ୍କର ଦୁର୍ଗାଙ୍କ ବାର୍ତ୍ତା ଜଣାଇବାର ।

ଶୁକ ବୋଇଲେ ତୁ ଶୁଣ ହେ ପରୀକ୍ଷରାୟେ ।
ଶ୍ରୀଦୁର୍ଗାଚରିତ ଶୁଣି ପାପ କର କ୍ଷୟେ ॥
ରତ୍ନଗିରିଶିଖେ ବିଜେ କଲେ ଦେବୀ ଦୁର୍ଗେ ।
ହେଜନାବଳ ପୁରେ ଦୃଷ୍ଟି ଦେଲେ ମହାରଗେ ॥
ଅସୁର ପୁର ରହିଲା ବାମଭାଗକତି ।
ବଣିଜନ୍ମେ ଗ୍ରହିଲେ ଅଦ୍ଭୁତ ମୂରତି ॥
କନ୍ୟାମାସ ଶୁକ୍ଳପକ୍ଷ ତିଥି ଯେ ଅଷ୍ଟମୀ ।
ରହିଲେ ଜଗତମାତ ଅସୁରଙ୍କ ଭୂମି ॥
ଚଣ୍ଡ ମୁଣ୍ଡ ନାମେ ଯେଉଁ ସୈନ୍ୟ ସେନାପତି ।
ବନ କନ୍ଦରେ ପଶିଣ ମୃଗୟା କରନ୍ତି ॥
ଗହନ ବନ ଲତିକାମାନଙ୍କ ଭିତରେ ।
ଖେଦଣ ମୃଗ ମାରନ୍ତି ବେନି ଯେ ଅସୁରେ ॥
ମଧ୍ୟାହ୍ନେ ନଦୀକି ସ୍ନାନ ଅର୍ଥେ ଗଲେ ସେହି ।
ଦେଖିଲେ ଜଳେ ଅଦ୍ଭୁତ ହେମପଦ୍ମ ବହି ॥

Digitized by srujanika@gmail.com

ବଜ୍ରବକ୍ତ୍ର ଦାନବ ସେ ଅପରୂବ ଦେଖି ।
ଗୋଡ଼ାଇଲେ ନଦୀରେ ସେ ସ୍ନାହାନ ଉପେକ୍ଷି ॥
ବଜ୍ରବକ୍ତ୍ର ଦାନବେ ଏ ବଡ଼ାଇ ଅପୂର୍ବ ।
ଆନ ଜନେ ନ ଦେଖି ତ ଏସନ ସ୍ୱଭାବ ॥
ମଳୟ ବସନ୍ତ ଯେନ ଗନ୍ଧ ଆମୋଦଇ ।
ବେଢ଼ିଁ ବେଳ ସବାଳ ସେ କଲେ ବେନି ଭାଇ ॥
ସେ ନଦୀକ ପାର ହୋଇ ଗଲେ ବେନି ବୀର ।
ଦେଖିଲେ କନ୍ୟାଏ ଅଛି ପର୍ବତ ଉପର ॥
ତାହା ଚରଣେ ସୁବର୍ଣ୍ଣ ପଦ୍ମ ଯେ ଫୁଟଇ ।
ବଜ୍ରବକ୍ତ୍ର ଦାନବେ ଏ ଲକ୍ଷ୍ମୀ ଯେ ଅଟଇ ॥
କମୂତ କାରଣେ ଏହୁ ନାରାୟଣେ ତେଜ ।
ବଇକୁଣ୍ଠ ଛାଡ଼ି କପି ମଧୁପୁର ଭଜ ॥
ଅପୂର୍ବ ଦେଖି ପୁଛନ୍ତି ତହିଁ ଭାଇ ବେନି ।
କାହାର ସୁନ୍ଦରୀ ତୁ ଗୋ ଜଗତମୋହନ ॥
ଭ୍ରମିଅଛୁ ଅମ୍ଭେ ତୁହେଁ ଚତୁର୍ଦ୍ଦଶପୁର ।
ଏମନ୍ତ ସୁନ୍ଦରୀ କାହିଁ ନ ଦେଖି ନେତ୍ରର ॥
ଦନୁଜଙ୍କର ମୁଖରୁ ଏସନେକ ଶୁଣି ।
ମଉନ ହୋଇ ରହିଲେ ଦେବୀ ଗୋସାମଣୀ ॥
ହେଠ ମୁଖ କରିଦେଲେ ଭୂମିକି ସେ ଦୃଷ୍ଟି ।
ଅଚଳ ଉହାଡ଼ ନରେଯନ୍ତ୍ର କର୍ମ ଗୋଷ୍ଠ ॥
ଚଣ୍ଡାସୁର ଦାନବ ଯେ ମଧ୍ୟରେ ସମ୍ଭାଷି ।
ଅଗୋ ମହାରାଣି ତୁହ କେଉଁ ପୁରୁ ଅସି ॥
କାହିଁ ଅଇଲୁ ଗୋ ସଖି କେ ତୋହର ପତି ।
କେ ତୋହର ପିତା ମାତା କେଉଁପୁରେ ସ୍ଥିତ ॥
କାମିନୀ ବୟସ ତୋର ରୂପେ କାମସେନା ।
କାହିଁ ଦୋଷରେ ତୋତେ କଲା କେ ଲାଞ୍ଛନା ॥
କେବଣ ଦୁର୍ବଳକ ଗୋ ଅଟଇ ତୋର ପ୍ରଭୁ ।
ତହିଁର କାରଣ ମୋତେ ବୁଝାଇ କହିବୁ ॥
କିବା କରାଇଲୁ ପର ଭୋଗ କାର୍ଯ୍ୟ ପତେ ।
ସେ ଯେନ ଅବା ପୁରୁଷ ଉପେକ୍ଷିଲା ତୋତେ ॥
କି ଅବା ରାକ୍ଷସୀ ତୁ ପିଶାଚୀ ଜାତି ।
କି ଅବା ଅଟୁ ତୁହ ଗୋ ବନର ଦେବତା ॥
ଉପଦ୍ରବ ନାହିଁ ମଣିମନ୍ତନ ସଜାର ।
ଏ ପର୍ବତ ଦ୍ୱୀପରେ ଯେ ଅଟେ ଅଧୀଶ୍ୱର ॥
ତାହାର ବଶ ହୋଇଣ ରହିବୁ ତୁ ଅସ ।
ଭୁଞ୍ଜାଇଦେବାଟି ତୋତେ ସୁବର୍ଣ୍ଣ ଉଆସ ॥

ବ୍ୟାଘ୍ର ଭଲ୍ଲୁ ଦୁଷ୍ଟ ଜନ୍ତୁ ଅଛନ୍ତି ଏଠାର ।
ଦୃଷ୍ଟିମାତ୍ର ହୋଇଲେ ଅଟି କରିବେ ଅହାର ॥
ଅମ୍ଭେ ତ ଏ ବନସ୍ତରେ ଅଟୁଁ ଅଧିକାରୀ ।
ଅରିଷ୍ଟି ଉତ୍ପାତ ହେଲେ ଅମ୍ଭେ ସେ ନିବାର ॥
କେବଣ କାରଣେ ଗୃହବାସ କଲୁ ତେଜ୍ୟା ।
ଅଛି କି ସମ୍ମତ ହେବୁ ଅମ୍ଭର ଭାରିଯା ॥
ଅନେକ ରତନ ଅଳଙ୍କାର ତୋତେ ଦେବୁ ।
ପ୍ରାଣୁ ଅଧିକ କରିଣ ପ୍ରତିପାଳିଥିବୁଁ ॥
ସ୍ୱାମିପଣ ଛାଡ଼ି ତୋର ହୋଇଥିବୁଁ ଭୃତ୍ୟ ।
ବିନୟଭାବରେ ତୋତେ ଖଟିଥିବୁଁ ନିତ୍ୟ ॥
ତ୍ରୈଲୋକ୍ୟ ଠାକୁର ମୈଷାସୁର ନରପତି ।
ଦେବାଧି ଦେବଙ୍କ ପରେ ଯେହୁ ଚକ୍ରବର୍ତ୍ତୀ ॥
ମୈଷାସୁର ନୃପତିର ସେନାପତି ଅମ୍ଭେ ।
ତାହାଙ୍କୁ ଯେପରି ଗୁରୁପଣେ ଖଟୁଁ ଦମ୍ଭେ ॥
ହେ ପରାକ୍ଷ ତାଙ୍କ ବାଣୀ ଶୁଣି ମାହେଶ୍ୱରୀ ।
ଦ୍ରୁହାଦ୍ୟ କରିଣ କହୁଛନ୍ତି ଧୀର କରି ॥
କମ୍ପିତ ଦୃଷ୍ଟିରେ କଲେ ସେ ଅବଲୋକନ ।
ମୋହେ ଅସାଷ୍ଟମ ତହିଁ ହେଲେ ଦୁଇଜଣ ॥
ମୁଖେ ଅଙ୍ଗୁଷ୍ଠି ଦେଇଣ ପଢ଼ନ୍ତି ଯେ ପାୟେ ।
ବୋଲନ୍ତି କାମଜଳରୁ ଉଦ୍ଧର ଗୋ ମାୟେ ॥
ଶ୍ରୀ ଦୁର୍ଗା ବୋଇଲେ ତୁମ୍ଭେ ଶୁଣ ବେନି ବୀର ।
ମୋତେ ପୁଛା କଲ କୁଳଗୋତ୍ର ଯେ ମୋହର ॥
ପିତାର ନାମ ମୋହର ଅଟେ ହୁତାଶନ ।
ଅଣାକାର ଅଗ୍ନିର ମୁଁ କନ୍ୟା ଅଟେ ଜାଣ ॥
କାଳେ ମୋହର ଯେ ନିରାକାରଗୋତ୍ର ।
ସ୍ୱାମୀ ମୋହର ଅଟଇ ପରମ ଦୈବତ ॥
ଏତହିଁ ଅଭାଗିନୀ ମୁଁ ଦୁଷ୍ଟ ମୋ ପ୍ରକୃତି ।
ନ ସହିବାରେ ସ୍ୱାମୀରେ ନୋହିଲି ଭକତ ॥
ପୁରୁଷ କଷଣୁ ମୋର ନାହିଁ ଅନ ବାଞ୍ଛା ।
ତେଣୁକରି ସ୍ୱାମୀ ମୋତେ କଲେକ ଉପେକ୍ଷା ॥
ଏକଦିବ ସ୍ୱାମି ସଙ୍ଗେ ନାହିଁ ମୋର ଶଯ୍ୟା ।
ବିମୁଖ ହୋଇଣ ମୋତେ ପ୍ରଭୁ କଲେ ତେଜ୍ୟା ॥
ମୁଁ ବିମୁଖ ହୋଇ ନ କଲଇଁ ଗୃହବାସ ।
ସମସ୍ତ ଛାଡ଼ିଣ ମୁଁ ଯେ ହୋଇଲି ନିରାଶ ॥
ମୋର ଅଉ ଜୀବନକୁ ଅଛି କି ଉପାୟେ ।
ରକ୍ଷ ରାକ୍ଷସଙ୍କୁ ତେଣୁ ନ କରଇଁ ଭୟେ ॥

Digitized by srujanika@gmail.com

ଏହୁଁ ଏହୁଁ କାତ୍ୟାୟନୀ ବଚନ ଶରଣ୍ୟ ।
ହାସେ ଘୂର୍ଣ୍ଣ ବଳ୍ଗଲେ ଯାଇଁ ଚଣ୍ଡ ମୁଣ୍ଡ ॥
ମନେ ମନେ ବୁଝି ବୁଝି ଜାଣିଲେ ବୃତ୍ତାନ୍ତ ।
ବୋଇଲେ ଅମୃତ ପ୍ରାପ୍ତ ନୋହନ୍ତ ନା ଦୈତ୍ୟ ॥
ଚଣ୍ଡାସୁର ବୋଇଲା ଗୋ ଶୁଣ ମହାସତୀ ।
ମହିଷାସୁର ସ୍ୱଜାବ ହୋଇବୁ ଯୁବତୀ ॥
ସ୍ୱଜାର ସ୍ଥମୁରେ ଜଣାଇବୁଁ ତୋର କଥା ।
ବର୍ବରକୁ ଯୋଗାଇଲେ ଅଳ୍ପି ହସ ମାତା ॥
ଦୁର୍ଗା ବୋଇଲେ ଜଣାଅ ତୁମ୍ଭ ରଜାପାଶେ ।
ଅମ୍ଭେ ଅସିଅଛୁଁ ଅହୋ ମୈଷାସୁର ଆଶେ ॥
ଏମନ ପ୍ରକାରେ ଯହୁଁ ଶୁଣିଲେ ସେ ବାଣୀ ।
କର୍ଣ୍ଣେ କର ଦେଇ ସାରେ ଛୁଇଁଲେ ଧରଣୀ ॥
ତୁମ୍ଭେ ଅମ୍ଭ ଠାକୁରାଣୀ ହୋଇଲ ଗୋ ବାମା ।
ଦଣ୍ଡଦୋଷ ଗୋସାମଣି କର ଅମ୍ଭ କ୍ଷମା ॥
ଶିବ ଶିବ ସୁମରଣ ଯାନ୍ତି ଚଣ୍ଡ ମୁଣ୍ଡେ ।
ପବନୁ ବେଗେ ଚଳନ୍ତି ନ ରହନ୍ତି ଦଣ୍ଡେ ॥
ମଣୋହି ସାରେ ରଜା ଅସ୍ଥାନରେ ଥିଲେ ।
ବେନି ସାରେ ଦରଶନ କଲେ ମହାସୁରେ ॥
ବନସ୍ତ ଦେଖି ମହିଷାସୁର ଯେ ପୁଚ୍ଛଇ ।
କ ହୋ କେବଣ ଅପୂର୍ବ କାହିଁରେ ଅଛଇ ॥
ଚଣ୍ଡ ମୁଣ୍ଡ ବୋଇଲେକ ହେ ମସ୍ତମଣ୍ଡନ ।
ତୁମ୍ଭେ ତ ସର୍ବଜ୍ଞ ନାଥ କିସ ବା ନ ଜାଣ ॥
ଅମ୍ଭେ ବେନି ଭାଇ ମୃଗୟାର୍ଥେ ଯାଇଥିଲୁଁ ।
ଲକ୍ଷ୍ମୀଭଦ୍ରା ନଦୀକି ଯେ ସ୍ନାନ କରି ଗଲୁଁ ॥
ସୁବର୍ଣ୍ଣର ପଦ୍ମଫୁଲ ଭାସି ଦେବ ତହିଁ ।
ଅତ୍ୟନ୍ତ ସୌରଭ କରି ଯାଉଛି ସେ ବହି ॥
ତାହା ଦେଖିକରି ଅମ୍ଭେ ଗଲୁଁ ଯେ ଖୋଜାଇ ।
ଦେଖିଲୁଁ ସ୍ତ୍ରୀ ଏକ ବସି ଅଛଇ ଯେ ତହିଁ ॥
ଶୁଣ ଅହେ ନୃପତି ସେ ତ୍ରିଭୁବନେ ଏକା ।
ସଙ୍ଗେ ତାର କେହି ନାହିଁ ବସିଛି ନାୟିକା ॥
ରୂପ ଗୁଣ ପଟାନ୍ତର କହିବା ତା କିସ ।
ଅଜାଶର ରମ୍ଭା ନୋହେ ତାହାର ସଦୃଶ ॥
ଅରକ୍ତ ନୟନ ବାମା କୁଟିଳା ତା ଦୃଷ୍ଟି ।
ବକ୍ରନୟନ ଚାହିଁଲେ ଶୈଳ ଯିବ ଫୁଟି ॥
ତରଙ୍ଗ ତରଳ ନେତ୍ର ଚଞ୍ଚଳ ଭୁଭଙ୍ଗୀ ।
ସଙ୍ଗ ବସ୍ତ୍ରନରେ ସେହ୍ନ ସୁହଇଁ ବରଙ୍ଗୀ ॥

ସ୍ୱାମି ହେମଘଣ୍ଟଣ ଯେ ତିଳପୁଷ୍ପ ନାସା ।
ତାକୁ ଦେଖନ୍ତେ ଆନକୁ ନ ବଳଇ ଆଶା ॥
ବେନି ଶ୍ରବଣେ ଲୁଲନ୍ତି ବେନି ଯେ କୁଣ୍ଡଳ ।
ପୁରୁଷ ନାଶକୁ କି ବା ପାତିଅଛି ଜାଲ ॥
ମୟୂର ପୁଚ୍ଛ ପରାୟେ ଅଧର ସୁରଙ୍ଗ ।
ତାକୁ ଦେଖି ଯୋଗିଯୋଗ ହୋଇଯିବ ଭଙ୍ଗ ॥
କୋକିଳ ସ୍ୱର ସମାନ ବାଣୀଟି ତାହାର ।
ଭ୍ରମଇ ଯେମନ୍ତ ସେହ୍ନ ବସନ୍ତ ଋତୁର ॥
ତାହାର ବଚନ ଦେବ ସୁଧାରସ ଜାଣି ।
ମୁନିମାନେ ତପ ଉପେକ୍ଷିବେ ତାହା ଶୁଣି ॥
ହେମ କମ୍ବୁ ପ୍ରାୟେ ତାର ସୁଲଳିତ କଣ୍ଠ ।
କିସ ପଟାନ୍ତର ଦେବ ତାର ସନସ୍ତ ॥
ପ୍ରଲମ୍ବ ସୁବଳିତ ଯେ ତାର ବେନି ଭୁଜ ।
କୁମୁଦ ମୃଣାଳ ପ୍ରାୟେ ସୁଶୀତଳ ତେଜ ॥
ଶତ ଦାହ ସ୍ୱର୍ଣ୍ଣ ପ୍ରାୟେ ଅଙ୍ଗୁଳିର ଜ୍ୟୋତି ।
ନଖ ବରଜନ୍ତି ଯଥା ପାଟୁଳୀ ସେବତୀ ॥
ବିସ୍ତାର ତା ବକ୍ଷସ୍ଥଳ ସଙ୍ଗ ବେନିବାହୁ ।
ପୁରୁଷକୁଳକୁ ସେହ ପ୍ରତ୍ୟକ୍ଷେ କି ରାହୁ ॥
ହେମ କୁମ୍ଭଘଟଣ କି ତାର କୁଚ ବେନି ।
ଅଚଳ ନାଶଇ ତାର ଅନ୍ଧାର ରଜନୀ ॥
ସେ ହରି ଉଦ୍ୟାନବନ ଯେ ଅନ୍ଧାରମଧ୍ୟେ ।
ତାହା ତେଜ ଲାଗି ଦଶେ ଚନ୍ଦ୍ର ଉଦେ ପ୍ରାୟେ ॥
ସ୍ୱାମ ଶରଦ ଯେ ହିମ ଶିଶିର ବସନ୍ତ ।
ଗ୍ରୀଷ୍ମ ବରଷା ଷଡ଼ଋତୁ ଅତଯାତ ॥
ଏମାନଙ୍କରେ ଯାହାକୁ କରିବ ସେ କୋଳ ।
ଧନ୍ୟ ତାହାର ଜୀବନ ଗୋଷ୍ଠି ମହୀପାଳ ॥
ତା କରସ୍ଥଳ ଲାଗିବ ଯେଉଁ ଲୋକକାୟେ ।
ଗ୍ରୀଷ୍ମ ଋତୁରେ ସେହ୍ନ ହେବ ହିମ ପ୍ରାୟେ ॥
ତାହାର ଶ୍ରୀକର ଗୋଷ୍ଠି ଲାଗିବ ଯା ଦେହେ ।
ଶରଦରେ ବରଷାରେ କାକର ଉଷ୍ଣହିଁ ॥
ତାର ବେନି କୁଚ ଜାଣ ଲାଗିବ ଯା ହୃଦେ ।
ଶିଶିର ଋତୁକୁ ଉଷ୍ଣଜଳ କି ବା ହାଦେ ॥
ଯାହାକୁ କୋଳ କରିବ ବେନି ଭୁଜେ ଧରି ।
ହିମଋତୁକୁ ଅନଳ ତେଜ ସମସର ॥
ବସନ୍ତ ମାସକୁ ସେ ଯେ ଅଟେ ଷଡ଼ଋତୁ ।
ତାହାର ଶବ୍ଦରେ ସବୁ ଭରି କଲା ତନୁ ॥

Digitized by srujanika@gmail.com

ସଂସାର ନାହି ତାହାର ଉପମାତ ନାହିଁ ।
ଗୁଣବନ୍ତ ପଣ କେବା ମୁଖେ ପାରେ କହି ॥
ମୃଣାଳସୂକ୍ଷ ନ ଘଟଇ ତାର କୁଚମଧ୍ୟେ ।
ନଷ୍ଟପ୍ରାୟ ହୋଇବ କାମଦେବ ତାକୁ ଯୁଦ୍ଧେ ॥
ଉର୍ଦ୍ଧ୍ୱେ ଶୋଭଇ କୃଷ୍ଣ ବର୍ଣ୍ଣ ରୋମାବଳି ।
ତଦନ୍ତୁବନମଧ୍ୟେ କେ ତାକୁ ନାହିଁ ବଳି ॥
ନନ୍ଦନ ପତର ଜାଣି ତାହାର ସେ ତନୁ ।
ଉଲଟ କଦଳୀ ଜାଣି ତାର ବେନିଜାନୁ ॥
ଅଶୋକ ପଲ୍ଲବ ପ୍ରାୟ ବେନିପାଦ ତଳି ।
ଅପୂର୍ବ ସୁରଙ୍ଗ ଯେହ୍ନେ ଦିଶେ ଦିବ୍ୟ ଫଳି ॥
ଚମ୍ପାକଳି ଜାଣି ଦିଶେ ତାହାର ଅଙ୍ଗୁଳି ।
ଅଙ୍ଗୁଳିର ତଳ ଦିଶେ ପଦ୍ମସ୍ୱରୁ ବଳି ॥
ତଣ୍ଟ ପାଖୁଡ଼ା ପ୍ରାୟେ ଦଶନଶପନ୍ତି ।
ବେନି ତଳପାତଳରେ ପଦ୍ମ ବସିଜନ୍ତି ॥
ଚାଲନ୍ତେ କନକ ପଦ୍ମଫୁଲ ଯେ ଫୁଟଇ ।
ଉପମାମାନ ଯେ ସେହି ପଦ୍ମେ ନ ଘଟଇ ॥
ବଦନକୁ ଚନ୍ଦ୍ରମା ତ ନୁହେ ପଟାନ୍ତର ।
ଉଦେକାଳେ ବପୁ କ୍ଷୀଣ ଅଟେ ଶଶଧର ॥
ପୂର୍ଣ୍ଣମୀ ଚନ୍ଦ ଉପମା କରନ୍ତି କେହି ।
ଶଶୀର ଯାକେ କଳଙ୍କ ଅଛି ସେହି ବହି ॥
ହରିଣନୟନୀ ବାମା ସେ କୁଞ୍ଚିତକେଶୀ ।
ନୁହଇ ସେ ଚରକୋପୀ ନଷ୍ଟପନ୍ଥୀ ଦଶି ॥
କୁଳୀନ ବଣୀ ପ୍ରାୟକ ଅଟଇ ଶାସ୍ତ୍ରବାଣୀ ।
ଦର୍ଶନେ ସ୍ପର୍ଶନେ ପ୍ରସନ୍ନରେ ସର୍ବସିଦ୍ଧି ॥
ସ୍ୱାମି ଏକତ ଚଞ୍ଚଳ ପରମ ବୈଷ୍ଣବୀ ।
ଗୁଣଧିକ କ୍ଷମାଶୀଳା ପ୍ରସନ୍ନ ସାଧ୍ୱୀ ॥
ବସନ୍ତେ ଅଦ୍ଭୁତୋପମା ହସନ୍ତେ ଶୋଭନୀ ।
ଚାଲନ୍ତେ ହସଇ ସେ ଯେ ତ୍ରୈଲୋକ୍ୟମୋହିନୀ ।
ରମ୍ଭାକୁ ପଟାନ୍ତର ବା କରିବା ତା ରୂପ ।
ରମ୍ଭାଠାରୁ ଶତେଗୁଣେ ଅଧିକ ସ୍ୱରୂପ ॥
ତୁମ୍ଭର ପ୍ରସାଦେ ଅମ୍ଭେ ସର୍ବ କଲୁଁ ସିଦ୍ଧି ।
ସ୍ତ୍ରୀଶିଳ୍ପେ ଉତ୍ତମ ସେ ଦୟାବାରିନିଧି ॥
ସ୍ୱାମି ନବସୃଷ୍ଟି ଶନ୍ତା ଛୁତ ପ୍ରଜାପତି ।
କେତେକାଳେ ସର୍ଜିଲ ସେ ଦିବ୍ୟରତ୍ନ କାନ୍ତି ॥
ସ୍ୱାମି ଅତଙ୍କ୍ୟ ଭାଣ୍ଡ ତାର ବକ୍ଷସ୍ଥଳ ।
ତଥିପରେ କୁଚ ବେନି ଅତ୍ୟନ୍ତ ସୁଢ଼ଳ ॥
ବହୁଯୁଗେ ରଚିଲା ସେ ସ୍ତ୍ରୀରତ୍ନ କାନ୍ତି ।
ବାଳକେଲ ଗଢ଼ିବ କେତେକାଳେ ପ୍ରଜାପତି ॥
ଚତୁଣୁକର ବେଗେ ସେହ୍ନ ନ କରଇ ଗତି ।
ତ୍ରିଲୋକ୍ୟେ ଦେଖିଲ ନାହିଁ ଏମନ୍ତ ଯୁବତି ॥
ସ୍ୱାମି ତୁ ରାଜାଧି ରାଜେଶ୍ୱର ମହାବାହୁ ।
ତୁମ୍ଭର ସଦୃଶେ ଅଛି ମିଳିଲାକ ସେହୁ ॥
ଅନେକ ବନରେ ଅମ୍ଭେ କହିଲୁଁ ଭ୍ରମତି ।
ପଦ୍ମରକେ ସାମାନ୍ୟା ଯେ ଦେଖିଲୁ ଯୁବତୀ ॥
ବନ୍ଧ ନୟନ କରଣ କଲ ସେହ୍ନ ପୃଚ୍ଛା ।
ତାହାର ବାକ୍ୟ ଶୁଣିଣ ହେଲୁଁ ଦେବ ମୂର୍ଚ୍ଛା ॥
ଅମ୍ଭଙ୍କୁ ବୋଇଲା ନୃପେ କହ ତୁମ୍ଭେ ଯାଇ ।
ତାଙ୍କ ବର୍ଣ୍ଣ ଚନ୍ଦ କେହ୍ନେ ଦେଖିବଇଁ ମୁହିଁ ॥
ତୁ ପୁରୁଷେ ଉତ୍ତମ ସେ ସ୍ତ୍ରୀଙ୍କ ଉତ୍ତମୀ ।
ତାର ତୋର ପ୍ରୀତି ହେବ ହୋଇବାକ ସ୍ୱାମି ॥
ଅହୋ ପରୀକ୍ଷ କହିଲେ ଯେତେ ଚଣ୍ଡ ମୁଣ୍ଡ ।
ଶୁଣି ଅସୁରର କାମେ ବୁଡ଼ଗଲା ପିଣ୍ଡ ॥
ଅସ୍ଥାନୁ ଉଠିଲା ସେ କପିଳସିଂହ ସୁତ ।
ଚଣ୍ଡ ମୁଣ୍ଡ ଦୁହିଙ୍କି ସେ କଲା କୋଳାଗତ ॥
ଆପଣାର ଯେତେ ରତ୍ନ ଅଭରଣମାନ ।
ଚଣ୍ଡ ମୁଣ୍ଡଙ୍କୁ ମନ୍ତ୍ରିଲା ମହିଷା ସ୍ୱଜନ ॥
ତୁମ୍ଭେ ମୋ ବାନ୍ଧବ ତୁମ୍ଭ ଚରଣେ ନମୁଛି ।
ସେ ସ୍ତ୍ରୀରତ୍ନ ପୀରତ ତୁମ୍ଭଙ୍କୁ ମାଗୁଛି ॥
କେଣେ ତୁମ୍ଭେ ନ ରହିଲ ସେଠାରେ କପାଇଁ ।
ନ ପୁଣ ତାହାକୁ ଖୋଜ ନ ପାଅନ୍ତ ଯାଇଁ ॥
ଅରେ ବେନି ସହୋଦର ରଣ ମୋର ପ୍ରାଣ ।
ସେ ସ୍ତ୍ରୀରତ୍ନକୁ ବେଗେ ମୋ କତକ ଆଣ ॥
ତରତରେ ସେ କନକ ହାନ୍ଦୋଳା ଅଣାଇ ।
ନେତ ପତାକାମାନ ଯେ ସୁସଙ୍ଗେ ଉଡ଼ାଇ ॥
ଲକ୍ଷେକ ରଥ ସଙ୍ଗରେ ପାଞ୍ଚଲକ୍ଷ ହସ୍ତୀ ।
ନବ ଲକ୍ଷ ବେନି ହସ୍ତ ମର୍ଦ୍ଦିତେ ପଦାତି ॥
ନିଶାଣ ଝମକ ମରଦଳ ତୂରୀ ବାଜେ ।
ସମ୍ଭବରେ ବଳ ଦେଲା ମୈଷାସୁର ରାଜେ ॥
ହେ ପରୀକ୍ଷ ସୈନ୍ୟ ପେଷି ମୈଷାସୁର ରମ୍ଭେ ।
ଆପଣା ନଗରେ ସେହୁ ଉସବ କରାଏ ॥
ସୁବର୍ଣ୍ଣ କଳଶେ ନେତ ପତାକା ଉଡ଼ାନ୍ତି ।
ହାଟେ ବାଟେ ଦାଣ୍ଡେ ଛେରା ଚନ୍ଦନ ଦିଅନ୍ତି ॥



Digitized by srujanika@gmail.com

ନାସାଗ୍ରନେ କରେ ଧଇଁଚନ୍ଦ୍ର ଅର୍ଦ୍ଧୟଷ୍ଠାଳୀ ।
ଗଗନମାର୍ଗେ ଉଡ଼ାନ୍ତି କର୍ପୂରର ଧୂଳି ॥
ବୃତ୍ତପଦ୍ମ ସୋଣା ରମ୍ଭା ବୃକ୍ଷ ଦ୍ୱାରେ ଦ୍ୱାରେ ।
ସୁବର୍ଣ୍ଣ ପୂର୍ଣ୍ଣକଳଶ ବସାନ୍ତି ଅଗ୍ରରେ ॥
ପନ୍ଥର ଜଳେ ଚନ୍ଦନ କର୍ପୂର ଯେ ଭରି ।
ଏକ ଅରକେ ପିଚକା ହୋନ୍ତି ମସ୍ୱମର ॥
ନେତ ଚନ୍ଦ୍ରାତପ ଅଷ୍ଟ ରତନରେ ଝଳି ।
ମାଣିକ୍ୟ ପୁଞ୍ଜି ପୁଞ୍ଜି ଯେ ମୁକ୍ତା ମାଳ ମାଳ ॥
ମେଣ୍ଢ ମଣ୍ଡପ ଦେଉଳ ଅଟ୍ଟାଳୀ ଜଗତି ।
ଉଡ଼ନ୍ତି ଚମ୍ବରେ ଅଷ୍ଟବର୍ଣ୍ଣ ପନ୍ତି ପନ୍ତି ॥
ଭୁଲେଣ ଅନେକ ସୈନ୍ୟ ସେନାମାନ ସେନ ।
ବନ ଗହନେ ପଶିଲେ ଚଣ୍ଡମୁଣ୍ଡ ବେନ ॥
ଲକ୍ଷ୍ମୀଭଦ୍ରା ନଗରରେ କଣସ୍ଥ ପର୍ବତ ।
ତଥିଶିରେ ବିଜେ କରଛନ୍ତି ଜଗନ୍ମାତ ॥
ଶୀତଳ ହୋଇ ମଳୟ ଅନିଳ ବହଇ ।
ମହାମୋଦରେ ସମସ୍ତ ଜନମନ ମୋହଇ ॥
ପର୍ବତ ଶିଖରେ ବିଜେ ଅନାଦି ଶକତି ।
ସହସ୍ରେ ଯୋଜନେ ସ୍ୱକେ ତାହାଙ୍କର ଜ୍ୟୋତି ॥
ବିଜେ ଅଦ୍ୟ ଅନ୍ନପୂର୍ଣ୍ଣା ମୋହନୀ ସ୍ୱରୂପେ ।
ଭେଟିଲେ ସେ ଚଣ୍ଡ ମୁଣ୍ଡ ଦୁର୍ଗାର ସମୀପେ ॥
ଦୁର୍ଗା ଛାମୁରେ ଅନେକ ଅଳଙ୍କାର ଥୋଇ ।
ଚଣ୍ଡମୁଣ୍ଡେ ଶୁତଲେ ଯେ ପ୍ରଣିପାତ ହୋଇ ॥
ଯେସନେକ ଅଜ୍ଞା ତୁମ୍ଭେ ଦେଲ ଗୋ ଅମ୍ଭଙ୍କୁ ।
ସମସ୍ତ କହିଲୁଁ ମୈଷାସୁର ନୃପତିଙ୍କୁ ॥
ଶୁଣିଣ କାମକଳେ ଗୋ ବୁଡ଼ିଲେ ନରେନ୍ଦ୍ର ।
ପୁରୁଷାର୍ଥ କରି ପେଷିଲେକ ନୃପଚନ୍ଦ୍ର ॥
ମାଗୋ ଶାସ୍ତ୍ରସିଦ୍ଧ ସ୍ତ୍ରିଙ୍କର ଦଶ ଦଶା ।
ଅଜଠାରୁ ପୂରିଲା ଗୋ ତୁମ୍ଭର ମନାଶା ॥
ଶୁଣି ନରାଧିପ କଲା ସର୍ବସ୍ତ୍ରୀ ତେଜ୍ୟା ।
ତୁହି ଏକା ଗୋ ହୋଇବୁ ତାହାର ଭାରିଯା ॥
ଶରୀରରେ ଅଭରଣ କରି ବହୁକୋଷ ।
ଏ ବହୁ ହାନ୍ଦୋଳାମଧ୍ୟେ ବେଗ କରି ବସ ॥
ଯାହାକୁ ଯେବଣ କାଳେ ଥାଇ ଯେଉଁଯୋଗ ।
ବେଳକାଳ ଜାଣି ସିନା ହୁଅଇ ସେ ଭୋଗ ॥
ସ୍ତ୍ରିଙ୍କର ଦଶ ଦଶା କାଳେ ଭୋଗ ହୁଏ ।
ପୁରୁଷଙ୍କର ଦଶା ତ କହି ଶେଷ ନୁହେ ॥
ମୈଷାସୁରଙ୍କୁ ଦର୍ଶନ କର ଶୁଭବେଳେ ।
ବିପୁଳ ଲକ୍ଷ୍ମୀ ଭୋଗ ହୋ ଭୁଞ୍ଜ ଚିରକାଳେ ॥
ଯେତେ ଦୁଃଖ ପାଇଲୁ ଗୋ କର୍ମର ଅବଳେ ।
ସମସ୍ତ କ୍ଷୟ ହୋଇଲା ତୋର ଏତେକାଳେ ॥
ଏବେ ସେମାନ ତୋହର ସବୁ ହେଲା ଦୂର ।
ସୁପ୍ରସନ୍ନେ ହାନ୍ଦୋଳାରେ ଏବେ ବିଜେ କର ॥
ଅମ୍ଭଙ୍କୁ ଦୟା କର ଗୋ ଥିରୁ କାତ୍ୟାୟନି ।
ଜନ୍ମେ ୨ ହୁଅ ମୈଷାସୁରର ଭାବିନୀ ॥
ତାହା ଶୁଣି ପ୍ରତ୍ୟୁତ୍ତର ଦ୍ୟନ୍ତି ଦେବୀ ଦୁର୍ଗେ ।
ମୈଷାସୁର ଉପୁଜିବ ମୋତେ ନେଉଁବାଗେ ॥
ବୋଇଲେ ହେ ଚଣ୍ଡ ମୁଣ୍ଡ କର୍ପା ଗର୍ଜି ହୁଅ ।
ମହିଷାସୁର କଟକ ବାହୁଡ଼ିଣ ଯାଅ ॥
ତୁମ୍ଭ ବଚନକୁ ମୋର ପ୍ରତେ ଅଛି କାହିଁ ।
ମୈଷାସୁର ରାଜା ଅସି କରି ମୋତେ ନେଉ ॥
ତାହାର ମୁଁ ସୈନ୍ୟବଳ ସମସ୍ତ ଦେଖିବି ।
ରାଜାର ଭୁଲେଣି ତାର ରାଜ୍ୟକୁ ମୁଁ ଯିବି ॥
ତାହାର ମୋହର ଯେବେ ଉପୁଜିବ ପ୍ରୀତି ।
ସେତେମୋତେ ଦେଖିଲେ ସିନା ହୋଇବ ନୃପତି ॥
ମୁହିଁ ତାହାକୁ ଦେଖିବି ସେ ମୋତେ ଦେଖିବ ।
ତହିଁ ପ୍ରୀତି ଜାତ ହେଲେ କାଳେକାଳେ ଥିବ ॥
ତାହାର ମୋହର ଏବେ ହେଉ ପରୀକ୍ଷ ।
ତୁମ୍ଭେ ଅବା ମୋତେ ସ୍ତ୍ରୀ ବୋଲି ଭଣ୍ଡୁଅଛ ॥
ତୁମ୍ଭର ବୋଲକୁ ମୁଁ ତ ପରତେ ନ ଗଲି ।
ରାଜାକୁ ବହନ ଅଣ ମୋ ଛାମୁକୁ ବୋଲି ॥
ସମ୍ଭବେ ମୁଁ ସ୍ତ୍ରୀଲିଙ୍ଗ ପୁଂସ ଦର୍ପ ଭାଙ୍ଗି ।
ଶୁଣି ଚଣ୍ଡ ମୁଣ୍ଡ ତହୁଁ ଗଲେ ବେଗି ବେଗି ॥

## ଚଣ୍ଡ ମୁଣ୍ଡ ବଧ ।

ଅସ୍ଥାନେ ବିଜେ କରିଛି ମହିଷା ଦର୍ପିଷ୍ଟ ।
ଚଣ୍ଡ ମୁଣ୍ଡ ଅସିବାକୁ ମୁହିଁ ଅଛି ବାଞ୍ଛ ॥
ଚଳନ୍ତି ଯେ ଚଣ୍ଡ ମୁଣ୍ଡ ପବନହୁଁ ବେଗେ ।
ଯାଇ ଦରଶନ କଲେ ମୈଷାସୁର ଆଗେ ॥
ଶୁଣ ହୋ ମହାମନ୍ତନ ମଣ୍ଡଳାଧିପତି ।
ବଡ଼ାଇ ଗରିଷ୍ଟ ସେ ଯେ ସ୍ତ୍ରିୟା ରତ୍ନକାନ୍ତି ॥
ଅମ୍ଭ ବଚନକୁ ସେହୁ ପ୍ରତେ ଗଲା ନାହିଁ ।
ବୋଇଲା ମହିଷା ସୈନ୍ୟ ସେନ ଅସୁ ବାହି ॥

Digitized by srujanika@gmail.com

ପରୀକ୍ଷା କରଣ ସେ ଯେ ସେନ ସାଜ୍ଞ ମୋତେ ।
ଦେଖିବ ତା ରୂପ ଗୁଣ ଭଜିବ ଏକାନ୍ତେ ॥
ମହିଷାସୁର ବୋଲେ ସେ ନୃବର ଭଲମ୍ବିଣୀ ।
ଜାଣିଲି ନିଶ୍ଚୟ ସେ ଯେ ଚପଳା ନାଗରୀ ॥
ପରୀକ୍ଷା କରିବାକୁ ତ ଲୋଡ଼େ ପୁରୁଷକୁ ।
ନିଶ୍ଚୟ ଅପଣ୍ଡ ସେହି ଜାଣିଲି ତାହାକୁ ॥
ମୋହର ବଚନେ ତିନି ଭୁବନ ଚଳଇ ।
ସ୍ତ୍ରୀର ଛାର ପାମରୀ ସେ ମୋତେ ନ କଳଇ ॥
ଯାଅ ତୁମ୍ଭେ ଚଣ୍ଡ ମୁଣ୍ଡେ ବହନ ଯେ କରି ।
ଭୁଲେଣ ନଇଲେ ତାର ଆଣ କେଶ ଧରି ॥
ମହିଷାସୁର ଆଜ୍ଞା ଶୁଣି ଗଲେ ବେନି ବୀରେ ।
ଶସ୍ତ୍ର ତୁଳାଇ ଧାମନ୍ତି ଅତିଶୟ ଖରେ ।
ଆକାଶ କମ୍ପିଲା ରେ ରେ କାର ଶବଦରେ ।
ପୃଥିବୀ ଦେବୀ କମ୍ପିଲା ଧାମନ୍ତେ ପାଦରେ ॥
ଦୁର୍ଗାଦେବୀର ଛାମୁରେ ହେଲେ ପରବେଶ ।
ବୋଇଲେ ଗୋ ମହାମାଣି ଉଠ ବେଗେ ଆସ ॥
ତୋର ବଚନକୁ କୋପ କଲେ ମହାବୀର୍ଯ୍ୟେ ।
ମଳନ ହେନ୍ୟ ଅମ୍ଭେ ଗୋ ତୋର ତାମସୀୟେ ॥
ଅସୁର କୁଳରେ ଯେବେ ନ ଯିବୁ ଗୋ ନାରୀ ।
ଏହିକ୍ଷଣି ଘେନିଯିବୁଁ ତୋର କେଶ ଧରି ।
ଦୁର୍ଗା ବୋଇଲେ ହୋ ମୁହିଁ ସ୍ତ୍ରୀ ରହୁମଣି ।
ଅହୋ ତୁମ୍ଭେ ବେନି ଅଟ ବୀର ଶିରୋମଣି ॥
ଅନ୍ଧକାର ପାସୋରି ଲଙ୍ଘିଲେ ଏ ମନ୍ତ୍ରୀ ।
କାହାର ଆଗରେ ସେହି କଥା ଯିବା କହି ॥
ସ୍ତ୍ରୀ ହୋଇକରି ଯେବେ କରିବ ଅବଧି ।
ପର୍ଜା ମାନଙ୍କ କିସ କରିବଟି ବୁଦ୍ଧି ॥
ମେଘମାନ ଯେବେ କାଳେ ନ କରିବେ ବୃଷ୍ଟି ।
ଫଳଦାୟକ କେମନ୍ତେ ହେବ ନବ ସୃଷ୍ଟି ॥
ପୁରୁଷମାନେ ଯେବେଟି ଲଙ୍ଘିବେ ସ୍ତ୍ରୀଙ୍କି ।
ଏ କଥାକୁ ଆନ ନାହିଁ ଧର୍ମହିଁ ସେ ସାକ୍ଷୀ ॥
କୋପେ ଅସୁର ବୋଇଲେ କରଣ ମୁବାଟ ।
ଅମ୍ଭେ କେମନ୍ତେ ଜାଣିବୁଁ ତୋର ଧର୍ମବାଟ ॥
ମାଗୋ ଅମ୍ଭେ ତୋରୁ ବଡ଼ ମଦ୍ୟ ଅଛୁ ଭକ୍ଷୁଁ ।
ଅମ୍ଭମାନଙ୍କୁ ଗୋ ତୁହି କେଉଁ ଧର୍ମ ପୁଚ୍ଛୁ ॥
ଅହଙ୍କାରେ ତୁ କେବଣ ଭୁବନୁ ଅଇଲୁ ।
ଆପଣାର ବଡ଼ପଣ ଆପେ ନାଶ କଲୁ ॥

ଯହୁଁ କୋପେ ଗାଢ଼ ବଚ୍ଚ ବୋଇଲେ ଅସୁରେ ।
ଶୁଣି କୋପ ବଢ଼ିଲା ଯେ ଦୁର୍ଗାଙ୍କ ହୃଦରେ ॥
ଦୁର୍ଗା ବୋଇଲେ ରେ ତୁମ୍ଭେ ପାମର ଅସୁର ।
ଧର୍ମ ଲଙ୍ଘିଲ ରେ ହେଲା ମରଣ ତୁମ୍ଭର ॥
ଏମନ୍ତ ପ୍ରାୟେ ମୋତେ ତ ବୁଝିଲ ରେ ବାଇ ।
ଅସୁରକୁଳର କ୍ଷୟକାରୀ ମୁଁ ଅଟଇଁ ।
ଏହା ଶୁଣି ଚଣ୍ଡ ମୁଣ୍ଡେ ଧାଇଁଲେକ ସବେଗେ ।
ପର୍ବତ ଉପରକୁ ସେ ଉଠିଗଲେ ବେଗେ ॥
ବଳେ ଆକର୍ଷଣ କରି ଦୈତ୍ୟମହାମନ୍ତ୍ରୀ ।
କେଶ ଧରିବାକୁ ଦୁହେଁ ବଢ଼ାଇଲେ ହସ୍ତ ॥
ହେ ପରୀକ୍ଷ ଦେବୀ କାଳାନଳ କରି ଦୃଷ୍ଟି ।
ହୁଙ୍କାର ନାଦ କରନ୍ତେ ପୂରେ ନବ ସୃଷ୍ଟି ॥
ଅସୁର ପଇକା ଦୂରେ ସ୍ତବଧ ହୋଇଲେ ।
ଚଣ୍ଡ ମୁଣ୍ଡ ଦୁହେଁ ମୋହ ଯାଇଁଣ ପଡ଼ିଲେ ॥
ତକ୍ଷଣେ ପ୍ରକାଶ କଲେ ମାୟେ ଘୋରକାୟୀ ।
ଗର୍ଭମଧ୍ୟୁଁ ବାହାରିଲେ ଛାୟା ଅଭ ମାୟୀ ॥
ଆକାଶରେ ଓଷ୍ଠ ତାଙ୍କ ପାତାଳରେ ଜଙ୍ଘ ।
ଏକାଦଶରୁ ବାହାର ହେଲା ଅଷ୍ଟ ଭୁଜ ॥
ମହା ହସ୍ତ ତେଜେ ଘୋଟିଗଲେ ତିନିସ୍ଵର୍ଗ ।
ଚକ୍ଷୁଗତ ହୋଇ ବୁଲୁଛନ୍ତି ବେଗ ବେଗ ॥
କରେ କରବାଳ ବଜ୍ରକଣ୍ଠି ନାମେ ଖାଣ୍ଡ ।
ଅଷ୍ଟ ଅଷ୍ଟ ଭୁଜେ ପ୍ରକାଶିଲେ କାଳସିଂହୀ ॥
ଦୁର୍ଗା ବୋଇଲେ ହେ ତୁମ୍ଭେ ଯାଅଁ କିବା ବେଗ
ଏ ଅସୁରବଳ ତୁମ୍ଭେ ବେଗେ କର ଭୋଗ ॥
ଦୁର୍ଗାଦେବୀ ଆଜ୍ଞା ପାଇ ସେହି ମହାମାୟା ।
ବଣ୍ଡରୂପ ପ୍ରକାଶିଣ ସତ୍ଵର ସେ ଧାଇଁ ॥
ଗଗନରୁ ଶ୍ୟେନପକ୍ଷୀ ପଡ଼ଇ ଯେମନ୍ତେ ।
ଦଇତବଳ ଉପରେ ପଡ଼ିଲେ ତେମନ୍ତେ ॥
ବିକଶାଳୀ ତାଙ୍କ ବପରୀତ ରୂପ ଦେଖି ।
ଭାଜିଲେ ଦାନବବଳ ହୋଇଣ ନିର୍ମାକ୍ଷୀ ॥
ଦନ୍ତେ କଣ୍ଠିକଣ୍ଟାରୀ ସେ କରନ୍ତେ ପ୍ରହାର ।
ବେନି ବେନି ଖଣ୍ଡ ହୋଇ ପଡ଼ନ୍ତି ଅସୁର ॥
ରୁଧିର ଦେଖି ଧାମନ୍ତି ପୁଣି ଗଳଗାଜ ।
କରଭୁକେ କ୍ରୀଡ଼ା କରୁଛନ୍ତି ମାଂସ ଭୁଞ୍ଜି ॥
ଯୋଜନେକ ପ୍ରକାଶଇ ସନ୍ତ ମହାଗର୍ଭ ।
ତେତେକେ ରଥ ଗଜ ଅଶ୍ଵ ଭକ୍ଷୁଛନ୍ତି ସର୍ବ ॥

Digitized by srujanika@gmail.com

ଅପଶ୍ୟ ଅସଂଖ୍ୟ ବଳ ସ୍ମଶାପରେ ଲୋଟି ।
କେହି କେହି ନାଗରଙ୍କୁ କରୁଛନ୍ତି ବୃଷ୍ଟି ॥
ଭୁଣ୍ଡ ବସ୍ତ୍ରାଭରଣ ରଣରଙ୍ଗେ କୁତୂହଳୀ ।
ଶର ଆଉ ସୈନ୍ୟ ସବୁ ଯାଆନ୍ତି ସେ ଗିଳି ।
ଶର ନ ଫୁଟିଲା ଯେଣୁ ଦେବୀଙ୍କର କାୟେ ।
ପଳାଇଲେ ଦାନବେ ଯେ କରି ବଡ଼ ଭୟେ ॥
ରଣେଭଙ୍ଗ ଦେଇ ପଳାଇଲେ ଯାତୁଧାନେ ।
ଭୁଜ ବଢ଼ାବନ୍ତି ଦେବୀ ଯୋଜନେ ଯୋଜନେ ॥
ଯେସନେକେ ନାଗପାଶ କରଇ ବନ୍ଧନ ।
ସେହିମତ କରଣ ସେ ବାନ୍ଧ ଦୈତ୍ୟମାନ ॥
ରଥ ଗଜ ଅଶ୍ୱ ବୋଲି ନ ଜାଣନ୍ତି କିଛି ।
କ୍ଷୁଧା ଅଇତରେ ସବୁ ଧରିକରି ଭକ୍ଷି ॥
ମଲ୍ଲ ତେକ ଯୋଦ୍ଧାଥିଲେ ଦୈତ୍ୟଙ୍କର ସେନା ।
ସବୁ ଭକ୍ଷିଲେ ସେ ଦେବୀ ହୋଇ ଉନମନା ॥
ଅଶ୍ୱ ଗଜ ପଦାତିକ ତହିଁ ଯେତେ ଥିଲେ ।
ବେନି ଦେବୀ ଗର୍ଭରେ ସେ ସମସ୍ତେ ପଶିଲେ ॥
ସମସ୍ତ ସଇନ୍ୟ ଶେଷ ହେଲେ ତହିଁ ରଣେ ।
ବାହୁଡ଼ ବାରତା ଘେନି ନ ଗଲାକ ଜଣେ ॥
ଅଭୟାରିକା ହୋଇଣ ଦାନବ ମହିଷା ।
ଚଣ୍ଡ ମୁଣ୍ଡ ଅସିବାକୁ କରିଅଛି ଆଶା ।
କାଳେ ବିନାଶ ହୋଇଲେ ରଣେ ଚଣ୍ଡ ମୁଣ୍ଡ ।
କାଳସନ୍ଧି ମୁଖେ ପଡ଼ ହେଲେ ବେନି ଖଣ୍ଡ ॥
ଜହ୍ନୁରୁ କତ୍ୟାୟନ ଗୋ ରହୁଗିରିବାସି ।
ଅସୁରକୁଳକୁ ତୁ ଗୋ ଅଟୁ କାଳପାଣି ॥
ନମସ୍ତେ ନମସ୍ତେ ଛାୟା ମାୟା ବେନି ଦେବ ।
ତବ ପାଦକମଳ ଯେ ମମ ହୃଦ ଭାବ ॥
ଚଣ୍ଡ ମୁଣ୍ଡ ନାଶିଲୁ ତୁ ଦୈତ୍ୟବଳ ଖେଦ ।
ଅକଳତ ଚଣ୍ଡୀଙ୍କେ ଯେ ତୋରେ ହେଲେ ଛେଦ ॥
ଛାୟା ମାୟା ବେନି ଦେବୀ ପାଦ ଭାବ ନିତ୍ୟ ।
ଶୂଦ୍ର ମୁନି କହଇ ଯେ ବନସ୍ତୁକତେ ॥

## ଶୁମ୍ଭ ନିଶୁମ୍ଭ ବଧ ।

ଶୁଣ ପରୀକ୍ଷିତ ରାଜା କହେ ଶୁକବ୍ରହ୍ମା ।
ଶ୍ରୀଦୁର୍ଗାଚରିତ ହାଦେ ଏସନ ମହିମା ॥
ଅକଳତ ସାଗର ଏ ଚଣ୍ଡିଯୁଦ୍ଧ କଥା ।
ମାନବ ଜନ୍ମରେ କେହି କହିବ ଲେଖନ୍ତା ॥
ପଥ ନିବେଦଇ ବସି ମହିଷା ନୃପତି ।
ଆନ ଭାରଯା ସେନେହ ଗଲା କେଉଁ କତ ॥
ବିଶେଷେ ନସାଦା ସେହି ଏକେ ଗୁଣବତୀ ।
ବିସ୍ମରିଲ ତାହା ତୁଲେ କରିବ ପୀରତି ॥
କ୍ଷଣକେ ଉଠଇ ସେ ଯେ କ୍ଷଣକେ ବସଇ ।
କ୍ଷଣେ କ୍ଷଣେ ସଦନରୁ ବାହାର ହୁଅଇ ।
ମନଉଦବେଗ ଦେହ ଅସ୍ଥିର ହୁଅଇ ।
ମଳୟ ପବନ ଲାଗି ଶରୀର ଜଳଇ ॥
ଏମନ୍ତ ସମୟେ ତହିଁ ପାତ୍ରଙ୍କ ସତ ।
ମିଳିଲା ଦାନବ ଶୁମ୍ଭ ନିଶୁମ୍ଭଙ୍କ କତ ॥
କାମଜ୍ୱରେ ପୀଡ଼ିତ ତା ମନ ଛନ ଛନ ।
ସମାସ୍ୟା ଦେଇ ନ ପାରେ ହୋଇ ଧୈର୍ଯ୍ୟହୀନ ॥
ଦେଖି ତାକୁ କୋଳକଲେ ସେ ଶୁମ୍ଭ ନିଶୁମ୍ଭ ।
କିଂଭୁତ କାରଣେ ତୋର ବିରସ ହୋ ଦେବ ॥
ମହିଷାସୁର ବୋଇଲା ଶୁଣିମା ବାଳୟେ ।
ଚଣ୍ଡ ମୁଣ୍ଡ କହିଲେ ଯେ ବଢ଼ାଇ ସନ୍ଦେହେ ॥
ରହୁଗିରି ଶିଖେ ଦିବ୍ୟ କନ୍ୟାଗୋଟି ଶ୍ରେଷ୍ଠ ।
କହିଲେ ନ ସରଇ ତା ଗୁଣ ରୂପ ଗୋଷ୍ଠି ॥
ସେ କନ୍ୟାକୁ ଅଣିଗଲେ ସେହି ବେନି ଭ୍ରାତ ।
ଘନ ରଜନୀ ଯାଇଣ ହୋଇଲା ପ୍ରଭାତ ॥
କନ୍ୟା ଘେନିଣ କପାଇଁ ନଇଲେ ମୋ ପାଶ ।
ସେ ଅବା ତାହାର ତୁଲେ କଲେ ରତିରସ ॥
ଛାଡ଼ି ଉଦବେଗ ମୋର ମନେ ହେଲା ଭ୍ରାନ୍ତ ।
କ୍ରୋଧେ ଗଦ ଗଦ ହୋଇ ନିଦ୍ରା ନାହିଁ ସ୍ୱନ୍ଦି ॥
ଶୁମ୍ଭ ନିଶୁମ୍ଭ ବୋଇଲେ ହେଲୁ ରାଜା ବାଇ ।
ପରସ୍ତ୍ରିସ୍ୱ ଲୋଭେ ବନ୍ଧୁ ଦୁଃଖ ଯେ ମିଳଇ ॥
ତୁ ଯେ ଚକ୍ରବର୍ତ୍ତୀ ରାଜା ଅଟୁ ମହାବାହୁ ।
ସ୍ତ୍ରିସ୍ୱ ସୁରମାନ ପାଇଁ ଅଧୈର୍ଯ୍ୟ ହେଉ ॥
ବଳେ କର ସ୍ୱାମି ତୁମ୍ଭେ ଅନ୍ତଃପୁର ସ୍ଥାନେ ।
ଆମ୍ଭେ ଦେଖି ଯାଇ କନା ସେ ଉଦ୍ୟାନବନେ ॥
ମହିଷାକୁ ବାହୁଡ଼ାଇ ତହୁଁ ବେନି ଜଣ ।
ଚଳିଲେ ଏକାକେ ତୁଲେ ନାହିଁ ଥାଟ ସୈନ୍ୟ ॥
ମନ୍ଦରଗିରି ପରସ୍ତ କରେ ବେନି ଗଦା ।
ବସ୍ତୁବନ୍ତ ମନେ ମନେ ଅଗତ ପ୍ରମଦା ॥
ନିଷ୍ଠୁ ଚିସ୍ୱ ଅସୁଖ ଏହାର ତୁଟିଲା ।
ସ୍ତ୍ରିସ୍ୱ ଲଭ ଛାମନେ ସେ ଅମ୍ଭଙ୍କ ପେଷଲେ ॥

Digitized by srujanika@gmail.com

ତ୍ରୈଲୋକ୍ୟେ ଅମୃଙ୍କୁ ଏହ୍ନ କଥା ବଡ଼ ଲାଜ ।
ନଟେଁ ଅମ୍ଭର ବାତୁଳ ହେଲା ସ୍ୱାନବାର୍ଯ୍ୟ ॥
ଏମନ୍ତ ବଚ୍ଚର ଚଳଯାନ୍ତି ବେନି ଭାରେ ।
ପ୍ରବେଶ ହୋଇଲେ ଯାଇଁ ଅରଣ୍ୟଭିତରେ ॥
ଶୁଣ ହୋ ପରୀକ୍ଷ ରାଜା ଦୁର୍ଗାର ଚରିତ ।
ଅଷ୍ଟଉତ୍ତର ଯେ ଶତଯୋଜନ ପ୍ରମିତ ॥
ଜେନାବଳ ନଗ୍ରକୁ ଯେ ରତ୍ନଗିରି ଖ୍ୟାତ ।
ତହିଁ ଦେବୀ ଦୁର୍ଗେ ରହି କଲେ ଖଡ଼୍ଗବନ୍ଧ ॥
ପଡ଼ିଲା ଯେ ଜେନାବଳନଗ୍ରେ ଦୁର୍ଗା ଦୃଷ୍ଟି ।
ଫିଟି ଦୁଆର ଜଗତୀ ପଡ଼େ ତାର ତୁଟି ॥
ହୋଇଲା ଘରୁ ଅଭ୍ରତେ ଉଠି ଅଗ୍ନିରାଶି ।
ମହିଷାସୁର ରାଜାର ପୁର ଦେଲା ଧ୍ୱଂସି ॥
ଅମେଘରେ ହୋଇଲା ଯେ ଭୟଙ୍କର ବୃଷ୍ଟି ।
ଗ୍ରାମ ଘର ଗ୍ରାମମାନଂ ପଡ଼େ ସର୍ବଦୃଷ୍ଟି ॥
ପୁର ଜଗତୀ ଉପରେ ବର୍ଷିଲେ ସମ୍ପାତ ।
ରକ୍ତର ମୂତ୍ର କର ମାଂସ ସେ ଶୈବାନ୍ତି ॥
ରାଣୀହଂସ ପୁରରେ ସେ କେତେବେଳେ ଉଠି ।
ଉଲ୍କାପାତ ପରାସ୍ତେ ସର୍ବେ୍ୟ. ହୁଏ ବୃଷ୍ଟି ॥
ନିର୍ଘାତ ଶବଦ ଦଶଦିଗରେ ଶୁଭଇ ।
ବଜ୍ରପାତର ପରି ପୃଥିବୀ କମ୍ପଇ ॥
ଏହିମତ ନଗ୍ରେ ହେଲା ଉତ୍ପାତ ବହୁତ ।
ଯେଣୁ ଦୁର୍ଗା ଦେବୀଙ୍କର କୋପନେତ୍ର ପାତ ॥
ବିକଟାଳ ଭୈରବୀ ଯେ ବୁଲେ ନଗ୍ରବେଢ଼ି ।
ସଞ୍ଚିତ ଧନମାନଙ୍କୁ କେହୁ ନେଲେ କାଢ଼ି ॥
ଅର୍ବୁଦେ ସୈନ୍ୟ ପଡ଼ଲେ ଚଣ୍ଡ ମୁଣ୍ଡ ଭୂଲେ ।
ଶୁମ୍ଭ ନିଶୁମ୍ଭ ଯେ ତାଙ୍କ ଉଦ୍ଦେଶ ନ ପାଇଲେ ॥
ଦେଖନ୍ତି ବନ ଗହନ ସମସ୍ତ ଅପୂର୍ବ ।
ସ୍ୱଭାବ କୋମଳ ମତ ତହିଁ ସର୍ବ ଜୀବ ॥
ଗନ୍ଧ ଆମୋଦଇ ଯେଣେ ମଳୟ ଅନିଳ ।
କାହାକୁହିଁ ନ ଦେଖିଲେ ଦୈତ୍ୟ ମହାବଳ ॥
ଚଳନ୍ତି ସେ ବେନି ଭାରେ ସମସ୍ତ ଉପେକ୍ଷି ।
ଦେଖିଲେ ବସିଛି କନ୍ୟା ଏକ ଶଶିମୁଖୀ ॥
ରୂପକୁ ଯେ ପଟାନ୍ତର ତ୍ରିଭୁବନେ ନାହିଁ ।
ରତ୍ନଗିରିଶିଖେ ବସି ଦେବୀ ମହାମାଇ ॥
ଆଶ୍ଚର୍ଯ୍ୟ ଶୁମ୍ଭ ନିଶୁମ୍ଭ କନ୍ୟାମୁଖ ଚାହିଁ ।
ଦେଖିଲେ ସଖୀ ସୋଦର ପାଖେ କେହି ନାହିଁ ॥

ଶୁଣ ହୋ ପରୀକ୍ଷ ମନ ଧୈର୍ଯ୍ୟ କରି ତେଜ୍ୟା ।
ଧାତକାରେ ପର୍ବତରେ ଜଠିଲେ ଦନୁଜା ॥
ଦେଖିଲେ ପୃଥିବୀକ ସେ ସ୍ତ୍ରିଶ୍ରୀ ରତ୍ନକାନ୍ତି ।
ଅଳଙ୍କାର ପଟ୍ଟ ଗୃହିଁ ଭାରେ ହେଲେ ଶାନ୍ତ ॥
ମହାବିଷ୍ଣୁ ରୂପ ମାତା ପ୍ରକାଶିଣ ଥିଲେ ।
ଭାର ମୂର୍ତ୍ତି ଛାଡ଼ି ଶାନ୍ତ ମୂର୍ତ୍ତି ସେ ହୋଇଲେ ॥
ହିଁନବସ୍ତ୍ର ପରିଧାନ ହେମମୁଖ ବାଳୀ ।
ହଂସ ଦର୍ପବିଧ୍ୱଂସନେ ଗୃହିଁ ମୁଖ ତୋଳି ॥
ମଣ୍ଡନବତୀ ହୋଇଣ ନ ଦିଶନ୍ତି ସମ୍ମୁଖ ।
ଅସୁରକୁଳେ ଅନ୍ତ ମାତା କାଳପାଶ ॥
ଶୁମ୍ଭ ନିଶୁମ୍ଭ ଯେ ତାଙ୍କୁ ପଚ୍ଚରନ୍ତି ବାଣୀ ।
କେଉଁ ଭୁବନୁ ଆଗତ କହ ମହାରାଣୀ ॥
ଦୁର୍ଗା ବୋଇଲେ ଅହୋ ମୁଁ ପର୍ବତନନ୍ଦିନୀ ।
ଅଟଇ ଜନ୍ମସ୍ଥାନ ମୋର ଅଟେ ମେରୁସ୍ଥଳୀ ॥
କର୍ମର ବିପାକେ ମୋର ନାହିଁ ଗୃହବାସ ।
ତେଣୁ ବନବାସୀ ହେଲି ହୋଇଣ ନିରାଶ ॥
ବ୍ୟାଘ୍ର ଭଲ୍ଲୁ ଋକ୍ଷ ମୋତେ ଭକ୍ଷନ୍ତି ବୋଲିଣ ।
ଜୀବନ ନଥିଲି ମୁଁ ଯେ ପଶିଲି ଅରଣ୍ୟ ॥
ପିତା ମାତା ଦେଖି ନାହିଁ ମୁହିଁ ମନ୍ଦଭାଗୀ ।
କ୍ଷଣେ ଅସହଣୀ ମୁହିଁ ନୁହେଁ କାହାଲାଗି ॥
ତହୁଁ ସଧୀରେ ସେ ଶୁମ୍ଭ ନିଶୁମ୍ଭ ବୋଇଲେ ।
ତୁମ୍ଭର ତହିଁକି ଚଣ୍ଡ ମୁଣ୍ଡ ଯେ ଅଇଲେ ॥
ତାହାଙ୍କର ବୁଲେ ତୁମ୍ଭେ ନ ଗଲ କପାଇଁ ।
ଏତେବଡ଼ ରାଜାଙ୍କୁ କି ଭଣ୍ଡିବା ଯୋଗାଇ ॥
ଶ୍ରୀଦୁର୍ଗା ବୋଇଲେ ମିଥ୍ୟାଠାରୁ ପାପ ନାହିଁ ।
ସତକୁ ସାଗର ସୀମା ନ ଲଙ୍ଘଇ ମହୀ ॥
ମହିଷାସୁରର ଯେବେ ମୋରେ କାର୍ଯ୍ୟଥାନ୍ତା ।
ସୈନ୍ୟବଳ ଘେନି ରାଜା ଆପଣେ ଆସନ୍ତା ॥
ମୁଁ କପାଁ ଯିବି ହେ ପର ପୋଷଣବଯୋଗେ ।
ଗୁଣରୂପ ଦେଖିକରି ଲୁବ୍ଧ ତାହା ଆଗେ ॥
ଦୁର୍ଗାବୋଇଲେ ନ ଜାଣେ ତାଙ୍କର ମୁଁ ନାମ ।
ଅସିକର ଲଙ୍ଘିଲେ ସେ ମୋର ସର୍ବଧର୍ମ ॥
କେଶଧରିବାକୁ ମୋର ବଢ଼ାଇଲେ କର ।
ଅଭ୍ରତେ ପ୍ରାଣ ଛାଡ଼ିଲେ ସେହୁ ବେନି ଭାଇ ॥
ଶୁଣ ଅହୋ ଧର ଦୁଇ ଅମ୍ଭର ବଚନ ।
ଧର୍ମ ଲଙ୍ଘିଲେ ଜୀବନ ଛାଡ଼ଇ ତତ୍‌କ୍ଷଣ ।

Digitized by srujanika@gmail.com

ତୁମ୍ଭେ ଧାର୍ମିକ ପରମ୍ପ ଲେଖାଯାଅ ମୋତେ
ମୁହିଁ ଅଭାଗିନୀ ନାରୀ ପଡ଼ିଅଛି ଏଥେଁ ॥
ଶୁଣି ସେ ବୋଇଲେ ଅମ୍ଭ କର୍ମ ବଡ଼ ଭାଗ୍ୟ ।
ତୋହର ବସ୍ତ୍ରରେ ଯେବେ ହେଲୁ ବଡ଼ଯୋଗ୍ୟ ॥
ଦୁର୍ଗା ବୋଇଲେ କହଇ ମୁଁ କ ନା ତୁମ୍ଭନ୍ତ ।
କେମନ୍ତେ ଜାଣିବା କାହା ଶତ୍ରୁ ହୋ କେମନ୍ତ ।
ଶୁମ୍ଭ ନିଶୁମ୍ଭ ବୋଇଲେ ଶୁଣସି ଗୋ ଉମା ।
ତୁମ୍ଭେ ମାହେଶ୍ୱରୀ ସ୍ତ୍ରୀକୁଳେ ତ ଉତ୍ତମା ॥
ସ୍ୱସ୍ତି ସୁଦେବତା ଯେ ସ୍ୱଜନ ବ୍ରାହ୍ମଣ ।
ସ୍ୱରୂପକୁ କହନ୍ତୁ ଏ ନ କର ଗୋପନ ॥
ଅମ୍ଭର ବଂଶବଳ ଯେ କହୁଁ ତୋର ଆଗେ ।
ମହା ପ୍ରତାପୀ ଅମ୍ଭେ ଗୋ ଅଟୁ ମହାଭାଗେ ॥
ଅମ୍ଭର ପିଅର ମହାଦାସ ନରପତି ।
ତାରକାସୁରର ସେହୁ ଅଟେ ପଣନାତି ॥
ପରାକ୍ରମେ ଜିଣିପାରୁ ଦେବ ଇନ୍ଦ୍ରସ୍ୱୟେ ।
ଯାବତ ଜାଳେ ଅମ୍ଭର ବାପୁଙ୍କୁହିଁ ଭୟେ ॥
ଶୁଣସି ଗୋ ମାଏ ଅମ୍ଭ ଯେ ଚରିତମାନ ।
ବହୁତ ତପ କରିଲୁଁ ଭାଇ ବେନି ଜାଣ ॥
ଏକାନ୍ତେ ବସିଲୁଁ ଅମ୍ଭେ ସାଗର ସଙ୍ଗମ ।
ଶୂନ୍ୟ ପବନ ଭକ୍ଷି ଗୋ ଲମ୍ଭେ କଲୁଁ ବ୍ରହ୍ମ ॥
ଏକାସନେ ଏକମନେ ବସି ଦବାଗ୍ରହେ ।
ନ ଉଠିଲୁଁ ନବ ସହସ୍ର ବର୍ଷ ପର୍ଯ୍ୟନ୍ତେ ॥
ମାଂସଚର୍ମ ଅମ୍ଭର ଯେ ମିଳାଇଣ ଗଲା ।
କେବଳ ପଞ୍ଜରେ ଅସ୍ଥିମାତ୍ରକ ରହିଲା ॥
ପୁନରପି ଉତପତ୍ତି ହେଲା ଅମ୍ଭ କାୟା ।
ନବ ମୁଖ ନାସିକା ଯେ ପାଦ ପାଣି ଛାୟା ॥
ଏମନ୍ତେ ନବ ସହସ୍ର ବର୍ଷ ତପ କଲୁଁ ।
ଏତେକାଳେ ଅମ୍ଭେ ବହୁରୂପ ଗୋ ଦେଖିଲୁଁ ॥
ମା'ଗୋ ମରାଳବାହନେ ବିଜେ କଲେ ଧାତା ।
ବର ମାଗ ବୋଇଲେକ ସେ ସୃଷ୍ଟିକରତା ॥
ଅମ୍ଭେ ବୋଇଲୁଁ ହେ ପିତା ଦେବୁ ଯେବେ ବର ।
ପୁଂସ ହସ୍ତେ ନ ମରୁଁ ହୋଇବୁଁ ଅମର ॥
ସ୍ତ୍ରୀବାକ୍ୟ ମଧ୍ୟଭୁବନେ ସଦା ଅବତରେ ।
ତେଣୁ ବଧ ନୋହୁଁ ଯେ ପୁରୁଷ କରରେ ॥
ବ୍ରହ୍ମା ବୋଇଲେ ବାକ୍ୟର ଅନେକ ଯେ ମାୟା ।
ସ୍ତ୍ରୀରୂପେ ବଜାଇଲ ସେ ତାହାର କାୟା ॥

ବୈଲୋଚନ ଦୈତ୍ୟ ନାଶ ନ ଗଲା ପୁରୁଷେ ।
ମାଳତୀ କନ୍ୟାରୂପରେ ଖଣ୍ଡିଲା ତା ପାଟଣ ॥
ରୁକ୍ମିଣୀ ମାରନ୍ତେ ଠାବ କଲା ମର୍ମ ବାଳ ।
ତାହା ଉପାଡ଼ନ୍ତେ ନାଶ ଗଲା ମହୀପାଳ ॥
ଧାତାର ମୁଖରୁ ଏହି ବାଣୀ ଅମ୍ଭେ ଶୁଣି ।
ସତ୍ୟ କରାଇଣ ବର ମାଗିଲୁଁ ଯେ ପୁଣି ॥
ଅମ୍ଭେ ବୋଇଲୁଁ ହେ ପିତା କର ଏବେ ସିଦ୍ଧ ।
ସ୍ତ୍ରୀର ହାତରେ କେବେହେଁ ନୋହୁଁ ଟି ବଧ ॥
ମାତା ଗୋ ବର ଦେଇଣ ବୋଇଲେକ ଗୁରୁ ।
ସ୍ତ୍ରୀର ପୁରୁଷରେ ତୁମ୍ଭ ବଧ ନୋହିପାରୁ ॥
ଦୁର୍ଗା ବୋଇଲେ ହୋ ତୁମ୍ଭେ ଏହି ଦେହ ଘେନ
ଅନେକ କାଳ ହୋ ବଞ୍ଚିଥିବ ଏ ମେଦିନୀ ॥
ତୁମ୍ଭ ସଙ୍ଗେ କେଉଁପରି ହେବ ମେଳ ଭାବ ।
ଅପାର ଭରଯା ପୁଣି ତୁମ୍ଭର ହୋଇବ ॥
ଏହିମତେ କାଳେ କାଳେ ଥିବ ଦେହ ଘେନ ।
କାହିଁ ଘର କରିବ ମୁଁ ହେଲେ ସପତଣୀ ॥
ଶୁମ୍ଭ ନିଶୁମ୍ଭ ବୋଇଲେ ଶୁଣ ଗୋସାମଣି ।
ବ୍ରହ୍ମାଙ୍କୁ ବୁହାଇ ଯାର୍ତ୍ତା କଲୁଁ ଅମ୍ଭେ ପୁଣି ॥
ବୋଇଲୁଁ ହେ ପିତା ଦେଲୁଁ ତୁ କଲ୍ୟାଣ ପଦ ।
କେମନ୍ତେ ଜାଣିବୁଁ କହ ଅମ୍ଭ ମୃତ୍ୟୁଭେଦ ॥
ମାତା ତୁ ଗୋ ନ କହିବୁ କାକୁ ପ୍ରିୟଭାବେ ।
ଅମ୍ଭର ମୃତ୍ୟୁଭେଦ ଗୋ ଥିବ ତୋର ଗର୍ଭେ ॥
ଏକ ଚିତ୍ତେ ଅରେକ ଗୋ ଯେବେ ଦେବୁଁ ହସ୍ତ ।
ତେବେ ଅମ୍ଭେ ମରୁଁ ଗୋ କହିଲୁଁ ଯେ ସତ ।
ଏ ସାତଦ୍ୱୀପମଧ୍ୟରେ ଅମ୍ଭେ ଚକ୍ରବର୍ତ୍ତୀ ।
ଅମ୍ଭଠାରୁ ବଳବନ୍ତ ନାହିଁ କେହି ପୃଥ୍ୱୀ ॥
ମା ଗୋ ଅମ୍ଭବାହୁବଳେ ନୈଷାସୁର ରଜା ।
ଅମ୍ଭର ଦର୍ପରେ କର ତାହାଙ୍କୁହିଁ ପୂଜା ॥
ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ଅମ୍ଭେ ଦେଲୁଁ ସାଧି ।
ବରୁଣପୁରେ ପଶିଣ ନେଲୁଁ ଅସ୍ତ୍ରନିଧି ॥
ଆଣିଲୁଁ କୁବେର ଭଣ୍ଡାରକୁ ଜୁର କର ।
ଭସ୍ତ୍ର ଆଦ ଦେବତାଏ ନୋହିଲେ କେ ସର ॥
ଯେବେ ତୋର ଅମ୍ଭଠାରେ ବଳିଲା ସନ୍ଦେହେ ।
ଅମ୍ଭର ଭରଯା ତୁମ୍ଭେ ହୋଇବ କ ମାତ୍ସେ ॥
ଦୁର୍ଗା ବୋଇଲେ ତୁମ୍ଭେ ତ ରକ୍ଷକୁଳବୀର ।
ବଚନ ମାତ୍ରକେ ତୁମ୍ଭେ ମୋତେ ବଶ କଲ ॥

Digitized by srujanika@gmail.com

ଏ ସଙ୍ଗ୍ୟର ସଙ୍ଗାପାଶେ ମୁହିଁ ଯେ ଅଇଲି ।
ତୁମ୍ଭଙ୍କୁ ଦେଖିଣ ଏବେ ସବୁ ପାଶୋରିଲି ॥
ବନ୍ଧୁ ବାନ୍ଧବ ମୋହର ସବୁ କଲି ତେଜ୍ୟା ।
ଯୁକତେ ତୁମ୍ଭର ମୁହିଁ ହୋଇବି ଭାରିଯା ॥
ଧନ ବସନ ରତନ ନ ରୁଚଇ ମୋତେ ।
ନୃତ୍ୟରଙ୍ଗ ଦୃଶ କରି ଶରଧା ଯୁକତେ ॥
ଶୁଣ ପରୀକ୍ଷିତ ଦୁର୍ଗା କଲେ ବହୁ ମାୟା ।
ଜଡ଼ସଡ ହୋଇଲା ଶୁଣି ଅସୁରଙ୍କ କାୟା ॥
ସାନନ୍ଦ ମନେ ବୋଲନ୍ତି ଯେ ଶୁମ୍ଭ ନିଶୁମ୍ଭ ।
ଏବର୍ଣ୍ଣେଶ ମୂର୍ଚ୍ଛନା ପଞ୍ଚ ତାଳ ଜାଣୁ ସର୍ବ ॥
ଭରହର ଅଦ ନୃତ୍ୟ ତାଣ୍ଡବ ଯେ କରୁ ।
ନୃତ୍ୟରସେ ତୋଷିକଲୁ ଜଗତର ଗୁରୁ ॥
ଦୁର୍ଗା ବୋଇଲେ ତୁମ୍ଭେତ ସବୁ କହୁଅଛ ।
ତାଣ୍ଡବ ନୃତ୍ୟ କରି ହୋ ଦେଖିବା ପ୍ରତ୍ୟକ୍ଷ ॥
ମଦନଜଳେ ବୁଡ଼ିଣ ଛନ୍ତି ବେନି ବୀରେ ।
ରହି ନ ପାରିଲେ ପରାପର ସେ ଅସୁରେ ।
କୋପ କରି କହନ୍ତି ଯା ଦେବୀ ଗୋସାମଣୀ ।
ତୁମ୍ଭଙ୍କ ରୁଚଇ ସେହୁ ସୁଧାରସ ଜାଣି ॥
ବିଶେଷେ ଏକାନ୍ତ ବନ ନାହିଁ ଅନ ମେଳେ ।
ନୃତ୍ୟ ଆରମ୍ଭ ସେ ବୀରେ କଲେ କୁତୂହଳେ ॥
ଓଁ କାରନ୍ତି ପିକସ୍ୱର ପରାୟେ ମଧୁର ।
ଗାବନ୍ତି ସେ ଗୀତମାନ ଅତି ମନୋହର ॥
ତାହାଙ୍କର କଉତୁକ ରଙ୍ଗ ନୃତ୍ୟ ଦେଖି ।
କରତାଳ ଦେଇ ହସୁଥାନ୍ତି ଚନ୍ଦ୍ରମୁଖୀ ॥
ଚଟପୁଟ ଗୃଧପୁଟ ଭରି ହରି କଳା ।
ଝମ ଝମ ଚରଣ ଯେ ଶୁଭେ ମନ୍ଦେ ଖେଳା ॥
ବେନି ପାଣି ବେନି ପାଦ ଶୂନ୍ୟେ କ୍ଷେପି ଦ୍ୟନ୍ତି ।
ଧାରଣା ମୂର୍ଚ୍ଛନା ଅଦ କେତେ ମେ କରନ୍ତି ॥
ଧୂଅଁ ମଠା ଚେନ୍ଦୁକ୍ଷେପା ବଢ଼ ପରତାଳ ।
ଝମ୍ପ ଅଉ ପ୍ରବନ୍ଧନୀ ସାର ଏକତାଳ ॥
ଶୃଙ୍ଗାର ବୀର କରୁଣାଦ୍ଭୁତ ହାସ୍ୟରସ୍ୟା ।
ଇତ୍ୟାଦି ନୃତ୍ୟକୁ ଦେଖି ହସି ମହାମାୟା ॥
ତାଙ୍କ ହାସ୍ୟ ବୁହିଁ ନୃତ୍ୟ ଦ୍ୱିଗୁଣ କରନ୍ତି ।
ଯେତେକ ମନ୍ତ୍ରଗଞ୍ଜ ଖଣା ଖାଲି ନ ମଣନ୍ତି ॥
କୋମଳ କରିଣ ଦେବୀ ବଚନ କହନ୍ତି ।
ନୃତ୍ୟରଙ୍ଗ ଦେଖିଲେକ ତୋଷ ମୋର ମତ ॥
ସେବେଳେ ଭେଟ ଯେ ମୁହିଁ ପାଇଲି ତୁମ୍ଭନ୍ତ ।
ଏମନ୍ତ କହିଣ ତୁମ୍ଭେ ଜାଣ ନୃତ୍ୟ ଗୀତ ॥
ତୁମ୍ଭେ ଯେ ଅଟ ମୋହର ହେଲ ପ୍ରାଣନାଥ ।
ଗୃହବାସ କରିବି ମୁଁ ତୁମ୍ଭର ସହିତ ।
ସମସ୍ତ ନୃତ୍ୟ ଗୀତ ମୁଁ ଦେଖିଲି ତୁମ୍ଭର ।
ଏ ନୃତ୍ୟ ଛାଡ଼ ବରଜ ନୃତ୍ୟ ଏବେ କର ॥
ଦୁର୍ଗାଙ୍କ ବାକ୍ୟେ ଉଲଟ କରିଲେ ସେ କଟି ।
ତଳକୁ ମୁଣ୍ଡ କରିଣ ନୃତ୍ୟ ରସେ ଗଣ୍ଠି ॥
ଦୁହିଁ ଦେବୀ କରତାଳି ଦେଇଣ ହସିଲେ ।
ପୁଣି ସଧୀର କରିଣ ଏମନ୍ତ ବୋଇଲେ ॥
ଅବେହଣ ମୂର୍ଚ୍ଛନା ହୋ ଦେଖିବା ତୁମ୍ଭର ।
ଏକ କରି ଦଣ୍ଡ ନେଇ ଅର କରି ଶିର ॥
ହେ ପରୀକ୍ଷ ପୂର୍ବେ ବ୍ରହ୍ମା ଦେଇଛନ୍ତି ବର ।
କାମେ ଅନ୍ଧ ହୋଇ ତାହା ଭୁଲିଲେ ଅସୁର ॥
ଯେ ଦୁର୍ଗା ବାଣୀ ଶୁଣି ସେ ଅନେକ ଉଷତ ।
ଏକଣିରେ ଅନେକ ଯେ ଦେଲେ ନେଇ ହସ୍ତ ॥
ଭରହରଙ୍ଗେ ମାରନ୍ତି କରେ କରତାଳି ।
ପ୍ରଳୟାଗ୍ନି ପ୍ରାୟ ବେନି ଉଠିଲେକ ଜଳି ॥
ଯେତେବେଳେ ଶେଷକାଳ ହୋଏ ପ୍ରାଣିଙ୍କର ।
ଅକାଶରୁ ମୃତ୍ୟୁଭେଦ ହୋଏ ତାହାଙ୍କର ॥
ତ୍ରୈଲୋକ୍ୟରେ ଅଗୋଚର ଯେ ବୀରଙ୍କ ମୃତ୍ୟୁ ।
କାମ ଲୁବୁଧ କରି ସେ ହସିଲେ ହେତୁ ॥
ଶୁମ୍ଭ ନିଶୁମ୍ଭ ବେନିଙ୍କ ବଧ ନେହେ ଦେଖି ।
ଦେବତା ସର୍ବେ ଅଇଲେ ସ୍ୱର୍ଗକୁ ଉପେକ୍ଷି ॥
ଦୁର୍ଗାଙ୍କର ସନ୍ନିଧିରେ ପ୍ରବେଶିଲେ ଯାଇଁ ।
ଯେ ଯାହାର ଅନୁରୂପେ କହନ୍ତି ବନସି ॥
ଏବେ ମାଗୋ ଫିଟିଗଲା ସ୍ୱର୍ଗପୁର ବାଟ ।
ସୁଖେ ଅକାଶେ ବସିବେ ଇନ୍ଦ୍ର ବାନ୍ଧ ପାଟ ॥
ମାଗୋ ତୋହର ପ୍ରସାଦେ ପାଇବୁ ସଦ୍‌ଗତି ।
ତୁହି ଯେ ହଇଲେବ୍ୟର ଫେଡ଼ିବୁ ଦୁର୍ଗତି ॥
ମହିଷା ଅସୁର ଚଣ୍ଡ ମୁଣ୍ଡ ଯେ ନିଶୁମ୍ଭ ।
ଏହି ଯେ ବ୍ରହ୍ମାଣ୍ଡ ଯାକ ନାଶ କଲେ ସର୍ବ ॥
ଶୁମ୍ଭ ନିଶୁମ୍ଭଙ୍କ ବଧ ଶୁଣନ୍ତି ଯେ ନର ।
ଅରିଷ୍ଟେ ଉତ୍ପାତମାନ ଖଣ୍ଡେ ତାହାଙ୍କର ॥
ଦେବତାଙ୍କର ଉତ୍ପାତ ଖଣ୍ଡିଲ ଅଭୟେ ।
ସମସ୍ତଙ୍କର ଅପଦ ଖଣ୍ଡ ମହାମାୟେ ॥

Digitized by srujanika@gmail.com

ଦୁର୍ଗାଙ୍କୁ ଭକ୍ତେ କରଣ ଲକ୍ଷେ ଆଶ ସ୍ତବ ।
ଯାବତ କ୍ଲେଶ ତୁମ୍ଭର ଖଣ୍ଡ଼ ମହାଦେବୀ ॥
ଶ୍ରୀଦୁର୍ଗା ଶ୍ରୀଚରଣରେ ଶରଣ ମୁଁ ନିତ୍ୟେ ।
ଶାରଳାଦାସ ଛବଇ ହୃଦମଧ୍ୟରେ ॥
ଜୟ ତୁ କାତ୍ୟାୟନି ନଗୀ ଜୟ ଚଣ୍ଡି ଦୁର୍ଗେ ।
ତୋହର ଦର୍ଶନେ ଯମଦଣ୍ଡ ଗୋ ନ ଲଗେ ॥
ସହସ୍ରେ ଭୁଜେ ସହସ୍ରେ ଶସ୍ତ୍ର ଅଛୁ ଧରି ।
ଜଗଜ୍ଜନମୋହନ ଗୋ କେଶ ତୁ ନବାରୀ ॥
ଯାହା ନାମ ସ୍ମରନ୍ତେଣ ଖଣ୍ଡେ ଯମଦଣ୍ଡ ।
ଯାହା ନାମ ସ୍ମରନ୍ତେ ବନ୍ଧହୋଏ ଖଣ୍ଡ ॥
ଯାହା ନାମ ସ୍ମରନ୍ତେ ଲକ୍ଷ୍ମୀହୋଏ ପ୍ରାପ୍ତ ।
ଯାହା ନାମ ଭଜନ୍ତେଣ ଅପୁଷ୍ଟ ବର୍ଦ୍ଧିତ ॥
ଯାହା ନାମ ଜପନ୍ତେ ଅରିଷ୍ଟ ହୋଏ ଶାନ୍ତ ।
ଯାହା ନାମ ଜପନ୍ତେଣ ନ ପଡ଼େ ଦୁର୍ଗତି ॥
ଯାହା ନାମ ଜପନ୍ତେ ନ ଥାଇ ରୋଗ ବ୍ୟାଧି ।
ଯାହା ନାମ ସ୍ମରନ୍ତେ ପ୍ରସରଇ ବୁଦ୍ଧି ॥
ଯା ନାମ ସ୍ମରନ୍ତେ ଅପୂର୍ବିକ ଦୋଷ ଯାଇ ।
ସନ୍ତାନ ଉପୁଜେ ମହାଶ୍ରେୟ ମାନ ପାଇ ॥
ବିପାକ କରମ ଯାହା ଯୋଗରେ ତୁଟଇ ।
ଯେ ଦେବୀ ନାମ ସ୍ମରନ୍ତେ ବନ୍ଧନ ଫିଟଇ ॥
ମୁନିଜନମାନେ ନିତ୍ୟ ସ୍ତବୁଛନ୍ତି ଯାହା ।
ମାନବଜନ୍ମରେ ମୁହିଁ କି କହିବ ତାହା ॥
ହେ ପଣ୍ଡିତ ଜନେ ଦୁର୍ଗାଦେବୀଙ୍କର ବନ୍ଦୁ ।
ଆନ ନ ଭାବଇ ମନେ ମୋହର ଏ ଜ୍ଞାନୁ ॥
ଶ୍ରୀ ଭାଗବତ ଭକତ ଶ୍ରୀ ବିଷ୍ଣୁ ପୁରାଣେ ।
ସଂସାରଜନଙ୍କ ମୁକ୍ତି ବାଟ ଥୁଏ ଏଣେ ॥
ଶ୍ରୀ ଦୁର୍ଗା ଚରଣେ ଦଣ୍ଡ ପ୍ରଣାମ ମୋ ନିତ୍ୟେ ।
ଶୂଦ୍ରମୁନି ଶାରଳା ଯେ ଭଜେ ଅନୁବ୍ରତେ ॥

## ଚୃମର ବେମାଳ ବଧ ।

ଶୁଣ ପରୀକ୍ଷ ନୃପତି କହେ ଶୁକବ୍ରହ୍ମା ।
ଶ୍ରୀ ଦୁର୍ଗାଦେବୀ ଚରିତ ଏମନ ମହିମା ॥
ତ୍ରୈଲୋକ୍ୟ ଯେବଣ ଶୁମ୍ଭ ନିଶୁମ୍ଭ ଅବଧ ।
ବିନାଦୋଷେ ନାଶଗଲେ ହୋଇଣ ନିର୍ବୋଧ ॥
ହେ ପଣ୍ଡିତଜନମାନେ ବିଚାର ତ ହୃଦେ ।
ତର ଅଛୁ ହତ ଯାଏ ପରସ୍ତ୍ରୀ ଲୁବୁଧେ ॥
ତଦନ୍ତରେ ପୁଚ୍ଛାକଲେ ପରୀକ୍ଷ ନୃପତି ।
କାଳବଶାରୁଁ ମାଇବ ମୁଁ ଏବେ ମୁକତି ॥
ଚଣ୍ଡ ମୁଣ୍ଡ ଶୁମ୍ଭ ନିଶୁମ୍ଭଙ୍କ ବଧ ଶୁଣି ।
କି ବୋଇଲା ସେ ମହିଷାସୁର ନୃପମଣି ॥
ବଦନ୍ତି ଶୁକମୁନି ହୋ ଶୁଣ ପରୀକ୍ଷିତ ।
ଅଭିସାରିକା ହୋଇଛି ମହିଷା ଦଇତ ॥
ଯାଇଣ ଅଛନ୍ତି ବୀରବର ଅଣିବେ ଯୁବତୀ ।
ମୋର ଇଚ୍ଛାଏ କରିବ କ୍ରୀଡ଼ା ଦିବାରାତି ॥
ବାହାରବରେ ଯେ ପୂର୍ବ ଜଗତୀ ଉପରେ ।
ପଥ ଅନୁସରଇ ସେ ମନ ବ୍ୟାକୁଳରେ ॥
କାଳ ବିକାଳ ନାମରେ ବେନି ଦୂତ ତାର ।
ବିନ୍ଧ୍ୟଗିରିପାଶରୁ ବେଗ ଅଇଲେ ସତ୍ୱର ॥
ସେ ଯାଇ ପ୍ରବେଶ ହେଲେ ମହିଷାସୁର ପାଶେ ।
ସ୍ୱାମି ସମ୍ପଦ ନାଶିଲୁ ସ୍ତ୍ରି ସଲଙ୍ଗ ଆଶେ ॥
ପ୍ରତ୍ୟକ୍ଷେ ରାକ୍ଷସ ବଳ ତୁଲେ ସମଦଣ୍ଡ ।
ଦେନି ଯାଇଁଣ ବିନାଶ ହେଲେ ଚଣ୍ଡ ମୁଣ୍ଡ ॥
ପୁଣି ଶୁମ୍ଭ ନିଶୁମ୍ଭ ଯେ ଗଲେ ଭାଇ ବେନି ।
ନୃତ୍ୟଗୀତ କରି ସ୍ତ୍ରୀଲେ ଛୁଇଁଲେ ମୂର୍ଦ୍ଧନୀ ॥
ସେ ଦେବୀର ବଚନ ଯେ ଜାଣି ନ ପାରିଲେ ।
ପ୍ରଳମ୍ବ ଅଗ୍ନି ଜଳିଲା ଭସ୍ମ ହୋଇଗଲେ ॥
ଡଗର ମୁଖରୁ ଏହ୍ନ ବଚନକୁ ଶୁଣି ।
ମୃମ୍ବୀଭୂତ ହୋଇଣ ଯେ ବସି ନୃପମଣି ॥
ଆହୋ କାଳ ବିକାଳ ହୋ କହିଲ କେମନ୍ତ ।
ତୁମ୍ଭର ବଚନ ମୁହିଁ ନ କରଇଁ ସତ ॥
ଦେବତାଙ୍କୁ ଦୁର୍ଲଭିତ ଯାହା ବଳ ବୀର୍ଯ୍ୟ ।
ମାନବୀ ମାଇକି ତାଙ୍କୁ କଲକ ଦହୟ୍ୟ ॥
ଦୂତେ ବୋଇଲେ ଅଦ୍ଭୁତ ସ୍ତ୍ରୀ ରୂପବତୀ ।
ବିଶ୍ୱାସଘାତକେ ତୋର ସୈନ୍ୟବଳ ନାଶି ॥
ଶୁଣିଣ ବିରସ ମହିଷାସୁର ମହୀପାଳ ।
ସନ୍ନିଧେ ହକାରିଲା ସେ ଚୃମର ବେମାଳ ॥
ସହସ୍ରେ ଯୋଦ୍ଧା ଘେନିଣ ଯାଅ ହେ ଏକ୍ଷଣ ।
ଚଣ୍ଡ ମୁଣ୍ଡ ଶୁମ୍ଭ ନିଶୁମ୍ଭର ବାର୍ତ୍ତା ଅଣ ॥
କେବଣ ଯୁବତୀ ତାର ଚରିତ କେମନ୍ତ ।
ଅଛି କି ପୂର୍ବେ ଦେଖିଲ ଗତ କି ଅଗତ ॥
ସତ୍ୟଯୁଗ ତ୍ରେତାକାଳ ମୋର ବୁଦ୍ଧିବଳେ ।
ଏତେକ ଉପଘାତ ନାହିଁ କେଉଁଣସି କାଳେ ॥

Digitized by srujanika@gmail.com

ଦଇବ ସେ ଜାଣଇ ନା ମୋର ପରାକ୍ରମ ।
କେବଣ ନକ୍ଷତ୍ରରେ ମୁଁ ହୋଇଲି ଜନମ ॥
ଧୂମର ବେମାଳେ ତହୁଁ ମୈଷା ଦେଲା ଶାନ୍ତି ।
କେବଣ ନାଗରୀ ତାକୁ ଆଣ କେଶ ଧରି ॥
ହେ ପରାକ୍ଷେ ଆଜ୍ଞା ପାଇ ଧୂମର ବେମାଳ ।
ସଙ୍ଗତେ ଘେନି ବତଶ ସହସ୍ରେକ ବଳ ॥
ଚଳନ୍ତି ସମାରୋହରେ ମୈଷାସେନାପତି ।
ଆକାଶ କମ୍ପଇ ଯେ ନ ସହେ ବସୁମତୀ ॥
ଏକଲୁ ପଞ୍ଚ କରଣ ଅନ୍ୟ ହୁଏ ଆଗ ।
ହରି ଉଦ୍ୟ ନବନରେ ପ୍ରବେଶିଲେ ବେଗ ॥
ଅନେକ ଯେ ଖାରତୂର ବାଣ ଘଡ ଘଡ ।
ମାର ଦୁର୍ଗ ର ଦନ୍ତେ ରହିଗିର ବେଢି ॥
ରତ୍ନଦିଗିରିରେ ବସିଛନ୍ତି ଦେବୀ ଦୁର୍ଗେ ।
ଧୂମର ବେମାଳ ଦୁହେଁ ହେଲେ ଯାଇଁ ଆଗେ ॥
ହେଠ ବଦନ ଦେବୀଙ୍କ ମାନ୍ତନୀ ଅବସ୍ଥା ।
ମୁଖ ଟେକି ତାହାଙ୍କୁ ଯେ ନ କହନ୍ତି କଥା ॥
ଧୂମର ବେମାଳ ଦୁହେଁ ଦୁର୍ଗାଙ୍କୁ ପଚାରି ।
କେବଣ ଦେଶୁଁ ଅଇଲୁ ତୁ ଗୋ ବରନାରୀ ॥
ଚଣ୍ଡ ମୁଣ୍ଡ ଶୁମ୍ଭ ଆଉ ନିଶୁମ୍ଭ ଅଇଲେ ।
ସେତ ଅମ୍ଭ ଭୁବନକୁ ବାହୁଡ଼ି ନ ଗଲେ ॥
ଦୁର୍ଗା ବୋଇଲେ ହୋଏ ଯେ ଅତି ଉତକର୍ମ ।
ବହୁକାଳ ତାହାକୁ କି ରଖିଦେବ ଧର୍ମ ॥
ମହିଷାସୁର ରାଜାର ଅଦ୍ଭୁତ ରଚନା ।
ଭଲମନ୍ଦ ପାପ ପୁଣ୍ୟ ସେହୁ କରେ ସିନା ॥
ଯହୁଁ ଅଇଲା ସେ ପୁଣ ତହିଁକି ସେ ଗଲା ।
ଜଳବିମ୍ବ ପ୍ରାୟ ମଧ୍ୟେ ରୂପ ଦେଖାଇଲା ॥
କେ ଏଥି ଜାତ ହୋଇଣ ଅମର ହୋଇବ ।
ତୁମ୍ଭେ ମଧ ଅଜ କ ଲି ତେବେହେ ନାଶଯିବ ॥
ମହିଷାସୁରକୁ ଯେଉଁ ବ୍ରହ୍ମା ଦେଲେ ବର ।
ସେ ବ୍ରହ୍ମା ଏ ମଣ୍ଡଳେ କି ହୋଇବ ଅମର ॥
ଧୂମର ବେମାଳ ବୋଲେ ନ କହ ଗୋ ବାଣୀ ।
ମୈଷାସୁର ନୃପତିର ହେବ କି ଘରଣୀ ॥
ଏବେ ଆସ ତୋତେ ପୁରୁଷାର୍ଥ କରି ନେବା ।
ଦଶ ଦୋଷ ମହାସ୍ୱାମି କ୍ଷମା କରାଇବା ॥
ଅଥବା ରାଜାକୁ ତୋର ନ ବଳଇ ଚିତ୍ତ ।
ଆମ୍ଭର ଭରସା କିବା ହୋଇବୁ ସଙ୍ଗାତ ॥

ଦୁର୍ଗା ବୋଇଲେ ହୋ ଶୁଣ ଏମୋହର ବାଣୀ
ମୈଷାସୁର ରାଜାର ମୁଁ ଅଟେଁ ଠାକୁରାଣୀ ॥
ମୁଁ ଯେବେ ତୁମ୍ଭ ରାଜାକୁ କରିଲିଁ ଇଚ୍ଛା ।
ତାହା ତହୁଁ ମୋର ଆନେ ନ ବଳଇ ବାଞ୍ଛା ॥
ମୋହର ଅଛନ୍ତି ଜାଣ କନ୍ୟା ବେନିଗୋଟି ।
ସେ ତୁମ୍ଭଙ୍କ ଯୋଗ୍ୟ ରୂପ ଗୁଣରେ ତୁଲ୍ୟଟି ॥
ଆସ ଲୋ ଏଠାକୁ ଛାୟା ମାୟା ବେନି ବାଳୀ ।
ବର ଆସି ଏତେକାଳେ ମିଳେ ମନ ଭଳି ॥
ଦୁର୍ଗା ଡାକନ୍ତେ ବାହାର ସେ ବେନି ଦେବଣ ।
କରପତ୍ର ଯୋଡଣ ସେ ସମ୍ମୁଖରେ ମିଳନ୍ତି ॥
ତ୍ରୈଲୋକ୍ୟର ମୋହନୀ ସେ କାମିନୀ କାମାକ୍ଷୀ ।
ଧୂମର ବେମାଳଙ୍କର ନ ଫୁରଇ ଚକ୍ଷୁ ॥
ଅନେକ ଅଳଙ୍କାର ସେ ଅଙ୍ଗେ ଆଭରଣ ।
ନାନା କୁସୁମେ କବରୀଭାର ଶୋଭାବନ ॥
ଖୋପାର ଉପରେ ପରିହରଣ ବସନ୍ତ ।
କାମିନୀ ମାନିନୀ ହୋଇ ଅଛନ୍ତି ସ୍ୱରୂପତ ॥
ବେଶ କରିଲେ ସଂସାର ଜନ ମୋହପାର ।
ତିନି ଭୁବନରେ ତାଙ୍କୁ ନାହିଁ କେହି ସରି ॥
ଦୁର୍ଗା ବୋଇଲେ ହୋ ଶୁଣ ଧୂମର ବେମାଳ ।
ଏ ମୋର ଦୁହିତା ତୁମ୍ଭେ ଯାଙ୍କୁ ପ୍ରତିପାଳ ॥
ଶୁଣି ସାନନ୍ଦ ହୋଇଲେ ସେ ଅସୁର ବେନି ।
ଛାୟା ମାୟାଙ୍କର ହସ୍ତ ଧରି ଗଲେ ଘେନି ॥
ଲକ୍ଷ୍ମୀଭଦ୍ରା ନଦୀକୂଳେ ରହିଅଛି ଥାଟ ।
ଛାୟା ମାୟାକୁ ଘେନିଣ ଗଲେ ସେ ଦରିଷ୍ଟ ॥
ଅନେକ ଆନନ୍ଦ ମନେ ହେଲେ ମହାଭୋଳେ ।
ଲାଗିଲା ମଦିରା ପାନ ଅତି କୁତୂହଳେ ॥
ନାନା କୌତୁକ କରନ୍ତି ମତ୍ତରଙ୍ଗ ଖେଳେ ।
ଦେବୀଙ୍କ ମାୟାରେ ବଶହେଲେ ସେହୁ ରଙ୍ଗେ ॥
ରାତ୍ର କାଳରେ ଶୋଇଲେ ସମସ୍ତ ସଇନୀ ।
ଧୂମର ବେମାଳ ପୁଣି ବେନି ଦେବୀ ଘେନି ॥
କାଦମ୍ବରୀ ପାନେ ଦୈତ୍ୟେ ଅସାବଧାନେ ଭେଳେ ।
ହାସ ଦେଖାଇ ମାଡ଼ଣ ବସି ବକ୍ଷସ୍ଥଳେ ॥
ଡାକନ୍ତି ପାମରେ ଏବେ ଯିବ କେଉଁଠାକୁ ।
ନଖେ ବିଦାରିଲେ ଦେବୀ ତାହାଙ୍କର ବୁକୁ ॥
ମଦିରା ପାନରେ ବୁଡ଼ିଛନ୍ତି ବେନିଜଣ ।
ଭୂମିରେ ପଡିଲେ ଦୁଷ୍ଟେ ହୋଇ ଗତପ୍ରାଣ ॥



Digitized by srujanika@gmail.com

ଧୂମ୍ରଲୋଚନ ମାରି ମାରିଲେ ସଇନ ।
ବାଳ ଝଙ୍କାରେ ପଳାଇଗଲେ ଦେହ ଘେନ ॥
ବ୍ରହ୍ମାଣ୍ଡ କମ୍ପିଲା ଦେଖି କରନ୍ତେଣ ରଡ ।
ଅସୁରଙ୍କ ମାରି ରକ୍ତମାଂସେ କଲେ ଖେଡ ॥

—:୦:—

କାଳିମାଳା ବଡ଼ାଳାକ୍ଷ ରକ୍ତବୀଜ ବୀର-
ଘଣ୍ଟ ଏବଂ କାଳଦଣ୍ଡ ପ୍ରଭୃତିଙ୍କର
ଯୁଦ୍ଧେ ଗମନ ଓ ମୃତ୍ୟୁ ।

କାଳବିକାଳ ଏ ଦୁହେଁ ଗଲେ ଅତିବେଗେ ।
ଯାଇ ଜଣାଇଲେ ମୈଷାଅସୁରର ଆଗେ ॥
ଶୁଣ ସାବଧାନେ ମହାରାଜ ଆମ୍ଭ କଥା ।
ଯମଦଣ୍ଡ ଘେନ ସେହୁ ଗଲେ ମହାରଥୀ ॥
ଦେଖିଲୁ ଯୁବତୀ ବସିଅଛି ଏକାନ୍ତରେ ।
ଧୂମ୍ରଲୋଚନ ଯାଇ ହେଲେ ସେହିଠାରେ ॥
ତାକୁ ଦେଖି ମୋହଗଲେ ସେହୁ ବେନଭାଇ ।
ବୋଇଲେ ଆମ୍ଭ ଭାରିଯା ହୋଇବୁ କି ତୁହି ॥
ସେ ବୋଇଲା ମୈଷାସୁର ବଳବୀର୍ଯ୍ୟ ଶୁଣି ।
ମୁହିଁ ଆସିଅଛି ତାର ହୋଇବ ଘରଣୀ ॥
ରାଜାର ଭାରିଯା ଯେ ସେ ତୁମ୍ଭ ଗୁରୁପତ୍ନୀ ।
ତାହାକୁ ହରଣ ଲୋଡ଼ ଏତେକ ଅଜ୍ଞାନୀ ॥
ଏରୂପେ କାମ ଛଳରେ ଧର୍ମକୁ ଲଙ୍ଘିଲେ ।
ଏହି ପାପୁଁ କରି ଚଣ୍ଡମୁଣ୍ଡେ ନାଶଗଲେ ॥
ହିଂସ୍ର ଦୁଇଗୋଟି ଥିଲା ତାହାଙ୍କର ତୁଲେ ।
ଧୂମ୍ରଲୋଚନଙ୍କୁ ସେ ଦୁହିଙ୍କି ଅର୍ପିଲେ ॥
ଦୁହିଙ୍କି ଘେନ ସେ ବେନସିଂହ ଚଳିଲେ ।
ଚତୁର୍ଦ୍ଦିଗ ତଳରେ ସେ ନିଶାରେ ରହିଲେ ॥
ପ୍ରଭାତେ ଯାଇଁ ଦେଖିଲୁଁ ସେ ବେନ ବୀରଙ୍କୁ ।
ହସ୍ତିନଖାଘ୍ରୀ ଚୂର୍ଣ୍ଣ ହୋଇଅଛି ବୁକୁ ॥
ସ୍ୱାମି ପାଞ୍ଚକୋଶଯାଏ ଖଟିଲେକ ବଳ ।
ଗଣ୍ଡସ୍ଥାନେ ପଡ଼ିଅଛି ମସ୍ତକ କେବଳ ॥
ଗଜ ଅଶ୍ୱ ରଥ ଆଉ ଯେତେକ ସଇନ ।
ଜଣେ ନଇଲେ ଲେଉଟି ଦେବ ଦେହ ଘେନ ॥
ଯହୁଁ ସେନାମାନଙ୍କର ଶୁଣିଲା ବିନାଶ ।
ବଜ୍ରାଘାତ ପ୍ରାୟେକ ସେ ପଡ଼ିଲା ରାକ୍ଷସ ॥
ହାହା ସୋଦର ରେ ତୁମ୍ଭେ ମୋର ପ୍ରାଣସଖା ।
ମମକାର୍ଯ୍ୟେ ଯାଇ କାହିଁ ହୋଇଲ ନିରେଖା ॥
ବ୍ରହ୍ମାଣ୍ଡ ସାଧିକଲି ମୁଁ ତୁମ୍ଭ ବାହୁବଳେ ।
କଷ୍ଟେ ନାଶ ଗଲ ମୋ କର୍ମର ଅବଳେ ॥
ମେଦିନୀରେ ପଡି କାନ୍ଦେ ମୈଷାସୁର ରାଜ୍ୟେ ।
ଅଯାଷ୍ଟମ ଭୂମିରେ ସେ ପଡ଼ି ଲୋଟିଯାଏ ॥
ରାଜା ଅଯାଷ୍ଟମ ଦେଖି ସର୍ବସେନାପତି ।
ଏକବୁଣ୍ଡ ହୋଇଲେ ସେ ମୈଷାସୁର କତି ॥
ରୋଦନ ମନ୍ଦବାଯୁର ହୃଦର ଝଡ଼କଲେ ।
ଆହା ବୀରମାନେ କାହିଁ ଗଲ ଏକାବେଳେ ॥
ହେ ବାଭଯେ ଚଣ୍ଡମୁଣ୍ଡ ଶୁମ୍ଭ ରେ ନିଶୁମ୍ଭ ।
ଧୂମ୍ରଲୋଚନ ମୋର ପ୍ରାଣ ସମ ସର୍ବ ॥
ତୁମ୍ଭ ହେତୁ ସ୍ୱର୍ଗମର୍ତ୍ତ୍ୟ ପାତାଳେ ମୁଁ ରାଜା ।
ମୃତ୍ୟୁମଣ୍ଡଳ ରାଜାଏ କଲେ ମୋତେ ପୂଜା ॥
ମୋତେ ମରଣ ନୋହିଲା କପାଁ ତୁମ୍ଭ ଆଗେ ।
ଏତେବୋଲିଣ ସେନାଙ୍କୁ ବୋଲେ ପୁଣି ରାଗେ ॥
ଯାଇ ସେ ମୋହିନୀର ଆଣ କେଶ କରେ ଧରି ।
ତେବେ ସେ ସୁସ୍ଥହୋଇବ ଏ ମୋହର ପୁରୀ ॥
କନ୍ୟାରୂପ ଧରି ଥାଏ ବହ୍ନିଦେବେ ବସି ।
ବିଶ୍ୱାସ କୁଟେ ମୋ ସେନାମାନଙ୍କ ବିନାଶି ॥
ଭୂମିରେ ତା ଚରଣ ନ ପଡ଼ୁ ଧରି ଆଣ ॥
ଅସୁରକୁଳର ସେହୁ ଘେନିବ ପରାଣ ॥
ତିଳ ପ୍ରମାଣରେ ମୁହିଁ କାଟିବି ତା ମାଂସ ।
ତେବେ ସେ ମନ ମୋହର ହୋଇବ ସନ୍ତୋଷ ॥
ରକ୍ତମାଂସ ଖାଇବଇଁ ତାର ମୁହିଁ ଭଜ ।
ପୁଣ ପୁଣ କୋପେ ବୀର ଉଠେ ଗଳଗାଜ ॥
ରକ୍ତବୀଜ ବୋଲେ ସ୍ୱାମି ଏ ଭଲ ନୁହଇ ।
ତୋହ ବୋଲ ଶୁଣି ମୋର ଦେହ ରୋମାଞ୍ଚଇ ॥
ଦେବ ଅମ୍ଭେ ଗୁରୁଜଣ ତୋର ଅଛୁ ସେନା ।
ଦେବତା ଦାନବେ ଅମ୍ଭେ ନ କରୁଁ ଗଣନା ॥
ଅମ୍ଭେ କି ସହି ପାରବୁ ହେ ଦେବମାର୍ତ୍ତଣ୍ଡ ।
ଯାହା ଗୁଳନ୍ତେ କମ୍ପଇ ସପତ ବ୍ରହ୍ମାଣ୍ଡ ॥
ବ୍ରହ୍ମାଇନ୍ଦ୍ର ରଦ୍ରଙ୍କୁ ହୋ ଧାଡ଼ ଯେ ଅମୁର ।
ସେ ଛାର ପାମରୀ ପିନା ଅଟେ ସ୍ତ୍ରୀନସ୍ତ୍ରୀରୀ ॥
ମାରନ୍ତେ ସ୍ତ୍ରୀହତ୍ୟା ଜଣନ୍ତେଣ ନାହିଁ ଯଶ ।
ତୁହିତ ସମସ୍ତ ଜାଣୁ ତାକୁ ଭୟ କିସ ॥
ତାହା ଶୁଣି ବୋଇଲେ ଯେ ସେ କାଳବିକାଳ ।
ସ୍ତ୍ରୀସ୍ୱଲିଙ୍ଗ ବୋଲି ତୁମ୍ଭେ କରୁଅଛ ହେଳ ॥

Digitized by srujanika@gmail.com

ଚଣ୍ଡମୁଣ୍ଡ ଜିଣିବାକୁ ହେଲା ସାମରଥ ।
କୁଣ୍ଟେ ନାଶଗଲା ଶୁମ୍ଭ ନିଶୁମ୍ଭ ଦଇତ ।
ତ୍ରୈଲୋକ୍ୟରେ ଅଜେୟ ଯେ ସୁମତେ ଦେବମାନ ।
ବିଦାରଣ କଲା ପୁଣି ତାଙ୍କ ବକ୍ଷସ୍ଥଳ ।
ହିରଣ୍ୟ ବିଦାରି ଥିଲେ ଯେମନ୍ତେ ନୃସିଂହ ।
ତାହାକୁ କେମନ୍ତେ ତୁମ୍ଭେ ବୋଲ ସ୍ତ୍ରୀଶରୀର ॥
ମାନିନୀ ମୌନାବସ୍ଥାରେ ଥାଏ ହୋଇ ତୁନି ।
ରଣରଙ୍ଗ ଧନ୍ଦୋଳରେ ନୋହେ ତାକୁ ଜିଣି ॥
ସ୍ତ୍ରୀଶରୀର ବୋଲି ତୁମ୍ଭେ ତାହାକୁ ନ ବୋଲ ।
ଯେବେ ପାର ତେବେ ଯମଦଣ୍ଡ ଘେନି ଚଳ ॥
କାଳମାଳା ବୋଲେ ତାକୁ କସ ମୋର ଖାତ ।
ଏହିକ୍ଷଣି ଧର ଘେନି ଅଚିର ଝଟିତ ॥
ଏତେବୋଲି ବାହାର ଯେ ମୁଦ୍ଗର ବୁଲାଇ ।
ଅସ୍ଥାନ ଉପରୁ ଖାରି ପଡ଼ିଲାକ ହେଇଁ ॥
କାଳମାଳା ଯାନ୍ତେ ଦେଖି ଯାଏ ରକ୍ତବୀଜ ।
ବଡ଼ାଳାକ୍ଷ ଖାରଘଣ୍ଟ ହେଲେ ବେନି ସଜ ॥
ରକ୍ତବୀଜ ତୁଲେ ଦୁଅଦଶ କୋଟି ସେନା ।
ପନ୍ଦରଅର୍ବୁଦ ସହିତ ବଂଶ କୋଟି ଜେନା ॥
ପଚଶ ଅସୁତତୁଲେ ଗମନ୍ତି ପଦାତି ।
ଦଣ୍ଡ ଶୂଳଚକ୍ରେଣ କମ୍ପିଉଠେ ବସୁମତୀ ॥
କାଳମାଳା ତୁଲେ ସେନା କୋଟିଏ ମର୍ଦ୍ଦିତ ।
ପଦାତି ବଳ ତାହାର ଅତି ଅପ୍ରମିତ ।
ବାଦ୍ୟକାରମାନେ ତାର ସତୁର ମର୍ଦ୍ଦିତ ।
ସପ୍ତଦଶ କୋଟିବାଣ ବାଜେ ଅଗଣିତ ॥
କାମସ୍ୱରୂପୀ ଦାନବ ଜଗତ ଘୋଟିଲେ ।
ମହାଁ ମହା ଦାନବେ ସେ ସମରେ ଚଳିଲେ ॥
ଖାରଘଣ୍ଟ ତୁଲେ ସୈନ୍ୟ ବାଇଶ ମର୍ଦ୍ଦିତ ।
ରେଖାର ତୁରଙ୍ଗମ ଯେ ଷାଠି କୋଟିସ୍ଥିତ ॥
ଅଶୀ ଅର୍ବୁଦ ପଦାତି ତାର ସୈନ୍ୟ ତୁଲେ ।
ଏତେକ ଘେନିଣ ସେହି ରଣେ ଅବତରିଲେ ॥
ଚଳିଲେ ସୁରବୀରେ ସେ ରକ୍ଷ ବଳ ଘେନି ।
ମହାଭୟେ ଥରହର ହେଉଛି ମେଦିନୀ ॥
କାଳଦଣ୍ଡ ଚଳଇ ଯେ ଦୈତ୍ୟ ବଳ ଘେନି ।
ତୁଲେ ତାର ଚନି ପଦ୍ମ ଅଛନ୍ତି ସଇନ ॥
ସ୍ୱର୍ଗ ପର୍ବତେକ ଥାଇଁ ଦୈତ୍ୟେ ଦେଲେ ଧାଡ଼ି ।
ମହା ସମ୍ଭ୍ରମରେ ଯାଇଁ ରହିଗଲେ ବେଢ଼ି ॥

ଧରଧର ମାରମାର ଚତୁର୍ଦ୍ଦିଗେ ବୋବ ।
ଗିରିରେ ଥାଇ ଦେଖିଲେ ତାହା ଦୁର୍ଗାଦେବୀ ॥
ଘୋରଶବଦ କରନ୍ତି ଦାନବେ ପ୍ରଚଣ୍ଡ ।
ହାଲହୁଳୀ ହୁଅଇ ଯେ ସପତ ବ୍ରହ୍ମାଣ୍ଡ ।
ଅସ୍ତ୍ରରେ ପ୍ରନଙ୍କ୍ଷ ବଡ଼ କରନ୍ତି ବିଖଣ୍ଡ ।
ଦେଖି ଦୁର୍ଗା ଦେହ ଝାଳ ଗଳଇ ପ୍ରଚଣ୍ଡ ॥
ଲଲାଟ ପାଟିରୁ ପୁଣି ବହେ ମହାଘର୍ମ ।
ତାହାପୋଛି ପକାଇଲେ କରି ଅତି ଡମ ॥
ଲଲାଟୁ ସେ ସ୍ୱେଦ ଯାଇ ପଡ଼ିଲା ଧରଣୀ ।
ପ୍ରଥମେ ସମ୍ଭୂତ ଚଣ୍ଡୀ ହେଲେ ନାରାୟଣୀ ॥
ନୀଳବର୍ଣ୍ଣ ଦେହ ମୁଖ ଗୋଟି କୃଷ୍ଣବର୍ଣ୍ଣ ।
ଶଙ୍ଖ ଚକ୍ର ଗଦା ଶାର୍ଙ୍ଗଧନୁରେ ଶୋଭନ ॥
ଶିରେ ମୁକୁଟ ଶୋଭିତ କର୍ଣ୍ଣରେ କୁଣ୍ଡଳ ।
ନାମ ନାରାୟଣୀ ତାଙ୍କ ସଦା ମଙ୍ଗଳ ॥
ଦୁର୍ଗାର ସମ୍ମୁଖରେ ପରବେଶ ନାରାୟଣୀ ।
ଆଜ୍ଞାଦେଲେ ଗୃହିଣ ଯେ ଦୁର୍ଗତତାରିଣୀ ॥
ଦେବତାଙ୍କୁ ଏ କଷ୍ଟରୁ କରସି ତୁ ପାର ।
ସମସ୍ତ ଅସୁର ବଳମାନଙ୍କୁ ଗୋ ମାର ॥
ଦୁର୍ଗାଦେବୀଙ୍କର ଆଜ୍ଞାପାଇ ଗୋସାମଣୀ ।
ପ୍ରକାଶିଲେ ମହାଚଣ୍ଡ ରୂପ ନାରାୟଣୀ ॥
ହୁଁକାର ଶବଦ କଲେ ଘୋର ବିକରାଳୀ ।
ଚଣ୍ଡୀ ଜାତ ହୋଇ ଉଭା ହୋଇଲେ ବାସୁଳୀ ॥
ପାଦେକ ମର୍ତ୍ତ୍ୟେ ଅରେକ ପାଦ ଗଗନରେ ।
ମୁକୁଳିତ କେଶ ଜଟା ଲହ ଲହ କରେ ॥
ଲୋହିତ ବର୍ଣ୍ଣ ଶରୀର ବାଳ ଅର୍କ ଜିଣି ।
ଅସୁରକୁଳ ଭୂଷଣ ପ୍ରତ୍ୟକ୍ଷେ ବଦନ ॥
ନବନଶି କୁଠାର ଯେ ଦକ୍ଷିଣ ଭୁଜରେ ।
ବାମଭୁଜ ଶୋଭାବନ ଦିବ୍ୟ କୃପାଣରେ ॥
ନୟନ କଟାକ୍ଷି ପୁଣ ଗୃହିଁଲେକ ଦେବୀ ।
ତକ୍ଷଣେ ନୟନୁ ଜାତ ହୋଇଲେ ଭୈରବୀ ॥
ଏକପାଦ ମୁକୁଳିତ କେଶ ଭୁଜ ଗୁରୁ ।
ତ୍ରିଶୂଳ ଡମରୁ ଧନୁ ଖଡ୍ଗ କରେ ଧରୁ ॥
ଶ୍ୱେତଳକ୍ଷଣ ଶରୀର ଫଟିକ ପରାୟେ ।
ମହା ଭଇରବୀ ଦେବୀ ଅତି ତେଜୋମୟେ ॥
ଘନ ଘନ ନିଶ୍ୱାସକୁ ଛାଡ଼େ ଗୋସାମଣୀ ।
ନାସିକାରୁ ଜନ୍ମହେଲେ ବଳାକ୍ଷହାସ୍ୟଣୀ ॥

Digitized by srujanika@gmail.com

ଭୁଜଙ୍ଗ ବରଣୀ ଚତୁର୍ମୁଖ ଅଷ୍ଟଭୁଜ ।
ବେନି ଚରଣ ଦଶନ୍ତ ବାଳଅର୍କ ତେଜ ॥
ଶାରଙ୍ଗରେ ଅଜଗବ ଧନୁ ବଜ୍ର ଶକ୍ତି ।
ମହା ଦିବ୍ୟରୂପ ତେଜ ସେ ଉଗ୍ର ମୂରତି ॥
କରେ କମଣ୍ଡଳମାନ ବ୍ରହ୍ମଶିର ବେଣୀ ।
ଅବର ଶପର କାତି ଧରିଛନ୍ତି ପୁଣି ॥
ଉତ୍ତମରବେ ଗାୟନ କରେ ଗୋସାମଣୀ ।
ମହାଦେବୀ ସାନନ୍ଦିତ ହେଲେ ତାହା ଶୁଣି ॥
ହୃଦରୁ ଜାତ ହୋଇଲେ ଅନାଦ୍ୟ ଶକତି ।
ବେନି ଚରଣ ଯେ ଅଷ୍ଟଭୁଜେ ବିରାଜନ୍ତି ॥
ଧନୁ କମାଣ ତୀକ୍ଷଣ ଶର ଦିବ୍ୟ ତୀର ।
ଭ୍ରାନ୍ତି ନ କରନ୍ତି କାହେ ଅତ୍ୟନ୍ତ ପ୍ରଖର ॥
ଭଗବତୀ ବୋଲିକରି ନାମ ଯେ ତାଙ୍କର ।
ଅନୁବ୍ରତେ ଦେବୀ ବୋଲେ ଅସୁରଙ୍କୁ ମାର ॥
ଖଡ୍ଗଧର ଝଂମକାନ୍ତି କରେ ଗୋସାମଣୀ ।
ସେ ଖଡ୍ଗ ମୁଷ୍ଟିରୁ ଜାତ ହେଲେ ଇନ୍ଦ୍ରାୟଣୀ ॥
ସୁବେଶ ଶରୀର ମଣିମୁକୁଟ ଲଗାଏ ।
ବଇଜୟନ୍ତୀ ମାଳା ଯେ ଲମ୍ବେ କଣ୍ଠତଟେ ।
ହସ୍ତକରେ ବଜ୍ର ଶକତି କୋଦଣ୍ଡ ଯେ ଧନୁ ।
ଚନ୍ଦ୍ରମ ରେଖା ପରାୟେ ତାହାର କୃଶାନୁ ॥
ଏକଶିର ବେନିପାଦ ପୁଣି ସପ୍ତ ଭୁଜ ।
କାଳାନଳ ଜାଣି କରି ଗଜେ ତାଙ୍କ ତେଜ ॥
ରେରେକାରେ ଡାକନ୍ତି ସେ ବାହାନାଦ କରି ।
ସେହି ଶବଦରୁ ଜାତହେଲେ ଡାକେଶ୍ବରୀ ॥
ମହାଘୋର କାତ୍ୟାୟିନୀ ମହା ଶଙ୍କର ।
ନାଭିରୁ ଜାତ ହୋଇଲେ ପୁଣ ମାହେଶ୍ବରୀ ॥
ପଞ୍ଚ ବଦନ ଯେ ତିନି ନୟନ ଲଗାଏ ।
ତମିର ହଦାରମଣି ବିରାଜଇ କଣ୍ଠେ ॥
ଧବଳୀ କାମାକ୍ଷୀ ଦେବୀ କର୍ପୂର ସମାନ ।
ବେନିଚରଣ ଯେ ଦଶଭୁଜ ଶୋଭିବନ ॥
ପିନାକ ଧନୁ ଶାୟକ ନାଗପାଶ ବାଣ ।
ପରଶୁ କୁଠାର ଖଡ୍ଗଫଳା ଯେ ଅଡ଼ଣ ॥
ବଜ୍ର ମୁଦ୍ଗର କୁଠାର ଅଭ ବଜ୍ରଶୂଳ ।
ମହାମାୟା ମାହେଶ୍ବରୀ ପ୍ରସନ୍ନ ମଙ୍ଗଳ ॥
ନାଭିରୁ ବାହାର ହେଲେ ତାଙ୍କ ଚନ୍ଦ୍ରକାନ୍ତି ।
କୋଟିଏ ସୂର୍ଯ୍ୟର ଜ୍ୟୋତି ଅଙ୍ଗ ପ୍ରକାଶନ୍ତି ॥

ଅଭୟା ବିକଟାକ୍ଷୀ ସେ ଭାବେ ଦିକେ ତାସ ।
ତାହାର ନାଭିରୁ ଜାତ ହେଲେ ଉଗ୍ରତାସ ॥
ଯୋଜନ ଯୋଜନ ଅଟେ ତାଙ୍କ ବାହାବେନି ।
ମହାଭୟଙ୍କର ରୂପ ଘୋଟିଲା ମେଦିନୀ ॥
ଚରଣ କମଳରେ ସେ ତାଡ଼ିଲେ ଧରଣୀ ।
ତହିଁ ଜାତ ହୋଇଲେ ଯେ ସଙ୍କଟତାରଣୀ ॥
ଏକପାଦ ଗୃହମୁଖ ଅଠଗୋଟି ଭୁଜ ।
ବିକଚ କମଳ ପ୍ରାୟ ଦିଶେ ମହାତେଜ ॥
ଘୋର ଗହନ ଅଟଇ ରହୁଗିର ସ୍ଥାନ ।
ସମସ୍ତଦେବୀମାନେ ଯେ ତହିଁ ଉତପନ୍ନ ॥
ଘଟଘଟ ଶବ୍ଦ ଶୁଭେ ଗଗନମାର୍ଗରେ ।
ମହା ବୈଷ୍ଣବୀ ବିଜୟେ ଦୁର୍ଗାଙ୍କ ଅଗରେ ॥
ଦେଖିଣ ସେ ଦୁର୍ଗାଦେବୀ ହେଲେ ତୋଷମନ
ଘଣ୍ଟବତୀ ବୋଲି ଦେଲେ ତାହାଙ୍କର ନାମ ॥
ଘଟ ବିଜୁଳୀ ତାରା ଏ ତେଜ ଯେ ପ୍ରକାଶ ।
ବଜ୍ରସୂଚ ପ୍ରାୟେ କ୍ଷଣ କ୍ଷଣକେ ଅଦୃଶ୍ୟ ॥
ଶୁଣ ପରୀକ୍ଷିତ ରାଜା ବୋଲେ ଶୁକମୁନି ।
ଏକଶବ୍ଦରୁ ଜନ୍ମିଲେ ଚଉଷଠି ଯୋଗିନୀ ॥
ଏକୁ ଏକ ଦେବୀଙ୍କର ମହାମହା ତେଜ ।
ବିଜୁଳି ପରାୟେ ତାଙ୍କ ଶରୀର ବିରାଜ ॥
ମହା ବିକଟାଳୀ ରୂପ ଅଭୟା ପିଙ୍ଗଳା ।
କ୍ଷଣକେ ମୋହନୀ ସେହି କ୍ଷଣେ ମହାଖଳା ॥
ଖପର କଟୀର କରେ ଲହଲହ ଜିଭ ।
ମହାମୂର୍ତ୍ତି ତାହାଙ୍କର ଦେବଙ୍କୁ ଦୁର୍ଲଭ ॥
ହେ ଦକ୍ଷ କନ୍ୟାମାସ ପୂର୍ଣ୍ଣିମୀ ଯେ ତିଥି ।
ଭୃଗୁବାର ସେହି ଦିନ ନକ୍ଷତ୍ର ରେବତୀ ॥
ବୃଷ୍ଟିନାମରେ କରଣ ପ୍ରୀତିନାମେ ଯୋଗ ।
ଶରଦ ଅନ୍ତେ ଶିଶିର ଋତୁ କରେ ଭୋଗ ॥
ସେ ଦିନ ଜନ୍ମିଲେ ନାରାୟଣୀ ଦୁର୍ଗା ଦେହିଁ ।
ନାରାୟଣୀ ଦେହିଁ ଏତେ ଜାତ କହିଁ କହିଁ ॥
ଏକୁ ଏକ ତେଜ ବିରାଜନ୍ତି ମହାମାୟେ ।
ନାନାରୂପେ ଜନମିଲେ ସର୍ବ ଦେବତାଏ ॥
ଜୟ ନାରାୟଣୀ ଭକ୍ତଜନଚିନ୍ତାମଣି ।
ରୁଦ୍ରଲୀ ଅବକାଶ ତୁ ଅଟୁ ଉଦ୍ଧାରଣୀ ।
ଏକୁ ଅନେକ ପ୍ରକାଶକଲୁ ତନୁ ସୀମା ।
ଦେବଙ୍କୁ ଦୁର୍ଲଭ ଯେହିଁ ଦେବୀର ମହିମା ॥

Digitized by srujanika@gmail.com

ନମସ୍ତେ ନମସ୍ତେ କାତ୍ୟାୟିନୀ ଗୋ ଅଭୟା ।
ବିପତ୍ତିନାଶିନୀ ଦେବୀ କରସି ସୁଦୟା ॥
ଯାବତ ଜୀବମାନଙ୍କୁ ତୁହି ସେ କାରଣୀ ।
ଜୟ ମାହେଶ୍ୱରୀ ଭବ ଭୟ ନିବାରଣୀ ॥
ଚଉଷଠୀ ଯୋଗିନୀ ରୂପା ତୋତେ ଗୋ ନମସ୍ତେ ।
ସକଳ ସମ୍ପଦମାନ ଦେଉ ଅବଲୀଳେ ॥
ମହାମାରୀ ବିକରାଳୀ କଙ୍କାଳୀ ବେତାଳୀ ।
ଅସ୍ଥିଚର୍ମ ଭୂଷଣ ତୋ ଗଳେ ମୁଣ୍ଡମାଳ ॥
ଭୁଜେ ଶୋଭିବନ କାତି ଖପର ସୁଖଣ୍ଡା ।
ରୁଧିର ବଳପ୍ର ଦେହଯାକ ତୁ ରୁମଣ୍ଡା ॥
ମରାଳବାହିନୀ ଜୟ ଜୟ ବ୍ରହ୍ମମୂର୍ତ୍ତି ।
କରୀନ୍ଦ୍ରବାହିନୀ ଜୟ ଇନ୍ଦ୍ରାୟଣୀ ଶକ୍ତି ॥
ନାରାୟଣୀ ବିଜେକଲେ ଗରୁଡ଼ର ପିଠି ।
ରୁଦ୍ରାୟଣୀ ବୃଷଭର ପରେ ଯାଇଁ ଉଠି
ସମ୍ପାତ ବାହାନପରେ ଭଇରବୀ ବିଜେ ।
ବ୍ୟାଘ୍ର ବାହାନ ଉପରେ କାତ୍ୟାୟିନୀ ସଜେ ॥
ଚର୍ଚ୍ଚିକାଈ ବିଜେ କଲେ ମୃତ୍ୟୁପିଣ୍ଡ ପରେ ।
ଉଗ୍ରତାରା ବିଜେକଲେ ବିଡ଼ାଳ ଉପରେ ॥
କରବର ଆସନରେ ବିଜେ ମହାମାୟା ।
ବୃଶ୍ଚିକ ବାହନ ଚଢି ଚଳନ୍ତି ଅଭୟା ॥
ଭୁଜେ ଶୋଭିତ ଖପର ଅଭୁ କାତଖଣ୍ଡା ।
ଉଲ୍ଲୁକ ବାହନ ଚଢ଼ି ଚଳନ୍ତି ଚାମୁଣ୍ଡା ॥
ବିଜୟେ କଲେ କଂକାଳୀ ମୟୂରର ପିଠି ।
ବେତାଳୀ ବିଜୟେ କଲେ ଚଢ଼ି ହଂସଗୋଷ୍ଠି ॥
ମାତଙ୍ଗୀ ବିଜୟେ କଲେ ଗର୍ଦ୍ଦଭ ବାହନେ ।
ମାରୁଣୀ ଦେବୀ ଚଳନ୍ତି ହରିଣ ବାହନେ ॥
ଜ୍ୱାଳାମୁଖୀ ବିଜେକଲେ ଶୂକର ଅସନେ ।
ଯେମନ୍ତ ଶୋଭେ ସେ କହି ନୁହଇ ବଚନେ ॥
ବାରାହୀ ବିଜୟେ କଲେ ମହିଷ ପିଠିରେ ।
ବିକରାଳୀ ବିଜେକଲେ ଜମ୍ବୁକୀ ଉପରେ ॥
ମେଷକୁ ଆସନ କରି ବିଜୟେ ବାରୁଣୀ ।
ଛାଗଳ ବାହନେ ବିଜେକଲେ ଚନ୍ଦ୍ରକାନ୍ତି ॥
ବିକରାଳୀ କୃତାନ୍ତକୀ ନାମେ ଯେଉଁ ଚଣ୍ଡୀ ।
ଜଙ୍ଗମବାହନେ ବିଜେ କରନ୍ତି ଭୁଷଣ୍ଡି ॥
ଶକଟ ବାହନେ ବସି ଚଳନ୍ତି କାମାକ୍ଷୀ ।
ବାଘ୍ରଚର୍ମ ବାହନରେ ଚଳନ୍ତି ତାରାକ୍ଷୀ ॥

ବିଡ଼ାଳ ବାହନ ଚଢ଼ି ଚଳେ ଡାକେଶ୍ୱରୀ ।
ହାନ୍ଦୋଳା ଚଢ଼ି ବେତାଳୀ ଧୀରେ ବିଜେକରି ॥
ଶାର୍ଦ୍ଦୂଳ ବାହନେ ଯେ ଅଇଲି ଭଦ୍ରକାଳୀ ।
ଭଲ୍ଲୁକ ବାହନ ଚଢ଼ି କାଳରାତ୍ରୀ ଚଳି ॥
ଚଞ୍ଚଳଗମନୀ ବିଜେ ମହିଷୀର ପିଠି ।
କରରେ ଶୋଭିବନ ଯେ ଖଡ୍ଗ କୁନ୍ତ ଜାଠି ॥
ଘଣ୍ଟେଶ୍ୱରୀ ବିଜେକଲେ ସିଂହ ବାହନରେ ।
ଆକାଶେ ଘୋଟିଲେ ସର୍ବେ ଚଳଗହନରେ ॥
ବଜାନ୍ତି ଯେ ବନ୍ଧଘୋଷ ଉଛରବେ ଡାକ ।
ରେରେକାର ଶବଦରେ ଦେବୀମାନେ ହାକ ॥
ମାର ନିଶାଣ କାହାଳ ଯେ ମାର ଦାଉଣ୍ଡି ।
ମରୁରଙ୍ଗେ ରସେ ନାଚ ଖେମଟା ନାଟଖଣ୍ଡି ॥
କଡ଼ା ମର୍ଦ୍ଦଳ କଂସାଳ ବାଇ ସ୍ୱନତାଳ ।
ନାଚନ୍ତି ମରୁରଙ୍ଗରେ ଦେଇ ହୁଳହୁଳୀ ॥
ଶୁଣ ପରୀକ୍ଷିତ ନୃପ ଦେବୀଙ୍କ ଚରିତ ।
ଦେଖିବା ଲୋକଙ୍କୁ ହେବ ଅତଅଲୌକିକ ॥
କ୍ଷଣକେ ମୋହିନୀ ରୂପ କ୍ଷଣେ ଘୋରମୂର୍ତ୍ତି ।
କ୍ଷଣେ ମର୍ତ୍ତ୍ୟପୁରର କ୍ଷଣେ ଗଗନରେ ଜ୍ୟୋତି ॥
କ୍ଷଣକେ ସୁନ୍ଦରୀ କ୍ଷଣକରେ ରକ୍ତରୂପୀ ।
କ୍ଷଣକେ ବାଳଭାବ ଯେ କ୍ଷଣେ ମହାକୋପୀ ॥
କ୍ଷଣକେ ନବ ଯୁବତୀ କ୍ଷଣେ ବୃଦ୍ଧା ନାରୀ ।
ଗାବନ୍ତି ହରହକଳା କୋଳାହଳର ପରି ॥
ଖେଚରୀ ଭୂଚରୀ ନାଦ ଦ୍ୟନ୍ତି କଳକଳା ।
ମୃତ୍ୟୁ ପିଣ୍ଡ ଭକ୍ଷନ୍ତି ସେ ମଦରସେ ଭୋଳା ॥
ଏମନେକ ବିକଟାଳୀ ଚଉଷଠି ଯୋଗିନୀ ।
ଶାରଳା ଦାସେ ହରିବ ମାଗୋ କାତ୍ୟାୟିନୀ ॥
ଆହେ ବୁଧଜନମାନେ ନୁହେ ମୁଁ ପଣ୍ଡିତ ।
ମୂର୍ଖ ଅପାଠକ କାଳ ହେଲି ମୋ ଅଙ୍ଗତ ॥
ଜନ୍ମକୃଷିକାର ନ ଜାଣେ ମୁଁ ଶାସ୍ତ୍ରପନ୍ଥ ।
ପଣ୍ଡିତଙ୍କୁ ବୋଧିବାକୁ ମୋର କାସ ବୁଦ୍ଧି ॥
ଅଗାଧ ସମୁଦ୍ର ଏହି ପୁରାଣ ଯା ବୋଲି ।
କଣ୍ଟି କେ ଅନ୍ତ କରିବ ବାସଂନଧି ବାଲି ॥
କୃପାଳୁଳ ନନ୍ଦିନୀ ଯେ ଦେବୀ ସରସ୍ୱତୀ ।
କଳିକାଳଧ୍ୱଂସିନୀ ସେ ମାତା ଚଣ୍ଡୀମୂର୍ତ୍ତି ॥
ମହାବ୍ରହ୍ମୀ ଦେବୀ ଚଣ୍ଡୀ ପ୍ରସନ୍ନ ହୋଇଲା ।
ଅସୁର ଭଞ୍ଜନଦାରୁଣୀ ଭକତବତ୍ସଳା ॥

Digitized by srujanika@gmail.com

ମୁଁ କସ ଜାଣିବ ଶାସ୍ତ୍ର ସଂହିତାର ବାଟ ।
ଅଟେବା ଅଲକ୍ଷ୍ୟରେ ମୁଁ ପାଇଲଇଁ ଭେଟ ॥
ସେ ମୋତେ ଶ୍ରୀମୁଖେ ଆଜ୍ଞା ଦେଇଛନ୍ତି ଯାହା ।
ଚିହ୍ନଜା ପ୍ରସଙ୍ଗେ ମୁହିଁ ଲେଖଇଟି ତାହା ॥
ହେ ପଣ୍ଡିତଜନମାନେ ନ ଧର ମୋ ଦୋଷ ।
ଅଶ୍ୱମେଧଫଳ ଲଭ ଶୁଣି ଏହି ରସ
ଏ ଅଟେ ବିଷ୍ଣୁପୁରାଣ ଚଣ୍ଡୀ ଯୁଦ୍ଧ କଥା ।
ସଂସାରିଜନ କଲ୍ୟାଣେ ମୁଁ ଅଭଦ୍ରବକ୍ତା ॥
ଝଙ୍କଡ଼ପୁରବାସିନୀ ଯେ ଶାରଳା ଦେବୀ ।
ମୁହିଁ ତାର ପୁତ୍ର ଶ୍ରୀ ଶାରଳାନାମେ କବି ॥
ଏକଚିତ୍ତ ହୋଇ ଯେହୁ ପାରେ ଏହା ଶୁଣି ।
ବପତ୍ତି ଖଣ୍ଡଇ ତାର ନଷ୍ଟେ ଗୋସାମଣୀ ॥
ଶୁକମୁନି କହେ ଶୁଣ ଅହେ ମହାରଥୀ ।
ଶୁଣ ଶୁଣ ଚଉଷଠି ଯୋଗିନୀଙ୍କର କଥା ॥
ଅପୁଷ ଧନ ପ୍ରଫାଦ ପରଂଗତ ହୁଅନ୍ତି ।
ଶୁଣିକର ସ୍ୱଜନେ ଯେ ପଢନ୍ତି ସୁଅନ୍ତି ।
କୁଣ୍ଡଳ ଅକାରକର ଦୁର୍ଗାଙ୍କୁ ବେଢ଼ିଲେ ।
କ୍ଷୁଧାରେ ଆକୁଳେ ରହି ନ ପାରୁଁ ବୋଇଲେ ॥
ଡକଟାଳୀ ଘୋର ରୂପ ଅଟେ ସବୁଙ୍କର ।
କଙ୍କାଳୀ ବେତାଳୀଙ୍କର ଶୂନ୍ୟେ ଲାଗେ ଚିର ॥
ମହୀରୁ ଆକାଶ ଯାଏ ତୁଣ୍ଡ ବିସ୍ତାରିଲେ ।
ଦୁର୍ଗାଙ୍କ ମୁଖକୁ ଚାହିଁ ଆହାର ମାଗିଲେ ॥
ଦେବୀଏ ବୋଇଲେ ଛଳକଲୁ ତୋର ଦେହୁଁ ।
ଆହାର ନ ଦେଲେ ଆମ୍ଭେ ବଞ୍ଚିବୁଟି କାହୁଁ ॥
ଦୁର୍ଗା ଦେଖାଇ ଦେଲେକ ଦୈତ୍ୟ ସୈନ୍ୟବଳ ।
ଏହାଙ୍କୁ ବାଣ୍ଟିଣ ଭୋଗ କରନ୍ତୁ ସକଳ ॥
ଅସ୍ଥି ଚର୍ମ ମାଂସ ଲୋ ନ ଥୋଇବଟି କିଛି ।
ନ ଅଣ୍ଟଇ ବୋଲି ମନେ ନୋହିବ ଅମୂର୍ଚ୍ଛି ॥
ଏଥକୁ ଭ୍ରାନ୍ତି ଲୋ ତୁମ୍ଭେ ନ କରିବ କିଛି ।
ଅନ୍ତର ଆହାର ତୁମ୍ଭପାଇଁ ରଖିଅଛି ।
ଶୁଣ ସବ୍ୟେ ଏହି ଆଜ୍ଞାଦେଲେ ଯହୁଁ ଦୁର୍ଗେ ।
ଶ୍ୟେନପକ୍ଷୀପ୍ରାୟେଯାଇଁଭେଟିଲେ ସେ ବେଗେ ॥
କଡ଼ାଇ ଗାର ଦାଉଣ୍ଡି ଅଜ ଡକଘୋଷ ।
ଡାକହାକ ଦେଲେ ସବେ ବୋଲି ଅସ ଅସ ॥
ଗଗନ ମଣ୍ଡଳେ ଘୋଟଇଲେ କାମରୂପୀ ।
ହୁହୁଁ ହୁହୁଁ କ୍ଷଣକରେ ବ୍ରହ୍ମାଣ୍ଡକୁ ବ୍ୟାପି ॥

ଏମନକ ରୂପ ଘେନି ଯେ ହେଲେ ମହାମାୟୀ ।
ଘୋଟିଲେ ଦାନବଙ୍କୁ କ ଜାଣି ବନଗୁଇ ॥
ତ୍ରୈଲୋକ୍ୟ କମ୍ପିଲା ହୁଅନ୍ତେ ମହାଘୋରରଡ଼ି ।
ଅସୁରବଳରେ ଦେବୀ ପଡିଲେକ ମାଡ଼ି ॥
ଦାନବଙ୍କର ସୈନ୍ୟଙ୍କୁ ଧଇଲେ ଅକ୍ଷୋଣି ।
ଧରଣ ଅସୁର ବଳ କ୍ଷଣକରେ ଗ୍ରାସି ।
ରଥଗଜ ଅଶ୍ୱମାନଙ୍କ ନ ଜାଣନ୍ତି କିଛି ।
ଯେ ଯାହାର ଇଛାରେଣ ଗିଳନ୍ତି ସେ ବାଛି ॥
ଏହା ଦେଖି ଦାନବେ ଯେ ଅନୁକ୍ଷଣେ ବାଣ ।
ମାରନ୍ତି ଗଦା ମୁଦ୍ଗର ଭୁଷଣ୍ଡି କୁନ୍ତେଣ ।
ତା ସବୁ ଫୋପାଡ଼ି ହୁଅନ୍ତି ଦେବୀ କରେ ଧରି ।
ଆକାଶକୁ ଉଠିଯାନ୍ତି ସବେ ଚଉମାର ॥
ଶୁଣ ହେ ପରୀକ୍ଷରାଜା ଦୈତ୍ୟେ ମହାବଳୀ ।
ଏକେ ଏକେ ପରବତ ପାରନ୍ତି ସେ ତୋଳି ॥
ସେ ଦଇତମାନଙ୍କୁ ଯେ ଧରି ଦେବୀଗଣ ।
ବେଳକରେ ମୁଣ୍ଡମୋଡ଼ି ଗିଳନ୍ତି ବଦନ ॥
ମହା ପ୍ରଳୟକାରୀ ଯେ ଦୈତ୍ୟ ମହାକ୍ଷେତ୍ରୀ ।
ଘଡ଼ିକରେ ତାହାଙ୍କୁ ସେ କଲେ ବିନଶ୍ୟନ୍ତି ॥
ସେ କଥା ଶୁଣି ପରୀକ୍ଷ ଶୁକଙ୍କୁ ପୁଚ୍ଛଇ ।
ଦେବୀମାନଙ୍କର କେତେ ନାମ ଦେବ କହି ॥
ଭେ ମହାମୁନି ଚୌଷଠି ଯୋଗିନୀ ଯେ ବୋଇଲ ।
ଏକ ଏକ କରି ନାମ ମାନ ନ ଧଇଲ ॥
ଏ ଦେବୀ ମାନଙ୍କର ନ ଧରଲତ ନାମ ।
ଏହା ସଂକ୍ଷେପି କହିବା ହେ ମୁନିଉତ୍ତମ ॥
ନାନାତାପ ଖଣ୍ଡିବ ସେ ନାମ ସ୍ମରନ୍ତେ ।
ମୃତ୍ୟୁଲୋକ ଛାଡ଼ିବସିବ ମୁଁ ସ୍ୱର୍ଗପଥେ ॥
ଶୁଣ ହୋ କୁରୁବଂଶୀ ତୁ ବୋଲେ ମୁନିବର ।
ଚୌଷଠି ଯୋଗିନୀଙ୍କ ନାମ ଚିନ୍ତ ତୋ ହୃଦର ॥
ପ୍ରଥମରେ ଛାୟା ଏକ ମାୟା ଯେ ଯୁଗ୍ମକ ।
ତୃତୀୟେ ନାରାୟଣୀ ବ୍ରହ୍ମାୟଣୀ ଚତୁର୍ଥକ ॥
ଭଇରବୀ ପଞ୍ଚମେ ଯେ ମାହେଶ୍ୱରୀ ଷଷ୍ଠ ।
ରୁଦ୍ରାୟଣୀ ସପତମେ ଇନ୍ଦ୍ରାୟଣୀ ଅଠ ॥
ବାସେଳୀ ନବମ ଦେବୀ ତ୍ରିପୁରା ଯେ ଦଶ ।
ଉଗ୍ରତାରା ଏଗାର ଯେ ଚର୍ଚ୍ଚିକା ଦ୍ୱାଦଶ ॥
ଡାକିଣୀ ତ୍ରୟୋଦଶ ଅମ୍ବିକା ଚତୁର୍ଦ୍ଦଶ ।
କୃଠାସୀ ପନ୍ଦର ଭଗବତୀ ଯେ ଷୋଡ଼ଶ ॥

Digitized by srujanika@gmail.com

ମାଳା ସପ୍ତଦଶ କମଳା ଯେ ଅଷ୍ଟାଦଶ ।
ଶାନ୍ତ ଊନବିଂଶ କାନ୍ତ ବିଂଶ ଯେ ପ୍ରକାଶ ॥
ଘଣ୍ଟବତୀ ଏକବିଂଶ ଚାମୁଣ୍ଡା ଦ୍ୱାବିଂଶ ।
ଚର୍ଚ୍ଚିକା ତ୍ରୟୋବିଂଶ ମାଧବୀ ଚତୁର୍ବିଂଶ ॥
ମୁକ୍ତକେଶୀ ପଞ୍ଚଶ ଅନନ୍ଦା ଛବିଶ ।
ସଦାନନ୍ଦା ସପ୍ତବିଂଶ ରୂପା ଅଷ୍ଟାବିଂଶ ॥
ବାରାହୀ ଯେ ଊନତ୍ରିଂଶ ନାଗରୀ ଯେ ତ୍ରିଂଶ ।
ଖେଚରୀ ଏକତ୍ରିଂଶ ଯେ ଭୂଚରୀ ବତିଶ ॥
ବେତାଳୀ ତେତିଶ କାଳଞ୍ଜରୀ ଚତୁସ୍ତ୍ରିଂଶ ।
ଶଙ୍ଖୀ ପଞ୍ଚତ୍ରିଂଶ ରୁଦ୍ରକାଳୀ ଯେ ଛତିଶ ॥
କାଳରାତ୍ରି ଦେବୀ ଅଟେ ଜାଣ ସପ୍ତତ୍ରିଂଶ ।
କଙ୍କାଳୀ ଅଷ୍ଟତ୍ରିଂଶ ସଂଖ୍ୟା ପରକାଶ ॥
ରୁକ୍ମଗ୍ରୀବ ବାଳା ଅତ୍ର ଦୋହଣୀ ଦ୍ୱାରଣୀ ।
ଅଣଚାଳିଶରୁ ବୟାଳିଶ ଯାଏ ଗଣି ॥
ସୋହାଣୀ ତେୟାଳିଶ ବରାହୀ ଚୌରାଳିଶ ।
ଯାହାଙ୍କ ନାମ ଶୁଣିଲେ ନ ଯାଇ ଯମପାଶ ॥
କୋଟଳାଇ ଅନୁରାଗୀ କୋଟମୁଖୀ ପୁଣି ।
ଏମାନଙ୍କର ମହିମା କେହୁ ପାରେ ଜାଣି ॥
ସମୃଦ୍ଧା ଉଲ୍ଲୁକା ସମାଣ୍ଡୀଳା ମୃଡ଼ା ଜାଣ ।
ଦକ୍ଷିଣାଇ ଗୋପାଳୀ ମୋହିନୀ ପଞ୍ଚାବନ ॥
କାମଦେଶୀ ଛପନ କପାଳୀ ସତାବନ ।
ତ୍ରୈଲୋକ୍ୟବ୍ୟାପିନୀ ଦେବୀ ଅଟେ ଅଠାବନ ॥
ତ୍ରିଲୋଚନା ନମାଇ ଯେ ଅଣଷାଠି ଷାଠି ।
ଦ୍ୱାକେଶ୍ୱରୀ କମଳାଇ ଏକଷଠି ବାଷଠି ॥
ଉଦ୍ଧସ୍ୱୟଂଣୀ ତେଷଠି ରମାୟଣୀ ଘେନ ।
ଜାଣ ହେ ନୃପ ଏମାନେ ଚୌଷଠି ଯୋଗିନୀ ॥
ଭୟଙ୍କର ରୂପ ଦେବୀ ବିକଟାଳ ଅଛି ।
ଲହ ଲହ ଜିହ୍ୱା କଲେ ଅସୁରଙ୍କୁ ଦେଖି ॥
ଏକେ ଦେବୀମାନଙ୍କର ଅଙ୍ଗ ବଜ୍ରସେଣ୍ଡା ।
ଅଙ୍ଗେ ପଡ଼ି ଶସ୍ତ୍ରମାନେ ହେଉଛନ୍ତି ଚୂନା ॥
କଳକ୍ତା ବୃଷ୍ଟି ଜାଣିଣ ବନ୍ଧୁ ଦୈତ୍ୟ କାଣ୍ଡ ।
ସେ କାଣ୍ଡକୁ ଦେବୀମାନେ ପାତଥାନ୍ତି ଭୁଣ୍ଡ ॥
ମହାଅନଳ ଜଳଇ ଗର୍ଭରେ ତାଙ୍କର ।
ଜଳ ଧୂଳି ହୋଇଯାନ୍ତି ବନ୍ଧବାର ଶର ॥
ମହାନଳେ ପଡ଼ିକର ସର୍ବେ ହୋନ୍ତି ଦଗ୍ଧ ।
ସମରେ ଭାଜ ଦନଜେ ନ ପାରନ୍ତି ରହ ॥

ଗରୁଡ଼ ଯେମନ୍ତ ଗ୍ରାସେ ପ୍ରହାର କରନ୍ତି ।
ଅନ୍ତରୀକ୍ଷେ ଚଢ଼ିଣ ଦେବୀମାନେ ଘେନ ଯାନ୍ତି ॥
ଧାତକାରେ ବସନ୍ତି ସେ ଅସୁରଙ୍କ ମୁଣ୍ଡ ।
ମୋଡ଼ ତୋଳ ଅନ୍ତରୀକ୍ଷେ ଗିଳନ୍ତି ସେ ପିଣ୍ଡ ॥
କେବଣ ରାକ୍ଷସଙ୍କର ଧରନ୍ତି ମେଖଳ ।
ବିଦାର ଖାଇ ଯାଆନ୍ତି କାଢ଼ି ହୃଦସ୍ଥଳ ॥
ଧାଇଁ ଯାଇଁ ଅସୁରଙ୍କୁ ଧରନ୍ତି ଦଣ୍ଡି ।
ଅନ୍ତ୍ର ଗିଳ ନାଚନ୍ତି ସେ ଖେମଣ୍ଟା ନାଟଖଣ୍ଡି ॥
ମୋହିନୀ ପଣରେ ହସି ହକାରନ୍ତି କତ ।
ମାୟା ଲଗାଇ ଦଇତ୍ୟମାନଙ୍କୁ ଖାଆନ୍ତି ॥
ଶୁଣ ହେ ପରୀକ୍ଷ ରାଜା ଦୁଃସହ କପଟ ।
ବିଡ଼ାଳାକ୍ଷ ଭଗବତୀ ଦୁହେଁ ହେଲେ ଭେଟ ॥
ଯଉବନ ବତି ଅଭିନବ ରୂପ ଯୁବା ।
ବିଡ଼ାଳାକ୍ଷ ଦେଖି କରି କାମେ ହେଲା ଲୋଭା ॥
ଧନୁଶର ପକାଇଣ ଦନ୍ତେ ଧରି ତୃଣ ।
ବୋଲେ ଅରେ ପ୍ରାଣବନ୍ଧୁ ରଖ ମୋର ପ୍ରାଣ ॥
ବୁଡ଼ିଲି କାମସାଗରେ ତବ ରୂପଦେଖି ।
କୋଳକର ତରୁଣି ରେ ରଗ ଚନ୍ଦ୍ରମୁଖି ॥
ଚରଣେ ଶିର ଲଗାଇ ହୋଇଲା କାକୁସ୍ଥ ।
ମାଧବୀ ଲତିକା ଯାଏ ଯିବ କି ସଙ୍ଗାତ ॥
ଶୁଣି ଦୈତ୍ୟ ବାଣୀ ଜାଣି ହସି ଗୋସାମଣୀ ।
ଅପାଙ୍ଗେ ଚାହିଁଲେ ଦୈତ୍ୟ ହୋଇଗଲା କାଣି ॥
ଶୁଣ ହୋ ପରୀକ୍ଷ ରାଜା ଭରସା ପାଇଲା ।
ଅଧ ଅସ ସଖି ବୋଲି ଶ୍ରୀହସ୍ତ ଧଇଲା ॥
ପତି ପତ୍ନୀପ୍ରାୟେ ହୋଇ ହସ୍ତ ଧରାଧରି ।
ସଂଗ୍ରାମ ଉପେକ୍ଷି ଦୁହେଁ ଗଲେ ଦୂରସର ॥
ଲକ୍ଷ୍ମୀଭଦ୍ରା ନଗ୍ନ ତଟେ ମାଧବୀର ଲତା ।
ତହିଁ ମଧ୍ୟେ ପଶି ହେଲେ ହାସ ରସ କଥା ॥
ବିଡ଼ାଳକ୍ଷ ହୋଇଅଛି ମଦନରେ ଭୋଳ ।
ହୁଳହୁଳି ଦେଇ ଭଗବତୀ କଲେ କୋଳ ॥
ଅକ୍ଷୋଭି ମୁଖେ ଚୁମ୍ବନ ଦେଲା ପ୍ରୀତ୍ୟେ କରି ।
ବକ୍ଷସ୍ଥଳ ଗାଢ଼େ ଧରି ନଖରେ ବିଦାରି ॥
ବେନି ପାଟ ସ୍ୱପନ୍ତେଣ ହେଲା ବେନି ଫାଳ ।
ପିଣ୍ଡରୁ ପ୍ରାଣ ଛାଡ଼ିଣ ଗଲା ଅନ୍ତରାଳ ॥
ଗିଳଦେଲେ ଭଗବତୀ ଦଇତକୁ ବେଗି ।
ସଂଗ୍ରାମ ନକରି ଜୀବନ ସେ ପରିତ୍ୟାଗି ॥

Digitized by srujanika@gmail.com

ଚନ୍ଦ୍ରକାନ୍ତ ଜଣିଥିଲା କର୍ଣ୍ଣେ ଯମଦଣ୍ଡ ।
ଶୃଙ୍ଗାର ଚୋଟରେ ସେହୁ ହେଲା ଖଣ୍ଡ ଖଣ୍ଡ ॥
ଅନେକ ହୃଷ୍ଟ ପେଟ ଯେ ହୋଇଲା ଅବନୀ ।
ଚନ୍ଦ୍ରାକାନ୍ତ ପଡ଼ିଲାକ ଶୁଭେ ଧନ୍ୟ ଧନ୍ୟ ॥
ରକ୍ତବୀର୍ଯ୍ୟ ବୀରଘଣ୍ଟ ଏ ଦୁହେଁ ନ ଜାଣି ।
ଚନ୍ଦ୍ରାକାନ୍ତ ପଡ଼ିବାର ବାରତା ନ ଶୁଣି ॥
ଚନ୍ଦ୍ରାକାନ୍ତ ମଲ ଭଗବତୀ କଲେ ଜୟେ ।
ବାମାସିଦ୍ଧ ହେଲା ବୋଲି କହ ଦେବତାଏ ॥
ମହାବଳୀ ଦୈତ୍ୟବଧ କଲେ ଯେ କପଟେ ।
ବାହୁତ ମିଳିଲେ ଯାଇଁ ଭଗବତୀ ଘାଟେ ॥
ଶୁଣ ସୁଏ ପ୍ରାକର୍ମେ ଯେ ବଳଷ୍ଟ ହୁଅନ୍ତି ।
କାମରସ ଦେଖାଇଣ ମୋହ ସେ କରନ୍ତି ॥
ବିଷ୍ଣୁପେ ନେଇଣ ଖାନ୍ତି ଯେ ଦାନବ ବୀର ।
ମୋହଜାପାଶେ ସେ ମୋ'ହ ପାରନ୍ତି ସଂସାର ॥
ଏମନ୍ତେ ମାରୁ ନ ସରେ ବହୁତ ଅସୁର ।
ଅନନ୍ତରେ କୁଟୁହଳେ କରନ୍ତି ଅହାର ॥
ହସ୍ତେ ଜଳପାଣି ନାଗପାଣି ମାନ ଘେନି ।
ଦଇତଙ୍କୁ ବାନ୍ଧନ୍ତି ସେ କୁରଙ୍ଗିନୟନୀ
କଣ୍ଠେ କର ଦେଇକରି ବଦାରନ୍ତି ବୁକୁ ।
ସଂଗ୍ରାମରେ ଭୟନାହିଁ ସହସ୍ରମାନଙ୍କୁ ॥
ଚେତଣେ କ୍ଷେପନ୍ତି ବାସେଲୀ ଦେବୀ ବକ୍ରଭ୍ରୂ ଶ୍ରୀ ।
ଅନେକ ସଇନ୍ୟ ଶସ୍ତ୍ରେ କଲେ ଖଣ୍ଡିଖଣ୍ଡି ॥
ପିଟନ୍ତି ଶହସ୍ତମାନ ହୋଇ ଉର୍ଦ୍ଧ୍ୱ ବାହୁ ।
ସବତାଙ୍କୁ ଦେଖି ଯେସନ୍ତେ ଘୋଟିଯାଏ ରାହୁ ॥
ମାୟା ମୋହିନୀରୂପୀ ସେ ଅଭୟା କାମାକ୍ଷୀ ।
ଶିର ଛିଣ୍ଡାଇ କରଣ ଅସୁରଙ୍କୁ ଭକ୍ଷି ॥
ରୁଧିରରେ ହିପନ୍ତି ଯେ ଧାଗନ୍ତି ଦାସେଲୀ ।
ବକ୍ଷରେ ଲମ୍ବାନ୍ତି ନେଇ ଦୈତ୍ୟ ମୁଣ୍ଡମାଳୀ ॥
କାଳଦଣ୍ଡ ନାମେ ନୈଷାସୁର ସେନାପତି ।
ଦେବଦାନବରେ ତାର ନ ଥାଏ ଯେ ଭୀତି ॥
ନାଗଲୋକ ଜଣି ସେହୁ ପାତାଳାଧିପତି ।
ବାସେଲୀର ତୁଲେ ରଣ କଲା ଅପ୍ରମିତ ॥
ବଜ୍ରର ସମାନ ସେହୁ ଘେନି ପାଞ୍ଚବାଣ ।
ଓଁକାର ମାଇଲା ନେଇ ବାସେଲୀ ପରେଣ ॥
ପାଞ୍ଚବାଣକୁ ସେ ଦେବୀ ପାତି ପଦ୍ମାଙ୍ଗୁଳି ।
ସେ ପାଞ୍ଚ ନାଶିତ ପଡ଼ି ହୋଇଲାକ ଧୂଳି ॥

ଧାଇଁଣ ଦାନବ ଦଶବାଣ ଦେଲା ପେଷି ।
ଅନଳ ନୟନେ ଗୃହ୍ୟଁ ହୋଇଲା ସେ ଧ୍ୱଂସି ॥
କୋପେ ଅଠରଷ୍ଟା ବାଣ ପେଷେ କାଳଦଣ୍ଡ ।
ଗୁଣଘୋଷ ଶବଦରେ କମ୍ପିଲା ବ୍ରହ୍ମାଣ୍ଡ ॥
ପୁଣି ପେଷିଲାକ କୋପେ ଶତେକ ନାରାଚ ।
ବାସେଲୀ ଉପରେ ନେଇ ଦୁର୍ଦ୍ଦାନ୍ତ ଦନୁଜ ॥
ହୁଙ୍କାରକରି ବାସେଲୀ ଗୃହ୍ୟେଁ ନେଇ ମଳ ।
ଧନୁତୋଣ ଗଦା ଖଡ୍ଗ ସରୁଗଲା ଜଳ ॥
ଶୂନ୍ୟହସ୍ତ ହୋଇକରି ଦୈତ୍ୟବୀର ଉଠି ।
ବାସେଲୀ ବକ୍ଷସ୍ଥଳରେ ମାରେ ବଜ୍ର ମୁଷ୍ଟି ॥
ଯେସନେକେ ଗଗନରୁ ପଡ଼େ ବଜ୍ରଘାତ ।
ଅକାଶେ କମ୍ପିଲେ ସର୍ବ ଦେବତା ଉତ୍ପାତ ॥
ପର୍ବତ ଚୂର ହୁଅନ୍ତି ମୁଷ୍ଟିଘାତେ ଯାର ।
ବାସେଲୀର ବକ୍ଷସ୍ଥଳ ତହୁଁ ଗୁରୁତର ॥
ପୁଷ୍ପ ପରାୟେ ମଣିଲେ ସେ ବଜ୍ର ମୁଥଷ୍ଟି ।
କାଳଦଣ୍ଡ ଭୁଜରୁ ଯେ ହୋଏ ରକ୍ତବୃଷ୍ଟି ॥
ମୋହେଣ ପଡ଼ିଗଲା ସେ ରକ୍ଷବୀରମଣି ।
ଖଡ୍ଗ ବୁଲାଇ ପିଟିଲେ ନେଇ ଗୋସାମଣୀ ॥
ଶୁଣ ରାଜେ କାଳଦଣ୍ଡ ଦଇତ ହୃଦର ।
ପଡ଼ି ଝଟିଗଲା ବାସେଲୀର ଅସିବର ॥
ଅସିପଣ ଭାଜିଗଲା ଯହୁଁ ତାହାଙ୍କର ।
ବାହୁଡ଼ ଘେନିଲେ ବଜ୍ରକଣ୍ଠି ଯେ କଟାର ॥
ଦଇତର ଉପରକୁ କୋପେ ସେ ମାଇଲେ ।
ବଜ୍ରେ କଣ୍ଠିକଟାର ଯେ ପଡ଼ି ଚୂର୍ଣ୍ଣହେଲେ ॥
ବାସେଲୀ ତା ତୁଲେ ମାଲଯୁଦ୍ଧ ଅରମ୍ଭିଲେ ।
ହୃଦୟଘଟେ ଅକ୍ଷୋଣି ମାଡ଼ିଣ ବସିଲେ ॥
ଦଶନଗ ଘେନ ତାର ବଦାରିଲେ ବୁକୁ ।
ତଥାପି କଛି ନୋହିଲା ପାପି ଅସୁରକୁ ॥
ମୁଣ୍ଡ ମୋଡ଼ନ୍ତେ ତାହାର ନ ଛିଡ଼ଇ ଶିର ।
ଅସ୍ତ୍ରଶସ୍ତ୍ର ମାରନ୍ତେଣ ହେଲେ ସର୍ବଚୂର ॥
ଅନେକ ଉପାୟକଲେ ଦେବୀ ରଣରଙ୍ଗେ ।
ଦୈତ୍ୟ ପ୍ରାଣ ନ ତୁଟିଲା କଉଣସି ବାଗେ ॥
ଭାଳଇ ବାସେଲୀ ରୁଦ୍ରଦେବ କେସନ୍ତେ ଏହା ।
ବଜ୍ରରେ ନିର୍ମିତ ଏହି ଅସୁରର କାୟା ॥
ବାସେଲୀଙ୍କ ଶାନ୍ତି ଯହୁଁ ନୋହିଲାକ ତମ ।
ଅକାଶେ ଥାଇ ଭାଳଇ ଦେବ ଚାଳଯମ ॥

Digitized by srujanika@gmail.com

ବୋଲଇ ମାଗୋ ଏହାର ନାମ କାଳଦଣ୍ଡ ।
ଅଗ୍ନିରେ ନହଇ ଦଗ୍ଧ ଏହାରତ ପିଣ୍ଡ ॥
ଯଦ୍ୟପି ଏହାକୁ ତୁହି ଛାଡ଼ବୁ ବାସେଳୀ ।
ସମସ୍ତ ଦେବତାଙ୍କର ସାରବ ଏ ଶିଖି ॥
ଶୁଣ ହୋ ପରୀକ୍ଷ ରଜା କୃତାନ୍ତକ ବାଣୀ ।
ଶୁଣି ଅକୁଳ ବଶେଷ ହେଲେ ଗୋସାମଣୀ ॥
ମୋଡ଼ ଶିର ଉପାଡ଼ଣ ପକାଇଲେ ତଳେ ।
ମାଡବସିଲେ ସେ କାଳଦଣ୍ଡ ବକ୍ଷସ୍ଥଳେ ॥
ଶୁଣ ଅହେ ରଜେନ୍ଦ୍ର କାଳଦଣ୍ଡ କଥା ଭଲା ।
ବାସେଳୀ ଦେବତାଙ୍କର ବାହନ ହୋଇଲା ॥
ବଜେକଲେ କାତ୍ୟାୟିନୀ ଅସୁର ପିଠିରେ ।
ଗଗନେ ଘୋଷିଲେ ପୁଣି ପକ୍ଷିଣ ସମରେ ॥
ଦେବେ ସେ ଦୈତ୍ୟଙ୍କୁ ମାଡବସିବା ଦେଖିଲେ ।
ବାସେଳୀ ଦେବୀଙ୍କ ବହୁମତେ ସ୍ତୁତିକଲେ ॥
ଜୟ ତୁ ଅଭୟା ମାଗୋ ଅଷ୍ଟ ନବକୁଳୀ ।
ଋପୁବାହିନୀ କାମିନୀ ପ୍ରସନ୍ନ କପାଳ ॥
ଲୋହିତବର୍ଣ୍ଣି ଶରୀର ରକ୍ତମୁଖ ଗୋଷ୍ଠ ।
ଶଙ୍ଖବନ୍ଦ୍ୟା ବକ୍ରଭ୍ରୁଣ୍ଡୀ କାଳାନଳ ଦୃଷ୍ଟି ॥
ବିକଟଦନ୍ତ ଉତ୍କଟ ସଂକଟନାଶିନୀ ।
ନରବାହିନୀ ମାତା ଗୋ ବିପତ୍ତିନାଶିନୀ ॥
ଲହଲହ ଜିହ୍ୱା ମାଗୋ ଶୋଭେ ମୁଖ ବଶେ ।
ଚରଣେ ମହୀରେ ଆଉ ଚରଣ ଆକାଶେ ॥
ରକତବଦନ ମାଗୋ ରକ୍ତ ବସ୍ତ୍ର ପିନ୍ଧୁ ।
ଯୁଗଅନ୍ତ କାଳରେ ଗୋ କେଶତ ନ ବାନ୍ଧୁ ॥
ତ୍ରୈଲୋକ୍ୟ ଘୋଷପାରୁ ତୁ ବିକଟାଳ ନେତ୍ରେ ।
କାମଁଜୁହିଁ ଦହପାରୁ ତୁ କଟାକ୍ଷମାତ୍ରେ ॥
ପରମଗତି ଦାୟିନୀ ଅଭୟା ଅପର୍ଣ୍ଣା ।
ଦୁରନ୍ତକ ବଳକୁ ତୁ ନାଗପାଶ ସିନା ॥
ପ୍ରଳୟ ଜଠର ଜିହ୍ୱା ନୃଶିର କପାଳ ।
ଆଭରଣ ଗଳେ ତୋର ମନ୍ଦାରର ମାଳ ॥
ବପ୍ର ଚଣ୍ଡାଳ ନ ଜାଣୁ କାମନା ଅର୍ଥରେ ।
ଯେ ପୂଜଇ ବରଦାୟୀ ହେଉ ତାହାଠାରେ ॥
ମହିଷି ମେଷ ଛାଗଳ ବରାହର ମାଂସ ।
ଭୋଜନରେ ଉଛିସିତ ହୁଏ ତୋ ମାନସ ॥
ରୁଧିରପାୟୀ ରକତକୁସୁମ ମଣ୍ଡନୀ ।
ସିନ୍ଦୁର ଛଟା ଶୋଭନୀ ଆପଦଖଣ୍ଡିନୀ ॥

ମାଗୋ ମନବଚନରେ ତୋତେ ସଦା ସ୍ତବ ।
ସମୂଳଜନତାରିଣୀ ତୁ ସେ ସିଦ୍ଧଦେବୀ ॥
ଶ୍ରୀ ବାସେଳୀ ନାମ ଗୋଷ୍ଠ ଶିବ ପରେ ଧର ।
କହେ ଶାରଳାଦାସ ଯେ ପୁରାଣ ବିସ୍ତର ॥
କାଳଦଣ୍ଡର ବଧକୁ ଶୁଣନ୍ତି ଯେ ଜନ ।
ଯମଦଣ୍ଡ ବଞ୍ଚିତ ସେ ହୁଅନ୍ତି ନଷ୍ଟେ ଜାଣ ॥
ଯାହାଭୟେ କୃତାନ୍ତକ ଛାଡ଼େ ସଞ୍ଜୀବନୀ ।
ଯା ଭୟେ କାଳ ବିକାଳ ପଳାନ୍ତି ପୁଣି ॥
ସତ୍ୟଯୁଗେ କାଳଦଣ୍ଡ ବହୁଦିନ ନେଲା ।
ଲକ୍ଷେ ଛପନ ସହସ୍ର ବରଷ ବଞ୍ଚିଲା ॥
ଏତେଦିନ ଅତଯାତ କଲା ଏ ବ୍ରହ୍ମାଣ୍ଡ ।
ଅଜଯାଏ ତାକୁତ ନ ଥିଲା ଯମଦଣ୍ଡ ॥
କାଳଦଣ୍ଡ ପଡ଼ନ୍ତେଣ ତୋଷ ଜନ୍ତୁରଜା ।
ବାସେଳୀ ଦେବୀ ଚରଣେ କଲା ଦିବ୍ୟପୂଜା ॥
ମମ ଆପଦଖଣ୍ଡନକାରୀ ମହାଦେବୀ ।
ଏହାମୁଖୁ ଯେ ଶୁଣିବ ତା ପାଶେ ନ ଯିବ ॥
ସେ ଲୋକକୁ ନ ଛୁଇଁବେ ମୋର କାଳଲୋକେ ।
ଜରବ୍ୟାଧି ନ ପଡବ ତାଙ୍କୁ କେବେ ଶୋକେ ॥
ବାସେଳୀ ଦେବୀଙ୍କି ଏହା କହେ ନାଶକର ।
ଗୃହୀଯୁଗେ ସତ୍ୟହୋଇ ରହିବ ସଂସାର ॥
କାଳଦଣ୍ଡର ବଧକୁ ଯେ ନରେ ଶୁଣନ୍ତି ।
ଯମଦଣ୍ଡେ ଦଣ୍ଡୀନୋହି ନର୍କେ ନ ପଡ଼ନ୍ତି ॥
ମୁଁ ଲୟେକର ଭ୍ରବଇ ବାସେଳୀଙ୍କ ପାୟେ ।
ଶ୍ରୀ ବାସେଳୀ ପ୍ରସାଦେ ମୋ ଦୁଃଖଯାଉ କ୍ଷୟେ ॥
ମନବିଷାଦ ଆପଦ କ୍ଳେଶମାନ ଖଣ୍ଡୁ ।
ଅନାୟାସେ ଯେ ପୂଜଇ ତାର ପୁର ମଣ୍ଡୁ ॥
ଶ୍ରୀ ବାସେଳୀ ଚରଣରେ ଶରଣ ମୋ ନିତ୍ୟେ ।
ଶୂଦ୍ରମୁନି ଶାରଳା ଯେ ଭଣେ ଅବିରତେ ॥
ଶୁଣ ହୋ ପରୀକ୍ଷ କାଳଦଣ୍ଡ ଯୁଦ୍ଧକଥା ।
ଶୁଣ ସାବଧାନେ ସେହି ସଂଗ୍ରାମ ବାରତା ॥
ଅସଂଖ୍ୟ ସମର ସେହୁ କଳନା ନ ଗଲା ।
କାଳଦଣ୍ଡ ପଡ଼ିବାର କେହି ନ ଜାଣିଲା ॥
ଅସୁରଙ୍କ ବଳ ଯେତେ ମାଡ଼ଣ ପଡ଼ିଲେ ।
ଉଗ୍ରତାରା ଯୁଦ୍ଧ କଲେ କାନ୍ତମାଳା ଭୁଲେ ॥
କାନ୍ତମାଳା ଭୁଲେ ସୈନ୍ୟ ଅଛି ପାଞ୍ଚଲକ୍ଷ ।
ବେଢ଼ିଲେ ଦେବୀଙ୍କି ଯାଇଁ ସମ୍ମୁଖେ ପ୍ରତ୍ୟକ୍ଷ ॥

ନକ୍ଷେପୁର କରଣ ସେ ସ୍ଫୁରନ୍ତି ଦେ ବେଢ଼ି ।
ଆକାଶ ଜନ୍ତୁଲେ ଅସୁରଙ୍କ ଘୋର ରଡ ॥
ମହାଘୋର ନାଦ ଶୁଣି ସେହୁ ଉଗ୍ରତାର ।
ବୋଇଲେ ପୃଥ୍ୱୀକି କାନ୍ତମାଳା ମହାଭର ॥
ରୁଦ୍ରଦେବ ସେକ୍ଷଣ ସେ ପାଇଅଛି ବର ।
ସମରରେ ମୃତ୍ୟୁନୋହେ କେବେହେଁ ତାହାର ॥
ଅତଅନ୍ତ ସୁନ୍ଦର ସେ ପ୍ରକାଶିଲେ କାୟା ।
ପକାଇଲେ କାମଜାଲେ ବଡ଼ ଏବଇଚ୍ଛାମାୟା ॥
ଉଗ୍ରତାରା ଦେବୀ ରୂପ କାନ୍ତମାଳା ଚାହିଁ ।
କାମେ ଅସ୍ଥିରଷ୍ଟମ ହୋଇ ପଡ଼ିଲା କ ମହୀ ॥
ଦଣ୍ଡକେ ଚେତନା ପାଇ ସୁସ୍ଥହୋଇ ବସି ।
ଅରେ ପ୍ରାଣସଙ୍ଖ ବୋଲି ବଚନ ପ୍ରକାଶି ॥
ତବ ମୁଖ ଚାହିଁ ମୋହ ହେଲି ଅରେ ବାମା ।
ମଦନ ଶାରକୁ ମୋତେ ପାରକର ରାମା ॥
ମୁଁ ତୋ ପଦ୍ମପାଦ ତଳେ ମସ୍ତକ ଲଗାଇ ।
ଦଶନକ ମୁଖେ ଭଳ ଶରଣ ପଶଇ ॥
ଉଗ୍ରତାରା ବୋଇଲେ ମୁଁ ବ୍ରତକଲି ପୂର୍ବେ ।
ମମ ମନ କାମନା ଯେ ପୂରାଇବ ଜବେ ॥
ବ୍ରତ ପୂରାଇଲେ ମୁହିଁ ତାହାର ଭାରିଜା ।
ହୋଇବ ସ୍ନେହ କରିବ ତାକୁ ସଙ୍ଗେ ଘେନ ॥
କାନ୍ତମାଳା ବୋଲେ ସଖି ବ୍ରତ ତୋର କହ ।
କାମନା ପୂରାଇବାକୁ ମୁଁ ହେବ ଅବହ ॥
ବ୍ରତରବଧାନ ସଖି ବେଗେ ମୋତେ କହ ।
ଏହିକ୍ଷଣି ଫେଡ଼ିବ ମୁଁ ତୋହର ସନ୍ଦେହ ॥
ଉଗ୍ରତାରା ବୋଲେ ମୋତେ କନ୍ଧରେ ବସାଇ ।
ଲଙ୍କାଗଡ଼ ମନ୍ଦରକୁ ଯେ ପଳାଇ ନେଇ ॥
ପୁରୁଷ ବୋଲିଣ ମନେ ନ କରିବ ଲଜ୍ଜା ।
ତେବେ ସେ ତାହାର ମୁହିଁ ହୋଇବ ଭାରଯା ॥
କାନ୍ତମାଳ ବୋଇଲେକ ମୋର ସନମତ ।
ଆସ ଆସ ମୋ କନ୍ଧରେ ବସ ଗୋ ସଙ୍ଗାତ ॥
ଉଗ୍ରତାରା ବୋଇଲେକ ରବ ଅସ୍ତହେଉ ।
ଯେମନ୍ତ ଏକଥା ନ ଦେଖିବେ କେହି ଅଉ ॥
ଗୃହ ପଟଳ କହନ୍ତେ ରବିଅସ୍ତ ହେଲେ ।
କାନ୍ତମାଳ କନ୍ଧେ ଉଗ୍ରତାରା ଆରୋହିଲେ ॥
ବନ୍ଧ୍ୟଗିରି ପର୍ବତ କାନନ ଖେପିଲା ।
ଲକ୍ଷ୍ମୀଭଦ୍ରା ନଦୀଜଳରେ ଯାଇଁ ପ୍ରବେଶିଲା ॥

ଅସୁର ଉଗ୍ରତାରାକୁ ଘେନି ଜଳ ତଟେ ।
ଯାଇଅଛଇ ଗହନ ବିପିନର ବାଟେ ॥
ଅନେକ କଉତୁକେ ସେ ହରଷ ସାନନ୍ଦେ ।
ଲକ୍ଷ୍ମୀଵତୀ ପାଟଣାକୁ ଚୁହିଁ ଗଲେ ହାଦେ ॥
ଉଗ୍ରତାରା ବୋଲେ ବସି ନ ପାରେ ଦେ ଆର ।
କ୍ଷଣେ ଠିଆ ହୋଇବା କ ତୋହର କନ୍ଧର ॥
ଦୈତ୍ୟବୋଲେ ଯେବେହଁକ ନ ସହେ ତୋ ଦେହ ।
ଶିର ଉପରେ ମୋହର ଏବେ ଠିଆ ହୁଅ ॥
ଅହେ ପଣ୍ଡିତେ ବିଗ୍ରହ କର ଯେ ମାନସ ।
ପୁରୁଷ ବିରସ୍ତି ହେଲେ ନ କରଇ ଜସ ॥
ଯେତେ ଥିଲା ପ୍ରାକର୍ମ ତା ବୁଡ଼େ କାମଜଳେ ।
ଅନଳ ପାଶରେ ଜଉ ଯେସନ ତରଳେ ॥
କାନ୍ତମାଳା ହତବୀର୍ଯ୍ୟ କାମର ଲୁବୁଧେ ।
ହୁଁକାର ମାଡ଼ି ବସିଲେ ଦେବୀ ହୃଦେ କନ୍ଧେ ॥
ଅକାଶ ମାର୍ଗରେ ଉଗ୍ରତାରା ତେଜ ବ୍ୟାପି ।
ଘୋର ରବ କରି କାନ୍ତମାଳାକୁ ସେ ଚାପି ॥
ମହା ବଳିଷ୍ଠବୀ ସେ ଯେ ତେଜ ଅନର୍ଗଳା ।
ଚାପନ୍ତେ ପାତାଳଗାମୀ ହେଲା କାନ୍ତମାଳା ॥
ଦୈତ୍ୟର ନିଧନ ଦେଖି ଦେବେ ମହାତୁଷ୍ଟି ।
ଉଗ୍ରତାରା ଶିରେ କଲେ ପୁଷ୍ପ ନେଇ ବୃଷ୍ଟି ॥
ତେତିଶ କୋଟି ଦେବତା ବିନୟରେ ସେବି ।
ଦେବତାଙ୍କ କ୍ଳେଶ ମାଗୋ ଖଣ୍ଡିଲୁ ତୁ ଦେବୀ ॥
ମହାଘୋର ରଣ ଦୈତ୍ୟ କରନ୍ତି ବହୁତ ।
କାନ୍ତମାଳା ପଡ଼ିବା ନ ଜାଣନ୍ତି କେହିତ ॥
ମଧୁଦୈତ୍ୟ ବୀରଘଣ୍ଟ ବୀର ବଳବାନ ।
ଧାଇଁ ଖରହୋଇ ମଧୁ କୈଟଭ ଦନୁଜ ॥
ପାଞ୍ଚପଦ୍ମ ସଇନ୍ୟ ଯେ ତାହାଙ୍କର ହୋଇ ।
ସମର ଆରମ୍ଭ କଲେ ଘୋରରବ ଦେଇ ॥
ସମରେ ଶକତା ସେ ଯେ ଉଗ୍ର ବୀରମଣି ।
ଯାନ୍ତେ ଛମୁରେଣ ଭେଟ ହେଲେ ନାଗସୂଣୀ ॥
କରେ ତୀକ୍ଷ୍ଣଶର ଘେନ ସେ ଅସ୍ତ୍ରବୀର ।
ହାଣିଲା ନାଗସମାନ ନାଗସୂଣୀ ପର ॥
କୋପଭରେ ପ୍ରଚଣ୍ଡର ବାଣ ଗୋସାମଣି ।
ମଧୁଦୈତ୍ୟ ଶରମାନ ପକାଇଲେ ହାଣି ॥
ପୁନରପି କୋପ କରି ଧାଇଁଲା ଦନୁଜ ।
ଅନର୍ଗଳ ଦାନବ ସେ ତାର ମହାତେଜ ॥

Digitized by srujanika@gmail.com

ମଧୁ କଇଟଭ ତୁଲେ ପାଞ୍ଚପଦ୍ମ ସୈନ୍ୟ ।
ନାରାୟଣୀ ତୁଲରେ ସେ ଯୁଦ୍ଧ ଅନ୍ୟୋଅନ୍ୟ ।
ଗୋଡ଼ାଇ ନେଇ ଦ୍ୱାରେ ପିଟିଲା ଦଇତ ।
ସ୍ୱର୍ଗେ ମହାଭୟ କଲେ ସକଳ ଦୈବତ ॥
ଦେଖି ନାରାୟଣୀ ମନେ ଗରୁକୋପ କଲେ ।
ମଧୁକଇଟଭ ଉପରେ ଗଦା ପ୍ରହାରିଲେ ॥
ପଡ଼ିଲା ଦଇତ ପିଣ୍ଡୁଁ ପ୍ରାଣ ଗଲା ଛୁଡ଼ି ।
ନବଦ୍ୱୀପ କମ୍ପିଲା ସେ ଛାଡ଼ି ଘୋରରଡ଼ି ॥
ଅସୁର ସଇନ୍ୟ ଦେଖି କଲେ ହାହାକାର ।
ମଧୁକୈଟଭ ମରଣ ହେଲା ଅଗୋଚର ।
ମହିଷା ଅଗ୍ରରେ ଅସିଥିଲେ ଷଣ୍ଢ ସେନା ।
ଗୁରସେନା ପଡ଼ିଲେ ସେ ହୋଇ ବଡ଼ ଜେନା ॥
ସାରଘଣ୍ଟ ରକ୍ତବୀଜ ଅଛନ୍ତି ଏ ବେନି ।
ନବମର୍ବୁଦ ତାଙ୍କର ଅସୁର ସଇନ ॥
ଦେବଙ୍କୁ ଦୁର୍ଲ୍ଲଭ ସାରଘଣ୍ଟ ସାରପଣ ।
ଇନ୍ଦ୍ର ଚନ୍ଦ୍ର ରୁଦ୍ର କାକୁ ନାହିଁ ଭୟ ମନ ॥
ପାଞ୍ଚ ମର୍ବୁଦ ଯୋଦ୍ଧା ସେ ଘେନ ରକ୍ତବୀଜ ।
ନାରାୟଣୀ ଅଗ୍ରେ ଯାଇଁ ମିଳିଲା ଦନୁଜ ।
ଧର ଲହୁଡ଼ା ଧନୁ କୁନ୍ତ ମୁଷଳ ଅୟୁଧ ।
ମନ୍ତ୍ରନାଗ ପ୍ରାୟ ହୋଇ ଅବୋଧିଲା ଯୁଦ୍ଧ ॥
ଯେସନେକ ଗିରିବରେ ହାବୋଡ଼ଇ ଜଳ ।
ତେମନ୍ତେ ନାରାୟଣୀ ଅଗେ ରହିଲେ ସେ ବଳ ॥
ଚଉକୋଟି ବଳ ସେନ୍ତେ ସର୍ବେ ଧନୁର୍ଦ୍ଧର ।
ନାରାଚ ବର୍ଷନ୍ତି ଯେହ୍ନେ ଶେଷେ ବୈଶ୍ୱାନର ॥
ଶୁଣ ହୋ ପରୀକ୍ଷିତରଜା ରକ୍ତବୀଜ କାୟ ।
ବର୍ଣ୍ଣଇ ରକ୍ତ ତାଳମ୍ବ କୁସୁମ ପରାୟ ॥
ରଙ୍ଗବସ୍ତ୍ର ପିନ୍ଧିଅଛି ରଙ୍ଗବସ୍ତ୍ର ଓଢ଼ି ।
ଗଳାରେ ଲମ୍ବାଏ ମାଳା ମନ୍ଦାରର କଢ଼ୀ ॥
ବେଳକବରେ ମନ୍ଦାର କୁସୁମ ତା ଶୋଭେ ।
ଅତେହିଁ ଉତ୍କୃଷ୍ଟ ତେଜ ବାଳଅର୍କ ପ୍ରାୟେ ॥
ସୂର୍ଯ୍ୟମଣ୍ଡଳ ସମାନ ରଥେକ ଚଢ଼ିଛି ।
ବାଛ ବାଛ ଘୋର ଯୋଡ ଶାର୍ଦ୍ଦୂଳ ଯୋଚିଛି ।
ମହା ବାରୁଣ ସାରଥି ବାହୁଅଛି ରଥ ।
ସମର ଅବୋଧିଲା ସେ ଦୈତ୍ୟ ସାମରଥ ॥
ନାରାୟଣୀଙ୍କ ଛାମୁରେ ହଙ୍କିଲା ଯାନ ।
ଲକ୍ଷେରେ ଘେନ ଚନ୍ଦ୍ରନଭମ ନନ୍ଦନ ॥

ଦେଖି କଶାନ୍ତ ବାହନେ ଚଢ଼ି ନାରାୟଣୀ ।
ବୈଜୟନ୍ତୀ ମାଳା ଗଳେ ଶଙ୍ଖଚକ୍ରପାଣି ॥
କରେ ଶାର୍ଙ୍ଗ ସେ କଉମୋଦା ଗଦା ଧର ।
ଚତୁରଙ୍ଗେ ଅୟୁଧ ହୁଙ୍କାର ସେ କର ॥
ରକ୍ତବୀଜକୁ ଅପଣେ ଅଗ ଓଗାଳିଲେ ।
ଅପରେ ବୋଲି ଦେବୀଙ୍କି ଅଗ୍ରେ ଡାକଦେଲେ ॥
ଯାଅଁ ଲୋ ବହନ ଶାଖ ଅସୁରଙ୍କ ଥାଟ ।
ନାରାୟଣୀ ଅଜ୍ଞା ପାଇ ଓଗାଳିଲେ ବାଟ ॥
ଗୋସାମଣୀଙ୍କ ଅଗ୍ରରେ ସର୍ବ ଦେବୀମାନେ ।
ଶ୍ୟେନପକ୍ଷୀ ପ୍ରାୟ ଘୋଟି ଅଇଲେ ଗଗନେ ॥
କେ ଗଜ ବାହନେ କରେ ଖପରର କାନ୍ତ ।
କେ ବ୍ୟାଘ୍ର ବାହନେ ଭଷ୍ଟ କେ ଚଢ଼ିଛନ୍ତି ॥
କେ କରାଳୀ ଘୋରରୂପା କେ ରଣବେତାଳୀ ।
ଅସୁରବଳେ ମିଳିଲେ ହୋଇ ହୁଳହୁଳୀ ॥
ବଭୁତ ଅଙ୍ଗେ କା ଲିପ୍ତ ଗଳେ ଛଡ଼ଲିଟି ।
କାହା କଟି କାଛଟି କେ ହୋଇଛ ଲଙ୍ଗଟି ॥
ହିଙ୍ଗୁଳ କର୍ଣ୍ଣିକଟାର କରତେ କେ ଧର ।
ଶ୍ୟେନପକ୍ଷୀ ପ୍ରାୟ ଦୈତ୍ୟ ବଳଙ୍କୁ ଅବୋର ॥
କରେଣ ଧନୁ ଧର ସେ ବନ୍ଧନ୍ତେ ନାରାଜ ।
ଜଳଯାନ୍ତି ଦୈତ୍ୟେ ଲଗି ନାରାୟଣୀ ତେଜ ॥
ଅନ୍ତରୀକ୍ଷେ ବୁଲିଭଣ ମାରନ୍ତି ସେ କୁନ୍ତ ।
କୁଡ଼ କୁଡ଼ ହୋଇ ମରି ଯାଅନ୍ତି ଦଇତ୍ୟ ॥
ଶର ଉପରେ ଶର କେ କୋପରେ ବର୍ଷନ୍ତି ।
ଦସନ୍ତି ଧରଣ ମୁଣ୍ଡ ମୋଡଣ ଛିଣ୍ଡାନ୍ତି ॥
ଶୁଣ ହୋ ପରୀକ୍ଷିତ ରଜା ନିର୍ଭୟ ଦଇତେ ।
ସଙ୍ଗେ ସଙ୍ଗେ ଖଣ୍ଡ ଲହୁଡ଼ା ଗଦାକୁ ଘୁରତେ ॥
ଧର ବେଳକରେ ବେଳ ବେଳ ମହାକୋପେ ।
ଧାଇଁ ଦେବୀଙ୍କ ଉପରେ ପିଟନ୍ତି ପ୍ରତାପେ ॥
ଗଦାମାନ ପିଟନ୍ତେଣ ପାତ ଦେବୀ ମୁଣ୍ଡ ।
ଶିରେପଡ଼ ଗଦାମାନ ହୁଅନ୍ତି ମହିଗୁଣ୍ଡ ॥
ଗଦାଭଜନ୍ତେ ଦଇତେ ହେଲେ ଶୂନ୍ୟ ହାତ ।
ଧାଇଁ ଯାଇଁ ମାହେଶ୍ୱରୀ ପ୍ରହାରିଲେ ମୁଥ ॥
ହାବୋଡ଼ା ହାବୋଡ ହୋଇ ପଡିଲେ ମଝିରେ ।
ହସ୍ତେନଶାୟୀ ହୋଇଣ ଶୋଇଲେ ଧରେ ॥
ବକ୍ଷସ୍ଥଳରେ ମାଡ଼ଣ ବସିଲେ ବାରାହୀ ।
ଘୋରରଡ଼ଶାଡେ ଥରହର ହେଲ ମହୀ ॥

Digitized by srujanika@gmail.com

ରୁଣ୍ଡ ବସ୍ତ୍ରାରଣ ସେହୁ ଉଦେଲେ ସୋଦରକ ।
ବେନପାଳ କରଦେଲେ ଧରଣେ ହାମ୍ପୋଡ଼ ॥
ଅଞ୍ଜଳ ଅଞ୍ଜଳ କର ପିବନ୍ତ ରୁଧର ।
ଏକ ନହକ୍ରଇ ନେଇ ଅନେକ ଉପର ॥
କାକୁ ଧର ବୁଲବନ୍ତ ଅନ୍ତସ୍ଵାଷ କର ।
ମାଂସମାନ ଅଣନ୍ତ ସେ ଦନ୍ତରେ ବଦାର ॥
ମୁଦ୍ଗର ନେଇ ପିଟନ୍ତ କେବଣ ଦନୁଜେ ।
ହେଲି ଭଗବତୀ ଧରନ୍ତ ତା ହାତେକେ ॥
ଖାଲ୍କେ ଧର ହୁଅରେ ମାରନ୍ତ ଯେ ନାତେ ।
ବୁଲାଇ ପିଟନ୍ତ ଗଦାବର ଜରଘାତେ ॥
ନର୍ଘାତ ଜାଣି କରଣ ପଡ଼ୁ ନଶାରରେ ।
ଧାଇଁଣ ଦେବୀଏ ମାଡ଼ ବସନ୍ତ ହୁଅରେ ॥
ଦନ୍ତରେ କୋମୋଡ଼ ଚରଦ୍ୟନ୍ତ ତାଙ୍କ ବୁକୁ ।
ଖଣ୍ଡେ ଛଣ୍ଡାଇ ନେଇଣ ଦ୍ୟନ୍ତ ଅରକକୁ ।
ରକତ ମାଂସ ଖାଇଣ ଟେକିବାନ୍ତ ସେ ହାଡ଼ ।
ଧରଣୀ କମ୍ପଇ ଶୁଭିବାକୁ ମଡ଼ ମଡ଼ ॥
ଲକ୍ଷାଏ ରକତ ମାଂସେ କରନ୍ତ ସେ ଖେତ ।
ପ୍ରଳୟ ମେଘ ପରାୟେ ଶୁଭେ ଘଡ଼ ଘଡ଼ ॥
ଧର ଅସୁର ଭକ୍ଷଣ କରଲେ ସେ ଗୁଣ୍ଡେ ।
ଅନ୍ୟ ଦୈତ୍ୟ ଗଦା ପିଟୁ ଦେବୀଙ୍କର ମୁଣ୍ଡେ ॥
ତହିଁକି ଯେ ଶଙ୍କାମାନ କଛ ନ କରନ୍ତ ।
ବାଜ ଗଦା ଭାଜିଣ ସେ ଚୂର ହୋଇଯାନ୍ତ ।
ଲକ୍ଷ ଲକ୍ଷ କର ଦୈତ୍ୟେ ପେଶନ୍ତ ନାରାଜ ।
ଦେଖିଣ ଧାମନ୍ତ ଦେବୀ ହୋଇ ଉଗ୍ରତେଜ ॥
କୋପେ ଉକୁସାନ୍ତ ତାଙ୍କ ଦେହ ରୋମାବଳୀ ।
ତହିଁରେ ନାରାଚମାନେ ପଡ଼ ହୋନ୍ତ ଧୂଳ ॥
ବନ୍ଧ ବନ୍ଧଣ ଅସୁରେ ହୁଅନ୍ତ ବମୁଖ ।
ନସତ ହୋଇ ବୋଲନ୍ତ ଅମ୍ଭଙ୍କୁ ଗୋ ରଖ ॥
ଧନୂଶର ପକାଇଣ ପଳାନ୍ତ କେ ବେଗେ ।
ସମ୍ମୁଖେ ଯୁଦ୍ଧ କରବ କେ ଦେବୀଙ୍କ ସଙ୍ଗେ ॥
କେହ ଯେ ପଳାନ୍ତ ଭୟେ ହୋଇଣ ବକଳ ।
ପଛେ ଧାଇଁଣ ଧରନ୍ତ ଦେବୀ ତାଙ୍କ ବାଳ ॥
ଉଗ୍ରନଖାସ୍ତ୍ରୀ ହୋଇଣ ପଡ଼ନ୍ତ ଯେବେକେ ।
ବେନପାଟ ଅଙ୍ଗୋଟିଣ ଧରନ୍ତ ସେକାଳେ ॥
ଦନ୍ତେ ଚିପି ଦଅନ୍ତେ ସେ ହୁଅନ୍ତ ବେନଖଣ୍ଡ ।
ରୁଧିର ବୃଷ୍ଟି ହୁଅଇ ତାହାଙ୍କର ପିଣ୍ଡ ॥

ମନ୍ଦାର ପୁଷ୍ପପରାୟେ ଦଶେ ତାଙ୍କ କାୟେ ।
ବହରନ୍ତ ଦେବୀ ରଣେ ନ କରନ୍ତ ଭୟେ ॥
ସେ ସମରେ ଦାନବେ ଯେ ପାଇ ବଡ଼ଦୁଃଖ ।
ଭଜ ପଳାଇଲେ ସର୍ବେ ହୋଇଣ ବମୁଖ ॥
କ୍ଷଣକେ ମୋହନୀ ରୂପ ହୋଇ କାମସେଣା ।
ମୋହ ପାଶ ଲଗାଇଣ କଲେ ଦୈତ୍ୟବଣା ॥
ଅସୁର ସୈନ୍ୟଙ୍କ ଦେଲେ ସେ ନାନା ଅବସ୍ଥା ।
କହଲେ ନ ସରେ ଦେବୀମାନଙ୍କର କଥା ॥
ପାଶୁପତ ବାବଲ ଯେ ବ୍ରହ୍ମଶକ୍ତି ଶର ।
ଶାବେଳୀ କୁନ୍ତ ଖଡ଼ଗ ଗଦା ମୁଦ୍ଗର ॥
ପରଶୁ କୁଠାର ବଜ୍ରଶକ୍ତି ଶର ଲାଠ ।
ମାରନ୍ତେ ଦେବୀମାନଙ୍କ ଶରୀର ନ ଭୁଟି ॥
ଅମୋହ ଶକତ କୁନ୍ତ ଲକ୍ଷିଅ ହିଣ୍ଟୁଳୀ ।
ଦେବୀମାନଙ୍କର ଅଙ୍ଗେ ପଡ ହୋଏ ଧୂଳ ॥
ଶସ୍ତ୍ରଭେଦ ନୁହଇ ଯେ ଦେବୀଙ୍କର କାୟେ ।
ଭାଜଲେ ଦାନବମାନେ ଛେଳ ପଲ ପ୍ରାୟେ ॥
ରଣେ ଭାଜଲେ ଦାନବମାନଙ୍କ ସଇନ ।
ରହ କରେ ଶର କେହ ନ ପାରନ୍ତ ହେନ ॥
ଗୋଡ଼ାଇ ପିଟନ୍ତ ପଛେ ଦେବୀ କାତ୍ୟାୟନୀ ।
ଧର ଧର ବୋଲନ୍ତେଣ କମ୍ପଇ ମେଦନୀ ॥
ହେନଲେ କରେ ବକଟ ଯମଦାଢ଼ମାନ ।
ଅନ୍ତ୍ରସ୍ଵାଷେ ବୁଲାଇ ତା କରନ୍ତ କ୍ଷେପଣ ॥
ପଳାନ୍ତେଣ ବଦାରନ୍ତ ଧର ବକ୍ଷସ୍ଥଳ ।
ରୁଧିରେ ମାଂସ ବୁଡ଼ାଇ ଖାନ୍ତ କୁତୂହଳ ॥
ସହସ୍ରକୋଟି ଦାନବ ପଡ ମଲେ ରଣେ ।
ପ୍ରାଣହେନ କର ସେହୁ ନ ଗଲେ ସେ ଜଣେ ॥
ରକ୍ତ ମାଂସ ଲତାଏ ସେ ମ ପକାନ୍ତ ତଳେ ।
ଅହାର କରନ୍ତ ଦେବୀ ଅତ କୁତୂହଳେ ॥
ମହାବଇଷ୍ଣବୀ କ୍ଷଣେ ମହା ଯୋଗେଶ୍ଵରୀ ।
କ୍ଷଣେ ବାଳଭାବ କ୍ଷଣେ ଯୁବାରୂପ ଧର ॥
ହିପୁର ମେଖଳା ବଷ୍ଟୁ ରୂପା ଭଇରବୀ ।
ନାଚନ୍ତ ଖେମଟା ନାଟ ଦେଇ ମହାବୋବ ॥
କ୍ଷଣକେ ବକଟାଳୀ ସେ କ୍ଷଣେ ମୋହନାକ୍ଷୀ ।
ଦଶଇଙ୍ଗ ଧନୋଳରେ ମସ୍ତ ମାଂସ ଭକ୍ଷି ॥
ରକ୍ତବୀଜ ନାରାୟଣୀ ଦୁହିଁଙ୍କ ସଂଗ୍ରାମ ।
ନାରଚ ବନ୍ଧନ୍ତେ କ୍ଷଣେ ନାହିଁ ନା ବଶ୍ରାମ ॥

Digitized by srujanika@gmail.com

ଗାଣ୍ଡିବ କୋଦଣ୍ଡ ଶର ନାରାୟଣୀ ହସ୍ତେ ।
ଆକାଶ ଅନ୍ଧାର ହେଲା ନାଗର ବନ୍ଧନ୍ତେ ॥
ରକ୍ତବୀଜ ବନ୍ଧଇ ଯେ ଅନୁକ୍ଷଣେ ବାଣ ।
ଶୂନ୍ୟ ଭୁବନ ଘୋଟିଲା ସେହୁ ବାଣଗଣ
ରଣରଙ୍ଗେ ଭଜେ କଲେ କଙ୍କାଳୀ ବେତାଳୀ ।
ଦଇତନ୍ତ ଧର ସୈନ୍ୟ ଖଣେ ଖଣେ ଗିଳି ॥
ଅତ୍ୟନ୍ତ ଦାରୁଣ ଶର ମାରେ ରକ୍ତବୀଜ ।
ଦହନ ହୁଅଇ ଲାଗି ନାରାୟଣୀ ତେଜ ॥
ଅଗ୍ନିଶର ପ୍ରହାର ଯେ କରିଲା ଦାନବ ।
ଲାଗିଲା ଅନଳ ଶିଖା ମସ୍ତ୍ରୁ ନିଦ୍ଧବ ॥
ଲୁହାର କୋଟିଏ ଶର ରକ୍ତବୀଜ ବନ୍ଧ ।
ନାଶଇ ନାଗରେ ତାହା ନାରାୟଣୀ ଛେଦ ॥
ପର୍ବତାଶର ପୁଣି ଯେ ମାରେ ରକ୍ତବୀଜ ।
ଉତ୍ତରାସ୍ତ୍ର ଗର୍ଜ୍ଜେ ପଶି ହୋଇଲା ଦହଯ୍ୟ ॥
ପୁଣ ବନ୍ଧେ ରକ୍ତବୀଜ ବେନ କୋଟି ବାଣ ।
ହେଲେ ନାରାୟଣୀ ତାହା ଛେଦେ ତତକ୍ଷଣ ॥
କୋପେଣ ମେଘାଶରକୁ ଦୈତ୍ୟବୀର ମାର ।
ତ୍ରୈଲୋକ୍ୟ କମ୍ପିଲା ମେଘ ଶବଦର ପଥ ॥
ଦେଖି ନାରାୟଣୀ ବାୟୁ ଶରକୁ ପେଷିଲେ ।
ପବନ ଭଘାତେ ମେଘମାନଙ୍କୁ ରୁନ୍ଧିଲେ ॥
ମୃତ୍ୟୁଲୋକ ମଧ୍ୟରେ ଯେ ବାୟୁଶର ଘୋଟି ।
ଦଶଦିଗ ମେଘମାନେ ସର୍ବେ ଗଲେ ଫାଟି ॥
ରୁଦ୍ରଶର ରକ୍ତବୀଜ ପ୍ରହାରିଲା ପୁଣି ।
ନାରାୟଣ ଶରେ ନିବାରିଲେ ନାରାୟଣୀ ॥
ଧାଇଁଣ ଦଇତ ବେଗେ ପର୍ବତାସ୍ତ୍ର ବନ୍ଧ ।
ନାରାୟଣୀ ବଜ୍ରଶର ବନ୍ଧଣ ନିରୋଧ ॥
ପୁଣ ଦେବୀ ବନ୍ଧିଲେକ ଶର ତୀକ୍ଷ୍ଣମୁନା ।
ପଡ଼ିଣ ଫିଟିଲା ରକ୍ତବୀଜ ବଜ୍ରସେନା ॥
ଅମୋଘ ଶର ବନ୍ଧିଲେ ପୁଣି ନାରାୟଣୀ ।
ରଥ ଅଶ୍ୱ ସାରଥି ତା ଛେଦିଲେ ତକ୍ଷଣି ॥
ରଥ ସାରଥି ହସ୍ତୁକୁ ନାଶିଲେ ତାହାର ।
ପାଦଗତ ହୋଇ ପଳାଇଲା ମହାବୀର ॥
ଲୌହଶର ଧନୁରେ ସେ ପୂରାଇଣ ପୁଣ ।
ଦେବୀଙ୍କେ ନାଗର କର ବନ୍ଧିଲା ତକ୍ଷଣ ॥
କୃତାନ୍ତକ ରୂପ ବାଣ ପେଷି ନାରାୟଣୀ ।
ରକ୍ତବୀଜାସୁର ଶର ପକାଇଲେ ହାଣି ॥

ଅର୍ଦ୍ଧଚନ୍ଦ୍ର ପେଷି ଦେଲେ କ୍ରୋଧେ ନାରାୟଣୀ ।
ରକ୍ତବୀଜ ଧନୁର୍ଗୁଣ ପକାଇଲେ ହାଣି ॥
ଶୁଣ ହୋ ପରୀକ୍ଷ ରାଜା ଏହି ପରକାରେ ।
ଶତ ଶତବାର ଆନ ଧନୁ ଧର କରେ ॥
ରକ୍ତବୀଜ ସମର ଯେ କରେ ଅତି ରାଗେ ।
ଶର ପ୍ରହାର କରଇ ପବନଙ୍କ ବେଗେ ॥
ଅହୋ ସୁଜ୍ଞଜନମାନେ ନିରୂପଣ କର ।
କହିବାକୁ ସମର୍ଥ ନ ହେବେ ହରି ହର ।
ସଂକ୍ଷେପେଣ କହିବାକୁ ମୁଁ ଜସ ବକତ ।
ଲେଖନ୍ତେ ନ ସରଇ ଏ ଚଣ୍ଡୀ ଯୁଦ୍ଧ କଥା ॥
ଧନୁ କୋଣ ଛେଦ ଦ୍ୟନ୍ତେ ପୁଣି ଦୈତ୍ୟରାଜ ।
ଖଡ୍ଗଫଳା ଘେନିଲା ସେ କୋପେ ହୋଇ ତେଜ
ଦେବେ ଦୁର୍ଦ୍ଦଭ ଯାହାର ଅଷ୍ଟ ସିଦ୍ଧଗତ ।
ଦେଖିଣ କୋପେ ଧାଇଁଲେ ଆଗେ ଭଗବତୀ ॥
ଅଜଗବରେ ବସାଇ ପାଞ୍ଚଗୋଟି ବାଣ ।
ରକ୍ତବୀଜ ଉପରକୁ ବିନ୍ଧିଲେ କୋପେଣ ॥
ଦେଖି ଦନୁଜ ଅଡ଼ିଲା ଝଟତ ଅଟ୍ଟେଣି ।
ନିବାରିଲା ବନ୍ଧିବାକୁ ଶରମାନ ପୁଣି ॥
ଏକ କରେ ଫର ଧାର ଅରକରେ ଖଣ୍ଡା ।
ସମରେ ବହରଇ ସେ ରକ୍ଷକୁଳ ଷଣ୍ଢ ॥
ଖଡ୍ଗ ବୁଲାଇ କର ଧାଏଁ ରକ୍ତବୀଜ ।
ଅକ୍ଷୋଣି ହାଣିଲା ଭଗବତୀଙ୍କ ଉରଜ ।
ନ ବାଜି ସେ ଭଗବତୀ ହେଲେ ଅନ୍ତର୍ଦ୍ଧାନ ।
ଚହଳତ ଲୋକ ଲୋକ ଦୈତ୍ୟ ହତଜ୍ଞାନ ॥
ତରସ୍ତ ହୋଇଣ ଖଣ୍ଡା ଫଳା ପକାଇଲା ।
ଶୂନ୍ୟହସ୍ତ ଦେଖି ନାରାୟଣୀ ଯେ ଧାଇଁଲା ॥
ଅରେ ବୋଲି ଡାକ ଦେଲେ ନାରାୟଣୀ ।
ଧାଇଁଲା ଅସୁର ରୁଞ୍ଚକାର ଭାଷା ଶୁଣି ॥
ଅତି କୋପ କରି ଧରି ଖଣ୍ଡା ପ୍ରହାରିଲା ।
ବଚନ୍ଦ ଗତରେ ନାରାୟଣୀ ଫେରାଇଲା ॥
ବଜ୍ର ଶକତ ଧରଣ ମାରେ ମାହେଶ୍ୱରୀ ।
ପଡ଼ିଲା ରକତବୀଜ ପରେ ଯାଇଁ କରି ॥
ପ୍ରଳୟରୂ ଝଡ଼ଘାତ ପରାଏ ଶୁଭିଲା ।
ରକ୍ତବୀଜ ଖଡ୍ଗଫଳା ଝଡ଼ିଣ ପଡ଼ିଲା ॥
ପୁଣ ଧାଇଁ କୁଠାରକୁ ମାରନ୍ତ ପ୍ରମଦା ।
ରକ୍ତବୀଜ ଘାତେ ଲକ୍ଷେ ଲକ୍ଷେ ଜ୍ୱର ଗଦା ॥

Digitized by srujanika@gmail.com

ଧାଇଁଣ ନାରାୟଣୀଙ୍କ ଉରେ ନେଇ ପିଟ୍ଟ ।
ତାଙ୍କ ବାହନ କେଶରୀ ପଦେ ମସ୍ତ ଲୋଟ୍ଟ ॥
ବାହନ ବଳରେ ନାରାୟଣୀ ଶୂନ୍ୟମାର୍ଗେ ।
ଥାଇଁଣ ଫିଙ୍ଗି ପେଷିଣ ଦେଲେ ଦେବୀ ଦୁର୍ଗେ ॥
ଶୁଣ ହେ ପରୀକ୍ଷ ରାଜା ଜାଣି ନାରାୟଣୀ ।
କେଶରୀ ପିଠିରେ ଯାଇଁ ବଜେ କଲେ ଶୁଣି ॥
ରକ୍ତବୀଜ ସହିତରେ ଅତି ଘୋର ରଣ ।
କଲେ କରେ ଧରି ମହାଶର ସେ କମାଣ ॥
ସହସ୍ରେ ସହସ୍ରେ ଶର ଲୌହ ଗଦା ଘେନ ।
ପିଟିଲେ ଦଇତ ବଞ୍ଚାଇଲେ କାତ୍ୟାୟିନୀ ॥
ଫେରାଇଁ ବଜ୍ରକଣ୍ଠୀ କଠୋର ପ୍ରହାର ।
ଘାଅ ପାଇଣ ଅସୁର ଉଠେ କୋପ କରି ॥
ଶୁଣ ସକ୍ରେ ପ୍ରହାରିଲା ସେହି ଲୌହଦଣ୍ଡ ।
ବାଣ ନାରାୟଣୀ ଦେହେଁ ହେଲା ଖଣ୍ଡ ଖଣ୍ଡ ॥
ଦେବଦଳନ ଗଦାଟି ଭାଜିଲା ତା ଯନ୍ତ୍ରେ ।
ଦେଖି ମୁଖ ଟେକ ମରେ ଦଇତ ସେ ତନ୍ତ୍ରେ ॥
ବଞ୍ଚାଇ ପ୍ରଚଣ୍ଡ ଖଣ୍ଡା ଘେନ ନାରାୟଣୀ ।
ରକ୍ତବୀଜ ଉପରେ ସେ କୋପେ ନେଇ ହାଣି ॥
ଯେଉଁକେ ରମ୍ଭା ବୃକ୍ଷେ ଭେଦେ କରବାଳ ।
ରକ୍ତବୀଜ ଦାନବ ସେ ହେଲା ବେନଫାଳ ॥
ବେନି ପର୍ବତ ଯେସନେ ଶୂନ୍ୟ ଖସି ପଡ଼ ।
ମେରୁ ଶୃଙ୍ଗ ମସ୍ତରେ କି ପଡ଼ିଲାକ ଝଡ଼ ॥
ଦଇତଙ୍କୁ ନିବାରିଲେ ଯନ୍ତ୍ରେ କାଳସରି ।
ସ୍ୱର୍ଗେ ଦେବତାଏ ଦେଖି ଅରମ୍ଭିଲେ ସ୍ତୁତି ॥
ନମୋ ନାରାୟଣୀ ମାଗୋ ଅନାଦି ଶକତି ।
ରକ୍ତବୀଜଧ୍ୱଂସିନୀ ଗୋ ଅସୀମ କୀରତି ॥
ତୁ ଗୋ ଶ୍ରୀବଣ୍ଟ ଅଂଶରେ ହେଲୁ ଅବତାର ।
ଛେଦିଲୁ ତୁ ରକ୍ତବୀଜ ଦାନବର ଶିର ॥
ବୃନ୍ଦାରକ ଜନଙ୍କୁ ତୁ କଲୁ ସ୍ୱର୍ଗବାସୀ ।
ପୃଥ୍ୱୀ ଭରାଭର ହେଲେ ପକାଇଲୁ ନାଶି ॥
ଦିବ୍ୟ ଅବତାର ମାଗୋ ଅନେକ ତୋ ଶରୀ ।
ଶଙ୍ଖ ଚକ୍ର ଗଦା ପଦ୍ମ କୁନ୍ତ ଅସିବର ॥
ପରଶୁ କୁଠାର ପାଶୁପତ ମୋହ ବାଣ ।
ଗାଣ୍ଡିବ ଧନୁ ଶାରଙ୍ଗ ଧନୁ ସେ କମାଣ ॥
ଅମୋଘ ଶକତି ବଜ୍ର ଶକତି ପଟ୍ଟିଶ ।
କାଳିତ ସମରେ ନାଶ କଲୁ ଦୈତ୍ୟଗଣ ॥

ଯୋଗିନୀ ବଳ ଘେନି ଗୋ ମରୁଅଳେ ଖଟ୍ଟ ।
ରକ୍ତ ମାଂସ ଭୋଜନେ ଗୋ ମତ୍ତରଙ୍ଗେ ନାଟ୍ଟ ॥
ଖେଚରୀ ଭୂଚରୀ ମାଗୋ ଶବ କଳକଳା ।
ମରୁଅଳ ମାତଙ୍ଗୀ ତୁ ମଦ୍ୟପାନେ ଭୋଳା ॥
ଦନୁଜମାନ ସଂହାର ଶବ ପରେ ଖେଳ ।
ରଣରଙ୍ଗେ ବନାଇଲୁ ଦୈତ୍ୟଙ୍କ କେବଳ ॥
ଯାତ ଅନ୍ୟ ପାଳନ ତୁ କରୁ କାମରୂପୀ ।
ଡାକେଶ୍ୱରୀ କଙ୍କାଳୀ ବେତାଳୀ ସର୍ବ ବ୍ୟାପୀ ॥
ମେଦିନୀ ପୂରଇ ମାଗୋ କଳକଳା ଡାକେ ।
ଅକାଶ ପୂରି ଅଛଇ ତୋର ସ୍ପର୍ଦ୍ଧ ହାକେ ॥
ରକ୍ତ ମାଂସ ଭକ୍ଷଣ ତୁ କରୁ ବିଶ୍ୱରୂପା ।
ଶାରଦ ଚନ୍ଦ୍ରବଦନୀ ମୋହିନୀ ସ୍ୱରୂପା ॥
କହନ୍ତେ ନ ସରଇ ଗୋ ତୋହର ମହିମା ।
ପ୍ରକୃତ ଅନ୍ତର କରି ନ ପାରିଲା ବ୍ରହ୍ମା ॥
ଏମନ୍ତ ବୋଲି ତେତିଶ କୋଟି ଦେବଗଣେ ।
ଶୂନ୍ୟରେ ନମିଲେ ନାରାୟଣୀଙ୍କ ଚରଣେ ॥
ମୁହିଁ ସେ ମାନବ ମାଗୋ ମୋର କିସ ମତି ।
ଶରଣ ହାତା ନର୍ମଦା ଦେବୀ ସରସ୍ୱତୀ ॥
ଝଙ୍କଡ଼ ପୁରବାସିନୀ ଶ୍ରୀ ଶାରଳା ଦେବୀ ।
ସେ ଚରଣରେ ଶରଣ ଶାରଳା ଯେ କବି ॥
ଏଥି ଅନ୍ତରେ ପରୀକ୍ଷ ନାମେ ମହାରାଜା ।
ଶୁକମୁନି ଚରଣରେ କଲେ ଦିବ୍ୟ ପୂଜା ॥
ହେ ମୁନି ଶୁଣିଲି ତବ ମୁଖୁ ଚଣ୍ଡୀଯୁଦ୍ଧ ।
ଅମୃତ ରସ ବଚନ କହିଲ ପ୍ରସିଦ୍ଧ ॥
ଶ୍ରୀଦୁର୍ଗା ଚରିତ ଶୁଣି କୃତାର୍ଥ ହୋଇଲି ।
ପ୍ରତିଜ୍ଞା ସତ୍ୟହିଁ କଲି ଦୁଃଖରୁ ତରିଲି ॥
ହେ ମୁନି ହେ ରକ୍ତବୀଜ ପଡ଼ିଲା ସମରେ ।
ପୁଣି କେବଣ କୃତ୍ୟ ସେ କଲେ ନିଶାଚରେ ॥
କହେ ଶୁକମୁନି ଶୁଣ ହେ ପରୀକ୍ଷ ରାଜ୍ୟେ ।
ଶ୍ରୀ ଦୁର୍ଗା ଚରିତ ଶୁଣି ପାପ କରି କ୍ଷୟେ ॥
ପଢ଼ନ୍ତେ ଶୁଣନ୍ତେ ଘୋର ବିପତ୍ତି ଖଣ୍ଡଇ ।
ବିପୁଳ ଲକ୍ଷ୍ମୀ ମିଳଇ ରୋଗ ନାଶଯାଇ ॥
ରକତବୀଜ ଦଇତ ପଡ଼ିଲା ସମରେ ।
ରକତ ବୃଷ୍ଟି ହୋଇଲା ସମର ଭୂମିରେ ॥
ଯେତେ ରକତ ପଡ଼ିଲା ଅବନୀ ଉପରେ ।
ଶତ ଶତ ଦୈତ୍ୟ ଜାତ ମହା ମହା ବୀରେ ॥

ବିକଟାଳ ମୂର୍ତ୍ତି କେଶ ଲୋହିତ ବରନ ।
ପୃଥ୍ୱୀ ଉପରେ ପୂରିଲେ ସେ ପଞ୍ଚ ଯୋଜନ ॥
ଗଦା ମୁଦ୍ଗର କୁନ୍ତ କୁଠାର ଶକତ ।
ଅସିପଟ୍ଟ କୁଦ୍ଦାଳ ଯେ ପର୍ଶୁ ବଜ୍ର ଯଷ୍ଟି ॥
ଧରି ନର୍ଜନ୍ତି ଗର୍ଜନ୍ତି ରେ ରେ କାରି ନାଦେ ।
ମେଦିନୀ ଟଳମଳ ଯେ କମ୍ପେ ତାଙ୍କ ପାଦେ ॥
ଦିଶନ୍ତି ଦଇତେ ସାକ୍ଷାତେ କି ରକ୍ତବୀଜ ।
ସମୁଦ୍ର ଲହରୀ ପ୍ରାୟେ ଘୋଟିଲେ ଦନୁଜ ॥
ରହୁଗିରି ପରେ ଥାଇ ଦେବୀ ଦେଲେ ଡାକ ।
ଧାଆଁ ଲୋ ଅସୁର ବଳ ଶୀଘ୍ର ତୁମ୍ଭେ ଭକ୍ଷ ॥
ଦୁର୍ଗାର ଆଜ୍ଞାପାଇ ଯେ ଚଉଷଠି ଯୋଗୀ ।
ରଣରଙ୍ଗ କଉତୁକେ ବଳେ କାତ୍ୟାୟିନୀ ॥
ମହୀମଣ୍ଡଳରେ ଓଷ୍ଠ ଆକାଶରେ ପାଟି ।
ବିଶ୍ୱରୂପ ପ୍ରକାଶିଲା ଦେବୀମାନେ ଘୋଟି ॥
ବିଜେକଲେ ନାରାୟଣୀ ଗଜେନ୍ଦ୍ର ପିଠିରେ ।
କୋପେ କରବାଳ ଝମକାନ୍ତି ଧରି କରେ ॥
ତୋଳି ପ୍ରହାର କରନ୍ତି ଅସୁରଙ୍କ ପର ।
ଶିର ଚରଣ ହୃଦୟ ଛିଡ଼ଇ କାହାର ॥
ତହୁଁ ଯେତେ ମହାରକ୍ତ ପଡ଼ୁ ଅଛି କ୍ଷିତି ।
ଶତ ଶତ ଦଇତ ଯେ ହୁଅନ୍ତି ଉତପତ୍ତି ॥
ରଣଭୂମି ପୂରିଅଛି ରକ୍ତବୀଜ କାୟେ ।
ଆକାଶରେ ଥାଇ ବୋଲୁଛନ୍ତି ଦେବତାଏ ॥
ଏମନ୍ତେ ଅସୁର ବଳ ନୁହନ୍ତି ଗୋ କ୍ଷୟେ ।
ମହୀରେ ରକ୍ତ ପଡ଼ିଲେ ହେବେ ଦୈତ୍ୟମୟେ ।
ଖଡ଼ଗେ ହାଣିଣ ତଳେ ପାତ ଗୋ ଖପର ।
ଉପରିକୁ ମୁଖକରି ପିଇବ ରୁଧିର ॥
ମହା ମୂରତ ଧରିଣ ରଣେ ସେ କାମାକ୍ଷୀ ।
ରକ୍ତମାଂସ ଅସ୍ଥି ଚର୍ମ ନ ଥୋଇଲେ ଭକ୍ଷି ॥
ଉପୁଜ ନାଚନ୍ତି ପୁଣ ପୁଣ ରକ୍ତବୀଜ ।
ମାଇଲେ ନ ସରଇ ସେ ଦର୍ପିଷ୍ଠ ଦନୁଜ ॥
ପଞ୍ଚଗୁଣ ପୂରିଅଛି ରକ୍ତବୀଜ କାୟୁ ।
ଆକାଶକୁ ଲାଗିଅଛି ଅସୁରଙ୍କ ଦେହ ॥
ଦେଖିଣ ବିମୁଖ ରଣେ ହେଲେ ମହାମାୟେ ।
କିଳିକିଳା ଶବଦରେ ପୃଥ୍ୱୀ କମ୍ପି ଯାଏ ॥
ଲକ୍ଷେ ଡାକିନୀ ଶାକିନୀ ଶୋଣିହା ମୂରତି ।
ଶୂନ୍ୟରୁ ଦୁର୍ଗା ଏହାଙ୍କ କଲେ ଉତପତ୍ତି ॥

ସନ୍ଧିଥିଲୁ ହକାରିଲେ ଦେବୀ ହି ପୁରୁଷକୁ ।
କୋପେ ଆଜ୍ଞା ଦେଲେ ସଙ୍ଗେ ଯେନ ଏମାନଙ୍କୁ ॥
ଯାଅ ଆଲୋ ତୁମ୍ଭେମାନେ ହୁଅ ମହାଭୋଗୀ ।
ପଡ଼ିଲେ ମହୀରେ ରକ୍ତ ନେଉଥିବ ବେଗି ॥
ଦୁର୍ଗାଙ୍କର ବଚନତ ଅଟେ ନିରାଧାର ।
ଅବିର ବିଶେଷେ ଶୋଣିହା ଯେ ଅବତାର ॥
ପୃଥ୍ୱୀ ମଧ୍ୟେ ଘୋଟିଲେ ସେ ଦେଇ ଘୋରରଡ଼ି ।
ଅସୁର ସୈନ୍ୟ ପଡ଼ିଲେ ଦେବୀ ଯାଇ ମାଡ଼ି ॥
ଚଉଷଠି ଯୋଗୀମାନେ ଯାଉଛନ୍ତି ହାଣି ।
ତଳେ ଖପର ପାତନ୍ତି ବେଗେ ଦେବୀ ଆଣି ॥
ଯାହା ରକ୍ତ ପଡ଼ୁଅଛି ଖପରେ ଧରନ୍ତି ।
ଅମୃତ ସମାନ କରି ରକତ ପିବନ୍ତି ॥
ଦୈତ୍ୟ ବଳ ଅଟନ୍ତି ଯେ ଶୁଷ୍କ ତୃଣ ପ୍ରାୟେ ।
ତହିଁକି ଅଟନ୍ତି ଅଗ୍ନି ଦେବୀ ମହାମାୟେ ॥
ହାଣନ୍ତେ ଅସୁରେ ହେଲେ ଅତହିଁ ଗହଳ ।
ମାରୁଁ ନ ମରନ୍ତି ସେହି ରକ୍ତବୀଜବଳ ॥
ଖଡ଼ଗରେ ହାଣନ୍ତି ସେ ପାତନ୍ତି ଖପର ।
ପଡ଼ିଲେ ତଳେ ନିଅନ୍ତି ଶୋଣିହା ନିକର ॥
ଏମନ୍ତେ ଦିବସ ନିଶି ତିନ ଦିନ ଯାଏ ।
ସମର ହେଲା ଅସୁର ହୋଇଲେ ଅକ୍ଷୟେ ॥
ଲକ୍ଷେ କୋଟିଏ ମର୍ଦ୍ଦିତ କୋଟିଏ ପସର୍ଜ୍ଜି ।
ବିଶାଶତେ ଲକ୍ଷ ପୁଣି ଦୈତ୍ୟ ସୈନ୍ୟ ବୃନ୍ଦ ॥
ରକ୍ତବୀଜର ଯେ ବଂଶ ମିଶି ଅପ୍ରମିତା ।
ମହିଷାସୁର ସଇନ ହେଲେ ଅଗଣିତା ॥
ଦୁର୍ଗା ଦେଖିଲେ ଅସୁର ସଇନ ଅଲେଖା ।
ଖଡ଼ଗ ଝାଡ଼ନ୍ତେ ଜାତ ହୋଇଲେ କାଳିକା ॥
ଉର୍ଦ୍ଧ୍ୱ ବାହୁ ଦୀର୍ଘ କେଶ କଜ୍ଜଳ ସ୍ୱରୂପ ।
ନାରାୟଣୀଙ୍କ ଖଡ଼ଗେ କାଳୀ ହେଲେ ରୋପ୍ୟ ॥
ଖଡ଼ଗେ ହାଣି କାଳିକା ରକ୍ତ ମାଂସ ଭକ୍ଷି ।
ଅନ୍ତ୍ରପୁଷ୍ଟମାନ ତହିଁ ନ ରହିଲା କିଛି ॥
ଦୁର୍ଗାଙ୍କର ଆଜ୍ଞା ପାଇ ଅନାଦି ଶକତ ।
ଧାଇଁଲେକ ନାରାୟଣୀ ହୋଇ ଶୂନ୍ୟ ଗତ ॥
ପୁଣ ଦୁର୍ଗା ଆଜ୍ଞା ଦେଲେ ଗୁମୁଣ୍ଡାକୁ ଡାକ ।
ତୁମ୍ଭ ସଙ୍ଗେ ଯେନ ଏ କଙ୍କାଳୀ ବେତାଳୀକି ॥
ମାହେଶ୍ୱରୀ ମହାମାୟା ଡାକେଶ୍ୱରୀ ଯାଅ ।
ଚର୍ଚ୍ଚିକା ଭଦ୍ରା କାଳିକା ଅସୁରକୁ ଖାଅ ॥

Digitized by srujanika@gmail.com

ଯାଆଁ ଲେ ଯୋଗିଣୀମାନେ ମାରି ଲେ ଅସୁର ।
ଅସ୍ଥି ମାଂସ ସମସ୍ତ ଲେ କରଇ ଅହାର ॥
ଦୁର୍ଗାଙ୍କ ବଚନ ଏହିରୂପେ କର୍ଣ୍ଣେ ଶୁଣି ।
ମାହେଶ ପଡ଼ିଲେ ଯାଇଁ ସର୍ବ ଗୋସାମଣୀ ।
ରଣରଙ୍ଗ ଧନ୍ଦୋଳରେ ଡ଼ାକେ ଡ଼ାକେଶ୍ୱରୀ ।
ସମରେ ଭୟ ନାହିଁ ନା ମନରେ କାହାର ।
ସେହି ଠାବରେ ଚାମୁଣ୍ଡା ବିସ୍ତାରିଲା ପାଟି ।
ଗଗନ ମଣ୍ଡଳ ଯାଏ ଅଛି ଯୋଡ଼ି ॥
ପୃଥ୍ୱୀ ସର୍ବ ତଳପାଟ ଆକାଶ ଉପର ।
ସଂଗ୍ରାମ ଭୋଳ ବାଜିଲା ଚାମୁଣ୍ଡା ଭୁଣ୍ଡର ॥
ମଝିରେ ରକ୍ତପଡ଼ିଲେ ବିନା ଜାତ ହୁଏ ।
ଏଥିକି ଜଗତ ମାତା ରଚିଲେ ଉପାୟେ ॥
ଖାଇ ପିଇ ଲେହୁ ଯେବେ ବଳ ପଡ଼େ ଶୋଣି ।
ଉପରୁ ଲେହ୍ୟ କରନ୍ତି ଚାମୁଣ୍ଡା ଗୋସାମଣୀ ॥
ମଣ୍ଡୁଆଳ ନାଟରେ ସେ ରକ୍ତମାଂସ ଭକ୍ଷି ।
ଖାଇଲେ ନ ପୁରେ ଦେବୀମାନଙ୍କର କୁକ୍ଷି ॥
ବିସ୍ତାର ପ୍ରଲମ୍ବ ତାହାଙ୍କର ଦେହ ବାନ୍ଧି ।
ଭୁବନକରଣ ଶଶୀ ଘୋଟେ ଯେସନ୍ତେ ରାହୁ ॥
ଦନ୍ତ ଦଂଶ ତରଶ ସେ ଧରନ୍ତି ଦଣ୍ଡ ।
ଗିଳ ଅଟମୁଣ୍ଡ ମଣ୍ଡୁଆଳ ନାଟ ଖଣ୍ଡି ॥
ଟହ ଟହ ହୋଇ ହସି ଗୃହାନ୍ତି ତସଷ୍ଟ ।
ରଟ ମଟ କରନ୍ତି ସେ ସର୍ବଦେହ ପାଟି ॥
ଟେଟେଉ ଧରି ଅସୁରଙ୍କ ଶିରମାନ ମୋଡ଼ି ।
ଖାଇର କେଶ ଉପରେ ରକତ ବହୁତ ॥
ହୁଁ ହୁଁ କାର ଗର୍ଜନ ଯେ କୁହୁ କୁହୁ ନାଦ ।
ଲହ ଲହ ଜିହ୍ୱା କହ କହ ଯେ ଶବଦ ।
ରଟ ରଟ ମଟ ମଟେ ଖାଇ ଅସ୍ଥି ଖଣ୍ଡ ।
ରେ ରେ କାର ଶବଦ ସେ କରନ୍ତି ପ୍ରଚଣ୍ଡ ॥
କଳ କଳା ରବ ଦେଇ ମାତଙ୍ଗୀ ନାଚନ୍ତି ।
ଭୁମ୍ବରୁ ଅଳାପ କରି ସ୍ୱରେ ଗାବନ୍ତି ॥
ଉରହ ସୁରହ କଳା ଅଷ୍ଟବଙ୍କ ନାଟ ।
ବିକଟାଳ ଦୃଷ୍ଟି ଖାଙ୍କି ଭଦ୍ରକାଳୀ ପେଟ ॥
ମୁଣ୍ଡ ଯୋଡ଼ି ଧରି କାମୋଡ଼ନ୍ତି ସେ ଉପାଡ଼େ ।
ଚରଣ ଠାରୁ ଗିଳନ୍ତି କାହା ମୁଳ ଯାଏ ॥
କେ ଦେବୀସର୍ବ ଶରୀରେ ଭରିଛନ୍ତି ଭୁଣ୍ଡ ।
ଗର୍ଭରୁ କାଢ଼ି କରି କେ ଖାଉଛନ୍ତି ମୁଣ୍ଡ ॥

କଙ୍କାଳୀମାନେ କେ ଦାନ୍ତେ ମୁଣ୍ଡେ ଥାନ୍ତି ଧରି ।
ମୁଣ୍ଡ ପେଟ ଗୁଲୁ ଦୁଇ କାହା ଅଦ କରି ॥
ଅସୁରଙ୍କ ମୁଣ୍ଡ ମୋଡ଼ କେହୁ କାଟେ ଯାକ ।
ରୁଧିର ପିବନ୍ତି ନେବା ମହାଘୋର ବ୍ୟାପି ॥
ଶୂନ୍ୟ ରୂପକୁ ଧରନ୍ତି ଷଡ଼ଣ କେଉଁ ଦେବୀ ।
ମୁଁ ତାହା ଲେଖନ୍ତେ ଅନ୍ତ କରି କି ପାରିବି ॥
କହିଲେ ଅଭୟ କାତ୍ୟାୟିନୀ ମୋତେ ଯାହା ।
କେ ଅନ୍ତ କରିବ ପୁଣି ଲେଖା କରି ତାହା ॥
ଅପାର ଗହନ କଥା ଲେଖନ ନ ଯାଇ ।
ଶୁଣିଲେ ପ୍ରସନ୍ନ କଷ୍ଟେ ହୁଅନ୍ତି ମହାମାଈ ॥
ଶତେ କୋଟି ଜନ୍ମର ସେ ପାତକ ଖଣ୍ଡଇ ।
ଅବ ଅନ୍ନପୂର୍ଣ୍ଣା ଦେବୀ ଦାରିଦ୍ର ନାଶଇ ॥
ଶ୍ରୀ ଚଣ୍ଡିକା ଶାସ୍ତ୍ର ଏଯେ ହୃଦେ ଛୁଇଥାଇ ।
ଧର୍ମ ମୋକ୍ଷ କାମ ଅର୍ଥ ପ୍ରାପତ ହୁଅଇ ॥
ଧନ ସନ୍ତାନ ବହୁତ ଦିଏ ମହାମାଈ ।
ଯାହା ନାମ ଶ୍ରବଣରେ ଦୁଃଖ ନାଶ ହୋଇ ॥
ଶ୍ରୀ ଦୁର୍ଗା ଚରଣ ତଳେ ମମ ମନ ଲୟେ ।
ଶୂଦ୍ର ମୁନ ଶାରଳାକୁ କର ମା ନିର୍ଭୟେ ॥
ଶୁଣ ମହାରାୟେ ଏହି ଚଣ୍ଡୀ ଶାସ୍ତ୍ର ଗୋଟି ।
ଜ୍ୱର ରୋଗ ନ ବାଧଇ ନ ଲାଗେ ଅରିଷ୍ଟି ॥
ଏଥୁ ଅନନ୍ତେ ଶୁଣ ରକ୍ତବୀଜର ବାରତ ।
ଚଣ୍ଡି ଦନ ଚନ୍ଦ୍ରଘଣ୍ଟେ ନାଶ ଗଲା ଦୈତ୍ୟ ॥
ଶୁଣିଣ ସେ ପରୀକ୍ଷିତ ନୃପତି ବୋଇଲା ।
ବଡ଼ ଦୁର୍ବୁଦ୍ଧି ମୁନ ହେ ନାହିଁନା ଶୁଣିଲା ॥
କହିଲ ଯେ ମହିଷାସୁର ସୈନ୍ୟ ଅପ୍ରମିତ ।
ରକ୍ତବୀଜ ରକ୍ତୁଁ କୋଟି କୋଟି ହେଲେ ଜାତ
କହ ପୂର୍ବେ କାହୁ ସେବା କଲା ରକ୍ତବୀର୍ଯ୍ୟ ।
ରକ୍ତ ଫୋପିକରେ ଶତେ ଶତେ ଜାତ ତେଜ ।
ଏହା ମୋତେ ସଂକ୍ଷେପେଣ କହ ବ୍ୟାସଶିଷି ।
ମମ ଭ୍ରାନ୍ତି ଫିଟିବ ମୁଁ ହେବ ସ୍ୱର୍ଗବାସୀ ॥
ରାଜାର ବଚନ ଶୁଣି ପରାଶର ନାତି ।
ବ୍ୟାସଙ୍କୁ ଧ୍ୟାନ କଲେ ସେ ଶୁକ ବ୍ରହ୍ମଯତି ॥
ବ୍ୟାସଙ୍କ ପ୍ରସାଦୁଁ ତାଙ୍କୁ ସବୁ ହୋଏ ଦୃଷ୍ୟ ।
ବର୍ତ୍ତମାନ କଥା ଆଉ ଭୂତ ଯେ ଭବିଷ୍ୟ ॥
ଶୁକମୁନି କହିଲେକ ସତ୍ୟଯୁଗ କଥା ।
ଶୁଣ ରାୟେ ଗୁରୁ ଲକ୍ଷ ପୁରାଣ ବାରତା ॥

Digitized by srujanika@gmail.com

ଦଇତେ ବିଷ୍ଣୁଙ୍କୁ ସର୍ବକାଳେ ଭୟ କର ।
ଈଶ୍ୱରଙ୍କୁ ସର୍ବରୂପେ ଆନ୍ତ ସେବା କର ॥
ପିତାଙ୍କୁ ଅନେକ ତପ କଲା ରକ୍ତବୀଜ ।
ନବ ସପ୍ତ ବରଷରେ ପ୍ରସନ୍ନ ପଦ୍ମଜ ॥
ସ୍ୱେଲେଣ ବରଷ ତାକୁ ହୋଇଲେ ପ୍ରସନ୍ନ ।
ବୋଇଲେ ବର ମାଗ ରେ ଯେ ତୋହର ମନ ॥
ରକ୍ତବୀଜ ବୋଇଲା ତୁ ଦେବୁ ଯେବେ ବର ।
ନୋହୁ ବିଷ୍ଣୁ ଭୟ ମୋତେ ନ ମରେ ତା କର ॥
ବିଷ୍ଣୁ ସୁଦର୍ଶନ ଚକ୍ରେ ନୋହିବ ମୁଁ ବଧ ।
ନ କାଟନ୍ତୁ ଅଙ୍ଗେ ତାହାଙ୍କ ସକଳ ଆୟୁଧ ॥
ବଜ୍ରେ ନିର୍ମିତ ହୋଇବ ମୋହର ଶରୀର ।
ନ କାଟିବ ବଜ୍ର ପାଶୁପତ ବ୍ରହ୍ମ ଶର ॥
ନାରାୟଣ ଶସ୍ତ୍ରଘାତେ ନୋହିବ ମୁଁ କ୍ଷୟେ ।
ରୁଦ୍ର ଶୂଳ ପରଶୁ ନ କାଟୁ ମୋର କାୟେ ॥
ଅନଳରେ ନ ପୋଡ଼ିବ ଜଳେ ନ ବୁଡ଼ିବ ।
ଦେବଙ୍କର ଶାପରେ ମୁଁ କେବେ ନ ମରିବ ॥
ଏହିପରି ଯୁଗେ ଯୁଗେ ଚିରଜୀବୀ ହୋଇବ ।
ତିନି ଲୋକରେ ଏକାଙ୍ଗ ଚକ୍ରବର୍ତ୍ତୀ ହେବ ॥
ସର୍ବକାଳେ ଯୁବା ହୋଇଥିବ ମୋର ପିଣ୍ଡ ।
ଚନ୍ଦ୍ର ସୂର୍ଯ୍ୟ ଜିଣିବ ନ ଲାଗୁ କାଳଦଣ୍ଡ ॥
ଆବର କଥାଏ ଦେବ ମାଗୁଛି ମୁଁ ତୋତେ ।
କାଳେ ନ ମରିବ ମୁହିଁ ପୁରୁଷଙ୍କ ହସ୍ତେ ॥
ଯଦ୍ୟପି ବଧ ହୋଇବ ଅବା ଅହେତୁରେ ।
ମୋହର ରୁଧିର ଯେବେ ପଡ଼ିବ କ୍ଷିତିରେ ॥
ମହାକ୍ରମେ ଶତେ ଶତେ ହେବ ଉତପତ୍ତି ।
ମୋହର ସମାନେ ମହା ପ୍ରଚଣ୍ଡ ମୂରତି ॥
ଦେବ ଦାନବଙ୍କୁ ଭୟ ନ ଥିବ ତାଙ୍କର ।
ରକତ ପଡ଼ିଲେ ଜାତ ହେବ ସେହିପରି ॥
ମୋହର ରକତ ଯେବେ ହେବ ମୋର ବୀଜ ।
ଅହାଗ୍ରରେ ଉପୁଜିବ ଅନେକ ଅସୁର ॥
ଅସୁର ଅନାଇ କର ମାଗୁଅଛି ଯାହା ।
ଷୋଳେଣ ବରଷ ପୁଣି ଦେଉଥାନ୍ତି ତାହା ॥
ଏମନ୍ତେ ଅନେକ ବର ରକ୍ତବୀଜ ନେଲା ।
ବର ଦେଇ ବ୍ରହ୍ମା ନିଜ ସଦନକୁ ଗଲା ॥
ତହୁଁ ଦାନବ ହୋଇଲା ଅତି ଅନର୍ଗଳ ।
ଏକା ହୋଇ ଭୋଗ କଲା ଅବନୀ ମଣ୍ଡଳ ॥
ତପ କରି ବ୍ରହ୍ମା ବର ପାଇଲା ସେ ପୂର୍ବେ ।
ସେହି ବର ଅନ୍ୟଥା କି ହେବ ପୁଣି ଏବେ ॥
ଏହା ଶୁଣି ସାନନ୍ଦିତ ସେ ପରୀକ୍ଷ ରାଜା ।
ଶୁକ ବ୍ରହ୍ମାଙ୍କ ଚରଣେ କଲେ ଦିବ୍ୟ ପୂଜା ॥
ବୋଲନ୍ତି ସାଧୁ ମହିମା ଅହେ ମୁନିବର ।
କୃତାର୍ଥ କଲ ଶୁଣାଇ ଅମୃତ ଭଣ୍ଡାର ॥
ପୁଣ କେମନ୍ତ ହୋଇଲା କହ ସେ ବାରତା ।
ଶୁଣିବି ତବ ବଦନୁ ଚଣ୍ଡୀ ଯୁଦ୍ଧ କଥା ॥
ଶୁକ ମୁନି ବୋଲନ୍ତି ହେ ରକ୍ତବୀଜ ମଲା ।
ତିନି ଦିନ ତିନିରାତି ମହା ଯୁଦ୍ଧ ହେଲା ॥
ଶେଷ ରହିଲେ ରକତବୀଜର ସନ୍ତତି ।
ଶତ ଅଷ୍ଟୋତ୍ତର ଜଣ ହୋଇବ ଗଣତି ॥
ଦେଖି ତାଙ୍କୁ ଦୁର୍ଗା ମହାଘୋର କୋପକଲେ ।
ଯୋଗିନୀ ମୂରତି କାତ୍ୟାୟନୀଙ୍କି ଡାକିଲେ ॥
ବୋଇଲେ ଲୋ ଜଣେ ଜଣେ ଯାଇ ମାଡ଼ିବସ ।
ବାହନ କର ଲୋ ରକ୍ତବୀଜର ଏ ବଂଶ ॥
ଠାକୁରାଣୀ ଅଜ୍ଞା ଶୁଣି ଧାଇଁଲେ ଡାକିନୀ ।
ମାଡ଼ି ବସିଲେ ଶତାଷ୍ଟୋତ୍ତର ପିଶାଚିନୀ ॥
ଚଳି ଯାଇ ନ ପାରିଲେ ଅସୁର ସକଳ ।
ସେହିମାନେ ହୋଇଲେଟି ଅସୁରବାହିନୀ ॥
ଶୁକ ମୁନି ବୋଇଲେକ ଶୁଣ ଅହେ ରାଜ୍ୟେ ।
ଦୁଃସହ ସଂଗ୍ରାମେ ରକ୍ତବୀଜ ଗଲାକ୍ଷୟେ ॥
ରକ୍ତବୀଜ ବଧ ଏକମନେ ଯେ ଶୁଣନ୍ତି ।
କପାଳି କରିବେ ନାଶକରକୁ ସେ ଖାତ ॥
ରକ୍ତବୀଜବାହିନୀ ଗୋ ଅଷ୍ଟୋତ୍ତର ଶତେ ।
ଚଣ୍ଡୀ ମୂର୍ତ୍ତି ଜୟ ଦେବୀ ନମସ୍ତେ ନମସ୍ତେ ॥
ଜୟ ଅନ୍ନପୂର୍ଣ୍ଣା ରଖ ଦୁଃଖମାନ ଖଣ୍ଡି ।
ଅନାଦି ସାଧବୀ ତୁ ଗୋ ଦୈତ୍ୟକୁଳ ଦଣ୍ଡି ॥
ଜୟ ମାତଙ୍ଗୀ ସିନ୍ଧୁରେ ବଦନ ମଣ୍ଡନୀ ।
ଜୟ ସଙ୍କଟ ନାଶିନୀ ଜୟ କାତ୍ୟାୟିନୀ ॥
ଜୟ ସିଦ୍ଧ ମୁନି ଦେବ-ବନ୍ଦିତ-ଚରଣା ।
ଜୟ ଭଜନ୍ତି ଜନରେ ଉଦିତ କରୁଣା ॥
ଜୟ ଭୂଷଣକର କୋକନଦ ପଦାମ୍ବୁଜେ ।
କ୍ଷୁଦ୍ର ମୁନି ଶାରଳା ତୋ ପାଦପଦ୍ମ ଭଜେ ॥
ଶୁଣ ହେ ରାଜ୍ୟେ ଦଇତମାନଙ୍କ ସଂଗ୍ରାମ ।
ସ୍ତ୍ରୀ ବୃନ୍ଦ ଦେଖିଣ ସେଷ୍ଟ କଲେ ମହାଭ୍ରମ ॥



Digitized by srujanika@gmail.com

ଅଶୀ ଲକ୍ଷ ଯୋଦ୍ଧା ସୈନ୍ୟ ଦୈତ୍ୟ ସାରଘଣ୍ଡ ।
ନାରସିଂହୀ ଉପରକୁ ଧାଇଁଲା ଦର୍ପିଷ୍ଠ ॥
ଦେଖି କୋପ କରି ଅଜ୍ଞା ଦେଲେ ନାରସିଂହୀ ।
ଧାଅଁ ଲୋ ମାର ଦୈତ୍ୟଙ୍କୁ ଅଷ୍ଟ ଲୋ ଡ଼ାକିନୀ ॥
ଶୁଣି ଅଜ୍ଞା ଦିଗମ୍ବର କରିଣ ଧାଇଁଲେ ।
ଶ୍ୟେନ ପକ୍ଷୀ ପ୍ରାୟେ ଦୈତ୍ୟ ଅଙ୍ଗକୁ ବେଢ଼ିଲେ
ଏମାନେ ଦଇତ୍ୟ ସେ ଯେ ଅଟନ୍ତି ପିଶୁଣୀ ।
ରକ୍ତମାଂସ ଅସ୍ଥି ଚର୍ମ ସବୁ ଦେଲେ ଛାପି ॥
ଦୁର୍ଗା ଡାକଲେ ମେଖଳା ଅଗୋ ଚାକେଶ୍ୱର ।
ଧାଅଁ ଖାଅ ଅସୁରର ବଳ ବେଢ଼ିକରି ॥
ପାଶ ପରଶୁ କୁଠାର ଛେଲ ଚକ୍ର କାତି ।
ମାରି ଅସୁରଙ୍କ ଦେହ କାଟ ଲୋ ବକୋଡି ॥
ଯଥାଚାର ବରେ ବଜ୍ର ସବୁଙ୍କର କାୟେ ।
ଦେବୀଙ୍କର ଶସ୍ତ୍ରକୁ ସେ ନ କରନ୍ତି ଭୟେ ॥
ଅସ୍ତ୍ରରେ ମାରନ୍ତି ଛେଲ ଚକ୍ର ଯେ ଭୁଷଣ୍ଡି ।
ଯେ ଶସ୍ତ୍ରକୁ ଦେବୀମାନେ ଧରନ୍ତି ଦଣ୍ଡି ॥
ଅମାନ୍ୟଅ ଦାନବ ଯେ ନ ଦୂଷନ୍ତି ରଣେ ।
ନାସ୍ତର ବନ୍ଧନ୍ତି ପୁଣ ପୁଣ ଛଣେ ଛଣେ ॥
ରଣେ ଛଣେ ପଡଲେ ସେ ଦଶଢ଼ଂଶ ଉଠି ।
ମାରନ୍ତି ଲକ୍ଷିଅ ଅକ୍ଷୟ କ୍ରୁନ୍ତ ଯଷ୍ଟି ॥
ଦେବୀଙ୍କର ଶରୀରତ ଅଟେ ବଜ୍ରସେନା ।
କହିଁ ସେ ଶସ୍ତ୍ରମାନଙ୍କୁ କରିବେ ଗଣନା ॥
ଖାଅନ୍ତି ଆହିଁ ଧାଇଁ ସେ ଗିଳନ୍ତି ଦୈତ୍ୟଙ୍କୁ ।
ଏହି ପ୍ରାୟେ ରକ୍ତମାଂସ ନ ଅଣ୍ଟଇ ତାଙ୍କୁ ॥
ମେଦା ମେଦ ମାଂସ ତ ନ ଅଣ୍ଟେ ଖାଦ୍ୟାଖାଦ ।
ମାର୍ଗ ଅମାର୍ଗ ସମସ୍ତ ଯାଉଛନ୍ତି ଖେଦ ॥
ଘୋରରୂପା ବଜ୍ରଟାଳୀ ଅକାଶରୁ ଉଡ ।
ବେନି ପାଟି ଗୃହନ୍ତି ସେ ଦୈତ୍ୟମୁଣ୍ଡ ମୋଡ ॥
ଲହ ଲହ ଜିହ୍ୱା ସିନ୍ଦୂରରେ ମୁଖ ମଣ୍ଡି ।
ଦୈତ୍ୟଙ୍କୁ ଧରି କରନ୍ତି କେତେ ଖଣ୍ଡି ଖଣ୍ଡି ॥
ପିଶାଚୁଣୀ ବଳ ସବୁ ଉଠିଲେ ଗଲ୍‌ଗାଜ ।
ମହାଭୟ କରି ଦୈତ୍ୟ ପଳାଇଲେ ଭାଜ ॥
ସୈନ୍ୟ ପଳାବନ୍ତେ ଏକା ରହେ ସାରଘଣ୍ଡ ।
ଲହେ ନାସ୍ତର ଘେନିଣ ବାନ୍ଧିଲା ଦର୍ପିଷ୍ଠ ॥
ନାରସିଂହୀ ବୋଇଲେ ଲୋ ଶୁଣ ଭଦ୍ରକାଳୀ ।
ସାରଘଣ୍ଡ ସମରେ ଲୋ ତୋହର ଏ ପାଳି ॥
ଚର୍ଚ୍ଚିକା ଚାମୁଣ୍ଡା କାଳଞ୍ଜାଇ ଉଗ୍ରତାରା ।
ଅମ୍ବିକା କଙ୍କାଳୀ ଘଣ୍ଟବଶ୍ରୀ ଯେ ତ୍ରିପୁରା
ବେତାଳୀ ବାସେଳୀ ଆଦି ଦେବୀଗଣ ଯେତେ ।
ଭଦ୍ରକାଳୀଙ୍କର କୂଟଳ ଗଲେ ଏ ସମସ୍ତେ ॥
କଳ କଳା ରବ ଦେଇ ଅକାଶେ ଖେପିଲେ ।
କୃତାନ୍ତକ ରୂପ ଧରି ଦୈତ୍ୟଙ୍କୁ ଗ୍ରାସିଲେ ॥
ଯେସନେ କଦଳୀ ବନ ଛେଦଇ ବାରଣ ।
ଅସୁର ବଳରେ ଦେବୀ ତେମନ୍ତେ କଲେ ହାଣ ॥
ସହସ୍ରେ ଯୋଦ୍ଧାର କୂଳେ ଯେଉଁ ସାରଘଣ୍ଡ ।
ଦେବୀଙ୍କ ଉପରେ ଶର ମାରିଲା ଦର୍ପିଷ୍ଠ ॥
ମହା ମହା ଅସୁରେ ଯେ ସର୍ବେ ବଳବନ୍ତା ।
ଧାଡ଼କାରେ ଧାଇଁଲେ ସେ ହୋଇ ମଦମତ୍ତ ॥
ରଥ ଚଢ଼ି ତ୍ରିପୁରାଙ୍କ ଅଗ୍ରେ ଦୈତ୍ୟ ନିଳ ।
ପଞ୍ଚ ସହସ୍ର ବାଣକୁ ମାରେ ମହାବଳୀ ॥
ବାଣ ଅସ୍ତ୍ରେଁ ଜଗତ ଅନ୍ଧକାର ଦିଶି ।
ଏକା ନାରଚକେ ତାହା ତ୍ରିପୁରା ବିନାଶି ॥
ଅସୁରଙ୍କ ଘୋର ଦର୍ପ ଦେଖିଣ ଚାମୁଣ୍ଡା ।
ଅକାଶରେ ବୁଲାଇଣ ନେଇଁ ପିଟେ ଖଣ୍ଡା ॥
ଯେସନେ ଅକାଶପରୁ ପଡ଼େ ବଜ୍ର ତାଳ ।
ସାରଘଣ୍ଡ ରଥ ହୋଇଗଲା ବେନିଫାଳ ॥
ରଥ ଭଜନ୍ତ ତାହାର ହେଲା ପାଦଗତ ।
ଚୌଷଠି ଯୋଗିନୀ ଧାଇଁଲେକ ପଛକତ ॥
ବାମଭୁଜ ଧଇଲେକ ଦେବୀ ଯେ ତ୍ରିପୁରା ।
ଦକ୍ଷିଣ କର ଧଇଲେ ଧାଇଁ ଉଗ୍ରତାରା ॥
ଚୂଳକୁ ଧଇଲେ ଘଣ୍ଟବଶ୍ରୀ ଯେ ବାସେଳୀ ।
ଖଣ୍ଡ ଖଣ୍ଡ କରି ହାଣି ଦେଲେ ଭଦ୍ରକାଳୀ ॥
କାଳଞ୍ଜାଇ ବାଗେଶ୍ୱରୀ ଏ ମିଶି ହାଣିଲେ ।
ଅସୁରକୁ ଭୂଲାଗଣି ପରାୟେ ମଣିଲେ ॥
ବେନି ଚଣ୍ଡୀ ଧରି ବେନି ଭୁଜକୁ ଉପାଡ଼ ।
ଯେସନ୍ତେ ମୁଣ୍ଡା ବୃକ୍ଷ ଶିଖେ ରଙ୍ଗପାଟ ଖଣ୍ଡି ॥
ଖଣ୍ଡଗିରି ଝର ଜାଣି ବହଇ ଶୋଣିତ ।
ମନ୍ଦାର କୁସୁମ ପ୍ରାୟେ ଦିଶଇ ଦଇତ ॥
ଦେଖି ଅରେ୨ ବୋଲି ଧାଇଁଲେ ଚାମୁଣ୍ଡା ।
ଅସୁର ଉପରେ ନେଇ ପ୍ରହାରିଲେ ଖଣ୍ଡା ॥
ବେନି ଖଣ୍ଡ ହୋଇ କରି ପଡ଼େ ମହାବଳୀ ।
ଧରି ଅଟ୍ଟହାସେ କଙ୍କାଳୀ ଦେଲା ତାକୁ ଗିଳି ॥

Digitized by srujanika@gmail.com

ଚନପୁର ଜଣି ପାବେ ଯେଉଁ ଘାରଘଣ୍ଟ ।
ଇନ୍ଦ୍ରକୁହିଁ ନ ଡ଼ରଇ ଅତହିଁ ଦର୍ପିଷ୍ଟ ॥
ତେତେଦେବଙ୍କ ଦୈତ୍ୟଯୋଦ୍ଧା ପଡ଼େ ଯହିଁ ରଣେ ।
ପଳାଇଲେ ଅପରେ ନ ରହି ଏକ ଜଣେ ॥
ଅମ୍ବରେ ଯାନ୍ତେ ଯୋଗୀନ୍ତ୍ର ପଛେ ପିଶାଚୁଣୀ ।
ଧରଣ ଗିଳ ଦ୍ଅନ୍ତ ଜୀବନ୍ତା ସେସଣି ॥
ଶୋଣେହା ଦେବୀ ଯୋଗିନ୍ତ୍ର ତାଙ୍କ ପଛକତ ।
ହାଣି ହଳ ମେଦ ମେଦା ମାଂସକୁ ଭକ୍ଷନ୍ତି ॥
ନବ କୋଶ ପରଯନ୍ତେ ପାଯେ଼ହା ପଡ଼ିଲା ।
ଯୁମୁରେ କେହି ଜଣେହେଁ ରହନ୍ତା ନୋହିଲା ॥
ପନ୍ଦର ପଞ୍ଚାଶ ଗିଳ ଦ୍ୟନ୍ତ ଅବହେଳେ ।
ମୁଣ୍ଡ ପିଣ୍ଡ ଗୋଟିଏକ ନ ପଡ଼ିଲେ ତଳେ ॥
ରୁଧିର ମନ୍ଦାଏ କାହିଁ ନ ପଡ଼ିଲା କ୍ଷିତି ।
ଷଷ୍ଠ ସେନାପତି ରଣେ ହେଲେ ବିନଶ୍ୟତି ॥
ସେ ଦେବୀଙ୍କ ପାଦତଳେ ରହୁ ମୋର ମତି ।
ଦ୍ୱାରକାଦାସ ଏ କଥା କହିଲେ ଯବାସତ ॥

## ବୈଲୋଚନ ଚରିତ ।

ବଦସ୍ୟନ୍ତି ଶୁକମୁନି ଶୁଣ ମହାରଥା ।
ତଦପରେ ହୋଇଲାକ ପୁଣି ଯେଉଁ କଥା ॥
ପଞ୍ଚେ କାଳ ବିକାଳ ଦୂତେ ଲୁଚିଥିଲେ ।
ପଳାଇ ମହିଷାସୁର ଅଗ୍ରତେ କହିଲେ ॥
ଶୁଣ ଦେବ ସାବଧାନେ ଦୈତ୍ୟକୁଳଶ୍ରେଷ୍ଠ ।
ସମରେ ପଡ଼ିଲେ ତୋର ଯେତେ ଥିଲେ ଆଷ୍ଟ ॥
ରକ୍ତବୀଜ ମଧୁ କଇଟଭ ଘୋରଦଣ୍ଡ ।
ବିଡ଼ାଳାକ୍ଷ କାନ୍ତମାଳା କାଳଦଣ୍ଡ ଭଣ୍ଡ ॥
ଏମାନଙ୍କ ସଙ୍ଗେ ଯେତେ ବଳ ଘେନିଗଲେ ।
ସମସ୍ତେ ଦେବୀମାନଙ୍କ ରଣେ ପ୍ରାଣ ଦେଲେ ॥
ଅସ୍ଥି ଚର୍ମ ପିଣ୍ଡ ରକ୍ତ ନ ରହିଲା କିଛି ।
ରକ୍ତ ଶୋପାକଠାରୁ ସେ ଲୋହ ଗଲେ ପୋଛି ॥
ଏମନ୍ତ ବାରତା ପାଇ ଦୈତ୍ୟକୁଳସ୍ୱୟେ ।
ଜଗତରୁ ପଡ଼ିଲା ସେ ନିର୍ଘାତ ପରସ୍ୱେ ॥
କୋଳ କରି ଧଇଲା ସେ କାଳବିମୋଚନ ।
ମୁଖେ ଜଳ ସିଞ୍ଚି ବିଞ୍ଚି କଲା ସଚେତନ ।
ସୁସ୍ଥ ହୋଇ କରି ପୁଣି ମୈଷାସୁର ବସି ।
ଶେଷ କାଳ ପରଯନ୍ତେ ନିଶ୍ୱାସ ପ୍ରକାଶି ॥
ଘନ ଘନ ଛାଡ଼ଇ ସେ ନିଶ୍ୱାସ ପବନ ।
ପିଣ୍ଡୁ ଏହିକ୍ଷଣି ଛାଡ଼ିଯିବ କି ଜୀବନ ॥
ମୁଖରେ ସିଞ୍ଚିଲେ ଆଣି ସୁଶୀତଳ ପାଣି ।
ଅସ୍ଥାନ ଉପରେ ନେଇ ବସାଇଲେ ପୁଣି ॥
ଅସ୍ଥାନ ତଳରେ ଲୋକ ପୂରିତ ଗହଳ ।
ମେଘ ଉର୍ମିଳା ଏମାନେ ବସିଲେ ସକଳ ॥
ଧ୍ୱଜଗଙ୍କ ନମିସନ୍ଦ ସକଳେ ବସିଲେ ।
ସବୁକୁହିଁ ଗୃହିଁକରି ମୈଷାସୁର ବୋଲେ ।
ଅଶୁ ମାତ୍ର ବସି ଭୂମିପରେ କର ହାଣି ।
ଆପଣାର ଲଲାଟରେ ତାଡ଼େ ବେନି ପାଣି ॥
ବୋଲେ ଉତ୍ପତ୍ତି ହେଲି ମୁଁ ସ୍ୱଷ୍ଟଅଂଶ ଘେନି ।
କୁଳ ଶୁଦ୍ଧ ପିତାମହ କଶ୍ୟପ ଯେ ମୁନି ॥
ଦକ୍ଷଙ୍କ ସୁତା ସିଂହିକାନାମେ ଅଢ଼ ପାଞ୍ଚ ।
ଦଇବ ବପାକୁଁ ହେଲେ ସ୍ୱକ୍ଷସେ ଦର୍ପିଷ୍ଟ ॥
ପୁଣି ଦବାଖ ହୋଇଲେ ଚନ୍ଦ୍ର ଅରୁ ସୂର୍ଯ୍ୟ ।
ତେଣୁକରି ଛାଡ଼ିଗଲା ସ୍ୱଷ୍ଟ ମୁଖାମ୍ନୋକ୍ଷ ॥
ଜମ୍ଭ ଦଇତକୁ ବଧକଲା ମଘବାନ ।
ତେଣୁ କରି ଘେନିଲା ସେ ଅମର ଭୁବନ ॥
ଅମର ସ୍ୱର୍ଗକୁ ମନେ କରିଲି ମୁଁ ବାଞ୍ଛା ।
କାମ୍ଯା କଦର୍ଯ୍ୟ କରଣ ମାଗିଲି ସେ ଇଚ୍ଛା ॥
ଅମର ବର ପୁଣି ଯେ ମାଗିଲି ବ୍ରହ୍ମାଙ୍କୁ ।
ବିଷ୍ଣୁ ହସ୍ତେ ନ ମରିବ ବୋଇଲି ତାହାଙ୍କୁ ॥
ରୁଦ୍ର ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ପବନ ହସ୍ତେ ।
ଯମ ଅନଳ ରୁ ଆପେ ନ ଜଣିରୁ ମୋତେ ॥
ପ୍ରଳୟ କାଳ ପର୍ଯ୍ୟନ୍ତେ ନ ହେବି ମୁଁ ବୃଦ୍ଧ ।
କେହି କରି ନ ପାରିବେ ମୋର ରୁଲେ ଯୁଦ୍ଧ ॥
ନାଗପାଶ କାଳପାଶ ଜଳପାଶ ତିନି ।
ଏମାନଙ୍କେ ବଧ ମୁଁ ନ ହେବି ପଦଯୋନି ॥
ସୁଦର୍ଶନ ଚକ୍ର କାଳଚକ୍ରାଦି ଭୁଷଣ୍ଡି ।
ଏମାନ ପତି ମୋ ଦେହ ନୋହିବାକ ଖଣ୍ଡି ॥
ବ୍ରହ୍ମଶର ପାଶୁପତ ନାରାୟଣ ଶର ।
ଏମାନେହେଁ ନ ଭେଦିବେ ମୋହର ଶରୀର ॥
ବ୍ରହ୍ମା ସତ୍ୟ କରିଦେଲା ମୁଁ ଯାହା ମାଗିଲି ।
ସ୍ତ୍ରୀ ହସ୍ତେ ବଧ ନୋହିବ କ୍ଷମା ନ ବୋଇଲି ॥
ଏହା ଶୁଣି ବୋଇଲାକ ସେ ଅନ୍ଧକ ମନ୍ତ୍ରୀ ।
ମନ୍ଦ ଗର୍ବେ ଦମ୍ଭ କୁ ନ କଲୁ ନୃପତି ॥

Digitized by srujanika@gmail.com

ଶଙ୍ଖାସୁର ନବାଳ ସ୍ୱର୍ଗ ତୋ ଉପର ଅଂଶେ ।
ହରିଲା ବ୍ରହ୍ମାଙ୍କ ବେଦ ପୋଥି ଗର୍ବବଶେ ॥
ଲୁଚି ରହିଲା ସେ ପାଇଁ ସମୁଦ୍ର ଭିତରେ ।
ତହିଁକି ମତ୍ସ୍ୟ ରୂପଟି ହେଲେ ଦାମୋଦରେ ॥
ମହାମତ୍ସ୍ୟ ହୋଇ ବିଦାରିଲେ ତାର ବୁକୁ ।
ବେଦ ପୋଥି ଦେଲେ ନେଇ ସେ ପିତାମହଙ୍କୁ ।
ଶଙ୍ଖାସୁର ପୁତ୍ର ଥିଲା ସେ କୁଣ୍ଡଳାସୁର ।
କୂର୍ମ ରୂପେ ମାଡ଼ ବସିଲେକ ତା ଉପର ॥
କୁଣ୍ଡଳାସୁର କୁମର ଅବନ କୌଣପ ।
ବାଳରୂପେ ନାରାୟଣ ଭାଙ୍ଗିଲେ ତା ଦର୍ପ ॥
ଅବନ ଦଇତ ପୁତ୍ର ହିରଣ୍ୟକଶିପୁ ।
ନରସିଂହ ରୂପେ ବିଦାରିଲେ ତାର ବପୁ ॥
ହିରଣ୍ୟର ପୁତ୍ର ଉପୁଜିଲା ପ୍ରହ୍ଲାଦ ।
ମହା ବଇଷ୍ଣବ ସେହୁ ଘଟେ ଅବକାଦ ॥
ଅନେକ ହିଂସା ତାକୁ କଲା ହିରଣାକ୍ଷ ।
କୋପେ ସ୍ତମ୍ଭ ବାହାରେଣ ବିଦାରିଲେ ବକ୍ଷ ॥
ସେ ପ୍ରହ୍ଲାଦର ତହିଁ ଏମନ୍ତ ବୁଝିଲୁଁ ।
ଅସୁର ବଂଶ ବୁଡିଲା ଅଟମ୍ଭ ନସ୍ତରିଲୁଁ ॥
ସେ ପ୍ରହ୍ଲାଦର ପୁତ୍ର ହେଲା ବୈରୋଚନ ।
ତା ଥାଡ଼ରେ ପଳାଇଲେ ଦେବଗଣମାନ ॥
କରତାଙ୍କୁ ସେବାକରି ମାଗିଲା ସେ ବର ।
ନୋହିବି ମୁଁ ଦେବ ଦାନବରେ ଅପହାର ॥
ବୋଇଲା ବିଷ୍ଣୁ ଯେ ସ୍ୱୟଂ ଅଛି ଅବତର ।
ତାହାକୁହିଁ ସମରେ ମୁଁ ଜିଣିବାଇଁ ଧର ॥
ସ୍ୱର୍ଗରେ ନ ମରିବି ମୁଁ ଜଳେ ନ ମରିବି ।
ଘରେ ନ ମରିବି ବାହାରରେ ନ ମରିବି ॥
ଏମନ୍ତ ବର ମାଗିଲା ବ୍ରହ୍ମାଙ୍କୁ ସେବଣ ।
ତଥାସ୍ତୁ ହେଉ ବୋଇଲେ ସାବିତ୍ରୀରମଣ ॥
ଇନ୍ଦ୍ରଯମ ପବନାଦି ଜିବା ବିଷ୍ଣୁ ହେଉ ।
ପୁରୁଷ ରୂପରେ ତୋତେ ଜିଣନ୍ତା କେ ନୋହୁ ॥
ଏତେ ଦୁସ୍ପଦ ବର ମାଗି ବୈରୋଚନ ।
ତାହା ଭୟେ ପଳାଇଲେ ଦେବଗଣମାନ ॥
ବଡ଼ ବଳବନ୍ତ ଲୁଚି ହେଲେ ମହାଜଳେ ।
ବିଷ୍ଣୁଙ୍କୁ ଗୁହାରି କଲେ ଜୀବନ ବିକଳେ ॥
ଦେବତାଙ୍କର ବିକଳ ଶୁଣି ଦାମୋଦର ।
ସ୍ତ୍ରୀ ରୂପ ହୋଇଣ ଦେବ ହେଲେ ଅବତାର ॥

ସ୍ୱରୂପେ ତ୍ରୈଲୋକ୍ୟ ମୋହୁଅଛି ସେ ଯୁବତୀ ।
ନାମକୁ ବନ୍ଧବେ ସେହୁ ଅଦ୍ଭୁତେ ମାଳତୀ ॥
କଳେନ୍ଦ୍ରୀ ନାମ ବନରେ ମାୟାରୂପ ଧରି ।
ମହା ଆନନ୍ଦରେ ସେହୁ ବନେ ଅବତରି ॥
ବୈରୋଚନ ଅଇଲା ମୃଗୟା ବନେ ହାଦେ ।
ଶୁଭେ ପ୍ରବେଶ ହୋଇଲା ସେହୁ ବନେହାଦେ ॥
କୁମ୍ଭ ଶୁକ୍ଳପକ୍ଷ ତ୍ରୟୋଦଶୀ ଅଙ୍କବାର ।
ପୁଷ୍ୟା ଭୋଗାନ୍ତେ ଅଶ୍ଳେଷା ଦେଖ ଯେ ପ୍ରହର ॥
ଗର ନାମରେ କରଣ ପ୍ରୀତି ନାମେ ଯୋଗ ।
ମାଳତୀକୁ ଅସୁର ଯେ ଦେଖି ବନମାର୍ଗ ॥
ନାରାୟଣ ହୋଇ ଛନ୍ନ ସ୍ତ୍ରୀସ୍ୱରୂପାଶ ।
ପୁରୁଷ ମାନଙ୍କ ଯିବ କେ ତହୁଁ ଉରୁର ॥
ତ୍ରଇଲୋକ୍ୟ ମୋହୁଅଛି ରୂପେଣ ମାଳତୀ ।
ଦେଖି ତାକୁ କାମ ମୋହ ଲାଗିଲା ତତତ ॥
କାମର ଲୁବଧେ ହେଲା ବହୁତ ବିନୟେ ।
ଦନ୍ତେ ତୃଣ ଘେନି ପ୍ରଣିପତ୍ୟ ମହାଭୟେ ॥
ଅସ୍ଥାନେ ଅନ୍ଧକ ମନ୍ତ୍ରୀ କହିଲା ଏ କଥା ।
ତୁମ୍ଭ ବଂଶେ ହୋଇଛନ୍ତି ଏମନ୍ତ ବ୍ୟବସ୍ଥା ॥
ମଲେଣି ଏବେ ସମସ୍ତେ ଚଣ୍ଡ ମୁଣ୍ଡ ବେନି ।
ଶୁମ୍ଭ ନିଶୁମ୍ଭ ନଇଲେ ଶଣି ଦେହ ଘେନି ॥
ଷଷ୍ଟ ସେନାପତି ଗୁଣ ହୋଇଲେ ନିଧନ ।
ମଉଗର୍ବ ହୋଇଣ ଯେ ସରିଲେ ଏମାନ ॥
ମୋହ ପାଶରେ ଏମାନ ହୋଇଲେ ବନ୍ଧନ ।
ଆପଣେ ଏବେ ଲଭିବୁ ମରାଇଣ ସୈନ୍ୟ ॥
ବୁଝି ନ ପାରିଲୁ ରାଜା ଏହେନେକ କୃତ୍ୟ ।
ଅଦ୍ଭୁତେ ନାରୀଏ କାହୁଁ ବସିଛି ପର୍ବତ ॥
ଏତେ ଏତେ ଯୋଦ୍ଧାମାନେ ପଡ଼ିଲେଣି ରଣେ ।
କାମେ ଲୋଭ କରଣ ସେ ନାଶ ଗଲେ ପ୍ରାଣେ ॥
ତୁମ୍ଭଙ୍କ କ କହିବି ବା ନ ଜାଣ ଅପଣ ।
ମସ୍ତାନ୍ନନ୍ତ ତୁ ହରାଇଲୁ ବଡ଼ ପଣ ॥
ଏହା ଶୁଣିଣ ମହିଷା ଅସୁର ବୋଇଲା ।
ମାଳତୀ ବୈରୋଚନର କେମନ୍ତ ହୋଇଲା ॥
ଅନ୍ଧକ ମନ୍ତ୍ରୀ ତା ଶୁଣି ବୋଇଲା ଏମନ୍ତ ।
ଗୁରୁଯୁଗରେ ଦୁର୍ଲ୍ଲଭ ନାରୀଙ୍କ ଚରିତ ।
ଶୁଣ ହୋ ମହିଷାସୁର ଏ ମୋର ଉତ୍ତର ।
ଅନେକ କାପୁରୁଷ୍ୟ ହେଲା ସେ ଅସୁରେଶ୍ୱର ॥

Digitized by srujanika@gmail.com

ବଇଲୋଚନ ବନସ୍ତ ଦେଖିଣ ମାଳତୀ ।
ବୋଇଲେ ତୁ ସତ୍ୟକଲେ ହେବ ତୋ ଯୁବତୀ ॥
ଭ ସତ୍ୟ କରବ ସଖି ବେଗକର କହ ।
ଦହ୍ନ ପକାଉଛି ମୋର ଦେହକୁ ବଦେହ ॥
ମାଳନ୍ତି ବୋଇଲା ତୁହେ। ଶୁଣ ଦଣ୍ଡଧାର ।
ମୋହ ବନା ନ ଛୁଇଁବୁ କେବେ ଅନ୍ୟ ନାରୀ ॥
ସତ୍ୟ କର ବୋଲେ ସେହୁ ଏକା ତୁ ଭାରଯା ।
ଅଉ ଯୁବତୀମାନଙ୍କୁ କଲି ମୁହିଁ ତେଜ୍ୟା ॥
ଏମନ୍ତ କହ ସେ କନ୍ୟା ଅଇଲା ଯେନାଇଁ ।
ଅଶ୍ୱାସ କର ହାଦୋଳାଉପରେ ବସାଇ ॥
ଶୁଣ ଯେତେକ ଅବସ୍ଥା ହେଲା ବୈଲୋଚନ ।
କଉତୁକେ କହବାକୁ ବେଳ ନାହିଁ ଜାଣ ॥
ସେ ରାଜାର ମନ୍ତ୍ରୀ ମୁହିଁ ହୋଇଥିଲି ଏକା ।
ମୋତେ ଦେଖାଇଲା ନାରୀ ରତନ ନାୟିକା ॥
ମୁଁ ମୋହେ ବଶ ହୋଇଲି ତାର ରୂପ ଦେଖି ।
ଜଗତମୋହନୀ ସେହ ଶରଚ୍ଛନ୍ଦ୍ରମୁଖୀ ॥
ନବଦ୍ୱୀପ ସାଧିଲାକ ଯେଉଁ ମହାରଥୀ ।
ଛାଡ଼ିଲାକ ସେ ରାଜନ ରାଜ୍ୟରାଷ୍ଟ୍ର ଚିନ୍ତା ॥
ମୋତେ ସମର୍ପିଲା ସବୁ ତାର ରାଜ୍ୟଭାର ।
ମୁହିଁ ପାଳୁଥିଲି ତାହା ଅଧୀନ ସଂସାର ॥
ଅନ୍ତରତେ ବଞ୍ଚିଲା ସେ ମାଳତୀର ବଶେ ।
ଦବ ରାତ୍ର ନ ଛାଡ଼ଇ ଥାଇ ତାର ପାଶେ ॥
ଏସନେକ ଭାବରେ ଯେ ବଢ଼ିଲା ପୀରତ ।
ସମୟରେ ଗର୍ଭବତୀ ହୋଇଲା ମାଳତୀ ॥
ଏକେ ହେଁତ ସଉଭାଗୀ ପୁଣି ଗର୍ଭବାସୀ ।
ଅନେକ ଭାବେ ଦଇତ ମାଳତୀକୁ ତୋଷି ॥
ଅନେକ ଉତ୍ସବ ସେହୁ କଲା ନରନାଥ ।
ବହୁତ ସମ୍ପତ୍ତିମାନ ଦେଲା ଅଭ୍ୟାଗତ ॥
ଯଜ୍ଞ ହୋମକର୍ମ ଅଉ ବନ୍ଧାପନ ବଧି ।
ଅରିଷ୍ଟି ଶାନ୍ତ କରାଇ କଲା କର୍ମ ସିଦ୍ଧି ॥
ହେବା ହେବୀଙ୍କି ଶୀତଳ ଦେଲା ବଳଭୋଜା ।
ଅନେକ ଦାନ ଧ୍ୟାନ ସେ କଲା ମହାରାଜା ॥
ଏଉଥିରେ ମାଳତୀ ଯେ କରେ ସୁହବାସ ।
ଅତ ଉତ୍ସବେ ହୋଇଲା କ୍ରମେ ନବମାସ ॥
ବୃଷମାସ କୃଷ୍ଣପକ୍ଷ ଏକାଦଶୀ ଦନ ।
କୋଳେ ବସାଇ ମାଳତୀ ବଦେ ବୈଲୋଚନ ॥

ପ୍ରୀତ ଉପୁଜାଇ କର ବୋଇଲା ମାଳତୀ ।
ମୋତେ ମୂଳ ଛାଡ଼ିଗଲେ ଦେବ ପ୍ରାଣପତ ॥
ବୈଲୋଚନବୋଲେ ତୋତେକେମନ୍ତେ ଛାଡ଼ବ ।
ଏକାକର ସଙ୍ଗ ବେଣୀ ବନୋଦକୁ ଯିବ ॥
ମାଳତୀ ବୋଇଲା ତୁମ୍ଭେ ଶୁଣ ଅହେ ନାଥ ।
ତୋତେ ଛାଡ଼ବାକୁ ମୋର ନ ବଳଇ ଚିତ୍ତ ॥
ତୁମ୍ଭେ ଯେବେ ବେଣୀ ବନୋଦକୁ ଯିବ ବନ ।
ଅସିବାଯାଏତ ନାହିଁ ମୋ ସ୍ନାନ ଭୋଜନ ॥
ଶୁଣ ହେ। ମହୀପାଳର ନାରୀଙ୍କ ଚରତ ।
ପ୍ରୀତକର ପଛେ ହୁଅନ୍ତି ସେ ବଶ୍ୱାସଘାତ ॥
ମାରବା ନିମନ୍ତେ ସେହୁ ପାଞ୍ଚ କୁଟ ଛନ୍ଦ ।
ଅବୋଧେ ବୋଧ ହୋଇଲା ସେ ଅସୁରଇନ୍ଦ୍ର ॥
ଭୋନାଥ ତୁ ଯେବେ ଯିବୁ ଅଗମ୍ୟ ବନସ୍ତେ ।
ତୋର ପ୍ରମାଦକୁ ମୁହିଁ ଜାଣିବ କେମନ୍ତେ ॥
ବୈଲୋଚନ ବୋଲେ ମୋତେ ଧାତାଦେଲାବର ।
ବ୍ରହ୍ମାଣ୍ଡ ଧାରଣା ମୁହିଁ ଅଟେ ବୀରବର ॥
ଅସ୍ତ୍ର ଶସ୍ତ୍ର ଅଘାତରେ ମୋର ନାହିଁ ମୃତ୍ୟୁ ।
କହବ ବଶ୍ୱାସ କଥା କରଥାଅ ହେତୁ ॥
ଯେଉଁ ଦନ ବ୍ରହ୍ମା ଅସି ମୋତେ ଦେଲା ବର ।
ବୋଇଲା ଗୃହଯୁଗେ ତୁ ହୋଇବୁ ଅମର ॥
ଯମର କାଳଦଣ୍ଡରେ ତୁ ହେବୁ ଅବଧ ।
ଇନ୍ଦ୍ର କୁବେର ଜଣିବୁ କଲେ ମଧ ଯୁଦ୍ଧ ॥
ଅନଳରେ ନ ପୋଡ଼ବୁ ଶସ୍ତ୍ରେ ନ ଛଡବୁ ।
ପ୍ରଳୟ କାଳେ ଅଗାଧ ଜଳେ ନ ବୁଡବୁ ॥
ଚନ୍ଦ୍ରମା ତପନ ବାୟୁ ଦେବ ଅନ୍ଦ କର ।
ନର ଲୋକରେ କେ ତୋତେ ନୋହବେଟି ସର
ଅକାଟ ଅଭୁଟ ପୁଣି ହୋଇବ ତୋ କାୟା ।
ଭୂତ ଭବଷ୍ୟ ଜାଣିବୁ ମାୟା କ ଅମାୟା ॥
ରାତ୍ରିରେ ନ ମରବୁ ତୁ ଦନେ ନ ମରବୁ ।
ଘରେ ନ ମରବୁ ବାହାରରେ ନ ମରବୁ ॥
କେବେହେଁ ବଧ ନୋହବୁ ତୁ ଶତ୍ରୁର ହସ୍ତେ ।
କେ ମୋତେ ସମାନ ଅନଜଣ ପାମରଥେ ॥
ବଇଲୋଚନ ବୋଇଲା ଶୁଣ ଗୋ ପଙ୍କାତ ।
ପିଙ୍ଗଳ କେଶ ଯେ ଅଛି ଏ ମୋହର ମାଥ ॥
ନୋହବ ଦବସ ରାତ୍ର ଘର ବାହାରହଁ ।
ସ୍ତ୍ରୀ ହୋଇଣ ଯେବେ ତାହା ଉପାଡ଼ ପାରଇ ॥

Digitized by srujanika@gmail.com

ତେବେ ସେ ମୋହର ପ୍ରାଣ ନେବ ଜଳୁରାଣ ।
ଆନ ରୂପରେ ମୋହର ବାଞ୍ଛିତା ମରଣ ॥
ତୁ ମୋ ପ୍ରିୟତମା ଯେଣୁ କହୁଅଛି ତୋତେ ।
ଏସନ କରଣ ଯାବା ସମ୍ଭଅଛି ମୋତେ ॥
ଶୁଣିଣ ଅତ ଆନନ୍ଦ ହୋଇଲା ମାଳତୀ ।
ସେ ବୋଲେ ଯାଅହେ ସ୍ଵାମୀ ଫିଟିଲା ମୋ ଭ୍ରାନ୍ତି ॥
ଶୁଣି ରାଜେ ମାଳତୀର ମୁଖେ ଚୁମ୍ବ ଦେଲା ।
ଆଲିଙ୍ଗନ କରି ଇଚ୍ଛାସୁଖେ ସେହୁ ଗଲା ॥
ଅଶ୍ଵେକ ଚଢ଼ିଣ କରେ ଘେନିଣ କୃପାଣ ।
ଭ୍ରାନ୍ତ ଚିତ୍ତ ନାରୀର ଯେ ଅଟର କମାଣ ॥
ଶୁଣ ମୈଶାସୁର ମାୟାକଲା ସେ ମାଳତୀ ।
ବନଜୀବମାନଙ୍କୁ ନ ଦେଖିଲା ନୃପତି ॥
ଏସନେକ ରଚିକଲା ଦଇବ କର୍ମାଣି ।
ବଇଲୋଚନ ମାଅକୁ ପେଷିଲା ଉକୁଣି ॥
ସୁକୁମାର ଶରୀର ତା କମ୍ପିଲା ତତକ୍ଷଣି ।
ନଗ ଦ୍ଵାର ମୁଣ୍ଡ କୁଣ୍ଡିଅଛି ନୃପମଣି ॥
ଜୀବ ଲୋଡ଼ ନ ପାଇଣ ବହୁ ବନ ଭ୍ରମି ।
ବାହୁଡ଼ ଅଇଲା ବେଗେ ଦୈତ୍ୟକୁଳ ସ୍ଵାମୀ ॥
ବନୁ ଆସିଣ ଅସୁର ହେଲା ନିଜ ପୁର ।
ପ୍ରବେଶ ହୋଇଲା ଯାଇଁ ମାଳତୀ ଅଗର ॥
ବୋଇଲା ସଖି ରେ ନ ଦେଖିଲି ଜୀବମାନ ।
ନ ରହିଲି ତୋହଠାରେ କହିବା ବଚନ ॥
ଶୁଣି ସେ ବଚନ ଧୀରେ ବୋଇଲା ମାଳତୀ ।
ମୋତେ ମୁଷେ ହିଁସାଚ ନୋହିଲା ପ୍ରାପତ ॥
ଏବେ ସ୍ନାନ ଭୋଜନାଦ କର ନରସାଇଁ ।
ଶୁଣି ମାଳତୀ ବଚନେ ଗଲା ବେଗ ହୋଇ ॥
ସ୍ନାନ ଭୋଜନ ସାରିଣ ଅମେନ କଲା ।
ସୁଖେ ଯାଇଁ ମାଳତୀର କତରେ ବସିଲା ॥
ବଇଲୋଚନ ମାଳତୀ ଆଗେ ବସି କହି ।
କିବା ମୋର କର୍ମମନ ଶୁଣ ପ୍ରାଣସହି ॥
ପ୍ରଣୟ ରସରୁ ମନ ଛାଡ଼ିଲା ନୃପତ ।
ବୋଲେ ମୋ ମଥାରେ କସ କଣ୍ଡ ଗୋ ମାଳତୀ ॥
ମାଳତୀ ବୋଲେ ବିଶ୍ରାମ କର ଦେବମାଣ୍ଡେ ।
ଉକୁଣୀତ ଉଚପଡ଼ି ହେଲା ଭୂମି ମଣ୍ଡେ ॥
ଶ୍ରୀହସ୍ତେ ଦାନ୍ତ ଚାନ୍ଦ୍ର ସେନ ଉକୁରାଣୀ ।
ତେଣ ମଧ୍ୟ ବଦାଇଣ ମାରନ୍ତି ଉକୁଣୀ

ଘରରେ ବାହାର ଅନ୍ଧାରକୁ କରି ପିଠି ।
ମାଳତୀ ଦ୍ଵିଜାନୁ ମଧ୍ୟେ କାଳନିଦ୍ରା ଘୋଟି ॥
ନଖସୁନ୍ଦେ ଥୋଇଣ ସେ ଉକୁଣୀକି ମାରି ।
ବେଳଅସ୍ତ ହେବାକୁ ଯେ ଅଛି ଏକ ଘଡ଼ି ॥
ଏଣୁ ଏକ ପାରଛରେ ବସିଅଛି ସଖୀ ।
ଦେଖଣା ଚଳକୁ ବୋଲି ବଶେଷି ଅଖିର ॥
ଘଣ୍ଟିଠାରୁ ଅଙ୍ଗ ଦେଖାଇଲା ବାହାରକୁ ।
କଷ୍ଟଭେଳ ମାଇ ପଡ଼ିଅଛି ଭିତରକୁ ।
ମାଳତୀ ବୋଲଇ ହେଲା ଗୋଧୂଳିର ବେଳା ।
ବଇଲୋଚନ ବୋଇଲା ନ କର ତୁ ହେଳା ॥
ମାର ମାର ସଖି ଆଗୋ ଦେଇ ଦୃଢ଼ ମନ ।
ସହି ନ ପାରେ ମୁଁ ଉକୁଣୀର ତାପମାନ ॥
ଉକୁଣୀ ଲୋଡ଼ୁ ଲୋଡ଼ୁ ସେ ଖୋଜ ମୁଣ୍ଡବାଳ ।
ଠାବ କରି ମାଳତୀ ଯେ ପାଇଲା ପିଙ୍ଗଳ ॥
ମୁଖ ପୋତ ଶୋଇଛି ସେ ହୋଇ ମତ୍ତଗଜ ।
ଭଲ କରି ମାଳତୀ ଯେ ବାଳ କଲା ଠାବ ॥
ନଖରେ ବଇଲୋଚନ ଧଏ ଠାରି କରି ।
ମାର କନା ସଙ୍ଗାତ ଗୋ ତାକୁ ଦୃଢ଼େ ଧରି ॥
ରହ ରହ ଅହେ ସ୍ଵାମି ମାରୁଅଛି ମୁହିଁ ।
ବଇଲୋଚନ ବୋଲେ ତୋ ପରମୁଣ୍ଡା ଯାଇଁ ॥
ଶୁଣ ରାଜେ ଘର ନୁହେ ନୁହଇ ବାହାର ।
ରାତି ନୁହଇ ଦିବସ ନୁହଇ ସେଠାର ॥
ମାଳତୀ ବୋଲେ ମାରୁଛି ଉକୁଣୀକି ମୁହିଁ ।
ବଇଲୋଚନ ବୋଲେ ଗୋ ମାର ପ୍ରିୟସହି ॥
ଶୁଣ ପରୀକ୍ଷ ରାଜନ ଶୁକଦେବ ବୋଲେ ॥
ମହିଷାସୁର ଅଗରେ ଅନ୍ଧକ କହିଲେ ॥
ବିଶ୍ଵରୂପ ପ୍ରକାଶିଲା ଗଗନ ମଣ୍ଡଳ ।
ଶ୍ରୀକରେ ଶୁକ୍ତିଅଇଲେ ମୁଣ୍ଡଭେଦ ବାଳ ॥
ଅଚେତନ ବେଲୋଚନ ମଦ୍ୟରସ ଖାଇ ।
ମାଳତୀ ଜାନୁରେ ତା ପିଠି ପରେ ପାଦଦେଇ ॥
ହୁଁକାର ଶବଦ ଘାତେ କମ୍ପିଲା ବ୍ରହ୍ମାଣ୍ଡ ।
ରୂପକ୍ଷେତ୍ରେ ପ୍ରାଣ ତାର ଛାଡ଼ିଗଲା ପିଣ୍ଡ ॥
ବିଶ୍ଵରୂପ ଧରି ଉପାଡ଼ିଲା ତାର କେଶ ।
ଗର୍ଜନ ନାଦ କରିଣ ପଡ଼ିଲା ରାକ୍ଷସ ॥
ଶୁଣ ନୃପତି ଅନ୍ଧକ ମନ୍ତ୍ରୀ ଯେ କହିଲା ।
ସ୍ତ୍ରୀର ବିଶ୍ଵାସରେ ବୈଲୋଚନ ନାଶଗଲା ॥

Digitized by srujanika@gmail.com

ତେବେ ଏମନ୍ତ କରଣ ଦେଅନ୍ତି ସେ ବର ।
ଦେଖିଲ କଥା ଯେ ଏତ୍ତ ଅଟଇ ମୋହର ॥
ଦେବଙ୍କ ଦୁର୍ଲଭ ଶୁମ୍ଭ ନିଶୁମ୍ଭଙ୍କ ବର ।
ଏକକର ଦେଅନ୍ତେ ସେ ଅନେକର ଶିର ॥
ତେବେ ସେ ନିଧନ ହୁଅନ୍ତ ଯେ ଶୁମ୍ଭ ନିଶୁମ୍ଭ ।
ଏକଥା ଜାଣିବାକୁ ସେ ସକ୍ଷମ ହୋଇବ
ଏ ଦୁହିଙ୍କ ମୃତ୍ୟୁ କରାଇଲ ସେ କପଟେ ।
ଶିରେ କର ଦେଅଇଣ ମରାଇଲ କୂଟେ ॥
ତ୍ରୈଲୋକ୍ୟେ ଅଶକ୍ୟ ରକ୍ତବୀଜର ମହିମା ।
ତାକୁ ବଧ କରିବାକୁ ଆନ ନାହିଁ କ୍ଷମା ॥
ଦାନବ ବୋଲି ଜନ୍ମନ୍ତୁ ନୋହୁ ଅମ୍ଭେ କଷ୍ଟ ।
ଜାତ ହୋଇଲେ ଅବଶ୍ୟ ମୃତ୍ୟୁ ଏକ ଅଛି ॥
ସଂଯୋଗ ହେଲେ ଅବଶ୍ୟ ହୁଅଇ ବିବସ ।
ସମ୍ପଦେକ ହୋଇଲେ ବିପଦେକ ଅବଶ୍ୟ ॥
ଅନ୍ଧକ ମନ୍ତ୍ରୀ ବୋଇଲା ଦେବଙ୍କ ଚରିତ୍ର ।
ସ୍ତ୍ରୀ ରୂପରେ ହୁଅନ୍ତି ଯେ ବିଷ୍ଣୁ ଅବତାର ॥
ମନ୍ତ୍ରୀ ବଚନେ ମହିଷାସୁର ବୋଇଲା ।
ଏସନେକ ହତଯାତ ଜାଣନ୍ତା ନୋହିଲା ॥
ସ୍ତ୍ରୀରୂପ ହୋଇକରି ଯେ ସୈନ୍ୟ ମୋର ଭକ୍ଷି ।
କେ ରକ୍ଷନ୍ତା ନୋହିଲ ମୁଁ ହେଲି ନିରମାଖି ॥
ମହିଷା ବୋଲଇ ମୋତେ କେ କରିବ ରକ୍ଷା ।
ସେ ସ୍ତ୍ରୀକୁ ମାରି ପୂରିବ ମୋର ମନବାଞ୍ଛା ॥
ନୋହିଲେ ରାଜ୍ୟଛାଡ଼ି ମୁଁ ତେଜି ପଳାଇବ ।
ଯାଇଁ କେବଣ ସମୁଦ୍ରେ ଲୁଚିଣ ରହିବ ॥

—ଃ୦ଃ—

ଧୂମ୍ରଲୋଚନ ପ୍ରଭୃତି ଅଷ୍ଟାବିଂଶତି
ସେନାପତିଙ୍କର ଯୁଦ୍ଧେ
ଗମନ ଓ ମୃତ୍ୟୁ ।

ରାଜାର ବିକଳ ଦେଖି କାଳନେମୋଚନ ।
ଯମଘଣ୍ଟ କଙ୍କାସୁର ସେ ଧୂମ୍ରଲୋଚନ ॥
ଚଣ୍ଡାସୁର ସୁପ୍ରଚଣ୍ଡାସୁର ଧନ୍ଦାସୁର ।
ଶତଶିର ଯେ ସହସ୍ରଶିର ରକ୍ତାସୁର ॥
ଜପାସୁର ଧପାସୁର ଭସ୍ମର ଦଇତ ।
ବଜ୍ରାଙ୍ଗ ମହାଗର୍ଜନ କରି ନିରଘାତ ॥
ବାଣାସୁର ସହ ବାତାସୁର ମଣ୍ଡପାଳ ।
ଘୋଡ଼ା ଗଜମୁଖା ଓଷ୍ଠମୁଖା ଅନ୍ତ୍ରସାଳ ।
ଶୃଗାଳ ବଦନାସୁର ଗର୍ଦ୍ଦଭମୁଖା ବାଘ ।
ମଞ୍ଜାରମୁଖା ଶୋଣିତା ମୁଖ ଧନ କେଶ ॥
ଏମନ୍ତ ସଙ୍ଗତେ ଅଠାଇଶ ସେନାପତି ।
ସେନ କାଳନେମୋଚନେ ଉଠିଲା ତତ୍ପର ॥
ବୋଇଲେ ଅନ୍ଧକ ମନ୍ତ୍ରୀ ଭୁଲାଏ ତୁମ୍ଭଙ୍କୁ ।
ଅମ୍ଭେ ଏବେ ଯିବୁ ସ୍ତ୍ରୀସରହୁ ଆଣିବାକୁ ॥
ମହିଷାସୁର ବୋଲେ ମୁଁ ଜାଣିଁ ଜାଉଁ ପୋତ ।
ଯାହାକୁ ଯା ବୋଲଇ ସେ ନ ଅସେ ବାହୁଡ ॥
ଅହୋ ଅହୋ ମୋର ଆଜ୍ଞା ନାହିଁ ନା ତୁମ୍ଭଙ୍କୁ ।
ସେ ଯାହାର ସେମନ୍ତେ ପାଏ ବରିବକୁ ॥
ରାଜା ଆଜ୍ଞା ଶୁଣି ଗଲେ ଅଠାଇଶ ସେନା ।
ଦେବ ଦାନବଙ୍କୁ ସେ ନ କରନ୍ତି ଗଣନା ॥
ଘୋରନାଦ କରି ବାହାରିଲେ ଦୈତ୍ୟବଳ ।
ପ୍ରଳୟ କାଳରେ ଯେସନ୍ତ ସମୁଦ୍ର ଉଛୋଳ ॥
ଗଜ ଅଶ୍ୱ ବାହନେ କେ ଚଢ଼ି ବ୍ୟାଘ୍ରପିଠି ।
କରେ କୃପାଣ ଶୁରୁଜ ଧରି କୁନ୍ତ ଯଷ୍ଟି ॥
ଧର ଧର ମାର ମାର ପଡ଼ୁଅଛି ବୋବ ।
ତାଙ୍କର ଶବଦେ କମ୍ପି ଉଠେ ମହୀଦେବୀ ॥
ଅସୁର ବଳରେ ଅବର୍ଗଳ ମହାବାସ ।
ସେନାପତି ହୋଇଲେ ସେ ସହସ୍ରଶିର ॥
ସହସ୍ରେକ ବେନି ସହସ୍ର ତା ଭୁଜ ।
ଶରୀର ବଳାଟେ ସହସ୍ରେ କିରଣର ତେଜ ॥
ସହସ୍ରେକ ଭୁଜେ ଧନୁ ସହସ୍ରେ ଭୁଜେ ଶର ।
ଗୁଣ ଘୋଷ ଶବଦରେ କମ୍ପେ ସ୍ୱର୍ଗପୁର ॥
ମତ୍ତ ଦଳ ଦଳ ହୋଏ ଗୁଳନ୍ତେ ସେ ଥାଟ ।
ନବଯୋଜନ ପର୍ଯ୍ୟନ୍ତେ ନ ଦିଶଇ ବାଟ ॥
ବଳାସନ୍ତ ରାଜତେ ଯେ ଧନୁର୍ଗୁଣ ଟାଣି ।
ବକପନ୍ତି ପ୍ରାୟେ ଦେଖାଯାନ୍ତି ସର୍ବେ ପୁଣି ।
ବୀରତୂର ବୀରଢୋଲ ଦାରୁଣି ଦୃମ୍ପସ ।
କାହାଳ ମର୍ଦ୍ଦଳ ବଜାନ୍ତି ମାରୁ ଗାଲ ତୁରୀ ॥
ଖାଙ୍କର କେଶ କାହାର ଶିରେ ଏକଜଟା ।
ଘୋର ଅନ୍ଧାର ପରାପ୍ରେ ଦୈତ୍ୟଥାଟ ଘୋଟା ॥
ମତୁଆଳ ବପରେ ଯେ ମଦଖାଇ ମତ୍ତ ।
ବନ୍ଧିବନ୍ତ ଗାବନ୍ତି ଯେ ନବରଙ୍ଗେ ଗୀତ ॥
ତ୍ରୈଲୋକ୍ୟ କମ୍ପୁଅଛଇ ଦୈତ୍ୟଙ୍କର ରତ ।
ଛ ଅବା ମେରୁରୁ ଟଳା ପଡ଼ିଲାକ କ୍ଷିତ ॥

Digitized by srujanika@gmail.com

ଅସ୍ତ୍ରବଳ ଯେ ରକ୍ତବୀଜ ବେଢ଼ିଲେକ ।
ମଧ୍ୟରେ ଚରଣ ଅଛି ଗଗନେ ମସ୍ତକ ।
ପର୍ବତରେ ଥାଇ ଦେଖି ତାହା କାତ୍ୟାୟିନୀ ।
ମଦିରା ପାନ କରନ୍ତି ଚଉଷଠି ଯୋଗିନୀ ॥
ରକ୍ତବୀଜ ଶତେକ ଯୋଜନ ସୁଛପରେ ।
ଖଦବନ୍ତ କାତ୍ୟାୟିନୀ କଳ୍‌କଳା ଶବଦରେ ।
ଅସୁରେ ଦେଖିଲେ ରକ୍ତ ଯୋଗିନୀବୃନ୍ଦ ଆଦି ।
ଜିହ୍ୱାଗ୍ରେ ମାତଙ୍ଗୀଙ୍କ ମତୁଥିଲ ନାଟ ॥
ସହସ୍ରଶିର ଉଠିଲା ପର୍ବତରେ ବେଗେ ।
ପ୍ରଦକ୍ଷି କରି ମିଳିଲା ନାରାୟଣୀ ଆଗେ ॥
ବୋଲଇ ଅସୁର ବୀର ଶୁଣ ରେ ଯୁବତି ।
କେବଣ ଦେଶୁଁ ଆଇଲୁଁ ଅଦ୍ଭୁତ ଦେବତୀ ॥
ଚଣ୍ଡାସୁରତେ ମାରିଲ ଅମ୍ଭ ସେନାପତି ।
ସ୍ତ୍ରୀ ହୋଇ ତୁମ୍ଭର ଏଡ଼େ ନିର୍ଦ୍ଦୟ ପ୍ରକୃତି ॥
କ୍ଷଣ କ୍ଷଣକେ କହଇ ଉଚ୍ଚସ୍ୱରେ ବାଣୀ ।
ତା ବଚନ ଶୁଣି ବଦନ୍ତି ନାରାୟଣୀ ॥
ସର୍ବ ସମୟେ ପ୍ରାଣିଙ୍କୁ ନ ଥାଏ ସମ୍ପଦ ।
ଯେ ବଡ଼ ସେ ଛାଡ଼ଇ ପଡ଼ଇ ପ୍ରମାଦ ॥
ତୁମ୍ଭଙ୍କୁ ରେ ବରଦେଲା ଯେଉଁ ମହାତମା ।
କୋଟିବାର ପ୍ରାଣତ୍ୟାଗ ହେଲଣି ସେ ବ୍ରହ୍ମା ॥
ଈଶ୍ୱରଙ୍କୁ ବୋଲନ୍ତି ଯେ ଅଦ୍ୟଯୋଗୀଶ୍ୱରେ ।
ସହସ୍ରେ ବାର ତାଙ୍କର ଶରୀର ବିନାଶି ।
ଇନ୍ଦ୍ରଦେବହିଁ ପଦେକ ବାର ନାଶଗଲା ।
ଦିଗପାଳମାନଙ୍କର କେ ତାହା ଗଲଣି ॥
ଯେ ବ୍ରହ୍ମାର ବର ପାଇ ଏଡ଼େ ତୁମ୍ଭ ଗର୍ବ ।
ସେ ବ୍ରହ୍ମା ନିର୍ଜୀବୀ ହୋଇ କେତେଦିନ ଥିବ ॥
ଅମ୍ଭଙ୍କୁ ନ ଜାଣି ତୁମ୍ଭେ ଅଜ୍ଞାନି ଦଅବା ।
ଏ ମୃତ୍ୟୁମଣ୍ଡଳେ ସର୍ବେ ଅବଶ୍ୟ ମରିବା ॥
ତୁମ୍ଭେ ରେ ଅନେକମତେ ବର ପାଇଅଛ ।
ଯେଉଁ ବର ଦଅଇ ରେ ସର୍ବ ତାର ମିଛ ॥
ଅନେକ କାଳରେ ତୁମ୍ଭେ ପୃଥ୍ୱୀ ଭୋଗକଲ ।
ଏତେକାଳେ ଅମ୍ଭଙ୍କରେ ମରଣ ପାଇଲ ॥
ଯେତେ ଗର୍ବ କରୁଛ ରେ ଏହି ରଣସ୍ଥାନେ ।
ସମସ୍ତ ଦାନବ ଆରେ ମରିବ ଏକ୍ଷଣେ ॥
ଶୁଣି ଏ ବଚନ ବୋଲେ କାଳବିମୋଚନ ।
ଆଜ ଏଥେ ରହିବ ତ ତୁମ୍ଭର ଜୀବନ ॥
ସ୍ତ୍ରୀ ଜନ୍ମ ତୁମ୍ଭର ଅଟେ ଅତି ପାପିଷ୍ଠା ।
ସଦା ଅଶଉଚରେ ଥାଅ ବଡ଼ମନ୍ଦ ନଷ୍ଟା ॥
ଅମ୍ଭର ରାଜା ତହିଁର ମୂଳ ଲୋ ଅପଣେ ।
ସ୍ତ୍ରୀ ପାମଶ୍ୱ ମରିବ ଲୋ କିପାଁ ଅକାରଣେ ॥
ନାରାୟଣୀ ବୋଇଲେ ରେ ଶୁଣ ଦୈତ୍ୟବୀର ।
ଅମ୍ଭେ ନାହିଁ ଉତ୍ତମରେ ନୋହୁଁନା ପାମର ॥
ଅରେ ଜ୍ଞାନ ବୁଡ଼ାଇଲୁ ତୋହର ଶରୀରେ ।
ମତ୍ତଗର୍ବ ଭାବେ ପଡ଼ିଅଛୁ ଅନ୍ଧକାରେ ॥
ଜାତ କାଳରେ ଅମ୍ଭେ ଯେ ମାତାରୂପ ହେଉ ।
ରତିକାଳେ ଭାର୍ଯ୍ୟାରୂପେ ଶୃଙ୍ଗାର କରାଉଁ ॥
ଅନ୍ତକାଳେ ହେଉଁ ଅମ୍ଭେ କାଳିକା ମୂରତି ।
ଶେଷକାଳେ ଦହୁଁ ହୋଇ ଅନଳ ଆକୃତି ॥
ଅରେ ଅମ୍ଭେ ଜାତ ଅନ୍ତ ମଧ୍ୟେ ଅବସ୍ଥାନ ।
ଜାତହିଁ କରାଉଁ ଅନ୍ତ କରୁଁ ଦେହ ଘେନ ॥
ଅରେ ଜାତକାଳେ ଅମ୍ଭେ କରୁଁ ଉତ୍ପତ୍ତି ।
ଅନ୍ତକାଳେ କାଳୀରୂପେ ଭକ୍ଷୁଟି ସବୁନ୍ତି ॥
ଅଜ୍ଞାନ ମନପଣେ ରେ ନର ଦୁଷ୍ଟ ବାଇ ।
ଅମ୍ଭେ ସେ ପରମ ଯୋଗ୍ନି ଦେବୀ ମହାମାୟୀ ॥
ଅରେ କାଳବିମୋଚନ ଅମ୍ଭେ କରୁଁ ଜାତ ।
ମଧ୍ୟେ ପ୍ରତିପାଳି ପ୍ରାନ୍ତେ କରୁଁ ଅମ୍ଭେ ହତ ॥
ଅମ୍ଭର ଚରିତରେ ନ ପାରି ତୁମ୍ଭେ ଜାଣି ।
ଗ୍ରାସୁଁ ଗ୍ରାସୁଁ ଭକ୍ଷିବୁ ଯେ ସବୁଙ୍କୁ ଏକ୍ଷଣି ।
ଏ ବଚନେ କାଳବିମୋଚନ ଗଳଗାଜି ।
ନାରାୟଣୀ ଉପରକୁ ଧାଇଁଲା ତରଛି ॥
ଧାଅଁ ଧାଅଁ ରେ ଦଇତେ ମାରି ତ୍ରିଶୂଳ ।
ରାଜାର ଅପଦ ଖଣ୍ଡ ବାଣ୍ଡ ଚରକାଳ ॥
ଯନ୍ତୁଁ ଆଜ୍ଞାଦେଲେ ରାଇ ଅଠ ସେନାପତି ।
ଧାଇଁଲେ ଦାନବ ବଳ ଅନନ୍ତ ମୂରତି ॥
ପର୍ବତ ଉପରକୁ ସେ ଉଠି ବେଗେ ଧାଇଁ ।
ଅମାପ ବଳ ସେହି ଯେ କଳନା ନ ଯାଇ ॥
କାଳବିମୋଚନର ଯେ ପଞ୍ଚାର୍ବୁଦ ରଥୀ ।
ଛଅର୍ବୁଦ ଧୂମ୍ରଲୋଚନର ସେନାପତି ॥
ଯମଦଣ୍ଡ ମୂଳେ ସାତ ଅର୍ବୁଦ ଯୋଦ୍ଧା ।
କାଳଦଣ୍ଡର ଯେ ପଞ୍ଚାର୍ବୁଦ ବୀର ସିଦ୍ଧା ॥
ନବମର୍ବୁଦ ଭାସ୍କର ଦଇତର ତୁଲେ ।
ଅଠ ଅର୍ବୁଦ ଲେଖିଣ କଳାସୁର ବଳେ ॥

Digitized by srujanika@gmail.com

ବ୍ୟାଘ୍ର ବାହାନରେ ପଞ୍ଚଅର୍ବୁଦ ସେ ଯୋଦ୍ଧା ।
ବଲ୍ଲଖ ବାହନେ ପଞ୍ଚଅର୍ବୁଦ ପ୍ରସିଦ୍ଧା ॥
ଶଙ୍ଖାସୁର ଦଳରେ ଅନେକ ଯେ ଯୋଧୀ ।
ଇନ୍ଦ୍ର ଚନ୍ଦ୍ରଙ୍କୁ ସମରେ ପାରନ୍ତି ସେ ବାନ୍ଧି ॥
ବଜ୍ରାସୁର ତୁଲେ ଏକ ପଦ୍ମ ମହାବୀର ।
ଶଙ୍ଖାସୁର ତୁଲେ ଛନ୍ତି ବୃନ୍ଦେକ ଅସୁର ॥
ଶ୍ୱେତାସୁର ଗଲା ପାଞ୍ଚପଦ୍ମ ଯୋଦ୍ଧା ଘେନ ।
କଙ୍କାସୁର ସଙ୍ଗତରେ ଛପଦ୍ମ ସଇନ ॥
ସାତଲକ୍ଷ ଘେନ ଲଙ୍କାସୁର ଯେ ଉଠିଲା ।
ସାତ ମେଘଛ ତୁଲରେ ଚଣ୍ଡାସୁର ଗଲା ॥
ଛଅର୍ବୁଦ ଯୋଦ୍ଧାରେ ଅସୁର ଚୁମଣ୍ଡା ।
ବାମକରେ କୋଦାଳ ତା ଦକ୍ଷକରେ ଖଣ୍ଡା ॥
ପିଣ୍ଡି ଅସୁରର ତୁଲେ ନବପଦ୍ମ ଯୋଦ୍ଧା ।
କାର୍ତ୍ତିକାସୁରର ପଞ୍ଚ ପଦ୍ମର୍ବ ପ୍ରସିଦ୍ଧ ॥
ନବସାଗର ବଜ୍ରାଙ୍ଗ ଦଇତର ତୁଲେ ।
ଅନ୍ଧକର ନୋହେ ଅଉ କେତେକେତେ ଅସିଲେ ॥
ଉତପାତ ଅସୁର ଯେ ମହିଷାସୁର ନାତି ।
ତାହାର ସଙ୍ଗରେ ପଞ୍ଚପଦ୍ମ ରଥୀ ଛନ୍ତି ॥
ତାହାର ମାତୁଳ ଯେ ସାରଙ୍ଗାସୁର ବୋଲି ।
ତିନକୋଟି ସଇନ ତା ସଙ୍ଗେ ଛନ୍ତି ବଳୀ ॥
ମଞ୍ଜୁଶ୍ରୀସୁରର ତୁଲେ ଦଶଲକ୍ଷ ବୀର ।
ରଣରଙ୍ଗେ ଯେତେ ବୀରେ ଅଛନ୍ତି ଯେ ଧୀର ॥
ନବସାଗର ସଇନ ହେଠାସୁର ତୁଲେ ।
ଲକ୍ଷପୁର ଭରଣ ସେ ପର୍ବତ ବେଢ଼ିଲେ ॥
ଏକୋଇଶ ସାଗର ଯେ ସପ୍ତଶିର ତୁଲେ ।
ଗୁରୁପଦ୍ମ ଜଳମନ୍ଥା ଅସୁରର ମେଳେ ॥
ବେଗାସୁର ସଙ୍ଗେ ନବ ସାଗର ସଇନ ।
ରେଙ୍ଗାସୁର ଉଠିଲା ଅର୍ବୁଦ ପାଞ୍ଚ ଘେନ ॥
ପଞ୍ଚଲକ୍ଷ ଯୋଦ୍ଧା ଯୁଦ୍ଧ ଯୋକନ୍ଦା ଅସୁର ।
ଲୁହାର ଧନୁ ଧରଣ ଯାଏଁ ମହାବୀର ॥
ଶୁଣ ହୋ ପରୀକ୍ଷ ରାଜା ମହିଷାସୁର ବଳ ।
ପଞ୍ଚବିଂଶ ଅର୍ବୁଦ ଯେ ଅତି ଅଗ୍ଗର୍ଗଳ ॥
ପଦାତି ସଇନମାନ ନୋହଇ ଗଣିତ ।
କୋଟିଏ ସାଗରେ ସେତେ ଗୋଟିଏ ରାଉତ ॥
ହସ୍ତି ଗଜ ରଥମାନଙ୍କୁ ନୋହଇ ଗଣନ ।
ବାଦ୍ୟକାରମାନଙ୍କ ତା କେ କରୁ ବର୍ଣ୍ଣନ ॥
ମହାଯୋଦ୍ଧାମାନଙ୍କର ଶୁଣ ସ୍ୱପ୍ନେ ମନ ।
ତନ୍ତ୍ରପୁର ଜଣିବାକୁ ଏବେ ଏକେ କ୍ଷମ ॥
କାକମୁଖ ଘୋରମୁଖ ଗୋମୁଖ ଶଗଡ ।
ଜମ୍ବୁକମୁଖ ବରାହମୁଖ ସେ ଯୋକଡ ॥
ଗଜମୁଖ ବକ୍ରମୁଖ ଅବରହିଁ ଯେତେ ।
ଜଣେ ଜଣେ ସଂକ୍ଷେପେ ତା କହିବ ମୁଁ କେତେ ॥
ଏମାନଙ୍କେ କାଳବିମୋଚନ ଚକ୍ରବର୍ତ୍ତୀ ।
ସହସ୍ରେ ତିରିଶ ଦାନବ ଅନ ସେନାପତି ॥
ମୁକୁଟ ଯୋଦ୍ଧାମାନଙ୍କ ଅନ୍ତ କେହୁ ଜାଣି ।
ପଦାତି ସଇନମାନ କେ ପାରିବ ଗଣି ॥
ହେ ବୁଧଜନେ ଅପାର ଯେସନେ ଏ ହେଲୁ ।
ଲେଖନ କରୁ ଜାଣିବ ଏଥିର କେ ତତ୍ତ୍ୱ ॥
ଦୁର୍ଗା ବଚନ କରଛନ୍ତି ରହିଗିର ପରେ ।
ବେଢ଼ିଲେ ଦାନବବଳ ପର୍ବତେ ବ୍ୟଗ୍ରରେ ॥
ସୈନ୍ୟ କଳନା ନ ଯାଇ ଯାହାର ଗଣନ୍ତେ ।
ଲକ୍ଷ୍ମୀଭଦ୍ରାଠାରୁ ସରସ୍ୱତୀ ପରଯନ୍ତେ ॥
ପଞ୍ଚଷଠି ଯୁଣ ଦୀର୍ଘ ପଞ୍ଚ ଯୁଣ ପ୍ରସ୍ଥ ।
ପୂରିଲେ ରାକ୍ଷସ ବଳ ହୋଇ ଯନ୍ତ୍ରାଯନ୍ତ୍ର ॥
ଝଳଝଳା ନାଦେ ଘୋର କୋଳାହଳମାନ ।
ଉଛୁଳ ପଡ଼ୁଛି ତଳ ଅବନୀ ଗଗନ ॥
ଶୁଣ ହେ ପରୀକ୍ଷ ରାଜା ଦୁର୍ଗାଙ୍କ ମହିମା ।
କହିଲେ ତ ନ ସରଇ ତାହାଙ୍କ ବଡ଼ିମା ॥
ବୃନ୍ଦାରକେ ହାସ କଲେ ଦୈତ୍ୟବଳ ଦେଖି ।
ଭୟକର ପଳାଇଲେ ଗଗନ ଉପେକ୍ଷି ॥
ଶପ୍ତନ ଗିର ଦକ୍ଷିଣ ସାଗରର ଅନ୍ତେ ।
ତହିଁ ଯାଇଁ ରହିଲେକ ଶ୍ରୀହରି ସହିତେ ॥
ଯାଇଣ ବ୍ରହ୍ମା ଅଗରେ କହେ ମଘବାନ ।
ପିତାମହ ! କସ୍ତ ହେବ ଏ ଆଟ କେସନ ॥
ଅମ୍ଭେ ସର୍ବେ ପଳାଇଲୁଁ ଗଗନ ଉପେକ୍ଷି ।
ସ୍ତ୍ରୀବୃନ୍ଦ ନପୁଂସ ହାସ କରନ୍ତି ଯେ ଦେଖି ॥
ଧାତାଏ ବୋଇଲେ ହୋ ନ ଜାଣ ତୁମ୍ଭେ ତତ୍ତ୍ୱ ।
ଏକ ନମେଷକେ ପାରନ୍ତି ସେ ସର୍ବ ଭକ୍ଷି ॥
ଦେବତାଙ୍କୁ ସମ୍ମାର୍ଜନା କର ଦେବରାଜ ।
କହୁତୁକ ସମରତ ହେବ ଦେଖ ଅଜ ॥
ଏମନ୍ତ ବଚନ କହିଲେକ ସେ ବିଧାତା ।
ଏ ରହିବେ ତଳ ମାନ ଅସୁରଙ୍କ ସତ୍ତ୍ୱ ॥



Digitized by srujanika@gmail.com

ପସ୍ୱବନ୍ତ ଘସ୍ୱିତ ଶୁଣ ମୁନିବର ।
ସ୍ୱାର ବାହ ମୋ ଅଲେ ଦୁର୍ଗା ସମାଗୁର ॥
ଅସୁର ବଳ ପର୍ବତ ବେଢ଼ିବା ଦେଖିଲେ ।
ଦୁର୍ଗା କେମନ୍ତେ ତହିଁକ ବୁଝି ଭୁଆଇଲେ ॥
ଶୁଣ ପରୀକ୍ଷ ବଦନ୍ତି ଶୁକ ମହାମୁନି ।
ଦୈତ୍ୟବଳ ଦେଖି କୋପକଲେ କାତ୍ୟାୟନୀ ॥
ଚଉଷଠି ଯୋଗିନୀ ହୋଇଥିଲେତ ସମ୍ଭୂତ ।
ପୁଣି ସେ ଅନେକ ଦେବୀ ଅଙ୍ଗୁ କଲେ ଜାତ ॥
ବହ୍ମାୟଣୀ ମୂର୍ତ୍ତି ଗୃହ ପଦ୍ମ ଚଣ୍ଡୀ ଲେଖି ।
ଚନ୍ଦନ ଭୂଷିତା ଅଷ୍ଟଭୁଜା ଚତୁର୍ମୁଖୀ ॥
ହଂସ ବାହନୀ ଅକ୍ଷାକ୍ଷି କରେ ବ୍ରହ୍ମଶର ।
ଅଜଗବ ଧନୁ ବ୍ରହ୍ମଶକ୍ତ ସୁନ୍ଦର ॥
ପଦ୍ମେକ ଚଣ୍ଡୀ ହୋଇଲେ ନାରାୟଣୀ ମୂର୍ତ୍ତି ।
ଚତୁର୍ଭୁଜା ଇନ୍ଦ୍ରନୀଳମଣି ତନୁ କାନ୍ତି ॥
କରେ କାଳାନ୍ତକ ଗଦା କାଳଦଣ୍ଡ ଶର ।
କୁନ୍ତ ପରଶୁ ମୁଦ୍ଗର ଧନୁ ଅସିବର ॥
ଗଳେ ବୈଜୟନ୍ତୀ ମାଳା ଗରୁଡ଼ବାହନୀ ।
ହବ୍ୟାଙ୍ଗ ଭୂଷଣ ହୋଇ ହଜସ୍ତେ ଭବାନୀ ॥
ଛପନ କୋଟି ଚଣ୍ଡିକା ଭୈରବୀ ମୂରତ ।
ଏକ ଚରଣ ଦ୍ୱିଭୁଜେ କେହ୍ନ ବସନ୍ତ ॥
ପିନାକ ପରଶୁ ପାଶୁପତ କୁନ୍ତ ଧର ।
ଖଡ୍ଗ ଖପର ଟଙ୍କ ଧନୁ ଅଭୟକର ॥
ଶୁକ୍ଳାମ୍ବର ପରିଧାନ ଶୁକ୍ଳ ତନୁ କାନ୍ତି ।
ଶୁଦ୍ଧ ସ୍ଫଟିକ ପରାୟେ ତନୁ ଝଟକନ୍ତ ॥
ଚନ୍ଦ୍ର ସୂର୍ଯ୍ୟ ଅଗ୍ନି ପ୍ରକାଶିତ ତ୍ରିନୟନୀ ।
ପନ୍ନଗ ମେଖଳା ଶୁଦ୍ଧ ଭସ୍ମ ବିଲେପନୀ ॥
ଚକୋରନୟନୀ ଶିର ଉପରେ ଶୀତାଂଶୁ ।
ବାମେ ଡମ୍ବରୁ ଡାହାଣେ କୁଠାର ପରଶୁ ॥
ବୃଷଭବାହନୀ ସେହୁ କରେ ଧରି ଶୂଳ ।
କାଳାନଳ ଅଧର ଯେ ଅଧିକ ଶୁଜଳ ॥
ହବ ହୁବ କମ୍ପାଇଲେ ଘୋର ଡାକେ ଡାକ ।
ଧର ଧର ମାର ମାର ବୋଲି ହକାହକ ॥
ନବକୋଟି ଚଣ୍ଡୀ ହେଲେ ବାରାହୀ ମୂରତ ।
କରରେ ମୁଦ୍ଗର ଯଷ୍ଟି କୋଦାଳ ଶକତ ॥
ନରପଦ୍ମ ଦେବୀ ହେଲେ କୃତାନ୍ତକ ମୂର୍ତ୍ତି ।
ଶ୍ୱେତ ଶୈର ବେଶଭୂଜ ଗଗନେ ଶମନ୍ତ ॥

କାଳାନଳ ସମାନରେ ପ୍ରକାଶନ୍ତ ତେଜ ।
ରତ୍ନମଣି ମୁକୁଟରେ ଇଶ୍ୱର ବିରାଜ ॥
ପଞ୍ଚଲକ୍ଷ ଦେବୀ ହେଲେ ଯେ ଜଳ ଦେବତା ।
କରେ ଜଳପାଶି ନଖେ ମଣି ବିରାଜନ୍ତ ॥
ନବପଦ୍ମ ଚଣ୍ଡୀ ହେଲେ ଇନ୍ଦ୍ରାୟଣୀ ମୂର୍ତ୍ତି ।
ଗଜବାହନୀ ସେ କରେ ଧରି ବଜ୍ରଶକ୍ତି ॥
ଏହାଙ୍କ ସଙ୍ଗରେ ନବକୋଟି କାତ୍ୟାୟନୀ ।
ଲହ୨ ଜିହ୍ୱା ମୁକ୍ତକେଶୀ ସେ ଭବାନୀ ॥
ପଞ୍ଚଲକ୍ଷ ମହାମାୟା ଶୋଣେହା ଉପୁଜ ।
ଜଣେ ଜଣେ ପାରନ୍ତି ସେ ବ୍ରହ୍ମାଣ୍ଡକୁ ଗଞ୍ଜି ॥
ଦୁର୍ଗା ଅଜ୍ଞା ଦେଲେ ନାରାୟଣୀଙ୍କି ଅନାଇ ।
ଏ ଦେବୀମାନଙ୍କୁ ତୁମ୍ଭେ ସମ୍ଭାଳ ଗୋ ନେଇ ॥
ମହିଷାସୁର ଅାଛେ ଯେ ଛନ୍ତି ସେନାପତି ।
ତୁମ୍ଭେ ଦେବାନ୍ତ ଅବୋଇ ଚଳ ଗୋ ତଡ଼ିତ ॥
ଦୁର୍ଗା ଅଜ୍ଞା ଶୁଣି ବୋଇଲେକ ନାରାୟଣୀ ।
ହେବେ ଅଠସେନାପତି ଚଉଷଠି ଯୋଗିନୀ ॥
ତହିଁ ନବପଦ୍ମ ଚଣ୍ଡୀ ମୂରତ ଡାକିନୀ ।
ସେ ଆଠରେ ସେନାପତି ହେଲେ ନାରାୟଣୀ ॥
ଶୋଣେହା ମୂରତ ପଞ୍ଚଲକ୍ଷ ଅବତରି ।
ହେଲେ ସେନାପତି ତହିଁ ଦେବୀ ଯେ କୋଠାସ୍ୱା ॥
ବେରେ ଶବଦ କରଣ କୃତାନ୍ତକ ମୂର୍ତ୍ତି ।
ସେ ଆଠରେ ଭଇରବୀ ହେଲେ ସେନାପତି ॥
ପିତୃଶୁଣୀ ଦେବୀ ପଞ୍ଚ ସାଗର ମୂରତ ।
ଉଗ୍ରତାରା ସେ ଅଠରେ ହେଲେ ସେନାପତି ॥
ତିନସାଗର ମୂରତ ଦେବତୀ କଙ୍କାଳୀ ।
ସେ ଆଠରେ ସେନାପତି ହୋଇଲେ ବାସେଳୀ ॥
ସାତପଦ୍ମ ଦେବୀଗଣ ଗଜନ ବେତାଳୀ ।
ସେନାପତି ତହିଁ ମେଖଳା ଯେ ଚନ୍ଦ୍ରକାଳୀ ॥
ନବକୋଟି ମର୍ଦ୍ଦିତ ଯେ ଚଣ୍ଡୀ ମହାଖଳା ।
ସେ ଆଠରେ ସେନାପତି ହୋଇଲେ ହିଙ୍ଗୁଳା ॥
ଦଶସାଗର ଦେବୀ ଯେ ମେଖଳାର ମୂର୍ତ୍ତି ।
ଘଟବାସୀ ଦେବୀ ହେଲେ ସେଥି ସେନାପତି ॥
ତିନ ସାଗର ସମ୍ଭାତ ମୂରତ ଯେ ଦେବୀ ।
ତହିଁ ସେନାପତି ଗରୁଡ଼ା ଯେ ମହାଦେବୀ ॥
ପଞ୍ଚପଦ୍ମ ଯେ କାଳୀରୂପୀ ଅବତରି ।
ସେ ଆଠରେ ସେନାପତି ହେଲେ କାଳଜିହ୍ୱା ॥

Digitized by srujanika@gmail.com

ସାତଲକ୍ଷ ଗଜମୁଖୀ ମନୁଷ୍ୟର କାୟ୍ୟ ।
ସେ ଥାଟରେ ସେନାପତି ହେଲେ ଛାୟା ମାୟା ॥
ପଦ୍ମେ ଶୂକର ବଦନରୂପୀ ଯେ ମୂରତି ।
ସେ ଥାଟରେ ସେନାପତି ହେଲେ ଭଗବତୀ ॥
ତିନିପଦ୍ମ ଦେବୀ ବ୍ୟାଘ୍ର ବାହନୀ ତାଡେଣୀ ।
ସେ ଥାଟରେ ସେନାପତି ହୋଇଲେ ତାରିଣୀ ॥
ଉଲୂକ ବଦନୀ ଦେବୀ ପଦ୍ମେକ ଉତ୍ତମା ।
ସେ ଥାଟରେ ସେନାପତି ହେଲେ ମାରକମା ॥
ସିଂହ ବଦନୀ ଯେ ପଞ୍ଚମର୍ଦ୍ଦିତ ବାସେଳୀ ।
ସେ ଥାଟରେ ସେନାପତି ହେଲେ ବୁହାସୁଳୀ ॥
ଶାର୍ଦ୍ଦୁଳ ବଦନୀ ସାତକୋଟି ଦେଖାଯାଏ ।
ସେ ଥାଟରେ ସେନାପତି ଗୋଳକମା ହୁଏ ॥
ନବକୋଟି ପଦ୍ମଚଣ୍ଡୀ ଉଲୂକ ରୂପିଣୀ ।
ତହିଁ ସେନାପତି ହେଲେ ସେ ଅଶ୍ୱମୁଖିଣୀ ॥
ନବଲକ୍ଷ ଚଣ୍ଡୀ ପୁଣ ବିରୂପା କେଶରୀ ।
ଅଷ୍ଟାଦଶ ମହାମାୟା ସେ ଥାଟ ଅଘୋର ॥
ନବପଦ୍ମ ଦେବୀ ଥିଲେ ବିକଟାଳ ମୁଖୀ ।
ସେ ଥାଟରେ ସେନାପତି ହେଲେ ସହସ୍ରାକ୍ଷୀ
କାକମୁଖୀ ଦେବୀ ଥିଲେ ସତୁର ଅଯୁତ ।
ବିରଜାଇ ସେନାପତି ତହିଁ ହେଲେ ପ୍ରାପ୍ତ ॥
ଚଉଷଠି ସହସ୍ର ଦେବୀ ନୂଆ ଅବତରେ ।
ସେ ଥାଟରେ ସେନାପତି ହେଲେ ଯୋଗେଶ୍ୱରୀ ॥
ସମସ୍ତଙ୍କ ମୂର୍ତ୍ତି ସାତସାଗର ବୋଲାଏ ।
ସେ ଥାଟରେ ସେନାପତି ଜୟଚଣ୍ଡୀ ହୋଏ ॥
ଷୋଳଲକ୍ଷ କୋଟି ଅଷ୍ଟବକ୍ର ମୁଖୀ ରହ ।
ଜୟା ବିଜୟା ତହିଁରେ ସେନାପତି ହୋଇ ॥
ଦକ୍ଷିଣାଈ ଉତ୍ତରାୟୀ ପଶ୍ଚିମୀ ବାରାହୀ ।
ପାତାଳବାସୀ ପୂର୍ବାୟୀ ସଞ୍ଜାୟୀ ବର୍ଣ୍ଣାୟୀ ॥
ଏହାଙ୍କର ମୂଳେ ହେଲେ ଅନେକ ଦେବତା ।
ସଂକ୍ଷେପେଣ କହିବାକୁ କସ ମୋ ଶକତି ॥
ଚଉଷଠି ଯୋଗିନୀ ନବକୋଟି କାତ୍ୟାୟନୀ ।
ସେ ସମସ୍ତ ଦେବୀଙ୍କର ଚରଣେ ବନ୍ଦିନୀ ॥
ସେ ଦେବୀମାନଙ୍କର ମୁଁ ଚରଣେ ଲୋଟଇ ।
ଶୂଦ୍ରମୂନ ଶାରଳା ଯେ ମୁକତି ମାଗଇ ॥
ଶୁଣ ହେ ପରୀକ୍ଷ ରଜା କହେ ଶୁକବ୍ରହ୍ମା ।
ଏକ୍ଷ୍ଣି ଅନେକ ଉତ୍ପତ୍ତି କଲେ ଦେବୀ ଉମା ॥

ପାତାଳ୍ପୁ ଅକାଶଯାଏ ଶୋଟି ସର୍ବକାୟେ
ଏକ ଶରୀରରୁ ବହୁମୂର୍ତ୍ତି ଜାତ ହୁଏ
ଅସୁର ସଇନକୁ ସେ ପ୍ରତିରୁନ୍ଧ କଲେ ।
ହେ ରେକାର ଶବଦରେ ପୃଥ୍ୱୀ କମ୍ପାଇଲେ ॥
ବହୁଚିର ବନ୍ଧ୍ୟଚିର ମଳୟ ଚିହ୍ନରେ ।
କୁଣ୍ଡଳ ଚିରବେ ପୂର ରହିଲେ ହର୍ଷରେ ॥
ମୁକୁଳିତ କେଶ କରେ କାତି ଯେ ଖପର ।
ଦୁର୍ଗା ମୁଖ ଚାହିଁ ମାଗୁଅଛନ୍ତି ଅହାର ॥
ଅସୁର ବଳକୁ ଦୁର୍ଗା ଦେଖାଇ ଅଙ୍ଗୁଷ୍ଠି ।
ଆଜ୍ଞା ଦେଲେ ଏମାନଙ୍କୁ ଖାଅ ଅଳ୍ପେ ବାଣ୍ଟି ॥
ମେଦ ମେଦା ମାଂସ ତୁମ୍ଭେ ସର୍ବେ ବାଣ୍ଟି ଖାଅ ।
ନ ଅଣ୍ଟଇ ବୋଲି ଅଦ୍ଭୁତ କରିଛ ନୂହ ॥
ଆଜ୍ଞା ଦେଲେ ଭ୍ରାନ୍ତ ନ କର ଗୋ ଏତେଙ୍କଛ ।
ଅସୁର ତୁମ୍ଭପାଇଁ କେତେ ସୈନ୍ୟ ଅଛ ॥
ଏମନ୍ତ ବୋଲି ବୋଇଲେ ଯହୁଁ ମହାମାୟୀ ।
ଯାଇଁ ଦେବୀମାନେ ଶ୍ୟେନପକ୍ଷୀପ୍ରାୟେ ହୋଇ ॥
ପର୍ବତ ତଳରେ ଥିଲେ ଅସୁର ସଇନ ।
ତେଉଁ ପଡ଼ିଲେ ପର୍ବତୁଁ ସକଳ ଯୋଗିନୀ ॥
ଦୁର୍ଗା ଅଜ୍ଞାଦେଲେ ଶୁଣ ନାରାୟଣୀ ଅଗେ ।
କାଳ ବିମୋଚନ ଥାଟ ହେଲା ତୋର ଭାଗେ ॥
ବାସେଳୀଙ୍କୁ ଶୁଣ ବୋଇଲେକ ଦେବୀ ଦୁର୍ଗେ ।
ସହସ୍ରଚିର ସଇନ ହେଲା ତୋର ଭାଗେ ॥
ଦୁର୍ଗା ହକାର ବୋଇଲେ ଅଗୋ ଉଗ୍ରତାରା ।
ତୋହର ଭାଗେ ହୋଇଲା ଭସ୍ମର ଅସୁର ॥
ତ୍ରିପୁରକୁ ହକାର ସେ ବୋଇଲେ ଭବାନୀ ।
ତୁ ଯାଇଁଣ ଭକ୍ଷ ଅଳ୍ପେ ପିଙ୍ଗଳା ସଇନ ॥
ଦୁର୍ଗା ବୋଇଲେ କୁଠାରୀ ଯାଅ ଗୋ ବହନ ।
ଭକ୍ଷଣ କର ସହସ୍ର ମୁଣ୍ଡର ସଇନ ॥
ପୁଣ ଆଜ୍ଞା ଦେଲେ ମାୟେ ଶୁଣ ଗୋ ତ୍ରିପୁରା ।
ତୁମ୍ଭେ ଭକ୍ଷଣ କରବ ଯାଇଁ ଲୋହଶରେ ॥
ଇନ୍ଦ୍ରାୟଣୀ ଦେବୀଙ୍କ ଯେ ହକାର ପାଶକୁ ।
ଆଜ୍ଞା ଦେଲେ ଖାଅ ଯମଦଣ୍ଡର ସୈନ୍ୟକୁ ॥
ଦୁର୍ଗାଦେବୀ ଆଜ୍ଞା ଦେଲେ ଶୁଣ ଗୋ ମରୁତି ।
ଜୟସିଂହ ଥାଟକୁ ତୁ ଖାଅ ଯାଇଁ ଧାଇଁ ॥
ସନ୍ଧିକୁ ହକାରଣ ବୋଇଲେ ଚଣ୍ଡିକା ।
ଯୋଜନବାହୁ ଥାଟକୁ ଖାଅ ତୁମ୍ଭେ ଏକା ॥

Digitized by srujanika@gmail.com

ଯୋଗକମାଙ୍କୁ ବୋଇଲେ ଦେଖି ସେ ମହମା ।
ଜଟାସୁର ଆଣ୍ଟ ଖାଅ ଦେଖାଇ ଗାରମା ॥
ପାଶକୁ ଡାକ ବୋଇଲେ ଅଲେ ଘଟବର ।
ହୁରୁବ ହୁରୁର ସୈନ୍ୟ ଖାଅ ଯା ଲୋ ମାର ॥
ଜଣେ ଜଣେ ନାମଧର ଯୋଗ୍ନୀ ଚଉଷଠି ।
ଦୁର୍ଗା ଅଜ୍ଞାଦେଲେ ଖାଅ ଅଲେ ମ୍ୟାକୁ ବାଛି ॥
ପୁଣି ବୋଇଲେ ଅସୁର ଦେଖିଲ ଅଳପ ।
ତେଣୁକର ଜାତ ମୁହିଁ କଲି ସୈନ୍ୟ ସ୍ୱଳ୍ପ ॥
ସମୁଦ୍ର ପର୍ବତ ଗିଳିଦେଲେ ନ ଅଣ୍ଟଇ ।
ଏ ଛାର କେତେମାତର ଅସୁର ଆଟହିଁ ॥
ଏସନକ ବାକ୍ୟ ଦୁର୍ଗାଠାରୁ ତହିଁ ଶୁଣି ।
ଗରୁଡ଼ ଅବେହ ବାହାରିଲେ ନାରାୟଣୀ ॥
ଦେବୀଙ୍କ ଦେଖିଲେ ଯହିଁ ଅସୁର ସଇନ ।
ଧାଇଁଲେ କୋପରେ କରେ ଗଦାବର ଘେନ ॥
ପିଟନ୍ତେଣ ଯୋଗ୍ନୀମାନେ ପାଚନ୍ତି ଯେ ମୁଣ୍ଡ ।
ପଡ଼ ଲୋହସାର ଗଦା ହୋନ୍ତି ଖଣ୍ଡ ଖଣ୍ଡ ॥
ଗଦାବର ଭାଙ୍ଗନ୍ତେଣ ଦୈତ୍ୟ ଶୂନ୍ୟ ହସ୍ତ ।
ଧାଇଁଣ କଙ୍କାଳୀ ଦେବୀ ଧରନ୍ତି ତ୍ୱରିତ ॥
ମୋଡ଼ଣ ବେକଖଣ୍ଡ ସେ କରନ୍ତି ତାହାଙ୍କୁ ।
ବଡାର ଅନ୍ତ କାଢ଼ନ୍ତି ଅସୁରଙ୍କ ବୁକୁ ॥
ରୁଧିର ପିଇ ସେ ମାଂସ ସ୍ୱଖେଣ ଖାଅନ୍ତି ।
ନାନାରଙ୍ଗରେ ନାଚଣ ଗୀତ ସେ ଗାବନ୍ତି ॥
ଅପାର କଉତୁକ ଯେ ଦେବୀଙ୍କର ନାଟ ।
ମେଦ ମେଦା ମାଂସରେ ସେ ବସାଇଲେ ହାଟ ॥
ନିର୍ଦ୍ଦୟ ଅସୁରଗଣ ନ ଦୁଷନ୍ତି ରଣେ ।
ଏକଜଣେ ପଡନ୍ତେଣ ଧାଇଁ ଶତେଜଣେ ॥
ଯେସନେ ଗଗନୁ ଝିପିପଡ଼େ ଜଳଧାର ।
ତେସନକ ସେ ଅସୁରେ ବର୍ଷନ୍ତି ଶର ॥
ଲକ୍ଷେ କୋଟି କୋଟି ବାରେ ବର୍ଷନ୍ତି ତୋଳ
ଗଗନରେ ଅଦୃଶ୍ୟ ଯେ ହେଲେ ଅଂଶୁମାଳୀ ॥
ଦେବୀଙ୍କର ସମରତ ଦେବେ ଅଗୋଚର ।
ଶରୀରେ ପଡ଼ଣ ଅସ୍ତ୍ର ହେଉଛନ୍ତି ଚୂର ॥
କୁନ୍ତ ମୁଦୁଗର ଚକ୍ର ବାବଲ ଶାବେଳ ।
ଦେବୀଙ୍କ ଶରୀରେ ପଡ଼ ହେଉଛନ୍ତି ଧୂଳ ॥
ବର୍ଷନ୍ତେ ଖିଳ ହଅନ୍ତି ଶର ତୀକ୍ଷ୍ଣ ମୁନା ।
ଅଙ୍ଗରେ ନ ଭେଦନ୍ତି ସେ ଯେଣୁ ବଜ୍ରସେଣ୍ଡା ॥

ସମର ସ୍ଥଳରେ ଦେବୀ ଅଟନ୍ତି ନର୍ତ୍ତୟେ ।
ଅସୁରଙ୍କୁ ମଣନ୍ତି ସେ ଛେଳପୂଥ ପ୍ରାୟେ ॥
ଦରଣ୍ଡି ଧର ଅକାଶ ମାର୍ଗେ ପିଙ୍ଗିଦ୍ୟନ୍ତି ।
ତୁଣ୍ଡ ତଳେ ପାତ ଗିଳିଦ୍ୟନ୍ତି ବେଗି ବେଗି ॥
ଏକ ଗିଳନ୍ତେ ଅନେକ ଛଅନ୍ତି ଉହୁଡ଼ ।
ପ୍ରଳୟ ଘଟ୍ଟଣ ପ୍ରାୟେ ଶୁଭୁଅଛି ରଡ଼ ॥
ଭୂମିରେ ଚରଣ ଦିଇ ଅକାଶ ମାର୍ଗରେ ।
ରଟମଟ କର ପାଟି ଲେହନ୍ତି ଦନ୍ତରେ ॥
ଧଙ୍କାସୁର ସୈନ୍ୟ ଅଶୀଲକ୍ଷ ଘୋଡ଼ା ଭୂଲେ ।
କୋଠାସ୍ର ଦେବୀ ମୁଖରେ ସମସ୍ତେ ପଡ଼ିଲେ ॥
ଅଶୀଲକ୍ଷ ଘୋଡ଼ା ସେହୁ ବନ୍ଧ ଏକ ମୁଖେ ।
ଅଗ୍ନି ଝଲକଇ ନାସିକଙ୍କ ମହା ତୀକ୍ଷ୍ଣେ ॥
ପ୍ରଳୟ ଅନଳ ପ୍ରାୟେ ସର୍ବ ମହାଚଣ୍ଡୀ ।
ସବୁ ଶର ପଶନ୍ତି ସେ ଦେବୀଙ୍କର ତୁଣ୍ଡ ॥
ଏଳମା ଗୋଳମା ଉରକମା ମାରକମା ।
ଦୈତ୍ୟବଳ ଭିତରେ ଯେ ଏହାଙ୍କ ଗାରିମା ॥
ଯୋଜନେ ଯୋଜନେ ବାହୁ ବଢ଼ାଇ ଦରଣ୍ଡି ।
ଖାଅନ୍ତି କେ ପାଞ୍ଚଶତ କେ ଶତେକ ଗଣ୍ଡି ॥
ଶୁଣ ହେ ପରୀକ୍ଷ ରଜା ଦେବୀଙ୍କ ମହିମା ।
ଏକେ ଏକେ କେତେ କାହା ମହିମା ଗଣିମା ॥
ଏକେ ଏକେ ପର୍ବତ ସମାନ ଗ୍ରାସେ ।
ଶତ ଦୁଇଶତ ଯାନ୍ତି ଦେବୀଙ୍କ ଗରାସେ ॥
ତୁଣ୍ଡରେ ଲଗନ୍ତେ ଚୂପିଦ୍ୟନ୍ତି ବେକପାଟ ।
ଅସ୍ଥି ମାଂସ ଚର୍ମ ସବୁ ଗୁଣ୍ଡା ହୋଇ ଉଠି ॥
ଏସନକ ଅନର୍ଥ୍ୟାପ ଦେବୀଙ୍କର କଥା ।
ସଂକ୍ଷେପି କହିବାକୁ କେ ପୁଣି ସାମରଥା ॥
ନାଚନ୍ତି ଗାବନ୍ତି ଧାମନ୍ତି ସେ କୁତୂହଳେ ।
ବଦବନ୍ତି ବକଟାକ୍ଷୀ ମହେଶ୍ୱ ବହିଲେ ॥
ମହା କୁତୂହଳେ ହୁଳହୁଳୀର ଶବଦେ ।
ପୃଥିବୀ କମ୍ପିଲା ଡାକେଶ୍ୱରଙ୍କର ନାଦେ ॥
ରଥ ଗଜ ଅଶ୍ୱ ଅନ୍ୟବଳ କର ଗିଳ ।
ରଣରଙ୍ଗ ରସରେ ସେ ସର୍ବେ ମରୁଅଳୀ ॥
କେ ଗଜ ଗିଳନ୍ତେ ଥୋର ରହର ବାହାରେ ।
କେ କଙ୍କାଳ ଖଣ୍ଡ ଗୃପେ ବାହାଡ଼ାଦାନ୍ତରେ ॥
କେ କାହାର ପାଦଠାରୁ ଧର ଗିଳି ଦେଇ ।
ହାତ ଛଟପଟ କରୁଥାନ୍ତି ବୃହିଁ ବୃହିଁ ॥

Digitized by srujanika@gmail.com

କେ କାହା ବୁଲୁ ଉକ୍ତନ୍ତେ ହୋଏ ଛଟଟେ ।
ଦନ୍ତେ ଧରି ଗୃପନ୍ତେଣ ଶୁଦ୍ଧେ ଝଟମଟ ॥
ଅଶୀଲକ୍ଷ ଯୋଦ୍ଧା ତୁଳେ ଧଙ୍କାସୁର ଥିଲା ।
ପ୍ରହରକ ମଧରେ ତା ଆଣ୍ଟ ନମଙ୍କିଲା ॥
ଏଳମା ଗୋଳମା ମାରିକମା ଯେ କୁଠାସି ।
ଏ ଗୃରହେଁ ଅଶୀଲକ୍ଷ ଆଣ୍ଟ ଭକ୍ଷ କରି ॥
ସଇନ ହତ ଦେଖିଣ ଧଙ୍କାସୁର ଉଠି ।
କୁଠାସି ଉପରେ ଲକ୍ଷେଶ୍ୱର ଗଦା ପିଟି ॥
ଦାନବ ପିଟନ୍ତେ ଦେବୀ ପାତଲେ ମଉଳ ।
ପର୍ବତ ସମାନ ଗଦା ପଡି ହେଲା ଧୂଳ ॥
ଗଦାବର ଭୁଜନ୍ତେ ସେ ହେଲା ଶୂନ୍ୟହସ୍ତ ।
ଭୁଣ୍ଡ ବିସ୍ତାରି ଧାଇଁଲା କ୍ରୋଧରେ ଦଇତ ॥
ସେ ଗୃହ ଦେବୀଙ୍କ ଧରି ଧଙ୍କାସୁର ଟିଳ ।
ନାସିକା ବାଟେ ବାହାର ହୋଇଲେ ସେ ବାଳୀ ॥
ଧାଇଁଅସି ଚରଣକୁ ଧଇଲେ ଗୋଳମା ।
ଓଠାର ଅର ଚରଣ ନେଲେ ମାରିକମା ॥
ବେନଭୁଜ ଝିକନ୍ତେଣ ସ୍ଥାଣରେ ଏଳମା ।
ବେନଫାଳ ହୋଇଲା ସେ ଅସୁର ବିକ୍ରମା ॥
ଗୃହଜଣ ଟିଳଲେ ଯେ କରି ଗୃହ ଖଣ୍ଡ ।
ଉଲ୍ଲାସ ହୋଇଲା ତହୁଁ ଚଉଦ ବ୍ରହ୍ମାଣ୍ଡ ॥
ଅକାଶରେ ଥାଇଣ ସେ ଦେବ ବେଦପତି ।
କୁଠାସିଙ୍କୁ ବହୁରୂପେ କଲେ ନତ ସ୍ତୁତି ॥
ଜୟ ତୁ କୁଠାସି କରବାଳୀ ବିକଟାକ୍ଷୀ ।
ପ୍ରସନ୍ନ ଜନରକ୍ଷିଣୀ ମାତଙ୍ଗୀ କାମାକ୍ଷୀ ॥
ଭକ୍ତଜନବତ୍ସଳା ଗୋ ଅଟୁ କାମସେଣା ।
ଦେବୀମାନଙ୍କ ମଧରେ ଅଟୁ ତୁ ଦୁଲ୍ଲଣା ॥
ଅପଦ ଦୁଃଖ ଅରିଷ୍ଟ ତୁହି ହାଦେ ଖଣ୍ଡ ।
ତୋହର କୁଠାରେ ମାତ ଭୁବନକୁ ମଣ୍ଡ ॥
ଇଶ୍ୱର ହୃଦୟରୁ ତୁ ଅନଙ୍ଗମୋହନୀ ।
ପ୍ରସନ୍ନ ମାହେଶ୍ୱରୀ ଗୋ ପାତକନାଶିନୀ
ମାଗୋ ଧଙ୍କାସୁର ଗିଳୁଥିଲା ତପିମାନ ।
ସେ ହେତୁ ନଷ୍ଟ ହୋଇଲା ଜପ ତପ ସ୍ଥାନ ॥
ତପିମାନଙ୍କୁ ସେ ଗିଳୁଥିଲାତ ଅଦ୍ୟାପି ।
ଧଙ୍କାସୁର ଦର୍ପେ ନାଶ ଗଲେ ସର୍ବ ତପୀ ॥
ତପିମାନଙ୍କ ଅଶ୍ରମ କଲୁ ତୁ ଗୋ ରକ୍ଷା ।
ଭକ୍ତଜନଙ୍କର ପୂରାଇଲୁ ମନୋବାଞ୍ଛା

ଧଙ୍କ ସୁର ଦୈତ୍ୟ ଯହୁଁ ହୋଇଲା ନିଧନ ।
ତପମାନେ ରହିବେଟି ଯେଝା ତପଃସ୍ଥାନ ॥
ସେ ଧଙ୍କାସୁରକୁ ପେଟିଦେଲୁ ଯମପୁର ।
ଚୌଦ ବ୍ରହ୍ମାଣ୍ଡକୁ ଦେଲୁ ତୁ ଅଭୟ ବର ॥
ତେଣୁ ତୋତେ ଚତୁର୍ମୁଖ କଲେ ବହୁସ୍ତୁତି ।
ମୁହିଁ ମାନବ ଜନ୍ମେ କି ହୋଇବି ଭକତି
ଶ୍ରୀକୁଠାଶି ଦେବୀଙ୍କର ପାଦପଦ୍ମେ ସେବା ।
ଦ୍ୱିଜମୁନି ଶାରଳାକୁ ଗତି ମୁକ୍ତି ଦେବା ॥
ଶୁଣ ହେ ପରୀକ୍ଷ ରଜା କୁଠାସି ମହିମା ।
ମୋହନମନ୍ତ୍ର ତାହାଙ୍କୁ ଦେଲେ ବେଦବ୍ରହ୍ମା ॥
ଧଙ୍କାସୁର ନାଶ ଦେଖି ଦୈତ୍ୟ ନିଅମ୍ଭକା ।
ଅଷ୍ଟବଜ୍ର ହୋଇ ସବେ ଧାମଇଁ ସେ ଏକା ॥
ଅକାଶରେ ଲାଗିଅଛି ନିଅମ୍ଭକା ଶିର ।
ଯୋଜନେ ଯୋଜନେ ଲମ୍ବ ତାର ବେନିକର ॥
ମହାପୃରେ ଓଷ୍ଠ ତାର ଅକାଶରେ ପାଟି ।
ଶୂନ୍ୟ ଭୁବନ ସକଳ ତାର ଦେହ ଘୋଟି ॥
ଅଧଚ୍ୟ ଅଦୃଶ୍ୟ ହେଉଛନ୍ତି ଶୂନ୍ୟମାର୍ଗେ ।
ନିଅମ୍ଭକା ମୂରତକୁ ଦେଖି ଦେବୀ ଦୁର୍ଗେ ॥
ବିଗୁଡିଲେ ଅସୁରଙ୍କ ମଧ୍ୟେ ଏ ଗାରିମା ।
ନିଅମ୍ଭକାସୁରକୁ ମାରି ଅଛେ ମାରିକମା ॥
ଦୁର୍ଗା ଅଙ୍କରେ ସେ ମାରିକମା ବେଗେ ଉଠି ।
ବାମକରେ ତ୍ରିଶୂଳ ଯେ ଦକ୍ଷକରେ ଯଷ୍ଟି ।
ଧନୁଶର କୁଠାର ଯେ ଖଡ୍ଗ ଗଦା ଧରି ।
ମହାମଣ୍ଡ ବ୍ୟାଘ୍ର ପିଠିପରେ ବିଜେ କରି ॥
ଲହ ଲହ ଜିହ୍ୱା କରି ଧାଏଁ ଶାକମ୍ଭରୀ ।
ନିଅମ୍ଭକାସୁର ସମ କାୟାକୁ ବିସ୍ତାରି ॥
ବ୍ରହ୍ମାଣ୍ଡ ଘୋଟିଛି ସେହି ଦୈତ୍ୟ କାମରୂପୀ ।
ତା ଉପରେ ବଜ୍ରଶୂଳ ଘେନି ଦେବୀ କ୍ଷେପି ॥
କୋଟିଏ ସୂର୍ଯ୍ୟର ତେଜ ଦେଖି ଦୁଷ୍ଟଦୈତ୍ୟ ।
ପଦ୍ମନ୍ତେଣ ଶୂଳକୁ ସେ ଧରେ ବେନି ହାତ ॥
ସେହି ଶୂଳ ନେଉଠାଇ ବୁଲାଇ ପିଟିଲା ।
ମାରିକମାର ଲଲାଟ ପାଟିରେ ପଡିଲା ॥
ପର୍ବତେ ବର୍ମିଲେ ପଡ଼ନ୍ତେଣ ମହା ଶୂଳ ।
ସହସ୍ରେ ଖଣ୍ଡ ହୋଇଣ ପଡ଼େ ଭୂଜ ତଳ ॥
ଶୂଳ ଭୁଜନ୍ତେଣ ପ୍ରସବଇ ସେ ପାପିଷ୍ଠ ।
ବଜ୍ର ମୁଦଗର ଘେନି ପେଟିଲା ଦର୍ପିଷ୍ଠ ॥

Digitized by srujanika@gmail.com

ମାରକମା ଉପରରେ ପଞ୍ଚ ବଜ୍ରବାଣ ।
ଗୁଣ୍ଡ ଗୁଣ୍ଡ ହୋଇ ସେ ପଡ଼ିଲା ତତକ୍ଷଣ ॥
ଅନେକ ଧନୁ ଧାଇଁଲା ତ୍ରିଅମ୍ବିକା ପୁଣ ।
ଦେବୀଙ୍କ ଉପରେ ନେଇ ପକାଇ ତତକ୍ଷଣ ॥
ଲୋହସାର ପରାଶକ୍ତି ଦେବୀ ବଜ୍ରଶେଳ୍ଠା ।
ଅଭେଦ କବଚେ ପଡ଼ି ଶସ୍ତ୍ର ହୋନ୍ତି ଚୂନା ॥
ଅନଳବାଣ ପେଷିଲା ତ୍ର୍ୟମ୍ବିକା ପ୍ରାରବ ।
ମାରକମା ଶରୀରରେ ପଡ଼ି ଅଗ୍ନି ଲିଭି ॥
ଲୁହା ଗଦା କୋଟିଏକ ସହସ୍ର ଯେ ଭାର ।
ତାହାଙ୍କ ପିଟିଲାକ ଦେବୀଙ୍କ ଉପର ॥
ସେ ଗଦା ପଡ଼ିଲା ଯାଇଁ ଦେବୀଙ୍କର ପିଠି ।
ଗିରିବର ସମ ଗଦା ପଡ଼ି ଧୂଳି ଉଠି ॥
ପବନୁ ବେଗେ ସାବେଳ ଭେଜଣ ପ୍ରହାର ।
ଯଷ୍ଟି କୁନ୍ତ ମୁଦ୍ଗର ତ୍ର୍ୟମ୍ବିକାସୁର ମାର ॥
ସମର କରନ୍ତେ ହୋଇ ତନସତ ସନ୍ଧି ।
ଶସ୍ତ୍ରମାନଙ୍କ ଘାତେ ଅଗ୍ନି ଝଲକନ୍ତି ॥
ଲୋହିତ ବର୍ଣ୍ଣ ପରାକ୍ରେ ଦିଶେ ରଣଭୂମି ।
ଗର୍ଜନ୍ତି ଦାନବ ବଳ ବଳେ ଉତକର୍ମୀ ॥
ସହସ୍ରେ ବାର ପ୍ରହାର କଲା ତ୍ରିଅମ୍ବିକା ।
ବିଫଳ ହୋଇବା ଦେଖି ହୋଇଲା ତାଟକା ॥
ଶସ୍ତ୍ରସବୁ ଭଙ୍ଗନ୍ତେଣ ହେଲା ଶୂନ୍ୟହସ୍ତ ।
ପର୍ବତ ପ୍ରାୟେକ ଉଭା ହୋଇଛି ଦଇତ ॥
ନବନଶିଲୁନ୍ତି ମାରକମା ଯେ ମାଇଲେ ।
ଅସୁର ଦେହେ ପଡ଼ନ୍ତେ ଚେତାଶୂନ୍ୟକଲେ ॥
ଯେତେବେଳେ କୁନ୍ତ ଯାଇ ତା ଦେହରେବାଜ ।
ଛଡ଼ ହୋଇ ପଡ଼ିଲାକ ଦୈତ୍ୟ ଗଳଗାଜ ॥
ମାରକମା ମାତୃବଶେ ତାର ବକ୍ଷସ୍ଥଳେ ।
ଭୁକୁ ଚୀର ଅନ୍ତ୍ର କାଢ଼ି ଲମ୍ବାଇଲା ଗଳେ ॥
ପାଦେ ପାଦ ମାଡ଼ି ଅର ପାଦ ଉଚ୍ଛୁଡ଼ିଲା ।
କୋପେ ବେନି ଫାଳ କରି ଚୀର ପକାଇଲା ॥
ଅସ୍ଥି ଚର୍ମ ମାଂସ ରକ୍ତ କ୍ଷେପି ଗର୍ଭଗତେ ।
ଅସୁର ସୈନ୍ୟ ସହିତେ ଗିଳିଲା ତ୍ୱରିତେ ॥
ତ୍ରିପୁର ଜଣିପାରଇ ଯେଉଁ ତ୍ରିଅମ୍ବିକା ।
ମାରକମା ଦେବୀ ତାକୁ ଗିଳିଦେଲେ ଏକା ॥
ଅନେକ ରୂପେ ଉତ୍ପତ ହେଲା ମହାଦେବୀ ।
ଅମୃତ ବୃଷ୍ଟି କରଣ ମାରକମା ସେବି ॥

ଜୟ ତୁ ମାରକମା ଗୋ ରଖିଲୁ ସଂସାର ।
ଅତିବଚନ ତୋର ଏ କୌତୁକ ସମର ॥
ଜୟ ତୁ ମାରକମା ଗୋ ଅସୁର ବିନାଶି ।
ଜୟ ତୁ ମାରକମା ଗୋ ଦେବଙ୍କୁ ଉଶ୍ୱାସି ॥
ଜୟ ତୁ ମାରକମା ଗୋ ତ୍ର୍ୟମ୍ବିକା ସଂହାରି ।
ଜୟ ତୁ ମାରକମା ଗୋ ଅନ୍ଧ ଶାକମ୍ଭରୀ ॥
ମାରକମା ଦେବୀଙ୍କର ଚରଣ ଯୁଗଳେ ।
ଶୂଦ୍ର ସୁତ ଶାରଳାର ଚିର ସଦା ଲୁଳେ ॥
ତ୍ରିଅମ୍ବିକା ଅସୁର ଯେ ପଡ଼ିଲାକ ରଣେ ।
ଅନେକ ଉତ୍ପତ ହେଲେ ଦେଖି ଦେବଗଣେ ॥
ପଞ୍ଚଷଷ୍ଟି ସାଗର ଯେ ତ୍ରିଅମ୍ବିକା ଥାଟ ।
ଏକୁ ଏକ ଦାନବ ସେ ଅତ୍ୟନ୍ତ ଗରିଷ୍ଠ ॥
ପାଶ ପରଶୁ କୁଠାର ଗଦା ଘେନି ଉଠି ।
ନାନା ଅସ୍ତ୍ର ମାରକମା ଉପରେଣ ପିଟି ॥
ଦେଖିଲେ ସେ ଦୈତ୍ୟ ବଳ ମହାତେଜାସ୍ୱାନ ।
ତିନିକୋଶ ଓସାରରେ ଛନ୍ତି ପରିପୂର୍ଣ୍ଣ ॥
ବନ୍ଧ୍ୟଗିରିରୁ ପଡ଼ିଲେ ଦେବୀ ତହିଁ ହୋଇଁ ।
ଗୁଣ୍ଡ ଗୁଣ୍ଡ କ୍ଷଣକରେ ସବୁ ଦେଲେ ଖାଇ ॥
ଯେସନେକ ପର୍ବତରୁ ପଡ଼େ ଜଳ ଖସି ।
ନିଶ୍ୱାସ ଟାଣନ୍ତେ ଗର୍ଭ ମଧ୍ୟେ ଯାନ୍ତି ପଶି ॥
କେ ଶର ମାରନ୍ତି ହାଣନ୍ତି କେ ଧରି ଖଣ୍ଡା ।
କେ କୁନ୍ତ ଶକ୍ତି ମାରଇ କେବଣ ଗୁମଣ୍ଡା ॥
ମାରିବା ଶସ୍ତ୍ର ସମସ୍ତ ପଶୁଛନ୍ତି ଗର୍ଭେ ।
ଭୁଣ୍ଡ ନ ଶୁଣାନ୍ତି ପୁଣ ଥାନ୍ତି ମତ୍ତଗର୍ବେ ॥
ଏକାକେ ଖାଆନ୍ତି ପାତାଳରେ ଦେଇ ପାଟ ।
ଗର୍ଭେ ପଶନ୍ତି ଅସୁର ବଳ ଲକ୍ଷ କୋଟି ॥
ପଞ୍ଚଷଠି ସାଗର ଯେ ତ୍ରିଅମ୍ବିକା ବଳ ।
ନବଘଡ଼ିର ମଧ୍ୟରେ ପଡ଼ିଲେ ସକଳ ॥
ରକତ ମଦାଏ ନାହିଁ ହାତ ଗୋଡ଼ ମୁଣ୍ଡ ।
ଭୂମିରେ ପଡ଼ିବା ନାହିଁ କାହାର ସେ ପିଣ୍ଡ ॥
ଅସ୍ଥି ଚର୍ମ ଅନ୍ତ୍ର ଅନ୍ଧ ରକତ ଯେ ମାଂସ ।
ସମସ୍ତ ଭକ୍ଷଣ କଲେ ନ ରହିଲା ଶେଷ ॥
ଏମନ୍ତ ପ୍ରକାର ଅଟେ ଚଣ୍ଡୀଯୁଦ୍ଧ କଥା ।
ମାନବ ଜନମ ହୋଇ କେ ଏହା ଲେଖନ୍ତା ॥
ବଜ୍ରାଙ୍ଗ ଦଇତ ପୁଣି ଭସ୍ମର ଅସୁର ।
ଏ ଦୁହିଙ୍କ ଦୁଳେ ଯୋଦ୍ଧା ପନ୍ଦର ସାଗର ॥

Digitized by srujanika@gmail.com

ରଣରଙ୍ଗରେ ଅସୁରେ ମହାମତ୍ତେ ଗର୍ଜ ।
ବଜାଙ୍ଗ ଭାସ୍କରସୁର ଦୁହେଁ ଗଳଗାଜ ॥
ଯେସନେକ ସିନ୍ଧୁ ଆସେ ଅତବାଉଳ କୂଳ ।
ତେସନ ବେଷ୍ଟିଲେ ଯାଇଁ ସେ ଦେବୀ ମଣ୍ଡଳ ॥
ଦେଖିଲେ ଅସୁରଙ୍କର ଦର୍ପ ମହାତେଜ ।
ବସୁବଲେ କାହିଁ ନାଶ ହୋଇବେ ଦନୁଜ ॥
ଏମନ୍ତ ଭାଳ ଶ୍ରୀଦୁର୍ଗା ଦେବୀ ପରଚଣ୍ଡୀ ।
କଟିଭାଗୁଁ ଜାତ କଲେ ଦେବୀ ରାମଚଣ୍ଡୀ ॥
ଜୟଚଣ୍ଡୀ କୁମାରୀ ମାରୁଣୀ ଅମରାକ୍ଷୀ ।
ସୁନାକ୍ଷୀ ରୂପାକ୍ଷୀ କାମନାକ୍ଷୀ ବଜୁଳାକ୍ଷୀ ॥
ଝଂଝାଶୁଣୀ ଶୂଳେ ଦଶକୋଟି ଜନମିଲେ ।
ଶ୍ରୀ ଦୁର୍ଗତ ତାରଣୀ ଯେ ତାଙ୍କୁ ଆଜ୍ଞା ଦେଲେ ॥
ତୁମ୍ଭେ ଦଶଜଣ ଅଟଳ ଏହୁଷଣି ଯାଅ ।
ବଜ୍ରାଙ୍ଗ ଭାସ୍କର ଦୈତ୍ୟ ବଳ ସବୁ ଖାଅ ॥
ମିଶିଲେ ମା ଆଜ୍ଞାପାଳ ଦଶ ଗୋସାମଣୀ ।
ବ୍ରହ୍ମାଣ୍ଡ ଘୋଟିଲେ ଶ୍ୟେନପକ୍ଷୀ ଯୂଥ ଜାଣି ॥
ଶୁଣ ପରୀକ୍ଷ ରାଜା ଏ ଚଣ୍ଡୀଙ୍କ ମହିମା ।
ଯୁବା ବୟସ ପରାୟେ ହେଲେ ସର୍ବ ବାମା ॥
ନାଗରୀ ଯେମନ୍ତେ ଅସେ ନାଗରର ସଙ୍ଗ ।
ନାନାରୂପେ ଅରମ୍ଭ ସେ କଟକ ପ୍ରେମରଙ୍ଗ ॥
ସେହିରୂପେ ଦେଖାଇଲେ ସେ ଅଙ୍ଗ ବଭଙ୍ଗ ।
କାମଶର ଭେଦିଲା ସେ ଅସୁରଙ୍କ ଅଙ୍ଗ ।
ମଦନ ବାଣରେ ସେହୁ ହେଲେ ଅସାକ୍ଷମ ।
ଶସ୍ତ୍ର ପକାଇ ଅସୁରେ ହେଲେ ମତିଭ୍ରମ ॥
ମାତଙ୍ଗୀ କାମାକ୍ଷୀ ମୋହନୀ ଯେ କାମସେଣା ।
ଦେଖି ଦୈତ୍ୟେ କାମେଅନ୍ଧ ହେଲେ ସର୍ବେଜଣ ।
ଶୃଙ୍ଗାର ଦେବ ବୋଲି ସେ ଅଣିଲେକ ଭଣ୍ଡି
ବିନ୍ଧ୍ୟଗିରି ଫୋଟେନେଇ ଭରଲେକ ଚଣ୍ଡୀ ॥
ସଙ୍ଗାତ ସଙ୍ଗାତ ବୋଲି ଭ୍ରେଟଳ କଲେ କୋଳ ।
ନଖ ରୁଡାଇ ବୁକୁରେ କଲେ ବେନିଫାଳ ॥
ଅକାଶକୁ ଫିଙ୍ଗି ତଳେ ଦେଲେ ପାତ ତୁଣ୍ଡ ।
ଗୃପନ୍ତେ ଦନ୍ତେଣ ଧ୍ୱଜ ହୋନ୍ତି ଗୋଡ଼ମୁଣ୍ଡ ॥
ହସ୍ତେ ହସ୍ତ ଧର କେହୁ ମୁଖେ ଚୁମ୍ବ ଦ୍ୟନ୍ତି ।
ତୁଣ୍ଡ ଭିତରେ ଭରଣ ମୁଣ୍ଡକୁ ଗେହ୍ଲାନ୍ତି ॥
ଆଉ ଜଣେ ଅସି ଖଣ୍ଡେ ଉଚ୍ଛୁଡ ଘେନଇ ।
ତାହାଠନ୍ତୁଁ ଅସି ଅନ୍ୟ ଉଚ୍ଛୁଡଣ ନେଇ ॥
ଏକ ଜନ୍ମହନ୍ତେ ଅନ୍ୟ ଭ୍ରୁଣ୍ଡକୁ ପାତଇ ।
ନାନା କୌତୁକ ଲଗାଇ ଯାଅନ୍ତି ସେ ଖାଇ ॥
ଏକା ଗରାଏକେ ଲକ୍ଷେ ଲକ୍ଷେ ଜଣ ଖାଇ ।
ତଥାପିହିଁ ତାହାଙ୍କର କ୍ଷୁଧା ତ ନ ଯାଇ ॥
ସୈନ୍ୟବଳ ସମସ୍ତେତ ପାଇ ଅପରସ୍ତେ ।
ଶ୍ୟେନ ପକ୍ଷୀ ପରାୟେକ ହେଲେ ମହାମାୟେ ॥
ଜୟଚଣ୍ଡୀ ନାମଧାରୀ ଯେଉଁ ଚଣ୍ଡୀ ଗୋଷ୍ଟି ।
ସମୁଦ୍ର ସମାନ ତାକୁ ରୁଧିର ନ ଅଣ୍ଟି ॥
ସଙ୍ଗ୍ରାମ ନ କଲା ସେହୁ ମୋହ ଏକା ଜଣେ ।
ସବୁନ୍ତି ମାରଲା ସେହୁ ମୋହଶର ବାଣେ ।
ସେ ଅସୁର ସଇନ୍ୟକୁ ଲାଗିଲା ଭେଳକ ।
ହେନା ଯୁଦ୍ଧେ ନାଶ କଲେ ଦେବୀ ସେ ଜାମାକ୍ଷୀ ॥
ବାକ୍ପତୀ ବାଘାକ୍ଷୀ ମସରାକ୍ଷୀ ଦୁଲଣାକ୍ଷୀ ।
ସମାକ୍ଷୀ ଆଉ କୁବରାକ୍ଷୀ ସୁନାକ୍ଷୀ ତରାକ୍ଷୀ ॥
ଲକ୍ଷାକ୍ଷୀ ଏହାଙ୍କୁ ଡାକ କର ପାଶେ ବେଗେ ।
ଅସୁରଙ୍କୁ ଖାଅ ବୋଲି ଆଜ୍ଞା ଦେଲେ ଦୁର୍ଗେ ॥
ଏସନେକ ଆଜ୍ଞା ଯହୁଁ ଦେଲେ ଜଗନ୍ମାତା ।
ଅକାଶକୁ ଖେପନ୍ତି ସେ ନ ଯାଇ ଗଣିତା ॥
ମର ମାର ବୋଲି ଉଗ୍ରତାରୀ ମାରକମା ।
ବେଗେ ବେଢ଼ି ଦୈତ୍ୟଙ୍କର ଭାଙ୍ଗିଲେ ଗାରିମା ॥
ବଜେକଣ୍ଠିକଟାରି ଯେ ହସ୍ତେ ଧରି ଖଣ୍ଡା ।
ଭଇରବୀ ଚର୍ଚ୍ଚିକାଇ ବାସେଳୀ ଗୃମୁଣ୍ଡା ।
ଅମ୍ବିକା କୁଠାରୀ ମୂଳେ ଅଠାଇଶ ଚଣ୍ଡୀ ।
ରୁଧିର ସିନ୍ଦୂରେ ସମସ୍ତଙ୍କ ମୁଖ ମଣ୍ଡି ॥
ଶୁଣ ହେ ପରୀକ୍ଷ ରାଜା ଶୁକମୁନି ବୋଲେ ।
ଅଠାଇଶ ଦାନବଙ୍କ ଉପରେ ଲାଗିଲେ ॥
କତା ମୃଦଙ୍ଗ ମର୍ଦ୍ଦଳ ଧମୁରି ସୌରଣ୍ଡି ।
ବଜାଇ ମତ୍ତରଙ୍ଗରେ ନାଚ ଖେମଟା ନାଟ ॥
ଅପଡ଼ ବନାକିନୀ ସେ ମଦ୍ୟପାନେ ଜଡ଼ ।
ବ୍ରହ୍ମାଣ୍ଡ ଉଛୁଡ଼ୁ ଅଛ ମୁଖ ସବ ବଡ଼ ॥
ଅସୁରଙ୍କ ସମରକୁ ନ କରନ୍ତି ଭୟେ ।
ବଜ୍ରରେ ନିର୍ମିତ ଅଟେ ଦଇତଙ୍କ କାୟେ ॥
ସମର କରନ୍ତି ବେନିବଳ ଏକ ହୋଏ ।
ବନ୍ଧନ୍ତି କୋପେ ନାଗର ଅସୁରେ ନିର୍ଭୟେ ॥
ଘୋର ଯୁଦ୍ଧ କରନ୍ତେଣ ଦ୍ୱିପ୍ରହର ଗଲା ।
ବଜ୍ରତାରୀ ବେନିଲକ୍ଷ ଦାନବ ଗିଳିଲା ॥

Digitized by srujanika@gmail.com

ଏକାବେଳେ ତୋଳକରି ଧରନ୍ତି ଦଶଣ୍ଡି ।
ଯୋଜନେ ଯୋଜନେ ଲମ୍ବ ତାଙ୍କ ଭୁଜଦଣ୍ଡି ॥
ଲକ୍ଷେ ଦୁଇଲକ୍ଷ କୋଟି ମର୍ଦ୍ଦିତ ଦାନବ ।
କାଳରୌଦ୍ର ପେଟରେ ଯେ ଏତେ ହୁଏ ଠାବ ॥
ଏମନ୍ତେ ସେ ଏକେ ଏକେ କେତେ ଦୈତ୍ୟଗିଳି ।
ଶିରମାନ ଦେଖାଯାନ୍ତି ବାହାରେ ନିକଳି ॥
କୋଷ୍ଠାନଳ ଅଗ୍ନି କାଳ ଅନଳ ବହ୍ନି ।
ପିଙ୍ଗଳ ଜ୍ୱାଳାଅନଳ ଜାଣି ମହା ଅଗ୍ନି ॥
ମହାଘୋର ରୌଦ୍ର ଯେ ସେ ପ୍ରକାଶନ୍ତି ଜାଣି ।
ଦଗ୍ଧ ଅନଳ ବଡ଼ବା ଅନଳ ବହ୍ନି ॥
ଯୋଗାନଳ ମହା ଅଗ୍ନି ସେ ଦିବ୍ୟ ଅନଳ ।
କାଳାନଳ ବୈଶ୍ୱାନର ଜୋହୁତ ପିଙ୍ଗଳ ।
ଏ ଅଗ୍ନିମାନେ ଥାଆନ୍ତି ଦେବୀଙ୍କର ପେଟେ ।
ପଡ଼ିଲେ ଦହନ ହୁଅନ୍ତି ଗିଳିଲେ ନ ଅଣ୍ଟେ ॥
ରାମଚଣ୍ଡୀ ଜୟଚଣ୍ଡୀ ଉଦର ବହ୍ନି ।
ଏଥିକୁ ଅସୁରେ ହେଲେ ଘୃତସମ ଜାଣି ।
କୁଠାଶ୍ୱ ବ୍ୟାଘ୍ରବଦନୀ ଚର୍ଚ୍ଚିକା ବାସେଳୀ ।
ପ୍ରଳୟ ପ୍ରାୟ ଅସୁର ସଇନକ୍ଷି ଜଳ ॥
ସଇନ ପଡ଼ନ୍ତେ ସେ ଯେ ବଜ୍ରାଙ୍ଗ ଅସୁର ।
କୋଟି କୋଟି ବଳ ସଙ୍ଗେ ଧରି ବୀରବର ॥
ପାଞ୍ଚ ପାଞ୍ଚ କୋଟିଶର ବନ୍ଧ ତୀକ୍ଷ୍ଣମୁନା ।
ମେରୁ ମର୍ଦ୍ଦନ ଅଟଇ ଯାହାଙ୍କର ବାନା ॥
ରାମଚଣ୍ଡୀର ସଂଗ୍ରାମ ବଜ୍ରାଙ୍ଗର ତୁଲେ ।
ଜୟଚଣ୍ଡୀ ଯେ ଅସୁର ତୁଲରେ ଯୁଝିଲେ ॥
ଆଉ ଦେବୀମାନେ ସର୍ବେ ପଡ଼ିଲେକ ମାଡ଼ି ।
ଅସୁରବଳ ଭକ୍ଷିଲେ ଦନ୍ତରେ କାମୁଡ଼ି ॥
ଦୈତ୍ୟେ ନାଗର ବନ୍ଧନ୍ତି ହୋଇ ଏକମୁଖ ।
ବଢ଼ାଇ ଦୁର୍ଗପଦରେ ଖାଇ ବହୁ ଦୁଃଖ ॥
ରୁଧିରରେ ବଲେପନ ଦେବୀଙ୍କର ଅଙ୍ଗ ।
ଅବଶାନ୍ତ ସମର ସେ କରି ରଣରଙ୍ଗ ॥
ଶୁଣ ହୋ ପରୀକ୍ଷ ରାଜା ବଜ୍ରାଙ୍ଗର ତୁଲେ ।
ରାମଚଣ୍ଡୀ ମହା ଘୋର ଯୁଦ୍ଧ ଆରମ୍ଭିଲେ ॥
ନାହିଁ ନୋହିଲା ନଥିବ ବ୍ରହ୍ମାଣ୍ଡ ଭିତରେ ।
ଦେବଙ୍କ ଦୁର୍ଲ୍ଲଭ ମାନବରେ ଅଗୋଚର ॥
ଏକାଦଶମୁଖା ଶର କାଳାନ୍ତକ ଶକ୍ତି ।
ବଜ୍ରାଙ୍ଗ ମାରିଲା ନେଇ ହୋଇ କୋପମତି ॥

ବାରୁଣା ଶସ୍ତ୍ର ମାରିଲେ ଦେବୀ ରାମଚଣ୍ଡୀ ।
ମହାରୁଦ୍ର ଶରେ ଦୈତ୍ୟ ହୋଇଲାକ ଖଣ୍ଡି ॥
ରଣରଙ୍ଗ ଅନ୍ଧାଳାରେ ବଜ୍ରାଙ୍ଗ ଦଇତ ।
ରାମଚଣ୍ଡୀ ଉପରେ ପ୍ରହାରେ ପର୍ବତ ॥
ଅନ୍ତରୀକ୍ଷେ ଚୁଲ୍ଲାଇଣ ପିଟେ ଦେବୀ ମୁଣ୍ଡ ।
ଟେଲା ବାଜିଲା ପ୍ରାୟେ ସେ ହେଲା ଖଣ୍ଡ ଖଣ୍ଡ ॥
ପର୍ବତ ଭାଜନ୍ତେ ଦୈତ୍ୟ ହେଲା ଅତି ରାଗ ।
ରାମଚଣ୍ଡୀ ଧାଇଁ ଶୂଳ ମାରିଲେକ ବେଗ ॥
ବକ୍ଷସ୍ଥଳରେ ପଡ଼ିଲା ସେ ଶୂଳ ଶକତ ।
ହୃଦେ ପଡ଼ି ଫୁଟି ଗଲା ସେହୁ ପିଠିକତ ॥
ରାବଣ ଦାନବ ହେଲା ଯେ ଉତ୍ତାନଶାୟୀ ।
ବକ୍ଷସ୍ଥଳେ ମାଡ଼ି ବସିଲେକ ମହାମାୟୀ ॥
ଶୁଣ ହୋ ପରୀକ୍ଷ ରାଜା ଶୁକମୁନି ବୋଲେ ।
ଏତେହେ ଏତେହେ ଦଇତେ ଯେ ଅଟନ୍ତି ନ ଶଗଲେ ॥
ନବସପ୍ତବର୍ଷ ତପ ବ୍ରହ୍ମାଙ୍କୁ ତୋଷିଲା ।
ଅଜେୟ ବରପାଇଣ କ୍ଷଣେ ନାଶ ଗଲା ॥
ବଜ୍ରାଙ୍ଗ ଦୈତ୍ୟକୁ ମାରିଲେକ ବଜ୍ରଶକ୍ତି ।
ତେବେ ଯାଇଁ ହେଲା ତାକୁ ମୃତ୍ୟୁ ପରାପତି ॥
ବଜ୍ରାଙ୍ଗ ରଣେ ପଡ଼ିବା ଦେଖି ଦେବଲୋକେ ।
ରାମଚଣ୍ଡୀ ଶିରେ ପୁଷ୍ପ ବର୍ଷିଲେ ଉତ୍ସୁକେ ॥
ସମସ୍ତ ଦେବତାମାନେ ମିଳି କଲେ ସ୍ତୁତି ।
ଜୟ ତୁଗୋ ପରମାର୍ଥି ନମୋ ଅଦ୍ଭୁତମୂର୍ତ୍ତି ॥
ଶ୍ରୀ ରାମଚଣ୍ଡୀ ଚିନ୍ତିଲେ ପିଟଇ ଦୁର୍ଗତି ।
ନାମ ସ୍ମରନ୍ତେ ହୁଏ ଦୁର୍ଲ୍ଲଭ ସୁଗତି ॥
ଅନ୍ତ ବ୍ରତେ ଭଜିବାକୁ ହେଉ ପରକାଶ ।
କଳିଯୁଗରେ ଖଣ୍ଡନ କରୁ ପାପ ଦୋଷ ॥
ଯା ନାମ ଧରନ୍ତେ ଯମ ଅର୍ଗଳ ଭାଜଇ ।
ଦରିଦ୍ର ଦୁଃଖ ଯାଇଣ ସୁଖ ଉପୁଜଇ ॥
ସେ ତାରିଣୀ ରାମଚଣ୍ଡୀ କରୁ ଏବେ ରକ୍ଷା ।
ହୃଦଗତେ ଚନ୍ଦ୍ର ନରେ ଲଭୁ ମନବାଞ୍ଛା ॥
ଯୋଗେଯୋଗେଶ୍ୱରୀ ସେଯେ ଜଗଜ୍ଜନମାୟେ ।
ସ୍ମରନ୍ତେ ମାତଙ୍ଗୀଙ୍କି ଅଭୟ ସେ ଦିଏ ॥
ଦୁର୍ଗାଙ୍କର ଚରିତ ଯେ ପଢ଼ନ୍ତି ଶୁଣନ୍ତି ।
କି ଅବା ନିର୍ମଳ ମନେ ହୃଦୟେ ଗୁଣନ୍ତି ॥
ଭଜନ ସ୍ମରଣ କଲେ ପାପ ହୁଏ କ୍ଷୟେ ।
ଅପଦ ଅରିଷ୍ଟ ଖଣ୍ଡିଦ୍ୟନ୍ତି ମହାମାୟେ ॥

Digitized by srujanika@gmail.com

ଅଢ଼ ଅନ୍ନପୂର୍ଣ୍ଣା ସେହେ ଅଢ଼ ମାହେଶ୍ୱରୀ ।
ହୃଦଗତରେ ଭାବିଲେ ପାପ ଦୂର କରି ॥
ଶ୍ରୀ ଜୟଚଣ୍ଡୀ ଚରଣେ ନିତ୍ୟ ମୋର ସେବା ।
ଶିବ,ମୁନି ଗାଇଲାକୁ ମାଗୋ ଗତି ଦେବା ॥
ଶୁଣ ପରୀକ୍ଷ ବଦନ୍ତି ଶୁକମୁନି ବ୍ରହ୍ମା ।
କହିଲେ ନ ସରେ ଜୟଚଣ୍ଡୀଙ୍କ ମହିମା ॥
ଜୟଚଣ୍ଡୀ ଭସ୍ମର ଏ ଦୁହିଙ୍କ ସମର ।
ଶର ବୃଷ୍ଟିରେ ଅଦୃଶ୍ୟ ହେଲେ ଦିନକର ॥
ଗଦା କୁନ୍ତ ଚକ୍ର ଅଜ ଘାତେକ ଯେ ଯଷ୍ଟି ।
ମାରନ୍ତେ ଜୟଚଣ୍ଡୀର ଶରୀରେ ନ ଫୁଟି ॥
ଅସ୍ତ୍ରରେ ବାଣ ବର୍ଷନ୍ତି ବାୟୁ ଠାରୁ ବଳ ।
ଗୁଣେ ଘୋଷ ଶବ୍ଦରେ କମ୍ପେ ମହୀତଳ ॥
ଲୁହାର ଶାବଳ ଗଦା ଧରେ ସେ ଭସ୍ମର ।
ମତ୍ତଗଜ ପ୍ରାୟେ ଦଂଶେ ଦାନବ ଈଶ୍ୱର ॥
ବେନି ମୁଦ୍ଗର ଜୟଚଣ୍ଡୀଙ୍କର ହସ୍ତ ।
ଯାଇଁ ଯାଇଁ ଗିଳେ ତାଙ୍କୁ ଭସ୍ମର ଦଇତ ॥
କଣ୍ଠବାଟରେ ଦେଖି ଯେ ବାହାରଣ ଗଲେ ।
ଗଦାବର ଘେନି ପୁଣି ଯୁଦ୍ଧ ଆରମ୍ଭିଲେ ॥
ଗଦାବର ଘେନି କରେ ଧାଏଁ କାତ୍ୟାୟିନୀ ।
ଦଇତ ପିଟିଲା ବେନି ଗଦାବର ଘେନି ॥
ବୃଦ୍ଧ ସହସ ହାତ ଯେ ହେଲା ପଡ଼ିତାଳ ।
ରଣ ଝଣ ଶବଦରେ ବାହାରେ ଅନଳ ॥
ପ୍ରଳୟାନଳପ୍ରାୟେକ ଝଟେ ତାର ଜ୍ୟୋତି ।
ଗୃହିଁ ଗୃହିଁ ବ୍ରହ୍ମାଣ୍ଡରେ ପଡ଼େ ତକ୍ଷଣାନ୍ତ ॥
ଭସ୍ମର ଅସୁର ଜୟଚଣ୍ଡୀର ସମର ।
ଯାନ ବାହନ ଚଢ଼ିଣ ଦେଖନ୍ତି ଅମର ।
ବେନିପର ମାଲେ ମୁଦ୍ଗର ଶସ୍ତ୍ର ଭଜି ।
ଖଡ଼ଗ ଫଳା ଘେନିଣ ଭସ୍ମର ଗର୍ଜିଲ ॥
ଗଗନକୁ ଉଠିଲା ଯେ ଦୈତ୍ୟ କାମରୂପୀ ।
ମଧ୍ୟେ ଭରଣ ଆକାଶମାର୍ଗେ ଶିର ବ୍ୟାପି ॥
ଭସ୍ମର ଦୈତ୍ୟର ଏଡ଼େ ଘୋରରୂପ ଦେଖି ।
ଦେବେ ପୁଷ୍ପଯାନ ଦେଲେ ସେ ଜୟଚଣ୍ଡୀଙ୍କି ॥
ହୀରବଜ୍ର ସହିତରେ ନାନାରତ୍ନ ମଣି ।
ମାତଳି ହାତେ ପଠାଇ ଦେଲେ ତତକ୍ଷଣି ॥
ମାତଳି ବୋଇଲା ମାଗୋ ରକ୍ଷ ଦେବତାଙ୍କୁ ।
ଭସ୍ମର ଦେତ୍ୟର ବପୁ ଲାଗେ ଆକାଶକୁ ॥
ଭସ୍ମର ଗର୍ଥରେ ତପ କଲା ଏ ଦଇତ ।
ପଞ୍ଚବିଂଶତିସହସ୍ର ବର୍ଷ ପର୍ଯ୍ୟନ୍ତ ॥
ନିଦ୍ରାରୁଣ ଭୈରବ ଦେହୁ ମାଂସକୁ କାଟଇ ।
ରକ୍ତମାଂସକୁ ଅଗ୍ନିରେ ଆହୁତି ଦିଅଇ ॥
ଶରୀରରୁ ମାଂସମାନ କାଟଇ ସକାଳେ ।
ଆଦିତ୍ୟ ଗ୍ରାସରେ କର୍ଷ ନଇ ଅସ୍ତକାଳେ ॥
ଏମନ୍ତ ପଞ୍ଚସହସ୍ର ବରଷର ଯାଏ ।
ଅନଳରେ ସମର୍ପଣ କଲା ନିଜ କାୟେ ॥
କାଟିଣ ରକତ ମାଂସ ଦିଅଇ ଆହୁତି ।
ଅବଶାନ୍ତ କରି ପୁଣ ହାଳେ ଦବାସ୍ୱଧି ॥
ଆହାର ମୈଥୁନ ନିଦ୍ରା କଲା ପରିତେଜ୍ୟା ।
ତପତ ନିର୍ଦ୍ଧି ମାର୍ଗରେ କଲେ ପୁଣି ଶଯ୍ୟା ॥
ଦୁଷ୍ପଦ ଘୋର ତପ ଦେଖି ଦିନକର ।
ଆକାଶ ତେଜିଣ ଦେବ ହୋଇଲେ ବାହାର ॥
ମକର ଶୁକ୍ଳପୌର୍ଣ୍ଣମୀ ଅଟେ ଅର୍କବାର ।
ମଘା-ନକ୍ଷତ୍ର ଯେ ସିଂହ ଚନ୍ଦ୍ର ସେ ଦିନର ॥
ବବନାମରେ କରଣ ଆୟୁଷ୍ମାନ ଯୋଗ ।
ସେ ଦିନ ସବିତା ଦେବ ବନ୍ଧୁ ଅନୁରାଗ ॥
ଆପଣା ପଦ୍ମହସ୍ତରେ ସୁଧା କରେ ବୃଷ୍ଟି ।
ମହାତେଜସ୍ୱୀବ ହୋଇ ଭସ୍ମର ଯେ ଉଠି ॥
ମାତଳି ବୋଇଲା ମାଗୋ ଶୁଣ ଜୟଚଣ୍ଡୀ ।
ତୋହ ଯୋଗେ ଅମର ଯେ ଦୁଃଖମାନ ଖଣ୍ଡି ॥
ଭସ୍ମରଦଇତର ଗୋ ଏସନ ବାରତା ।
ପ୍ରସନ୍ନ ହୋଇଲେ ତାକୁ ସବିତା ଦେବତା ॥
ଯାହା କାମନା କରୁ ରେ ମାଗୁଛନା ବର ।
ଦନୁଜ ବୋଇଲା ଦେବ ଦେବୁ ପଦ ତୋର ॥
ଆଦିତ୍ୟ ବୋଇଲେତୋତେଦେଲିମୋରନାମ ।
ଦାନବ ହୋଇଣ ବର ମାଗିଲୁ ଉତ୍ତମ ॥
ପୁଣି ଦଇତ ବୋଇଲା ଶୁଣିବା ହେ ପିତା ।
ସ୍ୱାମି ତୁ ଅଟୁ ଜଗତ ଜନଙ୍କ କରତା ॥
ମାଗୁଅଛି ପ୍ରସନ୍ନରେ ଦେବା ହେବ ଏତେ ।
ତ୍ରୈଲୋକ୍ୟେଜଣକ୍ୟାକେହିନୋହିବେଟମୋତେ ॥
ଦିବସେ ମୁଁ ନ ମରିବ ସ୍ୱପ୍ନେ ନ ମରିବ ।
ପୁରୁଷର ହସ୍ତେ ବଧ କେବେହେଁ ନୋହିବ ॥
ସଂଗ୍ରାମେ ସମ ନୋହିବେ ମୋତେ ଦେବତାଏ ।
ବଜ୍ର ନିର୍ମିତ ହୋଇବ ଏ ମୋହର କାୟେ ॥



Digitized by srujanika@gmail.com

ଭୂଦେବ ଯେତେବେଳେ କାଳପରଯନ୍ତ ଥାଇ ।
ତୁହ୍ମି ତେତେବେଳକାଳ ଥିବ ଏହ୍ନ ଆଜ୍ଞା ଦେଉ ॥
ତଥାସ୍ତୁ ବୋଲିଣ ଆଜ୍ଞା ଦେଲେ ଧନକର ।
ଯାହା ମାଗିଲ ସେ ତୋତେ ମିଳୁ ତତପର ॥
ମାତଙ୍କ ବୋଇଲା ମାଗୋ ମାଗୁ ମାଗୁ ବର ।
ଅସ୍ତ ହୋଇଣ ଅଦୃଶ୍ୟ ଗଲେ ନିଜ ପୁର ॥
ବର ପାଇଣ ଦଇତ ମିଳ ନିଜପୁରେ ।
ଯାଇଁଣ ରହିଲା ସେହୁ ସମୁଦ୍ର ଭିତରେ ॥
ମାତଙ୍କ ବୋଇଲା ମାଗୋ ଏ ଦଇତ ଶ୍ରେଷ୍ଠ ।
ତୋତେ କରିବ ଅନେକ କଷ୍ଟ ଏ କପଟ ॥
ଅଦୃଶ୍ୟ ଦେବ ଅକାଶୁଁ ଅସ୍ତ୍ର ହେବା ଯାଏ ।
ଦେବରଥ ଚଢ଼ି ଶୂନ୍ୟେ ଥିବୁ ମହାମାୟେ ॥
ନୋହିବ ଦିବସ ମଗୋ ନୋହିବାକ ରାତି ।
ସନ୍ଧ୍ୟା ସନ୍ଧିରେ ଭେଟ ହେବୁ ଅସି ଧାତ ॥
ମାତ ଗୋ ସନ୍ଧ୍ୟା ସମୟ ସତାବନ ଲତା ।
ତେତେବେଳରେ ମାରିଲେ ମରିବ ଦଇତା ॥
ଦିବସେ ନ ମରିବ ଏ ରାତ୍ରେ ନାହିଁ ମୃତ୍ୟୁ ।
ଏକଥା ଯେ ମନେ ଥିବ କହିଲ ଏ ତତ୍ତ୍ୱ ॥
ଶୁଣ ହେ ପରୀକ୍ଷ ରାଜା ଦଇତର ଭୁଲେ ।
ଜୟଚଣ୍ଡୀ ଦେବୀ ଘୋର ସଂଗ୍ରାମ ରଚିଲେ ॥
କହିଗଲା ମାତଳ ଯେ ଦେଇ ପୁଷ୍ପଯାନ ।
ଜୟଚଣ୍ଡୀ ବିଜେ କଲେ ତହିଁରେ ଯାଇଣ ॥
କାମରୂପୀ ହୋଇ ଦେବୀ ପୁଲକାଇ କାୟେ ।
ଶତେ ଭୁଜ ବିକାଶିତ କଲେ ମହାମାୟେ ॥
ପଞ୍ଚାଶ ଭୁଜରେ ପଞ୍ଚଶତ ଧନୁ ଧରି ।
ଦୁରନ୍ତକ ବଳକୁ ସେ ଶରବୃଷ୍ଟି କରି ॥
ଅନେକ ଦେବ ଶସ୍ତ୍ର ଯେ ବନ୍ଧିଲା ଅସୁର ।
ଜୟଚଣ୍ଡୀ ଦେବୀ ଦେହେ ପଡ଼ି ହୋନ୍ତି ଚୂର ॥
ସୂର୍ଯ୍ୟାବର୍ତ୍ତିକ ଚକ୍ରେକ ସୂର୍ଯ୍ୟ ଦେଇଥିଲା ।
ଅସୁର ଜୟଚଣ୍ଡୀକି ସେ ଚକ୍ର ମାରିଲା ॥
ଅପାଳଟ ଦେବ ଚକ୍ର ସେହୁ ଯେ ଅଟଇ ।
ଅବଶ୍ୟ କାର୍ଯ୍ୟକୁ କରି ପଛେ ଲେଉଟଇ ॥
ଯାହାକୁ ପେଷଇ ସେହୁ ହୁଅଇ ଦହ୍ୟ ।
ଜଗତ ଦହି ପାରଇ ସେ ଚକ୍ରର ତେଜ ॥
ସେ ଚକ୍ର ଧରିଣ ଅଚଣ୍ଡେ ମାରିଲା ଦଇତ ।
ଜଳେ ଗୋପ୍ୟ କଲେ ନେଇ ଜୟଚଣ୍ଡୀ ରଥ ॥

ଲେଉଟିଣ ନ ପାଇଲା ସେ ଚକ୍ର ମଣ୍ଡମଧ୍ୟେ ।
ଅନେକ ଖୋଜିଲା କିନ୍ତୁ ନ ପାଇଲା ସାଧେ ॥
ଏମନ୍ତ ସମୟେ ରବି ଅସ୍ତାଚଳେ ଗଲେ ।
ଜଳରୁ ସେ ଜୟଚଣ୍ଡୀ ବାହାର ହୋଇଲେ ॥
ଅସୁରକୁ ଭେଟିଲେ ସେ ବେଳଘଡ଼ି ସନ୍ଧି ।
ରଡ଼ି ଶବଦରେ ତିନି ଭୁବନ କମ୍ପାନ୍ତି ॥
ପୁଣ ସମର ହୋଇଲା ମହା ନିଶାକାଳେ ।
ଦାନବ ସଇନ ବୁଲନ୍ତି ଯେ ଅନ୍ତରାଳେ ॥
ଗୋହ୍ରାଇ ଅଛନ୍ତି ପଛେ ଚୌଷଠି ଦେବତା ।
ଅସୁର ବଳ ଧରିଣ ଭକ୍ଷି ଦିବାରାତି ॥
କେହୁ ରଣେ ପଡ଼ି କେହୁ ପଳାଇଣ ଗଲା ।
ବିନାରଣେ ନାଶଯାନ୍ତି ଜାଣନ୍ତା ନୋହିଲା ॥
ଚଉଦ ସାଗର ଥିଲେ ଭାସ୍କରର ବଳ ।
ରଜନୀ ନ ପାହୁଁ ତାହା ଭକ୍ଷିଲେ ସକଳ ॥
ଚଉଷଠି ଯୋଗିନୀ ଖାଇଦେଲେ ଦୈତ୍ୟ ଆଟ ।
ବିମୁଖ ହୋଇଲେ ସର୍ବେ ନ ପୂରିଲେ ପେଟ ॥
ଅପେ ଅନେକ ନାରାଚ ବିନ୍ଧ ଜୟଚଣ୍ଡୀ ।
ଭାସ୍କର ଶରୀରେ ପଡ଼ି ହୁଅନ୍ତି ଖଣ୍ଡି ଖଣ୍ଡି ॥
ନାନାବିଧ ଶସ୍ତ୍ର ଅଙ୍ଗେ ପଡ଼ି ହୁଅନ୍ତି ଚୂନା ।
ଅସୁରର ରୋମାବଳୀ ଅଟେ ବଜ୍ରସେଣ୍ଠା ॥
ସେ ପୁଷ୍ପକ ବିମାନକୁ ଛାଡ଼ି ଜୟଚଣ୍ଡୀ ।
ଶତେ ଭୁଜରେ ଦୈତ୍ୟକୁ ଧଇଲେ ଦସଣ୍ଡି ॥
ଅସୁରକୁ ଅନ୍ତରୀକ୍ଷେ ଧରି ଦେଲେ ଗିଳି ।
କଣ୍ଠବାଟରେ ବାହାର ହେଲା ମହାବଳୀ ॥
ପୁଣ ବିସ୍ତାର ହୋଇଲା ତାର ମହାକାୟେ ।
ବଇଷ୍ଣବୀ ଚକ୍ର ମାରିଲେକ ମହାମାୟେ ॥
କୋଟିଏ ଅନଳ ଜ୍ୱାଳା ଯେଉଁ ଶସ୍ତ୍ରଜ୍ୟୋତି ।
ଦୈତ୍ୟର ଦେହୁ ଉପୁଡ଼ି ପଡ଼େ ତତକ୍ଷଣାନ୍ତି ॥
ଦେଖିଣ ଆଶ୍ଚର୍ଯ୍ୟ ହେଲେ ସର୍ବ ଦେବତାଏ ।
ବୃନ୍ଦାରକଗଣ ମନେ କଲେ ମହାଭୟେ ॥
ବ୍ରହ୍ମା ବୋଇଲେ ଭାସ୍କର ଦଇତ୍ୟ ନ ମଲା ।
ସମରରେ ଜୟଚଣ୍ଡୀ ବିମୁଖ ହୋଇଲା ॥
ବେବେକାର ଶବଦରେ ଭାସ୍କର ଯେ ଉଠି ।
ଅସ୍ତ୍ରଗିରି ନେଇ ଜୟଚଣ୍ଡୀ ପରେ ପେଟି ॥
ଗିରିବର ପିଟନ୍ତେଣ ଧାଇଁ ମହାମାୟୀ ।
ହସ୍ତଦ୍ୱାରା ବିଦାରିଲେ ତାହାର ଯେ କାୟୀ ॥

Digitized by srujanika@gmail.com

ଅସ୍ତଗିର ବାଜ ଚୂର୍ଣ୍ଣ ହୋଇଗଲା ଭାଜ ।
ପୁଣି କାତ୍ୟାୟିନୀ ଦେବୀ ଉଠିଲେ ଗରଜ ॥
ନାଚନ୍ତି ଦାନବମାନେ ଖେମ୍‌ଟା ନାଟଖଣ୍ଡି ।
ବେଣୁପାଦ ଦକ୍ଷିଣେ ଧରି ମହାଚଣ୍ଡୀ ॥
କୁଳାଚଳ ଉପରରେ ଅସୁରକୁ ପିଟି ।
ପଡ଼ ଶତେକ୍ ଯୋଜନ ଧୂଳହୋଇ ଉଠି ॥
ଏହେବଡ଼ ପରବତ ଗଲା ଗୁଣ୍ଡାହୋଇ ।
ଅସୁର ଶରୀର ଏକସ୍ଥାନ କ୍ଷତ ନୋହି ॥
ସମରରେ ବିମୁଖ ଯେ ହେଲେ ଶୋସାମିଣୀ ।
ଲୌହ ଗିରି ପରେ କରୁଡିଲେ ଅଣି ପୁଣି ॥
ଏକବେଳେ ବଜ୍ର ଚାରି ନୋହେ ମହାବଳୀ ।
ଲୌହ ଗିରି ପରବତ ପଡ଼ ହେଲା ଧୂଳି ॥
ସଂଗ୍ରାମରେ ଜୟଚଣ୍ଡୀ ବିମୁଖ ହୋଇଲେ ।
ଭାଳନ୍ତି ଏହାକୁ ମୁହିଁ କ୍ଷତ ଦେବି ଭଲେ ॥
ଏମନ୍ତ ବର ଏହାକୁ ଦେଲେ ଅଂଶୁମାଳୀ ।
କେତେ ମୁଁ ଏହାରଭୁଲେ ହେବି ବାଉଳୀ ॥
ହୃଦେ ବଜ୍ରବନ୍ତ୍ର ଏଥେ ନ ମଲା ଅସୁର ।
ରବି ଏହାକୁ ଏମନ୍ତ କରି ଦେଲା ବର ॥
ଏତେମତେ ଉପାୟରେ ନ ମରେ ଦଇତ ।
ଅସ୍ତ୍ରଶସ୍ତ୍ର ପଡ଼ ଦେହେ ନୋହିଲା କ୍ଷତ ॥
ଚୌଷଠି ଦେବୀଙ୍କ ମଧ୍ୟେ ଅଟେ ମହାଦେବୀ ।
ଦେବେ ଦୁର୍ଲ୍ଲଭ ସେ ଗିଳପାରେ ଦିବ ଭୁବି ॥
ତାହାଙ୍କର ନାମ ଅଟେ ଜାଣ ଜମେଶ୍ୱରୀ ।
ଜୟଚଣ୍ଡୀ ଅଜ୍ଞାଦେଲେ ତାହାଙ୍କୁ ହକାରି ॥
ଅଳ୍ପେ ଅଳ୍ପେ ଜମେଶ୍ୱରୀ ଚଳ ଅଜ୍ଞା ଘେନ ।
ଅଦିତ୍ୟଙ୍କୁ ଗିଳ ସେହୁ ନ ଥାଉ ମେଦିନୀ ॥
ଅଦିତ୍ୟ ନାମେ ଏଥି ନ ଥାଉ ଦେବତାଏ ।
ଏହେ କଠୋର ବର ସେ ଅସୁରଙ୍କୁ ଦିଏ ॥
ମାଇଲେ ଗିଳଲେ ପୁଣି ନ ମରେ ଅସୁର ।
ପର୍ବତ ପଡ଼ଣ ଅଙ୍ଗେ ହୁଅନ୍ତି ଶତେଚୂର ॥
ଅଗ୍ନିବାଣ ମାରଲେ ନ ପୋଡ଼େ ଏହା ଦେହ ।
କେମନ୍ତେ ଏହାକୁ ବଧ କରିବି ଲୋ କହ ॥
ଜୟଚଣ୍ଡୀ ବଚନରେ ଦେବୀ ଜମେଶ୍ୱରୀ ।
ବୋଇଲେ ସେ ସବିତାକୁ ଦିଅ ହେଟକରି ॥
ନିମିଷକ ମଧ୍ୟରେ ଗୋ ହେଟା ତାକୁ ମୋତେ ।
ଗିଳବି ରବିକୁ ଦୈତ୍ୟ ବଧ ସହଯତ୍ନେ ॥

ଅଜ୍ଞା ଦେଖାଇ ହେଟାଇଲେ ଚୋଧାମିଣୀ ।
ଦେଖି ମହାମୂର୍ତ୍ତି ଧରିଲେକ ପାକ୍ରଶୀ ॥
ପୃଥ୍ୱୀ ହାଲୋଳ ହେଲା ଘେରେଘାର ନାଦେ ।
ଶୁଣି ଭୟେ ପଳାଇଲେ ମୃତଗଣ ନଖେଦେ
ଅକାଶ ମାର୍ଗକୁ ଷୋଟିଗଲେ କୋପକର ।
ଆଦିତ୍ୟର ରଥ ଯାଇଁ ବସିଲେ ଅବୋର ॥
ଦେଖି ଭୟ କରି ପଳାଇଲେ ଦିନକର ।
ପଳାଇ ପଶିଲେ ଯାଇ ପିତାମହପୁର ॥
ଅସ ଅସ ବୋଲି କୋଳ କଲେ ବେଦବ୍ରହ୍ମା ।
କମ୍ପୁତ କାରଣେ ତୁ ହୋ ପଳାଇ ମହାତ୍ମା ॥
ଅଦିତ୍ୟ ବୋଇଲେ ଧାତା ଦେବୀ ସେ କମାଇଁ ।
ଅକାଶ ଘୋଟି ସେ ମୋତେ ଲୋଡ଼ୁ ଅଛି ଖାଇ ॥
ଧାତା ବୋଇଲେ ଅଦିତ୍ୟ ଭୁହ୍ମ ହୁଇଁଥିଲେ ।
ଅସୁର ଦୈତ୍ୟ ନମରେ କୌଣସି ଅସ୍ତ୍ରରେ ॥
ଅସୁର ନ ମଲେ ବଧ ନୁହଇ ମହୃଷା ।
ସେ ନ ମଲେ ଅମ୍ଭର ନ ଯାଇଟି ଦୁର୍ଦ୍ଦଶା ॥
ରହ ହୋ ଅଦିତ୍ୟ ଜମେଶ୍ୱରୀ ଗିଳୁ ତୋତେ ।
ଥିବୁ ତା ଉଦରେ ଦୈତ୍ୟ ବଧ ପର୍ଯ୍ୟନ୍ତେ ॥
ଧାତା ବୋଇଲେ ତୁ ବର ଦେଇଅଛୁ ପୂର୍ବେ ।
ତୋହର ଥିଲେ ଅସୁର ନ ମରଇ କେବେ ॥
ଜମେଶ୍ୱରୀ ଗର୍ଭେ ଥାଅ ଦୈତ୍ୟବଧ ଯାଏ ।
ପୁଣ ତୋତେ ଉଦ୍ଗାରଣ ପକାଇବ ମାୟେ ॥
ପିତାର ବଚନେ ହେଲେ ଦିନକର ଶାନ୍ତ ।
ସ୍ୱରୂପ ଧଇଲେ ନାଥ ହୋଇ ଶାନ୍ତ ମୂର୍ତ୍ତି ॥
ବିଶ୍ୱରୂପ ଧରି ଗିଳଦେଲା ଜମେଶ୍ୱରୀ ।
ରଥ ସହିତେ ଗର୍ଭରେ ରହେ ତାହାଙ୍କର ॥
ଶୁଣ ପରୀକ୍ଷ ନୃପତି କହେ ଶୁକ ବ୍ରହ୍ମା ।
ସେହି ଦେବୀମାନଙ୍କର ଏମନ୍ତ ମହିମା ॥
କୋଟି ବ୍ରହ୍ମାଣ୍ଡରେ ଯାଇ ବିକାଶଇ ତେଜ ।
ନିକଟ ହୋଇଲେ ସର୍ବେ ହୋଇବେ ବିହୃସ୍ୟ ॥
କୋଟିଏ ବ୍ରହ୍ମାଣ୍ଡ ଅଛି ଯାହା ଲୋମ ମୂଳେ ।
ନିମିଷେ ବୁଲି ପାରଇ ସେହୁ ଭୂମଣ୍ଡଳେ ॥
ଲେଖନ୍ତେ ନ ସରେ ଯାର ମହିମାତ କେତେ ।
ସେହୁ ରହିଲ କମାଇଁ ଦେବୀ ଗର୍ଭଗତେ ॥
କ୍ଷୁଧା କାଳେ ଯେତେହେ ଭୁଞ୍ଜେ ଅନ୍ନ ନ ରହଇ ।
ମାର୍ତ୍ତଣ୍ଡ ପଶିଲେ ତାର ଗର୍ଭେ ତେତେ ନହାଇ ॥

Digitized by srujanika@gmail.com

ଜନମିଲା ରବି ଜନମେଷଙ୍କ ଗର୍ଭଗତେ ।
ଜମଜାଈ ନାମ ତାର ହୋଇଲା ଜଗତେ ॥
କୋଟି ବ୍ରହ୍ମାଣ୍ଡେ ଆଦିତ୍ୟ ତେଜ ଯେତେ ନାହିଁ ।
ଏବଂ ପ୍ରକାଶ ଅବା ହୋଇବଟି କାହିଁ ॥
ସ୍ୱର୍ଗହିଁ ନୋହିବ ମଧ୍ୟ ଦିନହିଁ ନୋହିବ ।
ଆଦିତ୍ୟ ଷଷ୍ଟ ହୋଇଲେ ଭାସ୍କର ମରିବ ॥
ଏମନ୍ତ ପୂର୍ବ ବଚନ ଥିଲା ସେ ନିର୍ମାଣି ।
ତେଣୁ ଉଦୟ ନୋହିଲେ ଦେବ ଦିନମଣି ॥
ଏ ସମୟେ ଦୈତ୍ୟେ ଭେଟିଲେକ ଜୟଚଣ୍ଡୀ ।
ମେରୁ ଶିରପ୍ରାନ୍ତେ କରେ ଖଡ୍ଗ ଭୁଷଣ୍ଡି ॥
ଏହିକାଳେ ଆକାଶରୁ ଶୁଭେ ଏହି ବାଣୀ ।
ରଣେ ବଧ ଅସୁରକୁ କର ଗୋସାମଣି ॥
ଅଦୃଶ୍ୟାକାର ଚଣ୍ଡକୁ ମାରୁ ମହାମାୟୀ ।
ବେଳଖଣ୍ଡ ହୋଇ ଦୈତ୍ୟ ପଡ଼ୁ ରଣଭୂଇଁ ॥
ଅସୁର ପଡ଼ନ୍ତେ ବେଗେ ଧାଇଁଲେ କଙ୍କାଳୀ ।
ଅନ୍ତ୍ରଗାଷେ ଧରି ଦଇତକୁ ଦେଲେ ଗିଳି ॥
ଭାସ୍କର ବୋଲି କହଣ ଯେବଣ ଦନୁଜ ।
ଅସୁର କୁଳକୁ ସେହି ଅଟେ ଅଦ୍ୱିଜ ॥
ତାହାର ମହିମା ବ୍ରହ୍ମା ଶିବେ ଅଗୋଚର ।
କ୍ଷଣକେ ନାଶ ଗଲା ଯେ ତେତେକ ଅସୁର ॥
ଆକାଶରେ ଦେବତାଏ ଆନନ୍ଦିତ ହେଲେ ।
ଜୟଚଣ୍ଡୀ ଶିରେ ବହୁ ପୁଷ୍ପ ବରଷିଲେ ॥
ଦେବେ ବୋଇଲେ ଯାବତ ଚନ୍ଦ୍ର ସୂର୍ଯ୍ୟ ଥିବେ ।
ଜୟଚଣ୍ଡୀ ସ୍ମରନ୍ତେ ଶତ୍ରୁ କ୍ଷୟ ଯିବେ ॥
ଦେବଲୋକ ନାଗଲୋକ ବ୍ରହ୍ମଲୋକ ଯେତେ ।
ନରଲୋକେ ଜୟଚଣ୍ଡୀ ଚିନ୍ତ ହୃଦଗତେ ॥
ରଣେ ସାଧ୍ୟ ହେଉ ଜୟଚଣ୍ଡୀ ସ୍ମରନ୍ତେ ।
ସର୍ବପାପ କ୍ଷୟ ହେବ ତା ନାମ ଚିନ୍ତନ୍ତେ ॥
ଅଭୟା କାତ୍ୟାୟିନୀ ଗୋ ମାତା ଜୟଚଣ୍ଡୀ ।
ସ୍ୱର୍ଗରକ୍ଷା କଲୁ ତୁ ଗୋ ଦୁଃଖମାନ ଖଣ୍ଡି ॥
ଯବଣ ଶ୍ରୀ ଜୟଚଣ୍ଡୀ ଚରଣାରବିନ୍ଦେ ।
ଶୂଦ୍ର ମୁନି ଗାରଲା ଯେ ଭଜଇ ସାନନ୍ଦେ ॥
ସରସରେ କହଇ ମୁଁ ଦେବୀଙ୍କର କଥା ।
ଶୁଣ ସୁଜ୍ଞଜନେ ଏହି ପୁରାଣ ବ୍ୟବସ୍ଥା ॥
ପୁଚ୍ଛାକଲେ ପରୀକ୍ଷିତ ଶୁକବ୍ରହ୍ମା ଆଗେ ।
ଲଭିବି ମୁଁ ବିଷ୍ଣୁଭକ୍ତି ତୁମ୍ଭ ଅନୁରାଗେ ॥

ଭାସ୍କର ଦଇତ ଯହୁଁ ସଂଗ୍ରାମେ ଜମକି ।
ଭୟ ପାଇ ଦୈତ୍ୟବଳ ପଳାନ୍ତି ନେ ଭାଜି ॥
ଧାମନ୍ତି ସମରେ ଦେବୀମାନେ ଅନର୍ଗଳା ।
ଘୋର ଅନ୍ଧାର ଦେଖିଣ ଧାଏଁ ମହାକାଳୀ ॥
ଯେ ଯାହାର ସମ୍ମୁଖରେ ପଡ଼ୁଛନ୍ତି ରଣେ ।
ଭକ୍ଷଣ କରନ୍ତି ଲକ୍ଷ ଲକ୍ଷ ଜଣେ ଜଣେ ॥
ଏକୁଁ ଏକ ମୁଣ୍ଡ ନାହିଁ ଗିଳନ୍ତି ଦଶଣ୍ଡି ।
ମଦିରା ନସ ରଙ୍ଗରେ ଖେମ୍ଟା ନାଚ ଖଣ୍ଡି ॥
ମସ୍ତୀ ପୂରିଲା କଳ୍କିଲା ସବ ସେ ଦିଅନ୍ତେ ।
ଘୋର ରୂପ ଦେଖିଣ ସେ ଭାଜନେ ଦଇତେ ॥
ଶୁଣ ରାୟେ ବୋଲନ୍ତି ଯେ ଶୁକ ମହାମୁନି ।
ଅସଂଖ୍ୟକ ସମର ନ ପାହିଲା ରଜନୀ ॥
କନ୍ୟାମାସ ଶୁକ୍ଳପକ୍ଷ ସପତମୀ ଦିନ ।
ମଙ୍ଗଳବାର ଯେ ହସ୍ତା ବୃକ୍ଷ ବିଦ୍ୟମାନ ॥
ଗରକରଣ ଯେ ଅନୁଷ୍ଠାନ ନାମେ ଯୋଗ ।
ସମର ହୋଇଲା ଚତୁର୍ଦ୍ଦଶ ଦିନ ଭୋଗ ॥
ଆଦିତ୍ୟ ପଡ଼ିଲା ଜମିଜାଈ ଗର୍ଭଗତେ ।
ଅନ୍ଧାର ହୋଇଲା ନବଦିନ ପର୍ଯ୍ୟନ୍ତେ ॥
ଦେବୀଙ୍କ ସ୍ୱରୂପ କେ କହିବାକୁ କ୍ଷମ ।
ଆକାଶରେ ଜମିଜାଈ ତେଜ ଉତକର୍ମ ॥
ଏମନ୍ତ ସମୟେ ଯେଉଁ ଦେବୀ ବସୁନ୍ଧରା ।
ଉଶ୍ୱାସ ପାଇଲା ଗଲା ଅସୁରଙ୍କ ଭର ॥
କବରେ ପୁଷ୍ପ ଚନ୍ଦନ ଅସେ ବସୁମତୀ ।
ଦୁର୍ଗାର ଛାମୁରେ ସେହି ହୋଇଲା ପ୍ରଣତ ॥
ଅନେକ ବିନୟ କରି ଲୋଟେ ଦେବୀ ଭୂମି ।
ଦୁର୍ଗାର ଛାମୁରେ କୋଟି କୋଟି ପରଣାମି ॥
ଦୁର୍ଗା ଦେଖିଲେ ସେ ପୃଥ୍ୱୀ ଦେବୀର ସ୍ୱରୂପ ।
ବୋଇଲେ ବସୁଧା କପାଁ ହୋଇଲୁ ବିରୂପ ॥
କୁଙ୍କୁମ ବର୍ଣ୍ଣ ସବସ୍ତ୍ରେ ଦିଶେ ତୋର କାୟେ ।
ଏବେ ତୁ ଦିଶିଲୁ ଶୁଦ୍ଧ ସ୍ଫଟିକ ସବସ୍ତ୍ରେ ॥
ରସ ଗଳିତ ତୋହର ଦେହ ଦିଶେ କ୍ଷୀଣ ।
କେମନ୍ତେ ଅଙ୍ଗ ତୋହର ହେବ ତେଜହୀନ ॥
ପୁଣ ପୁଣ ପଚାରନ୍ତି ଦୁର୍ଗା ବସୁଧାକୁ ।
ପୃଥିବୀ ବୋଲେ ମୁଁ ଦୁଃଖ କହିବ କାହାକୁ ॥
ମାତ ଗୋ ମହିଷାସୁର ବେନି ସେନାପତି ।
ଶୁମ୍ଭ ନିଶୁମ୍ଭ ବୋଲନ୍ତି ଦୈତ୍ୟ ମହାରଥୀ ।

Digitized by srujanika@gmail.com

ମାଗୋ ଯେତେବେଳେ ପଥ ଗୃହସ୍ଥ ଅଙ୍ଗେ ।
ତାଙ୍କ ଦଣ୍ଡ ଚଳନ୍ତେ ମୁଁ ପାତାଳରେ ପଶେ ॥
ମାଗୋ ସତ୍ୟଯୁଗରୁତ ଲଗେ ଭକ୍ତିଯୁଦ୍ଧେ ।
ଅସୁରଙ୍କ ହେଉରୁ ଗୋ କ୍ଷୀଣ ମୋର କାୟେ ॥
ଦୁର୍ଗା ବୋଇଲେ ଏବେତ ପଡ଼ିଲେ ସେ ଦୁଷ୍ଟ ।
ହନ୍ ହନ ଶରୀର ତୋ ନୋହେ କ୍ଷମା ପୁଷ୍ଟ ॥
ଏହା ଶୁଣି ପ୍ରଣିପତ୍ୟ ହେଲା ବସୁମତୀ ।
ବୋଇଲା ଶୁଣିବା ମାଗୋ ମୋହର ବଚନ ॥
ମନ୍ଦ ମାଂସ ରୁଧିର ନ ପଡ଼ିଲା ମୋ ପରେ ।
ଏହି ଚିନ୍ତା ହେଲା ମୋର ଉଦର ଦବାରେ ॥
ଏହାଙ୍କ ରୁଧିର ଯେବେ ମୋ ପରେ ପଡ଼ନ୍ତା ।
ତେବେ ସେ ଶରୀର ମୋର ପୁଷ୍ଟ ହୋଇଯାନ୍ତା ॥
ଲୋହିତ ବର୍ଣ୍ଣ ଶରୀର ହୁଅନ୍ତା ମୋହର ।
ଏବେ ମହାଦେବୀ ମୋତେ କର ପ୍ରତିକାର ॥
ଅସୁରଙ୍କର ରୁଧିର ପଡ଼ୁ ମୋ ଉପର ।
ତୋହର କରୁଣାରୁ ମୋ ହେଉ ଦୁଃଖ ପାର ॥
ଦୁର୍ଗା ବୋଇଲେ ଗୋ ଏବେ ବୋଲୁଛ ଏମନ୍ତ ।
ଅହାର ତୁ କରୁଥିଲୁ ପୂର୍ବରେ କେମନ୍ତ ॥
ଦୁର୍ଗାର ଶ୍ରୀମୁଖେ ସେହି କହେ ବସୁମତୀ ।
ଏକଲିପ୍ସୁ କର ଶୁଣ ମାତ ଭଗବତୀ
ଯେତେବେଳେ ମୋତେ ଅଗୋଚରେ ମହାଜ୍ୱର ।
ସ୍ୱଜନ ଲୋକଙ୍କୁ ମୁହିଁ କରେ ରୋଗ ପୀଡ଼ା ॥
ମୋରପରେ ଅନୁବ୍ରତେ ଥାନ୍ତି ଯେତେ ପ୍ରାଣୀ ।
ତାଙ୍କର ଅହିତ ମାଗୋ କରଇ ମୁଁ ପୁଣି ॥
ମୋହର ଉପରେ ଗୃହସ୍ଥ ଯେ ପାଦ ଦେଇ ।
ତେଣୁ ନାନା ରୋଗ ଜାତ କରାଇଣ ମୁହିଁ ॥
ମୋର ପରେ ଉପୁଜଇ ସମସ୍ତ ପଦାର୍ଥ ।
ମୋହର ବଳାରେ ସର୍ବେ ହୁନ୍ତି ହନ୍ୟ ଯନ୍ତ୍ର ॥
ଅବଲୁତେ ପ୍ରମାଦ ମୁଁ କରଇ ମନୁଷ୍ୟ ।
ରୋଗ ଅଶ୍ରେ କରାଇଣ କରେ ପ୍ରାଣନାଶ ॥
ବହୁତ ପୀଡ଼ା ହୁଅଇ ମାଗୋ ବହୁ ବ୍ୟାଧି ।
ଅଣେକତ କରାଏ ମୁଁ ନ କାଟନ୍ତି ଔଷଧି ॥
ଔଷଧି ନ କାଟିଲେ ସେ ବଳଯାଏ ବ୍ୟାଧି ।
ବ୍ୟାଧିବଳବାରୁ ତନୁ ହୁଅଇ ଅସାଧ୍ୟ ॥
ରୋଗବାଧାରେ ଜହଣ ଧରେ ଶ୍ଳେଷ୍ମା ।
ତହୁଁ ବାତ ପିତ୍ତ ଅଙ୍ଗେ ଘୋଟେ ଉତକର୍ଣ୍ଣା ॥
ବାତ ପିତ୍ତ ଶ୍ଳେଷ୍ମା ସଂପିତ୍ତ ଜ୍ୱର ।
ମୁହିଁ ମନୁଷ୍ୟମାନଙ୍କୁ ଦିଏ ରୋଗପୀଡ଼ା ॥
ମୋହର ବଳାରେ ପଦମନ୍ତ୍ର ଅଉଷଧି ।
ନ କାଟିଲେ ପ୍ରବଳିଷ୍ଟ ହୁଏ ମହାବ୍ୟାଧି ॥
ରୋଗ ପ୍ରବଳ ହୋଇଲେ ନ ତୁଟଇ ତ୍ରାସ ।
ମୋଟସର୍ଗି ନଭିରୁ ଗୋ ହୁଅଇ ବିନାଶ ॥
ମଳ ଅଗ୍ନି ହେଲେ ବଳ ଅବଶ୍ୟ ତୁଟଇ ।
ପ୍ରାଣ କ୍ଷୀଣ ହେଲେ ବ୍ୟାଧି ବଳତ ଘୋଟଇ ।
ଶାସ୍ତ୍ର ସହିତା କଥା ସେ ନ ପାରନ୍ତି ଶୁଣି ।
ନାନାଶାସ୍ତ୍ର କରୁଥାନ୍ତି ଦେବବିଦ୍ୟ ଅଣି ॥
ମୋହର ବଳାରେ ସେହୁ ହୁନ୍ତି ସର୍ବ ରୋଗ ।
ମୁହିଁ ସେ ଛଡ଼ାଏ ବନ୍ଧୁବର୍ଗଙ୍କର ସଙ୍ଗ ॥
ଯେତେବେଳେ ମାୟାମୋହ କରାଏ ମୁଁ ତେଜ୍ୟ
ବହଇ ମନ ପବନ ଭୂମି ହୋଏ ଶଯ୍ୟା ॥
ମାଗୋ ଉତ୍ପାତରେ ମରନ୍ତି ଯେ ସର୍ବ ଲୋକ ।
ପଡ଼େ ମେଦ ମେଦା ଉପୁଜଇ ବଡ଼ ଶୋକ ॥
ମାଗୋ ଉତ୍ପତ୍ତି ଧରଣୀ କରୁ ମନ ଯୋଗ ।
ଲୁଟଇ ସେ ନିଜପିଣ୍ଡ କରେ ମହା କ୍ଲେଶ ॥
କାଳ ହୋଇ ପଶଇ ମୁଁ ସବୁଙ୍କର ଗର୍ଭେ ।
ଅନେକ ଜୀବଜନ୍ତୁଙ୍କୁ ମାରେ ଅନ୍ତରସଙ୍ଗେ ॥
ମାଗୋ ପ୍ରୀତ ଲୋକରେ ମୁଁ କରାଇଛି ଦ୍ୱନ୍ଦ ।
କଳହ ଶତ୍ରୁ ଘଟରେ କରି ଧନ ବଧ ॥
ଜାଣି ନ ପାରନ୍ତି ସେହି ହୁନ୍ତି ହଣାହଣି ।
ତାଙ୍କ ମାଂସ ରକତ ସେ ପଡ଼ଇ ଧରଣୀ ॥
ବୃକ୍ଷିବାଳୁମାନଙ୍କରେ ଦ୍ୱନ୍ଦ ଥୋଇ ଥାଇ ।
ଫଳ ମୂଳ କରାଇଣ ମଧାଏ ଯେ ଭୁଇଁ ॥
ଅଟେ ବଡ଼ କରି ଅଟେ କରଇ ଅଳପ ।
ଉଚ୍ଚବାଚ ହୁନ୍ତି ତେଣୁ କରି ଧାପ ଗୁପ ॥
ଶାସ୍ତ୍ରପଥ ରଖାଇ ତା ନ ପାରନ୍ତି ସହି ।
ହଣାହଣି ହୋଇଣ ସେ ଲୋଟନ୍ତି ଏ ମହୀ ॥
ସେହି ରୁଧିର ମାଂସତ ପଡ଼େ ଏ ମହୀରେ ।
ମୁହିଁ ସେ ଏଣୁ ଯେ ଭୋଜ କରଇ ନିଜରେ ॥
ମାଗୋ ଦେବଗଣ ଯେଉଁ ପ୍ରାଣୀ ହୁନ୍ତି ଯେତେବେଳେ
ମେଷ ମହିଷ ଛାଗଳ ମାରନ୍ତି ବଳେ ॥
ସେ ମାଂସ ରକତ ବହି ପଡ଼ଇ ଏ ପୃଥ୍ୱୀ ।
ତେଣୁକରି ଶରୀର ମୋ ହୁଅଇ ତୃପତ ॥

Digitized by srujanika@gmail.com

ମାଗୋ ଯେତେବେଳକୁ ଏଥେ ଦୁରାତ୍ମ୍ୟବଳ ।
ବଢ଼ିଯାଇ ଅମରତ ହେବେ ଅର୍ଗଳ ॥
ତାଙ୍କୁ ଜ୍ୱର ରୋଗ ପୀଡ଼ା କଷ୍ଟ ନ ବାଧିଲା ।
ସଂସାରେ ପୂର୍ଣ୍ଣ ହୋଇଣ ଅଛନ୍ତି ସେ ଭଲ ॥
ସେମାନେ ଯେବେହେଁ ପତନ ନ ହେଲେ ମେଦିନୀ ।
ହେତୁ ବେଳ ବପୁ ମୋର ହୋଇଲାଣି ହାନ
ଯେତେ ଜୀବଜନ୍ତୁମାନ ହାଣନ୍ତି ସେ ନର ।
ସେ ମାଂସ ରୁଧିର ନ ପଡ଼ିଲା ମୋ ଉପର ।
ମାଗୋ ଦେବୀ ଦେବୀ ବୋଲି ଯାହା କହଅଛି ।
ମୁହିଁ ସେ କ୍ଳେଶ କରଇ ଆନ ନାହିଁ କିଛି ॥
ପୃଥ୍ୱୀ କଥା ଶୁଣି ବୋଲୁଛନ୍ତି ଦେବୀ ଦୁର୍ଗେ ।
ତୁହି ସେ ପ୍ରବେଶ ଅଛି ହୋଇଲୁ ମୋ ଅଙ୍ଗେ ॥
ତୁହି ସେ ପରସ୍ତରେ ଅଟୁ ମହାଯୋଗୀ ।
ଈଶ୍ୱରଙ୍କ ଦେହୁ ଜନ୍ମ ହେଲୁ ଏଡ଼େ ସ୍ତ୍ରୀ ॥
ପୁଣ ନମସ୍କାର କରି ବୋଲେ ବସୁମତୀ ।
ତୋହର ଆଜ୍ଞାରେ ମୋର କ୍ଳେଶ ହେବ ଶାନ୍ତି ॥
ଦୁର୍ଗା ବୋଇଲେ ବସୁଧା ତୁ ଯାହା ମାଗିବୁ ।
ପ୍ରସନ୍ନ ହୋଇଣ ଦେବି ଅବଶ୍ୟ ପାଇବୁ ॥
ବସୁଧା ବୋଲେ ଅସୁରେ ମୋତୁଲେ ଅନର୍ଥୀ ।
ନବଲକ୍ଷ ପର୍ବତେ ଲଦଇ ଯେ ପୃଥ୍ୱୀ ।
ତୁ ପରମ ଯୋଗେଶ୍ୱରୀ ଜମା ନ ବଗୁରୁ ।
ଏବେ ଦୟାକର ମାଗୋ ଦୁଃଖ ମୋର ସରୁ ॥
ପଡୁ ରକ୍ତ ମାଂସ ଏବେ ମୋହର ଉପରେ ।
ଶରୀର ପୁଷ୍ଟ ହୋଇବ ତୋହର କୃପାରେ ॥
ଦେବୀଏ ହାଣନ୍ତି ଖଡ଼୍ଗେ ପାତନ୍ତି ଖପର ।
ପ୍ରାଣ ଥାଉଁ ଥାଉଁ ସେହୁ ଭକ୍ଷନ୍ତି ସତ୍ୱର ।
ମାତ ଗୋ ଦେବୀମାନଙ୍କୁ ଏବେ ଦିଅ ଆଜ୍ଞା ।
ଏ ତୋହର ବଚନ କେ କରିବ ଅବଜ୍ଞା ॥
ମାଗୋ ଆଜଠାରୁ ଯେତେ ହୋଇବ ସମର ।
ଅସୁରଙ୍କ ରକ୍ତମାଂସ ପଡ଼ିବ ଭୂମିର ॥
ମାଗୋ ମେଦମେଦାମାଂସ ପଡ଼ୁ ମୋର କାୟେ ।
ପାଇବି ମୁଁ ନିଜଦେହ ହେବ ତେଜୋମୟେ ॥
ହୁଅ ପ୍ରସନ୍ନ ମୋତେ ଗୋ ଦୁର୍ଦ୍ଦଶା ମୋ ଫିଟୁ ।
ହୋଇବ କୁଙ୍କୁମ ବର୍ଣ୍ଣ ଦଶା ମୋ ଟଳନ୍ତୁ ॥
ଏତେ ବୋଲି ପ୍ରଣିପାତ୍ୟ ହୋଇଲେ ବସୁଧେ ।
ଦୁର୍ଗା ବୋଇଲେକ ତୁହି ଥାଅ ଅଜ ଯୁଦ୍ଧେ ॥

ବସୁଧା ବୋଇଲେ ମୁହିଁ ହୋଇବି ନିପୁତ ।
ଖାଇଲେ ମୋର ଶରୀର ସିନା ହେବ ଶାନ୍ତ ।
ଶୁଣ ଅହୋ ରାଜା ଆଜ୍ଞା ଦେଲେ ମହାମାୟେ ।
ଯା ଯା ବସୁଧା ଲୋ ଯାଇଁ ପାତ ତୋର କାୟେ ॥
ଈଶ୍ୱରଙ୍କ ମସ୍ତ ନଖଧାର ଆଜ୍ଞା ପାଇ ।
ନିଜ କାୟାକୁ ପାତିଲା ଅତି ଶୀଘ୍ର ଯାଇଁ ॥
ଶୁଣ ହୋ ପରୀକ୍ଷ ରାଜା ଦୁର୍ଗା ଆଜ୍ଞା ଦେଲେ ।
ଜଣେ ଜଣେ ନାମ ଧରି ପାଶକୁ ଡାଇଲେ ॥
ଶୁଣ ଗୋ ବାସେଳ ନାରାୟଣୀ ଭଗବତ ।
ଆଜଠାରୁ ରକ୍ତମାଂସ ପଡ଼ୁ ସବୁ କ୍ଷିତି ॥
ବ୍ରହ୍ମାୟଣୀ ଠାକୁରାଣୀଙ୍କର ଆଜ୍ଞା ମାନ ।
ରକତ ମାଂସ ସକଳ ପଡ଼ିଲା ମେଦିନୀ ॥
ପୁଣି ଠାକୁରାଣୀମାନେ ମହୋଲ୍ଲାସ କଲେ ।
ମାଂସ ଭକ୍ଷିବେ ବୋଲିଣ ସର୍ବେ ବସିଗଲେ ॥
ଶୁଣ ହୋ ପରୀକ୍ଷରାଜା କୋପେ ଦେବୀ ଦୁର୍ଗେ ।
ମହାଶାଳା ବୀର ଜାତ କଲେ ପାଦ ଯୁଗେ ॥
ପ୍ରାନ୍ତେ ଜାତ ହେଲା ଯେ ବେଢ଼ିଆ କ୍ଷେତ୍ରପାଳ ।
ଖଣ୍ଡ୍ରିଆ କ୍ଷେତ୍ରପାଳ ଯେ ଅଟେ ମହାବଳ ॥
ପୁଣ ଜାତ କଲେ କାମଦେବ କ୍ଷେତ୍ରପାଳ ।
ଭୟଙ୍କର ରୂପ ତାର ମୁଣ୍ଡ ବିକଟାଳ ।
ଏମନ୍ତେ ସେ କ୍ଷେତ୍ରପାଳ ହୋଇଲେକ ଜାତ ।
ରଣକ୍ଷେତ୍ର ରକ୍ଷାପାଇଁ କରିଲେ ସମ୍ଭୂତ ॥
ଦୁର୍ଗା ଆଜ୍ଞା ଦେଲେ ରହି ଅହୋ କ୍ଷେତ୍ରପାଳେ ।
ରଣସ୍ଥାନ ମାନ ତୁମ୍ଭେ ରକ୍ଷ ହୋ ସକଳେ ॥
ନାମ ସଙ୍କେତ କରିଣ ବୋଲି ଗୋସାମଣୀ ।
କ୍ଷେତ୍ର ରକ୍ଷାକର ବୀରବର ପଣ ଘେନି ॥
ଡ଼ିକୁଆ କ୍ଷେତ୍ରପାଳ ଯେ ହନୁ କ୍ଷେତ୍ରପାଳ ।
ନୃସିଂହ କ୍ଷେତ୍ରପାଳ କାଳିଆ କ୍ଷେତ୍ରପାଳ ।
ଅମ୍ଭୁଅ କ୍ଷେତ୍ରପାଳ ଗୋରିଆ କ୍ଷେତ୍ରପାଳ ।
ଅଣ୍ଡ୍ରିଆ କ୍ଷେତ୍ରପାଳ ଖଣ୍ଡ୍ରିଆ କ୍ଷେତ୍ରପାଳ ॥
ଭୋଳିଆ କ୍ଷେତ୍ରପାଳ ଖୋଳିଆ କ୍ଷେତ୍ରପାଳ ।
ନମିଆ କ୍ଷେତ୍ରପାଳ ରମିଆ କ୍ଷେତ୍ରପାଳ ॥
ଏହାଙ୍କର ତୁଲେ ଜାତ ହେଲେ ଯାତୁମଣ୍ଟ ।
କାନ୍ଦୁଅ ମଣ୍ଟ ପୁଣି ସେ ଚଣ୍ଡିଆ ମଣ୍ଟ ॥
ମହାକାଳମଣ୍ଟ ଯେ ଖଙ୍ଗାନାଟେ ମଣ୍ଟ ।
ଏହାଙ୍କର ମୂଳେ ହେଲେ ପୁଣ ବୀରବଳ ॥

Digitized by srujanika@gmail.com

ମାଣିକା ରଣ୍ଡା ବାମନା ବଜଯ୍ଯୁ ଭୂତାକା ।
ଗଣ୍ଡାଳଅ ଗମଣ୍ଡା ଦହଳା ଘୋଷାନ୍ତକା ॥
ଶୃଙ୍ଗୁଟିଅ ଝଂଝଂରଅ କଣି ଝିଙ୍କିରଅ ।
ଏପରି ଅନେକ ଜାତକଲେ ମହାମାୟୀ ॥
ଏମନ୍ତେ ସେ ଗୋସାମଣୀ ଶାବଜାତ କରି ।
ନଉ ମନ୍ତ୍ର ଏହାଙ୍କୁ ଆଜ୍ଞା ଅବଧାରି ॥
ସେହୁ ସମସ୍ତେ ଗୋତଖଣ୍ଡିଅ ଉର୍ଦ୍ଧ୍ୱକେଶା ।
ଭକ୍ଷଣ କରନ୍ତୁ ସର୍ବେ ରକ୍ତ ମାଂସ ମିଶା ॥
ନଉମନ୍ତ୍ର ସେ ଜାତ କରି ଗୋସାମଣୀ ।
ଇନ୍ଦ୍ରାୟଣୀ ରୁଦ୍ରାୟଣୀ ମୂର୍ତ୍ତିଅଛ ଜାଣି ॥
ହାତଯ୍ଯୁ ବାସେଳୀ ବ୍ୟାଘ୍ରେଶ୍ୱରୀ ଘଣ୍ଟବସା ।
ଗରୁଡାଇ ମଦନାଇ ଦେବୀ କାଳଜଙ୍ଘୀ ॥
ଚଂଡ଼ାଶୁଣୀ ଆଦ ସର୍ବ ଦେବୀଙ୍କି ବୋଲନ୍ତି ।
ଯୋଗୀମାନଙ୍କ ଆହାର କର ତୁମ୍ଭେ ଶାନ୍ତି ॥
ଦୟାଁ ବସିଲା ମୋହର ପୃଥିବୀ ତକଳେ ।
ଅଜୁଁ ଅସୁରଙ୍କ ରକ୍ତ ମାଂସ ପଡ଼ୁତଳେ ॥
ଅଥବା ଆହାର ଯେଣୁ କରିବ ନ ଜାଣି ।
ମାନୁଷୀର ରୂପରେ ସେ ହୋଇବ ଡାକେଣୀ ॥
ଦୁର୍ଗା ବୋଇଲେ ମୋହର ବଚନ ଯେ ଏହୁ ।
ବସୁଧା ସେଭ ଅବସ୍ଥା ତା ଉପରେ ପଡ଼ୁ ॥
ଶ୍ରୀମହାଦେବୀ ଏମନ୍ତେ ଆଜ୍ଞାକୁ ଯେ ଦେଲେ ।
ସବୁଙ୍କର ଆହାରକୁ ବସେଧ ଗୋ ଭଲେ ।
ଠାକୁରାଣୀଙ୍କର ତହୁଁ ଏହବାଣୀ ଶୁଣି ।
ଡାକ ଡାକେଶ୍ୱରୀକୁ ଯେ ବୋଲେ ନାରାୟଣୀ ॥
ଅସୁର ବଳ ଭକ୍ଷଣ ନ କରବେ କେହ ।
ଆଜ୍ଞା ହୋଇଅଛି ସମସ୍ତଙ୍କ ଥାଅ କହ ॥
ଯହୁଁ ଏମନ୍ତ ସେ ଆଜ୍ଞା ଦେଲେ ମହାମାୟେ ।
ଡାକେଶ୍ୱରୀ ଉଚେ ଡାକ ଦେଲେକ ଘୋଷାଏ ॥
ଅନନ୍ତଦେବୀମାନେ ଗୋ ଯେତେ ଯେତେ ଅଛ ।
ଅଜୁ ଅସୁରଙ୍କ ରକ୍ତ ମାଂସ ଗୋ ନ ଭକ୍ଷ ॥
ରଣରଙ୍ଗ ଲାଗିଅଛି ଚୌଷଠି ଯୋଗିନେ ।
ଡାକେଶ୍ୱରୀ ଡ଼ାକ ଶୁଭେ ସବୁଙ୍କର କର୍ଣ୍ଣେ ॥
ଦୁର୍ଗା ଆଜ୍ଞା ପାଇ ତହୁଁ ସର୍ବେ ଗୋସାମଣୀ ।
କଦଳ ବନ ପ୍ରତ୍ୟେକ ଗଲେ ସବୁ ହାଣି ॥
ଏ କଟକୁ ସେ କଟକୁ ବୁଲାଇ ପିଟନ୍ତି ।
ବେନିଖଣ୍ଡ ହୋଇ ଦୈତ୍ୟ ମହୀରେ ଲୋଟନ୍ତି ॥

ଗଦା ମୁଦ୍ଗର ଅସିପଟ୍ଟ ଠେଣଶାଟେ ।
ପ୍ରାଣହାର ରଣମଧ୍ୟେ ପଡ଼ନ୍ତି ଦଇତେ ॥
ବହିଲା ରକ୍ତନଦୀ କଲ୍ଲୋଳିତ ହୋଇ ।
ଖଣ୍ଡ ଖଣ୍ଡ ପିଣ୍ଡ ଦଳ କର୍ଦ୍ଦମ ହେଲେ ମହୀ ॥
ନ ଖାଇଲେ ରକ୍ତମାଂସ ଦେବୀ ଆଜ୍ଞା ମାନି ।
ଯାହା ଆଜ୍ଞାଦେଲେ ସେହି ଦୁର୍ଗତିତାରିଣୀ ॥
ରଣ ଅଘୋର ବୋଲିଣ ଆଜ୍ଞାଦେଲେ ଦେବୀ ।
ତାହାଙ୍କ ସଙ୍ଗରେ ଗୃଣ୍ଡାଳିଅଙ୍କୁ ବରଗି ॥
ଦେବୀମାନଙ୍କ ଭୂହରେ ସଙ୍ଗେ ସେନାଥିରୁ ।
ମହାବୀରମାନଙ୍କୁ ଭୂ ସମସ୍ତ ବାନ୍ଧିରୁ ॥
ମଣ୍ଡଳାଧି ବୀରପତି ବୀର ମହାଖଳା ।
ଅଘୋରଲେ ରଣକ୍ଷେତ୍ର ହୋଇ ଅନର୍ଗଳା ॥
ଶୁଣ ରାଜେ ଦେବୀମାନେ ମନ୍ତ୍ରେ ଉଚ୍ଛୁଳନ୍ତି ।
ଦୁଷ୍ଟ ଦାନବଙ୍କ କତ କତ ହାଣି ଯାନ୍ତି ॥
ସମରେ ନ ଦୁଷନ୍ତି ଯେ ଦୈତ୍ୟ ମହା ବଳୀ ।
ଏକ ପଦ୍ମନ୍ତେ ଅନେକ ଧାମେ ଅତି ବେଗି ॥
କାଳକେତୁ ବୋଲିଣ ସେ ଏକଇ ଅସୁର ।
ଅର୍ବୁଦେ ବଳ ଘେନିଣ ପଶିଲା ସମର ॥
ବଜ୍ରକେତୁ ବୋଲିଣ ଯେ ଏକଇ ଅସୁର ।
ଦ୍ୱିଅର୍ବୁଦ ବଳ ଘେନି ମିଳିଲା ସମର ॥
ବୀରମର୍ଦ୍ଦନ ଅସୁର ଯେ ଯୋଜନବାହୁ ।
ତିନଅର୍ବୁଦ ଯୋଦ୍ଧାରେ ବାହାରିଲେ ସେହୁ ॥
ତ୍ରିପୁର ଦେବୀଙ୍କ ତୁଲେ ଯୁଦ୍ଧ ଅରମ୍ଭିଲେ ।
ଅହୋବଳେ ମହାଘୋର ସଂଗ୍ରାମ କରିଲେ ॥
ବୀରବାହୁ ବୋଲିଣ ଯେ ଦୈତ୍ୟ ମହାବଳୀ ।
ଅର୍ବୁଦେ ଯୋଦ୍ଧା ଘେନି ସେ ଭେଟି ଭଦ୍ରକାଳୀ ॥
ମଧ୍ୟରେ ସୁବାହୁ ବୋଲି ଏକଇ ଅସୁର ।
କୋଟିଏ ଯୋଦ୍ଧା ଘେନି ସେ କରଇ ସମର ॥
ପଦ୍ମେକ ଯୋଦ୍ଧା ଘେନିଣ ଯେ ପ୍ରଚଣ୍ଡବାହୁ ।
ବ୍ରହ୍ମାୟଣୀକୁ ଘୋଟଇ ଚନ୍ଦେ ଯେସନ୍ତେ ରାହୁ ॥
ବେନିଲକ୍ଷ ଯୋଦ୍ଧା ଘେନି ସେ ଗଗନ ଘୋଟ ।
ଇନ୍ଦ୍ରାୟଣୀ ତୁଲରେ ଯେ ହେଲେ ଯାଇଁ ଭେଟ ॥
ଭେଣ୍ଟାସୁର ବୋଲିଣ ଯେ ଏକଇ ରାକ୍ଷସ ।
ତିନକୋଟି ଯୋଦ୍ଧା ଘେନି ଉଗ୍ରତାରା ପାଶ ॥
ପଦ୍ମେକ ଯୋଦ୍ଧା ଘେନିଣ ହେଟାସୁର ଦୈତ୍ୟ ।
ବୃଠାସ୍ୱ ତୁଲରେ ରଣ କଲାକ ଅଦ୍ଭୁତ ॥

Digitized by srujanika@gmail.com

ଅନ୍ଧାସୁର ବୋଲଣ ଏକଇ ରାକ୍ଷସ ।
ପ୍ରଚେଣ୍ଡ ଯୋଦ୍ଧା ସେନ ସେ ବ୍ୟାଘ୍ରେଶ୍ୱରୀ ପାଶ ॥
ପଦ୍ମେକ ଯୋଦ୍ଧା ସେନଣଦୈତ୍ୟ ଉର୍ଦ୍ଧ୍ୱକେଶ ।
ବାରସ୍ତ୍ରୀ ମାରକମାଙ୍କ ଆଗେ ପରବେଶ ॥
ସାତଲକ୍ଷ ଯୋଦ୍ଧା ସେନ ବୀର ଇନ୍ଦ୍ରଜିତ ।
ଭୈରବୀ ଭୁଲେ ତାର ରଣ ଅପ୍ରମିତ ॥
ବେଦପଦ୍ମ ଯୋଦ୍ଧା ସେନ ଘଣ୍ଟାସୁର ଭଲେ ।
କାଳକାଙ୍କ ସମ୍ମୁଖରେ କାଟି ସେ ପଡ଼ିଲେ ॥
କାକମୁଖ ଦଇତର ବଳ ପାଞ୍ଚକୋଟି ।
କମାପୁଣୀ ଦେବୀ ତାହା ନିମିଷକେ ଘୋଟି ॥
ବାଲୁକ ଅସୁର ଯେ ଯେ ଅଟେ କାମରୂପୀ ।
ଘଣ୍ଟେଶ୍ୱରୀ ଦେବୀ ଯାଇଁ ତାହାକୁହିଁ ବ୍ୟାପି ॥
ଉଲ୍କଟ ନାମେଣ ଦୈତ୍ୟ ଜଗତେ ପ୍ରସିଦ୍ଧି ।
ତାର ପାଞ୍ଚସହସ୍ର ଅଠାଇଶି ମହା ଯୋଦ୍ଧୀ ॥
ସମର କଲେ ସେ ନିଜ ବଳ ସରକ ଶି ।
ଗିଳିଲେ କାମାକ୍ଷୀ ପିଙ୍ଗଳାକ୍ଷୀ ମେଧା ମିଳି ॥
ବୀରବର ସୁନ୍ଦର ଯେ ମାଳଞ୍ଜନ ନାମ ।
ତାଡ଼କା ଦେବୀର ଭୁଲେ ତାହାର ସଂଗ୍ରାମ ॥
ଲକ୍ଷେ ଯୋଦ୍ଧା ସେନଣ ଯେ ଦୈତ୍ୟଘୋଡ଼ାମୁଖ ।
ତାଡ଼କା ଦେବୀର ଭୁଲେ ପଡ଼ିଲା ପ୍ରତ୍ୟକ୍ଷ ॥
ବାଆନ କୋଟି ସେନଣ ସେନା ବିରୂପାକ୍ଷ ।
ଅମ୍ବିକାଇ ଭୁଲରେ ସେ ହୋଇଲା ସମ୍ମୁଖ ॥
ପଦ୍ମେକ ଯୋଦ୍ଧା ସେନଣ ଅସୁର ତାମ୍ରାକ୍ଷୀ ।
ଦେଖି ତା ଭୁଲେ ସମର କଲା ଗରୁଡ଼ାକ୍ଷୀ ॥
ଗଜମୁଖ ଦୈତ୍ୟ ଭୁଲେ ଛନପଦ୍ମ ବୀର ।
ହାତବାହନୀ ସଙ୍ଗରେ କରିଲା ସମର ॥
ବମ୍ବାସୁର ବୋଲକର ଏକଇ ରାକ୍ଷସ ।
ଆଠ ସର୍ବ ପଡ଼ିଲେ ତା ମହାମାୟା ପାଶ ॥
ପିଙ୍ଗଳାସୁର ଗୋମୁଖ ମନୁଷ୍ୟର କାୟା ।
ନବଲକ୍ଷ ଯୋଦ୍ଧା ସେନ ଘୋଟେ ଦେବୀ ଛାୟା ॥
ରଣରଙ୍ଗ ଧନ୍ଦୋଳୀ ଯେ ଅଇର ମାତଙ୍ଗୀ ।
ଲୋହାସୁର ଦଇତ୍ୟକୁ ଘୋଟେ ଯାଇଁ ବେଗି ॥
ନିମଜାଇ ଦେବୀ ବିଶ୍ୱରୂପ ପ୍ରକାଶିଲା ।
ଏକାହୋଇ ଛନପଦ୍ମ ଦୈତ୍ୟଙ୍କୁ ଘୋଟିଲା ॥
ମେଚ୍ଛ ଯୋଦ୍ଧା ସେନଣ ଦୈତ୍ୟମୁଣ୍ଡାସୁର ।
ଚଣ୍ଡିକାର ଭୁଲେ ସେହି କରଇ ସମର ।
ଅଙ୍ଗିରାସୁର ଦୈତ୍ୟର ଛନପଦ୍ମ ସେନା ।
ବ୍ରାହ୍ମଣୀ ଭୁଲେ ପଡ଼ିଲେକ ସର୍ବ ଜେନା ॥
ନିକଟାସୁର ବୋଲଣ ଏକଇ ଦଇତ ।
ତାହାର ସହିତେ ଯୋଦ୍ଧା ପାଞ୍ଚ ନିଯୁତ ॥
ଗଦା ବୁଲାଇଣ ସେହୁ ଧାଇଁ ଅତି ବେଗେ ।
ସେ ସବୁ ପଡ଼ିଲେ ଗୋଳକମାର ଯେ ଆଗେ ॥
ଶଙ୍ଖାସୁର ବୋଲି ମହାବଳିଷ୍ଠ ଦାନବ ।
ନାରସୁଣୀ ସଂଗ୍ରାମରେ ପାଇଲା ପ୍ରାଭବ ॥
ସାତଲକ୍ଷ ନିଅର୍ବୁଦ ସଙ୍ଗରେ ସଇନ ।
ଶୁଭ୍ରକେଶ ଅସେ କରେ କୋଦାଳକୁ ସେନ ॥
ଯାବଡ଼େ ପଡ଼ିଲେ ସମରଶ୍ରୀଙ୍କ ଅଗରେ ।
ମାରି ପକାଇଲେ ଏକା ସେ ସବୁ ସମରେ ॥
ଅପାର ପ୍ରବଳ ସେହି ରକ୍ଷବଳ ଥାଟ ।
ଅଦତ୍ୟ ଅମ୍ବରରେ ଯେ ନ ଦିଶଇ ବାଟ ॥
ଯେତେକ ଅଛି ଦେଇଥିଲେ ଦୁର୍ଗତତାରଣୀ ।
ଆହାର ନ କରି ସର୍ବ ପକାଇଲେ ହାଣି ॥
ଲଳନା ଦୁଲଣା ଦୁଇ ଦେବୀ ଯେ ମଟେଣୋହ ।
ରକତମାଂସ ଭକ୍ଷଣ କରନ୍ତି ଯେ ସେହି ॥
ହୟସ୍ତୀ ଜୟସ୍ତୀ ଭକ୍ଷଣାସ୍ତୀ ନନ୍ଦଣାସ୍ତୀ ।
ବହୁଳାସ୍ତୀ ବଜ୍ରସ୍ତୀ ଯେ ଅବର ଦୁଲାସ୍ତୀ ॥
ଏହି ସାତ ଭଉଣୀଏ ହୋଇ ଏକରୁଣ୍ଡ ।
ସନ୍ୟଙ୍କୁ ରଖି ନ ପାରି ଖାନ୍ତି ମୃତପିଣ୍ଡ ।
ରକ୍ତ ମାଂସ ଖାଇଲେ ଯେ କରି ଖଣ୍ଡ ଖଣ୍ଡ ।
ଶୁଣ ହୋ ପରୀକ୍ଷ ରାଜା ହୋଇଲେ ପ୍ରଚଣ୍ଡ ॥
ସେହି ସପ୍ତଦେବୀଙ୍କର ଅନୀତକୁ ଦେଖି ।
ଖଡ୍ଗ ଧରି କ୍ଷେତ୍ରପାଳେ ଗଲେ ତା ତହିଁକି ॥
ନନ୍ଦଣାସ୍ତୀକି ବୋଇଲେ ତୋର ମୁଖ ପୋଡ଼ୁ ।
ଏହାଙ୍କୁ ଖାଇବାରୁ ଗୋ ତୋର ଦେହ ଛାଡ଼ୁ ॥
ପୁଣି ବୋଇଲେ ମାତାର ବଚନକୁ ମେଣ୍ଟି ।
ଏବେ ଆଜ୍ଞା ପାଇଲେ ମୁଁ କାଟନ୍ତି ତୋ ତୋଟି ॥
କ୍ଷେତ୍ରପାଳର ଭର୍ତ୍ସନା ପଶେ ତାଙ୍କ କର୍ଣ୍ଣେ ।
ସେ ସ ତଜଣ ଭକ୍ଷଣ କରିଲେ ଅଜ୍ଞାନେ ॥
କ୍ଷେତ୍ରପାଳ ବଜ୍ରସ୍ତୀକୁ ମାରିଲେକ ଖଣ୍ଡା ।
କପାଳ ପାଟରେ ବାଜ ଛେଜ ହେଲା ଗୁଣ୍ଡା ॥
କ୍ଷେତ୍ରପାଳକୁ ସେ ଖଣ୍ଡା ପୁଣ ଲେଉଟାଇ ।
ମାଇଲା ବଜ୍ରସ୍ତୀଚଣ୍ଡୀ କୋପମନା ହୋଇ ॥

Digitized by srujanika@gmail.com

ଥିଏ ପ୍ରଚଣ୍ଡ ଖଡ଼୍ଗ ତାହା ଉପରେ ପଡ଼ ।
ଶେଷେ କ୍ଷେତ୍ରପାଳର ବେନ ଭୁଜ ଗଲା ଛିଡ଼ ॥
ଦୁର୍ଗାଙ୍କର ଆଗେ ଯାଇଁ ଗୁହାରି ସେ କଲା ।
ଦେଖି ଦୁର୍ଗା ବୋଇଲେ କେ ତୋତେ ଯୁଦ୍ଧ କରିଲା ।
କ୍ଷେତ୍ରପାଳ ବୋଲଇ ଗୋ ଶୁଣ ଜଗଦ୍ଧାତ୍ରୀ ।
ଭକ୍ତ ଅପମାନ କରଲେ ସପ୍ତଗୋଷ୍ଠ ମାତ୍ରୀ ॥
ମୁହିଁ ତାହାଙ୍କୁହିଁ ବଥାରଣ ଗୁହାରିଲି ।
ତୁମ୍ଭର ଆଜ୍ଞା ଅନେକ ରୂପେ ଶୁଣାଇଲି ॥
ଶୁଣି କୋପମନ କଲା ସେ ବିଜୟା ଚଣ୍ଡୀ ।
ଖଡ୍ଗ ମାରି ମୋ ଭୁଜ ପକାଇଲା ଖଣ୍ଡି ॥
ଏତେ କହି ପଡ଼ିଲା ସେ ଦୁର୍ଗା ପାଦତଳେ ।
ଯାହା ଇଚ୍ଛା ତାହା କର ଗୋ ସର୍ବମଙ୍ଗଳେ ॥
ଏସନ ଅବସ୍ଥା ଦେଖି ତାର ଗୋସାମଣୀ ।
ବୋଇଲେ ଅଟମାଷ ହୁଅ ସପତ ଭଉଣୀ ॥
ମୋର ସାବକୁ ଅବଜ୍ଞା କରି ଦେଲ ଦୁଃଖ ।
ସପତମାତ୍ରୀ ତୁମ୍ଭେ କେ ହୁଅଟି ଅମୋକ୍ଷ ॥
ଦୁର୍ଗାଙ୍କର ମୁଖରୁ ଯେ ଏହି ବାକ୍ୟ ଶୁଣି ।
ଚରଣେ ଲୋଟିଲେ ଆସି ସପତ ଭଉଣୀ ॥
ଆଜ୍ଞା ପାଇ ଉଠିଲେକ ଯୋଡ଼ ବେନିପାଣି ।
ଶାପୁଁ ମୁକତ କାରଣ କର ଗୋସାମଣି ॥
ଦେବୀ ଅନୁଗ୍ରହ କଲେ ତାଙ୍କର ବଚନେ ।
ପାଷାଣ ହୋଇ ଥିବ ଲୋ ବଇତରଣୀ କୂଳେ ॥
ଗିରକେଶ୍ୱର ଲିଙ୍ଗ ଲୋ ହେବ ତୋର ପତି ।
ମନୁଷ୍ୟ ରୂପରେ ତୁମ୍ଭେ କରିଅ ଲୋ ପ୍ରୀତି ॥
ଶୁଣ ହୋ ପରୀକ୍ଷ ରାଜା ଦୁର୍ଗା ଆଜ୍ଞାଦେଲେ ।
ବୈତରଣୀ ଜଳେ ତୁମ୍ଭେ ଅବଗାହ କଲେ ॥
ସ୍ନାନ କରଣ ଶୁକଳରୂପ କୁଷ୍ଠ ଦେଖ ।
ବାହାଙ୍କର ପ୍ରସନ୍ନରେ ଫିଟୁ ତୁମ୍ଭ ଦୁଃଖ ॥
କଳି ଯୁଗରେ ମାନୁଷୀ ରୂପ କରି ଭୋଗ ।
ଡାକେଣୀ ସ୍ୱରୂପରେ ଗୋ ପୋହାବଳ ମାଗ ॥
ହେ ବୁଧଜନେ ପୂର୍ବର ଏସନେକ କଥା ।
ତାହା କହିବାକୁ କାଏ ଅଛି ସାମରଥା ॥
ଛଳମନ୍ତ୍ରୁ ଅପଣ୍ଡିତ ମୂର୍ଖ ମୋର ଗୋଳି ।
ବଳରାମ ଶସ୍ତ୍ର ଦ୍ୱାର ଲୁଣ୍ଡି ମୋର ନତ ॥
ହେ ବୁଧଜନେ ଜାଣନ୍ତୁ ଅପାଠୀ ଅଜ୍ଞାନୀ ।
ବାସହିଁ କୁସ୍ଥାନେ ମୁହିଁ ତପ ଅବା ଭଣି ॥

ନ ପଢ଼ିଲି ଶାସ୍ତ୍ର ତଥ୍ୟ ମୁଁଶ୍ରୀ ଅଗାଧ ।
ଅଣଷର ଅର୍ଥୀଧାତା ଅତି ଅଦ୍ଭେଦକ ॥
ନନ୍ୟମାଘ ଶୁକ୍ଳପକ୍ଷ ଦଶମୀର ରତେ ।
ସ୍ତ୍ରିଶ୍ରୀ ଏକ ମୂର୍ତ୍ତିସନ୍ନ ଦେଖାଇଲେକ ମୋତେ ॥
ତୁଳସୀମାଳା ଗୋଟିଏ ହୃଦେ ମୋର ଦେଇ ।
ଏ ଶାସ୍ତ୍ର ବାକ୍ୟମାନଙ୍କୁ ରଚନ୍ତ ବସି କହି ॥
ସେ ମୋତେ ଯେବେ ଯେଉଁ ପ୍ରକାଶନ୍ତି ଯାହା ।
ପ୍ରଭାତ ତାଳକୁ ବସି ଲେଖଇ ମୁଁ ତାହା ॥
ସେହି ଆଜ୍ଞାରୁ କରିଲି ମୁଁ ଏକାନ୍ତ ଇଚ୍ଛା ।
ସେ ଜନନୀ ସବୁଙ୍କର ଦେଉ ମନବାଞ୍ଛା ॥
ସମଲେଖ୦ ଅସମ ଲେଖନ କ ଅବା ।
ହେ ସୁଜନ ଜନମାନେ ମେଲକରି ନେବା ॥
ଭୂତଖଣ୍ଡ ପୂର୍ବରେ ଯେ ଝଙ୍କଡ଼ ପୁରରେ ।
ଜନ୍ମେ ଜନ୍ମେ ସେବଇଁ ମୁଁ ସାରଳା ପାଦରେ ॥
ଏ ଗ୍ରନ୍ଥକୁ ଆଜ୍ଞା ମୋତେ ଦେଲେ ମହାଦେବୀ ।
ବଦାଶୃଙ୍ଗ ଶୂଦ୍ରମୁନି ସାରଳା ଯେ କବି ॥
ଏଥୁ ଅନନ୍ତରେ ଶୁକମୁନି ପାଦତଳେ ।
ପରୀକ୍ଷିତ ପୂଜା କଲେ ଭକ୍ତିଭାବ ହେଲେ ॥
ଯଦି ମହାମୁନି ମୋତେ କଲ ଅନୁଗ୍ରହ ।
ସଂକ୍ଷେପି ଚଣ୍ଡିକାଶାସ୍ତ୍ର ମୋର ଆଗେ କହ ॥
ରବ ଗୋପ୍ୟଗଲା କର୍ମଜାଇ ଗର୍ଭଗତେ ।
ପୁଣି କେବଣ କୃତ୍ୟ ଯେ କଲେକ ଦଇତେ ॥
ଶୁଣ ପରୀକ୍ଷ ରାଜନ କହେ ଶୁକ ବ୍ରହ୍ମା ।
ଗୃହସ୍ଥଗରେ ବୃକ୍ଷଭି ଚଣ୍ଡୀଙ୍କ ମହିମା ॥
ଯଦି ସମାପୂର୍ଣ ଭାରତରେ ମହାରଣ ।
କଳପ କଳ୍ପ ସମାନେ ଦେବଙ୍କ ଘଟଣ ॥
କୃଷ୍ଣ ତନ ଅବତାର ପାତରୂପ ମନ୍ତ୍ରୀ ।
ଶ୍ରୀ ଚଣ୍ଡିକା ଶାସ୍ତ୍ରକୁ ଯେ ସମ ନୋହେ କେହି ॥
ଅଦୃଷ୍ଟି ଅଶ୍ରୁତ ଅପୂରୁବ ଅଗୋଚର ।
ଲେଖନ୍ତେ ଅନ୍ୟ ନୁହଇ ଏ ଘୋର ସମର ॥
ଏକଦନମାହକେ ସେ ଭାସି ରକ୍ତ ମାଂସ ।
ଯୁଦ୍ଧଭୂମିରେ ଯେତେକ ପଡ଼ିଲେ ରାକ୍ଷସ ॥
ଅସ୍ଥି ଚର୍ମ ରକ୍ତ ମାଂସ ପଚ୍ଛ ମେଦାମେଦ ।
ପାତାଳକୁ ଭେଦିକରି ବହେ ରକ୍ତନଦୀ ॥
ଶୁଣ ହୋ ପରୀକ୍ଷ ଜାହ୍ନ୍ୟଟିର ପରବତ ।
ଶତାଷ୍ଟୋତ୍ତର ଯୋଜନ ଯାଏ ଉଚ୍ଚର୍ନତ ॥



Digitized by srujanika@gmail.com

ବେଢ଼ଣ ଯୋଜନକ ଚାରି ସର୍ଗସ୍ଥଳୀ ।
ସବୁଠାରୁ ଅଟଇ ସେହି ମହାଗିରି ॥
ଶୋଣିତ ବହନ୍ତେ ବୁଡ଼ିଗଲା ତନ୍ମଧ୍ୟଗିରି ।
ସେ ଗିରି ଶିଖ ପର୍ଯ୍ୟନ୍ତେ ମାରଇ ଲହରୀ ॥
ସେ ପର୍ବତ ଉପରରେ ଥିଲେ ଶାଳବୃକ୍ଷେ ।
ପଞ୍ଚ ପଞ୍ଚତାଳ ସେହି ଉଚ୍ଚରେ ପ୍ରତ୍ୟକ୍ଷେ ॥
ସେ ବୃକ୍ଷରେ ଲାଗିଲେ ଯେ ମୃତପିଣ୍ଡ ଭେଳା ।
ଲହରୀ ମାରନ୍ତେ ବୃକ୍ଷ ଡାଳ ନ ଦିଶିଲା ॥
ସେ ପାର୍ଦ୍ଧ ଡାଳରେ ଥାଇ ହୋଇ ଊର୍ଦ୍ଧ୍ୱମୁଖ ।
ରକତ ପିବନ୍ତି ଗୃଧ୍ରଗଣ ଲଭି ସୁଖ ॥
ଲକ୍ଷ୍ମୀଭଦ୍ରା ପୁଣ୍ୟତେଜସ୍ୱା ସରସ୍ୱତୀ ଯାଏ ।
ରୁଦ୍ଧ ବନ ବୃକ୍ଷ ଗିରି ଏକଖଣ୍ଡ ହୁଏ ॥
ସେ ପାର୍ଦ୍ଧ ତାଳ ବୃକ୍ଷ ଲହରୀର ଘାତେ ।
ରକ୍ତ ପିଇଲେ କାକାଦ୍ଧ ପକ୍ଷିଗଣ ଯେତେ ॥
ଆଦିତ୍ୟ ନ ଥିବାରୁ ଯେ ତ୍ରୈଲୋକ୍ୟ ଅନ୍ଧାର ।
ଦିବ୍ୟ ଚକ୍ଷୁ ଅଟଇ ସେ ଦେବୀମାନଙ୍କର ॥
ଅସୁର ସୈନ୍ୟମାନଙ୍କୁ ହୋଇଲା ଅଦୃଶ୍ୟ ।
ଦେବୀଗଣମାନଙ୍କୁ ଯେ ହେଉଅଛି ଦୃଶ୍ୟ ॥
ତାରଣ ନୋହିଲା ନେତ୍ର କାହାକୁହିଁ ଭେଦ ।
କାହାର ଶିରକମଳ କେ ଧରିଲା ଛେଦ ॥
ଏକପକ୍ଷ ହେଲା ନବ ଦିବସ ପର୍ଯ୍ୟନ୍ତେ ।
ଏହା କେ ପ୍ରାନ୍ତ କରିବ ଲେଖନ୍ତେ କହନ୍ତେ ॥
ଅସୁର ବଳହିଁ ଶାନ୍ତ ନୋହିଲେ ସମରେ ।
ରବିହିଁ ରହିଲେ ନମିକାଙ୍କ ଗର୍ଭରେ ।
ଶତେ ମେରୁ ସମ ଯେଉଁ ଦିନକର କାନ୍ତେ ।
ନମିକାର ଗର୍ଭେ ରହି କଷ୍ଟିତ ପରାଣେ ॥
ଅସୁରବଳ ସଇନ ଅପରାଜୟ ଦେଖି ।
ଦେବତାଏ ସ୍ତବନ କଲେ ଦେବୀଙ୍କ ତହିଁକି ।
ଅନେକ ବିନୟ ହୋଇ ପେତା କଲେ ସ୍ତୁତି ।
ତୋହର ପ୍ରସାଦେ ମାଗୋ ବଞ୍ଚିଲୁ ଦୁର୍ଗତି ॥
ଦୁର୍ଗା ବୋଇଲେ ତୁମ୍ଭର କର୍ମ୍ମ ଏ ଭରସା ।
ବନ୍ଧୁବର୍ଗ ଯେଣୁ ବନ୍ଦୀ ଅଛଇଁ ମନୁଷା ॥
ବ୍ରହ୍ମା ବୋଇଲେ ଶୁଣସି ଅଗୋ ମାତ ଦୁର୍ଗେ ।
ମହିଷାସୁର ଉତ୍ପାତ ନାହିଁ ଏବେ ସ୍ୱର୍ଗେ ॥
ତ୍ରୈଲୋକ୍ୟ ବଳିଷ୍ଠ ଶୁମ୍ଭ ନିଶୁମ୍ଭ ଦନୁଜ ।
ଅସୁର ଦୈତ୍ୟ ଅବର ଯେ ରକ୍ତବୀଜ ॥
ଚଣ୍ଡ ମୁଣ୍ଡ ଶୁମ୍ଭଙ୍କ ସେ ତିନଲୋକ ପୁର ।
ସ୍ୱର୍ଗ ତେଜ ପଳାଇଲେ ଭୟେ ସୁରେଶ୍ୱର ॥
ସେ ଦୈତ୍ୟମାନଙ୍କ ନାଶକଲ ହେଲା ଯୁଦ୍ଧେ ।
ମହାସୁଖ ପାଇ ସ୍ୱର୍ଗେ ରହିଲେ ଅରୁଧେ ॥
ଆଉ ମହିଷାସୁରକୁ କ ଭୟ ଅମ୍ଭର ।
କର୍ଭିସୁ ହେଲାଣି ମନ କୃପାରୁ ତୁମ୍ଭର ॥
ଏବେ ଲୋକ ସୁଖୀ ହୋନ୍ତୁ ତୋହର ପ୍ରସାଦେ ।
ନମିକାଙ୍କ ସାଇଣ ଅଙ୍ଗୀଦଅ ହାଦେ ॥
ଆଦିତ୍ୟଙ୍କୁ ବନ୍ଦ କରିଅଛି ଗର୍ଭ ଦେଶେ ।
ସୁଜଦେବ ଉଦେ ହେଉ ଏବେ ସେ ଆକାଶେ ॥
ଅନେକ ବିନୟ ଯହୁଁ ହେଲେ ଦେବରାଜା ।
ସନ୍ନିଧିକୁ ଦୁର୍ଗାଦେବୀ ଡାକିଲେ ନମିକା ॥
ବୋଇଲେ ଗୋ ସୂର୍ଯ୍ୟ ପଶିଅଛି ତୋର ଗର୍ଭେ ।
ସୁଜଦେବ ଆସି ଏବେ ଉଦେ ହେଉ ନଭେ ॥
ଦେବୀ ଆଜ୍ଞା ଶୁଣି ବେଗେ ବିସ୍ତାରିଲା ତୁଣ୍ଡ ।
ଗର୍ଭରୁ ବାହାର ହୋଇ ଉଦେ ମାର୍ତ୍ତଣ୍ଡ ॥
ଆଦିତ୍ୟ ଦେବର ଯହୁଁ ପ୍ରକାଶିଲା ଜ୍ୟୋତି ।
ସପ୍ତ ବ୍ରହ୍ମାଣ୍ଡର ଫିଟିଗଲା ଦୁର୍ଗତି ॥
ଶୂନ୍ୟରେ ରହି ଦେଖିଲେ ସେହି ବୃନ୍ଦାରକେ ।
ରକତ ନୈଶି ଅଶ୍ଚର୍ଯ୍ୟ ହେଲେ ଏକେ ଏକେ ॥
ଅନେକ ରୂପେ ଯେ ଉତ୍ପୁଲକିତ ବସୁନ୍ଧରା ।
ବନ୍ତ ମୃତପଣ୍ଡ ହେତୁ ପାଇଲାକ ଭାର ॥
କରରେ ହେମ କୁମ୍ଭେକ ଘେନ ବସୁମତୀ ।
ଦୁର୍ଗାଙ୍କ ଛାମୁରେ ଆସି ଉଭାହେଲା ଯାଚି ॥
ଦୁର୍ଗା ବୋଇଲେ ବସୁଧା ହୋଇଲୁ କମ୍ପିତ ।
ଶରୀର ଦକ ଶିଳା ତେ କନକର ଜ୍ୟୋତି ॥
ଥିଲା କ ଶ୍ୱେତଭାବ ହେଲୁ କ ଅଶେଷୀ ।
ବସୁଧା ବୋଇଲା ମାଗୋ ସବୁ ତୋହ ଲାଗି ॥
ଦୁର୍ଗା ବୋଇଲେ ଇଚ୍ଛାଏ ମାଂସରକ୍ତ ଶେଷ ।
ଗତ କଥାକୁ ପାଶୋର ଦେହୁ ହେଉ ତୋଷ ॥
ମହୀ ବୋଲେ ମୃତପିଣ୍ଡ ଅଛନ୍ତି ରୁଧିର ।
ଜ୍ୱାଳାରେ ପିଙ୍ଗଳବର୍ଣ୍ଣ ହେଲା ମୋ ଶରୀର ॥
ଆଜ୍ଞାଦିଅ ମାଗୋ ଦେବୀମାନେ ଏବେ ଯାନ୍ତୁ ।
ଅତ୍ୟନ୍ତ ଶରଧା ବହି ରକ୍ତ ମାଂସ ଖାନ୍ତୁ ॥
ଶୁଣି ଆଜ୍ଞାଦେଲେ ଦୁର୍ଗା ନାରାୟଣୀ ଅଗେ ।
ଷାଠିଏ ପିଙ୍ଗଳୀଏ ତା ଖାଇଯାନ୍ତୁ ବେଗେ ॥

Digitized by srujanika@gmail.com

ଶୁଣ ହୋ ପଣ୍ଡୁଞ୍ଚ ରଜା ଅଦ୍ଭୁତ ଦେବତା ।
ଯନ୍ତୁଁ ଉଦେ ହୋଇଥିଲେ ଜଗତକରତା ॥
ନବଘନ ନବରବି ଏକମଧ୍ୟୁ ହେଲା ।
କେତେବରଣେ ପଡ଼ିଲେ ସେ ଗୋଚର ନୋହିଲା ॥
ଏତେଧନ ମେଦମେଦା ପଡ଼ିଛ ପୃଥ୍ୱୀରେ ।
ବ୍ରହ୍ମାଣ୍ଡଯାକ ପୂରିଛି ଯେ ପୂତି ଗନ୍ଧରେ ॥
ଦୁର୍ଗା ପୁଚ୍ଛା କଲେ ଦେବୀମାନଙ୍କୁ ଅନାଇଁ ।
କେତେକେତେ ରାକ୍ଷସ ଗୋ ମାରିଲ ତୁମ୍ଭେହିଁ ॥
ପ୍ରଥମେ କର ଯୋଡ଼ିଣ କହେ ନାରସିଂହୀ ।
ଯମଘଣ୍ଟାର ମାରିଲି ପଚିଶ ଅକ୍ଷୌହିଣୀ ॥
ବ୍ରହ୍ମାଣୀ ବୋଇଲେ ଗୋ ଶୁଣ ଜଗନ୍ମାତା ।
ଶଙ୍ଖାସୁରର ମାଇଲି ମୁଁ ଶତେ ମର୍ତ୍ତ୍ୟତା ॥
ଛପନ କୋଟି ରାକ୍ଷସ ଜପାସୁର ତୁଲେ ।
ମୁଁ ମାଇଲି ବୋଲି ମାହେଶ୍ୱରୀ ଜଣାଇଲେ ॥
କରପଦ୍ମ ଯୋଡ଼ି କର ଜଣାଏ ବାସେଲୀ ।
ଯୋଜନବାହୁ ଦୈତ୍ୟଙ୍କୁ ମୁଁ ଅଜ ନାଶିଲି ॥
ଚଣ୍ଡପଦ୍ମ ଶୂର ଅଦ୍ଭୁତ ତା ସଇନ୍ୟ ।
ସମସ୍ତେ ମୋହର ହାତେ ଗଲେ ଯମସଦନ ॥
କୃତାଞ୍ଜଳି ହୋଇ ବଇଜାନ୍ତୀ ଜଣାଇଲା ।
କୃତାନ୍ତକ ଦନୁଜ ମୋ କରେ ନାଶଗଲା ॥
ଚଣ୍ଡସାଗର ସୈନ୍ୟ ଯେ ତା ସଙ୍ଗେ ପଡ଼ିଲେ ।
ଗଣନା ନ ଯାଇ କେତେ ସେମାନେ ଛଡ଼ିଲେ ॥
ପ୍ରଣିପତ୍ୟ ହୋଇଣ ସେ କହେ ତାକେଶ୍ୱରୀ ।
ସଦ୍ଧ୍ୱଜ ଯୋଦ୍ଧା ମୁହିଁ ଗୋ ରଣେ ସଂହାରିଲି ॥
ଅଗ୍ର ହୋଇ ମାରକନା ଆସି ଜଣାଇଲେ ।
ଚଣ୍ଡସାଗର ଯୋଦ୍ଧା ମୋ କରେ ପ୍ରାଣଦେଲେ ॥
ଦୁର୍ଗାଙ୍କ ସମ୍ମୁଖରେ ଜଣାଇଲେ ଜୟଚଣ୍ଡୀ ।
ସାତ ମର୍ତ୍ତ୍ୟ ଯୋଦ୍ଧାଙ୍କ ଶିର ମୁହିଁ ଖଣ୍ଡି ॥
ପ୍ରଣିପତ୍ୟ ହୋଇଣ ସେ ବୋଇଲେ କାଳିକା ।
ସାଗରେକ ଯୋଦ୍ଧା ବଧ କଲି ମୁହିଁ ଏକା ॥
ବାହାନାଦ କରଣ ସେ ବୋଇଲେ କୃଠାସୀ ।
ମୁଁ ମାରିଲି ଯେତେ ଅନ୍ତ କରି ତା ନ ପାରି ॥
ଲଳନା ବୋଇଲା ମାଗୋ ଅମ୍ଭେ ତ୍ରିଭୁବନୀ ।
ମେଳ ହୋଇଣ ମାରିଲୁ ସୈନ୍ୟ ସାତକୋଟି ॥
କରପଦ୍ମ ଯୋଡ଼ି କର ବୋଲେ ଉଗ୍ରତାରା ।
ମୁହିଁ ଯୁଦ୍ଧରେ ମାଇଲି ମେଦଛ ଅସୁର ॥

ପାଞ୍ଚଲକ୍ଷ ଅସୁର ଯେ ସୁବାହୁର ତୁଲେ ।
ସେହି ମୋ ମୁଖରେ ପଡ଼ି ଯମପୁର ଗଲେ ॥
ଜଣାଇଲେ ଦୁର୍ଗାଙ୍କର ସମ୍ମୁଖରେ ଚର୍ଚ୍ଚିକା ।
ଚଣ୍ଡପଦ୍ମ ଯୋଦ୍ଧା ମା'ଗୋ ମାରିଲି ମୁଁ ଏକା ॥
କରପଦ୍ମ ଯୋଡ଼ି କରି କହେ ଯମସ୍ୱଣୀ ।
ମୁହିଁ ମାରିଲି ଗୋ ବଳ ବତିଶ ଅକ୍ଷୌହିଣୀ ॥
ବିନମ୍ର ଭାବ ହୋଇ ସେ ବୋଇଲେ ଚାମୁଣ୍ଡା ।
ସମରେ ବଧ କଲି ମୁଁ ଦେଖ ମହାଶୁଣ୍ଡା ॥
ଅଗରେ ଉଭା ହୋଇଣ ବୋଇଲେ ଅମ୍ବିକା ।
ନବସାଗର ଯୋଦ୍ଧା ଗୋ ବଧିଲି ମୁଁ ଏକା ॥
କରପଦ୍ମ ଯୋଡ଼ିକରି ବୋଲନ୍ତି ମାତଙ୍ଗୀ ।
ମାଇଲି ତେଇଶ କୋଟି ସୈନ୍ୟ ରଣରଙ୍ଗୀ ॥
ଦୁର୍ଗା ସମ୍ମୁଖରେ କହନ୍ତି ଦେବୀ ଭଗବତୀ ।
ଯୋଦ୍ଧା ମୁଁ ମାରିଲି ତାହା ଅଟେ ଅଗଣନ୍ତି ॥
ସାତକୋଟି ଯୋଦ୍ଧାଗୁଲେ ଚଣ୍ଡାସୁର ଥିଲା ।
ମୁହିଁ ମାଇଲି ସାବେଶ ଦେବୀ ଯେ କହିଲା ॥
ଦୁର୍ଗାଙ୍କ ସମ୍ମୁଖରେ ଅସି କହିଲା ଉଲ୍କା ।
ଅନୁକ୍ଷଣେ ହାଣିଲି କେ ପାରୁ ତାହା ଲେଖି ॥
ଦୁର୍ଗାଙ୍କ ସମ୍ମୁଖରେ ଅସି କହିଲେ କାମିତା ।
ସାଗର ଯାଏ ହଣିଲି ଅଜ ଅଗଣିତା ॥
କରପଦ୍ମ ଯୋଡ଼ିଣ ସେ ବୋଇଲେ ବାରାହୀ ।
ଜଟାସୁରକୁ ମାରିଲି ସୈନ୍ୟ ଲେଖାନାହିଁ ॥
କରପଦ୍ମ ଯୋଡ଼ିଣ ସେ କହେ ଭଦ୍ରକାଳୀ ।
ପାଞ୍ଚଅର୍ବୁଦ ମାଇଲି ପାଞ୍ଚଶ ଜଗୁଳି ॥
ଶ୍ରୀ ଦୁର୍ଗାଙ୍କ ସମ୍ମୁଖରେ ସେ ବେତାଳୀ କହିଲା ।
ମୋହର ମାରିବା ଚଣ୍ଡଅର୍ବୁଦ ହୋଇଲା ॥
ଅମ୍ବିକା ବୋଇଲା ଶୁଣ ଶୁଣ ମାତ ଦୁର୍ଗେ ।
ସଦ୍ଧ୍ୱଜ ଯୋଦ୍ଧା ମାରିଲି ମୁହିଁ ରଣରଙ୍ଗେ ॥
କରପଦ୍ମ ଯୋଡ଼ିକରି କହଇ କାମାକ୍ଷୀ ।
ମାରିଲି ମୁଁ ଚଣ୍ଡପଦ୍ମ ଯୋଦ୍ଧା ଭଲ ବାଛି ॥
ପୁଣି କର ଯୋଡ଼ି କହେ ଅସି ହଂସଶୁଣୀ ।
ଅସଂଖ୍ୟ ହାଣିଲି କେବା ପାରୁ ତାହା ଜାଣି ॥
ଶ୍ରୀ ଦୁର୍ଗା ଅଗରେ କହେ ଯାଇଁ ଶଙ୍ଖେଶ୍ୱରୀ ।
ମୁହିଁ ଯୁଦ୍ଧେ ମାଇଲି ଗୋ ଯୋଦ୍ଧା ଖର୍ବ ଶୂର ॥
ଦୁର୍ଗାଙ୍କ ସମ୍ମୁଖରେ କହେ ଦେବୀ ମହାମାୟା ।
ଯୁଦ୍ଧରେ ତୁଟିଲା ମାଗୋ ମୋହର ସେ କାୟା ॥

Digitized by srujanika@gmail.com

ବରପଣ ଘୋଟ କରେ ଅସି ନନ୍ଦନାସ୍ତୀ ।
ସେଠାର ମହିମା ମାଗୋ ଗଣିବା ନ ଯାଇ ॥
ଦୁର୍ଗାଙ୍କ ଅଙ୍ଗେ ଜନ୍ମ ଦେବୀ ନୀଳେଶ୍ୱରୀ ।
ନାରସୁଣୀ ନାମା କରେ ଶଙ୍ଖଚକ୍ରଧରି ॥
ବେଢ଼ି ନରଶମୂହ ରେ ଭୁ କଷ ବକ୍ତ୍ରରୁ ।
ଅସ୍ତ୍ରବଳ ସଇନ୍ୟ କେନ୍ତ ଅନ୍ତକରୁ ॥
ମ ଗୋ ଦେବୀମାନେ ଏ ଯେ ଚଉଷଠି ଯୋଗିନୀ ।
ଅଳ ଶେ ଷେଯନ୍ତ୍ର ନବକୋଟି କାତ୍ୟାୟନୀ ॥
ବ୍ରହ୍ମାୟଣୀ ମୂର୍ତ୍ତି ତନ ପଦ୍ମ ଯେ ଯୁକତ ।
ଏହାଙ୍କର ମହିମା ନ ଜାଣେ ବେଦପଥ ॥
ନାରସୁଣୀ ମୂରତ ଯେ ଛନ୍ଦକୋଟି ଚଣ୍ଡୀ ।
ସେ ଦେବୀମାନେ ଦାନବ ବଳମାନ ଖଣ୍ଡି ॥
ଇନ୍ଦ୍ରାୟଣୀ ମୂର୍ତ୍ତି ଚଉଷଠି କୋଟି ଦେବୀ ।
ଏହାଙ୍କ ମହିମା କେତେ ମୁହିଁ ବା କହିବି ॥
କୁଚାଳୁକା ଦେବୀ ଯେ ଅଭୟା କାମରୂପୀ ।
ପଦ୍ମେଜାତ ହୋଇଲେ ସେ ଗଗନରେ ଖେପି ॥
ଷାଠିଏ ଲକ୍ଷ ଦେବୀ ଯେ ହେଲେ ବରୁଣାସ୍ତୀ ।
ଏହାଙ୍କ ଘୋର ସମର କହିତ ନୁହଇ ॥
ପରେ ନେବଛ ଚଣ୍ଡୀ ଶୋଣେହା ମୂରତ ।
ଏହାଙ୍କ ଯୁଦ୍ଧ ଅସଂଖ୍ୟ ଶୁଣି ଅଗଣନ୍ତ ॥
ମାଗୋ ଏହା ଫକ୍ଷେପି କ କହିବ ବିସ୍ତର ।
ଦେବୀ ଜଣକେ ତଗ ଶଙ୍ଖେ ପଦ୍ମେ ସୈନ୍ୟମାର ॥
ପାଞ୍ଚପଦ୍ମ ଏକ ଅଟେ ରକ୍ତବୀଜ ବଳ ।
ମାର ନାର ନ ସରଲେ ସେ ଦୁଷ୍ଟ ଶୃଗାଳ ॥
ମାରିବା ଖାଇବା ତାହା କେ ପାରିବ ଗଣି ।
ମୁଁ ମାରିଲି ଏକା ହୋଇ ସତଣ ଯକ୍ଷଣୀ ॥
ତୋ ମହିମା ମାଣବକରେ ବଳ୍ପ ଦେବୀ ଜାତ ।
ମଧୁପୁରରେ ଚରଣ ଶିର ଶୂନ୍ୟଗତ ॥
ମାଗୋ ସମସ୍ତେତ ଜାତ ହେଲୁ ତୋର ଗର୍ଭୁ ।
ଭଜକାଳ କଥାମାନ ଜାଣୁ ଭୁହି ସବୁ ।
ଭକ୍ତକଥା ସମସ୍ତ ଗୋ କହିଲୁ ସଂକ୍ଷେପେ ।
ମହାଘୋର ଦୁଷ୍ଟ ଭୁ ତା ଅଟଇ ଅଦ୍ୟାପି ॥
ବସୁଧା ବୋଲେ ମାତା ମୁଁ ଜାଣଇଁ ସମସ୍ତ ।
ମୋ ପରେ ଅନେକବାର ହୋଇଛି ଭାରତ ।
ଅନେକ ଅସୁର ନାଶ କଲେ ଚକ୍ରପାଣି ।
ତୋର ଅନୁଗ୍ରହରୁ ମୁଁ ସମାପୂର୍ଣ୍ଣ ଜାଣି ॥

ଅନେକ ଅବତାର ଯେ ହେଲେ ଦେବ ହରି ।
ମାଗୋ ତୋର ଫଗ୍ରାମକୁ କେହି ନୁହେ ସରି ॥
ବସୁଧା ବୋଇଲା ଦେବୀଗଣେ ଅଙ୍ଗବନ୍ତ ।
ବୋଲ ମେଦ ମେଦା ମାଂସ ସମସ୍ତେହେଁ ଖାଅ ॥
ବସ୍ତୁତ ପୁରଗନ୍ଧ ମୁଁ ନ ପାରଇ ସହି ।
ପୁଣି ଦୁଖି ସର୍ବଂସହା ବନସ୍ତେ କହଇ ॥
ବସୁମତୀ ବଚନକୁ ଶୁଣି ଜଗନ୍ନାଥ ।
ଶୋଣେହା ମାନଙ୍କୁ ତଳପାରୁ କଲେ ଜାତ ॥
ବାଂଷାଶୁଣୀ ନାମେ ପ୍ରଥମରୁ ଜାତ ହୁଏ ।
ଦ୍ୱିତେ କାଗୁଳାଇ ଜନ୍ମ କଲେ ମହାମାୟେ ॥
ପୁଣି ଜାତକଲେ ମହାଘୋର ବାଂଷାଶୁଣୀ ।
କାମାଶୁଣୀ ଦେବୀ ଜାତ କଲେ ଗୋସାମଣୀ ॥
କୋରେଅଶୁଣୀ ଅବର ଯେ ଜାରେଅଶୁଣୀ ।
ଅମାଶୁଣୀ ଦମାଶୁଣୀ ସୋହାଗଅଶୁଣୀ ॥
ଏଳମାଶୁଣୀ ଗୋଲମାଶୁଣୀ ତମାଶୁଣୀ ।
କଳତାଶୁଣୀ ଭରତାଶୁଣୀ କନ୍ଦାଶୁଣୀ ॥
ଛନ୍ଦାଶୁଣୀ ଖମ୍ବାଶୁଣୀ ପାଳମାଳାଶୁଣୀ ।
ଖଣ୍ଡାଶୁଣୀ ଚଣ୍ଡାଶୁଣୀ ଯେ କରକାଶୁଣୀ ॥
ଦମ୍ଭାଶୁଣୀ କଷ୍ଟାଶୁଣୀ ସେ ଗଗନାଶୁଣୀ ।
ଚନ୍ଦ୍ରାଶୁଣୀ ଇନ୍ଦ୍ରାଶୁଣୀ ସେ ଧବଳାଶୁଣୀ ॥
ବଳାଶୁଣୀ ଯେ କଙ୍କାଳାଶୁଣୀ ଭଦ୍ରାଶୁଣୀ ।
କରୁଣାଶୁଣୀ କରୁଣାଶୁଣୀ ମିନାଶୁଣୀ ॥
ତମ୍ବାଶୁଣୀ ରୁପାଶୁଣୀ ଗୁଣ୍ଡୁଗୁଣାଶୁଣୀ ।
କରକାଶୁଣୀ ଯେ ପଣ୍ଡାଶୁଣୀ ଦଣ୍ଡାଶୁଣୀ ॥
ଲହରଶୁଣୀ ସାକରଶୁଣୀ ଶାଯ୍ୟାଶୁଣୀ ।
ଉପରଶୁଣୀ ଛତ୍ରଶୁଣୀ ସମାଶୁଣୀ ॥
ସାରଶୁଣୀ ହଂସାଶୁଣୀ ଫସଶୁଣୀ ପୁଣି ।
ପାରଶୁଣୀ କରଭରଶୁଣୀ ସୀତାଶୁଣୀ ॥
ତାରଶୁଣୀ କୃଷ୍ଣାଶୁଣୀ ଦେବପିତାଶୁଣୀ ।
ରେଖାଶୁଣୀ ସହସ୍ରଶୁଣୀ ମେଥାଶୁଣୀ ॥
ଶାଁଖଶୁଣୀ ସ୍ତବଶୁଣୀ ସ୍ୱଯୋଏକାଶୁଣୀ ।
ମାଳାଶୁଣୀ ଦ୍ୱିଳାୟୁଣୀ ଗୋସାମଣିଶୁଣୀ ॥
ଶୁଣ ହେ ପଣ୍ଡିତ ସତା ଯେତଶୁଣୀମାନ ।
ହୋଇଲେ ମାନସୀ ରୂପେ ଭବ ଅବଗାହି ॥
ଯେତେ ବିଶ୍ୱମାନେ ହୋଇଛନ୍ତି ଉତପନ୍ନ ।
ଏ ଦେବୀମାନଙ୍କ ଅଂଶେ ଅଛନ୍ତି ସେ ପୁନ ॥

Digitized by srujanika@gmail.com

ଏ ଦେବୀମାନେ ସମସ୍ତେ ଶୋଣିତ ମୂରତି ।
ଯେ ଯାହାର ନାମ ସେହୁ ବଖାଣୁ ଅଛନ୍ତି ॥
ଶ୍ରୀ ଦୁର୍ଗାର ପାଦରୁ ସେ ହେଲେ ଉତପତ୍ତି ।
ବର୍ଣ୍ଣଗୁଣେ ସେ ଯେ କାମଦେବଙ୍କୁ ମୋହନ୍ତି ॥
ଶ୍ୟାମଳ ଶରୀର କଳା ବର୍ଣ୍ଣ ବସନ୍ତ ।
କେ ପିଙ୍ଗଳ କେ ହିଙ୍ଗୁଳ ରଙ୍ଗ ପ୍ରକାଶନ୍ତି ॥
ମନୁଷ୍ୟ ଶରୀର ନାନା ବର୍ଣ୍ଣେ ମୁଖ ଶିରୀ ।
ଛଅ ସାତ ଆଠ ଅବା କାର ମୁଖ ଚାରି ॥
ଗର୍ଜ୍ଜନ୍ତି ସେ ପୁଂ ପୁଂକାର କରି ଘୋରନାଦେ ।
ପୃଥିବୀ କମ୍ପଇ ତାଙ୍କ ଗର୍ଜ୍ଜନ ଶବ୍ଦେ ॥
ଅନନ୍ତ କାତ୍ୟାୟନୀ ଅଜପାକ୍ଷର ମୂର୍ତ୍ତି ।
ଦୁର୍ଗାର ମୁଖ ଚାହିଁଣ ଅହାର ମାଗନ୍ତି ॥
ଦୁର୍ଗା ବୋଇଲେ ରକତ ନଦୀ ପିଅ ଯାଇଁ ।
ଏତେ ବୋଲି ଦେବୀ ଦେଲେ ଅଙ୍ଗୁଳି ଦେଖାଇ ॥
ଏକ୍ଷେଅଜ୍ଞା ତାଙ୍କୁ ଯହୁଁ ଦେଲେ ଦେବୀ ଦୁର୍ଗେ ।
ଧାଇଁ ରକ୍ତ ନଦୀ ଶୋଷିଗଲେ ଅତିବେଗେ ॥
ଶିରବର ସମାନରେ ବଢ଼ାଇଲେ କାୟେ ।
ଭକ୍ଷନ୍ତି ରକତମାଂସ ହୋଇଣ ନିର୍ଭୟେ ॥
ଯଥାକାଶ ଗଙ୍ଗା ମେରୁ ମେଖଳେ ପଶଇ ।
ତଥା ରକ୍ତ ମାଂସ ଅସ୍ଥି ଦେବୀ ଗର୍ଭେ ଯାଇଁ ॥
ଅସ୍ଥି ଚର୍ମ ଆଦି କରି ଭକ୍ଷନ୍ତି ଶୋଣେଶୀ ।
ଏକନିଃଶ୍ୱାସକେ ଶୋଷିଗଲେ ସର୍ବମଷୀ ॥
ଚଉଷଠି ଯୋଜନରେ ରକ୍ତ ପୂରିଥିଲା ।
ଷଡ଼ରବସରରେ ସେ ସବୁ ଶେଷ ହେଲା ॥
ମହାବିଶ୍ୱରୂପ ଧରି କଉତୁକେ ଭକ୍ଷି ।
ସମସ୍ତ ଭକ୍ଷିଲେ ସେ ଯେ ନ ରହିଲା କିଛି ॥
ବସୁଧା ଦେଖନ୍ତେ ଶେଷ ହେଲା ସେ ସମସ୍ତ ।
ଯେ ଅବା ଜୀବନେ ବର୍ତ୍ତିଥିଲେକ ଦଇତ ॥
ତାହାନ୍ତ ସମରେ ସବୁ ମାରି କାତ୍ୟାୟନୀ ।
ଅନେକ ଦୈନ୍ୟ ମାଇଲା ସେ ହାକିଣୀ ଡାକିନୀ ॥
ଥୋରଦସ୍ତେ ଧରି ସେହୁ କରୁଛନ୍ତି ସମସ୍ତ ।
ରଣେ ମହାଦେବୀମାନେ ହେଲେ ଉନମତ୍ତ ॥
ଦୈତ୍ୟଙ୍କର ଶସ୍ତ୍ରକୁ ଯେ ନ କରନ୍ତି ଭୟେ ।
ବଜ୍ର ନିର୍ମିତ ଅଙ୍ଗ ଦେବୀଙ୍କର କାୟେ ॥
ଶର ବନ୍ଧ ବନ୍ଧ ଦୈତ୍ୟେ ପଡ଼ିଲେ ବିମୁଖ ।
ପଳାଉନ୍ତି ଦାନବେ ଯେ ଲଭି ମହାଦୁଃଖ ॥
ମହାବିଶ୍ୱରୂପେ ଧରି ସେ ହାଡ଼ଅଶୁଣୀ ।
ଥୋଉ ହସ୍ତେ ଧରି ବନ୍ଧୁଦୈତ୍ୟ ନାଚେ ପୁଣି ॥
ନେଇ ବେଗେ ନଗ୍ନରୂପ ଝିଂଅଟିର ତୋଳ ।
ଅସ୍ଥି ଚର୍ମ ମାଂସ ଆଦି ସର୍ବସ୍ୱ ଧୂଳି ॥
ରଣରଙ୍ଗ କୁତୂହଳ କହନ୍ତ କେ ପାରି ।
ଏହା ହାଡ଼ଅଶୁଣୀ ଯେ ସବୁ ଦୈତ୍ୟମାରି ॥
ଜପାସୁର ବୋଲିକରି ଏକ ସେନାପତି ।
ତପେଣ ତୋଷ କଲା ସେ ଦେବ ବେଦପତି ॥
ଏକଳୟେ ବସିଲା ସେ ସହସ୍ର ବରଷ ।
ପ୍ରସନ୍ନ ହୋଇଲେ କାଳେ ତାହାକୁ ବେଦେଶ ॥
ବ୍ରହ୍ମାଏ ବୋଇଲେ ଉଠ ତୁରେ ଯାଉଧାନ ।
ମାଗ ହୋ ତୁ ବର ତୋତେ ହୋଇଲୁ ପ୍ରସନ୍ନ ॥
ଦାନବ ବୋଇଲା ଦେବ ଦେବୁ ଯେବେ ବର ।
ଜପ ତପୁଁ ମନ ନାହିଁ ମୋର ଅନ୍ୟଠାର ॥
ମୋତେ ପ୍ରସନ୍ନ ଯଦ୍ୟପି ହୋଇଲୁ ବର ।
ଜପ ତପୁଁ ମୋହର ନ ଥିବ ଆନ ଛନ୍ଦ ॥
ପିତାଏ ବୋଇଲେ ଏବେ ନିଜପୁରେ ଯାଯା ।
ବୈତରଣୀ ନଦୀତୀରେ ତପେ ବସିଥା ଯା ॥
ଯେ ତୋ ତପ ଭଙ୍ଗ ବଷ୍ଟ କରି ବଳାତ୍କାର ।
ତୁ ଚାହିଁଲେ ଜଳିଯିବ ତାହାର ଶରୀର ॥
ଯଦ୍ୟପିକ ହରି ହର ଦେବ ପୁରନ୍ଦର ।
ତୁ ଚାହିଁଲେ ଭସ୍ମ ହୋଇଯିବେ ଦେବାସୁର ॥
ଏମନେକ ବଧାନରେ କହି ପ୍ରବସିଲି ।
ସତ୍ୟଯୁଗୁ ତାହାରତ ହେଲା ବୁଛି ସେଇ ॥
ମହୀ ମଣ୍ଡଳରେ ସେହୁ ଅଟେ ଚକ୍ରବର୍ତ୍ତୀ ।
ମହୁଦୈତ୍ୟକୁ ପ୍ରଦାନ କଲା କ ଦୁହିତା ॥
ସେହୁକନ୍ୟା ସମପ୍ରେବେ ହେଲା ଗର୍ଭବତୀ ।
ବଜ୍ରସିଂହ ଦାନବ ଯେ ତହୁଁ ଉତପତ୍ତି ॥
ବଜ୍ରସିଂହ ନନ୍ଦନ କପିଳ ସିଂହ ଶ୍ୱସେ ।
ମହିଷାସୁର ଦାନବ ତାହାର ତନୟେ ॥
ଏମନ୍ତେ ସେ ଜପାସୁର ମୈଷା ପଣଅଜା ।
ପ୍ରୀତ ବଢ଼ାଇ ମହିଷା ତାକୁ କଲା ପୂଜା ॥
ଖେଦ ସ୍ନେହାଦରେ ବଶ ହେଲା ଦୈତ୍ୟପତି ।
ତପ ଛାଡ଼ି ମହିଷାର ହେଲା ସେନାପତି ॥
ଦଶ ଲକ୍ଷ କୋଟି ଅଛି ସୈନ୍ୟ ଅଧିକାରୀ ।
ସ୍ୱରକୋଟି ଯୋଦ୍ଧାପରେ ଅଟେ ପଟ୍ଟଅରି ॥

Digitized by srujanika@gmail.com

ହେ ଦକ୍ଷ ଜଳାସୁର ବଂଶ ଭୋଗ କଲା ।
କର୍ମର ଦପାକେ ତାଙ୍କୁ ପ୍ରମାଦ ପଡ଼ିଲା ॥
ସେ ଜଳାସୁର ସଲଣ ଜଳରପସ୍ୱେ ।
ଯୋଉ ହସ୍ତେ କମ୍ବଳେ ଧର ମହାମାସ୍ୱେ ॥
ସୈନ୍ୟ ମାଉନ୍ତେଣ ଜଳାସୁର ଯେ ବମୁଖ ।
ଧର୍ମରେ କେବେହେ ବୃନ୍ଦିବ ମୈଷାସୁର ମୁଖ ॥
ସମର ମୁଁ କରେ କର୍ପା ଧନଶସ୍ତ୍ର ଧର ।
ପିତାମହଙ୍କୁ ଚନ୍ଦ୍ରର ଏଥି ବସିକର ॥
ତଦନ୍ତେ ବୃନ୍ଦିବ ଏହି ଦୁଷ୍ଟ ଦେବାଗଣ ।
ଭସ୍ମ ହୋଇବେ ଏମାନେ ଥାଉ ନୋହୁ ରଣ ॥
ଏମନ୍ତ ଭସ୍ମର ହେତୁ ଧ୍ୟାନ କର ବସି ।
ଅନ୍ତର୍ଗତ ମଧ୍ୟେ ପଡ ମନ୍ତ୍ର ନାମ ଘୋଷି ॥
ଅସୁରର ଚେଷ୍ଟା ଦେଖି ହାତଅବାସିନୀ ।
ଘୋର ସବକର ଯାଏଁ ଯୋଉହସ୍ତ ସେନ ॥
ତେଜ ବୃଷ୍ଟିକର ଦୈତ୍ୟ ସୃଷ୍ଟିଛ ତାହାଙ୍କୁ ।
କ୍ଷଣକେ ହାତଅଶ୍ରୁଣୀ ଟିକେଦେଲ ତାଙ୍କୁ ॥
ଅହେ ପରୀକ୍ଷିତ ଧର୍ମ ଥିଲା ପ୍ରାଣୀ ତରେ ।
ଅଧର୍ମ କଲେ ଅମର ଲୋକ ହେଲେ ମରେ ॥
ଜଳାସୁର ଯେବେ ପୂର୍ବତପ କରୁଥାନ୍ତା ।
ବଇତରଣୀ କୂଳରୁ କେବେ ନ ଅଧନ୍ତା ॥
ସେ ଯେବେ ଗୃହାନ୍ତା ବ୍ରହ୍ମାବିଷ୍ଣୁ ମହେଶ୍ୱର ।
ଭସ ହୋଇ ଯାନ୍ତେ କେତେ ଏ ଦେବାମାତର ॥
ଯନ୍ତ୍ରଁ ଧର୍ମ ଛାଡିଲା ସେ ସମରେ ପଶିଲା ।
ନିଜଧର୍ମ ଛାଡ଼ିକର ନଜେ ନାଶଗଲା ॥
ପରୀକ୍ଷିତଙ୍କୁ ଯେ ଶୁକ ପୁଣିହିଁ କହନ୍ତେ ।
ବେନ ଅଲିବ୍ରତ ରଥୀ ତାର ନାଶଗଲେ ॥
ହାତଅବାହିନୀ ହାତେ ଜଳାସୁର ମଲା ।
ପୁରନ୍ଦର ଅଭିଷେକ ନା ମାଥେ କରିଲା ॥
ମେଷାସୁର ସମ୍ପଦ ଯେ ଜଳାସୁର ଧର୍ମେ ।
ଶ୍ରେହୀନ ହୋଇଲା ସେ ଅତ ଉତକର୍ମେ ।
ଜଳାସୁର ନାଶେ ହେଲା ଅମଙ୍ଗଳ ରାଜ୍ୟ ।
ଦାନବକୁଳେ ସମସ୍ତେ ହେଲେ ହୀନବୀର୍ଯ୍ୟ ॥
ଦାନବ କୁଳରେ ପଡ଼ିଗଲା ମହାଶୋକ ।
ଅନେକ ସାନନ୍ଦ ପୁଣି ହେଲେ ଦେବଲୋକ ॥
ଅଠାଇଶ ସେନା ମହିଷାର ନାଶଗଲେ ।
ସହାୟପ ସାଗର ଯେ ସଇନ୍ଦ ମଲେ ॥
ମେଦମେଦାସ୍ଥାନ ଯନ୍ତ୍ରଁ ହୋଇଲାକ ପୃଥ୍ୱୀ ।
ଅନେକ ସାନନ୍ଦ ହୋଇ ଗଲେ ବସୁମତୀ ॥
ଜୟ ଜୟ ଦୁର୍ଗେ ମାଗୋ ଦୁର୍ଗତତାରିଣୀ ।
ନାଶକଲୁ ମହିଷାର ସକଳ ସଇନ ॥
ଦର୍ପ ବନ୍ଧଣ ଅନ୍ତରେ ତୋତେ ନ ଚାହିଁଲେ ।
ନଷ୍ଟବୁଦ୍ଧିରେ ତୋଠାରେ ଦ୍ରୋହ ଆଚରିଲେ ॥
କରବାଳ ଧର ତେଣୁ ମାଇଲୁ ସମରେ ।
ବସା ଉତ୍ସାହ ହୋଇଲା ତୋହର ଯୋଗରେ ॥
ନାମ ଧରନ୍ତେ ମାତା ଗୋ ଯମଭୟ ନୋହେ ।
ମହା ମହା ରିପୁମାନ ଖଣ୍ଡନ ଯେ ହୋଏ ॥
ଅଶେଷ ମହିମା ତବ କେ ପାରିବ କହି ।
ହୀଣପଣରେ ଏ ଚଣ୍ଡୀପୁରାଣ ଲେଖଇ ॥
ଇଷତରେ କୃପା ମାଗୋ କର ମୋହଠାରେ ।
ମୋର କଣ୍ଠେ ବସି ପଦ କହିଦିଅ ବାରେ ॥
ହର ବାମା ହର ମୋର ଦୁର୍ଗତ ସକଳ ।
ରସନା ରଟୁ ଯେ ତବ ନାମକୁ କେବଳ ॥
ମୂର୍ଖ ମୁହିଁ ଅପଣ୍ଡିତ ନାହିଁ ଜ୍ଞାନାଜ୍ଞାନ ।
ଲକ୍ଷ୍ୟ କରିଛି କେବଳ ତୋ ପଦ୍ମ ଚରଣ ॥
ବୟସତ ଗତ ହେଲା ଆସି ଗୃହ୍ନିଁ ଗୃହ୍ନିଁ ।
ସାରିଦେଲା ରୋଗ ମୋତେ ଯେତେକ କାଳସନ୍ଧି ॥
ତବ ନାମ ବିନେ ମୁହିଁ ନ ଧଇଲା ମୁଖେ ।
ସାରଳା ଦାସ ମୋ ନାମ ଖ୍ୟାତ ଇହଲୋକେ ॥
ସରସିଜବଦନୀ ଗୋ କର ଅନୁଗ୍ରହ ।
ନ ଅସିବା ସ୍ଥଳେ ପଦମାନ କହି ଦିଅ ॥
ବାତୁଳ ପରାୟେ ଲେଖେ ଦୋଷ ମୋର ନାହିଁ ।
ସଂପୂର୍ଣ୍ଣ ରୂପେ ଏ ଶାସ୍ତ୍ର କେମନ୍ତେ ଲେଖଇ ॥
ସ୍ଥାଣୁ ହୋଇଲେ ଯେପରି ଏହାଙ୍କୁ ବୁଝିବ ।
ନ ହେଲା ବୋଲିଣ ମୋତେ ନିନ୍ଦା ନ କରିବ ॥
ମୋକ୍ଷଗତି ଯେହିଁପରି ଲଭିବ ଶେଷରେ ।
ଭକ୍ତପତିବାମ ବାମା ଦିଅ ଅକ୍ଲେଶରେ ॥

## ସୂର୍ଯ୍ୟ ମଣ୍ଡଳ ରଥର ବିବରଣ ।

ଏଅନ୍ତେ କାଳବିକାଳ ନାମେ ବେନିଦୂତେ ।
ସ୍ତୁପତେ ଥିଲେ ହିରଣ୍ୟଗର୍ଭ ଦରବତେ ।

Digitized by srujanika@gmail.com

ଏଇନ ଛପନରେ ସେ ଗଲେ ଅନ୍ତବେଗେ ।
ଯାଇଁ ଜଣାଇଲେ ମୈଷା ନୃପତିର ଆଗେ ।
ଶୁଣ ସାବଧାନେ ବୀରବର ପୃଥ୍ୱୀଶ୍ୱର ।
ସର୍ବଥା ନିମଜ୍ଜିଲେ ରଣରେ ତୋହର ॥
କି କୁହ କି କୁହ ବୋଲି କହନ୍ତେ ସେ ବେଗେ ।
ସତାଇଶ ସାଗର ତା ସୈନ୍ୟ ରଣଭଙ୍ଗେ ॥
ଅଠାଇଶ ସେନାପତି ସହ ଗଲେ ନାଶ ।
ଶୁଣି ମହିଷାସୁରର ଉଡ଼ିଲା ସାହସ ॥
ପୁଣି ମହିଷାବୋଲେ କି ବୋଇଲରେ ଦୂତେ ।
ସ୍ତ୍ରୀଶରୀରଙ୍କ ହୋଇ ସୈନ୍ୟ ମାରିଲା କେମନ୍ତେ ॥
ଯେଉଁ ମାନଙ୍କରେ ରୁଦ୍ର ହର ସମ ନୋହି ।
ସେ ବୀରମାନେ ଜୀବନେ ନାଶହେଲେ କାହିଁ ॥
ଅହା ଯମଦଣ୍ଡ କଙ୍କାସୁର ଚଣ୍ଡାସୁର ।
ସୁପ୍ରଚଣ୍ଡାସୁର ମହାବୀର ଧନ୍ଵାସୁର ॥
ଅହା ଶତଶିର ଅହା ରେ ସହସ୍ରଶିର ।
ଅରେ ଜପାସୁର ଅରେ ଅରେ ଧପାସୁର ॥
ବଜ୍ରାଙ୍ଗ ମହାଗର୍ଜନ ଭସ୍ମର ଦଇତ ।
କାଳ ନରଘାତ ଅରେ କେଉଣେ ଗଲୁ ଭୂତ ॥
ବାଣାସୁର ବାତାସୁର ଅରେ ଓଷ୍ଠମୁଖା ।
ଶୃଗାଳବଦନା ଅରେ ଅରେ ଘୋଡ଼ାମୁଖା ॥
ଏଡ଼େ ଏଡ଼େ ବୀରମାନେ କେଉଣେ ଗୁଳିଗଲ ।
ଅଗାଧ ସମୁଦ୍ରେ ମୋର ଭେଳା ବୁଡ଼ାଇଲ ॥
ତୁମ୍ଭ ବାହୁକୁ ଅଶ୍ରୁ କରିଥିଲି ଯିନା ।
ଅଗନ୍ତରେ ନାଶଗଲ ଏଡ଼େ ଏଡ଼େ ଜେନା ॥
ଜାଣିଲି ଦେବଙ୍କର ଏ କୁହତ ଅଟଇ ।
ଏରୂପେ ମହିଷାସୁର ଶୁଣ ବାହୁନଇ ॥
ପୁଣି ଛାମୁରେ ଜଣାଏ କାଳବମୋଚନ ।
ପ୍ରାଣବିସର୍ଜିଲେ ସବୁ ସେନାପତିମାନ ॥
ଭୂତଙ୍କ ବଚନ ବୋଲନ୍ତି ବୋଲେ ନୃପମଣି ।
କାଳବମୋଚନର ସେ ଧର ବେନି ପାଣି ॥
ଅସାବଧାନ ହୋଇ ପଡ଼େ ଦୈତ୍ୟକୁଳ ସାମ୍ଭେ ।
ତେଜଇ ନିଶ୍ୱାସ ପ୍ରାଣ ବିସର୍ଜନ ପ୍ରାୟେ ।
ସମ୍ଭାଳି ଧରିଲା ତାକୁ କାଳବମୋଚନ ।
ମହିଷାସୁର ଯେ ହୋଇଅଛି ଅଚେତନ ॥
ବିଷନ୍ତେ ସେ ମହାରାଜା ହୋଇଲା ସାଷ୍ଟାଙ୍ଗ ।
ବୋଲେମୋପୁରେ କେବଣ ହେଲା ଏବେ ଯମ ॥

ବ୍ରହ୍ମା ବିଷ୍ଣୁ ରୁଦ୍ର ଜିଣି ଯାଉନ୍ତି ଯେ ରଣେ ।
ସ୍ତ୍ରୀଶରୀରଙ୍କ ଯୁଦ୍ଧେ ପଡ଼ି ମଲେ ଅକାରଣେ ॥
ଜାଣି ନ ପାରିଲି ଦେବଙ୍କର କପଟ ଛନ୍ଦ ।
ଅନେକ ସନ୍ତାପ ପୁଣ କରଇ ନରେନ୍ଦ୍ର ॥
କାଳବମୋଚନ ବୋଇଲେ ବିଷ୍ଣୁ ଭସ୍ମ ଜାଣୁ ।
ଚଣ୍ଡେ ଅବଧ ବୋଲିଣ ବଚନ ପ୍ରମାଣୁ ॥
ମୈଶାବୋଲେ ବ୍ରହ୍ମାଙ୍କୁ ମୁଁ ବହୁ ସେବାକଲି ।
ପୁରୁଷେ ବଧ ନୋହିବି ଏ ବର ମାଗିଲି ॥
ଅନ୍ଧକ ମନ୍ତ୍ରୀ କହିଲା ମୋତେ ନିର୍ଧାର ।
ବିଷ୍ଣୁ ହିଁ ହୋଏଟି ସ୍ତ୍ରୀରୂପେ ଅବତାର ॥
ଅନ୍ଧକ ମନ୍ତ୍ରୀ ବଚନ ମୁହିଁ କଲି ନିନ୍ଦା ।
କାଳେ ଯେ ଫଳିଲା ବୁଦ୍ଧିଗଲା ମୋର ଫନ୍ଦା ॥
ମତ୍ତଗର୍ବେ ବୋଇଲି ସେ ସ୍ତ୍ରୀସ୍ୱ ଲିଙ୍ଗ ଛାର ।
ଯାକୁ ନିନ୍ଦାକଲି ତାରେ ହେଲି ଅପହାର ॥
ଅହୋ ସେନାପତି ମାନେ ମୋ ପ୍ରାଣ ସଙ୍ଗାତ ।
ଅନାଥ କରିଣ ମୋତେ ଗଲ ରେ ସମସ୍ତ ॥
ଅରେକାଳବମୋଚନ ମୋତେ ଭରସେହୁ ।
କେବଣ ସମୁଦ୍ରେ ଯାଇଁ ଲୁଚିଲଉ କାହୁ ।
ଏଡ଼େଏଡ଼େ ସେନାପ୍ରାଣତ୍ୟାଗ କଲେ ରଣେ ।
ଅବର ମୋ ଜୀବ ଅଛି କମ୍ପିତ କାରଣେ ॥
କର୍ମକୁ ଅଦର ଭୁଜ ଶିରରେ ତାଡ଼ଇ ।
ବଜ୍ରାଘାତ ପ୍ରାପ୍ତ ହୋଇ ଭୂମିରେ ପଡ଼ଇ ॥
ଧର ତାକୁ ବୋଲଇ ଯେ କାଳବମୋଚନ ।
ଅଧମପଣେ ନାଶିଲୁ ସେନାପତିମାନ ॥
ଚଣ୍ଡମୁଣ୍ଡ ବେନି ବାର୍ତ୍ତା ଯେବେ ଅଣିଦେଲେ ।
ତେବେ ସେ ଡାକୁଛି ବୋଲି ଏମନ୍ତ କହିଲେ ॥
ଅବଜ୍ଞା କଲୁ ଛେଦେବ ତୁ ତାଙ୍କର କଥା ।
ଅପଣା ଅଧମପଣେ ହେଲୁ ହୀନାବସ୍ଥା ॥
ତୁହି ଯେବେ ମିଳଥାନ୍ତୁ ଯାଇଁ ତାର ଛାମୁଁ ।
ତାକୁ କ୍ଷମାନ୍ତୁ ହୋ ତୋତେ ଦେଇନ୍ତା ପ୍ରଥମୁଁ ॥
ପାମରପଣ ବହିଲୁ ଭୂତ ଗର୍ବ ପଣେ ।
ବଳଦେଖାଇଣ ତୁହୋ ବୋଇଲୁ ଅପଣେ ॥
ଅହୋ ଚଣ୍ଡମୁଣ୍ଡ ତୁମ୍ଭେ ଚଳ ହୋ ବହନ ।
ସେ ମୋହିନୀ ଚତୁରର ହୋ କେଉଁ ଧର ଅଣ ॥
ତୁହି ଯେ ଅପଣେ ସାମ୍ଭେ ଭଅଇଲୁ ମଧ୍ୟ ।
ସେହି ବାକ୍ୟ ଶୋଷକୁ ଧୃପୁଚିଲା ବ୍ରାହ୍ମ ॥

Digitized by srujanika@gmail.com

ଏବେ ଅଗତ କଥା ତୁ କେବେହେଁ ନ ବୋଲ ।
ଦଣ୍ଡପାଳ ପ୍ରିୟବୃନ୍ଦ ଦେଖିବା ହୋ ଗଲ ॥
ଅସୁରଙ୍କୁ ଯୋଗାଇଲେ ନରବାକ ସନ୍ଧ ।
ନଚେତ ନ ଯୋଗାଇଲେ ହୋଇବାନା ଦ୍ୱନ୍ଦ ॥
ଚାଳତମୋଚନ ମୁଖୁଁ ଏହୁ ବାକ୍ୟ ଶୁଣି ।
ମହିଷାସୁର ସମ୍ମତ କଲା ତାହା ପୁଣି ॥
ଦେବ ଦୁନ୍ଦୁଭି ବଜାଇ ସେ ଦେବାଧି ରାଜ ।
ଆଜ୍ଞାଦେଲ ବହନ ହୋ ମୋର ଦଣ୍ଡ ସାଜ ॥
ମହିଷାସୁର ସାରଥି ଯେ ଧୂମ୍ରଲୋଚନ ।
ଅବକାର ଦାନବ ସେ ସମରେ ନିପୁଣ ॥
ତାକୁ ଆଜ୍ଞା ଦେଲାକ ସେ ବଳିମ ଦନୁଜ ।
ଅହୋ ଧୂମ୍ରଲୋଚନ ତୁ ମୋହ ରଥ ସାଜ ॥
ରାଜା ଆଜ୍ଞା ପାଇ ରଥ ସାଜିଲା ସାରଥି ।
ସେ ସୂର୍ଯ୍ୟମଣ୍ଡଳ ରଥ ଅଦ୍ଭୁତ୍ୟର ଜ୍ୟୋତି ॥
ଅନେକ ରତନ ମଣି ମଣ୍ଡିଲା ସେ ରଥେ ।
ଉଡ଼ନ୍ତି ତହିଁ ପତାକାମାନ ଅପ୍ରମିତେ
ବୃକ୍ଷଜାତ ଗ୍ରୀବ ବସିଅଛି ଚକ୍ରପାଖେ ।
ଶ୍ୟାମଳ ମେଘରେ ଯେସନ୍ତେ ଶେଯନ୍ତି ବଳାକେ ॥
ରଥର ପ୍ରମାଣ ରାଜ୍ୟେ କେସ୍ତ କହିଯାଉ ।
ଦେବନଳେ ଚଉଷଠି ସହସ୍ର ଅଙ୍ଗୁଳ ॥
ଦେବହସ୍ତ ମନୁଷ୍ୟଙ୍କ ହସ୍ତେ ବାରହାତ ।
ସେହିହାତେ ଷୋଳହାତେ ନଳେକ ବିହିତ ॥
ସେ ନଳେ ଚତୁରାଧିକ ଚୌଷଠି ସହସ୍ର ।
ସେ ରଥର ଗର୍ଭମାପ ଅଟଇ ନରେଶ ।
ମାରକତର ସ୍ତମ୍ଭମାନ ଅତିଶୟ ଦ୍ୱିପ ।
ମାଣିକ୍ୟହିଁ ଯାଡ଼ ଯାଡ଼ ପାବଛି ଯେ ସ୍ୱାସ ॥
ଲମ୍ବନ୍ତି ଗଜ ମୁକୁତା ରଥ ଚୂଡ଼ ଫେରେ ।
ଅଷ୍ଟରତ୍ନ କଳଶ ସେ ରଥର ଉପରେ ॥
ନେତର ପତାକାମାନ ଉଡ଼େ ତହିଁ ଲକ୍ଷେ ।
ବାଳାର୍କ ପରାୟେ ଦେଖାଯାଏ ସେ ପ୍ରତ୍ୟକ୍ଷେ ॥
ବହୁଗିର ପ୍ରାୟେ ଅଇବ୍ରତେ ଚକ ସାଜ ।
ଉଚ୍ଚୈଃଶ୍ରବା ସମେ ଯୋଚେ ସହସ୍ରେକ ବାଜ ॥
ମାଣିକ୍ୟ ପୁଞ୍ଜ ପୁଞ୍ଜ ଯେ ଝିମ୍ବମାନ ଝର ।
ଲମ୍ବନ୍ତ ଚାମରମାନେ ମୁକ୍ତା କେଉ କେଉ ॥
ଅହୋ ପରୀକ୍ଷିତ ଦେବ ଭଣ୍ଡାର ରତନ ।
ସେ ରଥରେ ଖଞ୍ଜିଲା ଯେ ସେ ଧୂମ୍ରଲୋଚନ ॥

ଯହିଁ ଲାଗିଅଛି ଦେବ ଭଣ୍ଡାର ସମ୍ପଦ ।
ସେହିରଥ ବର୍ଣ୍ଣିବାକୁ ମୋର କାହିଁ ବୁଦ୍ଧ ॥
ତ୍ରୈଲୋକ୍ୟମଧ୍ୟରେ ଯେତେଯେତେ ବହୁଯାର ।
ବିଶ୍ୱକର୍ମା ଝଞ୍ଜି ଅଛି ଆଦିତ୍ୟ ରଥର ॥
ତାହାଙ୍କୁ କୌଣସି ରଥ ନୋହିବଟି ସମ ।
ଏହା ଶୁଣିଣ ପଚାରେ ପରୀକ୍ଷ ରାଜନ ॥
ହେ ବିଜ୍ଞ ପଣ୍ଡିତ ବ୍ୟାସ ମହାମୁନି ସୁତ ।
ବୋଇଲ ତୁମ୍ଭେ ଆଦିତ୍ୟ ଦେବର ଏ ରଥ ॥
ଏତ ଅସମ୍ଭବ କଥା ଶୁଣିଲା ମୋ କାହିଁ ।
ମହିଷାସୁର କେହ୍ନେ ରଥ ପାଇଲା ବା କାହିଁ ॥
ଶୁଣ ପରୀକ୍ଷିତ କହେ ବୋଲେ ଶୁକବ୍ରହ୍ମା ।
ଯାହା ପୁଚ୍ଛା କଲ ଅହେ ଧାର୍ମିକ ମହାତ୍ମା ॥
ଆଦିତ୍ୟ ଦେବର ସୂର୍ଯ୍ୟମଣ୍ଡଳ ସେ ରଥ ।
ଏରଥ ଅରୋହଣ କରେ ଦିନକରନାଥ ॥
ଉଦୟ ଗିରିକ ତାର ବକାଳଇ ଜ୍ୟୋତି ।
ସପ୍ତଅଶ୍ୱଯୋଚ ବାହେ ଅରୁଣ ସାରଥି ॥
ଅଇରାବତେ ଚକ ଅଛି ପୁଣ ସେହି ରଥେ ।
ତେତେଣେ ରବି ମେରୁ ପ୍ରଦକ୍ଷଣକରେ ନିତ୍ୟେ ॥
ଅହେ ପରୀକ୍ଷ ରବିଙ୍କି ଦିଏ ଧାଡ଼ ଗନ୍ତ ।
ଅତ୍ୟନ୍ତ ପ୍ରତାପୀ ତାର ଯୋଜନେକ ବାନ୍ତୁ ॥
ବଛମାସ ଶୁକ୍ଳପକ୍ଷ ପୌର୍ଣ୍ଣମୀର ତିଥି ।
ଭୃଗୁବାର ଦ୍ୱିଜା ବୃଷ ମେରୁଚନ୍ଦ୍ର ସ୍ଥିତ ॥
ସମ୍ପୂର୍ଣ୍ଣ ଯେ ଦିବସରୁ ଏକାଦଶଘଡ଼ି ।
ସନ୍ଧ ଅଦିତ୍ୟ ଦେବର ଖେଳା ଭେଟାଭେଟ ॥
ରବିଙ୍କ ଦେଖି ଧାଇଁଲା ପାପିଷ୍ଠ ଚଣ୍ଡାଳ ।
ରଥଛାଡ଼ି ପଳାଇଲେ ଦେବ ଦିନପାଳ ॥
କ୍ଷୀରସମୁଦ୍ରେ ପଶିବେ ଯାଇଁ ଲୁଚିଦେଲ ।
ସେ ରଥ ଚିଳଣ ରାହୁ ସେଠାରୁ ଦୁଷ୍ଟର ॥
ରବିଙ୍କି ନ ପାଇ ରଥ ପକାଇ ତ ଦ୍ୱାର ।
ଅନନ୍ତଗିର ନିକଟେ ଗଲା ଛାଡ଼ିକରି ॥
ଉଛିଷ୍ଟ ରଥ ବୋଲିଣ ସୂର୍ଯ୍ୟ ନ ଚଢ଼ିଲା ।
ରାହୁ ପୁତ୍ର ଅମ୍ବୁଦିତ୍ୟ ତାହା ଘେନିଗଲା ॥
ଅମ୍ବୁଦଇତକୁ ନାଶକଲେ ମୃଡ଼ାନୀର ।
ସେ ରଥ ଥୋଇଲେ ନେଇ ଅମର ନଗର ॥
ଅମ୍ବୁଦଇତରପୁତ୍ର ଯେ ମହୁ ଦାନବ ।
ତାହାକୁ ପ୍ରସନ୍ନ ବରଦେଲେ ମହାଦେବ ॥

Digitized by srujanika@gmail.com

ଅମର ପୁରକୁ ମଧୁଦୈତ୍ୟ ଦେଲା ଧାଡ଼ି ।
ଅମର ପୁର ଯେ ଇନ୍ଦ୍ର ପଳାଇଲା ଛାଡ଼ି ॥
ଅନେକ ଦେବ ରତନ ଦୈତ୍ୟ କଲେ ଜୁର ।
ସେ ସୂର୍ଯ୍ୟମଣ୍ଡଳ ରଥ ନେଲା ମଧୁାସୁର ॥
ଗୋମୁଖ କେଶବରୂପେ ଅବତାର ହରି ।
ମଧୁ ଦାନବକୁ ମାରିଲେକ ଚକ୍ର ଧରି ॥
ତାର ନିଜପୁର ଧ୍ୱଂସ କରିଲେକ ଅଚ୍ୟୁତ ।
କେଶବ ଆଣିଲେ ତହୁଁ ସେହି ଦିବ୍ୟରଥ ॥
ମଧୁଦଇତ୍ୟ କୁମର ଅନ୍ଧକ ହୋଇଲା ।
ବିଷ୍ଣୁକୁ ଧାଡ଼ି ଦେଇ ସେ ରଥ ଘେନିଗଲା ॥
ସେରଥେ ବସି ସେ ସର୍ବଭୁବନ ଜିଣିଲା ।
ତା ଦେଖି ବିଧାତା ଯାଇଁ ଶିବଙ୍କୁ କହିଲା ॥
ପିତାମହ ବଚନେ ସେ ଦେବ ପଶୁପତି ।
ଅନ୍ଧକ ଦଇତକୁ ଯେ ସମରେ ବିକୋଡି ॥
ଅନ୍ଧକର ନନ୍ଦନ ଯେ ହେଲେ ରକ୍ଷ ଭକ୍ଷ ।
ତାହାଙ୍କୁ ମାରିଲେ ପୁଣି ଦେବ ବିଶ୍ୱବକ୍ଷ ॥
ସେ ସୂର୍ଯ୍ୟମଣ୍ଡଳ ରଥ ନେଇ ଦାମୋଦର ।
ଯତନେ ଥୋଇଲେ ଯେ ହିରଣ୍ୟଗର୍ଭପୁର ॥
ରକ୍ଷଭକ୍ଷଙ୍କର ପୁତ୍ର ହେତି ଯେ ପ୍ରହେତି ।
ହରଙ୍କ ବରେ ସେମାନେ ହୋଇଲେକ ଅଜିତ ॥
ସେ ଦୁହେଁ ପୁଣ ସଇନ ବାହିଲେ ସ୍ୱର୍ଗକୁ ।
ସଂଗ୍ରାମରେ ଇନ୍ଦ୍ର ସମ ନୋହିଲେ ତାହାଙ୍କୁ ॥
ଦାନବଙ୍କ ଭୟେ ଇନ୍ଦ୍ର ସ୍ୱର୍ଗକଲେ ତ୍ୟଜ୍ୟା ।
ସେ ସୂର୍ଯ୍ୟ ମଣ୍ଡଳ ରଥ ଆଣିଲେ ଦନୁଜା ॥
ଶ୍ରୀକୃଷ୍ଣ ଅବତାରେ ଯେ ଦେବ ଶିଖିପତି ।
ସଂଗ୍ରାମେ ମାରିଲେ ହରି ହେତି ଯେ ପ୍ରହେତି ॥
ସୂର୍ଯ୍ୟମଣ୍ଡଳ ରଥକୁ ଆଣି ଚକ୍ରପାଣି ।
ସଯନନୀ ପୁରେ ତାହା ଥୋଇଲେ ଯେ ପୁଣି ॥
ହେତି ପ୍ରହେତି ପୁତ୍ର ବଜ୍ରାଙ୍ଗ କାଳାନଳ ।
ଯମକୁ ଜିଣି ଆଣିଲେ ସେ ସୂର୍ଯ୍ୟମଣ୍ଡଳ ॥
ସେ ରଥ ଯାଞ୍ଜଣ ସାଧିକଲେ ସର୍ବ ମନ୍ତ୍ରୀ ।
ତାଙ୍କ ଭୟେ ଦେବତାଏ ନ ରହିଲେ କେହି ॥
ଭୟେ ଦେବତାଏ କଲେ ବିଷ୍ଣୁଙ୍କୁ ଗୁହାରି ।
ନାରସିଂହ ଅବତାର ହେଲେ ଚକ୍ରଧର ॥
ସେ ବଜ୍ରାଙ୍ଗ ଦଇତ୍ୟକୁ ମାରି ମହା ଯୁଦ୍ଧେ ।
ସେ ରଥ ଥୋଇଲେ ନେଇ ପାତାଳର ମଧ୍ୟେ ॥

ବଜ୍ରାଙ୍ଗଦୈତ୍ୟର ପୁତ୍ର ମାଳି ଯେ ସୁମାଳି ।
ତାହାଙ୍କୁ ଯେ ବରଦେଲେ ଦେବ ଅଂଶୁମାଳି ॥
ଅଦିତ୍ୟର ବରେ ସେହୁ ହେଲେ ଜୟକର୍ତ୍ତା ।
ସେ ରଥକୁ ବଳାତ୍କାରେ ଘେନିଲେ ଦଇତା ॥
ବିଷ୍ଣୁ ଅବତାର ହେଲେ ଜନାର୍ଦ୍ଦନ ରୂପେ ।
ତାଙ୍କ ଦ୍ୱାରା ନାଶଗଲେ ସେ ବେନି କୌଶଳେ ॥
ଜନାର୍ଦ୍ଦନ ଆଇଲେ ଯେ ତହୁଁ ରଥ ଘେନି ।
ନେଇ ସମର୍ପିଲେ ସେ ଯେ ଦେବ ପଦ୍ମଯୋନି ॥
ମାଳିର କୁମର ମଧୁନାମରେ ଦଇତ ।
ତପେଣ ତୋଷିଲା ସେହୁ ଦେବ ଶୂଳହସ୍ତ ॥
ଧାତାର ପୁରକୁ ମଧୁଦୈତ୍ୟ ଦେଲା ଧାଡ଼ି ।
ପଳାଇଲା ପିତାମହ ନିଜପୁର ଛାଡ଼ି ॥
ସେ ସୂର୍ଯ୍ୟମଣ୍ଡଳ ରଥେ ବସିଣ ଅସୁର ।
ବେଗେ ଆସି କଲା ସ୍ୱର୍ଗପୁର ନାରଖାର ॥
ଅନେକ ଅପ୍ସରୀ ଆଣିଲେକ ହରି ବଳେ ।
ଷୋଳସହସ୍ର କନ୍ୟା ଘେନି ଅଇଲେ ଗୃଣ୍ଡାଳେ ॥
ସେକନ୍ୟା ବସାଇଁ ସୂର୍ଯ୍ୟମଣ୍ଡଳ ରଥରେ ।
ଅନେକ କଉତୁକରେ ବିହାର ଯାମରେ ॥
ଗରୁଡ଼ ଚଢ଼ି ଶ୍ରୀହରି ଅଯନ୍ତ୍ର ଅକାଶେ ।
କନ୍ୟାଙ୍କୁ ଘେନି ଛାମୁରେ ମିଳିଲେ ସନ୍ତୋଷେ ॥
ସେ ମଧୁଦୈତ୍ୟ ମାରିଲେ ଦେବ ନାରାୟଣ ।
ତେଣୁ ସେ ନାମ ବହିଲେ ଶ୍ରୀମଧୁସୂଦନ ॥
ଷୋଳସହସ୍ର ନାୟିକାଙ୍କୁ ଆଣି ଦେବ ହରି ।
ରଥ ସହିତରେ ଗଲେ ବଇକୁଣ୍ଠ ପୁରୀ ॥
କନ୍ୟାମାନଙ୍କୁ ଅନ୍ତରେ ଥୋଇଲେ ମୁରାରି ।
ସେରଥ ରଖିଲେ ନେଇ ବରୁଣର ପୁରୀ ॥
ମଧୁଦଇତର ପୁତ୍ର ସେ ଜଳତରଙ୍ଗ ।
ତପେଣ ତୋଷିଲା ସେହୁ ଦେବ ଖଣିଅଙ୍ଗ ॥
ବରୁଣ ପୁରକୁ ସେହି ଦୈତ୍ୟ ଦେଲା ଧାଡ଼ି ।
ଜନ୍ମପୁର କର୍ମେ ଶୁଣି ଅସୁରଙ୍କ ରଡ଼ି ॥
ବରୁଣ ଦେବତା ପଳାଇଲେ ଛାଡ଼ି କରି ।
ଷୋଳସହସ୍ର ନାୟିକା ଆଣିଲେ ସେ ହରି ॥
ସେ କନ୍ୟା ଜଳତରଙ୍ଗ ବଳେ କ୍ରୋଧ କଲା ।
ଶୁଣ ଅହୋ ପରୀକ୍ଷିତ ଶୁକ ଯେ ବୋଇଲା ॥
ହରି ଅବତାର ଦାମୋଦର ରୂପେ ଜନ୍ମେ ।
ଜଳତରଙ୍ଗ ରାଜାକୁ ମାରିଲେ ସେ ହେଳେ ॥



Digitized by srujanika@gmail.com

ସୂର୍ଯ୍ୟମଣ୍ଡଳ ରଥକୁ ଅଣି ଦଇ ଏକା ।
ତାହାର ନନ୍ଦନ ନାମ ହୋଇଲା ତାରକା ॥
ସେହୁ ଜଟେଶ୍ୱରଙ୍କ ଯାଇଁ ଅଜ୍ଞାନ ଭୁବନ ।
ସ୍ୱର୍ଗ ଛେଡ଼ି ପଳାଇଲେ ଦେବ ମଘବାନ ॥
ସୂର୍ଯ୍ୟମଣ୍ଡଳ ରଥକୁ ଅଣିଲା ସେ ବଳେ ।
ଅନେକ ଅନୀତ କଲେ ତୈଲୋକ୍ୟମଣ୍ଡଳେ ॥
କାମଦମନ ହାଲରେ କାର୍ତ୍ତିକ ଅବତାର ।
ସେହି ତାରକାଦୈତ୍ୟଙ୍କୁ ମାରିଲେ କୁମାର ॥
ସୂର୍ଯ୍ୟମଣ୍ଡଳ ରଥକୁ ପାଇଣ ସେଠାରେ ।
ନେଇ ଥୋଇଲେ ଅଳକାବତୀ ନାମପୁରେ ॥
ଶୁମ୍ଭ ନିଶୁମ୍ଭ ଯେ କାଳେ ସ୍ୱର୍ଗେ ହେଲେ ରାଜା ।
ସେ ସୂର୍ଯ୍ୟମଣ୍ଡଳ ରଥ ନେଲେ ସେ ଦନୁଜା ॥
ସେ ରଥ ଚଢ଼ିଣ ସେହୁ କଲେ ରଣରଙ୍ଗେ ।
ସମସ୍ତଙ୍କେ ଦେଲେ ନେଇ ମହିଷାସୁରସଙ୍ଗେ ॥
ଶ୍ରୀ ବ୍ୟାସନନ୍ଦନ ଯେଉଁ ଶୁକ ମହାବ୍ରହ୍ମା ।
କହିଲେ ସୂର୍ଯ୍ୟମଣ୍ଡଳ ରଥର ମହିମା ॥
ଶୁଣ ହେ ପରୀକ୍ଷିତ ତୁ ମୋହର ବଚନ ।
ଏ ସୂର୍ଯ୍ୟମଣ୍ଡଳ ରଥ ଏହିଟିକ ପୁଣ ।
ବୋଇଲୁ ଏହା ପାଇଲା କାହୁଁ ମହିଷାସୁର ।
ତେଣୁ ଏ କଥା କହିଲୁଁ ତୋହର ଛାମୁର ॥
ଏହା ଶୁଣିଣ ସାନନ୍ଦ ସେ ପରୀକ୍ଷିତରାଜା ।
ଶୁକମୁନି ଚରଣରେ କଲେ ଦିବ୍ୟପୂଜା ॥
ଅବତାର ପୁରୁଷ ହେ ଶୁକ ମହାମୁନି ।
ଋଷିକୁଳର ମଧ୍ୟରେ ମହିମା ତୋ ଧନ୍ୟ ॥
ଯାହାର ସେ ବାକ୍ୟଟେ ସ୍ପଷ୍ଟ ପାଷାଣର ରେଖା ।
ଯାବଚ୍ଚନ୍ଦ୍ର ଦିବାକରେ ଜୀବନ୍ତ ହେଉ ସଖା ॥
ଯେ ମୁନି ତ୍ରିଭୁବନରେ ପଣ୍ଡିତରେ ଲେଖା ।
ଭୂତ ଭବିଷ୍ୟତ ଜ୍ଞାତା ବ୍ରହ୍ମାହିଁରେ ଲେଖା ॥
ଅସଂଖ୍ୟ ପୁରାଣବାକ୍ୟ ଯେଉଁ ମୁନି ଜ୍ଞାତା ।
ସଙ୍ଗୀତାଲ୍ଲ ଗଣିବାକୁ କେ ହେବ ଶକତା ॥
କଳ୍ପତରୁ ପୁରୁଷ ସେ ସର୍ବଦା ଅନନ୍ଦ ।
ମାନବେ ଜନ୍ମିଣ କସ ବନ୍ଦିବ ମୁଁ ମନ୍ଦ ॥
ଶ୍ରୀ ବ୍ୟାସ ଋଷିଙ୍କ ସୁତ ଚରଣେ ନମାମି ।
ଶୂଦ୍ରମୁନି ଶତସହସ୍ର ଦଣ୍ଡ ପରଣାମି ॥

→✽←

## ମହିଷାସୁରର ଯୁଦ୍ଧକୁ ଗମନ ଓ ନର୍ମଦା ପର୍ବତ ଦେବୀଗଣଙ୍କର ଅବସ୍ଥିତ ।

ଏଥୁଅନ୍ତରେ ବୋଲନ୍ତି ଶୁକ ମହାବ୍ରହ୍ମା ।
ଏକମନେ ପରୀକ୍ଷିତ ରାଜା ହେ ଶୁଣିମା ॥
ପର୍ଶୁ ମୁଦ୍ଗର ଧନୁ ଶର ଧରି ହସ୍ତେ ।
ଚଳେ ଦାନବ ସେ ସୂର୍ଯ୍ୟମଣ୍ଡଳର ରଥେ ॥
ଦ୍ୱିତୀ ସମୁଦ୍ର ଜାଣିଣ ରକ୍ଷକଳ ଥାଟ ।
ଗର୍ଜନ ଅନ୍ଧକାର ଯେ ଉଲ୍କାପାତ ବୃଷ୍ଟି ॥
ଅଗୁଆଣି ଥାଟେ ଚଳେ କାଳଚମୋଚନ ।
ଅସୁତେକ ଯୋଦ୍ଧା ନବସାଗର ସଇନ୍ୟ ॥
ମହିଷା ଡାହାଣ ପାଖରେ ଅଛି ସିଂହନାଦ ।
ମେରୁ ଜନ୍ମୁଚ୍ଛି ଶୁଣି ଏହାଙ୍କ ଶବଦ ॥
ସିଂହନାଦ ତୁଲେ ଗଜ ପଚାଶ ସହସ୍ରୀ ।
ବେନିଲକ୍ଷ ଯୋଦ୍ଧା ପାଞ୍ଚ ଅର୍ବୁଦ ସଇନ୍ୟ ॥
ସତୁରି କୋଟି ଯେ ତୋଳ କୋଟିଏ ଝମକ ।
ମହୁରି ପଟହ ଖଞ୍ଜ ଶଙ୍ଖ ଯେ ଅନେକ ॥
ନାନାବିଧ ବାଦ୍ୟମାନ କେତେ ଗଣିପାରି ।
ଚଉଦ ଭୁବନରେ ଶବ୍ଦ ଅଛି ପୂରି ॥
କାଳଚମୋଚନ ଆଟେ ଏଥୁଁ ସାତଗୁଣ ।
ବାଦ୍ୟକାରମାନେ ଛନ୍ତି ନୁହିଁ ଗଣନ ॥
ବାମପାଖେ ତାହାର ଯେ ଅସୁର ଦୁନ୍ଦୁଭି ।
ତାହାଙ୍କର ନାଦ ଶୁଣି କମ୍ପେ ଦେବୀ ଭୂଇଁ ॥
ଏହାର ତୁଲେ ଗୃଞ୍ଜଣ ସହସ୍ର ଯେ ବୀର ।
ବେନି ସାଗର ସଇନ୍ୟ କୋଟି ମହାବୀର ॥
ତିନିକୋଟି ଛନ୍ତି ଶସ୍ତ୍ରଧାରୀ ଯୋଦ୍ଧା ତହିଁ ।
ପଦାତି ତାହାର କେତେ ଗଣିତା ନୁହଇ ॥
ବାଦ୍ୟକାରମାନ କେତେ ନୁହଇ ତା କଳ ।
ଘୋଡ଼ା ଫୁରୁଅଛି ପାଞ୍ଚକୋଟିରୁ ଉଗୁଳ ॥
ସିଂହମୁଖା ଘୋଡ଼ାମୁଖ ବେନି ସେନାପତି ।
ପଛଆଣି ଥାଟରେ ଯେ ଛନ୍ତି ଚକ୍ରବର୍ତ୍ତୀ ॥
ଏହାଙ୍କର ତୁଲେ ଅଶୀ ଲକ୍ଷ ବୀର ଥାଟ ।
ମହିଷାସୁର ଥାଟେ ସେହି ଅଛନ୍ତି ଗରିଷ୍ଠ ॥
ପାଞ୍ଚକୋଟି ରଥ କୋଟିଏକ ମୁକ୍ତବନ୍ଧା ।
କ୍ଷଣକେ କରି ପାରନ୍ତି ତ୍ରିଭୁବନ ଯୋଧା ॥

Digitized by srujanika@gmail.com

ତାଙ୍କ ବାଦ୍ୟକାର ମାନ ଫଣ୍ଡା କର ନେ'ହେ ।
ଯହିଁରେ କ ଏକା ଛେର ସାନଯନ୍ତ୍ର ସ୍ତବ ॥
ମୈଣାସୁର ଭୁଲେ ରଥ ଏଗାର ସାଗର ।
ନବକୋଟି ଘଣ୍ଟଶତ ଅର୍ବୁଦ ଗଜ ଶାର ॥
ଅଶୀକୋଟିଏ ମୃକ୍ତିକନା ଯେଉଁ ବା ଭୁଲେ ।
ପଦାତଗଣ ତାହାର କେବ୍ଣ ଘରକଲେ ॥
ବ୍ରହ୍ମଜାତ ଖରୁ ବନ୍ଧୁ ଦେବେହେ ଅନ ନାହିଁ ।
କ୍ଷଣକେ ଏତେକ ସୈନ୍ୟ ଅଇଲେ ସେ ବାହି ॥
ଘଞ୍ଚ ଅସୁର ଗ୍ରମର ପଡ଼େ ବେନ ପାଶେ ।
ଗ୍ରମରମାନଙ୍କେ ମୁକ୍ତା ଲମ୍ବେ ଲକ୍ଷେ ଲକ୍ଷେ ॥
କଳା ଗ୍ରମରମାନତ ତହିଁ ଯେତେ ଛନ୍ତି ।
ତହିଁ କୋଟି କୋଟି ଗଜ ମୁକୁତା ଲମ୍ବନ୍ତି ॥
ଛଡ ଅସୁତ ମୟୂର ଝାଳେଗର ଛତା ।
ନବଲକ୍ଷ ଶବ୍ଦ କୋଟିଏକ ଧଳା ଛତା ॥
ଅଳମ୍ବ ଅସୁତେ କଳା ଅଳମ୍ବ କୋଟିଏ ।
ଧଳା ଗ୍ରମର କୋଟିଏ କଳାତ କୋଟିଏ ॥
କୃଷ୍ଣବର୍ଣ୍ଣ ପାଟଛନ୍ଦ ଅଛ ବେନ କୋଟି ।
ଏକଲକ୍ଷ ମଙ୍ଗଳରେ ଛନ୍ତି କୋଟି କୋଟି ॥
ଅବରହିଁ କୃଷ୍ଣବର୍ଣ୍ଣ ଲକ୍ଷେକ ଉଦଣ୍ଡ ।
ଏମନେ ଅସୁରଦଳେ ସମସ୍ତେ ପ୍ରଚଣ୍ଡ ॥
ପଞ୍ଚଷଠିସହସ୍ର ଶାର ଚୋଲ ଯେ ବଜାଇ ।
ପଞ୍ଚଷଠି ସହସ୍ର ଯେ ନିଶାଣ ଶୁଭଇ ॥
ପଞ୍ଚଷଠି ସହସ୍ରେକ ଟମକହିଁ ବାଜେ ।
ଦାଉଣ୍ଡି ବଜଘୋଷତ ତହିଁ କେସ୍ଣ ହେଜେ ॥
ପଞ୍ଚଷଠି କୋଟି ବାନ୍ଧୁଅଛଇ ଝଞ୍ଜାଳ ।
ପଞ୍ଚଷଠି କୋଟି ତହିଁ ବାଜଇ କାହାଳ ॥
ପଞ୍ଚଷଠି କୋଟି ଅଳାବେଣୀ ଘରକଳ ।
ପଞ୍ଚଷଠି କୋଟି ଢେଷ ବାଜଇ ଉଗ୍ରଳ ॥
ପଞ୍ଚଷଠି କୋଟି ଝଞ୍ଜ ବାଜେ ତହିଁ ପୁଣି ।
ପଞ୍ଚଷଠି କୋଟି ଗ୍ରମତାଳ ପରମାଣି ॥
ପଞ୍ଚଷଠି କୋଟିଏକ ମହୁରୀ ଦୋସର ।
ଏ ବଧି ଅନେକ ପରକାରେ ବାଦ୍ୟ ତୂର ॥
ବଦନ୍ତି ଦୋ ଶୁକମୁନ ଶୁଣ ହୋ ପରୀକ୍ଷ ।
ଛଡ ସଙ୍ଖା ଥାଏ ଅଇବ୍ରତ ଚନଲକ୍ଷ ॥
ଚନ୍ଦନ ଅଙ୍ଗୁଳ ଯେ ଏହା ପରକଳ ।
ବହୁ ବାହନ ଚଢ଼ିଣ ଏ ସମସ୍ତେ ଚଳେ ॥

ବାଦ୍ୟକାରମାନେ ଛିଂଶବୋଟି ଅଇବ୍ରତ ।
କୃଷ୍ଣବର୍ଣ୍ଣ ଦସ୍ତରଚ୍ଛି ଗଦ୍ଧ୍ୟ ସମସ୍ତ ॥
ଅଗ୍ରଅଣି ସୈନ୍ୟଙ୍କର ଉଲୂକ ବାହନ ।
ଛଡ ଗ୍ରମର ସରୂର ଅଟେ କୃଷ୍ଣବର୍ଣ୍ଣ ।
କଳାବସ୍ତ୍ର କଳାସଜ୍ଜୁ ଭୂଷିତ ଯେ ଅଙ୍ଗେ ।
ନକ୍ଷତ୍ରା ମାନେ ଯଗନ୍ତି ଯେସନେ କୃଷ୍ଣମେଘେ ॥
ରଥ ଉପରମାନଙ୍କେ ରହୁ ଲକ୍ଷେ ଲକ୍ଷେ ।
ଶ୍ୟାମଳ ମେଘେ ଯେସନେ ଶୋଭନ୍ତି ବାଳାର୍କେ ॥
ଅସୁର ବଳ ଉଠନ୍ତି ଏକମୁଖ ହୋଇ ।
ପୃଥ୍ୱୀ ଟଳ ଟଳ ହୋଏ ମହାଭୟ ପାଇ ॥
ଅମ୍ବିକା ଯେ ଜଣାଇଲେ ଶୁଣ ମାତ ଦୁର୍ଗେ ।
ଅନେକ ସୈନ୍ୟତ ଅସୁଛନ୍ତି ଅମ୍ଭ ଅଗେ ॥
ମୈଣାସୁର ସଜ ଅଜ ଫଗମରେ ରଙ୍ଗେ ।
ଯେସନେ ମହାପ୍ରଳୟରେ ସପ୍ତସିନ୍ଧୁ ଗର୍ଜେ ॥
କ୍ଷୁଧାର୍ତ୍ତି ପ୍ରାଣୀ ହୁଅଇ ଯେସନେ କ୍ଷୁଧାକାଳେ ।
ପିଶାଚୁଣୀ ରୂପ ସେହି ରୂପରେ ହୋଇଲେ ॥
ସକ୍ସର ଅମ୍ଭଙ୍କ ଅଜ୍ଞା ବଅ ଗୋସାମଣି ।
ପଟଚକ୍ରୁ ଉଠୁଛନ୍ତି ଅସୁର ସଇନ ॥
ସେମାନଙ୍କୁ ଖାଇ ଅମ୍ଭ କ୍ଷୁଧା ନିବାରୁ ।
ବନା ଅଜ୍ଞାରେ କଅର ତାଙ୍କପାଶେ ଯିବୁ ॥
ଅପଣଙ୍କ ଅଜ୍ଞା କେହି ନ ପାରଇ ଲଙ୍ଘି ।
ବଗ୍ରହଣ ଅଜ୍ଞା ମାଗୋ ବଅ ବେଗି ବେଗି ॥
ମହାବଳୀ ଦୈତ୍ୟମାନେ ଧାମନ୍ତି ପ୍ରଖର ।
ବସ୍ତ୍ରମଗ ଶରୀରରୁ ବହେ ରକ୍ତ ଧାର ॥
ଦୁର୍ଗଙ୍କ ଅଗରେ ଅସି କହେ ବସୁନ୍ଧର ।
ଦ୍ୱିଗୁଣ ଲାଗିଲା ଏବେ ଅସୁରଙ୍କ ଭର ॥
ବସୁନ୍ଧରର ବଚନ ଶୁଣି ଦୁର୍ଗାମାୟେ ।
ବୋଲନ୍ତି ଲା ଅଙ୍ଗବ୍ୟାକୁଳ ଯେବେ ହୋଇଥିବ ॥
ଏହୁକ୍ଷଣି ଦୈତ୍ୟବଳ ମାରିବଇଁ ମୁହିଁ ।
ଅଜ୍ଞା ଦେଲେ ଦେବୀମାନେ ଶଇବେତ ଘାଇଁ ॥
ଶ୍ରୀ ଦୁର୍ଗାଙ୍କ ବଦନରୁ ଏହି ବାକ୍ୟ ଶୁଣି ।
ଅଶ୍ୱାସ ବଚନେ ଶାନ୍ତ ଉଇଲା ଧରଣୀ ॥
ଅସୁରଙ୍କୁ ଦେଖି ଦୁର୍ଗା ମହାତମ କଲେ ।
ଶାନ୍ତ ମୂର୍ତ୍ତି ଛାଡ ବଣ୍ଡ ରୂପକୁ ଧଇଲେ ॥
କହ କହ ଦରହାସ କଲେ ମହାମାୟେ ।
ଅନନ୍ତ କୋଟି ରୂପରେ ଦେଖା ଉଦ୍ଭାଏ ॥

Digitized by srujanika@gmail.com

ଅନନ୍ତ କୋଟିଏ ଦେବୀଙ୍କ ଉପୁଜିଲେ ଯହିଁ ।
ଦେଖି ମହାମାୟେ ମନ ତୋଷ କଲେ ତହିଁ ॥
ପରୀକ୍ଷିତ ପୁଚ୍ଛା କଲେ ଶୁଣ ଶୁକ ବ୍ରହ୍ମା ।
ଅଗୋଚର ଅଟଇ ଚଣ୍ଡୀଙ୍କ ମହିମା ॥
ଅଟଇ ମହାମୁନି ମୋତେ ଏକଥା କହିବା ।
କଲି ପାତକ ମୋହର ଅଙ୍ଗୁ ଛଡ଼ାଇବା ॥
ଜାତ ହୋଇଲେ ଅନନ୍ତ କୋଟିଏକ ମୂର୍ତ୍ତି ।
ତାହାଙ୍କର ନାମ ମୋତେ କହ ମହାଯତି ॥
ସେ ଦେବୀଙ୍କର କେମନ୍ତେ ଅଟଇ ସ୍ୱରୂପ ।
ଶୁଣି ପାପ କ୍ଷୟ ଯାଉ ଖଣ୍ଡିବ ସନ୍ତାପ ॥
ଶୁକମୁନି ବୋଇଲେକ ଅହେ ମହାରଥ ।
ଶୁଣି ପାପ କ୍ଷୟ କର ଦେବୀଙ୍କର କଥା ॥
ପ୍ରଥମେ ଜନ୍ମିଲେ ନର୍ମଦା ଯେ ସରସ୍ୱତୀ ।
ଦ୍ୱିତୀୟେ ଜନ୍ମ ଶାରଳା ନାମେ ଚଣ୍ଡୀମୂର୍ତ୍ତି ॥
ତହିଁ ଉତ୍ତାରୁ ଜନ୍ମିଲେ ସେ ଶତ ଅମ୍ବିକା ।
ପୁଣ ଜନ୍ମହେଲେ ଯେତେ କେତେ କରୁ ଲେଖା ॥
ବହୁଳାଇ ଷଟକୁସଇ ଶାନ୍ତ କାନ୍ତରେଖା ।
ମାଧବୀ ଲତା ରମ୍ଭାଇ ଅବର ସୁରେଖା ॥
କୋଟୀ ଲୀଳା ଶ୍ୟାମଳା କ୍ଷମାୟୀ ରଚନା ।
ସୋରେଖ ବଟେଶ୍ୱରୀ ମାଳତୀ ଯେ ପାଶ୍ୱଅନା ॥
ସବୁଅୟୀ ସନ୍ତାୟୀ ଦୁପ୍ଲୟୀ ପଦ୍ମୟୀ ।
ବୁଧାୟୀ କପଡ଼ାୟୀ ଯେ ମେଣ୍ଟାୟୀ ମେଧାୟୀ ॥
ନବୃନ୍ଦ ବିମଳାନ ମୂଷାୟୀ ହୁଙ୍କୁଳାୟୀ ।
ଶାନ୍ତ ମୂର୍ତ୍ତି ଦୁଃଖାୟୀ ଯେ ଧନାୟୀ ନେତ୍ରୟୀ ॥
ମୂଷାୟୀ ମୂର୍ଚ୍ଛାୟୀ ଅନନ୍ତୟୀ ଯେ ବଜ୍ରୟୀ ।
କାଳନ୍ଦୀ ଭୂଳସାୟୀ କାତ୍ୟାୟନୀ ଅଭୟୀ ॥
ଅନ୍ନାଶ ମୁକୁଳୟୀ ଶାମୁଙ୍କା ଯେ ବଡ଼ୋଳା ।
ସୋରେହା ଗଙ୍ଗା ଯମୁନା ମୋହନୀ ମେଖଳା ॥
କୁଅର୍ଦ୍ଧାୟୀ ହିମ୍ବୃଦାୟୀ ଯୁଗାୟୀ ରୂପାୟୀ ।
ମଞ୍ଜରୀ ଚନ୍ଦନରେଖା ସାରସରୂଅୟୀ ॥
ଗୋପାଳାୟୀ ଗୋପାଳୀ ସାନକା ନନ୍ଦନାୟୀ ।
ଚନ୍ଦ୍ରରେଖା ସୁକେଶୀ ସୁନନ୍ଦା ମେନକାୟୀ ॥
ଚନ୍ଦ୍ରାବତୀ ଶ୍ରୀକୃଷ୍ଣା ପୂର୍ଣ୍ଣାୟୀ ଦୁଲଣାୟୀ ।
ପଙ୍କଜରେଖ ଯେ ସିହବେଣୀ ମହାମାୟୀ ॥
ମହେଶ ପ୍ରିୟା ଚିତ୍ରୟୀ ଦମାୟୀ କୋମଳାୟୀ ।
ମାରଧୟୀ କମଳାୟୀ ଦେବୀ ବନତାୟୀ ।

ଯମାୟୀ ଧବଳୀ ଧରମାୟୀ ଡାକମ୍ୱାୟୀ ।
ଡାକମ୍ବୀ ପଦାୟୀ ପଦ୍ମ ଡାକେଣୀ ଝଙ୍କାୟୀ ॥
ଭୁସ୍ତରୀ ହିପଦା ଅଭ ଦେବୀ କ୍ଷପର୍ଦ୍ଦୀୟୀ ।
ମୁଦ୍ରାକ୍ଷୀ ମାୟୀ କମାୟୀ ବନଦ୍ୱୀପଦାୟୀ ॥
ଅନଳା ନଉଳା ପୁଣି ସୁଦନ୍ତା ଶଙ୍ଖାୟୀ ।
କୁଳଶୀଳଦାୟିନୀ ଯେ ସଦାୟୀ ଶାର୍ଦ୍ଦାୟୀ ॥
ସୁବର୍ଣ୍ଣାୟୀ ମଣ୍ଡାୟୀ ଗିରୀୟୀ ଧବଳୀୟୀ ।
କୃଷ୍ଣା ଅନ୍ନପୂର୍ଣ୍ଣାଦେବୀ ସଙ୍କାୟୀ ବଂଶାୟୀ ॥
ବସୋରୀୟୀ କମାୟୀ ଯେ ଷଠିଦଉଗୟୀ ।
ଭଗଳୀ ବକଗଳୀ ଯେ ଦୁଷ୍ଟଦୁର୍ଦ୍ଦଣ୍ଡାୟୀ ॥
ସୁହାଣୀ କପଟଣୀ ଯେ ବନାଶୀ ହେଡ଼ାୟୀ ।
ବିକଟରୂପୀ ବିପ୍ରଦ ଅଗ୍ନି ସୁମନ୍ତାୟୀ ॥
ଭାନୁମତୀ ରେବତୀ ଭାନୁଜାତ ହିଙ୍ଗଳୀ ।
ଶଚୀ ତନୁଜ କେଶରୀ ହିମୟୀ ଯଜାଣ ॥
ସଦାଶିବା ଶିବଭଦ୍ରା ଦାସୀ ଦେବବତୀ ।
ଧର୍ମେଶ୍ୱରୀ ବାରଣୁଣୀ ପୁଣି ଧର୍ମବତୀ ॥
ଜମ୍ବୁବତୀ ଲକ୍ଷଣାୟୀ ସ୍ୱମାୟୀ ବଗୃୟୀ ।
ବରୟୀ କୂପାୟୀ ମନ୍ଦୋଦରୀ ପର୍ବତାୟୀ ॥
ନେମାୟୀ ହିଙ୍ଗୁଳା ଧୂର୍ଜଟୀୟୀ ଓଁକାରୟୀ ।
ତ୍ରିନେତ୍ରୟୀ ଅପର୍ଣ୍ଣାୟୀ ଶୂଳୀ ହିମେନ୍ଦ୍ରାୟୀ ॥
ମୃଅଦ ବନ୍ଧକାରଣୀ ଯାଗେଣୀ ମଗୁଣୀ ।
ସୁହାଗିଣୀ ଗୋମତୀ ଯେ ଦେବୀ ଗୋସାମଣୀ ॥
ଭୈରବୀ ଉଗ୍ରଚଣ୍ଡୀ ଯେ କ୍ଷମାୟୀ ଅଳାୟୀ ।
ଧାର୍ମ୍ମିକାମିନୀ ଯାମୁନୀ ଶିବା ଅନନ୍ଦାୟୀ ॥
ସାଖ୍ୟ ଶୁଅ ଶଙ୍ଖିନୀ ସୁରତୀ ଉର୍ବଶୀ ।
କୂଟଭଦ୍ରା ଅନନ୍ତା ଯୋଧନା କ୍ଷେମା ଧର୍ମା ॥
କୁକୁଟୀ ଅବଲୋକନୀ କରୁଣୀ ତପସ୍ୟୀ ।
ବଙ୍ଗୀସାକ୍ଷୀ ତାସ ପାଶ ସତୀ ଦମଣାୟୀ ॥
କାଳୀସୋଷ ଅଜାୟୀ ବିରଙ୍ଗୀ ଭଙ୍ଗୀ ଲୋଟୀ ।
କାଇଙ୍ଗିଣୀ କଳହକାରଣୀ କୁଅପେଟୀ ॥
ଗିରିଅ କୁରୁଅ କଇଳାସୀ କାମଚଣ୍ଡୀ ।
ଇତ୍ୟାଦି ସେ ଶରୀରରେ ହୋଇଲେକ ମଣ୍ଡି ॥
ହେ ଦକ୍ଷ ଯେତେ ଜାତହେଲେ ମହାଦେବୀ ।
ଜଣେ ଜଣେ କର ନାମ କେତେ ମୁଁ କହିବି ॥
ଅକଳିତ ଚରିତ ଏ ତିଶ୍ୱ ଭଗବତୀ ।
ପୃଥ୍ୱୀରେ ଯେତେକ ନାମ ଅଛଇ ଯୁବତୀ ॥

Digitized by srujanika@gmail.com

ଅପଶ୍ୟ ଅଟଇ ଜାଣ ଦେବୀଙ୍କର ନାମ ।
ଏହା କି ସଂକ୍ଷେପି କହିବାକୁ ମୁହିଁ କ୍ଷମ ॥
ପୃଥ୍ୱୀମଧ୍ୟରେ ଅଛନ୍ତି ଯେତେକ ଯୂବତୀ ।
ଦେବୀମାନଙ୍କର ନାମ ସେ ବହି ଅଛନ୍ତି ॥
ଠିକ ଠିକ କରି ମୁହିଁ ଥୋକାଏ କହିଲି ।
ଜଛ ଜଛ କରି ନାମମାତ୍ର ଯେ ଧରିଲି ।
ଶୁଣ ହେ ପରୀକ୍ଷିତ ରାଜା ବର୍ଣ୍ଣି ରୂପମାନ ।
ଶ୍ୱେତ ପୀତ ପାଣ୍ଡୁର ଯେ କୃଷ୍ଣରଙ୍ଗବର୍ଣ୍ଣ ॥
ପଞ୍ଚବର୍ଣ୍ଣ ଯେଉଁ ଉପୁଜିଲେ ଦେବୀମାନେ ।
ମହାଭଇରବୀ ଭୀମା ପ୍ରତାପୀ ସେମାନେ ॥
ଦେବୀଙ୍କର ନାମ ଜପ ପାଇବ ହେ ମୋକ୍ଷ ।
ସକଳୁଣେ ଦେବୀ କାର୍ଯ୍ୟ କରନ୍ତି ପ୍ରତ୍ୟକ୍ଷ ॥
ଏମନେ ମୋହି ଅଣିଲେ ଅସୁର ସମସ୍ତ ।
ନୋହିଲେ ଏତେ ଅସୁରେ ହୁଅନ୍ତେ କି ହତ ॥
ଚଉଷଠି ଯୋଗିନୀ ନବକୋଟି କାତ୍ୟାୟନୀ ।
ଅନନ୍ତ କୋଟି ଦେବୀଙ୍କି ହେଉଛି ଦଳନ ॥
ଏହାଙ୍କର ଶ୍ରୀଚରଣ ନିତ୍ୟ ହୃଦେ ଭାବ ।
ବଦନ୍ତି ଶୂଦ୍ରମୁନି ଶାରଳା ଯେ କବି ॥
ଦେବୀମାନଙ୍କର ନିତ୍ୟ ନାମ ସୁମରନ୍ତେ ।
ନାଶକର ଦେବତା ଯେ ଶଙ୍କା କରେ ଚିତ୍ତେ ॥
ଦେବୀମାନଙ୍କର ପାଦପଦ୍ମ ହିରେ ଯେଣି ।
ବଦନ୍ତି କବି ଶାରଳା ଦାସ ଶୂଦ୍ରମୁନି ॥
ଶୁଣ ପରୀକ୍ଷିତ ରାଜା ବୋଲେ ଶୁକବ୍ରହ୍ମା ।
ନାନା ଅପଦ ପଡ଼ିଲେ କରନ୍ତି ସେ କ୍ଷମା ॥
ଏଙ୍କୁ ଅବେକ ପୁଣି ରୂପେ ଜଗତ୍କିଣୀ ।
ତ୍ରୈଲୋକ୍ୟ ମୋହିନୀ ଅଟନ୍ତି ଯେ କାମସେଣୀ ॥
ହେ ପରୀକ୍ଷ ଜାତ ମଧ ଅବସାନ ଏହି ।
କରନ୍ତି ଗୃହବାସ ଏ ମନୁଷ୍ୟଙ୍କୁ ମୋହି ॥
ମହାଋଷି ବଡ଼ ତପୋଧନ ତପ ଭଞ୍ଜି ।
ମଲ୍ଲଭଙ୍ଗ ପୁରୁଷଙ୍କ ଦର୍ପ ଦ୍ୟନ୍ତି ଗଞ୍ଜି ॥
ହରନ୍ତି ଦୁର୍ଗତି ଏହି ହୋଇ ଶାନ୍ତମୂର୍ତ୍ତି ।
ନ ଜାଣିଙ୍ଗ କଉତୁକ କରୁଣ ଥାଅନ୍ତି ॥
ଜାତକଲ୍ପ କାଳେ ମତା ରୂପ ସେ ହୁଅନ୍ତି ।
ଯୌବନରେ ପତ୍ନୀରୂପେ ମୋହିତ କରନ୍ତି ॥
ଅନ୍ତକାଳେ ସେମାନେ ଯେ ହୁଅନ୍ତି କାଳିକା ।
ଶେଷକାଳେ ହୁଅନ୍ତି ସେ ହୁଙ୍ଗୁଳାଇ ଶିଖା ॥

ଏତେ ରୂପେ ଧରିଣ ଦେଶ ମୋହନ୍ତି ସଂସାର ।
ଏହିମାନେ ନାଶ କରିଦ୍ୟନ୍ତି ମହୀଭାର ॥
ଏମାନଙ୍କ ଜାତକର ସେହି ଅନାଦି ।
ଦୁର୍ଗାଦେବୀ ଅଜ୍ଞା ଦେଲେ ପାଶକୁ ହକାରି ॥
ଅସୁରଙ୍କର ଭାରକୁ ସହି ନ ହୁଇ ।
ତୁମ୍ଭେ ଯାଇଣ ସେ ଅସୁରଙ୍କୁ ଖାଅ ମୋହି ॥
ଅଜଗରିରେ ଖାଅ ଲୋ ସବୁ ବୁକୁ କାଟି ।
ଏକମାତ୍ରକ ମହିଷାସୁରକୁ ଛାଡ଼ ॥
ଦୁର୍ଗା ଦେବୀଙ୍କର ଅଜ୍ଞା ପାଇ ସର୍ବ ଦେବୀ ।
ମହାମୋହିନୀ ରୂପକୁ ଧରିଲେ ସେ ଭବି ॥
ଏଙ୍କୁ ଅବେକ ଦଶନ୍ତି ଦେବୀମାନେ ଯୁବା ।
ଦାନବଙ୍କ ଅଗ୍ରରେ ସେ ହେଲେ ଯାଇଁ ଉଭା ॥
କୋଟିରମ୍ଭା ଯାହାଙ୍କର ପାଦେ ନୋହେ ସରି ।
ତାହାଙ୍କ ଗୃହିଁ କେ ମୋହ ନୋହେ ଦେହଧରି ॥
ଏଙ୍କୁ ଏକ ଦାନବ ଯେ ମହା ମହାବଳୀ ।
ଗୁଳଲ୍ଲେଣ ହେଲେ ଯେଉଁ ଅଛି ମହୀଅଳ ॥
ଗିରିବର ସମାନରେ ଦିଶନ୍ତି କୌଣସି ।
ଅକାଶ ମଣ୍ଡ କମ୍ପୁଛି ଦାନବଙ୍କ କୋପେ ॥
ଅକାଶରୁ ଦେବୀମାନେ ତଳକୁ ଖସିଲେ ।
ଯେସନେକେ ଖଗବର ପକ୍ଷୀ ଶୂନ୍ୟେ ଚଳେ ॥
ମହାମୋହିନୀ ଅଟନ୍ତି ସେହି ଚନ୍ଦ୍ରମୁଖୀ ।
ଅସୁରେ ମୋହ ହୋଇଲେ ସେମାନଙ୍କୁ ଦେଖି ॥
ଶସ୍ତ୍ରମାନ ପକାଇଣ ଛାଡ଼ି ରଥମାନ ।
ଅଯାନ୍ତ୍ରମ ହୋଇଲେ ସେ ବନ୍ଧିଲି ମଦନ ॥
କେମୋହେ ତଳଇ କେହି ମଦନରେ ବାଇ ।
କେବୋଲଇ ବାନ୍ଧବ ଗୋ କର ମୋତେ ଖାହି ॥
କେ ଯାଇ ଚରଣଧରି କହନ୍ତି ବନୋଇ ।
ବୁଡ଼ିଲି ମଦନଜଳେ ରଖ ବାରେ ସହି ॥
କେ କାହାକୁ କହେ ସଧୀରେ ଧର ହାତ ।
ମୋତେ ରଖ ସଖି ଅଗୋ ହେଉଛି ଅନାଥ ॥
ଏମନ୍ତେ ସେ ଅସୁରଙ୍କୁ ଲାଗିଲ୍ଲିକ ମୋହ ।
ଯେ ଯାହା ଇଛାରେ କରନ୍ତି ସେ ପ୍ରୀତିସ୍ନେହ ॥
ପ୍ରତଜ୍ଞା କରନ୍ତି କେହି ଜଣେ ହାତ ଭରି ।
ବକ୍ଷସ୍ଥଳେ ହସ୍ତଦେଇ ବାହାଫୋଟ ମାରି ॥
ବୋଲଇ ରେ ବାନ୍ଧବେ ମୁଁ ମହାବଳବନ୍ତ ।
ମୋତେ ତୁ ଭଜ ବସ୍ତୁଛି ଧରି ତୋର ହାତ ॥

Digitized by srujanika@gmail.com

କୋଟୋଟି ଯାଉଛନ୍ତି ଯେ ଝାପଥିବ ପଛେ ।
ଏ ଦିବ୍ୟସୁନ୍ଦରୀ ଦେଖିକ କରିବ କେ ଏବେ ॥
ଏବା କାହାରେ ଯେବଣ ଜନେ ଥିବେ ଝାସି ।
ସେହି ସେ ଏ ରମଣୀଙ୍କି ପାଇବେ ତାଳସି
ଛାଡ଼ ନିଜ ଗୃହବାସ ଅଶନ ଭୋଜନ ।
ଦେଖୁଁ ଥିବ ଏ ସୁନ୍ଦରୀମାନଙ୍କ ବଦନ ॥
କେଣ ବସନ୍ତ ସ୍ୱପନପର ପରତ୍ୟାଶି ।
ପ୍ରାଣହିଁ ପଡ଼ୁଛନ୍ତି ଯାଉ ଏହାଙ୍କର ଲାଗି ॥
ସ୍ତ୍ରୀଙ୍କ ବୃନ୍ଦ ଦେଖି ନୈଷାସୁର ଯେ ବୋଇଲା ।
ଏହାଙ୍କରେ ଘୋରସୈନ୍ୟ ବଳ ନାଶଗଲା ॥
ଏହାଙ୍କ ରୂପ ଦେଖି ନ ପାରନ୍ତି ଜଗୁରି ।
ଅନ୍ୟୋନ୍ୟରେ ସମସ୍ତେ ଯେ ହୁଅନ୍ତି ମତ୍ତମତି ॥
ଏହାଙ୍କରେ ନାଶଗଲେ ସକଳ ଦନୁଜ ।
ମୁଁ ବୋଲଇ ସ୍ତ୍ରୀଙ୍କର କିସ ବଳବୀର୍ଯ୍ୟ ॥
ଅବଳା ବୋଲି ଏହାଙ୍କୁ ବୋଲଇ ନ ଜାଣି ।
କାଳୁ ଏ ପ୍ରଧାନ ସରବର ବୋଲି ଭଣି ॥
ସବୁଏ ଗୃହିଁଲେ ଏ ଯେ ପାଷାଣ ଫୁଟଇ ।
ବର୍ଣ୍ଣେକେ ଗୃହିଁଲେକ ଗିରି ଜଳିଯାଇ ॥
ଆପଣେ ଅସୁରେଶ୍ୱର ଦେଲା ଘୋର ଡାକ ।
ଏ ସ୍ତ୍ରୀବୃନ୍ଦଙ୍କୁ ଭୋଗକର ଯେତେ ଜେଷ୍ଠ ॥
ସଜ୍ଜା ବଚନେ ଦାନବେ ହୋଇଲେ ହରଷିତ ।
ଆନନ୍ଦେ ଧରିଲେ ଦେବୀମାନଙ୍କର ହସ୍ତ ॥
ମାନିନୀ ରୂପରେ ସେ ଯେ ହୋଇଛନ୍ତି ତୁମ୍ଭ ।
ଯେ ଯାହାଇଚ୍ଛାରେ ସେହି କନ୍ୟା ଗଲେ ଘେନି ॥
ବହଇ ବସନ୍ତ ବାୟୁ ହରଷରେ ପୁଣି ।
ସେ ହର ଉଦ୍ୟାନ ବନେ ଶୁଣି କୋକିଳଧ୍ୱନି ॥
ଦେବୀମାନଙ୍କୁ ଘେନିଣ ସେ ଅସୁରମାନେ ।
ଗଲେ ଯେ ଯାହାରେ ପୁଣି ନିକୁଞ୍ଜ କାନନେ ॥
ହେଉଁରେ ଯାଇ ପଲ୍ଲବ ଶଯ୍ୟାକୁ ବସ୍ତ୍ରଇ ।
ଦେବୀମାନଙ୍କୁ ଘେନି କେ ଶୟନ କରଇ ॥
କେ କାହାକୁ କେ କେ ଘେନି ଗୃହେ ଅରମ୍ଭଇ ।
ଯେଣୁ ସେ କାମିନୀ ଛନ୍ତି ମାନିନୀ ଯେ ହୋଇ ॥
ନାନା କଉତୁକ କରୁଁ ରଜନୀ ହୋଇଲା ।
ଅସୁରଙ୍କ ମଧ୍ୟରେ ନରୁଥିଲା କଳା ॥
ବଜାଇ କେ ଜଳଘୋଷ ମୃଦଙ୍ଗ ଡ଼ମ୍ବୁର ।
ମନ୍ଦିରରେ ନୃତ୍ୟକରେ ତେବଣ ଅସୁର ॥
ନ ରୁଅନ୍ତେ ନ ଅସର ମିଷ୍ଟ ବାକ୍ୟ ବୋଲି ।
ଦେବୀମାନେ ତାହାଙ୍କୁ ଯେ ହେଲେ ମହାକାଳ ॥
ଅକଳନ୍ତ ସମୁଦ୍ର ଯେ ନୈଷା ସୈନ୍ୟପନ୍ତି ।
ରଥମାନେ ବୋଇତ ଯେ ନକ୍ର ଗଜପନ୍ତି ॥
ଫେନ ଯେ ପତାକା ମୀନ ଅଶ୍ୱର ସମୂହ ।
ତହିଁ ପକାଇଲେ ଦେବୀ ମାୟାଜାଲ ମୋହ ॥
ନଠାଇ ବାନ୍ଧିଲେ ସେ ଯେ କାମଶର ମୁଦ୍ରା ।
ସର୍ବ ଦାନବମାନଙ୍କୁ ଲାଗେ ମହାନିଦ୍ରା ॥
ହାସ୍ୟ କରନ୍ତୁକେ ଦେବୀ କୋଳାହଳ କରି ।
କେନ କେନ ଖଣ୍ଡ କରି ରୁଣ୍ଡକୁ ବଢ଼ାଇ ॥
ଅସୁରେ ଅଚେତନ ଯେ ମଦ କାମକ୍ରୋଧେ ।
ଏତେ ବଳ ଥାଇ ନାଶ କ୍ଷଣକର ମଧ୍ୟେ ॥
କରେଣ ହିଣ୍ଡୁତ କଲେ କରେ କେନଫାଳ ।
କେ ମୁଣ୍ଡ ମୋଡ଼ଣ ଛିଣ୍ଡାଇଲେ ବକ୍ଷସ୍ଥଳ ॥
ହୃଦୟରେ ବସି କେହୁ ଛିଣ୍ଡାଇଲେ ବାହା ।
ପିଠିପରେ ବସି କେହୁ ବଦାଇଲେ ହସ୍ତ ॥
କେହୁ ଯେ କ ହାର ଉପାଡ଼ିଲେ ବାହାବେନି ।
କେ ଚରଣ ଉପରେ କେ ମୋଡ଼ଇ ମୁର୍ଦ୍ଧନୀ ॥
ପଞ୍ଜରି ବିଦାରଇ କେ ନଖାଘାତ ଘେନି ।
କେ କାହାର ଅନ୍ତ୍ରପିତ୍ତ କରେ ଭଲାଭଲି ॥
ମୁଣ୍ଡ କେ ଚୋବାଇଣ କେ କଳେବର ଭକ୍ଷି ।
କେ ଅସ୍ଥି ଚର୍ମ ଖାଅନ୍ତି ନ ଥୁଅନ୍ତି କିଛି ॥
ଅକଳନ୍ତ ବଳ ପଡ଼ିଗଲେ କ୍ଷଣ ମଧ୍ୟେ ।
ବିକଟାଳ ରୂପେ ନୃତ୍ୟ କରନ୍ତି କବନ୍ଧେ ॥
ପର୍ବତକେ ଦୈତ୍ୟବଳ ପକାଇଲେ ମରି ।
ମେଦିନୀ ଆନନ୍ଦ ହେଲା ଏହା ଗୃହିଁକରି ॥
ସମସ୍ତ ଦେବୀଏ କରପଦ ଶିରେ ଦେଇ ।
ଦୁର୍ଗା ଦେବୀଙ୍କ ଅଗରେ ଉଭା ହେଲେ ଯାଇଁ ॥
ଧରଣୀ କହିଲେ ଦୁର୍ଗା ଅଗେ ଏହି କଥା ।
ଆଜି ଜଗତ ମାତା ଗୋ ତୁଟିଗଲା ବ୍ୟଥା ॥
ଅସୁର ସଇନୀ ଆଜ ସବୁ ନାଶଗଲା ।
ସେନାମାନଙ୍କୁ ଘେନି ଗୋ ମହିଷା ରହିଲା ॥
ମାଗୋ ଶୂନ୍ୟ ଉପଶୂନ୍ୟ କାଳକେତୁମୋଚନ ।
କେନ ଦୂତପତି କାଳ ବିକାଳ ଏମାନ ॥
ଧୂମ୍ରଲୋଚନ ସାରଥି ଦେବନର୍ଦ୍ଦନ ।
ଅବରହିଁ ରହିଲେ ଗୋ ବାଦ୍ୟକାରମାନ ॥

Digitized by srujanika@gmail.com

ଏତେ ମାତ୍ର ଅଛନ୍ତି ଗୋ ମୈଷା ସନ୍ନିଧାନ ।
ଏ ବାହାରେ ନାହାନ୍ତି ଯୋଦ୍ଧା ଏକଜନ ॥

—॥ ୪୦ ॥—

### କାଳକମୋଚନର ଯୁଦ୍ଧେ ଗମନ ଓ ଜୟଲାଭ ।

ଏଥି ଅନନ୍ତରେ ତହିଁ ପାହିଲକ ରାତି ।
ମହିଷା କଟକ ଗଲେ ସର୍ବ ସେନାପତି ॥
ବୋଇଲେ ଦେଖିବା ରଣରଙ୍ଗ କୁତୂହଳ ।
କେମନ୍ତ ହୋଇଛି କାଲି ସଂଗ୍ରାମ ମଣ୍ଡଳ ॥
ସେନାଙ୍କ ମୁଖରୁ ଶୁଣି ଏସନେକ ବୋଲ ।
ମହିଷାସୁର ନୃପତି ବୋଇଲା ହେ ଭଲ ॥
ଶାର୍ଦ୍ଦୂଳେକ ଚଢ଼ି କରେ ଘେନି ବଜ୍ର ଯାଠି ।
ବଳେ ସଙ୍ଗେ ଚଳିଲେ ଘେନି ସେନା ନବକୋଟି ॥
ଲକ୍ଷ୍ମୀଭଦ୍ରା ନଗର ଯେ ଦକ୍ଷିଣ ତଟରେ ।
ସଇନା ଦେଖନ୍ତି ଯାଇଁ ହର ଉଦ୍ୟାନରେ ॥
ରକତ ମାଂସ ନଦୀ ଯେ ପ୍ରବଳ ହୋଇଛି ।
ଦେଖିଣ ଅସୁରଙ୍କର ନ ସ୍ଫୁରଇ କଛି ॥
ଏକକୁ ଅନେକ ତହିଁ ବଳନ୍ତାଳ ମୂର୍ତ୍ତି ।
ଏସନ ଛନ୍ଦ ନୁହଇ କାହାରହିଁ ଶକ୍ତି ॥
ଯେସନେକ ମୀନମାନ ମାରଇ ଧୀବର ।
ସେହିମତ ହୋଇ ପଡ଼ିଅଛନ୍ତି ଅସୁର ॥
ସଇନା ହତ ଦେଖିଣ ମୈଷାସୁର ସଙ୍ଗେ ।
ଶାର୍ଦ୍ଦୂଳ ପିଠିରୁ ପଡ଼ି ମୂର୍ଚ୍ଛାଗତ ହୁଏ ॥
ସେନମାନେ ସିଞ୍ଚି ତାର ମୁଖେ ଶୀତଜଳ ।
ଚେତନା ବସନ୍ତେ ରାଜା ହୁଅଇ ବିକଳ ॥
ଅସୁର ସାରମାନଙ୍କୁ କୋଳେ ଟେକି ଧରଇ ।
କାହାକୁ ସେ ବକ୍ଷସ୍ଥଳେ ପକାଇ ରଡ଼ଇ ॥
କୋଳେ ନିର୍ଭୟ ଅସ୍ତ୍ର ମୋ ଅଛି କାହିଁପାଇଁ ।
ଏହା ଦେଖୁଅଛି ହୃଦ ଫାଟିତ ନ ଯାଇ ॥
ଭୂମିରେ ଶିର ତାଡ଼ି ସେ ବଦାରଇ ବୁକ୍ତ ।
ଅତି ଅକୁଳେ କହଇ ସେ ସେନାମାନଙ୍କୁ ॥
ଏମନ୍ତ ହୋଇ ପ୍ରାଣୀଙ୍କି ପଡ଼ିଲ ପ୍ରମାଦ ।
ନାହିଁ ଦେଖିଲି କେବେ ମୋ ଏସନକ ଛନ୍ଦ ॥
ଧିକ ଧିକ ହେଉ ମୋର ଏ ବାହାବଳ ।
ଛଡ଼ିବ ଜୀବନ ଜାଳି ପଶିବ ଅନଳ ॥

ଅହୋ ପରୀକ୍ଷିତ ଶୁଣ କଥା ଏକମନ ।
ମହିଷା ବିକଳ ଦେଖି କାଳକମୋଚନ ॥
ବାହାସ୍ଫୋଟ ମାରି ରାଜା ଆଗରେ ବୋଲଇ ।
ମୋହ ଥାଉଁ ଥାଉଁ ଚିନ୍ତା କରୁ କାହିଁପାଇଁ ॥
ମେରୁ ଉପାଡ଼ି ପାରଇ ମୁହିଁ ଭୁଜବଳେ ।
ତିନି ଭୁବନକୁ ଟେକିପାରେ ଏକାବେଳେ ॥
ସାତସିନ୍ଧୁ ଏକା ଚଢ଼ି ଜଳ କ ପିଇବି ।
ଚତୁର୍ଦ୍ଦଶପୁର ବିଦ୍ଧା ମାରି କି ଚୂରିବି ॥
ଏହି ଦେବୀମାନେ ମୋତେ କେତେକମାତର ।
ଏକ୍ଷଣି ସବୁଙ୍କୁ କରିଦେବି ନାରଖାର ॥
ଏତେ ବୋଲି ଯାଏ ଦେବୀଙ୍କର ସନ୍ନିଧାନ ।
କାୟ ବଢ଼ାଇଲା ସେ ଯେ ପଚାଶ ଯୋଜନ ॥
କାଳକମୋଚନର ଏ ବିଶ୍ୱରୂପ ଦେଖି ।
ଦେବୀମାନେ ଦୃଷ୍ଟି ଦେଲେ ସମର ଉପେକ୍ଷି ॥
ଯେଉଁ ଦେବୀମାନେ ତିନି ଜଗତମୋହିନୀ ।
କାଳକମୋଚନ ମୁଖେ ପଡ଼ିଲେ ସେ ପୁଣି ॥
ତାଙ୍କୁ ଦେଖି ବର୍ତ୍ତ୍ତରଇ କାଳକମୋଚନ ।
ଏମାନେ କୂଟେ ମାରିଲେ ଦୈତ୍ୟ ବୀରମାନ ॥
ଏହାଙ୍କୁ ଦେଖିଣ କାହିଁ ମୂର୍ଚ୍ଛି ନ ପାରିଲେ ।
ତେଡ଼େ ତେଡ଼େ ଅସୁର ଯେ ଅଷ୍ଟେ ମରିଲେ ॥
ଏମନ୍ତ ବଚନ ସେ ଯେ ରଥ ଜଳ ତେଜ୍ୟା ।
ଚିବସ୍ତ୍ର ହୋଇ କରଣ ଧାଇଁଲା ଦନୁଜା ॥
ରଣେ ଅନର୍ଗଳ ସେହି ଦିଗମ୍ବର ନାଥ ।
ଦେବୀମାନଙ୍କୁ ଦେଖିଣ ଧାଇଁଲାକ ଯାତ ॥
ଯେସନେ ଶବକୁ ଦେଖି ଶିବା ଦଉଡ଼ନ୍ତି ।
ତେସନେ ଧାଇଁଲା ସେହି ହୋଇ କୋପମୂର୍ତ୍ତି ॥
ମହାକୋପେ ଦେବୀଙ୍କି ସେ ଦନ୍ତେ ଧରଇ ।
ମହା ବଳନ୍ତ ଦାନବ ତାର ଭୟ ନାହିଁ ॥
ଘୋର ରଡ଼ ଦେଇ ସେ ଦକ୍ଷିଣ ମୂର୍ତ୍ତି କରି ।
ଫିଙ୍ଗିଦେଲା ଦେବୀମାନଙ୍କର ପାଦ ଧରି ॥
ଆକାଶ କମ୍ପିଲା ଅସୁରର ପରତାପେ ।
ଦେବୀମାନେ ପଡ଼ିଲେକ ଯାଇଁ ଚନ୍ଦ୍ରଦ୍ୱୀପେ ॥
ହେ ପରୀକ୍ଷ ଅନନ୍ତା ବିଜୟା ଯେ କାମାକ୍ଷୀ ।
ତାରେଣୀ ବାଗ ବାଗଇ ଭସ୍ମେଳା ତାରାକ୍ଷୀ ॥
ଭଇରବୀ ଶ୍ୟାମା ସୁନାମା ମାଳତୀ ସୁଦନ୍ତୀ ।
ସୁଭଗୀ ସୁଲକ୍ଷଣୀ ଯେ ମାତଙ୍ଗୀ ମାରୁଣୀ ॥

Digitized by srujanika@gmail.com

କପାଳୀ ବାସେଳୀ ତମ୍ପାର୍ଚଣ୍ଡୀ ଦରଣାସ୍ଯି ।
ଦନ୍ତାସ୍ଯି ଦଣ୍ଡଭ୍ରତାସ୍ଯି ବଳାସ୍ଯି ଶ୍ରମାସ୍ଯି ॥
ମାତଙ୍ଗୀ ଶରଧା କମଳାସ୍ଯି ବଷଳାସ୍ଯି ।
ଚନ୍ଦ୍ର ଭ୍ରମ ମେଧା ସ୍ୱର ସଂହର ତପସ୍ଯି ॥
ଲଳିତା ଗାନ୍ଧର୍ଭା ଗାଟକନ୍ଦୀ ସୂର୍ଯ୍ୟରେଖା ।
ସୁରଧାସ୍ଯି ଶଶିମୁଖୀ ସ୍ୱକଣ୍ଠୀ ସୁରେଖା ॥
ଇନ୍ଦ୍ରାସ୍ଯି ଚନ୍ଦ୍ରାସ୍ଯି ମାରକନ୍ଦାସ୍ଯି ଭଣଇ ।
ସାରଥ ସାରେଙ୍ଗୀ ସାସ୍ୱମୁଖୀ ଅଭୁଷ୍ଟାସ୍ଯି ॥
ମନ୍ତ୍ର ଲକ୍ଷ୍ମଲକ୍ଷଣୀ ଯେ ଦଳଗା ମିସଳା ।
ଭଷ୍ଟାଇ ଷଣ୍ମାସ୍ଯି ପଦ୍ମସ୍ଯି କାଳୀ କବଳୀ ॥
କାଳବମୋଚନର ଯେ ପ୍ରଥମ ଯୁଦ୍ଧବର ।
ଏତେ ଦେବୀ ପଢ଼ିଲେକ ସେ ଚନ୍ଦ୍ରଦ୍ୱୀପରେ ॥
ପୁଣ ଦେବୀମାନଙ୍କୁ ଯେ ଧର ଅତ ବେଗେ ।
ଦକ୍ଷିଣଦେଶଙ୍କୁ ବୁଲାଇଣ ବେଗେ ଫିଙ୍ଗେ ॥
ଶୂନ୍ୟେ ସେ ଉଡ଼ଲେ କାଳବମୋଚନ କୋପେ ।
ମେ ମୋହନା ଦେବୀ ପଡ଼ଲେକ କୁଶଦ୍ୱୀପେ ॥
ସଙ୍କା ଶଙ୍ଖଶଙ୍କା ସୁଧାସ୍ଯି ନୀଳାନ୍ତ୍ରୀ ଉଲାନ୍ତ ।
ଚନ୍ଦ୍ରମୁଖୀ ଅଭୁଷ୍ଟାସ୍ଯି ଷଡ୍ରି ଯେ ବିପୁଳ ॥
ଚତୁରୀ ଶୃଙ୍ଗାର ତନଭୁବନମୋହନୀ ।
ସୀତା ସୁତାସ୍ଯି ଶମ୍ଭାସ୍ଯି ଅଦ୍ରିବଳୀ ମାଗ ॥
କାମଚଣ୍ଡୀ ଗୃମଣ୍ଡା ଯେ ତାର ଉଗ୍ରତାସ୍ୱ ।
ଦେଶା ବେଣ ବଦ୍ଧକା ଯେ ନାସ୍ୱଧର୍ମୀଧସ୍ୱ ॥
ସୁଲ୍ୟାସତ୍ୟା ଗଗନା ଯେ ପବନା ମାର୍କଣ୍ଡା ।
ଦୁଷ୍ଟାସ୍ଯି ବହୁବଧାଳୀ ଚଣ୍ଡା ଯେ ପ୍ରଚଣ୍ଡା ॥
ତାଳୁକୀ ଜାନୁକୀ ଶସ୍ୱ ନନ୍ଦୀ ଚବମାସ୍ଯି ।
ସିଦ୍ଧା ଦ୍ୱାରଶୁଣି କୁନ୍ଦୀ ଲୁମାସ୍ୱ ଭଣ୍ଡାସ୍ଯି ॥
ଭେଟୀ ଭଗାସ୍ଯି ଜଙ୍ଗାସ୍ଯି ଜଟୀ ଯେ ଉନ୍ନ୍ୱଟୀ ।
ଭଲୁକୀ ଯେ ଚକ୍ଷୁଷ୍ଟାସ୍ଯି ପ୍ରତାଙ୍ଗୀ ପାଉଣ୍ଡି ॥
ମାଳତୀ କାମସ୍ଯି ସରୁଦ୍ରାସ୍ଯି ଶାନ୍ତ କାନ୍ତ ।
ଚର୍ଚ୍ଚାସ୍ଯି ଯେ ପ୍ରବଳାଇ କ୍ଷିନାସ୍ଯି ସକାନ୍ତ ॥
ମେନକାସ୍ଯି ସ୍ୱଗମାସ୍ଯି ଯମାସ୍ଯି ସୁଗୀତ ।
ଭଦ୍ରାସ୍ୟଣୀ ଆନନ୍ଦା ଯେ ସାନନ୍ଦା ସର୍ବ୍ୱତୀ ॥
ବଦାସ୍ଯନୀ ଚନ୍ଦ୍ରା ଅଜ ପ୍ରଚଣ୍ଡାର୍ଦ୍ଧଚନ୍ଦ୍ରା ।
କୋକଳା ଶଇସ୍ୱ ଛତାଭଗ୍ନି ଅର୍ଦ୍ଧ ଚନ୍ଦ୍ରା ॥
ଶୁଣ ପଣ୍ଡିତ ଅବେ ବୋଲେ ଶୁକମୁନ ।
ଏମନ୍ତେ କୋଟିଏ କୋଟି ସେନ୍ଧ କାତ୍ୟାୟନୀ ॥

କୁଶ ଦ୍ୱୀପରେ ପଡ଼ଲେ ଯନ୍ତ୍ରଁ ଦେବୀମାନେ ।
ପୁଣ ସେ ଅସୁର ଧାଏଁ ଅତ କୋପମନେ ॥
ଦସ୍ତଶ୍ରି ଧରନ୍ତି ଅଣ୍ଡକର ଦେବୀଗଣ ।
ଅନ୍ତରୀକ୍ଷେ ବୁଲାଇଲା ଧରଣ ଚରଣ ॥
ଅତ ବେଗେ ଫିଙ୍ଗିଦେଲା କର ଅନ୍ତରୀକ୍ଷ ।
ଫିଟିଲ ଦ୍ୱୀପେ ପଡ଼ିଲେ ଦେବୀ ଅଶୀଲକ୍ଷ ॥
ସନ୍ତୋସ୍ଯି କଂଷାସ୍ଯି କେଦାରୀ କର୍ଣ୍ଣାସ୍ଯି ଚମାସ୍ଯି ।
ମହାସ୍ଯି ଗାର୍ଗୀ ଗଙ୍ଗା ବାଜୀ ଯେ ବଜାସ୍ଯି ॥
ସିଦ୍ଧିଣୀ ଶ୍ରାସ୍ୱା ଯେ ରେଵା ସୁରେଵା ଅସଙ୍ଗ ।
ଦୁଅରସ୍ଯି ଗତ ପୁଲ୍ଲ ସ୍ୱସ ପୋଏଳାସ୍ଯି ॥
ସୁଧା ସୁମେଧା ସ୍ୱାହାଣୀ ଗହମୀ ଗମାସ୍ଯି ।
ବଦଣୀ ଦଇସାପାଳୀ ଗୌତମୀ ସୋଧାସ୍ଯି ॥
ସୀମନ୍ତିନୀ ମାନନୀ ଯେ ଜାଣ ଜମ୍ବୁବତୀ ।
ଗନ୍ଧ ସ୍କନ୍ଧେନୀ ପ୍ରଭଞ୍ଜନୀ ବଜ୍ରଲାନ୍ତ ॥
ଦୋହଣୀ ମନ୍ଦୋଦରୀ ଯେ ମଦାଗ୍ନି ନର୍ମଦା ।
ମୃସ୍ଯି ପୋସ୍ଯା ବଦରଣୀ ଗ୍ରେଳୀ ସରମଦା ॥
ବାଇଦେସ୍ଯି ବରଦାସ୍ଯି ନେପାଳୀ କପାଳୀ ।
ଅମ୍ବୀ ଯମୁନା ମିରଗୀ ବାସନ୍ତୀ ସାବେଳୀ ॥
ଚନାମାଳୀ କର୍ଣ୍ଣାସ୍ୱା ଯେ କେଶସ୍ୱ ବାହନୀ ।
ଫିହ୍ନଗା ହରଣୀ ମୃଗୀ ସମ୍ପ୍ରେଶ୍ୱସ୍ୱମାଗ ॥
ଫିଟିଲ ଦ୍ୱୀପେ ପଡ଼ଲେ ଏତେ ଦେବୀଯାଇଁ ।
ମହାବଳୀ ଦାନବଙ୍କୁ କେହି ସମ ନୋହି ॥
ପୁଣି ଧାଇଁ ଦେବୀଗଣ ଧର ଅନ୍ତରୀକ୍ଷେ ।
ଚଣ୍ଡଅକାର କର ଯେ ବୁଲାଇ ପ୍ରତ୍ୟକ୍ଷ ॥
ବୁଲାଇ ବୁଲାଇ ଫିଙ୍ଗିଦେଲା ନଜଧାପେ ।
ନବଲକ୍ଷ ଦେବୀ ପଡ଼ଗଲେ କୌଞ୍ଚଦ୍ୱୀପେ ॥
ରଙ୍ଗି ଭଙ୍ଗି ଗ୍ଳେଷ୍ଟ ଗୋଧା ଅମ୍ବିକା ଚମ୍ପାଳୀ ।
ପୁତନ ବକ୍ଷୁକୁ କେନ୍ଦ୍ର ଅକ୍ରୁର ପାଞ୍ଚୋଳ ॥
ସୁ ନେତା ଉମା ଯାମାସ୍ଯି ସୁଦନର୍ଶୀ ଉମସ୍ଯି ।
କୋଇଲ ନହଲା ମାହେଶ୍ୱସ୍ୱ ଦସ୍ୱମାସ୍ଯି ॥
କୋପତାସ୍ଯି ପଳାଶୀ ଯେ ମନ୍ଥର ସାରଥ ।
ଜ୍ୟେଷ୍ଠାସ୍ଯି ପଦ୍ମାସ୍ଯି ମରଦାଙ୍ଗୀ କେତକଅ ॥
କେତକୀ ବଡ ବେତାଳୀ କର୍ଣ୍ଣାଇ ଉଣ୍ଡୁଣୀ ।
ଚେଷ୍ଟରଣୀ ସାଙ୍ଗମେଘୀ କୁମୁଦୀ କଲାଣୀ ॥
ଦଳଣୀ ଦାଳଣୀ ସ୍ୱଣୀ କାମୀ ବାଟଶ୍ୱସ୍ୱ ।
ପାଣିଖାରମୁଖୀ ବମୁଖାଇ ଘଣ୍ଟବଣ୍ଡ ॥

Digitized by srujanika@gmail.com

ଏ ଦେବୀମାନେ ପଡ଼ିଲେ କୌଞ୍ଚଦ୍ୱୀପେ ଯାଇଁ ।
କୋଟିଏ ଦଶ ଯେ ଧର ପ୍ରଣିହ୍ନି ଫିଙ୍ଗଇ ॥
ଦେବୀମାନଙ୍କୁ ବୁଲାଇ ଫିଙ୍ଗିଲୁ ସ୍ୱୟଂ ।
ନବଅଯୁତ ପଡ଼ିଲେ ବଲଙ୍କ ଯେ ଦେଶ ॥
କମାସ୍ୱଣୀ କାମାଶୁଣୀ ପଶ୍ଚିମା ବାସ୍ୱା ।
ଅନନ୍ତାସ୍ୟୀ ଅନାଳୀ ଯେ ଶାଳା ଉଷଧାସ୍ୟୀ ॥
ବରୁଧାସ୍ୟୀ ଖଗବଶ ଗେଲବାସ୍ୟୀ ରତ ।
ବେନ୍ତା ନଜାନ୍ତା ଏବନ ଛନ୍ଦନ। ଯୁବତୀ ॥
ଚଣ୍ଡୋଗ୍ରା ଭୁଣ୍ଡା ଭଗାରୁଣୀ ତାଳେଶ୍ୱରୀ ।
ତ୍ରମାଇ ମାନନ ଅଜ୍ଞ ମୃମୃଣୀ ସୁଧାସ୍ୱା ।
କାମିନୀ କୁବେଳୀ ବେଗବତୀ ନାଗେଶ୍ୱରୀ ।
ଘନରବା ଶୂନ୍ୟବାସୀ ରଙ୍ଗିନୀ ଚଣ୍ଡିଶ୍ୱରୀ ॥
ଘୋରା ଶାନ୍ତା କାଳିକା ଯେ କାଳସ୍ୱନୀ ଦେବୀ ।
ରେବତୀ ଧବଳାସ୍ୟୀ ଯେ ସୁପାବୀ ଭୈରବୀ ॥
ଶୁଣ ହେ ପଞ୍ଚାକ୍ଷରଜା ବୋଲେ ଶୁକମୁନି ।
ବଳଙ୍କଦେଶେ ପଡ଼ିଲେ ଏତେକ ଯୋଗିନୀ ॥
ପ୍ରଣିହ୍ନ ଦେବୀଙ୍କି ସେହୁ ଧରିଲା ଦଶ୍ରେ ।
ଉତ୍ତରବଡ଼ଙ୍ଗ ଫିଙ୍ଗିଲା ନବକୋଟି ଚଣ୍ଡୀ ॥
ଲେଲିହା ଅମ୍ବିକା ଯେ ଗୋଳକମା ଯେଉଁକମା ।
ବାତଅବାହନୀ ମାଳାବତୀ ନଟ୍ୟା ନମା ॥
ନମିତାସ୍ୟୀ ସ୍ୱରୂପା ବାସ୍ୱୀ କାମରୂପୀ ।
ଭୁଲାଇ ମେଖଳୀ ମହାଗଣୀ ଭବ୍ୟରୂପୀ ॥
ପଳାଶୀ କୁତୂହଳୀ ଯେ ଷଠି ନଉଛିସ୍ୟୀ ।
ଲେଲିହାସ୍ୟୀ କମାସ୍ୟୀ ଅଜାସ୍ୟ ମୁକୁଳାସ୍ୟୀ ।
ଭଗବତୀ ଚକ୍ରାସ୍ୟ ଯେ ବସାଭେ ଯୋଗେଶ୍ୱରୀ ।
ରୂପାସ୍ୟୀ ଅନନ୍ତାସ୍ୟୀ ଯେ ଜସ୍ତୁ ବାଘାମ୍ବରୀ ॥
ଛେଦନଶୁଣୀ କଙ୍କାଳୀ ପେଚାଶୁଣୀ କାଳୀ ।
ବେତାଳୀ ହୁଙ୍କୁଳା ଧବଳାଙ୍ଗୀ ଯେ ଧବଳୀ ॥
ମାବୁଗ୍ର ପିଙ୍ଗଳା ଜନ୍ମ ସାରଙ୍ଗୀ ଯୁବାଣା ।
ବକାଳୀ ଶଙ୍କରୀ ଅରୁଣାସ୍ୟୀ ବଳାଶୁଣୀ ॥
କଷାଜଙ୍ଘା ହାଟକେଶ୍ୱରୀ ଢାଳେଶ୍ୱରୀ ଦେବୀ ।
ଶୀସ୍ତୁ ନର୍ମଦା ଢ଼ାଙ୍କେଣୀ ହାଟକେଶ୍ୱରୀ ସବୁ ॥
ମେଖଳ। ମହାଶଳା ଯେ ଶ୍ୱମା ଭ୍ରାଜେଶ୍ୱରୀ ।
ଗୁଣବତୀ ଚନ୍ଦ୍ରାବତୀ ଦକ୍ଷିଣା ଉତ୍ତରୀ ॥
ମହା ବଇଶ୍ୱାନରୀ ପାଷାଣୀ ପାବକୀ ।
ରତ ଦର୍ମଶ ପିହାସ୍ୱ ଭୈରବୁପା ଶତ ॥

ଜଗତତାରଣୀ କନକାଙ୍ଗୀ ଛିନ୍ନମସ୍ତା ।
ସୁରୂପା ସୁରୂପାଶୁଣୀ କମଳା ସ୍ୱନାନ୍ତ ॥
ସାନନ୍ଦା ଅନନ୍ଦା ଶ୍ୟାମା ଅନ୍ତ ନ ଅମୃତା ।
ଚଣ୍ଡାକ୍ଷୀ ତେଜନୀ ଧନ୍ୟ ଧନସ୍ତା ସଙ୍ଗୀତା ॥
ସୁଭଗୀ କରଳାସ୍ୟୀ ଯେ ଭେଖାସ୍ୟୀ ଫଳାଇ ।
ହଂସକେଶ୍ୱରୀ ଯେ ଦ୍ୱାରଶୁଣୀ ଶରଧାସ୍ୟୀ ॥
ଶୁଣ ହୋ ପଞ୍ଚାକ୍ଷ ସ୍ୱଜା କାଳବମୋଚନ ।
ପ୍ରଣିହ୍ନ ଦଶ୍ରେ ଧର ଅନ୍ୟେ ଦେବୀମାନ ॥
ଅନ୍ତରୀକ୍ଷେ ବୁଲାଇଣ ଫିଙ୍ଗିଲା ନେଠଇ ।
ଜମ୍ବୁଦ୍ୱୀପ ମଧ୍ୟେ ପଡ଼ିଲେ ଦେବୀ ଯାଇ ॥
କରତାଳ କରାଳକା ମତ୍ତ କେଶରୋଞ୍ଚ ।
ମହାବକ୍ତ୍ରରୂପା ଯେ ଶିବାସୁରଲେଖୀ ॥
ବକ୍ରଦଂଷ୍ଟ୍ରା କରାଳୀ ଉଗ୍ରବକ୍ତ୍ରମୁଖୀ ।
ଏମାନଙ୍କୁ ଫିଙ୍ଗିଦେଲା ସ୍ୱଣେହେଁ ନ ରଖି ॥
ଏ ମୋହନୀ ଦେବୀ ମୋହୁଥିଲେ ଯେ କପଟ ।
ଅସୁରବଳ ଧ୍ୱଂସନ କରୁଥିଲେ କୂଟେ ॥
ଶୂନ୍ୟରୁ ଜାତହୋଇଣ ମୋହୁଥିଲେ ପୃଥ୍ୱୀ ।
ରତଅଙ୍ଗ ଦେଖାଇଣ ଦୈତ୍ୟଙ୍କୁ ମାରନ୍ତି ॥
ରୂପେଣ ମୋହନୀ ଏହୁ ଏକେ ନବଯୁବା ।
ହକାର ଶାଅନ୍ତୁ ସେହୁ ସକଳ ଦାନବା ॥
ମହାଶାସୁରର ଆଣ୍ଟସବୁ କଲେ କ୍ଷୀଣ ।
ଏ ଦେବୀମାନଙ୍କୋପେ ଦୈତ୍ୟହେଲେ ମ୍ଳାନ ॥
ଏମନ୍ତ ବୋଲିଣ ଦେବୀମାନଙ୍କୁ ଫିଙ୍ଗଇ ।
ଦେବୀମାନେ ପଳାନ୍ତି ସେ ଛନ୍ନ ଭିନ୍ନହୋଇ ॥
ସମସ୍ତ ମୋହନୀ କାମଶେଣୀ ଏବତାରେ ।
କାଳବମୋଚନକୁ ସେ ହାରିଲେ ସମରେ ॥
ସପ୍ତଦ୍ୱୀପକୁ ତାହାଙ୍କୁ ପକାଇଲା ଫିଙ୍ଗି ।
ଅନନ୍ତକୋଟି ଦେବୀଏ ପଡ଼ିଲେକ ବେଗି ॥
ନୈର୍ଜାତ ପ୍ରାନ୍ତେ ପଡ଼ିଲେ ଯାଇ ଅତଦୂରେ ।
ଛଡି ନ ପାର ପଡ଼ିଲେ ଯେ ଯେଉଁଠାବରେ ॥
ମୁଣ୍ଡବଳ କାହାର ଯେ ଭଗ୍ନହେଲା କାୟେ ।
କାହାର ହସ୍ତ କେଉଁ ଯେ କାହାର ଭଗ୍ନପାୟେ ॥
କେ କଙ୍କାଳପେଟୀ ଶ୍ରେଷ୍ଠା ଗୋଡ଼ ପିଠି ଭୁଜ ।
କେତେ ଅଷ୍ଟବନ୍ଧ ହୋଇ ରହିଲେ ଅପୂଜା ॥
ଶିର ବାହ୍ନ କାହାର ଯେ ହେଲା ଚକ୍ଷୁ କାଣ ।
ଯେ ଯହିଁ ପଡ଼ିଲେ ସେହି ରହିଲେ ସେ ସ୍ଥାନ ॥



Digitized by srujanika@gmail.com

କାହା ଅର୍ଦ୍ଧ ଅଙ୍ଗ ଭଣ୍ଡେ କେହୁ ସଦ୍ୟ ପୋତା ।
କାର୍ଯ୍ୟସିଦ୍ଧି କରନ୍ତି ସେ ଜଗତର ମାତା ॥
ଶୁଣ ଆହେ ପରୀକ୍ଷିତ କହେ ଶୁକବ୍ରହ୍ମା ।
କାଳକମୋଚନର ସେ ଏସନ ମହିମ ॥
କାଳ ବିକାଳ କହିଲେ ମହିଷା ଅଗେଣ ।
ତୋର ସୈନ୍ୟମଧ୍ୟେ ସାଧୁ କାଳକମୋଚନ ॥
ସୈନ୍ୟବଳ ନାହିଁ ଏକା ହୋଇଣ ସେ ଗଲା ।
ସକଳ ଦେବୀମାନଙ୍କୁ ଶୂନ୍ୟେ ଫିଙ୍ଗିଦେଲା ॥
ଶୁଣି ମହିଷାସୁର ଯେ ହରଷ ହୋଇଲା ।
ବେନି ଦୂତଙ୍କୁ ସେ ରହେ ସ୍ନାନ କରାଇଲା ॥
ମହିଷାସୁର ହରଷ କେହୁ କହିପାର ।
ଶୁଣ ହେ ପରୀକ୍ଷିତରାଜା ମନ ଏକ କର ॥
ପୁଣ ଯୋଦ୍ଧାଇ ଦେବୀଙ୍କି କାଳକମୋଚନ ।
ଦଶଣ୍ଡି ଧରିଲା ଏକ ସହସ୍ର ଦେବୀଗଣ ॥
ଅକାଶକୁ ଫଙ୍ଗିଦେଲା ହେଲ ମହାବୋଦ ।
ଗଗନରେ ପଡଲେ କେ ହୋଇ ପରାଭବୀ ॥
ପଶ୍ଚିମ ପୌରଷ୍ଟେ ଦଣ୍ଡଗଲେ ଘୋରବନେ ।
ବନଦେବତା ହୋଇଲେ ସବୁ ଦେବୀମାନେ ॥
କାମାକ୍ଷୀରୂପ ଧରି ସେ ବନସ୍ତରେ ଥାନ୍ତି ।
କେହୁ ବା ଦେବଙ୍କ କାର୍ଯ୍ୟ ସିଦ୍ଧିକୁ କରନ୍ତି ॥
ମନ୍ତ୍ର ମହାଗ୍ନି ଶିବା ଅସୀତା ଅମାକ୍ଷୀ ।
ମହ୍ୟଗର୍ଭ୍ରୀ ନିଦ୍ରାପୂର୍ଣ୍ଣୀ ମେରୁ ସୀତାକ୍ଷୀ ॥
ଜିଜ୍ଞାସୁଣୀ ଗରୁଡ଼ା ଅବର ଅନଳା ।
ତେଜସ୍ୱିନୀ ଚଳାବତୀ ରକ୍ତା ପିଙ୍ଗଳା ॥
ସ୍ୱଗିନୀ ଦୁଃଖିନୀ ସାନ୍ଧୁ ବକୋଷୀ କୁଙ୍କୁଟୀ ।
ବକ୍ରମୁଣ୍ଡି ସୁଦନ୍ତୀ ଯେ ଅତି ଲମ୍ବପେଟୀ ॥
ଇତ୍ୟାଦ ହୋଇଣ ସାତସହସ୍ର ମୂରତି ।
ଦେବୀମାନେ ହୋଇଲେଟି ଯେ ବନଦେବତୀ ॥
ସେ ଦେବୀଙ୍କ ଚରଣରେ ରହୁ ମୋର ମନ ।
ଶାରଳା ଦାସ ଭଣଇ ଏହା ସତ ଧନ ॥

କାଳକମୋଚନ ବଧ ।

ହେ ପରୀକ୍ଷ ବଡ଼ବଳ ଦୈତ୍ୟ ରଣରଙ୍ଗେ ।
ପ୍ରତିଜ୍ଞା କରଇ ଯାଇ ମହିଷାସୁର ଆଗେ ॥
କାଳକମୋଚନକୁ ଯେ ମହିଷା କୋଳ କଲା ।
ଶତକୋଟି ରତନ ତା ଶିରେ ନିସ୍ତୁଡ଼ିଲା ॥
ଅନେକ ବଚନ ହେଇ କହେ ପୁରୁଷାର୍ଥ ।
ତୋ'ହରେ ସମ୍ପଦ ମୋର ହୋଇଲା ପ୍ରାପତ ॥
ପ୍ରଥମରୁ ପଠିଅଇ ଥାନ୍ତି ଯେବେ ତୋତେ ।
ଏ ସମ୍ପଦ ହରାନ୍ତା କି ମୁହିଁ ଅନମିତେ ॥
ଯେଉଁ ସ୍ତ୍ରିରୀ ରହୁଚିଛ ଶିରେ ଯାଇ ବସି ।
ତାକୁ କେଭେ ମାରିବୁ ସେ ଅଟେ ଅବଶ୍ୱାସୀ ॥
ଶୁଣି କାଳକମୋଚନ ବୋଲଇ ବଚନ ।
ଏହିକ୍ଷଣି ତାହାର ମୁଁ ଘେନିବ ଜୀବନ ॥
ସେତେବେଳେ ତାହାକୁ ମୁଁ ଦେଖି ନ ପାରିଲି ।
ଯେ ମୁଖେ ପଡିଲେ ତାଙ୍କୁ ପୋପଡ଼ାଇ ଦେଲି ॥
ଏବେ ତୁମ୍ଭେ ନିଜ ନଗରକୁ ବିଜେ କର ।
ଏତେ ବୋଲି କାଯ୍ୟ ବଢ଼ାଇଲା ସେ ଅସୁର ॥
ବଢ଼ିଏ ଛୁଇଁଲା ସେହୁ ବ୍ରହ୍ମାଣ୍ଡ କମ୍ପିଲା ।
ଶୁଣି ଦେବତାମାନଙ୍କ ସାହସ ଉଡ଼ିଲା ॥
ଛତ୍ର ଅଶ୍ୱ ପଦାତି ଯେ ନାହାନ୍ତି ତା ସଙ୍ଗେ ।
ଧାଇଁଲା ଏକାକେ ଲୁହା ଲୌହଧର ବେଗେ ॥
ରହୁଗିର ଶିଖରରେ ବିଜେ ଦେବୀ ଦୁର୍ଗେ ।
ନବକୋଟି କାତ୍ୟାୟନୀ ଥିଲେ ଶୂନ୍ୟମାର୍ଗେ ॥
ଜଣେହେଁ ଦେବୀ ନାହାନ୍ତି ତାହାଙ୍କର ତୁଲେ ।
କାଳକମୋଚନ ପରବେଶ ଏହୁ ବେଳେ ॥
ମନ୍ଦର ସମାନେ ଦେଖାଯାଏ ତାର କାୟେ ।
ଦୁର୍ଗାଙ୍କୁ ଭେଟିଲା ପୂର୍ଣ୍ଣଚନ୍ଦ୍ରେ ସ୍ୱସ୍ଥ ପ୍ରାୟେ ॥
ଗଦାବର ବୁଲାଇଣ ଓଷ୍ଠେ ଦନ୍ତ ଚିପି ।
କୋପେଣ ପ୍ରତିଜ୍ଞା କରେ ସେହୁ କାମରୂପୀ ।
କାହିଁ ତୁ ଗୋ ଏଥକୁ ଯେ ଅଇଲୁ ଅଦ୍ଭୁତେ
ମରଣକୁ ଇଚ୍ଛା କଲୁ ତୁହି ଅନମିତେ ॥
ତିନିଭୁବନେ ମହିଷାସୁର ମହାରାଜା ।
ଅନେକ ଭୋଗ କରିବୁ ହେଲେ ତା ଭାରଯା ॥
ଏବେହେଁ ସୁନ୍ଦରି ଅରେ କହୁ ଯେବେ ଇଚ୍ଛା
ସଜାକୁ ସମର୍ପି ତୋର ପୂରାଇବା ବାଞ୍ଛା ॥
ଅସ ଅସ ନ ଡରିବ ମନେ କିଛି ଆନ ।
ରାଜା ରାଣୀ ହୋଇ ଭୁଞ୍ଜ ଏ ତିନି ଭୁବନ ॥
କାଳକମୋଚନର ଯେ ଏହୁ ବାକ୍ୟ ଶୁଣି ।
ହାସ୍ୟ କରି ବୋଲନ୍ତି ଦୁର୍ଗତିତାରିଣୀ ॥
ଅହୋ ତୁ ଯେ ନପତର ଅତିପ୍ରିୟ ହେଉ ।
ଜାଣିଲୁ ଯେଣୁ କଥାକ କଥ ମୋତେ କହୁ ॥

Digitized by srujanika@gmail.com

ଶୁଣ ମୋ କଥା ତୁ ଯେବେ ରଜାର ବିଶ୍ୱାସ ।
ମହିଷାସୁରଙ୍କୁ ମୋର ପାଶେ ଦେଇପାସ ॥
ଏହା ଶୁଣି କାଳବମୋଚନ ଯେ ବୋଲଇ ।
ଦର୍ପକଥା କହୁଅଛୁ ସ୍ତ୍ରୀଲିଙ୍ଗ ହୋଇ ॥
ତ୍ରିଭୁବନେ ମହିଷାସୁର ଅଟେ ପ୍ରଭୁ ।
ଯାହାଙ୍କ ସମରେ ସମ ନୋହେ ବିଷ୍ଣୁ ଶମ୍ଭୁ ॥
ଯାହା କୋପକୁ ଡରନ୍ତି ବ୍ରହ୍ମା ରୁଦ୍ର ହର ।
ତୋ ତହିଁକି ଅସିବ ସେ କାହିଁ ତେଜେକର ॥
ଅଥବା ଯଦ୍ୟପି ତୁହି ନ ଯିବୁ ରେ ବାଳ ।
ଏହିକ୍ଷଣି ତୋତେ ମୁହିଁ କରିବ ଘାଳ ॥
ତା ବଚନେ କୋପକଲେ ଦୁର୍ଗତିତାରିଣୀ ।
ଆକାଶ ମାର୍ଗକୁ ଚାହିଁଦେଲେ ତତକ୍ଷଣି ॥
ଅସୁର ନାଶନେ ଚାହିଁଛନ୍ତି ଅନ୍ତରୀକ୍ଷେ ।
ଶୂନ୍ୟରୁ ଖସି ପଡ଼ିଲେ ଦେବୀ ଲକ୍ଷେ ଲକ୍ଷେ ॥
ପାତାଳେ ବାସେଳୀ ପାଦ ଅକ ଶରେ ଶିବ ।
କରେ ଗାଣ୍ଡୀବ ମୁଦ୍ଗର ଅଜ ଶଙ୍ଖ ଶର ॥
ହାଣ ୨ ବୋଲି ଶୁଭେ ଅକାଶରେ ବାଣ
କାଳବମେ ତନକୁ ହାଣିଲେ ନାରାୟଣୀ ॥
ତ୍ରିଶୂଳ ଘେନି ମାଇଲେ ଦେବୀ ଭଇରବୀ ।
ତଜେକର୍ଣ୍ଣି କୁଠାରରେ ବାସେଳୀ ପ୍ରାଭବ ॥
ନାଗପାଶ ଧରି ତାକୁ ବାନ୍ଧିଲେ ତ୍ରିପୁରା ।
ବଜ୍ରଶକ୍ତି ଧରି ପିଟିଲେକ ଉଗ୍ରତାରା ॥
ବ୍ରହ୍ମଶକ୍ତି ଘେନି ମାଇଲେକ ବ୍ରହ୍ମାୟଣୀ ।
ତ୍ରିଶୂଳ ଶକ୍ତିକି ଧରି ମାରେ ରୁଦ୍ରାୟଣୀ ॥
ବଜ୍ରାବଳୀ ଗଦା ଧରି ମାରିଲେ ଚାମୁଣ୍ଡା ।
ମାରକମା ଅକ୍ଷୋହିଣି ମାରିଲେକ ଖଣ୍ଡା ॥
ପଞ୍ଚହିତ ରଜା ଶୁଣେ କହେ ଶୁକବ୍ରହ୍ମା ।
ତା ଦକ୍ଷିଣ ଭୁଜ ହାଣିଦେଲେ ମାରକମା ॥
କୁଠାର ଧରି ତାହାକୁ ହାଣିଲେ କୁଠାସୀ ।
ବାମଭୁଜ ହାଣି ଘେନି ଗଲେ ବେଗକରି ॥
ବାସେଳୀ ମାରିଲେ ପୁଣ ଖଡ଼ଗ ପ୍ରଚଣ୍ଡ ।
କାଳବମୋଚନର ଯେ ଛେଦିଦେଲେ ମୁଣ୍ଡ ।
ପିଶାଚୁଣୀଗଣ ଦେଖି ଅସି କଲେ କେଳି ।
ରକ୍ତ ମାଂସ ଖାଇଲେ ତାହା ସଙ୍ଗେ ମିଳି ॥
ହେ ପରୀକ୍ଷ କାଳବମୋଚନର ବକ୍ତକୁ ।
ଲକ୍ଷେ ପଦ ଚଣ୍ଡୀଙ୍କର ଶତା କାଟିବାକୁ ॥
ଅଣ୍ଡିତ ମାଂସ ନାରି କଲେ ଖଣ୍ଡ ଖଣ୍ଡି ।
ବାଣ୍ଟିନେବେ ଯେ ଯାହାରେ ଲକ୍ଷେପଦ୍ମ ଚଣ୍ଡୀ ॥
କାଳବମୋଚନ ଦୈତ୍ୟ ପଡ଼ିଲେକ ରଣେ ।
ଆକାଶରୁ ପୁଷ୍ପବୃଷ୍ଟି କଲେ ଦେବଗଣେ ।
କାଳବମୋଚନ ନାଶ ଦେଖି ଦେବଲୋକେ ।
ଅନେକ ଉତ୍ସବ ସ୍ୱର୍ଗେ କଲେ ବୃନ୍ଦାରକେ ॥
ମେରୁସଙ୍ଗ ମଣ୍ଡାଇଣ ବସିଲେ ସକଳ ।
ସମସ୍ତଙ୍କ ମୁଖ ଯଥା ପ୍ରଫୁଟିତ କମଳ ॥
ଲକ୍ଷେସପ୍ତ ଷଷ୍ଠବର୍ଷ ନ ଥିଲା ସେ ସଙ୍ଗ ।
ଏବେ ଅକାଶମଣ୍ଡଳ ଢଙ୍କିଲେକ ଶୋଭା ॥
ଅପ୍ସରବଳାଦିଙ୍କ ଯେ ଚଉଷଠି କୋଟି ।
ନାରଦାଦିମାନେ ବୀଣାଯନ୍ତ୍ର ଧରି ଖଟି ॥
ଅନେକ ଅନନ୍ଦ ହେଲେ ଦେବେ ସ୍ୱର୍ଗପୁରେ
ଶାରଳାଦାସଙ୍କ ମନ ଥାଉ ସେ ପାଦରେ ॥

ମହିଷାସୁର କଣ୍ଠିକ ରତ୍ନଚିର ଉତ୍ପାଟନ ।

ଏଥୁ ଅନନ୍ତରେ ତହିଁ କାଳ ଯେ ବିକାଳ ।
ମହିଷାସୁରଙ୍କୁ ଯାଇଁ କହିଲେ ସକଳ ॥
କାଳବମୋଚନ ମଲା ଆଜ ରଣମଧ୍ୟେ ॥
ସ୍ତ୍ରୀବୃନ୍ଦ ମାରିଲେ ତାକୁ କଉତୁକ ଯୁଦ୍ଧେ ।
କାଳବମୋଚନ ଯେତେବେଳେ ଯୁଦ୍ଧ ଗଲା ।
ମହିଷା ହରଷ ହୋଇ ପୁରକୁ ଆଇଲା ॥
ନଗରେ ଉତ୍ସବ କରାଇ ସଭା କରି ବସି ।
ଏକାଳେ କାଳେ ବିକାଳେ କହିଲେକ ଅସି ॥
ଶୁଣିଣ ମହିଷାସୁର ମୂର୍ଚ୍ଛାଗତେ ପଡ଼ି ।
ଅଥ୍ଯାନୁ ପଡ଼ିଲା ରଜା ଘୋର ରବ ଛାଡ଼ି ॥
କୋଳକରି ଧରେ ତାକୁ ସେ ଧୂମ୍ରଲୋଚନ ।
ମୁଖେ ଜଳ ସିଞ୍ଚିକରି କଲା ସଚେତନ ॥
ଅନେକ କ୍ରୋଧ କରଇ ମହିଷା ନୃପତି ।
ଅପଣା ଶରୀରକୁ ସେ ଅପଣେ ବିକୋଡି ।
ଜଳିଲା ଅସ୍ଥି ମେଦର ମିଳାଇଣ ଯାଉ ।
ଏତେ କଷ୍ଟ ଦେଖିବାକୁ ମୋ ଦେହ ନ ଥାଉ ।
ଅହା କାଳବମୋଚନ ମୋ ପ୍ରାଣ ସମାନ ।
ଜେନାବଳୀ ନଷ୍ଟକୁ ତୁ ଅଦତ୍ୟବରଣ ॥
ଦେହ ଛପାଇ ରହିଲ ତୋହର ଅଙ୍ଗରେ ।
ନଷ୍ଟେ ଜାଣିଲି ମୋ ମୃତ୍ୟୁ ହୋଇବତ ଏବେ ॥

Digitized by srujanika@gmail.com

ଅଥବା ଯଦ୍ୟପି ମୁହିଁ ଜୀଇବ ନିଶଙ୍କ ।
ତାହାକୁ କେଉଣ ମୁହିଁ କରିବଇଁ ରାଜ୍ୟ ॥
ହେ ଧୂମ୍ରଲୋଚନ ଶୂନ୍ୟ ଉପଶୂନ୍ୟ ତନ ।
ସମସ୍ତଙ୍କ ବସିଥାଅ ପଲା ଦେହ ସେନ ॥
ଏସାକ୍ଷ ଭଣ୍ଡାରକୁ ବଇଭ ମୁଁ ଏକା ।
ଛାଡ଼ ମାୟାମୋହ ମୂର୍ଚ୍ଛା ହୋଇଲ ନିଃଶଙ୍କା ॥
ଏତେ ଏତେ ଯୋଦ୍ଧା ଥିଲେ ଚନ୍ଦ୍ରକାଙ୍କିତା ।
ଏତ ଅସମ୍ଭବ କେହୁ ନୋହିଲେ ଜଣନ୍ତା ।
ଦେବ ଦାନବ ଜିଣିଲ ମୋର ବାହୁବଳେ ।
ଦଇବେ ହାରିଲ ଏବେ କର୍ମର ଅବଳେ ॥
ଏସନେକ କଷ୍ଟତ ଦେବତାଙ୍କ ଅଛ ।
କେହ୍ମ ମୋତେ ନ କହିଲେ ନ ଜାଣେ ମୁଁ କଛ ॥
ସବଂଶର ନ ଚାହିଲ ସେନାଙ୍କର ଦର୍ପେ ।
ଏଥକୁ ଦଇବ ବାମ ହେଲା ଅନ୍ୟରୂପେ ॥
ମୁଁ ଯାମର ସବୁଙ୍କର ଦେଖିଲ ମରଣ ।
ଜୀବନ ମୁଁ ଧରିଅଛି ମୋର ସ୍ୱଜପଣ ॥
ସୋଦର ମହିଷାସୁର ପାଇ ବଡ଼ ବ୍ୟଥା ।
ଛିନ୍ନ କୁଳକୁ ଏତ ଅତ ମନ୍ଦକଥା ॥
ଏତେ ସମ୍ପଦ ମୋହର ଗଲା ଯେବେ ନାଶ ।
ସେମାନେ ଜିଣିଲେ ହୋନ୍ତା ମୋର ପରଶେଷ ॥
ପାମରୀ ଦୋଷା ସେହୁ ସ୍ତ୍ରୀସମାନ ଛାର ।
ସ୍ନନଜନରେ ନାଶିଲ ସମ୍ପଦ ମୋହର ॥
କେ ବୋଲଇ ଅନେକ ଟେ ସେ କେ ବୋଲଇ ଏକା ।
ସ୍ତ୍ରୀସ ହୋଇ ପୁରୁଷଙ୍କୁ ନ କରନ୍ତ ଶଙ୍କା ॥
ଅହେ ବନ୍ଧୁ ତୁମ୍ଭେ ମୋର ଅଟ ହେ ବଇଶ ।
ତୋପରେ କଳୀ ମୋହର ନ ଗଲା ଏ ଶିଷ ॥
ବନ୍ଧୁର ହସ୍ତରେ ଯେବେ ମୁଁ ସ୍ୱଅନ୍ତ ବଧ ।
ବଇକୁଣ୍ଠ ପାଇକରି ଜ୍ୱଳନ୍ତ ମହ ସିଦ୍ଧ ॥
ମୁହିଁ ଯେବେ ବନ୍ଧୁକୃତ ପାରନ୍ତ ବ ଜଣି ।
ବଇଲୋକ୍ୟ ଶୁଣନ୍ତା ଯେ ସାଧୁ ୨ ବାଣୀ ॥
ପୁରୁଷେ ମରଣ ମାଗିଥାନ୍ତ ଯେବେ ପୂର୍ବେ ।
ବନ୍ଧୁ ସୁଦର୍ଶନ ଚକ୍ର ପାଅନ୍ତ ନା ଏବେ ॥
ଏବେ ସେ ମୋର ନିକଟ ହୋଇଲକ ମୃତ୍ୟୁ ।
ଅନନ୍ତେ ନାଶ ହେଲ ଦେବତାଙ୍କ ହେତୁ ॥
କହିଁ କହିଁ କୁପିତ ସେ ଦୈତ୍ୟକୁଳ ଶଣ୍ଢ ।
ଧବଳ ପର୍ବତ ପରେ ପ୍ରହାରିଲ ଖଣ୍ଡା ॥

ନବଯୋଜନ ଧବଳ ନାମେ ମହାଶୈଳ ।
ମହିଷାର ଖଡ୍ଗ ଘାତ ଦେଲା ଦେନଫାଳ ॥
ଅକାରଣ ଦେଖନ୍ତ ଥାଇ ସର୍ବ ବୃନ୍ଦାରକେ ।
ସାଧୁ ସାଧୁ ମହିଷା ତୁ ବୋଲି ଗରୁଡ଼ାଙ୍କେ ॥
ସେ ଖଡ୍ଗ ବୁଲାଇ ପୁଣ ଧାମେ ଅକାଶକୁ ।
ଅଜ ମୁହିଁ ମାରିବଇଁ ସର୍ବ ଦେବତାଙ୍କୁ ॥
ବ୍ରହ୍ମାର ମୁଣ୍ଡ ମୋଡ଼ିବ ଯାଇଁ ଏହିକ୍ଷଣ ।
ଶୂନ୍ୟେ ନ ଥୋଇବ ଅଜ ଚଳେ ଦେବଗଣ ॥
ଶୂନ୍ୟ ଭୁବନରେ ସେହ ଦୈତ୍ୟରୂପ ଦେଖି ।
ଦେବତାଏ ପଳାଇଲେ ଗଗନ ଉପେକ୍ଷି ॥
କେହ୍ନ ବାସ ନ ସମ୍ଭାଳ ସମସ୍ତ ବରୂଥେ ।
ଶରଣ ପଶିଲେ ଯାଇଁ ଦୁର୍ଗାଙ୍କ ସନ୍ନିଧେ ॥
ଧାଇଁଲେ ଦେବଙ୍କ କଷ୍ଟ ଦେଖି ନାରାୟଣୀ ।
ଅରେ ଅରେ ବୋଲି କରେ ଖଡ୍ଗକୁ ଘୁଣି ॥
ଅନନ୍ତଶେ ଶର ବନ୍ଧନ୍ତ ଭଗବତୀ ।
ଅକାଶ ପଥ ସକଳ କଲେ ଶରପିଞ୍ଜା ॥
ତେଶାର ହୋଇଲ ଅଶିସହସ୍ର ଯୋଜନ ।
ନବସହସ ଯୋଜନ ବଦନ ପ୍ରମାଣ ॥
ଏସନେକ ଶରପିଞ୍ଜ ଗଗନ ମଣ୍ଡଳ ।
ଦେଖି ଆଶ୍ଚର୍ଯ୍ୟ ହୋଇଲ ଦୈତ୍ୟ ମହାବଳ ॥
ଯାଇ ନ ପାରଇ ସେ ଯେ ତ୍ରିଜଗ ଦର୍ପିଷ୍ଠ ।
ଅବରୁଦ୍ଧ ହେଲ ଏବେ ମୋତେ ସ୍ୱର୍ଗବାଟ ॥
ମନ୍ତ୍ରିକି ବୋଲଇ ଅହୋ କରିବା କି ବୁଦ୍ଧି ।
ସ୍ୱର୍ଗପୁର ବାଟ ଏବେ ହୋଇଲ ନିରୋଧ ॥
ଅଜ୍ଞକ ମନ୍ତ୍ରୀ ବୋଇଲ ନ ଜାଣୁ କାହାଣୀ ।
ସ୍ତ୍ରୀସ୍ୱଲଙ୍ଘ ବୋଲି ତୁ ଯେ କହୁ ପୁଣି ପୁଣି ॥
ତୁ ବୋଇଲୁ ସ୍ୱଜା ସେହୁ ନୁହେ ବନ୍ଧୁ ନାଥ ।
ଦେଖ ଶଙ୍ଖ ଚକ୍ର ଗଦା ଶାର୍ଙ୍ଗ ଧନୁ ହାତ ॥
ଏ ସର୍ବ ବସ୍ତୁର କର ତୁହିଁ ମନେ ଗୁଣି ।
ଅବତାର ହୋଇଛନ୍ତ ଦେଖ ନାରାୟଣୀ ॥
ଏସନ ବସ୍ତୁରନ୍ତେ ସେ ହୋଇଲେକ ସ୍ଥିତି ।
ବାସୁଦେବ ଅପଣାର ପୁରେ ମୈଷା ଧାତ ॥
ଅସ୍ତୁ ଅସ୍ତୁ ପଥମଧ୍ୟେ ଭେଟେ ରତ୍ନଗିର ।
ଚିଉକର ସମାନରେ ମୈଷାରୂପ ଧର ॥
ରତ୍ନଗିର ଶିଖରରେ ବଜେ ମାହେଶ୍ୱର ।
ମ୍ୟାଗ୍ମୀଗଣ ସେହୁଣ ସେ ମଦ୍ୟପାନ କର ।

Digitized by srujanika@gmail.com

ମହାରୂପ ଦେଖାଇଣ ଦୈତ୍ୟ ମହାବଳୀ ।
ବହୁଟିର ପକାଇଲା ସହ ମୁନେ ଟାଳି ॥
ଶତେକ ଯୋଜନ ଗୋଡା ଦ୍ୱିଯୋଜନ ସ୍ଥୂଳୀ ।
ଉପର୍ଗେ ଯେ ବେଳଶତ ଯୋଜନକୁ ବଳ ॥
ବସ୍ତାର ତା ପେସ୍ତୁର ଯୋଜନ ପର୍ଯ୍ୟନ୍ତ ।
ସିହମୁନେ ତାଡ ଧରେ ଏତେକ ପର୍ବତ ॥
କଷ୍ଟତେ ମହିଷାସୁର ପର୍ବତ ଉପାଡ଼ ।
ଚଳମନା ପ୍ରାୟେ ସିଂହମୁନେ ଅଛ ଧଇ ॥
ଶୁଣ ପରୀକ୍ଷିତ ରାଜା ସାତପଦ୍ ଦେଖୀ ।
ପଦର ମେଦଛ ତହିଁ ଛନ୍ତି ଭଇରବୀ ॥
ନବକୋଟି କାତ୍ୟାୟନୀ ଚଉଷଠି ଯୋଗ୍ନୀ ।
ଦୁର୍ଗା ପର୍ବତେ ଅଛନ୍ତି ଏମାନଙ୍କୁ ଘେନ ॥
ଦେଖ କେତେକ ବଳବନ୍ତ ଦାନବର କାୟେ ।
ପର୍ବତ ସିଂହେ ଧରଛ ମାର୍ତ୍ତଣ୍ଡ ପ୍ରାୟେ ॥
ଭୂମିରେ ହାଣନ୍ତେ ଯେତେକ ସିଂହେ ଲାଗେ ମାଟି
ତେତେକ ବହୁଅଛ ସେହ ବହୁଟିର ଗୋଟି ॥
କରପଦ ଯୋଡ କର କହେ ମାତୃକମା ।
ମହିଷା ଅନ୍ଧାରବଳେ କରଛ ଗୋ ଉମା ॥
ଉଠି ଦେବୀମାନେ ପାଡଲେକ ଘୋର ଡାକ ।
ବ୍ରହ୍ମାଣ୍ଡ ଉଚ୍ଛୁଳିଲା ଯେ ଦେବୀଙ୍କର ହାକ ॥
ଅନ୍ତରୀକ୍ଷେ ପର୍ବତକୁ ଘେନଅଛେ ବେଗି ।
ଚୁର୍ଣ୍ଣଇ ଚୂର୍ଣ୍ଣଇ ତାକୁ ଅଣ୍ଡେ ଦେଲା ଫିଙ୍ଗି ॥
ମରଦଛ କାଳାନଳ ପରିମ ସୌରଷ୍ଟେ ।
ପର୍ବତ ପଡିଲା ସ୍କନ୍ଦ କାନନ ନିକଟେ ॥
ଲକ୍ଷେକ ନବସହସ୍ର ଯୋଜନ ଅନ୍ତରେ ।
ସେ ବହୁଟିର ପଡ଼ିଲା ଯାଇ ଏତେ ଦୂରେ ॥
ନମସ୍ତେ ଅନାଦ୍ୟ ଶକ୍ତି ନମୋ କାତ୍ୟାୟନୀ ।
ରକ୍ତବୀଜବାହିଣୀ ମଦ୍ୟମାଂସ ତୁ ଭୋଜନୀ ॥
ଅପଦ କାଳରେ ମତେ ସଦା ତୁହି ରଖୁ ।
ରକ୍ତଦନ୍ତନାଶିନୀ ତୁ ଦୁର୍ଲ୍ଲଭ ଭକ୍ଷୁ ॥
ପରମ ଯୋଗେଶ୍ୱର ଗୋ ତୋ ମନ ଅନନ୍ତା ।
ଭୂତନ୍ତା ମେଦଣୀ ମାଗୋ ତୁହି ନଦବନ୍ତା ॥
ଯାହାକୁ ଲକ୍ଷ୍ୟେ କରନ୍ତି ଦେବାସୁର ବ୍ରହ୍ମା ।
ମୁଁ କିସ କହିବ ମାଗୋ ତୋହର ମହିମା ॥
ଜୟ ମାତ ଦୁର୍ଗାଦେବି ଦରିଦ୍ରନାଶିନି ।
ସର୍ବମଙ୍ଗଳଦାୟିନି ଦୁଃଖଦନାଶିନି ॥

ତୋ ନାମ ଭାବନ୍ତି ଯେବେ କାଳଦଣ୍ଡପାଣି ।
କର ଅନୁଗ୍ରହ ମାଗୋ ଜଗତତାରିଣୀ ॥
ସୁକତ ଗନ ପ୍ରାପତ ତୋହର ପରସାଦେ ।
ଚଣ୍ଡୀପୁରାଣ କହିବ ଅଜ୍ଞ ମୋତେ ତୁ ଦେ ॥
ଦେବତାଙ୍କ କଷ୍ଟ ପେଡିଲୁ ଗୋ ଗୋସାମଣି ।
ଜନ୍ମେ ଜନ୍ମେ ତୋ ପାଦେ ମୁଁ ହେଉଛ ଦରିଦ୍ର ॥
ଶ୍ରୀ ଦୁର୍ଗାଦେବୀ ଚରଣେ ସେବା ମୋର ନିତ୍ୟେ ।
ରଖ ଶାରଳାଦାସକୁ ଜଗତର ମାତେ ॥
ଶୁଣ ପରୀକ୍ଷିତ ବୋଲେ ଶୁକ ବ୍ରହ୍ମଜ୍ଞାତା ।
ତୁ ଯାହା ପୁଛିଲୁ ଚଣ୍ଡୀ ପୁରାଣର କଥା ॥
ଗିରିବର ପକାଇଣ ମହିଷାସୁର ଅସି ।
ଏଥି ଉତ୍ତରୁ ଚାହାନ୍ତି ହୋଇଲେକ ଋଷି ।
ମହିଷାସୁରକୁ ବୋଲେ ସେ ଧୂମ୍ରଲୋଚନ ।
ଶ୍ରେ ସ୍ୱାମି ଚଳ ଏଥର ଅପଣା ଭୁବନ ॥
ଜମ୍ବୁକଲା ସ୍ଥାନେ ଦେବ ନ ଥିବା ହୋ ଷଣେ ।
କାଲ ଅସି ଖୋଜିବା ହୋ ପଡ଼ମଲେ କେଣେ ॥
ଭଲ ବୁଦ୍ଧି କହିଲାକ ମସ୍ତାଦାପ ନାତ ।
ନିଜପୁରେ ପ୍ରବେଶିଲା ତହୁଁ ଦୈତ୍ୟପତି ॥
ପାନ ଭୋଜନାଦ ଶେଷ କଲା ଦୈତ୍ୟରାୟେ ।
ନିଦ୍ରାବଶ ମନ୍ଦିରେ ଯାଇଁ ଶଜେ ହୋଏ ॥
ଅହୋ ପରୀକ୍ଷିତ ରାଜା ଶୁଣ ଏକମନେ ।
ଭ୍ରମନ୍ତି କାତ୍ୟାୟନୀ ସେ ଅସନ ବିହୁନେ ॥
ଦୁର୍ଗାଦେବୀ ମାନଙ୍କ ଯେ ରହିଛନ୍ତି ଶୂନ୍ୟେ ।
ଅଉ ଦେବୀମାନେ ପଡ଼ିଗଲେ ଅନ୍ୟସ୍ଥାନେ ॥
ଦେବତା ଦେଖିଲେ ଦୁର୍ଗାଙ୍କର ଶୂନ୍ୟ ଗତି ।
ଖେଚରୀ ବିମାନ ଅଣି ଦେଲେକ ତତ୍‌କ୍ଷଣେ ॥
ବୋଇଲେ ଏଥିରେ ବିଜେ କର ମହାମାୟେ ।
ମନପବନ ଗତି ଏ ବିମାନ ଯେ ହୁଏ ॥
ଅନେକ ବନସ୍ଥ ହୋଇ କହନ୍ତି ବଚନ ।
ଦୁର୍ଗାଦେବୀ ଅରୋହିଲେ ଖେଚରୀ ବିମାନ ।
ଏକ ନିମେଷକେ ସପ୍ତଦ୍ୱୀପ ସେ ଭ୍ରମଇ ।
ଦଣ୍ଡକ ମଧ୍ୟରେ କୋଟି ବ୍ରହ୍ମାଣ୍ଡ ଖୋଜଇ ॥
ଖେଚରୀ ବିମାନେ ବିଜେ ଦେବୀ ଜଗନ୍ମାତା ।
ଦିରେ ଅଭିଷେକ କଲେ ଭଗବତୀ ଦେବତା ॥
ଶୁଣ ପରୀକ୍ଷିତ କହନ୍ତି ଯେ ବ୍ରହ୍ମବେତ୍ତା ।
ଅନେକ ପ୍ରତିଷ୍ଠା କରେ ମହିଷା ବଳବନ୍ତା ॥

Digitized by srujanika@gmail.com

କ୍ଷଣେ ଲୁଟେ କ୍ଷଣେ ବଢେ କ୍ଷଣେ କରେ କ୍ରୋଧ ।
ଆପଣାର ଭୁଜ ଶୃଙ୍ଗେ କରଇ ସନ୍ନାଦ ॥
ଅଦ୍ୟନ୍ତ କପାଇଁ ମୁଁ ନ ଗଲ ସଂଗ୍ରାମକୁ ।
କର୍ମର ଅବଳେ ବୁଝି ନ ପଡେ ଆମ୍ଭକୁ ॥
ମୁହିଁ ସେ ତ୍ରିଦଶବୃନ୍ଦକୁ ମାରିଥାନ୍ତି ରଣେ ।
ସଖାନ୍ତ ନସ୍ୱରିଲ ମୁଁ ଅଧମର ପଣେ ।
ଏସନେକ ବଚନରେ ପାଷଣ୍ଡ ଖଣ୍ଡି ।
ଦେବୀଳଙ୍ଗେ ଶଙ୍ଖଧ୍ୱନି ଶୁଭଇ ଯାହାନ୍ତି
ତାମ୍ର ଚକ୍ର ଧ୍ୱନି ପୁଣି ଶୁଭେ ଦଣ୍ଡଘୋଷେ ।
କାକମାଳ ସବ ଦେଲେ ଉଡ଼ିଣ ଆକାଶେ ॥
ଶତ୍ରୁଙ୍କ ତେଜକର ସ୍କନ୍ଧେ କୋପରେ ଜଠଇ ।
କରେ ଗଦା ଧରି ବାଦ ଟୋକ୍ଷ ସେ ମାରଇ ॥
ସ୍ୱାନ ଦେବୀଙ୍କ ଠାରେ ଦାନବ ବଗୁର ।
ବହ୍ମାଙ୍କୁ ସ୍ତୁତି କରଇ ବସ୍ତ୍ରରୂପ ଧରି ॥
ପିତାଙ୍କୁ ଲଙ୍ଘେ କରଇ ମୈଷା କାମରୂପୀ ।
ପ୍ରଳୟ ସିଂହରୂପ ଧରେ ହୋଇ କୋପୀ ॥
ପୃଥିବୀ ଟୋଟିଲ ନିଜ କାୟରେ କେଶରୀ ।
ଶରୀର ବଢ଼ଇ ଯେମନ୍ତେ ସ୍ୱର୍ଣ୍ଣ କୂଟ ଗିରି ॥
ହେ ପଶୁଙ୍କ ଯହିଁ ବଢେ ମାତ ଦେବୀ ଦୁର୍ଗେ ।
ମହଷାସୁର ପ୍ରବେଶ ତହିଁ ଅଳ୍ପବେଗେ ॥
ଆକାଶ ଛୋଟିଲ ସିଂହ ହୋଇଣ ବିକ୍ରମ ।
ଦେଖିଲେ ସେ ମହାମାୟେ ତ ର ଉତ୍କର୍ଷ ॥
ଦେବୀମାନେ ସହି ନ ପାରିଲେ ତାହା ଦେଖି ।
ଯାଇଁଲେ ସେ ଦେବୀଗଣେ ଗଗନ ଉପେକ୍ଷି ।
ଦୁର୍ଗା ବୋଇଲେ ଲୋ ରହ ରହ କାତ୍ୟାୟନି ।
ମହଷାସୁରକୁ ମୁହିଁ ମାରିବ ଏକ୍ଷଣି ॥
ମୁହିଁ ଦାନବକୁ ମାରିବ ଲୋ ଏହା ତଥ୍ୟ ।
ଅଦ୍ୟନ୍ତ ଦେବଙ୍କ ଆଗେ କହିଅଛି ସତ୍ୟ ॥
ଶୁଣ ହୋ ପରୀକ୍ଷିତ ରାଜା ଦୁର୍ଗଙ୍କ ଚରିତ ।
ଦେବୀମାନଙ୍କ ଶୁଣିଣ ହେଲେ ସେ କୁପିତ ॥
କାମରୂପୀ ହୋଇ ଦେବୀ ହୋଇଲେ ଫିଦେକ
ମହାଦଣ୍ଡରୂପେ ବ୍ୟାପ ଗଲେ ତିନିଲୋକ ॥
ଉନ୍ନ୍ୟ ଚିହ୍ନକୁ କଣ୍ଠ ଯେ ବଢ଼ାଇଲେ କାୟେ ।
ପୃଥ୍ୱୀ ଧର ବ୍ୟୋମଗଲ ତାଙ୍କ ତେଜୋମୟେ ॥
ଯେସନେ ମେରୁ ମନ୍ଦର ଦୁହେଁ ହେଲେ ଭେଟ ।
ମନ୍ତ୍ର ମନ୍ଦର ଲୁଚଗଲେ ଦେଖି ସିଂହଝୋଟ ॥

ବେଳସିଂହେ ପଡ଼ତାଳ କଲେ ଏକଧାନ୍ତ ।
ବ୍ରହ୍ମାଣ୍ଡ ଯେ ନ ହଲ୍ଲିଲା ଟଳେ ବସୁମତୀ ॥
ନଖେ ବିଦାରନ୍ତି ଦୁହେଁ ଦୁହିଙ୍କର ଅଙ୍ଗ ।
ନିର୍ଝର ପ୍ରାୟେ ରୁଧିର ବାହାରେ ସର୍ବାଙ୍ଗ ॥
ଭୁଣ୍ଡ ବିସ୍ତାର କରନ୍ତି ଯେବେ ସେହୁ ବେନି ।
ଗର୍ଭଗତ ହେବ କା । ଏ ଭୁବନ ତିନି ॥
ତେତିଶକୋଟି ଦେବତା ମହାଭୟ ପାଇ ।
ଆକାଶ ମଣ୍ଡଳେ ସେହୁ ନ ପାରିଲେ ରହି ॥
ପାଦଘାତରେ କମ୍ପଇ ପାତାଳାନ୍ତ ପୃଥ୍ୱୀ ।
କଣ୍ଠ ଟେକିଲେ ସ୍ପର୍ଶଇ ବ୍ରହ୍ମାଣ୍ଡକୁ ସର ॥
ଦେବୀଙ୍କର ଶରୀର ଅଭେଦ ବଜ୍ରମେଧା ।
ଶୀଘ୍ରଟିଏ ସେଥେକ ଯାହାର ମୂର୍ଚ୍ଛା ॥
ନିଶ୍ୱାସ ବାତଘାତରେ କମ୍ପେ ଗିରିବର ।
ଗର୍ଜନ କରନ୍ତେ ଯଥା ଘଡ଼୍ ଘଡ଼ ମେଘର ॥
ବେନି ସିଂହ ଡହାଡହି ହୁଅନ୍ତି ବେନି ତାଳ ।
ଉଠଇ ବଦନ ଜାଣି ପ୍ରଳୟ ଅନଳ ।
ଖୁରବାଜ ରେଣୁ ହୋଇ ଉଡ଼ଇ କି ପୃଥ୍ୱୀ ।
କଣ୍ଠକୋଟେ କୋପ୍ୟ ହେଲା ପୁରବାରସ୍ମୃତି ॥
ଘୃଷ୍ଟ ଯାଇ ମୁଣ୍ଡେ ମୁଣ୍ଡ ମାରଇ ଅସୁର ।
ଚଉଦଭୁବନ ଲୋକେ ହୁଅନ୍ତି ଥର ହର ।
ସମର ଲଗିଲା ଏବା ଶୁଣ ପରୀକ୍ଷିତେ ।
କ୍ଷୀର ସମୁଦ୍ରେ ଲୁଚିଲେ ଚନ୍ଦ୍ରଙ୍କ ସହିତେ ॥
ନାହିଁ ଦିବା ନାହିଁ ରାତ୍ରି ନାହିଁ ଚନ୍ଦ୍ରସୂର୍ଯ୍ୟ ।
କେଁମାକ ବଜ୍ରକଳ ଦନୁଜର ତେଜ ॥
ଶୂନ୍ୟଭୁବନ ତେଜିଣ ଦେବେ ପଳାଇଲେ ।
ଚଉଦଭୁବନ ଲୋକେ ଚାଟକା ହୋଇଲେ ॥
ଜଳ ତେଜ ସ୍ଥଳେ ପଡ଼ିଲେକ ଜଳଜନ୍ତୁ ।
ପବନ ବନା କାହାର ନାହିଁ ଗାବ ହେତୁ ॥
ଶୁଣ ପରୀକ୍ଷିତ ଅହେ ଅଶେଷ୍ୟ ସମର ।
ଏହା କହିବାକୁ ବୁଦ୍ଧି କେତେକ ମୋହର ॥
କିବା ଦିବା ରାତ୍ରି ଶୁଣ ସମର ହୋଇଲା ।
ବେନି ସିଂହ ବନ୍ଧ କାହିଁ ନ ରହିଲା ॥
ଦେବେ ବସୁରିଲେ କିବା ପ୍ରଳେ ହେବ ଅଜ ।
ଚଉଦ ଭୁବନ ଭସ୍ମ ହୋଇବ ବହୁଜ ॥
ମହାଘୋର ସମରତ ହୁଅନ୍ତେ ଅତି ବେଗେ ।
ସିଂହଙ୍କୁ ମାଡ଼ବହିଲେକ ଦେବୀ ଦୁର୍ଗେ ॥

Digitized by srujanika@gmail.com

ବକ୍ଷସ୍ଥଳେ ବସିଣ ସେ ହୋଇ କୋପମୂର୍ତ୍ତି ।
ମହିଷାସୁରର ଦେହ ନଖେ ବିଦାରନ୍ତି ॥
ନଖେ ବିଦାରନ୍ତେ ନେ ନ ଫୁଟେ ତାର କାୟେ ।
ବିମୁଖ ହୋଇଲେ ତହିଁ ଦୁର୍ଗା ମହାମାୟେ ॥
ଅନେକ ପ୍ରକାରେ ବିଦାରଣ କଲେ ବୁକୁ ।
ବକ୍ଷସ୍ଥଳେ ବସି ପ୍ରଶଂସିଲେ ମହିଷାକୁ ॥
ସାଧୁ ରେ ମହିଷାସୁର ଜୀବନ ତୋ ଧନ୍ୟ ।
କେତେହେ ତପେ ମନ ଇଲୁ ଚତୁର ବଦନ ॥
ଏସନେକ କର ତୋତେ ଧାତା ଦେଲା ବର ।
ଚକ୍ରରେ ନିର୍ମିତ ହେଲା ତୋହର ଶରୀର ॥
ପ୍ରତ୍ୟକ୍ଷରେ ବସୁ ମୋ ବାହନ ସିଂହ ପ୍ରାୟେ ।
ତୋତେ ବଧ କରିବାକୁ ମୋର ମନ ନୋହେ ॥
ନବେପି ଚାହିଁଲେ ତାକୁ ଦୁର୍ଗା ମହାମାୟା ।
ଗ୍ରହାନ୍ତେ ତାହାରଠାରେ ବସେ ବଡ଼ ଦୟା ॥
କର ଚରଣ ଦାନବ କ୍ରମେ କ୍ରମେ କାଟି ।
ସଦୟ ଭାବ କରଣ ଦେଲେ ତାକୁ ଛାଡ଼ି ॥
ପଳାଇଲା ଦାନବ ଯେ ଭୟେ ମହାରଣୁ ।
ଧାସ୍ଥାମ ହୋଇ ଭମଇ ଦୈତ୍ୟକୁଳ ଭାନୁ ॥
ନିଜରୂପ ଧରି ରଣୁ ପଳାଇଲା ଡରେ ।
ଯାଇଁଣ ପ୍ରବେଶ ହେଲା ଆପଣାର ପୁରେ ॥

## ଶନ୍ୟ ଉପଶୂନ୍ୟ ବଧ ।

ଅର୍ଦ୍ଧ୍ୟଧର ବଚେ ଚନ୍ଦ୍ରାବତୀ ଯେ ଭାରତୀ ।
ମୋହେ ଅସ୍ୱାସ୍ଥ୍ୟମ ଦେଖି ମୈଷାସୁର ରାଜା ॥
ଉଷ୍ଣଜଳ ସେଚନେ ସେ ପଖାଳିଲା କାୟେ ।
ଚେତନା ପାଇଲା ତହିଁ ରକ୍ଷକୁଳ ରାୟେ ॥
ପ୍ରିୟ ଅପ୍ରିୟ ଭାବ ନ ଜାଣେ ଯେ ଦନୁଜ ।
କର୍ମକୁ ସନ୍ତାପ କରେ ମୈଷାସୁର ରାଜ ॥
ସଖା ସୋଦରତ ମୋର ଆଜ କେହୁ ନାହିଁ ।
ମୋହର ଏ ଅବସ୍ଥାତ କାକୁ କହିବଇଁ ॥
ମହିଷା ବିକଳ ଦେଖି ବୋଲେ ଚନ୍ଦ୍ରାବତୀ ।
ଶରଣ ପଶିବା ନାଥ ଛାଡ଼ ମନଭ୍ରାନ୍ତି ॥
ଗଳାରେ କୁଠାର ଦନ୍ତେ ଧରଣ ତରଣ ।
ଗ୍ଲାନ ତାହା ଚରଣରେ କରିବା ଦଇନ ॥
ଅନେକ ବିନୟେ ଯହୁଁ କହିଲା ସେ ବାମା ।
ଶୁଣି କ୍ରୋଧ ହୋଇଲାକ ଦୈତ୍ୟ ମହାତମା ॥
ପଶିବଇଁ ଶରଣ ଗୋ ଛାଡ଼ ଧର୍ମ ବାନ୍ଧ ।
କ୍ଷତ୍ରିକୁଳକୁ କଳଙ୍କ ହୋଇବ ପ୍ରକଟ ॥
ସ୍ତ୍ରୀହୋଇ ସଖି ଅବେ ପାଷାଣ ତା ହୃଦୟ ।
ନପୁଣ ସଖି ମୋତେ ନେହ ନ କରଇ ତନୟ ।
ନାନା ଜନ୍ତୁ ମଧ୍ୟରେ ଯେ ନାରୀ ଜନ୍ତୁ ସ୍ଥାନ ।
ଏବେହେ ବଡ଼ ଦୁଃଖେ ଗୋ ତାର ନାହିଁ ଜ୍ଞାନ ॥
କଷ୍ଟ ଦେଖି କର ତା'ର ନୋହଇ ସଦୟେ ।
ନିଶ୍ଚୟେ ଜାଣିଲି ମୋର କାଳ ପ୍ରାପ୍ତ ପ୍ରାୟେ ॥
ଅବେ ହସି ଅଜ ସେହ ଯେଉଁ ଯୁଦ୍ଧ କଲା ।
ତାହାକୁ କେମନ୍ତେ ଲୋକେ ବୋଲନ୍ତି ଅବଳା ॥
ହରି ସହିତେ ଜ୍ଵଳନ୍ତି କୋପକୁ ମୋହର ।
ତ୍ରିଶମାସ ହୋଇ କଲା ସେ ଘୋର ସମର ॥
ଦିବସ ରଜନୀ ସହ ମହାରଣ କଲା ।
ମହାସିଂହ ହୋଇଣ ସେ ମାତ୍ରଣ ବସିଲା ॥
ନଖେ ବିଦାରି ସଦୟ କଲା ଛାଡ଼ିଦେଲା ।
ନୋହିଲେ ସଖି ଗୋ ମୃତ୍ୟୁ ଆଜ ହେଉଥିଲା ॥
ପଳାଇ ଯିବାକୁ ମୋତେ କାହିଁ ନାହିଁ ସ୍ଥାନ ।
ଜାଣିଲି ସଜନ ଏହା ଦେବଙ୍କ ରଚଣ ॥
ନିପତ ହୋଇଲେ ସଖି ହୋଇବ ବା କସ ।
କ୍ଷତ୍ରିୟ କୁଳକୁ ଏହା ହେବ ଅପଯଶ ॥
ହେ ପରାକ୍ଷ ମୈଷା ଭାର୍ଯ୍ୟା ସହ ଭାବେ ବସି ।
ଶୂନ୍ୟ ଉପଶୂନ୍ୟ ଦୁହେଁ ମିଳଗଲେ ଆସି ॥
ଭକ୍ଷକ ବାହନ ଭୁଲେ ଦଶସ୍ତ୍ରରଥୀ ।
ସେନାବଳୀ ନଷ୍ଟ କନ୍ଥଅଳ ସେନାପତି ॥
ସେହ ନଷ୍ଟ ଦଣ୍ଡ ଅସି ନିଶା ଅଧିକାସ୍ୱ ।
ପୂର ରଷାପାଳକ ଯେ ଥାନ୍ତି ଅନୁସର ॥
ରାଜା ବ୍ୟକୁଳ ଶୁଣିଲେ ଭ୍ରମଣିର ବେଳେ ।
ନିଉଷାଳ କର ରାଜା ଆଗରେ ଶୁତଲେ ॥
ମହା ମତ୍ତଅଳ ଦୁହେଁ ମଦ୍ୟ ରସ ଖାଇ ।
କେହ୍ନ ପରାପର ତାଙ୍କ ଗୋଚରତ ନାହିଁ ॥
ଶୂନ୍ୟ ଉପଶୂନ୍ୟକୁ ଯେ ମୈଷାସୁର ଚାହିଁ ।
ବୋଲେ ମୋତେ ଅଇଲ କି ଦେଖି ବେଳଗଇ ॥
ଶୂନ୍ୟ ଉପଶୂନ୍ୟ ଭଣି ରାଜ ଠାରୁ ଶୁଣି ।
ଅମ୍ଭେ ଥାନ୍ତେ ତୁ କାହିଁକ କରୁ ହୋ ଭାଳେଣି ॥
ଅନେକ ଭୋଗକଲୁ ହୋ ତୋର ବାସ୍ତବଳେ ।
କ୍ଷୁଧା ତୃଷା ଯମ ଦଣ୍ଡ ଜିଣିଲୁଁ ସକଳେ ॥

Digitized by srujanika@gmail.com

ଏତେକାଳେ ତପସ୍ୱୀନ ପଚ୍ଛେ ନାଥ ତୋତେ ।
ଅନେକ କାଳରୁ ତୁମ୍ଭେ ପୋଷିଥିଲ ମତେ ॥
ଅମ୍ଭ ପ୍ରତିଜ୍ଞା ବଳବନ୍ତ ଦେଖ ତୁହ ।
ମାରବୁଁ ମୋ ସ୍ତ୍ରିସ୍ୱବୃନ୍ଦ ନ ଥୋଇବୁଁ କାହିଁ ॥
କ୍ଷଣକେ ବ୍ରହ୍ମାଣ୍ଡ ଅମ୍ଭେ କରିପାରୁଁ ନାଶ ।
ଅମ୍ଭେ ଥାଉଁ କପାଁ ତୋର ଏତେକ ତରସ ॥
ତୋହଅଜ୍ଞା ନୋହେ ବୋଲି ମୋ ଥାଉଁ ତୁନି ।
ଦଅ ଅଜ୍ଞା ମାରଅସ୍ତ ସକଳ ସଇନ ॥
ଯୋଗୀମାନଙ୍କ ଖୁପିବୁଁ ପାତାଳ ପୁରକୁ ।
ଉଡାଏ ମାର ଚୂର୍ଣ୍ଣ କ କରବୁଁ ମେରୁକୁ ॥
ପିଇ ଶୁଖାଇ ପାରୁ ହେ ସପତ ସାଗର ।
ଏହୁ ଛାର ସ୍ତ୍ରିସ୍ୱବୃନ୍ଦ କେତେକ ମାତର ॥
ସେନାଙ୍କ ବଚନେ ମୈଷା ଅସୁର ଭୂଲଇ ।
ସେତେକାଳେ ଘୋରଧର୍ମ ବଳ କ ହଣଇ ॥
ଏତେକ ବଚନ ସେହୁ ମୈଷା ଦଣ୍ଡଧାସ୍ୱ ।
ଶୂନ୍ୟ ଉପଶୂନ୍ୟଙ୍କୁ ସେ ଦେଲା ନେଇ ଶାନ୍ତି ॥
ବହୁ ବସ୍ତ୍ର ଅଳଙ୍କାର ତାଙ୍କୁ ଦେଇ ସ୍ନେହେ ।
କାର୍ପଣ୍ୟ ହୋଇ କହଇ ବହୁତ ବିନୟେ ॥
ତୁହଲା ବଳ ତୁମ୍ଭେ ହୋ ଉଦ୍ଧରଣ ଧର ।
ଯୁଗେ ଯୁଗେ କଥା ରହିଥାଉ ହେ ତୁମ୍ଭର ॥
ସଜାଡ଼ ବିନୟ ଶୁଣି ଦୁଇ ସେନାପତି ।
ସମଦଣ୍ଡ ସେନାଣ ସେ ଚଳିଲେ ତତ୍ପତ ॥
ବାଜଇ ଯେ ବଜ୍ରଘୋଷ ଟମକ ନିଶାଣ ।
ଅକାଶେ କମ୍ପିଲେ ଶୁଣି ଦେବାସୁରଗଣ ॥
ସୁନନ୍ଦ ପ୍ରନନ୍ଦ ବୋଲି ବେନି ସେ ଦନୁଜ ।
ଏକପାଦ ଚାରିଶିର ଅଷ୍ଟ ଅଷ୍ଟ ଭୁଜ ॥
ଘେନି ଶକ୍ତି ଖୁବୁଜ ଯେ କୁନ୍ତ ଅସିବର ।
ଦଶଲକ୍ଷ ଯୋଦ୍ଧା ତୁଲେ ହୋଇଲେ ବାହାର ॥
ବେନିଲକ୍ଷ ଯୋଦ୍ଧା ସହିତରେ ଶ୍ୱାନମୁଖ ।
ଲାଗିଲେ ସେ ରହିଗିର ଉତ୍ତରର ପାଖ ॥
ବେନିଲକ୍ଷ ଯୋଦ୍ଧା ସହୁ ଶୂନ୍ୟ ସେନାପତି ॥
ପର୍ବତ ପଶ୍ଚିମ ପାଶେ ଲାଗିଲେକ ଯାଇ ।
ଚାରିଲକ୍ଷ ଯୋଦ୍ଧା ତୁଲେ ଉପଶୂନ୍ୟ ସ୍ନେହେ ।
ପର୍ବତର ପୂର୍ବ ପାଶେ ପରବେଶ ହୁଏ ॥
ଚାରିଲକ୍ଷ ହୋଇଣ ସେ ବେଢ଼ିଲେକ ଥାଟ ।
ମହା ପ୍ରଚଣ୍ଡ ଦାନବେ ବଡ଼ାଇ ଦର୍ପିଷ୍ଟ ॥

ଶୁଣ ପରୀକ୍ଷିତ ବୋଲେ ଶୁକ ବ୍ରହ୍ମଋଷି ।
ଏ ଶ୍ରୀଭାଗବତ ଶୁଣ ଏକମନ କରି ॥
ଗଗନ ମେଘଲେ ଅସୁରଙ୍କ ଥାଟ ଦେଖି ।
ଦୁର୍ଗା ହକାରଲେ ବେତାଳୀ ଯେ ଘୋରମୁଖୀ ॥
ଅସୁର ସଇନବଳ ଦେଖସିଲେ ବେଗେ ।
ମହିଷାସୁର ଅଇଲେ କହ ମୋର ଆଗେ ॥
ଗିରିଶିଖେ ଉଠେ ଯାଇ ସେ ରଣବେତାଳୀ ।
ନିରେକ୍ଷି ଚାହେଁ ସେ ଅସୁରଙ୍କୁ ପରକଳି ॥
ଦେଖଇ ସେ ଜଣେ ମୈଷାସୁର ନାହିଁ ।
ଦୁର୍ଗାଙ୍କର ଛାମୁରେ ବେଗେ ଯାଇଁ କହ ॥
ନଗ୍ରରକ୍ଷା ପାଳକ ଗୋ ଶୂନ୍ୟ ଉପଶୂନ୍ୟ ।
ଏ ଦୁହେଁ ଗୋ ବର୍ତ୍ତିଥିଲେ ଧରଣ ଜୀବନ ॥
ଏ ପ୍ରାଣେ ଥିଲାକୁ ଅଇଲେକ ଥାଟ ଘେନି ।
ଅଜ୍ଞାଦଅ ମାରବୁଁ ଏ ସକଳ ସଇନ ॥
ଶୁଣି ଦୁର୍ଗା ହକାର କୁଠାସ୍ୱ ଉଗ୍ରତାସ୍ୱ ।
ଯଟଶାବନ୍ତୀ ଅମ୍ବୁଳାସ୍ୟୀ ଅମ୍ବିକାସ୍ୟୀ ହାସ୍ୱ ॥
ବୋଇଲେ ତୁମ୍ଭେପାଖେହିଁ ଯାଅ ଗୋ ସମରେ ।
ମାତ୍ର ଦାନବବଳ ଯୋ ନ ଥାନ୍ତୁ ଏଥିରେ ॥
ଏ ଅଜ୍ଞା ପାଇଣ ସେହୁ ହୋଇ ଉଗ୍ରଦୃଷ୍ଟି ।
କରେ କୃପାଣ ଧରଣ ସମରରେ ଉଠି ॥
ଶୂନ୍ୟରେ ଗମିଲେ ସେହୁ ବିସ୍ତାରଣ ପାଟ ।
ଏକ ନିମିଷକେ ତିନିଭୁବନ ସେ ଘୋଟ ॥
ଅସୁରମାନଙ୍କର ଯେ ବଢ଼ାଇ ପ୍ରତାପ ।
ଦେବୀମାନଙ୍କ ଦେଖିଣ ଥାଇଲେ କ୍ରୋଧ ॥
ଦେବୀଏ ଦୈତ୍ୟଙ୍କ ପରେ ପଡ଼ିଲେକ ଗର୍ଜି ।
କେଶରୀ ଦେଖନ୍ତେ ଯେସନ୍ତେ ବନଜୀବେ ଭଜି ॥
ହେରେ ହେକାର କରି ପାଡ଼ନ୍ତି ସେ ଘୋରଡାକ ।
ବ୍ରହ୍ମାଣ୍ଡ ପୂରିଲା ଡାକେଶ୍ୱରୀଙ୍କର ହାକ ॥
ଧାଇଁଣ ଦାନବେ ତାଙ୍କୁ କଲେ ଶର ବୃଷ୍ଟି ।
ନାସ୍ୱତ ଛାଡିଲେ ପଡ଼ ଦେବୀଙ୍କର ଦୃଷ୍ଟି ॥
ଧାଇଁ ଦେବୀ ଅସୁରଙ୍କ ଧରନ୍ତି ଆକର୍ଷି ।
ନଖୁନ ବିଦାରି ପ୍ରାଣ ପକାବନ୍ତି ନାଶ ॥
ହସ୍ତୀ ପିଞ୍ଜରକୁ ଧରନ୍ତି ସେ ବେନିହସ୍ତେ ।
ମୋଡି ବେନିଖଣ୍ଡ କରିଦ୍ୟନ୍ତି କ୍ଷଣମାତ୍ରେ ॥
ଶିରେ ନାଉଡ଼ନ୍ତି ନେଇ ଦୈତ୍ୟଙ୍କର ଶୋଣି ।
ଯେସନେକ ବହୁଯଏ ସ୍ନାନ ହେବାପାଣି ॥

Digitized by srujanika@gmail.com

ମୁଣ୍ଡ ମୋଡ଼ ଗଳାରେ ଲମ୍ବାନ୍ତି କରି ମାଳ ।
ନାଚନ୍ତି ସେ ରଣରଙ୍ଗେ କଉତୁକେ ଖେଳ ॥
ମାରନ୍ତି ଯେ ଶର ଶକ୍ତି ଗଦା ମୁଦ୍ଗର ।
ପର୍ବତ ଉପାଡ଼ କରି ପେଷନ୍ତି ଅସୁର ॥
ନିର୍ଘାତ ପ୍ରାୟେ ପଡ଼ନ୍ତି ଦେବୀଙ୍କର ମୁଣ୍ଡ ।
ଭଞ୍ଜଣ ଶସ୍ତ୍ରମାନେ ଯେ ହୁଅନ୍ତି ଖଣ୍ଡ ଖଣ୍ଡ ॥
ଅଗ୍ନି ଶର ପଡ଼େ ଯେସନ୍ତେ ତୁଣ ଉପରେ ।
ଦେବୀଙ୍କର ଦେହେ ପଡ଼ି ଶସ୍ତ୍ର ହୋନ୍ତି ଧୂଁପି ॥
ଶସ୍ତ୍ର ଭାଜନ୍ତେ ଅସୁରେ ହୋନ୍ତି ଶୂନ୍ୟହସ୍ତ ।
ମାଲି ବନ୍ଧାଣ କରି ସେ ପହୁଡ଼ନ୍ତି ମୁଥ ॥
ପାଦ ବଢ଼ାଇଲେ କେଷ୍ଟ ମାରେ ନେଇ ବନ୍ଧା ।
କେ ମୁଣ୍ଡରେ ମାରେ କେହୁ ପ୍ରହାରଇ ଖୁନ୍ଦ ॥
କେହୁଗିରି ଚୂର୍ଣ୍ଣ ହୋଏ ଯାର ଦେହେ ଦେଦ ।
ବନ୍ଧାଘାତେ ତାହାର ସେ ସେମ କ ଉପୁଡ଼ ॥
ଦୈତ୍ୟେ ମୁଖ ଉଭାନ୍ତେ ସେ ଧରନ୍ତି ଦାଣ୍ଡି ।
ବେକଭଙ୍ଗ ଧରି ସେହୁ କରନ୍ତି ଦ୍ୱିଖଣ୍ଡି ॥
ରୁଧିର ପିବନ୍ତି ଦେବୀ ବୁଡ଼ାଇଣ ମୁହଁ ।
ମହା ବିକଟାକ୍ଷୀ ରଙ୍ଗବର୍ଣ୍ଣ ତାଙ୍କ ଦେହ ॥
ଚରଣ ଧରି ଦୈତ୍ୟଙ୍କୁ ଫିଙ୍ଗନ୍ତି ଆକାଶେ ।
ଅସ୍ଥି ଚର୍ମ ମାଂସ କରଦ୍ୟନ୍ତି ଏକ ଗ୍ରାସେ ॥
ବାଜେ ବଜ୍ରଘୋଷ ଶବ୍ଦ ଦାଉଣ୍ଡି ମର୍ଦ୍ଦଳ ।
ନଗ୍ନ ମାଂସ ଭୁଞ୍ଜନ୍ତି ନାଚନ୍ତି କୁତୂହଳ ॥
ଗାବନ୍ତି ଗୀତ ସେ ରଣ ରଙ୍ଗେ ହୋଇ ଖେଳ
କ୍ଷଣେ କ୍ଷଣେ ଗୀତ ଗାନ୍ତି କ୍ଷଣେ ସ୍ଥଳସ୍ଥଳୀ ॥
ଅତି ଅଶ୍ଚର୍ଯ୍ୟରେ ସେହୁ କରନ୍ତି ସଂଗ୍ରାମ ।
କହିଲେ ନ ସରେ ତାହାଙ୍କର ମହାତମ ॥
ରଣ ରଙ୍ଗରେ ନିର୍ଦ୍ଦୟୀ ଦେବୀ ମହାମାୟୀ ।
ଭକ୍ତ ଅନ୍ତ କାରଣୀ ସେ ମୁକ୍ତିଗତିଦାୟୀ ॥
ନାହିଁ ନାହିଁ ଚଣ୍ଡୀଯୁଦ୍ଧ ଶୁଣନ୍ତେ ଅପଦ ।
ଜ୍ୱରବେଗ ନାଶ ଯାଇ ନ ପଡ଼େ ପ୍ରମାଦ ॥
ଚଣ୍ଡୀଯୁଦ୍ଧ ଶୁଣେ ଯେଉଁ ନର ଏକଚିତ୍ତେ ।
ଭଗବତୀ ପୂରଣ ଏ ପ୍ରସିଦ୍ଧ ଜଗତେ ॥
ପରମାର୍ଥ ପୁଣ ଗତି ପାଅନ୍ତି ଅନନ୍ଦ ।
ଅତେ ବୁଧଜନେ ଭାବ ହୃଦରେ ଗୋବିନ୍ଦ ॥
ନମାମି ଗୋବିନ୍ଦ ବାଞ୍ଛାଦାତା ଶିରୋମଣି ।
ଧନ ପୁତ୍ର ଲଭି ନରେ ଚଣ୍ଡୀପାଠ ଶୁଣି ॥

ଶ୍ରୀ ଦୁର୍ଗା ଦେବୀଙ୍କର ଯେ ଚରଣାରବିନ୍ଦେ ।
ଶୂଦ୍ର ମୂଢ଼ ଶ୍ରୀ ଶାରଳା ଦାସ ସଦା ବନ୍ଦେ ॥
ଶୁଣି ଆନନ୍ଦ ହୁଅଇ ଅଭିମନ୍ୟୁ ବୀର ।
ଧର୍ମ ଅର୍ଥ କାମ ମୋକ୍ଷ ଏଥିଁ ସବୁ ଅଛି ॥
ତୁମ୍ଭେ ଶୁକ ବ୍ରହ୍ମବେତ୍ତା ମୋତେ ଉଦ୍ଧରନ୍ତା ।
ପାପକୁ ମୋହର ଅନ୍ତ ନାହିଁ ନା ଖଣ୍ଡନ୍ତା ॥
ଯିବକା ମୋହର ଯେବେ ଅଜ୍ଞାନର ପାପ ।
ଏବେ ଭାଙ୍ଗିଲାଣି ସବୁ ପାତକର ଦର୍ପ ॥
ଅମୃତ ନର୍ଗତ ବୁହାଇଲ ବ୍ୟାସ ସୁତ ।
ସଂକ୍ଷେପେଣ କହ ମୋତେ ସଂଗ୍ରାମ ଚରିତ ॥
ରାଜାର ବଚନେ କହନ୍ତି ସେ ବ୍ରହ୍ମସୁତ ।
ଶୁଣ ସାବଧାନେ ଅଭିମନ୍ୟୁର ସନ୍ତତ ॥
ମହାରଣେ ପଡ଼ିଲେ ସେ ଦଶଲକ୍ଷ ଯୋଦ୍ଧା ।
ରକ୍ତମାଂସ ଭକ୍ଷିଲେକ ଦେବୀ ପାଇ କ୍ଷୁଧା ॥
ଖଡ୍ଗେ ନ ହାଣିଲେ ସେ ଯେ ନ ବିନ୍ଧିଲେ ବାଣ
ମାଂସ ଖାଇଲେ କରି ସେ କଉତୁକ ରଣ ॥
ଶୂନ୍ୟ ଉପଶୂନ୍ୟ ନିଜ ସୈନ୍ୟ ନାଶ ଦେଖି ।
ମହାକୋପ କଲେ ଦୈତ୍ୟଗଣେ ଉପଲକ୍ଷି ॥
ଦେବୀଙ୍କ ସଙ୍ଗେ ଯିବୁ ଯେ ଉଗ୍ରତାରା ।
ଧାଇଁଧାଇଁ ଅଟଷ୍ଟଶିଲେ ସେ ବେନି ଅସୁର ॥
ଲୁହାର ନସ ରଥେ ରଥେ ଅଛନ୍ତି ଯେ ଚଢ଼ି ।
ରଥରେ ଯୋଚା ଅଛନ୍ତି ଗଧ ଅଶ୍ୱ ଗୃଧ୍ର ॥
ରଥ ଦେଖି କୋପେ ଧାଇଁଲେକ ବେନିଦେବୀ ।
ଉପର ପାଟି ଆକାଶ ତଳପାଟି ଭୂବ ॥
ନବଯୋଜନ ବିସ୍ତାର ଯେଉଁ ଲୁହା ରଥ ।
ଏକ ଗ୍ରାସରେ ଗିଳିଲେ ଦେବୀ ସାମରଥ ॥
ରଥ ଛାଡ଼ ପଳାଇଲେ ଦୈତ୍ୟଭାଇ ବେନି ।
ଧାଇଁଣ ପିଟିଲେ ଲୌହ ସାର ଗଦା ଘେନି ॥
ଚୋଟ ବଳି ପଡ଼ିଲା ତ ଦେବୀଙ୍କର ମୁଣ୍ଡ ।
ଗଦାବର ପଡ଼ିକରି ହେଲା ନସି ମୁଣ୍ଡ ॥
ରେ ରେ କାର କରି ଉଠିଲେକ ଯୋଗମଣୀ ।
ବିକେକର୍ଣ୍ଣି କଟାରରେ ତାଙ୍କ ଶିର ହାଣି ॥
ଶିର ଛିଡ଼ି ଦୈତ୍ୟଙ୍କର ପଡ଼ିଲେକ କ୍ଷିତି ।
ପୁଣିହିଁ ଗର୍ଭରୁ ମୁଣ୍ଡେ ହେଲା ଉତପତ୍ତି ॥
ପୁଣିହିଁ ଶସ୍ତ୍ର ଧଇଲେ ସେ ବେନି ଦନୁଜେ ।
ସ୍ୱର୍ଗେ ନେଇ ଶର ଲଗାଇଲେ ମହାତେଜେ ॥



Digitized by srujanika@gmail.com

ପୁଷଳ ଭୂଲର ପିଣ୍ଡନ୍ତି ସେ ମହାବଳୀ ।
ତ୍ରିପୁରା ସରେ ପିଣ୍ଡନ୍ତି ଦୁର୍ଦ୍ଧେ ହୋଇ ଚମଳ ॥
ମୁଷଳ ଯେ ଚୂର୍ଣ୍ଣିଗଲା ଦେବୀଙ୍କର ଦାଟେ ।
ଲୁଠାଇ ଦ ଖିଲେ ନେଇ ତାହାଙ୍କର ଦେଶେ ॥
ସେହ ଶିର ଭୂମିରେଣ ହେଲାକ ଝଳ ।
କବନ୍ଧ ହୋଇ ରଣରେ କରେ ମହାକେଳି ॥
ଅହୋ ପରୀକ୍ଷିତ ରାଜା ଶୁଣ ଏକ ଚରିତ୍ର ।
ସେହୁ ଦୁଷ୍ଟପଦ କଥା ନ ସରେ କହନ୍ତେ ॥
ଲେଖିକର ତାହା କେହ୍ନ କହିବାକୁ ଶେଷ ।
ଶୁଣ ପରୀକ୍ଷିତ ରାଜା ଅତ୍ୟନ୍ତ ରହସ୍ୟ ॥
ପୁଣ ହୁଁକାର ଶବଦ କଲେ ସେ ଭୁରତ ।
ଗର୍ଭ ଭିତରୁ ପ୍ରତ୍ୟେକ ହୋଇଲା ସମ୍ଭୂତ ॥
ମହା ବିଶ୍ୱରୂପ ପ୍ରକାଶିଲେ ସେ ଦନୁଜ ।
ତାହାଙ୍କୁ ଦେଖିଣ ଦେବୀ ହୋଇଲେ ଅଶ୍ଚର୍ଯ୍ୟ ॥
ମାଇଲ୍ଲ ସେ ଛେଲ ଚଣ୍ଡ ଗଦା ମୁଦୁଗର ।
ଦେବୀଙ୍କ ଦେହରେ ବାଜି ହୋଇଛନ୍ତି ଚୂର ॥
ଦେବୀମାନେ ହୋଇଣ ଯେ ଅତ୍ୟନ୍ତ ପ୍ରଚଣ୍ଡ ।
ଶିର ଛେଦୁଛନ୍ତି ରହିଅଛି ସେହୁ ପିଣ୍ଡ ॥
ଶତବାର ଶିର ଛେଦୁଛନ୍ତି ତାହାଙ୍କର ।
ପୁନଃ ପୁନ ହୃଦଯ୍ୟରୁ ବାହାରଇ ଶିର ॥
ଦେ ଦେଖିଷ ଯେତେ ଶିର ପଡ଼ିଲା ସେ ରଣ ।
ସେ ଶିରମାନେ ହୋଇଲେ ଅତ୍ୟନ୍ତ ଭୀଷଣ ॥
ଏକ ଭନ୍ଧରୁ ଯେ ଲକ୍ଷେ କୋଟି ଶିର ହୁଏ ।
ସମରେ ବିମୁଖ ପାଇଲେକ ମହାମାୟେ ॥
ବସୁର କରନ୍ତି କେତେ ମରିବେ ଅସୁର ।
ସ୍ୱାଙ୍କର ବିନାଶ ହେବ ଏ ସଚରାଚର ॥
ପ୍ରେତାଶୁଣୀ ନାମରେ ଯେ ଏକଇ ମୂରତ ।
ତ୍ରିପୁରର ଅଗେ ଉଭା ହେଲା ସେ ତତ୍ପର ॥
ସେ ବୋଇଲା ଗୋ ତ୍ରିପୁର ଦୁଃଖ କ୍ଷମା କରୁ ।
ଏ ଅସୁରେ ଚୂତ ଫଳ ଏହା ନ ବସୁରୁ ॥
ଅମ୍ଭ କପଟରୁ ଏ ଦୁର୍ଦ୍ଦେ ଉତପତ୍ତି ।
ଜପାସୁର ଦାନବର ଅଟନ୍ତି ସନ୍ତତି ॥
ଜପାସୁର ଦାନବ ଯେ ହେଲା ମହାତପୀ । ୦
ରଣସ୍ତମ୍ଭ ଶୈଳେ ତପ କରଇ ଅଦ୍ୟାପି ॥
କର ପ୍ରସାର ବ୍ରହ୍ମାଙ୍କ ଧ୍ୟାନ କରୁଥାଇ ।
ପବନ ଦେବତା ନିତ୍ୟ ଅହାର ଦଅଇ ॥

ଯିଏ ଦ୍ରବ୍ୟ ଅଛି ତାର ହସ୍ତରେ ପଡ଼ଇ ।
କ୍ଷୁଧାବେଳେ ତାହା ସେହୁ ଆହାର କରଇ ॥
ଗର୍ଭ ଭିତରେ ସ୍ୱାଙ୍କର ଅଛି ଜ୍ୟୋତ ଲିଙ୍ଗ ।
ପବନ ଦେବତା ହୋଇଲ ପାଏ ତାର ଅଙ୍ଗ ॥
ଶିରରୂପୀ ହୋଇ ସ୍ୱାଙ୍କ ଗର୍ଭେ ରହିଅଛି ।
ଶିର ଛିଡ଼ନ୍ତେ ତହିଁରୁ ଶିର ବାହାରୁଛି ॥
ଗର୍ଭରୁ ଶିର ସ୍ୱାଙ୍କର ଯେବେ ଯିବ ନାଶ ।
ତେବେଟି ଏ ଦନୁଜ ଗୋ ହୋଇବେ ବିନାଶ ॥
କରେ ଅଜଗବ ଧନୁ ଧର ଗୋ ତ୍ରିପୁରା ।
ବଜ୍ରଶକ୍ତି ଘେନ ଏବେ ଶସ୍ତ୍ର ମହାଭୀର ॥
ନାଭିରେ ପଡ଼ିବ ଯହିଁ ଏ ଶୂଳ ଶକତ ।
ହୃଦରେ ପଡ଼ିବ ଅଗୋ ବଜ୍ର ଯେ ଶକତ ॥
ବ୍ରହ୍ମ ଶକତ ପଡ଼ିବ ପୁଣି କଣ୍ଠତଟେ ।
ଏତେ ପ୍ରକାରେ ମରିବେ ଏ ଦାନବ ଦର୍ପିଷ୍ଟେ ॥
ଏ ତିନ ଶସ୍ତ୍ର ଯେ ଥିବ ତିନ୍ନଠାରେ ଫୁଟି ।
ଦାବାନଳ ଘରେ ଯେବେ ସ୍ୱାଙ୍କ ଶିର କାଟି ॥
ପିତାର ହାତେ ପଡ଼ିବ ଯାଇଁ ସେହୁ ଶିର ।
ଅହାର କରିବ ତାହା ରକ୍ଷ ମହାବୀର ॥
ଦାବାନଳ ଅଗ୍ନି ଅଛି ତା ଗର୍ଭ ଭିତର ।
ତେବେ ତା ଉଦରେ ଦଗ୍ଧ ହୋଇଯିବ ଶିର ।
ପ୍ରେତାଶୁଣୀ କହିଲା ଏପ୍ରାୟ ମୃତ୍ୟୁଭେଦ ।
ଏମନ୍ତେ ସେ ଦାନବଙ୍କୁ ପଡ଼ିବ ପ୍ରମାଦ ॥
ଶୁଣି ବ୍ରହ୍ମାଙ୍କୁ ମାଗିଲେ ସେ ବ୍ରହ୍ମ ଶକତ ।
ପିତାମହ ଅଣି ତାଙ୍କ କରେ ଦେଲେ ଧାତ ॥
ଈଶ୍ୱରଙ୍କୁ ମାଗିଲେ ଯେ ତ୍ରିଶୂଳ ଶକତ ।
ତ୍ରିପୁର କରେ ତା ଆଣିଦେଲେ ପଶୁପତ ॥
ଶତଧାର ବଜ୍ର ଅଣି ଦେଲେ ପୁରପତ ।
ଅଜଗବ ଧନୁବର ଯୋଗା ଦେବୀ ଧାତ ॥
ଶୁଣ ହେ ପରୀକ୍ଷ ରାଜା ଦେବୀର ଚରିତ ।
ମନରୁ ଅଧିକ ଗରୁ ଯେଉଁ ତିନ ଶସ୍ତ୍ର ॥
ଏକାବେଳେ ତିନିଶସ୍ତ୍ର କେ ଯୋଚି ପାରିବ ।
ଏମନ୍ତ ଚରିତ ନାହିଁ ନ ଥିଲା ନୋହିବ ॥
ସେ ତ୍ରିପୁର ପ୍ରତ୍ୟକ୍ଷରେ ଅଟେ ତ୍ରିପୁରାର ।
ଭଗତାର ପ୍ରତ୍ୟକ୍ଷରେ ପିତାମହ ସର ॥
ତିନଧନ୍ଦୁକ ତ୍ରିପୁର ଯୋଚେ ଯେତେବେଳେ ।
କର୍ତ୍ତ ରହି ନ ପାରିଲେ ଗଗନ ମଣ୍ଡଳେ ॥

Digitized by srujanika@gmail.com

ସେହିକ୍ଷଣି ପୃଥ୍ୱୀ ତେଜ ବାୟୁଜଳାକାଶ ।
ପଞ୍ଚଧାତୁ ଏକକଲା ସେହି ମହାରସ ॥
ଚଣ୍ଡଶସ୍ତ୍ର ଯୋଡ଼ନ୍ତେ ତ୍ରିପୁର ଗୋସାମଣୀ ।
ଅଦ୍ଭୁତେ ଶୁଭିଲା ଯେ ଆକାଶରୁ ବାଣୀ ॥
ମାଗୋ ଏ ଚଣ୍ଡଶକତ ପଡ଼ି ଦୈତ୍ୟଙ୍କ ଦେହେ ।
ପୃଥ୍ୱୀରେ ପଡ଼ିଲେ ପୃଥ୍ୱୀ ନାଶ ଯିବ ହାଦେ ॥
ଆକାଶରୁ ଏହି ବାଣୀ ଶୁଣି ମହାମାୟେ ।
ଚଣ୍ଡଶସ୍ତ୍ର ଛେଦିଲେ ସେ ଅସୁରଙ୍କ କାୟେ ॥
ଶସ୍ତ୍ରକୁ ବୋଇଲେ ପଡ଼ ଅସୁର ଉପର ।
ପୃଷ୍ଠ ରକ୍ଷକଟି ତୁମ୍ଭେ ନ ହେବ ବାହାର ॥
ମନବେଗ ଶର ସେହି ଅସ୍ତ୍ର ଚଣ୍ଡୀଏ ।
ଯାଇଣ ପଡ଼ିଲେ ବେଗେ ଅସୁରଙ୍କ ଦେହେ ॥
ନାଭିରେ ରହିଲା ଶୂଳ ଶକତ ଯେ ପୃଷ୍ଠ ।
ହୃଦେ ପଡ଼ି ବଜ୍ର ଶକ୍ତି ନିକଳ ଲେଉଟି ॥
ବ୍ରହ୍ମ ଶକତ ଫୋଡ଼ି ଯାଇଁ କଣ୍ଠତଟେ ।
ଦାବାନଳ ଶରରେ ଯେ ତାଙ୍କ ଶିର ତୁଟେ ॥
ପବନା ଶର ସେ ଶିର ଉଡ଼ାଇଣ ନେଲା ।
ଜପାସ୍ତ୍ର ହାତେ ନେଇ ଶୀଘ୍ର ପକାଇଲା ॥
ଜାଣିଲା ବାୟୁ ଅହାର ଦେଲାର ସେପର ।
ଗ୍ରାହକଲା ଧାତକାରେ ଗଣ୍ଡୁଷ ସେ କର ॥
ଦାବାନଳେ ପଡ଼ଣ ସେ ହୋଇଲା ଦଗ୍ଧ୍ୟ ।
ଉପାୟରେ ନାଶଗଲେ ସେ ବେନି ଦନୁଜ ॥
ଶୂନ୍ୟ ଉପଶୂନ୍ୟ ଦୁହେଁ ନାଶଗଲେ ଏଣେ ।
ଦେଖି ଅନେକ ଆନନ୍ଦ ହେଲେ ଦେବଗଣେ ॥
ଜୟ ମାତା ବୃନ୍ଦାରକଗଣ ପରଂବନ୍ଦୁ ।
ମହୀ ମଣ୍ଡଳ ମଧ୍ୟରେ ମହିମା ତୋ ସାଧୁ ॥
ପିତା ଯାର ମହିମା ନ ଜାଣେ ଅନ୍ତକର ।
ମୁଁ କେମନ୍ତେ ଜାଣିବି ନର ଦେହେ ଅବତର ॥
ଯମଦଣ୍ଡୁ ବଞ୍ଚିବ ସେ ଦେବୀଙ୍କ ପ୍ରସାଦେ ।
ସେବେ ଶୁଦ୍ରମୁନି ତ୍ରିପୁରାର ପଦ୍ମପାଦେ ॥
ପଢ଼ନ୍ତ ବସ୍ତୁ ପୂରଣ କହେ ଶୁକ ବ୍ରହ୍ମା ।
ଅସଂଖ୍ୟ ଅଟଇ ଚଣ୍ଡୀ ଯୁଦ୍ଧର ମହିମା ॥
ଶୂନ୍ୟ ଉପଶୂନ୍ୟ ବଧ ଅନ୍ତରେଣ କଥା ।
ମହିଷାସୁର ଯୁଦ୍ଧରେ ହୋଇଲା ବାରତା ॥
ଶୁଣି ବୋଲେ ଅଉ ପ୍ରାଣେ କିସ ପ୍ରୟୋଜନ ।
ଢଣ ବଣ ଖାଇବ ମୋ ଯାଉ ଏ ଜୀବନ ।

ଶତେ ପଦ୍ମ ସୈନ୍ୟ ଥିଲେ ଏକୁଁ ଏକ ଗଣା ।
ନର ନାଗ ଲୋକଙ୍କୁ ସେ ନ କରୁ ଗଣନା ॥
ଏକକ୍ଷୌଣୀ ଏକ କୋଟି ପଦାତି ଯେ ଥିଲେ ।
ଚଉଦ ପଦ୍ମ ସଂଗ୍ରାମେ ଏତେକ ପଡ଼ିଲେ ॥
ପୃଥ୍ୱୀ ସଙ୍ଗ ଯୋଷନ୍ତି ଯେତିକି ସୈନ୍ୟବଳ ।
ଅସ୍ଥି ମାଂସ ରକତ ଯେ ନ ପଡ଼ିଲା ତଳ ॥
ପୁଣି ମନେ ବିଗୁଡ଼ିଣ ବୋଇଲ ମୈଷାସୁର ।
ଏକା ଯାଇଁ ଆଜ ମୁହିଁ କରିବି ସମର ।
ଏତେ କହି ଅନ୍ତଃପୁରୁଁ ବାହାର ଦନୁଜ ।
ଧୂମ୍ରଲୋଚନକୁ ବୋଲେ ରଥ ମୋର ସାଜ ॥
ସ୍ୱର୍ଗୁ ଆଣିଥିଲା ସୂର୍ଯ୍ୟକେତୁ ଯେ ବିମାନ ।
ମଣ୍ଡନ କରେ ସାରଥି ସେ ଧୂମ୍ରଲୋଚନ ॥
ସ୍ୱର୍ଗ ଭଣ୍ଡାର ଦ୍ରବ୍ୟ ସେ ରଥେ ଲାଗି ଅଛି ।
ତାହାକୁ ବର୍ଣ୍ଣିବାକୁ ବା ଶକ୍ତି କାର ଅଛି ॥
ଶୂନ୍ୟେ ଚଳଇ ଯହିଁକି ବସୁରବ ମନେ ।
ଷଣ୍ଢକେହେଲୋକେ ଚଳେ ବାହନ ବସ୍ତୁନେ ॥
ବଜ୍ରକେତନ ମୁକୁଟ ଆଭରଣ ମାଥେ ।
କଲା ମୈଷାସୁର ସ୍ୱର୍ଣ୍ଣ ଖଚିତ ମଦ୍ଧ୍ୟତେ ॥
ହିରେ ଚୀନଚ୍ଛିନ୍ନା ଶୋହେ ଲଲାଟରେ ଝାପି ।
ପଞ୍ଚପଦ୍ମ ସ୍ୱର୍ଣ୍ଣ ଯେ ମାଣିକ୍ୟ ନବକୋଟି ॥
କୋଟି ସୂର୍ଯ୍ୟ ରଶ୍ମି ଜିଣି ଯେଉଁ ରହୁତେଜେ ।
ସେ ମଣି ମୁକୁଟ ତାର ଶିରରେ ଭୂଷଣେ ॥
କର୍ଣ୍ଣେ କର୍ଣ୍ଣାଞ୍ଚଳ ତମ ବଦାରଣ ମଣି ।
କଣ୍ଠେ ସ୍ୱର୍ଣ୍ଣଜଳ ବହୁ ସୂର୍ଯ୍ୟରଶ୍ମି ଜାଣି ॥
ଗଜମୁକୁତାର ମାଳ ଶୋହେ କଣ୍ଠତଟେ ।
ଲମ୍ବିତ ଯେ ଉରବଶ ବକ୍ଷସ୍ଥଳ ପୁଟେ ॥
ପୁଣ ସ୍ୱର୍ଣ୍ଣ ମାଣିକ୍ୟରେ ଯୁକ୍ତ ଗୃପଥର ।
ବେନି ଭୁଜରେ ବାହୁଟି ଆଭରଣ କର ॥
ମର୍କତ ମଣି ତୁଲ୍ୟରେ ହାର ଗୁଛ ମୋଟ ॥
ସରଳବେନିଗୋଟି ଯେ ଶୋଭେ ତା କରଟି ॥
ଜଡ଼ିତ ରତ୍ନ ନାସୁକ ସେ ଅଙ୍ଗୋଳମୁଦ ।
ଏକ ଶଗରେ ତାହାର ଖଞ୍ଜି ସପ୍ତନିଧି ॥
ବେନି ପାଦରେ ରତନ ନୂପୁର ତା ଶୋହେ ।
ଦିବ୍ୟ ଅବତାର ସେହି ମୈଷାସୁର ସ୍ୱଦେହେ ॥
ଶ୍ରୀ ଭୁଜରେ ଶୋହେ ଧନୁ ବାମ ଅଦ୍ୟୋବଳ ।
କୋଟିଏ ଲକ୍ଷ ବଳକୁ ସଦର୍ପେ ଉଜ୍ୱଳ ।

Digitized by srujanika@gmail.com

ଧନୁରେ ଶୋଭେ ମାଣିକ୍ୟ ମୁକ୍ତା ପଙ୍କ୍ତି ପଙ୍କ୍ତି ।
ବାଳଅର୍କ ଜାଣି ସେହ୍ନ ଧନୁ ତେଜ ରାଜି ॥
ଅପୂର୍ବ ପଦ୍ମ ଉପରେ ମୁକ୍ତା ପନ୍ତ ପନ୍ତ ।
ସ୍ୱର୍ଣ୍ଣ ମାଳା ତହିଁ ଚାରୁଗରେ ସଂକୁଲ ॥
ଦେବଙ୍କୁ ଦୁର୍ଲଭ ଯେଉଁ ଧନୁର ମହିମା ।
ଯାହା ଜାତ କରିଅଛି କୁଶଳକରୁ ବ୍ରହ୍ମା ॥
ଅତିଯତ୍ନେ ଥୋଇଥିଲା କୁବେର ଭଣ୍ଡାରେ ।
ତହୁଁ ଶୁମ୍ଭ ନିଶୁମ୍ଭ ଯେ ନେଲେ ବଳାତ୍କାରେ ॥
ତେଣେ ଜଣିଲେ ତେତିଶ କୋଟି ଦେବତାଙ୍କୁ ।
ସେ ଧନୁ ଦେଲେ ଯେ ନେଇ ମହିଷାସୁରଙ୍କୁ ॥
ମେଘଲା ଧନୁ ଜାଣି ସେ ଧନୁର ସଙ୍କେତ ।
ସେ ଧନୁକୁ ମୈଷାସୁର ଧରେ ନିଜ ହସ୍ତ ॥
ପ୍ରତିଷ୍ଠ ତେତିଶ କୋଟି ଅପାଳିତ ଶର ।
ମହା ମୁଦ୍ଗର ବାଛି ରଖିଲା ରଥର ॥
ସହସ୍ରେ ଶୁଭ୍ରୁଜ ପଞ୍ଚଷଠିକୋଟି ଖଣ୍ଡ ।
ଜଗତରେ ଅଜେୟ ସେ ଦୈତ୍ୟକୁଳଖଣ୍ଡ ॥
ଶୁଣ ପରୀକ୍ଷିତ ମୈଷାସୁର ଭୁଜବଳେ ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ଜଣିଲାକ ହେଲେ ॥
ତାହା ସମ୍ପତ୍ତି ବର୍ଣ୍ଣିବ କେହ୍ନ ରବାତଳେ ।
ସପ୍ତସିନ୍ଧୁ ଯେହ୍ନ କରପାରେ ଏକତଳେ ॥
ମହା ସମ୍ଭ୍ରମରେ ସଜହେଲା ସାରମଣି ।
ରଥରେ ବିଜେ କରିଲା ବଜ୍ର ଦଣ୍ଡପାଣି ॥
ନବରୁ ବାହାର ହେଲା ରକ୍ତବୀଜ ବ୍ରହ୍ମ ।
ରଥେ ବିଜେ କରନ୍ତେଣ ଜଭ ଦଣେ ଧୂମ୍ର ॥
ତପତାଗ୍ନି ସହ ବାତ ବହଇ ଉଗ୍ରରେ ।
କାଳାନଳ ଜ୍ୟୋତକୋଟି ରାଜେ ମଧ୍ୟପୁରେ ॥
କନ୍ୟାମାସ ଶୁକ୍ଳ ମହାଅଷ୍ଟମୀର ଦିନ ।
ଚନ୍ଦ୍ରଦଣ୍ଡ ମୂଳାନକ୍ଷତ୍ର ସେ ବିଦ୍ୟମାନ ॥
ମୂଳାଭୁକ୍ତ ପରେ ପୂର୍ବାଷାଢ଼ା ଯେ ନକ୍ଷତ୍ର ।
ଏ ଯୋଗରେ ମୈଷାସୁର ବିଜେକଲା ରଥ ॥
ପାପଗ୍ରହମାନ ଲଗ୍ନପଞ୍ଚମରେ ରହି ।
ମହିଷା ଦକ୍ଷିଣମୂର୍ତ୍ତି ହୋଇଣ ଗମଇ ॥
ବିଷ୍ଟିକରଣ ଯେ ଅତିଗଣ୍ଡ ନାମେ ଯୋଗ ।
ଦୁର୍ଜୟେ ମହିଷାସୁର ସମରେଣ ବେଗ ॥
ତାହାର ରଥ ଯେ ଧୂମ୍ରଲୋଚନ ସାରଥି ।
କାମରୂପୀ ଦାନବ ଶ୍ରୀ ଯେ ତାହିଁ ବନ୍ଦୀ ସ୍ତୁତି ॥

ଦେଖନ୍ତେ ଦଶେ ଦିଗନ୍ତ ଦଗଧେ ଦିଶା ।
ବେଗ ଚରଣ ହାଣଇ ଦାନବର ଏକା ॥
ପବନୁ ବେଗ ଜଣ ସେ ବାହଇ ବିମାନ ।
ଚନ୍ଦ୍ରଦଣ୍ଡେ ହେଲା ରହିବରେ ସନ୍ନିଧାନ ॥
ଦୁର୍ଗାର ସମ୍ମୁଖେ କହନ୍ତି ଯେ ନାରାୟଣୀ ।
ମୈଷାସୁର ଦାନବ ଗୋ ସମରେ ପଳାଣି ॥
ସଙ୍ଗେ ନାହିଁ ତାହାର ତୋ ଆଉ ସୈନ୍ୟ ସେଣୀ ।
ବିମାନ ଅବରୋହ ଅଟେ ମୈଷାସୁର ଏକା ॥
ମହିଷାସୁର ହୋଇଲା ଯହୁଁ ସନ୍ନିଧାନେ ।
ଦୁର୍ଗା ଦେବୀ ବିଜେ କଲେ ଛତ୍ରିଶ ବିମାନେ ॥
ଅକାରେ ଗଙ୍ଗା ନାମ ଦେବଙ୍କର ତତ୍ତ୍ୱ ।
ସୂର୍ଯ୍ୟଙ୍କେରୁ ତେଜଶ୍ୱୀ ଏ ଯାନ ଦୁଇ ଶ୍ରେଷ୍ଠ ॥
ଜଗଜ୍ଜନନୀ ମୋହିନୀ ଦୁର୍ଗାରୂପ ଦେଖି ।
ମୈଷାସୁରଦାନବ ଯେ କହେ ହୋଇ କୋପୀ ॥
ଅଦ୍ଭୁତ ହୋଇ ଅଇଲୁ ତୁ କେଉଣ ଦେଶୁଁ ।
ଏ ରୂପ ଦେଖାଇ ମୋର ସୈନ୍ୟଙ୍କୁ ବିନାଶୁ ।
ଏତେ ଏତେ ଯୋଦ୍ଧା ମୋର ମାଇଲୁ ଅଶେଷେ ।
ବିଶ୍ୱାସଘାତକୀ ଅଟେ ଅଟୁ ତୁହି ଏତେ ॥
ପୁଣ ପୁଣ ଦାନବ ସେ କହେ ଗଳଗାଜି ।
ଅଜ ତୋହର ମାଂସ ଯେ ଖାଇବି ମୁଁ ଭଜି ॥
ତୋହର ରୁଧିରେ ଅଜ କରିବି ମୁଁ ସ୍ନାନ ।
ତେବେ ପାଶୋରିବି ସେନାଙ୍କର ଦୁଃଖମାନ ॥
ମୈଷାସୁରର ଏ ବାଣୀ ଶୁଣି ମହାମାୟୀ ।
କହନ୍ତି କର୍କଶ ବାକ୍ୟ ହୋଇଣ ନିର୍ଭୟୀ ॥
ଅରେ ଦେବଙ୍କର ଶତ୍ରୁ ଅଜ କାହିଁ ଯିବୁ ।
ସଖା ସୋଦର ସଙ୍ଗଇ ଖାଇ କି କରିବୁ ॥
ଏତେ ଦର୍ପ କରଣ ରେ କଷ୍ଟରୁ ରାକ୍ଷସ ।
ଭୁଞ୍ଜ ପ୍ରମାଣେ କାଟିବି ଅଜ ତୋର ମାଂସ ॥
ରାଜ୍ୟ ଭୋଗ କରିବାକୁ ନ କର ତୁ ଆଶ ।
ଗୃଧ୍ର ଜମ୍ବୁକ କରିବେ ଅଜ ତୋତେ ଗ୍ରାସ ॥
ଦୁର୍ଗା ବାଣୀ ଶୁଣି ଧରିଲା ସେ କରେ ଧନୁ ।
ନାରାଚ ପୂରିଲା କପଳ ଫିଙ୍ଗ ସୁନୁ ॥
ସହସ୍ରେକ ଭୁଜ ସେ ଯେ ଦେଖିଣ ଦୁର୍ଗାଙ୍କୁ ।
ଶତେ ଶସ୍ତ୍ର ଶତ୍ରୁ ବନ୍ଧେ ସହସ୍ରେ ଭୁଜକୁ ॥
ସେ ଅସୁରର ନାରାଚ ଦେଖି ଗୋସାମଣୀ ।
ପଞ୍ଚଶତ ଭୁଜେ ଧନ ଧରିଲେ ଯେ ଟାଣି ॥

Digitized by srujanika@gmail.com

ଦୁର୍ଗାଙ୍କ ସମର ଦେଖି ମୈଁଷାସୁର ସ୍ୱୟେ ।
ଗିରିବର ସମେ ବଢାଇଲା ତାର କାୟେ ॥
ଲକ୍ଷେଶର ବାନ୍ଧଲେ ସେ ଯାତଳାରେ କ୍ରମା ।
ମହିଷା ଶରୀରେ ପଡ଼ ହୋଇଗଲା ଚୂନା ॥
ନବଲକ୍ଷ ଶର ମୈଁଷାସୁର ପୁଣି ପେଷି ।
କାଟ୍‌ତ ନାଙ୍କରେ ଦୁର୍ଗାଦେବୀ ତାହା ନାଶି ॥
କୋପେ ମହିଷାସୁର ଯେ କାୟ ବଢ଼ାଇଲା ।
ଶୂନ୍ୟ ଭୁବନ ପର୍ଯ୍ୟନ୍ତ ତେଜ ପ୍ରକାଶିଲା ॥
ଅସୁର ବଳକୁ ବଳ ହେଲା ଦୁର୍ଗାତେଜ ।
ଚତୁର୍ଦ୍ଦଶ ଭୁବନ କ ହୋଇବ ଦହଯ୍ୟ ॥
ଜଳଦା ମାସରେ ଯେସନ୍ତେ କରେ ଜଳବୃଷ୍ଟି ।
ବେଳକର ବାଣ ତେସନ୍ତେ ସ୍ୱର୍ଗ ମର୍ତ୍ତ୍ୟ ଘୋଟ ॥
ଲାଘବ ଶରେ ସେ ସହିଁ ନ ପାରଲା ଜଣି ।
ଦେବଗଣଙ୍କୁ ଦାନବ ବନ୍ଧେ ବେଗେ ଟାଣି ॥
କୋପେ ଦାନବ ପର୍ବତା ଶର ଯେ ପେଷିଲା ।
ଶ୍ରୀଦୁର୍ଗାଙ୍କର ଉପରେ ପଥର ବର୍ଷିଲା ॥
ଶତେ ତାଳ ବଡ଼ଲରେ ବରଷେ ପାଷାଣ ।
ଏକ ଏକ ପଥର ଯେ ଯୋଜନେ ପ୍ରମାଣ ॥
ପାଷାଣ ପଡ଼ନ୍ତେ ଦେଖିଲେକ ଦେବୀ ଦୁର୍ଗେ ।
ବଜ୍ରାବଳ ନାସରକୁ ସନ୍ଧାନଲେ ବେଗେ ॥
ଯହିଁ ଇନ୍ଦ୍ର ଗିରିପକ୍ଷ ଛେଦିଥିଲେ ପୂର୍ବେ ।
ସେ ଶସ୍ତ୍ର ପଡ଼ ପର୍ବତ ନାଶଗଲେ ସର୍ବେ ॥
ଦୁର୍ଗା ଧରିଲେକ ଅଗ୍ନିବାଣ ଯେ କୋଟିଏ ।
ସମ୍ଭାଳ ସମ୍ଭାଳ ଅରେ ମୈଁଷାସୁର ସ୍ୱୟେ ॥
ଏକା ଅଗ୍ନିବାଣ ହେଲା କୋଟି କୋଟି ମୂର୍ତ୍ତି ।
ଦେଖି ପ୍ରଶଂସିଲା ସ୍ୱୟ ଦାନବର ନାଥ ॥
ଏଡ଼େ ସୁଲକ୍ଷଣୀ ତୁହେଁ କାର କୁଳବଧୂ ।
ତ୍ରିଷ୍ଟମାନ ହୋଇଣ ନୋ ଜୀବନହିଁ ସାଧୁ ॥
ନାହିଁ ନ ଥିଲା ନୋହିବ ଏ ତିନି ଭୁବନ ।
ସେନାଙ୍କୁ ମାରିଲୁ ଦେଖାଇଣ ଯଉବନ ॥
କାହିଁକି ବୋଲନ୍ତି ତୋତେ ଅବଳା ଯେ ବାମା ।
ଏହି ଜଗତରେ ତୁହି ଛତ୍ରିଶ୍ୟ ଉତ୍ତମା ॥
ପ୍ରଥମେ ଯଦ୍ୟପି ଏହି କଥା ଜାଣିଥାନ୍ତି ।
ସମର ନ କର ନ ଦେଁ ଶରଣ ପଶନ୍ତି ॥
ଏବେ ହେଁ ସୁନ୍ଦର ଅରେ କହେ ମୁହିଁ ତୋତେ ।
ହେବୁ ତ ମୋର ଭାରିଯା ଦୁଃଖ ଦେଉ କେତେ ॥
ଦୁର୍ଗା ବୋଇଲେ ତୁ କ୍ଷମା ହୋଇଲୁ ଅଶକ୍ୟ ।
ଇହ ପରଲୋକେ ସତ୍ୟ କପାଳି ପାତକ ॥
ଅରେ ଦୈତ୍ୟ ଏଥି ତୋତେ କରନ୍ତିରେ ରକ୍ଷା ।
ନୋ ନିମନ୍ତେ ମୋତେ ଦେବତାଙ୍କ ବଡ଼ ଦୀକ୍ଷା ॥
ଦେବଙ୍କ କଷ୍ଟ ଦେଇ ତୁ କଲୁ ବଇସ୍ୱର ।
ତୋତେ ବଧକଲେ ସ୍ଥିର ହୋଇବେ ସ୍ୱର୍ଗ ॥
ଦୁର୍ଗାଙ୍କ ମୁଖୁ ନିର୍ଦ୍ଦୟ ବଚନକୁ ଶୁଣି ।
କୋପେ ଗର୍ଜିଲ ମହିଷା ଶତେ ନାଗ ଟାଣି ॥
ଯେଉଁ ଅଗ୍ନିବାଣ ବାନ୍ଧିଥିଲେ ଦେବୀ ଦୁର୍ଗେ ।
ସେହି ଲାଗିଗଲା ଧୂମ୍ରଲୋଚନର ଅଙ୍ଗେ ॥
କୋପେ ଦୁର୍ଗାଦେବୀ ନିରଘାତ ବାଣ ମାରି ।
ଧୂମ୍ରନେତ୍ର ସାରଥି ତା କରିରେ ନିବାରି ॥
କୋପେ ମୈଁଷାସୁର ମେଘାଶର ଯେ ପେଷିଲ ।
ମୁଷଳ ଧାର ପ୍ରମାଣେ ଶର ବରଷିଲ ॥
ଅର୍ଦ୍ଧଚନ୍ଦ୍ର ଶର ମାରି ଦେଲେ ଦେବୀ ଦୁର୍ଗେ ।
ମେଘାଶର ନଷ୍ଟହୋଇ ଉଡ଼େ ଶୂନ୍ୟମାର୍ଗେ ॥
ପୁନରପି ବ୍ରହ୍ମଶର ମାରେ ଭୋଗାମଣୀ ।
ଧୂମ୍ରନେତ୍ର ସାରଥି ତା ପକାଇଲା ହାଣି ॥
ବେନ୍ଦୁ ବେଳ ସମର ଯେ ହୋଇଲା ଅପାର ।
ପ୍ରଳୟ ହେବ କ ଅଜ ଏ ନବ ସଂସାର ॥
କୋଟି କୋଟି ଶର ପ୍ରହାରିଲା ମୈଁଷାସୁର ।
ଦେବୀ ଦୁର୍ଗେ ଛେଦନ୍ତି ତା କାଟତ ପ୍ରକାର ॥
ଯେତେ ଶର ପ୍ରହାରଲେ ଜଗତଜନନୀ ।
ଧୂମ୍ରଲୋଚନ ସାରଥି ପକାଇଲା ହାଣି ॥
ବ୍ରହ୍ମଶର ପାଶୁପତ ନ ସମ୍ଭୁଣ ଶର ।
ସବୁ ଚୂର୍ଣ୍ଣ ହୋଏ ଧୂମ୍ରଲୋଚନ ଅଙ୍ଗର ॥
ଦୁର୍ଗା ଦେଖିଲେକ ଧୂମ୍ରଲୋଚନ ମହିମା ।
ବୋଇଲେ ଧନ୍ୟ ଧନ୍ୟ ତୁ ଅଟୁ ମହାତ୍ମା ॥
ସାରଥି ହୋଇ ଏମନ୍ତ ମହିମା ତୋହର ।
ଧନ୍ୟ ଗର୍ଭଧାରୀ ମାତା ଅବର ପିଅର ॥
ହୁଁକାର ଶବଦ କଲେ ଜଗତଜନନୀ ।
ଶବ୍ଦୁ ଜାତ ହେଲେ ଲମ୍ବୋଦରୀ ଭୟଙ୍କରୀ ॥
ମର୍ତ୍ତ୍ୟେ ତଳପାଦ କଲେ ଆକାଶରେ ଜିଭ ।
ଲମ୍ବୋଦରୀର ମହିମା ଦେବଙ୍କୁ ଦୁର୍ଲଭ ॥
ତାଙ୍କ ବିଶ୍ୱରୂପ ଦୁର୍ଗା ଦେଖିଲେ ପ୍ରତ୍ୟକ୍ଷ ।
ବୋଇଲେ ଯୋ ତୁମ୍ଭେ ଧୂମ୍ରଲୋଚନକୁ ଭକ୍ଷ ॥

Digitized by srujanika@gmail.com

ସୂର୍ଯ୍ୟକେତୁ ବିମାନ ଶୋଭା ଚିକଣ ଭୁବତ ।
ମୈଷାସୁର ରାଜା ଅଛେ ଥିବ ଏକାମାତ୍ର ॥
ଦେବମାନେ ତୁମ୍ଭେ ସର୍ବେ ମିଳି ଯୁଦ୍ଧକର ।
ଧୂମ୍ରଲୋଚନର ଯୁଦ୍ଧ ହେଲା ଅଗୋଚର ।
କାଳୋଞ୍ଚ ବୋଇଲନ୍ତି ତାଙ୍କୁ ଭୁବନେଶ୍ୱରୀ ।
ଧୂମ୍ରଲୋଚନଙ୍କୁ ମୁଣ୍ଡ ଗିଳିବ ଏକ୍ଷଣି ॥
ଲମ୍ବୋଦରୀ ବୋଇଲେକ ଚିକଣ ମୁଁ ରଥ ।
ପ୍ରତିଜ୍ଞା କରିଣ ସେହୁ ଧାଇଁଲେ ତୁରତ ॥
ଦେବୀ ଦେଖି ଧାମନ୍ତେଣ ମୈଷା ବନ୍ଧେ ଶର ।
ସମସ୍ତ ଶର ପଡିଲେ ଦେବୀଙ୍କ ଗୁଣ୍ଡର ॥
ଦେବୀମାନଙ୍କୁ ସେ ଦେଖି ନ କରନ୍ତି ହିତ ।
ଡାକିନୀ ଧୂମ୍ରଲୋଚନେ ଗିଳଇ ତତ୍ପତ ॥
ଭୁବନେଶ୍ୱରୀ ଚିହ୍ନିଦେଲା ସୂର୍ଯ୍ୟକେତୁ ଯାନ ।
ଭୟେ ମୈଷାସୁର ତହୁଁ ହେଲା ଅନ୍ତର୍ଦ୍ଧାନ ॥
ଦୁର୍ଗାଦେବୀ ଅଗେ ଯାଇଁ କହିଲେ ଡାକିନୀ ।
ମୈଷାସୁର ପଳାଇଲା ଛାଡନଙ୍କୁ ଯେନ ॥
ଭୟରେ ମହିଷାସୁର ହେଲା ଅନ୍ତର୍ଦ୍ଧାନ ।
ଅକାଶେ ଦେଖନ୍ତି ସର୍ବ ଦେବଗଣମାନ ॥
ଉଦୟତ୍ତୁ ସେନ ଖୁନ୍ଦିଦେଲେ ଦେବୀ ଦୁର୍ଗେ ।
ମହିଷାସୁର ରହିଛ ଯାଇଁ ଶୂନ୍ୟମାର୍ଗେ ॥
ସେତେବେ ବିମାନ ଚେଷ୍ଟା କଲେ ମହାମାୟୀ ।
କେଶରୀ ପିଠିରେ ବେଗେ ବସିକଲେ ଯାଇଁ ॥
ଅକାଶରେ ଉଡିଯାଏ ସେ କେଶରୀ ବଳୀ ।
ମହିଷାସୁର ସମ୍ମୁଖରେ ଶୀଘ୍ର ଯାଇ ମିଳି ॥
ଦେଖିଣ କୋପାନଳ ଯେ ମହାଦାସ ନାଡ ।
କୋପରେ ପେଷିଦେଲା ଶତଧାର ଶକ୍ତି ॥
ଦେଖି ଅମୋଘ ଶରକୁ ପେଷି ମହାମାୟେ ।
ବେକଶର ପଡ ତାଳେ ହେଲେ ଅନ୍ତର୍ଦ୍ଧାୟେ ॥
କୋପରେ ଗର୍ଜଇ ଘନ ଘନ ମହାବଳୀ ।
ଧାଇଁଣ ବାନ୍ଧିଲା ପୁଣି ଶର ଅର୍ଦ୍ଧାବଳି ॥
ଦୁର୍ଗାଦେବୀ ମାରିଲେକ ବଜ୍ର ମୁଦ୍ଗର ।
ବେଢ଼ଶସ୍ତ୍ର ପଡ଼ିତାଳେ ହେଲେ ଶତଚୁର ॥
ଅସ୍ତ୍ରେ ସ୍ତ୍ରେ ପେଷିଲା ପୁଣି ଦୈତ୍ୟମଣି ।
ରୁଦ୍ରଶର ପେଷି ହାଣିଦେଲେ ଗୋସାମଣୀ ॥
କ୍ରୋଧେ ମୈଷାସୁର କାଳଚକ୍ର ଯେ ପେଷିଲା ।
ଛତ୍ରାଶ ଖଣ୍ଡେ ତା ଦୁର୍ଗାଦେବୀ ହାଣିଲା ॥

ପୁଣ କୋଟିଏକ ବାଣ ବନ୍ଧ ଦୁର୍ଗାଦେବୀ ।
ଢନ୍ଦକା ପାତ ହୋଇଲ ସର୍ବ ଦିବ ଲୁବ ॥
ସ୍ୱର୍ଗ ନେତ୍ର ହାତେ ପଳାଇଲେ ଦେବଗଣ ।
ବାଣ ଚଳେ କିବା କୋଟି ସୂର୍ଯ୍ୟର କିରଣ ॥
ଦେଖିଣ ମହିଷାସୁର ପ୍ରତିଶର କଲା ।
ଶତଷଠି ବାଣରେ ତା ଛିଣ୍ଡାଇଣ ଦେଲା ॥
ଅନ୍ତକ୍ଷଣେରେ ନାଗର ପେଷଇ ମହିଷା ।
ଦୁର୍ଗାଙ୍କୁ ଜିଣିବ ବୋଲି କରିଛି ଭରସା ॥
ଦୁର୍ଗାଦେବୀ ଯେତେ ଶର କଲେକ ପ୍ରହାର ।
କେହି ନ ବାଜଇ ପୁଣି ମହିଷା ହୃଦର ॥
କୋପେ ଦୁର୍ଗାଦେବୀ ପୁଣ ଲକ୍ଷେବାଣ ଧରି ।
ମୈଷାସୁର ଶିର ଛେଦ ବୋଲିଣ ପ୍ରହାରି ॥
ବେନି ଭୁଜକୁ ଯେ କୋଟି୬ ଶର ପେଷି ।
ବ୍ରହ୍ମଶର ପୁଣ କଲେ ପାଦ ଛେଦ ଭ୍ରଷି ॥
ଦେଖିଣ ମହିଷାସୁର ପ୍ରତିଅସ୍ତ୍ର କଲା ।
ସବୁ ନାଗରମାନଙ୍କୁ ଛେଦ ପକାଇଲା ॥
ଧାଇକାରେ ଦେବୀ ଅର୍ଦ୍ଧଚନ୍ଦ୍ର ବାଣ ପେଷି ।
ମୈଷାସୁର ଧନୁକୋଣ ପକାଇଲେ କାଟି ॥
ପୁଣ ବାରୁଣୀ ଶରକୁ ପେଷି ଗୋସାମଣୀ ।
ମହିଷା ଗଦା ଶୁଳକ ପକାଇଲେ ହାଣି ॥
ଭଗ୍ନ ହୋଇଣ ବସ କପିଳ ଫିହବଳା ।
ମହାମନ୍ତ୍ର ମହିଷିଏ ହେଲା ଅନର୍ଗଳା ॥
ସୁର ଚରଣେ ପୂରିଲା ଜମ୍ବୁଦ୍ୱୀପ ପୃଥ୍ୱୀ ।
ଚିରକଣ୍ଠି ସୋଷିଲା ତା ପୁର ବାରଧିଙ୍କ ॥
ଦିଗ ଦକ୍ଷିଣ ପୂର୍ବ ଯେ ପଶ୍ଚିମ ଉତ୍ତର ।
ଏଷ୍ଣୁପୁଣ୍ଡି ହୋଇଲା ଯେ ମହିଷା ଶରୀର ॥
ସ୍ୱର୍ଗମର୍ତ୍ତ୍ୟ ବେଢ଼ପୁର ଏକା ତା ଶରୀର ।
ମହାବିଶ୍ୱରୂପ ଧରିଅଛି ସେ ଅସୁର ॥
ଚନ୍ଦ୍ରବତ୍ ଅଇରଣ ମୈଷାସୁର କାୟେ ।
ପ୍ରତ୍ୟକ୍ଷେ ଦଶଇ ସେହୁ ଉଦେଗିରିପ୍ରାୟେ ॥
ଫିହବେ ହାଣିବାକୁ ସେ ଲୋକଙ୍କ ଚୌକତ ।
ଚଳମଣ୍ଡାପର ତାକୁ ଦଶେ ବସୁମତୀ ।
ମୈଷାସୁର ରୂପ ଦେଖି ଦୁର୍ଗାଦେବୀ ବୋଲେ ।
ଏ ଅଳ୍ପ ନୋହିବ ଏବେ ନାହିଁତ ଦେଖିଲେ ॥
ଦଶଶତ ଭୁଜେ ଦେବୀ ଧରିଲେକ ଧନୁ ।
ନାରାଚ ଶରଣ ସେ ବନ୍ଧିଲେ ସଘନୁ ॥

Digitized by srujanika@gmail.com

ମହା ବିଶ୍ୱରୂପ ପ୍ରକାଶିଲେ ମହାମାୟେ ।
ମୈଷାସୁର ଉପରକୁ ଶର ବୃଷ୍ଟି ହୁଏ ॥
ଅନୁକ୍ଷଣେ ଶର ତହିଁ କଲେ ଦେବୀ ବୃଷ୍ଟି ।
ମହିଷାସୁର ଶରୀରେ ପଡ଼ି ଗୁଣ୍ଡା ଉଠି ॥
ଦେବଗଣର ମାନ ପୁଣି ଦୁର୍ଗାଦେବୀ କଟିଲ ।
ମହିଷାସୁର ଶରୀରେ ତିଳେ ନ ଭେଦିଲେ ॥
ଖଣ୍ଡ ଖଣ୍ଡ ମହାମାୟେ ହୋଇଲେ ବିମୁଖ ।
ଲକ୍ଷ ଦେହେ ନ ଭେଦିଲ ତୀକ୍ଷ୍ଣଶର ଯାକ ॥
ଏକଧନୁକରେ ଲକ୍ଷେ କୋଟି ଶର ବନ୍ଧ ।
ପଞ୍ଚ ଧନୁରେ ଦିବ୍ୟାସ୍ତ୍ର ଶର ସନ୍ଧ ॥
ମେରୁଗିରି ପ୍ରାୟେ ଦୈତ୍ୟ ନିଷ୍ଟଳେ ରହିଛି ।
କେତେଁ ବେଳ କୋପଦ୍ଧରେ କାୟା ବଢ଼ାଉଛି ॥
କୋପେ ଯୋଗାମଣୀ ପୁଣ ଦିବ୍ୟ ଅସ୍ତ୍ର କଲେ ।
ନାଗପାଶ ବାଣ ମନ୍ତ୍ର ପଢ଼ିଣ ପେଷିଲେ ॥
ଅଇଲେ ଯେ ନାଗ ମହା ବିଶ୍ୱରୂପ ଧରି ।
ଫୁତ୍କାର ଗର୍ଜନରେ ବିଷ ବୃଷ୍ଟି କରି ॥
ଜଗତ ଆକୁଳ ହେଲ ଦେଖି ମୈଷାସୁର ।
ଫିହ ମାର ନ ଷକଲା ସେ ଅକ୍ଷୟ ଶର ॥
ପୁଣ ସୁଦର୍ଶନ ଚକ୍ର ଧରି ମହାମାୟୀ ।
ମୈଷାସୁର ଶିରଚ୍ଛେଦ ବୋଲିଣ ପେଷିଲ ॥
କୋଟିଏ ସୂର୍ଯ୍ୟର ତେଜ ଯେଉଁ ମହାଚକ୍ର ।
ମୈଷାସୁର କଣ୍ଠେ ପଡ଼ି ହୋଇଲା ସେ ବକ୍ର ॥
ପୁଣ ଦେବୀ ନାରାୟଣ ଶର କରେ ଧରି ।
ଧନୁର୍ବେଦ ପଢ଼ି ଗୁଣେ ବସାଇ ଓଁକାର ॥
ହୁଛୁଙ୍କାରେ ମନ୍ତ୍ର ପଢ଼ି ତେଡ଼େ ବଡ଼ ଶର ।
ସପ୍ତସିନ୍ଧୁ ଦଶେ ଜଳନ୍ଦନ ପରକାର ॥
ଶୂନ୍ୟେ ବହିଲା ପୁରୁଷେ ରହି ନ ପାରିଲେ ।
ଆଜ କି ପ୍ରଳୟ ହେବ ଏହା ବଗୁରିଲେ ॥
ତନ୍ତବେଳ ଉଚ୍ଛୁଟଣ ଛାଡ଼ିଲେ ସେ ଶର ।
କୋଟିଏ ନିର୍ଘାତ ପରି କଲା ଶବ୍ଦ ଘୋର ॥
ମୈଷାସୁର ବକ୍ଷସ୍ଥଳେ ଯାଇଣ ପଡ଼ିଲା ।
ତେଡ଼େ ଶର ନ ଭେଦିଣ ବାହୁଡ଼ ଅଇଲା ॥
ପୁଣ ପର୍ବତ ପରଶୁ କୋଟିଏ ପେଷିଲେ ।
ମୈଷାସୁର ଅଙ୍ଗେ ସେ ଯେ ଭେଦ ନ ପାରିଲେ ।
ଯେତେ ଦେବଗଣର ଶସ୍ତ୍ରଲେଖ କାତ୍ୟାୟନୀ ।
ମୈଷାସୁର ଶିରେ ପଡ଼ି ସର୍ବେ ହେଲେ ହାନି ॥
ମହିଷାସୁରର ଦେହ ଅଭେଦ୍ୟ ତ ଜାଣ ।
ଦେବଶାସ୍ତ୍ରମାନ ପଡ଼ି ହେଉଛନ୍ତି ଚୂର୍ଣ୍ଣ ॥
ନାସ୍ତିକୁ ଭୟ ସେ ନ କରେ ମୈଷା ସ୍ୱୟେ ।
ଦୁର୍ଗା ଛମୁରେ ଦ୍ୱିଗୁଣ ପ୍ରତାପ ଦେଖାଏ ॥
ମୁଖନାଦ କରଇ ସେ ଧାଇଁ ଅତି ବେଗେ ।
ଦୁର୍ଗା ବାହନ ସିଂହକୁ ପ୍ରହାରିଲା ଶିଙ୍ଗେ ॥
ତାହା ଦେଖିଣ ଗର୍ଜଇ ସିଂହ ମହାବଳ ।
ଦୁର୍ଗା ବୋଇଲେ ରେ ବାଡ଼ର ସମ୍ଭାଳ ସମ୍ଭାଳ ॥
ମୁହିଁ ହାଦେ ବ୍ରତ କରିଅଛି ରେ ଅଗସ୍ତେ ।
ମୈଷାକୁ ମାରିବ ମୁହିଁ ତୋର ଓଦାଉ ଦାନ୍ତେଁ ॥
ଦୁର୍ଗାର ବଚନ ଶୁଣି ଶାନ୍ତ ସେ କେଶରୀ ।
ପୁଣ ପୁଣ ମୈଷାସୁର ଶରୀର ବିସ୍ତାରି ॥
କୋପେ ଦୁର୍ଗାଦେବୀ ଲୋହସାର ଗଦା ଘେନି ।
ମହିଷାସୁର ଉପରେ ପ୍ରହାରିଲେ ପୁଣି ॥
ବୁଲାଇଣ ମହାମାୟେ ପ୍ରହାରିଲେ ଛର ।
କୋଟିବଜ୍ର ଟେକଲ ଭି ମହିଷା ଉପର ।
ବେନି ଗଦା ମୈଷା ବକ୍ଷସ୍ଥଳରେ ପଡ଼ିଲା ।
ତେଡ଼େବଡ଼ ଗଦା ବାଜି ଧୂଳ ହୋଇଗଲା ॥
ଅନବେଳେ ଶିରେ ପ୍ରହାରିଲେ ଗଦା ବେନି ।
ରଣଝଣ ଶବଦ ଯେ ଉଠିଲା ବହନି ॥
ଲୁହାର ଗଦା ଘନ୍ତିଁ ହେଲା ଭସ୍ମସାତ ।
ତ୍ରିଶୂଳ ଧରି ମାରିଲେ ପୁଣି ଜଗନ୍ମାତ ॥
ନିର୍ଭୟ ଦାନବ ଖାରୁ କୋପେ ଧାଇଁଅଛି ।
ଶୂଳ ଶସ୍ତ୍ର ପଡ଼ି ତାର ନୋହିଲା ସେ କଛି ॥
ପୁଣ ଦୁର୍ଗା ପେଷିଲେ ଯେ ବଜ୍ର ମୁଦୁଗର ।
ମହିଷାସୁରର ଶିରେ ପଡ଼ି ହେଲା ଚୂର ॥
କୋପେ ଦେବୀ ବୁଲାଇଲେ ଗଦା ସୂର୍ଯ୍ୟାବଳୀ ।
ମହିଷାସୁର ଉପରେ ପ୍ରହାରିଲେ ତୋଳି ॥
ସେ ଶସ୍ତ୍ରରେ ନାଶଗଲା ମସ୍ତାନେ ଦୈତ୍ୟ ।
ସେ ଗଦା ବିନାଶ ହେଲା ମୈଷାସୁର ମାଥ ॥
ପୁଣ ପ୍ରହାରିଲେ ଜାଠାମ୍ବର ଯେ ପରଘ ।
ସେହି ପଡ଼ି ଚୂର୍ଣ୍ଣ ହେଲା ମୈଷାସୁର ଶୃଙ୍ଗ ॥
ଶସ୍ତ୍ର ଭିନ୍ଦିଲେ ନ ଫୁଟେ ପୁଣି ତାର କାୟେ ।
ସମସ୍ତ ଦେବଙ୍କ ଶସ୍ତ୍ରମାନ ହେଲେ କ୍ଷୟେ ॥
ଶସ୍ତ୍ର ପଡନ୍ତେଣ ମୈଷା ପାତଲ କପାଳ ।
କେତେଁ ତାର ତେଜ ହେଉଛି ପ୍ରବଳ ॥

Digitized by srujanika@gmail.com

ତାହା ଦେଖି କୋପେ ଜଗଜ୍ଜନନୀ ଧାଇଁଲେ ।
ପରଶୁ କୁଠାର ତୋଳି ବେଗେ ସେ ମାରିଲେ ॥
କରବାଳ ସହିତାକ ମହିଷାର କନ୍ଧେ ।
ବେଦଖଣ୍ଡ ହୋଇଣ ସେ ପଡ଼ିଲ ଭୂମି ମଧ୍ୟେ ॥
ପଡ଼ିଲା ବେଳମନ୍ଦର ଗିରିପ୍ରାୟେ ହୋଇ ।
ଅସୁର ରଡ଼ ଶବ୍ଦରେ ବ୍ରହ୍ମାଣ୍ଡ କମ୍ପଇ ॥
ଦେଖିଣ ଆନନ୍ଦ ହେଲେ ସର୍ବ ବୃନ୍ଦାରକେ ।
ସାଧୁ ସାଧୁ ଶବଦ ଯେ ଶୁଭେ ତିନଲୋକେ ॥
ଆକାଶରୁ ଦେବତାଏ କଲେ ହେମ ବୃଷ୍ଟି ।
ବାହୁ ସିଦ୍ଧ କଲେ ସେହୁ ଖଣ୍ଡିଲେ ଅରିଷ୍ଟି ॥
ଶୁଣ ପରୀକ୍ଷିତ ରଜା ଅପୂର୍ବ କାହାଣୀ ।
ମହିଷାସୁରର ଶିର ଛେଦ ଗୋସାମଣୀ ॥
ଦେବତଙ୍କ ଅଗୋଚର ସେ ଅସୁର ମାୟା ।
ଗର୍ଭ ଭିତରୁ ବାହାର କଲା ନିଜ କାୟା ॥
ବାଳାର୍କ ପ୍ରାୟେ ମହିଷାସୁର ନିଜମୂର୍ତ୍ତି ।
ବାମକରେ ପରଶେକ ଡାହାଣରେ କାତି ॥
ନିଜରୂପ ପ୍ରକାଶିଲା ଦୈତ୍ୟ ଯନ୍ତ୍ରଁ ହାଦେ ।
ବେଗେ ତ୍ରିଶୂଳ ଧରିଣ ମାରି ଦେବୀ ହୃଦେ ॥
ଶୂଳ ତା ହୃଦେ ମାଡ଼ିଲେ ଦେବୀ ମହାବଳେ ।
ସ୍ୱରୂପ ପ୍ରକାଶିଣ ବସି ବକ୍ଷସ୍ଥଳେ ॥
ମହିଷାସୁରର ପୃଷ୍ଠେ ବାମପାଦ ଦେଇ ।
ଦକ୍ଷ ଚରଣ ମାଡ଼ିଲେ ବକ୍ଷସ୍ଥଳେ ନେଇ ॥
ଅକ୍ଷୋଣି ଶୂଳ ମାଡ଼ିଲେ ସହସ୍ରେକ ଭୁଜେ ।
ତଥାପିହିଁ ନ ରହିଲ ସେ ଦୁଷ୍ଟ ଦନୁଜେ ॥
ମହିଷାସୁର ଦାନବ ଛାଡ଼ୁଅଛି ତଳ ।
ସମସ୍ତ ବନ କନ୍ଦର ହେଉଅଛି ଧୂଳ ॥
କୃଷ୍ଣଳ ଚକ୍ର ପରାୟେ ହୋଇ ସେ ଭ୍ରମଇ ।
ନିଶ୍ୱାସରେ ସହସ୍ରେକ ଯୋଜନ ଗମଇ ॥
ଭ୍ରୁକୁଟି ମୁଖେ ଡାକଦେଲେ ଦେବୀ ଗୋସାମଣୀ ।
ଅଲେ କାଳିକା ବାସେଳୀ ରୁଦ୍ରା ନାରାୟଣୀ ॥
ଦୁର୍ଗା ବଦନରେ ନବକୋଟି କାତ୍ୟାୟନୀ ।
ଛପନ କୋଟି ପିଶାଚୀ ଚଉଷଠି ଯୋଗିନୀ ॥
ନବକୋଟି ଘୋଟଣ୍ଡା ଯେ ବିଅର୍ବୁଦ ଚଣ୍ଡୀ ।
ଚୌଦକୋଟି ଡାକିନୀ ଛପନ୍କୋଟି ଚାମୁଣ୍ଡୀ ॥
ଉଗ୍ରତାରା ଶମଚଣ୍ଡୀ ତ୍ରିପୁରା କୁଠାରୀ ।
ସୋଳକମା ମାତ୍ରକନ୍ୟା ହିମେ ମାହେଶ୍ୱରୀ ॥

ମହା ଚଣ୍ଡରୂପ ପ୍ରକାଶଇ ମହାଘୋର ।
ଧୂଳିକର ହେଲା ଖୁରାଘାତେ ଗିରିବର ॥
ମହା ମହା ପରବତମାନେ ଯେତେ ଥିଲେ ।
ମୈଷାସୁର ପାଦ ବାଜି ଚୂର୍ଣ୍ଣ ହୋଇଗଲେ ॥
ବ୍ରହ୍ମଲୋକ ପରଯନ୍ତେ ଶୃଙ୍ଗ ବଢ଼ାଇଲା ।
ଦେବତାଙ୍କୁ ମାରିବାକୁ ମୁଖ ରୁଲାଇଲା ॥
ଅନ୍ତୁଲେ ଦେବତାଗଣେ ନ ପାରନ୍ତି ରହି ।
ଡାକନ୍ତି ହେ ଦୁର୍ଗାଦେବୀ କର ଏଥୁଁ ତାହି ॥
ମାର ଦିବ୍ୟବାଣ ମରୁ ଅସୁର ଚଣ୍ଡାଳ ।
ନିମିଷକେ ନାଶିବ ଏ ଅମର ମଣ୍ଡଳ ॥
ଦେବତାଙ୍କର ବଚନ ଶୁଣି ଗୋସାମଣୀ ।
ଲକ୍ଷକର ଉଦ୍ଧେ ଶର ପେଷିଲେ ତକ୍ଷଣି ॥
ମୈଷାସୁର ଅଙ୍ଗେ ବାଜି ଧୂଳ ହୋଇଗଲେ ।
ଦେଖି ଜଗତଜନନୀ ମହାକୋପ କଲେ ॥
ଦେଖି ମାଏ ଦେବତାଙ୍କ ଅତ୍ୟନ୍ତ ବିକଳ ।
କୋଦଣ୍ଡରେ ବସାଇଲେ ଶର ମହାକାଳ ॥
ଗୁଣରୁ ଛୁଡ଼ନ୍ତେ ତାକୁ ଜଗତ ଛନ ଛନ ।
କି ଅବା ସୃଷ୍ଟି ପ୍ରଳୟ ହେବ ଅଘଟନ ॥
ଦେବତାଏ ଭୟେ ଶୂନ୍ୟପୁରୁ ପଳାଇଲେ ।
ସେ ରୁଦ୍ରଶର ପ୍ରତାପେ ରହି ନ ପାରିଲେ ॥
ସେ ଶରକୁ ଥକ୍କି ତନ୍ତୁଁ ଦେଲେ ଗୋସାମଣୀ ।
ମହିଷାସୁରର କନ୍ଧ ପଛାଅରୁ ହାଣି ॥
ଅପାଲଟକ ଶର ସେ ଜଗତେ ଅଟଇ ।
ଯାକୁ ପେଷିବ ତା ଶିର କମଳ କଟଇ ॥
ମନ୍ଦର ଗିରି ସମାନେ ମୈଷାସୁର କାୟେ ।
ମହାକାଳ ବାଣ ହେଲା ମେରୁଗିରି ପ୍ରାୟେ ॥
କରେ ତାର ବଜ୍ର ନବନିଶି ଯେ କୁଠାର ।
ଶିହୁତ ତାହାକୁ ବ୍ରହ୍ମା ବିଷ୍ଣୁ ମହେଶ୍ୱର ॥
ପ୍ରଳୟାନ୍ତକ ଶର ସେ କଳ୍କି ଅବତାର ।
ସବୁକାଳେ ନାଶ କରେ ପୃଥ୍ୱୀ ମହାଭାର ।
ହେ ପରୀକ୍ଷ ଦୁର୍ଗା ପେଷୁଁ ଶର ମହାକାଳ ।
ମୈଷା ଉପରକୁ ଗଲା ଘେନି କରବାଳ ॥
ତାର ଘୋର ରୂପ ଦେଖି ଧାଇଁଲା ମହିଷା ।
ବେନିଶୃଙ୍ଗ ମରଇ ନ ରଖି ଜୀବ ଆଶା ॥
ପୁଣି ପୁଚ୍ଛ ଶୃଙ୍ଗ ମାରଇକ ମହାବଳୀ ।
ବାଣକୁ ଧରିଲା ଯାଇଁ ମୈଷାସୁର ତୋଳି ॥

Digitized by srujanika@gmail.com

ଭଗ୍ୟବଶ୍ୱ ସ୍ୱମାମୂଣୀ ବଜ୍ରାମୂଣୀ ଦେବୀ ।
ଗଙ୍ଗାଧରୀ ମହାଶ୍ୱାମା କପାଳୀ ଭୈରବୀ ॥
କାଳୀ କଙ୍କାଳୀ ବେତାଳୀ ଲମ୍ବୋଦରୀ ସବୀ ।
ତାଡକା ଲୁଅଣୁଣୀ ଏ ହିଙ୍ଗୁଳାଦ୍ୱାର ଦେବୀ ॥
ଅଠର ମେଞ୍ଚ ଚଣ୍ଡୀ ଦେବୀ ଅଶୀ କୋଟି ।
ମହା ମହିଷ ଉପରେ ଏମନ୍ତେ ଉଠି ॥
ନବକୋଟି କାତ୍ୟାୟନୀ ମହାକୋପାନଳେ ।
ମାଡଣ ବସିଲେ ମୈଷାସୁର ବକ୍ଷସ୍ଥଳେ ॥
ଚୌଷଠି ଯୋଗିନୀ ଧରିଲେକ ଶୂଳ ଚାପି ।
ଦେବୀ ଭୁଜେ ମାଡିଲେକ ଖଣ୍ଡ କାମରୂପୀ ॥
ସପ୍ତପଦ୍ମ ଦେବୀ ମାଡ ବସିଲେକ ଜାନୁ ।
ସାତପଦ୍ମ ଶୋଣେହା ଯେ ଚାପି ତାର ତନୁ ॥
ଗୃହପାଦ ଧରିଲେକ ଛପନ କୋଟି ଦେବୀ ।
ଶିର ମାଡ଼ି ବସି ଚଉଷଠି ଭଇରବୀ ॥
ତେରକୋଟି ବ୍ୟାଘ୍ର ତର ପୃଷ୍ଠ ମାଂସ ଭକ୍ଷି ।
ଫିଙ୍ଗ ଯାଇଁ ଧଇଲେକ ତାର ବେଗେ କୁକ୍ଷି ॥
ତକ୍ଷକ ନାଗ ବେଢ଼ିଲା ପୁଣ ଖଟତ ପୁର ।
ବେନ ପାଦ ଧରିଲା ସେ ନାସିକା ଉପର ॥
ବସ୍ତ୍ରରୂପ ଧରି ସର୍ବେ ମହିଷାକୁ ଚାପି ।
ଜଗତେ ମହିଷାସୁର ଅଟେ କାମରୂପୀ ॥
କୋପରେ ମହିଷାସୁର ଦେହ ଦେଲା ଝାଡ଼ି ।
ବିଘାତ ହୋଇ ଦେବୀଏ ବହୁ ଦୂରେ ପଡ଼ି ॥
ଜମ୍ବୁଦ୍ୱୀପରେ ପଡ଼ିଲେ ଛପନ କୋଟି ଦେବୀ ।
ଚନ୍ଦ୍ରଦ୍ୱୀପେ ପଡ଼ି ଚୌଦକୋଟି ଭଇରବୀ ॥
କୁଶଦ୍ୱୀପରେ ପଡ଼ିଲେ ନବକୋଟି ଚଣ୍ଡୀ ।
ତନସାଗର ଗୃମଣ୍ଡା କ୍ରୌଞ୍ଚ ଦ୍ୱୀପେ ମଣ୍ଡି ॥
ସିଂହଳ ଦ୍ୱୀପରେ ଖଟେପଦ୍ମ ପିଙ୍ଗୁଳୁଣୀ ।
ପାସଦ୍ୱୀପରେ ପଡ଼ିଲେ କୋଟି ଗୋସାମଣୀ ॥
ଶାକଲ୍ୟ ଦ୍ୱୀପରେ ନବକୋଟି କାତ୍ୟାୟନୀ ।
ପଦ୍ମକ ଡାକଣୀ କୁଲେ ଚଉଷଠି ଯୋଗିନୀ ॥
ଗ୍ରାମେ ପର୍ବତେ ବନରେ ପଡ଼ିଲେ ଯେ ସ୍ଥାନେ ।
ଉଠି ନ ପାରିଲେ ବ୍ୟଥା ପାଇ ଦେବୀମାନେ ॥
କେଷ୍ଟୀ କାଣୀ କୁବୁଜା କେ ହୋଇଲେ ଯେ କେମା ।
ହସ୍ତ ପଞ୍ଜର ଭଙ୍ଗନ୍ତେ ହୋଇଲେ ବିରୂପା ॥
ଯେ ଯହିଁ ପଡ଼ିଲେ ସେହ ରହିଲେ ସେଠାଇଁ ।
ଦୁର୍ଗାଦେବୀ ବୋଇଲେକ ଡାକେଶ୍ୱରୀ ସଇ ॥

ଦେବୀ ପଡ଼ିଲେ ଲୋ କାହିଁ ଛପାତ ଯେ ହୋଇ
ପିଣ୍ଡରୂପେ ପୂଜା ପାଉଥାନ୍ତୁ ସେହିଠାଇଁ ॥
ପାଷାଣ ହୋଇ ତାଙ୍କର ବାକ୍ୟ ହେଉ ସିଦ୍ଧି ।
କାଷ୍ଠ ପାଷାଣ ମୃତ୍ତିକା ତିପ୍ରକାର ବିଧି ॥
ଦୁର୍ଗାର ବଚନେ ଡାକେଶ୍ୱରୀ ଡାକଦେଲା ।
ହେ ଦେବ ଏ ଚରଣାର୍ଦ୍ଧ ଭୂମିର ଭଜନ ॥
ଜଗତ ଜନମାଙ୍କର ଅଜ୍ଞା ପରିମାଣେ ।
ଯେ ଯହିଁ ପଡ଼ିଲ ପୂଜା ପାଅ ସେହ ସ୍ଥାନେ ॥
ଶୁକମୁନି ବୋଲେ ଶୁଣ ପରୀକ୍ଷିତ ରାଜା ।
ସମସ୍ତେ ପାଷାଣ ରୂପେ ପାଇଲେକ ପୂଜା ॥
ଦେବୀମାନେ ଯନ୍ତ୍ର ଉଡଗଲ ସେ ଗଗନେ ।
ଫିଙ୍ଗିକୁ ଦେଖଣ ଦେବୀ ରହିଲେକ ଶୂନ୍ୟେ ॥
ତିଶୂଳ ମାଡ଼ଣ ରହିଛନ୍ତି କାତ୍ୟାୟନୀ ।
ଭ୍ରମେ ମୈଷାସୁର ନବଖଣ୍ଡ ଯେ ମେଦିନୀ ॥
ପୃଥ୍ୱୀର ମଧ୍ୟରେ ସେହୁ ନ ପାରିଲା ରହି ।
କ୍ଷୀର ସମୁଦ୍ର ମଧ୍ୟରେ ହେଲା ଜଳଶାୟୀ ॥
ମହାର୍ଣ୍ଣବ ଜଳେ ଦେବ ଏହାକୁ ମୁଁ ମାଡ଼ି ।
ଅଗାଧ ଜଳରେ ପଡ଼ ମରୁ ଏହୁ ବୁଡ଼ି ।
ଏମନ୍ତ ବିଚାର କଲା ସେ ମହିଷାସୁର ।
ଶୂଳେକ ମାଡିଛ ଅଛେ ମୋହର ହୃଦର ॥
ନ ପାରିଲି ଅବଳାକୁ ମୁହିଁ କେବେ ଜିଣି ।
ଭଲା ବଳ ବହିଅଛି ଅଟେ ଏ ତରୁଣୀ ॥
ଏହାକୁ ଅଗାଧ ଜଳେ ବୁଡ଼ାଇ ମାରିବ ।
ଏଥିରୁ ବଞ୍ଚିଲେ ଦେବତାଙ୍କୁ ନ ରଖିବ ॥
ଏମାନ ଭଅଇଛନ୍ତି ଦେବତାଏ ସିନା ।
ଅଜ ଜାଣିବା ଏହାର ବଳ ସାମର୍ଥ୍ୟ କ ନା ॥
ଏତେ ଭାବ ବୁଡିଲା ସେ ମହାର୍ଣ୍ଣବ ଜଳେ ।
ଶୂଳ ମାଡିଛନ୍ତି ଦେବୀ ତାର ବକ୍ଷସ୍ଥଳେ ॥
ବୁଡ଼ିଗଲା ଅସୁର ଯେ ଅଗାଧ ଜଳରେ ।
ଦୁର୍ଗାଦେବୀ ବୁଡିଗଲେ ତାହାର ସଙ୍ଗରେ ॥
ଲକ୍ଷେତାଳ ଜଳେ ବୁଡ଼ି ଗଲା ସେ ଦଇତ ।
ଦୁର୍ଗାଦେବୀ ତହିଁ ବୁଡ଼ି ହୋଇଲେ ଚକିତ ॥
ବିଚାରନ୍ତି ଏହାକୁତ ନ ପାରିଲି ମାରି ।
ଛାଡ଼ିଦେଲେ ମାରିବ ଏ ବ୍ରହ୍ମା ଆଦି କରି ॥
ଶୂଳ ଛାଡ଼ିଲେ ତ ଅଉ ନ ପାରିବ ଧରି ।
ଜଡ଼ି କାଟିବ ଏହାକୁ କ ଉପାୟ କରି ॥



Digitized by srujanika@gmail.com

ଧନ୍ୟ ଏହାର ଜୀବନ ବିଧାତା ରଚିଲା ।
ଜଳ ଅନଳରେ ଏହା ମରଣ ନୋହିଲା ।
ଘୋର ଗର୍ଜ୍ଜନ କରଇ ଜଳରେ ମହିଷା ।
ଦୁର୍ଗାଦେବୀ ଛାଡ଼ି ଛନ୍ତି ମାରିବା ଭରସା ॥
ଦୁର୍ଗାଙ୍କର ଭାବନାରୁ ଏସନ ସମୟେ ।
ସର୍ବଶୁଭେ ଏକଦେବୀ ଜନମ ଯେ ହୁଏ ॥
କାନ୍ୟକ ବନରେ ରହି ଜଳପାଶ ଘେନ ।
ବିଶ୍ୱରୂପ ପ୍ରକାଶିଲେ ପୂରିଲା ଅବନୀ ॥
ମହିଷାସୁର ହୃଦରେ ଲଗାଇ ଝିଙ୍କିଲେ ।
କ୍ଷଣକେ ଜଳଭିତରୁ କୂଳକୁ ଆଣିଲେ ॥
ମୈଷା ଅଙ୍ଗେ ମାଡ଼ିଛନ୍ତି ଶୂଳ ଦୁର୍ଗା ଦେବୀ ।
ଅସୁର ଗର୍ଜ୍ଜନେ କମ୍ପ ଅଛି ପୃଥିବୀଦେବୀ ॥
ଦୁର୍ଗାଙ୍କ ପାଶରେ ଯାହାନାହିଁ ଆନ କେହି ।
ଏକା ସର୍ବମଙ୍ଗଳା ଯେ ଛନ୍ତି ଉଭା ହୋଇ ॥
ମହିଷା ଯହିଁ ବିନାଶ ନୋହିଲାକ ପୁଣି ।
ଅଦ୍ଭୁତେ ଦେବୀଙ୍କ ପୁଚ୍ଛିଲେକ ଗୋସାମଣୀ ।
ଦେବୀଙ୍କ ମନ ଜାଣି ସେ ଦେଲେକ ସମ୍ବାଦ ।
ମନରେ ମହାମାୟେ ଗୋ ନୁହଇ ବିଷାଦ ॥
ଶୁଣସେ ଗୋ ମାତା ଏବେ ମୈଷାସୁର କଥା ।
ଶିବ ପ୍ରବେଶ ଯୁଗରେ ତୋଷ ବ୍ରହ୍ମବେତ୍ତା ।
ଅଶୀସହସ୍ର ବରଷ କଲା ଘୋର ତପ ।
ଏଥି ବର ଦେଲେ ପିତା ତପ ଅନୁରୂପ ॥
ପୁରୁଷଙ୍କରେ ଅବଧ ମାଗିଲା ଏ ବର ।
ବସ୍ତୁ ସମାନ ନ ହେଲେ କହିଲେ ସତ୍ୱର ॥
ମନ୍ତ୍ରୀ କହିଲା ବୁଝାଇ ଏହାର ଅସର ।
ବସ୍ତୁ ହୋଇବେଟି ସ୍ତ୍ରୀରୂପେ ଅବତାର ॥
ମହିଷା ବୋଇଲା ମନ୍ତ୍ରି କିସ ତୋର ବୁଦ୍ଧି ।
ସ୍ତ୍ରୀ ଛାରକୁ ଭସ୍ମ କରି ବର କି ମାଗିବ ॥
ସ୍ତ୍ରୀ ଛାର ପାମରୀ କିସ ଶକ୍ତି ତାଙ୍କ ହୁଏ ।
ତାହା ଛାରକୁ ମୋହର ପୁଣ କିସ ଭୟେ ॥
ମନ୍ତ୍ରୀ ବୋଲେ ଦେବଙ୍କର ଅଛନ୍ତି ଭୂଷଣ ।
ସ୍ତ୍ରୀ ରୂପରେ ଜନ୍ମ ହୁଏ ଦେବ ନାରାୟଣ ॥
ଏହା ଶୁଣି ମହିଷାକୁ ଲାଗିଲାଟି ଚିନ୍ତା ।
ବ୍ରହ୍ମାଙ୍କୁ ବୋଇଲା ତହିଁ ଦୈତ୍ୟବଳବନ୍ତା ॥
ପିତା ବୋଇଲେ ରେ ମାଗୁ ଅଛୁ ବର ଯାହା ।
ଅଦତ୍ୟ ଅସ୍ତ୍ର ପର୍ଯ୍ୟନ୍ତେ ଦେବ ତୋତେ ତାହା ॥
ସ୍ୱାମି ଯେଉଁ ସ୍ତ୍ରୀ ଯୁବେ ଜଣିବନ୍ତି ମୋତେ ।
ମୁଁ ବଧ ହେବ ତା ଜାନୁ ଯୌବନ ଦେଖନ୍ତେ ॥
ମାଗୋ ଏ ବର ବ୍ରହ୍ମାଙ୍କୁ ମାଗିଅଛି ପୂର୍ବେ ।
ତୁ ତାହାକୁ ବଧ କର ଲୋଡ଼ୁଅଛୁ ଏବେ ॥
ମାଗୋ ତୋର ଭଗମାର୍ଗ ନ ଦେଖଇ ଯେବେ ।
କୋଟିଯୁଗେ ମୈଷାସୁର ନ ମରଇ ତେବେ ॥
ସ୍ୱରୂପ ଗ୍ରହଣ ହେବୁ ତୁ ଉଲଗ୍ନଶାୟୀ ।
ମୈଷା ମୋହ ହେବ ତୋର ଯୌବନକୁ ଚାହିଁ ॥
ଅଦ୍ଭୁତେ କହିଲେ ସେ ଦେବୀ ଏହୁ ବାଣୀ ।
ଦୁର୍ଗା ବିସ୍ମୟ ହୋଇଲେ ତାର ବାକ୍ୟ ଶୁଣି ॥
ବୋଇଲେ ଅମର ନାଗ ଲୋକନ୍ତ ଦେଖନ୍ତେ ।
ଅଗୋ ମୁଁ ଉଲଗ୍ନ ରୂପ ହୋଇବି କେମନ୍ତେ ॥
ଯାହା ଶୁଣି ବୋଇଲେ ଅଦ୍ଭୁତେ ମହାଦେବୀ ।
ଉଲଗ୍ନ ହେଲେ ଦଇତ ହେବ ପରାଭବୀ ॥
ତୁ ଯେବେ ଗୋ ଏ କଥାକୁ କରୁଛୁ ଲଜ୍ଜା ।
ଦେବଙ୍କ ହିଂସା ଛୁଟିଲା ନୋହିବେଟି ରକ୍ଷା ॥
ସତ୍ୟ ତ୍ରେତୟା ଦ୍ୱାପର କଳିର ଏ କଥା ।
ଏମନ୍ତ ନୋହିଲେ ମୈଷା ନମରେ ଗୋ ମାତା ॥
ଏ ସମୟେ ଦେବତାଏ ପ୍ରକାଶିଲେ ବାଣୀ ।
ଯାହା କହିଲେ ଗୋ ସତ୍ୟ ଦୁର୍ଗତିତାରିଣୀ ॥
ଏ କଥାକୁ ମାଗୋ ତୁମ୍ଭେ ନ କଲେ ସମ୍ମତ ।
ନଷ୍ଟେଁ ଚଉଦ ଭୁବନ ଲୋକେ ହେବେ ହତ ॥
ଦେବତାଙ୍କ ବଚନରେ ଦେବୀ ମହାମାୟା ।
ଅଦ୍ଭୁତେ ଦେବୀଙ୍କର ଠାରେ କଲେ ଦୟା ॥
ବୋଇଲେ ମଙ୍ଗଳେ କରୁ ମଙ୍ଗଳ ବଚନ ।
ତୋତେ ଯୋଗେ କଷ୍ଟରୁ ଦେବେ ପାଇଲେ ଗୋ ତ୍ରାଣ
ମୋହର ସଙ୍କଟ ଯେବେ ଫେଡ଼ିଲୁ ଅବଳା ।
ତୋହର ନାମ ଗୋ ହେଉ ଶ୍ରୀ ସର୍ବମଙ୍ଗଳା ॥
ତିନିପୁରମଧ୍ୟେ ତୁହି ପାଅ ଅଗ୍ରପୂଜା ।
ବୃହସ୍ପତି ସମାନେ ତୁ ପଣ୍ଡିତା ହୁଅ ଯା ॥
ବ୍ରହ୍ମ କ୍ଷତ୍ରି ବୈଶ୍ୟ ଶୂଦ୍ର ଅଷ୍ଟାଦଶବର୍ଣ୍ଣେ ।
ତୋତେ ପୂଜାକରନ୍ତୁ ଗୋ ସର୍ବେ ତୋଷମନେ
ଜୟ କତ୍ୟାୟନ ସର୍ବମଙ୍ଗଳା ଗୋ ତୁହି ।
ବପଦଖଣ୍ଡିନୀ ନାମ ତୋହର ଅଟଇ ॥
ସଙ୍କଟତାରିଣୀ ମାଗୋ ଦୟା ତୋର ବୁଦ୍ଧି ।
ଦୁର୍ଗା ଦୁର୍ଗତି ଖଣ୍ଡିଣ କାର୍ଯ୍ୟ କରୁ ସିଦ୍ଧି ॥

Digitized by srujanika@gmail.com

ଜୀବ ଜାତ ବନାଅଛୁ ତୋହର ସେ ଉଦରୁ ।
ସକଳ୍ପ ଚାହିଲୁ ଦୁର୍ଗା ଦେବୀଙ୍କୁ ଜସ୍ତୁ ରୁ ॥
ଏକମନେ ଯେ ଶୁଣଇ ମଙ୍ଗଳାଙ୍କ କଥା ।
ଅପଦମାନ ଖଣ୍ଡଇ ଛୁଟେ ସର୍ବବ୍ୟଥା ॥
ସର୍ବମଙ୍ଗଳା ସ୍ମରନ୍ତେ ବୁଦ୍ଧି ହୁଏ ବୃଦ୍ଧି ।
ସର୍ବମଙ୍ଗଳା ସ୍ମରନ୍ତେ ନାଶ ଯାଇ ବ୍ୟାଧି ॥
ସର୍ବମଙ୍ଗଳା ସ୍ମରନ୍ତେ ବିନାଶ ଉତ୍ପାତ ।
ସର୍ବମଙ୍ଗଳା ସ୍ମରନ୍ତେ ପୁତ୍ର ହୁଏ ଜାତ ॥
ପ୍ରତ୍ୟକ୍ଷ ବର ଦାୟିନୀ ସେହି ମହାଦେବୀ ।
ତାହାର ଚରଣ ଭଜେ ଶ୍ରୀ ସାରଳା କବି ॥
ସର୍ବମଙ୍ଗଳା ଚରଣେ ନିତ୍ୟ ଥାଉ ସେବା ।
ଶୂଦ୍ରମୁନି ଶାରଳାଙ୍କୁ ଗତି ମୁକ୍ତି ଦେବା ॥
ଶୁଣ ପରୀକ୍ଷିତ ତୁ ହୋ ବୋଲି ଶୁକବ୍ରହ୍ମା ।
ମହାଦୁସ୍ଥପଦ ମହିଷା ଅସୁର ମହିମା ॥
ଯେବଣ ବୁଦ୍ଧି କହିଲେ ସେ ସର୍ବମଙ୍ଗଳେ ।
ସେ ବଚନ ଦୁର୍ଗା ଘେନିଛନ୍ତି ହୃଦସ୍ଥଳେ ॥
ସିନ୍ଧୁ ଉତ୍ତର କୂଳକୁ ଅଣି ମହାମାୟୀ ।
ମହିଷା ନ ରହେ ପବନଠାରୁ ବେଗେ ଯାଇ ॥
ମଙ୍ଗଳା ବୋଇଲେ ମାଗୋ ବିଳମ୍ବ ନ କର ।
ଏରୂପ ଛାଡ଼ିଣ ଆନ ରୂପ ଏବେ ଧର ॥
ବିଳମ୍ବ ନ କର ସୃଷ୍ଟି ହେଉଅଛି ନାଶ ।
ବନ ଗିରି ପୃଥ୍ୱୀ ହୁଏ ପାଇ ସୁର ତ୍ରାସ ॥
ଦୁର୍ଗା ବୋଇଲେ ଅକର୍ମ ଅଟେ ଯେଉଁ କଥା ।
କାହିଁ ଦେଖାଇବ ନେଇ ଦେଖିବେ ଦେବତା ॥
ନ ମରୁ ପଛକେ ଏହି ଦନୁଜ ଚଣ୍ଡାଳ ।
ନ ଥାନ୍ତୁ କି ନା ଲୋ ଦେବେ ଗଗନମଣ୍ଡଳ
ନ ଥାଉ କି ନା ଲୋ ଏହି ନବଦ୍ୱୀପା ପୃଥ୍ୱୀ ।
ତ୍ରୈଲୋକ୍ୟେ କି ଦୁଷିତା ମୁଁ ହେବି ମହାମତି ॥
ଏସନ ନିଷ୍ଠୁର ବାଣୀ ଦୁର୍ଗାଙ୍କର ଶୁଣି ।
ସ୍ୱର୍ଗେ ଦେବେ ଡାକ ଦ୍ୟନ୍ତି ରଖ ଗୋସାମଣି ॥
ମଙ୍ଗଳା ବୋଇଲେ ନାହିଁ ନ କଲୁ ଅସନ୍ତି ।
ଦେବତାଏ ହୋଇଥାନ୍ତେ ନିସ୍ୱର୍ଗ ବେଳନ୍ତି ।
ଜନ୍ମ ହୋଇ ବିନାଶିଲୁ ସହସ୍ରେକ ଭୁଜ ।
ଦେବେ ଦେଲେ ସନ୍ତ୍ରସ୍ତ ଶଦସ୍ଥ ନାଗଜ ॥
ପ୍ରତିଷ୍ଠାହ କଲ ତାହ ଦେବତାଙ୍କ ତନ୍ତ୍ରୁଁ ।
ମହତଙ୍କର ବଚନ ଅନ୍ୟ ହେବ କାହିଁ ॥

ନଷ୍ଟଜନ୍ତ୍ର ଦେବେବରହିଲେ ସ୍ୱର୍ଗେ ତୋ ଅଭୟଦେ ।
ପୁଣ ସ୍ଥାନଭ୍ରଷ୍ଟ ହେବେ କହ କେଉଁ ଦୋଷେ ॥
ପୂର୍ବ ଛାଡ଼ି ପଶ୍ଚିମରେ ଉଦେ ଦିନକର ।
ଦକ୍ଷିଣ ଛାଡ଼ିଣ ସିନ୍ଧୁ ମାଡ଼ିବ ଉତ୍ତର ॥
ପର୍ବତ ଉପରେ ଯେବେ ଫୁଟିବ ନଳିନୀ ।
ତେବେ ଆନ ନୋହଇଟି ମହତଙ୍କ ବାଣୀ ॥
ଅନେକ କଷ୍ଟାଳ ଯନ୍ତ୍ରୁଁ କଲେକ ଦଇତେ ।
ତେଣୁ ମହତନ୍ତେ ଲଗେ ଆଶଙ୍କଳେ ତୋତେ ॥
ଛାଡ଼ି ମନୁ ଭ୍ରାନ୍ତି ଖଣ୍ଡ ଦେବଙ୍କ ଅପଦ ।
ଏତେ ବୋଲି ନମିଲେକ ସର୍ବେ ପଦ୍ମପାଦ ॥
କ୍ଷଣ କାଳ ବିଶ୍ରାମ ନ କରେ ଯାତ୍ରୁଯାନ ।
ପଞ୍ଚସପ୍ତ ଯୋଜନ ତ ସେ କାମ୍ୟକ ବନ ॥
ତହିଁ ପରବେଶ ଯାଇଁ କ୍ଷଣକେ ହୋଇଲା ।
ବେଳୁଁ ବେଳ ଅସୁରର ପ୍ରତାପ ବଢ଼ିଲା ॥
ତାରେଣୀ ନାମେ ଉତ୍ତରୁ ବହଇ ଯେ ନଦୀ ।
ପୁଣ ପୁଣ ମଙ୍ଗଳା ତ୍ରୟ ବାକ୍ୟରେ ପ୍ରବୋଧି ॥
ମଙ୍ଗଳା ବଚନ ଶୁଣି ଦୁର୍ଗତି ତାରଣୀ ।
ଘୃମୁଣ୍ଡା ରୂପେକ ଧଇଲେକ ଗୋସାମଣୀ ॥
ଦିବ୍ୟସନ ହେଲେ କେଶ କଇଣ ମୁକୁଳ ।
କାଚୁଡ଼ା ପିନ୍ଧିଲେ ହଟଣ ଭାନୁ ଯେ ସୁଗଳ
ସ୍ତନ ଯୌବନ ସମସ୍ତ ହୋଇଲାକ ଦୃଶ୍ୟ ।
ତେତିଶକୋଟି ଦେବତା ପାଇ ମହାତ୍ରାସ ॥
ଏସନ ଦେଖିଣ ମହିଷା ଚକିତେ ରହଇ ।
ବେନି ଲୋଚନରେ ଦୁର୍ଗାରୂପକୁ ଚାହିଁଇ ॥
ଦେବଙ୍କୁ ଦୁର୍ଲଭ ଯେଉଁ ଭଗ ମାର୍ଗସ୍ଥାନ ।
ତା ଦେଖିବାକୁ ମହିଷା ହୋଇଲା ଭଜନ ॥
ମହିଷାସୁର ହୃଦରେ ଭାବିଲେ ପୁଣ ପୁଣି ।
ପ୍ରତ୍ୟକ୍ଷେ ଏ ମହାସ୍ୱାଣୀ ଦୁର୍ଗତିତାରଣୀ ॥
ସଙ୍ଗ୍ରାମେ ନାଶ ନୋହିଲା ଯନ୍ତ୍ରେ ମୋର କାୟେ ।
ମହାକୂଟକୁ ପାଞ୍ଚିଲା ସ୍ତ୍ରୀଲିଙ୍ଗ ଉପାୟେ ॥
ଏବେ ମୁଁ ଯେବେ ମୃତ୍ୟୁକୁ ନ କରିବି ଇଚ୍ଛା ।
ପ୍ରାଣ ବିସର୍ଜନ କାଳେ ହୋଇବି କି ରକ୍ଷା ॥
ମହିଷା ଭାବିଲେ ମୋର ପଞ୍ଚଆତ୍ମା ପଞ୍ଚମନ ।
କାଳେ କାଳେ ଲୟ ରହୁ ଦୁର୍ଗାଜାନୁ ସ୍ତନ ॥
ବକ୍ଷସ୍ଥଳେ ଶୂଳ ଭୂଷା ହୋଇଅଛି ମୋର ।
ନ ଗଳଇ ଦେହବର ଏ ତକେକ ମାତର ॥

Digitized by srujanika@gmail.com

ପିତାମହଙ୍କ ବଚନ ସତ୍ୟ ସତ୍ୟ ସତ୍ୟ ।
କହିଅଛି ଏ ଯୋଗରେ ଛାଡ଼ିବ ଜୀବନ ॥
ଅସମ୍ଭ ବର ଯେ ମୋତେ ଧାତା ଦେଇଥିଲେ ।
ମୋ ସାକ୍ଷାତେ ଏ ସବୁ ମୃତ୍ୟୁ ଭେଦ ସେ କହିଲେ ॥
ମୁହିଁ ସ୍ଥିର ହୋଇଣ ଯେ ରହିବଇଁ ଏବେ ।
ନିଶ୍ଚ ହୋଇଲେ ସତ୍ୟଭଗ୍ନ ହେବ ତେବେ ॥
ହେ ପରୀକ୍ଷ ବୁଦେ ମୈଷା ଏହା ବିଚାରଇ ।
ଦୁର୍ଗାରୂପ ଦେଖି କରି ଚକିତେ ରହଇ ॥
ନିଶ୍ଚେଷ୍ଟେ ରହେ ତା'ରେଣୀ ନପାର କୂଳରେ ।
ନିବଡ଼େ ମାଡଲେ ଶୂଳ ଦେବୀ ତା ବକ୍ଷରେ ॥
ଅଧୋମୁଖେ ଘୂର୍ଣ୍ଣିଇ ସେ ଅସୁର ମହିଷା ।
ସ୍ତ୍ରୀ ଲିଙ୍ଗ ଦେଖିଣ ସେହୁ ହୋଇଲା ନିରାଶା ॥
ନିଶ୍ଚଳ ହୋଇଣ ତହିଁ ମେଷାସୁର ରହି ।
ଦୁର୍ଗା ଦେବୀଙ୍କର ମୁଖ ଅନୁକ୍ଷଣେ ଚାହିଁ ॥
ଯହିଁ ମୃତ ଶବ ପରି ମୈଷାସୁର ରହେ ।
ଦୁର୍ଗାଦେବୀଙ୍କର ମନ ପ୍ରଫୁଲ୍ଲିତ ହୁଏ ॥
ଦୁର୍ଗା ବୋଇଲେ ମଙ୍ଗଳା ବଦନକୁ ଚାହିଁ ।
ତୋହ ପ୍ରାୟ ଦେବୀ ଏକ ଦେଖିଲି ମୋ ନାହିଁ ॥
ସୁପଣ୍ଡିତା ବଙ୍କବଳ୍ଲା ଅଟୁ ଜାଣ ତୁହି ।
ତୋ ବଚନେ ମହିଷାକୁ ବଧ କଲି ମୁହିଁ ॥
ଅନେକ ଅନେକ ଦେବୀ କଲି ମୁହିଁ ଜନ୍ମ ।
ସମସ୍ତ ଦେବୀଙ୍କ ମଧ୍ୟେ ଅଟୁ ମୋକ୍ଷବାନ ॥
ସମସ୍ତ ସିଦ୍ଧି ମୋହର ତୋର ପରସାଦେ ।
ସିଦ୍ଧମଙ୍ଗଳା ବୋଲନ୍ତୁ ଲୋକେ ତୋତେ ହାଦେ ॥
ଦେବତାଙ୍କର ଅଭିଷ୍ଟ କଲୁ ତୁହି ଶାନ୍ତ ।
ଏ ମଣ୍ଡମଣ୍ଡଳକୁ ଗୋ ଫେଡଲୁ ଦୁର୍ଗତି ॥
ସମସ୍ତ ଜନେ ତୋତେ ଗୋ ଅର୍ଚ୍ଚନା କରନ୍ତୁ ।
ଅପଦ ଅରିଷ୍ଟି ମାନ ତୋହରେ ଖଣ୍ଡନ୍ତୁ ॥
ଅକାଶେ ବହୁ ଅନନ୍ଦ ହୋଇଲେ ଦେବତା ।
ବୋଇଲେ ସଂସାର ରକ୍ଷା କଲୁ ଜଗନ୍ମାତା ॥
ଯେ ଜନ ସେବିବେ ତୋତେ ଭକ୍ତିରେ ଏ ଦିନ ।
ତାହାଙ୍କର ଦୁଃଖମାନ ହେବ ଗୋ ଖଣ୍ଡନ ॥
ଶୁଣ ହୋ ପରୀକ୍ଷିତ ତୁ ଉତ୍ତମ ରହସ୍ୟ ।
ଅସ୍ୱାଷ୍ଟମେ ସେ ଅସୁର ଯହିଁ କଲା ନାଶ ॥
ଦୁର୍ଗାସ୍ତନକାନ୍ତୁ ଚାହିଁ ସେ ମହିଷାସୁର ।
ମୃତ ଶବ ପରି ପଡ଼ିଗଲା ହୋଇ ସ୍ଥିର ॥

ଦୁର୍ଗା ବିଶ୍ୱବନ୍ଦ୍ୟ ବହୁସାନ୍ ପରବତେ ।
ମହିଷାକୁ ମାଡ଼ ବଳେ କରିବାଷ୍ଟ ଏଥେ ॥
ଏତେ ବିଚାରଣ ମନେ ଦୁର୍ଗା ମହାମାୟେ ।
ସମସ୍ତ ଅସୁରଗଣ ଯହିଁ ହେଲେ କ୍ଷୟେ ॥
ଦୈତ୍ୟବଳ ସକଳଙ୍କୁ ନାଶି ଶୋଷାମଣୀ ।
ମହାନନ୍ଦ ହୋଇ ସେ ଦୁର୍ଗତିତାରିଣୀ ॥
ଚାମୁଣ୍ଡା ରୂପ ଧରିଣ ମହିଷାକୁ ମାରି ।
ସମସ୍ତ ଦେବୀମାନଙ୍କୁ ଛାମୁକୁ ଡକାଇ ॥
ନାରାୟଣୀ ବ୍ରହ୍ମାୟଣୀ ରୁଦ୍ରାଣୀ ଭୈରବୀ ।
ଇନ୍ଦ୍ରାୟଣୀ ବାସେଳୀ ଚର୍ଚ୍ଚିକା ମାଧବୀ ॥
କାଳିକା କଙ୍କାଳୀ ବେତାଳୀ ଯେ ଉଗ୍ରତାରା ।
ସମ୍ପାଗି ମାତଙ୍ଗୀ ନମେଯାଇ ଯେ ଜପୁର ॥
ବାରାହିଣୀ ଚଣ୍ଡୀ ଶାନ୍ତ କାନ୍ତ ମାରଜମା ।
କୁଠାସୀ ଚୁଣ୍ଟାସୀ ଅରୁଣ୍ଟାସୀ ଶୋଳକମା ॥
ଇତ୍ୟାଦି ଯେ ଚଉଷଠି ଯୋଗିନୀଗଣ ମାନ ।
ନବକୋଟି କାତ୍ୟାୟନୀ ପିଣ୍ଡାରୁଣୀଗଣ ॥
ଅରେ ପଦ୍ମ ସେ ଚଣ୍ଡୀ ଷୋଡ଼ଶୀ ମୂରତି ।
ଡାକିନୀ ସହିତେ ସର୍ବେ ଛାମୁରେ ମିଳନ୍ତି ॥
ଯୋଗିନୀ ବୃନ୍ଦ ଦେଖି ଅଜ୍ଞା ଦେଲେ ଠାକୁରାଣୀ ।
ଅସୁର ବଳ ତ ଶେଷ ହୋଇଲେ ଗୋ ପୁଣି ॥
ଜେନାବଳ ନଗ୍ରକୁ ସର୍ବେ ଏବେ ଯାଅ ।
ତହିଁ ଥିବା ଅସୁର ଅସୁରୀ ସର୍ବ ଖାଅ ॥
ଅଜ୍ଞା ପରମାଣେ ଧାଇଁଲେକ ଦେବୀମାନେ ।
ତତକ୍ଷଣେ ପ୍ରବେଶ ହେଲେ ଜେନାବଳ ସ୍ଥାନେ ॥
ଦେଖିଲେ ପୁର ଅମରାବତୀକି ଯେ ସମ ।
ପ୍ରାସାଦ ଜଗତି ଅଟ୍ଟାଳିକା ମନୋରମ ॥
ଧାଇଁ ଦେବୀମାନେ ଭଙ୍ଗି ଦାରୁଣାର କଲେ ।
ଅସୁର ଅସୁରୀମାନ ଧରିଣ ଖାଇଲେ ॥
ହେଡ଼େ ବଡ଼ ରାଷ୍ଟ୍ରରେ ଯେ ହେଲା ହାଲହୋଳ ।
ଅସୁର ଅସୁରୀମାନେ ପାଡ଼ନ୍ତି ବୋବାଳ ॥
ତାହା ଶୁଣି କରି ଦେବୀମାନେ ଝାମ୍ପ ଦ୍ୟନ୍ତି ।
ଭୁଣ୍ଡ ବସ୍ତ୍ରାଦି ସବୁ ଧରି ଗିଳି ଯାନ୍ତି ॥
ବାଳକଙ୍କ ମେଳ ସଖା ଭଙ୍ଗି ପରିକାରେ ।
ଖେଳକର ଦେବୀମାନେ ମାରନ୍ତି ସ୍ତନରେ ॥
ବୃଦ୍ଧ ବାଳକ ଅସୁର ଅସୁରୀ ଯେ ଥିଲେ ।
ନିମିଷକେ ଯୋଗିନୀଗଣ ସୁଖେ ନାଶ କଲେ ॥

Digitized by srujanika@gmail.com

ମେଦ ମେଦା ମାଂସ ସର୍ବେ ନହିଁ ଗ୍ରାସକଲେ ।
ଜେନାବଳ ନଷ୍ଟେ ଏକଂଶୋଷ୍ଟ ନ ରହିଲେ ॥
ଅଷ୍ଟମୀ ଅନ୍ତରେ ମହାନବମୀ ପ୍ରବେଶ ।
ନାଶ ହୋଇଲେ ଯେ ତହିଁ ସମସ୍ତ ରାକ୍ଷସ ॥
ଶୁଣ ହୋ ପରୀକ୍ଷ ରାଜା କହେ ଶୁକବ୍ରହ୍ମା ।
ଚଣ୍ଡୀଯୁଦ୍ଧର ଅନ୍ତରେ ଏମନ୍ତ ମହିମା ॥
ଅଦୃଶ୍ୟ ଅଗୋଚରିତ ଅଦ୍ଭୁତ କଥା ।
ଦେବଙ୍କୁ ଦୁର୍ଲଭ ଅଟେ ସମର ବାରତା ॥
କନ୍ୟା ଅଷ୍ଟମୀରେ ଦୁର୍ଗା ହେଲେ ଉତପତ୍ତି ।
ନବମୀ ଦିନାର୍ଦ୍ଧେ ଦେବତାଏ କଲେ ସ୍ତୁତି ॥
ସେଦିନ ସେ ଦୁର୍ଗାଦେବୀ କେଶରୀ ଆରୁହେ ।
ବହୁ ବିରଞ୍ଚିଙ୍କ ଭଳେ କଲେ ଯାଇଁ ଗାହେ ॥
ସେହି ଦିନରୁ ଯେ ତହିଁ ହୋଇଲା ସଂଗ୍ରାମ ।
ଶୁକ୍ଳାଷ୍ଟମୀ ଅନ୍ତେ ମହାନବମୀ ବିଶ୍ରାମ ॥
କନ୍ୟା ଶୁକ୍ଳ ନବମୀ କାଳସନ୍ଧି କ୍ରମାଗ୍ର ।
ମହାନବମୀ ରାତ୍ରିରେ ହେଲେ ମସ୍ମମର ॥
ଯେତେ ଅସୁର ଅସୁରମାନେ ତହିଁ ଥିଲେ ।
ଯୋଗିନୀମାନଙ୍କ ମୁଖରେ ସମସ୍ତେ ପଡ଼ିଲେ ॥
ଅସୁର ଅସ୍ତ୍ରସର୍ବେ ଗଲେ ଯନ୍ତ୍ରେ ନାଶ ।
ହେବେ ଅନେକ ଉତ୍ସବ କଲେକ ଅକାଶ ॥
ଅସୁରବଳ ନାଶିଣ ସର୍ବ ଦେବୀମାନେ ।
ପ୍ରବେଶ ହୋଇଲେ ଯାଇଁ ଦୁର୍ଗା ସନ୍ନିଧାନେ ॥
ଦୁର୍ଗାଦେବୀ ବୋଇଲେକ ତାଙ୍କ ମୁଖ ଚାହିଁ ।
ଅସୁର ବଳମାନନ୍ତ ପାଇଲ କି ତହିଁ ॥
ଦୁର୍ଗାର ବଚନେ କହନ୍ତି ଯେ ନମିଯାଇ ।
ଯେ ଯାହାରେ ଖାଇଲୁଁ ଗୋ କିଛି ତହିଁ ନାହିଁ ॥
ଶୁଣିକରି ଦୁର୍ଗାଦେବୀ ହୋଇଲେ ହରଷ ।
ଦେବତାଙ୍କ ବଇରୀତ ସବୁ ଗଲେ ନାଶ ॥
ଜୟ ଜୟ ଶବଦ ଯେ ଶୁଭଇ ଅକାଶ ।
ଅକାଶେ ହରଷ ହେଲେ ସମସ୍ତ ତ୍ରିଦଶ ॥
ଦେବୀମାନେ ଉଭାହେଲେ ଚାହିଁ ଜୟଦୁର୍ଗେ ।
ସର୍ବମଙ୍ଗଳାକୁ ମାଏ ହକାରିଲେ ବେଗେ ॥
ଆଜ୍ଞା ପାଇଣ ମଙ୍ଗଳା ବେଗେ ଆସି ।
କରଯୋଡ଼ ଯୋଡ଼ିଣ ସେ ବଚନ ସମ୍ଭାଷି ॥
କେ ଦେବ ଦୁର୍ଗେ କାହିଁକି ହକସ ଦେଉଛ ।
କେଉଁ ଆଜ୍ଞା ହୋଇବ ଗୋ କହିଲ ଜଣାଉଛ ॥
ଶୁଣି ଦୁର୍ଗେ ମଙ୍ଗଳାଙ୍କୁ କହନ୍ତି ବଚନ ।
ଦେବଙ୍କୁ ଦୁର୍ଲଭ ଦେବୀଙ୍କର କଥାମାନ ॥
ଏହାଙ୍କୁ ଦିଅଁ ଥୋଇବା କହ ଉବ୍ୟସ୍ଥାନ ।
ଏହାଙ୍କ ତେଜ ନେ ସହିବାକୁ କି ଭାଜନ ॥
ଏକଥାକୁ ମୋତେ ବୁଦ୍ଧି କହ ଗୋ ମଙ୍ଗଳା ।
ମୁଁ ତ ଦେଖୁଅଛି ସର୍ବେ ମହା ଅନର୍ଗଳା ॥
ସର୍ବମଙ୍ଗଳା ବୋଇଲେ ଶୁଣ ଗୋସାମଣି ।
ମୁଁ ତୁମ୍ଭ ଛାମୁରେ କହୁଅଛି ମହାରାଣୀ ॥
ମୋତେ ଦିଶଇ ଗୋ ମାଏ ଏସନେକ ବାଟ ।
ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ସୌରାଷ୍ଟ୍ର ॥
ଏ ଚତୁର୍ଦ୍ଦିଗରେ ରହିବେ ଗୋ ଦେବୀମାନେ ।
ଅମାତ ନକରିବେ ତୋ ଆଜ୍ଞା ପ୍ରମାଣେ ॥
ଦେଶ ବିଦେଶ କଟକ ପାଟଣା ଅଛରେ ।
ଆଜ୍ଞାରେ ରହିବେ ଯାଇଁ ଯେ ଯାହା ଖଣ୍ଡରେ ॥
ମାଗୋ ଗ୍ରାମକେ ସୀମାଏ ଦେଇଥିବା ବାଣ୍ଟି ।
ସୁଖେ ଭୋଗ କରିବେ ଯେ ଯାହାର ସୀମାଟି ॥
ଦୁର୍ଗା ଯହୁଁ ଯୁ ଶୁଣିଲେ ମଙ୍ଗଳାଙ୍କ ବାଣୀ ।
ଅତ୍ୟନ୍ତ ସାନନ୍ଦ ହେଲେ ଦୁର୍ଗତିତାରିଣୀ ॥
ସମସ୍ତ ଦେବୀଙ୍କୁ ଦୁର୍ଗା ହକାରିଲେ ପାଶ ।
ଗ୍ରାମକେ ରହ ନେ ଜଣେ୨ କର ବାସ ॥
ଜମ୍ବୁଦ୍ୱୀପ ପୃଥିବୀରେ ରହ ତୁମ୍ଭେ ଯାଇଁ ।
ଦେଶ କଟକ ପାଟଣା ଯାହା ମନ ଯହିଁ ॥
ଦୁଃଖି ଜନମାନଙ୍କର ଆପଦ ଖଣ୍ଡିବ ।
ଯେ ଯାହା ମନାସିବ ଗୋ ତା ସିଦ୍ଧ କରିବ ॥
ମୋହ ଆଜ୍ଞା ଘେନି ତୁମ୍ଭେ ରହ ଯେ ଭୁରତ ।
ତୁମ୍ଭ ବଚନ ପ୍ରତ୍ୟକ୍ଷ ହୋଇବ ଗୋ ସତ ॥
ଏପରି ଆଜ୍ଞା ପାଇଲେ ଯହୁଁ କାତ୍ୟାୟନୀ ।
ଯେ ଯାହାରେ ରହିଲେ ସେ ଗ୍ରାମସୀମା ଘେନି ॥
ପୂର୍ବ ପଶ୍ଚିମ ଉତ୍ତର ଦିଗ ଯେ ଦକ୍ଷିଣ ।
ଯେଉଁଠାରେ ରହିଲେ ଗ୍ରାମେ ଗ୍ରାମକ ଘେନିଣ ॥
ଅଦଦ ଅରଷ୍ଟିମାନେ କରନ୍ତି ଯେ ଧ୍ୟାନ୍ତ ।
ଯେ ଯାହାରେ ରହିଲେ ହୋଇ ମହାଶାନ୍ତ ମୂର୍ତ୍ତି ॥
ଏଥିଅନ୍ତେ ଶୁଣ ପଣ୍ଡିତ ମହାସ୍ୱପ୍ନେ ।
ଦୁର୍ଗାର ଚରିତ ଶୁଣି ପାପ କର ସ୍ୱପ୍ନେ ॥
ଅକାଶରେ ଦେବତାଏ ହୋଇଲେ ହରଷ ।
ବୋଇଲେ ସମସ୍ତେ ଜିବା ଦୁର୍ଗାଙ୍କର ପାଶ ॥

Digitized by srujanika@gmail.com

କରରେ ଅର୍ଘ୍ୟ ଧରଣ ସର୍ବ ଦେବତାଏ ।
ବୋଇଲେ ଶାନ୍ତ କରିବା ଗୁଳ ମହାମାୟେ ॥
ସମସ୍ତ ଦେବତାମାନେ ବସ୍ତ୍ର ସଂଗେନେ ।
ଭବନ୍ତୁ ଭିତରେ ପ୍ରବେଶ ହେଲେ ଅସବନେ ॥
ଅନେକ ବେଶ ଭୂଷଣ ହୋଇ ଦେବଗଣ ।
ବସ୍ତ୍ର ନୈବେଦ୍ୟ ସମ୍ମୁଖରେ ସେଣ ଦ୍ରବ୍ୟମାନ ॥
ଦେଖିଲେ ଯୋଗମାଣୀକୁ ଭବସନଶାସ୍ତ୍ରୀ ।
ଲଜ୍ଜାଭରେ ସନ୍ନିଧିକୁ ନ ଯାଇଲେ ଯାଇଁ ॥
ଦେବତାଙ୍କୁ ଦେଖି କୋପକଲେ ଦେବୀ ଦୁର୍ଗେ ।
ଅଜ ବହନ୍ତା ପୁରୁଷ ନ ଥୋଇବ ସ୍ୱର୍ଗେ ॥
ଦେବେ ଅସୁରଙ୍କୁ ଦେଇଥାନ୍ତି ଏତେ ବର ।
ଏହାଙ୍କର ବରେ ନାଶ ଯାଉ ତିନିପୁର ॥
ଏହାଙ୍କ ବରକୁ ଖଣ୍ଡ୍ୟ ହୋଇବ କାହାର ।
ମମ ଭକ୍ତ ଦେଖିବାକୁ ଦଅନ୍ତି ଏ ବର ॥
ମୁଁ କି ଭକ୍ଷଣ ହୋଇବ ଏହାଙ୍କ ବଚନେ ।
ନ ଥାନ୍ତୁ ସ୍ୱର୍ଗରେ ଏତେ ଦେବଗଣମାନେ ॥
ଦୁର୍ଗା କୋପ ଜାଣିକରି ସର୍ବ ଦେବତାଏ ।
ଅଜାଣେ ପଳାଇଲେ ସେ କରି ମହାଭୟେ ॥
ତ୍ରୈଲୋକ୍ୟ ଶୋଷିଲେ ଦେବୀ ଶୁଷ୍କମୁଣ୍ଡାରୂପେ ।
ମହା କଙ୍କାଳୀ ବେତାଳୀ ଶୋଣିତା ସ୍ୱରୂପେ ॥
ଉତ୍କଟ କରୂପ କରେ ଖର୍ପର ଯେ ଖଣ୍ଡା ।
ମୁକ୍ତଳିତ କେଶ ଦଶବ୍ୟାପିତ ରୁଣ୍ଡମୁଣ୍ଡା ॥
କଙ୍କାଳୀ ରୂପକୁ ଦେବେ ତ ପାରିଲେ ଚାହିଁ ।
ମହାତାପ ଦେବତାଏ ନ ପାରିଲେ ସହି ॥
ସମସ୍ତ ଦେବତାମାନେ କୂପେ ଗୋପ୍ୟହେଲେ ।
ବିଶ୍ୱନାଥ ଦେବତା ଯେ ଯାଇ ନ ପାରିଲେ ॥
କେଶ ଅସମ୍ଭାଳ ଲମ୍ବମାନ ଜଟାଜୁଟ ।
ନୃତ୍ୟ କରନ୍ତି ସେ ହର ପଳାଇ ନ ପାରି ॥
ଭରହରସନାତ୍ମକ ନୃତ୍ୟରଙ୍ଗେ ଖେଳା ।
ଏକବଂଶ ମୂର୍ଚ୍ଛନା ପଞ୍ଚଦଶ ମୂକୁଳା ॥
ତାଳପୁଟ ଚଞ୍ଚୁପୁଟ ଘଟିତ ଉଦ୍ଧଟ ।
ଗଢ଼ତାଳ ଧରଣ ସେ ତାଣ୍ଡବରେ ଘଟ ॥
ପଞ୍ଚାଶ ସପତସ୍ୱର ଅଥାନ୍ତି ସ୍ୱର୍ଣ୍ଣା ।
ଜଗଜନ ନାଥ ଭକ୍ତ ହୋଇଲେ ଭେଟଣା ॥
ସାର ବହୁଯ ଶୃଙ୍ଗାର କରୁଣାହିଁ ସେହି ।
ସ୍ତମ୍ଭନ ମୋହନ ଅଦ୍ଭୁତର ସ୍ୱରୂପହିଁ ॥

ମାରୁ ତାରୁ ତୁହିଁ ଅବା ମୋର ଏହି ରୂପ ।
ତା ମନ ମୋହ ହେବ ବା ଦେଖି ମୋ ସ୍ୱରୂପ ॥
ଏମନ୍ତ ତତ୍ପର କରି ନୃତ୍ୟ ସେ କରନ୍ତି ।
ପରଂବ୍ରହ୍ମନାଥ ଯେ ଅଭୟ ଦଣ୍ଡମୂର୍ତ୍ତି ॥
ଜଗତରେ ସାର ସେହି ରହସ୍ୟର କଳା ।
ଦେବତାଙ୍କୁ ମୋହନ୍ତି ସେ ସଦା ନୃତ୍ୟେ ଖେଳା ॥
ଧବଳଅଙ୍ଗ ଡମରୁକୁ ଅଲ୍ପବାସେ ଶୂଳ ।
ପଞ୍ଚଦଶ ଲୋଚନରେ ଚାହିଁ ଦେବ ଶୂଳୀ ॥
ଶମଶାନବାସୀ ସେହି ଅଟେ ଶୂଳପାଣି ।
ଦେଖି ବଶ ହେଲେ ଦେବୀ ଦୁର୍ଗତିତାରଣୀ ॥
ମହାରୁଦ୍ର ନାଟ ଜାଣନ୍ତି ବିଶ୍ୱନାଥ ।
ଶିବ ଭରହ ରସକୁ କେହି ସାମରଥ ॥
ଈଶ୍ୱର ସନ୍ନିଧେ ହେଲେ ଦେବୀ ମହାମାୟା ।
ବୋଇଲେ ଇଷ୍ଟ ଦେବତା ପ୍ରମର ଜଟିଆ ॥
ଅସୁରଙ୍କୁ ବଢ଼ାଇଣ ଏତେ ଦିଅ ବର ।
ଭୂମିରେ ନାଶ ଯାଉଛି ଏ ସଚରାଚର ॥
ଦେବତାଙ୍କୁ ଭକ୍ଷିଲେ ମୋ ଫିଟିବ ଅରୁଚି ।
ଆଜ ତୋତେ ଭକ୍ଷଣ ମୁଁ କରିବି ଧୂର୍ଜଟି ॥
ଏତେ ବୋଲି ଦେବୀ ମହାମୂରତି ବିସ୍ତାରି ।
ଶୁଷ୍କମୁଣ୍ଡା ରୂପେଣ ସେହି ଶୋଷିଲେ ତ୍ରିପୁରୀ ॥
ଦେଖି ସଦାଶିବ ଦଶନର ମୁଣ୍ଡେ ଭର ।
ବୋଲେ ଇଷ୍ଟ ଦେବତା ତୁ ମୋର ଶାକମ୍ଭରୀ ।
ଈଶ୍ୱର ବୋଇଲେ ଦୁର୍ଗାଦେବୀ ମୋର ମାତା ।
ଦୁର୍ଗାହିଁ ମୋହର ଇଷ୍ଟ କୁଳର ଦେବତା ॥
ଦୁର୍ଗାଦେବୀ ଦୁଃଖକୁ ମୋ କରନ୍ତି ଖଣ୍ଡନ ।
ଆହ୍ମେମାନେ ସମସ୍ତେତ ସାକ୍ଷୀ ମାତ୍ର ଜାଣ ॥
ଦୁର୍ଗାହିଁ ସେ ଧାତା ଦୁର୍ଗାଦେବୀ ସେ ବିଧାତା ।
ଦୁର୍ଗା ପୃଥ୍ୱୀ ଅପ ତେଜ ଅକାଶ ବହନ୍ତା ।
ଦୁର୍ଗାହିଁ ସେ ବାୟୁ ଜ୍ଞାନ ଦୁର୍ଗାହିଁ ସେ ଧ୍ୟାନ ।
ଦୁର୍ଗା ଦେବୀ ସମସ୍ତର ମନର ପବନ ॥
ଦୁର୍ଗାହିଁ ସେ ମୋର ବନ୍ଧୁ ଦୁର୍ଗାହି ସେ ସିନ୍ଧୁ ।
ଦୁର୍ଗାଶରଣ ଧାରଣ ଅଟେ ପୂର୍ଣ୍ଣଇନ୍ଦୁ ॥
ଦୁର୍ଗାହିଁ ସେ ମୋର ଜପ ଦୁର୍ଗାହିଁ ସେ ତପ ।
ଦୁର୍ଗାହିଁ ସେ ଅଟେ ପରଂବ୍ରହ୍ମର ସ୍ୱରୂପ ॥
ଦୁର୍ଗାହିଁ ଉତ୍ପତ୍ତି କରେ ଦୁର୍ଗାହିଁ ପ୍ରଳୟ ।
ଦୁର୍ଗାହିଁ ସେ ଭୟ ଦୁର୍ଗା ଅଟଇ ଅଭୟ ॥

Digitized by srujanika@gmail.com

ଦୁର୍ଗା ଯାବତ ସ୍ଥାବର ଅଟେ ଜାଣ ମାତା ।
ଦୁର୍ଗାହିଁ ସେ ଭକ୍ତି ମୁକ୍ତି ଏବର ପ୍ରଦାତା ॥
ସ୍ଥାବର ଜଙ୍ଗମ ଆଦି ପତଙ୍ଗାଦି କରି ।
ଦୁର୍ଗା ପରସନ୍ନରେ ଯେ ସମସ୍ତେ ଉଦ୍ଭରି ॥
ଜଳ ସ୍ଥଳ ଅନଳ ଯେ ବନ ଅଦ୍ରିସ୍ଥିତ ।
ଦୁର୍ଗାର ପ୍ରସାଦେ ସର୍ବେ ହୁଅନ୍ତି ଅତଯାତ ॥
ଈଶ୍ୱର ବୋଇଲେ ମାଗୋ ତୁହି ସେ ଅନାଦି ।
ମୁଁ ସିଦ୍ଧଗଣ ଯେଣୁ ତୋ ଚରଣରେ ବନ୍ଦି ॥
କ୍ଲେଶବନ୍ତ ଜନଙ୍କୁ ତୁ ଅଟକ୍ଲେଶ କରନ୍ତି ।
ବୁଡନ୍ତି ଅଗାଧ ଜଳେ ତୁହି ଉଦ୍ଧରନ୍ତି ॥
ଏମନ୍ତ ବୋଇଲେ ତହିଁ ଦେବ ପଶୁପତି ।
ଷଟସସ୍ର ଦଣ୍ଡ ପ୍ରଣମିତ ସେ ହୁଅନ୍ତି ॥
ପୁଣି ସେହୁ ଉଭା ହୋଇ ବିନୟେ କହନ୍ତି ।
ଦୁର୍ଗାହିଁ ସେ ଖଣ୍ଡିପାରେ ସକଳ ଦୁର୍ଗତି ॥
ଜନ ସମ୍ପଦ ଦାତା ତୁ ବେଦ ବଖାଣି ।
ଦୁର୍ଗା ନାମ ଅନୁକ୍ଷଣେ ବଦନରେ ଘୋଷି ॥
ଦୁର୍ଗାହିଁ ସେ ବେଦ ମନ୍ତ୍ରଙ୍କର ସର୍ବଶାଖା ।
ଦୁର୍ଗାହିଁ ଯେ ସର୍ବକାଳେ କରଥାନ୍ତି ରକ୍ଷା ॥
ଦୁର୍ଗାହିଁ ଆଧାର ଜ୍ୟୋତି ଅଉ ସୁଷୁମ୍ନା ।
ଦୁର୍ଗାହିଁ ଯେ କେବଳ ତ ଅଟେ ବଜ୍ରସେନା ॥
ଦୁର୍ଗାହିଁ କେବଳ ଜପା ଅଜପା ଗାୟତ୍ରୀ ।
ଦୁର୍ଗାହିଁ ସେ ଯୋଗ୍ୟାଯୋଗ୍ୟ କ୍ଷେତ୍ର କ୍ଷେତ୍ରଧାତ୍ରୀ
ଦୁର୍ଗାହିଁ ସେ ଦୁର୍ଗତରୁ ତାରେ ସର୍ବକାଳେ ।
ଶାରଳା ଦାସ ସେବଇ ଦୁର୍ଗା ପାଦତଳେ ॥
ଯେତେ ଅନେକ ବିନୟେ ହେଲେ ପଶୁପତି ।
ଶୁଣି ଦୁର୍ଗାଦେବୀ ମନେ ହେଲେ ମହାଶାନ୍ତି ॥
ବୋଇଲେ ତୁମ୍ଭେ ଅଜ୍ଞାନ ଅଟ ଦେବଗଣ ।
ଅସୁରଙ୍କୁ ଏତେ ବର ଦେଲ କି କାରଣ ॥
ବର ଦେଇ ପୁଣି ଏତେ ବିଡମ୍ବନ କର ।
ତାଙ୍କୁ ମାରିବାକୁ ଶକ୍ତି ହୋଇବ କାହାର ॥
ତୁମ୍ଭେହେଁ ମହତ ଯେ ସରଳ ଅସୁର ।
ଅସୁ ଶକ୍ତି ଦେଖିବାକୁ ତୁମ୍ଭର ବଳର ॥
ଆଜ ସେ ଜାଣିବା ବଡ଼ପଣ ହୋ ତୁମ୍ଭର ।
ରଖିବ କେ ତୋତେ ଅପି କହ ହୋ ଈଶ୍ୱର ॥
ତୋତେ ମାରି ସବୁ ଦେବତାଙ୍କୁ ମୁଁ ମାରିବ ।
ଦେବତା ନାମ ସ୍ୱର୍ଗରେ କେବେ ନ ରଖିବ ॥
ମୁମର ଅଟେ ଜଟିଆ ତୋ ଇଷ୍ଟ ଦେବତା ।
ମୁମର ଅରେ ଜଟିଅ ତୋର ମାତା ପିତା ॥
ମୁମର ଅରେ ଜଟିଅ ତୋର ବନ୍ଧୁବର୍ଗ ।
ଭୟେ ଶିବ ନମିଲେକ ଦେବୀପାଦେ ବେଗ ॥
ପୁଣି ଉଭା ହୋଇଣ ସେ କହନ୍ତି ବିନୟେ ।
ତୁ ମୋ ଇଷ୍ଟ ଦେବତା ତ ହେଉଛୁ ନିର୍ଦ୍ଦୟେ ॥
ତୁ ମୋ ମାତା ପିତା ବନ୍ଧୁବର୍ଗ ଅଟୁ ତୁହି ।
ତୋ ବିନା କେ ମୋହର ଜଗତରେ ନାହିଁ ॥
ରଖିଲେ ରଖ ତୁ ଅବା ସଂହରିଲେ କର ଗ୍ରାସ ।
ଏତେ କହି ନୃତ୍ୟ କରନ୍ତି ଯେ କୃତ୍ତିବାସ ॥
ଯେଉଁ ନୃତ୍ୟ ଦେଖି ଦେବତାଏ ହୋନ୍ତି ମୋହ ।
ତାହା ଦେଖିବାରେ ଦୁର୍ଗାଦେବୀ କଲେ ସ୍ନେହ ॥
ବୋଇଲେ ରେ ଜଟିଆ ତୁ ବର ମାଗ ମାଗ ।
ଯେ ତୋହର ମନବାଞ୍ଛା ମାଗ ଦେବ ବେଗ ॥
ହୋଇଲୁ ପ୍ରସନ୍ନ ମାଗୁ କି ନା ତୁହି ବର ।
ଈଶ୍ୱର ବୋଇଲେ ଦେବୁ ଯେବେ ସତ୍ୟକର ॥
ଦୁର୍ଗାଦେବୀ ବୋଇଲେ ରେ ସତ୍ୟସତ୍ୟ ମୋର ।
ମାଗୁ କିନା ବର ମନେ ଯେ ଇଚ୍ଛା ତୋହର ॥
ପୁନଃ ପୁନଃ ସତ୍ୟ ତାଙ୍କୁ ଯାଚନ୍ତି ତିରଜା ।
ଈଶ୍ୱର ବୋଇଲେ ଦେବୁ ତୁ ମୋର ଭାରିଯା ॥
ସତ୍ୟରେ ସମ୍ମତ କଲେ ଚଣ୍ଡି କାତ୍ୟାୟନୀ ।
କୋଳ କରିଣ ଈଶ୍ୱର ଧରିଲେ ଭବାନୀ ॥
ମହା ହରଷ ସେ କଲେ ଉମା ମହେଶ୍ୱର ।
ନାରଦ କହିଲେ ଏହା ଦେବଙ୍କ ଅଗ୍ରର ॥
ବଜେ କଲେ ଉମାମହେଶ୍ୱର ଏକାସନେ ।
ଗ୍ଲାଲ ଦର୍ଶନ କରିବା ବ୍ରହ୍ମାଦିକମାନେ ॥
ବ୍ରହ୍ମା ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ କୁବେର ପବନ ।
ଯମ ଅଗ୍ନି ବରୁଣ ଯେ ଦିକ୍ପାଳମାନ ॥
ତେତିଶ କୋଟି ଦେବତା ବସୁତ ସାନନ୍ଦେ ।
ନମିଲେ ସେ ଅଦ୍ଭୁତ ହର ପଦ୍ମପାଦେ ॥
ଉଠି ଉଭା ହୋଇ ତହୁଁ ଶିରେ କର ଦେଇ ।
ସର୍ବ ଦେବେ ସ୍ତୁତି କଲେ ଏକମୁଖ ହୋଇ ॥
ଜୟ ଜୟ ଉମାମହେଶ୍ୱରଙ୍କ ଚରଣ ।
ଜୟ ଜୟ ଦୁର୍ଗାଦେବୀ ହୋଇବା ପ୍ରସନ୍ନ ॥
ଟଳିଲୁଁ ଏ ଦୁଃଖରୁଁ ତୋହର ପ୍ରସନ୍ନେ ॥
ବସିବୁଁ କଲ୍ୟାଣେ ମାଗୋ ଏବେ ସ୍ୱର୍ଗସ୍ଥାନେ ।

Digitized by srujanika@gmail.com

ହିଟେ ଚେଳ କର ଯୋଡ଼ ପେତାମ୍ବ ରହୁ ।
ଦୁର୍ଗାର ଛାମୁରେ ବସ୍ତୁ ବନଯୁରେ କହୁ ॥
ଦୁର୍ଗା ବୋଇଲେ ହେ ଶୁଣ ଜଗତ କବତା ।
ଦୁସାଧ ବର ଦେଲୁ ହୋଇ ବରଦାତା ॥
ଶୁଣ ହୋ ମୋର ବଚନ ସର୍ବ ଦେବତାଏ ।
ମୋତେ ପଡ଼ିଲାକ ତହୁଁ ଯେତେ ଅପଚୟେ ॥
ମହିଷା କମରୂପୀ ତ ହୁଏଁ ଯେତେବେଳ ।
ପୃଥ୍ୱୀମଧ୍ୟେ ନ ରହେ ସେ ଦୁଷ୍ଟ ଚଣ୍ଡାଳ ॥
ସମୁଦ୍ର ଭିତରେ ପଶିଗଲା ଯେତେବେଳେ ।
ଷଠକେ ବୁଡ଼ିଲି ମୁହିଁ ଅଗାଧଜଳେ ॥
ମୋତେ ଅଗୋଚର ଜଳେ ବୁଡ଼ଣ ସେ ଗଲା ।
ଅଦ୍ଭୁତେ ମୋତେହେଁ ଜାତ ହୋଇଲେ ମଙ୍ଗଳା ॥
ଜଳପାଶ ଧରଣ ସେ ମୈଷାକୁ ବେଢ଼ାଇ ।
ଓଟାର ଅଣିଲେ ଅସକନ୍ଦ ବଟେ ଥଇ ॥
ହେଠ ବୁଡ଼ ହୋଇଥିଲି ମୁହିଁ ମହା ଜଳେ ।
ମୈଷାପରେ ବସି ମୁହିଁ ଅସିଲେ କୂଳେ ॥
ଯେତେବେଳେ ମୈଷାସୁର ଦେହ ହେଲା ଝାଡ଼
ସର୍ବ ଦେବୀମାନେ ଗଲେ ଗଗନରେ ଉଡ଼ୁ ॥
ସେହୁ ଦେବୀମାନେ ନାନାରଙ୍ଗରେ ପଢ଼ିଲେ ।
ହେଣୁ ଯେତେଷ୍ଟ ଉଠେ ମହାପବନ ବହିଲେ ॥
ଚୌଦିଗେ ଗୁହିଁଲି କେହୁ ନଥିଲେ ମୋ ସାହା ।
ଭୂଳମାଢ଼ ମାତ୍ର ଥିଲି ହୋଇଣ ଉତ୍ସାହା ॥
ଏଦେବୀ ବୋଇଲେ ମାଗୋ ଏହାକର ତ୍ୟଜ୍ୟା ।
ଏରୁପେ ମାରିଲେ ଗୋ ନ ମରଇ ଦନୁଜା ॥
ଦାନବର ମୁଣ୍ଡଚ୍ଛେଦ କହିଲା ଏ ମୋତେ ।
ହେଲି ବିବସନଶାୟୀ କାର୍ଯ୍ୟର ନିମିତ୍ତେ ॥
ବିମୁକ୍ତ ପାଇ ମୁଁ ଛାଡ଼ିଥିଲି ମହିଷାକୁ ।
ଅଳ୍ପ କ ପ୍ରାଣେ ରଖନ୍ତି ସେ ଭୂମିମାନଙ୍କୁ ॥
ଅଦ୍ଭୁତେ ପ୍ରସନ୍ନଅପି ହେଲେ ମୋତେ ଏ ଯେ ।
ତେଣୁ ବଧ କଲି ମୈଷା ସହସ୍ରେକ ଭୁଜେ ॥
ଏ ଦେବୀ ଯେତେବ ଅପି ନ ଥାନ୍ତା ଅଇ ଦଣ୍ଡେ
ମୋ ଛଡ଼ନ୍ତେ ଦୈତ୍ୟ ଘୋଟିଥାଆନ୍ତା ବ୍ରହ୍ମାଣ୍ଡେ
ସେ ଦୈତ୍ୟକୁ ବଧ କଲି ଏହାବୁଦ୍ଧି ବଳେ ।
ସଖୀ ହୋଇଥିଲା ମାତ୍ର ଏ ସର୍ବମଙ୍ଗଳେ ॥
ମୋହର ମହା ଦୁର୍ଗତି ଏଣୁ ପର କଲା ।
ଦୈତ୍ୟ ବଧହେଲା ଏଣୁ ଦେବେ ଉଦ୍ଧାରିଲା ॥

ଏହାଶିରେ ଅର୍ଘ୍ୟ ଦିଅ ସର୍ବ ଦେବତାଏ ।
ଜଗଦ୍ଧାରିଣୀ ଅଟେ ଏହୁ ମହାମାୟେ ॥
ପ୍ରମନ୍ତେ ଯହୁଁ କହିଲେ ଦୁର୍ଗତିତାରିଣୀ ।
ଦେବତାଏ ଆନନ୍ଦିତ ହେଲେ ତାହା ଶୁଣି ॥
ଅର୍ଘ୍ୟ ବନ୍ଦାଇଲେ ସର୍ବ ମଙ୍ଗଳାଙ୍କ ଶିରେ ।
ଅନେକ ଆନନ୍ଦ ହେଲେ ବ୍ରହ୍ମା ଆଦି ସୁରେ ॥
ସର୍ବେଶ୍ୱରୀ ନାମ ତାଙ୍କୁ ଦେଲେ ଦେବତାଏ ।
ବୋଇଲେ ଏହାରେ ଦୁଃଖ ଖଣ୍ଡିଲୁଁ ସବୁହେଁ ॥
ଦୁର୍ଗା ବୋଇଲେ ମୋତେ ଉଦ୍ଧରିଲୁ ସର୍ବେଶ୍ୱରୀ ।
ମୈଷାସୁରକୁ ଏ ଦେବୀ ଥାଉ ଚିନ୍ତା କରି ॥
ଦୁର୍ଗା ବୋଲେ ମମ ଭକ୍ତ ଯେ କରିବ ଇଚ୍ଛା ।
ସର୍ବମଙ୍ଗଳ ବୋଲିଣ ହୃଦେ କରୁ ବାଞ୍ଛା ॥
ମୋତେ ଉଦ୍ଧରିଲା ଏ ଯେ ଅଗାଧସାଗରୁ ।
ତ୍ରୈଲୋକ୍ୟ ଜନଙ୍କର ଏ ଦୁଃଖମାନ ହରୁ ॥
ଦୁର୍ଗାଦେବୀଙ୍କର ଆଜ୍ଞା ପ୍ରମାଣରେ ହାଦେ ।
ସର୍ବଦେବେ ନମିଲେକ ମଙ୍ଗଳାଙ୍କ ପାଦେ ॥
ନମସ୍ତେ କାତ୍ୟାୟନ ଗୋ ଭୀଷଣମୂରତି ।
ନମସ୍ତେ ନମସ୍ତେ ମାଗୋ ବିନାଶ ଦୁର୍ଗତି ॥
କୁଙ୍କୁମ ବର୍ଣ୍ଣ ଶରୀର ଅରକ୍ତ ଲୋଚନ ।
ସଦା ସୁଧା ବୃଷ୍ଟି କରୁ ଜଗତମୋହନ ॥
ପ୍ରତିଜ୍ଞା ସାର୍ଥକ କରୁ ଅଚଳ ପଦ୍ମୟେ ।
ଅଜସ୍ରକୁ ଜନ୍ମ କରୁ ତୁହି ସର୍ବଦାଏ ॥
ଜାତ ଅନ୍ତ ମଧ୍ୟକୁ ଗୋ ତୋହର ବିକାର ।
ସଦାସ୍ତୁ ମଙ୍ଗଳା ନାମ ଅଟଇ ଯାହାର ॥
ଦୁର୍ଗାଙ୍କ ଅଗୋଚର ଗୋ ତୋହର ଚରିତ ।
କିସ ମୁଁ ବନ୍ଦିବ ମାଗୋ ମର୍ତ୍ତ୍ୟ ହୋଇ ଜାତ ॥
ହେ ବୁଧେ ଧନ ସନ୍ତତି କର ଯେବେ ଇଚ୍ଛା ।
ସର୍ବମଙ୍ଗଳାଙ୍କୁ ହୃଦେ କର ସଦା ବାଞ୍ଛା ॥
ଶୁଣ ହୋ ପରୀକ୍ଷ ରାଜା କହେ ଶୁକମୁନି ।
ନାନା ପାତକ ଧ୍ୱଂସି ରୁ ହେଲୁ ମହାଜ୍ଞାନୀ ॥
କନ୍ୟାମାସ କୃଷ୍ଣପକ୍ଷ ସପ୍ତମୀର ଦିନ ।
ଭୌମବାର ପୁନର୍ବସୁ ଋକ୍ଷ ଉଦ୍ୟମାନ ॥
ଏପରେ ହୋଇଲା ପୁଷ୍ୟା ଋକ୍ଷ ବୁଧବାର ।
ଦୁର୍ଗା ଭଜେ କଲେ ରତ୍ନଗିରିର ଶିଖର ॥
ସେ ଅଷ୍ଟମୀ ସନ୍ଧେ ଚଣ୍ଡ ମୁଣ୍ଡ ପ୍ରାଣ ନେଲେ ।
ଷୋଳ ଦିବସ ପର୍ଯ୍ୟନ୍ତେ ସମର ହୋଇଲା ॥

Digitized by srujanika@gmail.com

କୋଟି କୋଟି କାଟିଅଛେ ଶୈଳନନ୍ଦିନୀ ଦୈତ୍ୟବଳ ।
ପନର ଦିନ ଯୁଦ୍ଧେ ବିନାଶ ସକଳ ॥
କନ୍ୟା ଶୁକ୍ଳାଷ୍ଟମୀ ଦିନ ହେଲା ମହାମାରୁ ।
ଅସୁର ଅପୁନ୍ତ ନ ହରିଲେ ତହିଁରୁ ॥
ନବମୀ ସ୍ପର୍ଶରେ ମହାମାରୁ ଯେ ହୋଇଲା ।
ତେଣୁ ମହାମାରୁ ନବମୀ ତା ନାମ ହେଲା ॥
କନ୍ୟାମାସ ଶୁକ୍ଳପକ୍ଷ ଦଶମୀର ଦିନ ।
ଗୁରୁବାର ଶ୍ରବଣାନକ୍ଷତ୍ର ବର୍ତ୍ତମାନ ॥
ତୈତିଳ ନାମେ କରଣ ଯୋଗ ନାମେ ଧୃତ ।
ସର୍ବସିଦ୍ଧ ହୋଇଲା ସେ ଦଶମୀର ତିଥି ॥
ସମସ୍ତ ଶୁଭ ମଙ୍ଗଳ ହେଲା ଉତପତ୍ତି ।
ତେଣୁ ଦୁଃଖହା ଦଶମୀ ନାମେ ଭବେ ଖ୍ୟାତ ॥
ଉମା ମହେଶ୍ୱର ଯେଣୁ ହେଲେ ଏକଯୋଗ ।
ସଂସାର ଜନଙ୍କ ଦୁଃଖ ନାଶ ଗଲା ବେଗ ॥
ଠାକୁର ଠାକୁରାଣୀ ଯେ କପିଳାସ ଗଲେ ।
ବ୍ରହ୍ମା ଆଦି ଦେବଗଣେ ଅଭୟ ସେ ଦେଲେ ॥
ପରୀକ୍ଷିତ ରାଜା ଅପୁତ୍ରିକ ହୋଇଥିଲେ ।
ଶ୍ରୀ ଚଣ୍ଡୀମହିମା ଶୁକ ମୁନି ଯେ କହିଲେ ।
ଷୋଳ ଦିନ ଅନ୍ତରେ ସେ ହେଲା ପୂର୍ଣ୍ଣାହୁତି ।
ନରହି ଯୋଗରୁ ପୁତ୍ରେକ ହେଲା ଉତପତ୍ତି ।
ଯାଗ ହେତୁରୁ କୁମର ଜନମ ହୋଇଲେ ।
ଜନମେଜୟ ତାହାଙ୍କ ନାମ ଶୁକ ଦେଲେ ॥
ବୁଡ଼ିଥିବା ସୋମବଂଶ ଉଦେ ହେଲା କାଳ ।
ପୁତ୍ର ପୌତ୍ରୀ ହୁଏ ଚଣ୍ଡୀ ଶାସ୍ତ୍ରକୁ ଶୁଣିଲେ ॥
ଚଣ୍ଡୀଶାସ୍ତ୍ର ଶୁଣି ତୋଷ ପରୀକ୍ଷିତ ରାଜା ।
ଶୁକମୁନି ପଦ୍ମପାଦେ କଲେ ଦ୍ରବ୍ୟ ପୂଜା ॥
ଚନ୍ଦନ କୁଣ୍ଡଳ ରତ୍ନମାଳା ଧୂପ ଦୀପ ।
ଏତେ ଦେଇ ହେଲା ଶତେ ଦଣ୍ଡ ପ୍ରଣିପାତ ।
ପଞ୍ଚକୋଟି ରତ୍ନ ସୁବର୍ଣ୍ଣ ଥାଳରେ ସେ ଭରି ।
କରେ ପାଦପୂଜା ପରୀକ୍ଷିତ ଦଣ୍ଡଧାରୀ ॥
ଅହେ ବୁଧଜନମାନେ ଏକମନେ ଶୁଣ ।
ଶ୍ରୀ ଚଣ୍ଡିକା ଶାସ୍ତ୍ର ଗୁରୁ ବେଦରୁ ଜନମ ॥
ଏକମନ ଏକଚିତ୍ତ କରି ଏହା ଶୁଣ ।
ଧର୍ମ ଅର୍ଥ କାମ ମୋକ୍ଷ ପାଇବ ସନ୍ତାନ ॥
ଜ୍ଞାନେ ଅଜ୍ଞାନେ ବାଦରି ଯେବେ ପଢ଼ୁଥାଇ ।
ଔଷଧ ବ୍ୟାଧି ନାଶିଲା ପରି ନାଶଯାଇ ॥

ଅନେକ ଜନ୍ମର ପାପମାନ କ୍ଷୟ ଯାଇ ।
ଏ ଚଣ୍ଡୀ ଶାସ୍ତ୍ର ଶୁଣିଲେ ପାପକ୍ଷୟ ହୋଇ ॥
ଶତ୍ରୁ ଜିଣିବାକୁ ଯେବେ ବଗୁର ହେ ପୁଣ ।
ଏକଲକ୍ଷ କର ଚଣ୍ଡୀଶାସ୍ତ୍ରକୁ ଯେ ଶୁଣ ॥
ରାଜଦ୍ୱାରେ ଯାହାକୁଟି ପଡ଼ିବ ପ୍ରମାଦ ।
ଏହା ଶୁଣିଲା କ୍ଷଣି ତା ଛାଡ଼ିଯିବ ଦ୍ୱନ୍ଦ ॥
ଯେଉଁ ଜନମାନଙ୍କର ନାହିଁ ଯେ ସନ୍ତାନ ।
ଶ୍ରୀ ଚଣ୍ଡିକା ଶାସ୍ତ୍ର ଶୁଣ ହେଉ ପୁତ୍ର ଜନ୍ମ ॥
ଶ୍ରୀ ଚଣ୍ଡିକା ଶାସ୍ତ୍ରକୁଟି ଯେଉଁଜନ ଶୁଣି ।
ଲଙ୍ଘନ୍ତି ତରନ୍ତି ଯେ ଯମଦଣ୍ଡ ଜିଣି ॥
ଉନ୍ମତମାନଙ୍କରେଟି ଯାହା ମନଭ୍ରାନ୍ତି ।
ଏ ଶାସ୍ତ୍ର ଶୁଣନ୍ତି ସର୍ବଦୋଷ ହୁଏ ଶାନ୍ତ ॥
ବ୍ରହ୍ମା ଯାହାଙ୍କର ନାମ ସ୍ମରେ ହୃଦଗତେ ।
ମୁହିଁ ତାହା ସଂକ୍ଷେପେଣ କହୁଅଛି କେତେ ॥
ଯେତକ ଶାସ୍ତ୍ର ଏ ବେଦପୁରାଣେ ଉତ୍ତମା ।
କୃପାଜଳ ନାମେ ଯେଉଁ ମୁନି ମହାବ୍ରହ୍ମା ॥
ସେ କହି ନ ପାରିଲା ଏ ଶାସ୍ତ୍ରର ମହିମା ।
କହିବାକୁ ଯେ ଶକ୍ୟ ହେବ କେ ମନୁଷ୍ୟଆତ୍ମା ॥
ପରଶୁରାମ ଯାହାକୁ ନିତ୍ୟ କରେ ପୂଜା ।
ସୂର୍ଯ୍ୟପୁରେ ଆରାଧନା କରନ୍ତି ବଜ୍ରୋଜା ॥
ଏକାଚିତ୍ତ କରି ତାହା ଶୁଣ ହେ ବିଶେଷ ।
ଶୁଦ୍ଧିଭାଷ ବର୍ଣ୍ଣିବ ଯେବେ କଳିକାଳ ଧ୍ୱଂସି ॥
ମନୁ କାଳ ବଞ୍ଚିବନ୍ତି ଯାକୁ କଲେ ଲକ୍ଷ୍ୟ ।
ସେ ଦେବୀର ପ୍ରସନ୍ନରେ ମୋର ଜ୍ଞାନ ହୁଏ ॥
ଜନ୍ମେ ଜନ୍ମେ ଚଣ୍ଡୀପାଦେ ଲୁଚେ ମୋର ମଥା ।
ଏଣୁ ଜାଣିଲି ମୁଁ ଜପମନ୍ତ୍ର ଅର୍ଥ କଥା ॥
ଶ୍ରୀଚଣ୍ଡୀ ଶାରଳା ଯେ ଅଭୟ ବରଦାତା ।
ଜଗତମଧ୍ୟରେ ଯେଉଁ ଦେବୀ ଆଦ୍ୟମାତା ॥
ମୋତେ ସେ ଯାହା କହଇ ନିଶିରେ ସ୍ୱପନେ ।
ମୁଁ ତା ବଖାଣଇ ତାର ଆଜ୍ଞା ପରମାଣେ ॥
ତେଣୁ ଜନ୍ମେ ଜନ୍ମେ ଅଟେ ମୁଁ ତାହାର ଦାସ ।
ଏଣୁ କରି ଏ ଶାସ୍ତ୍ରକୁ କଲି ପରକାଶ ॥
ଜୟ ଜୟ ଜନନୀ ଗୋ ଦେବୀ କାତ୍ୟାୟନୀ ।
ଆଦି ଅନ୍ନପୂର୍ଣ୍ଣା ରୁଦ୍ର ମାଗୋ ନାରାୟଣୀ ॥
ଅନାଦି ଶକ୍ତିମାତା ଗୋ ଶ୍ରୀ ଶାରଳା ଦେବୀ ।
ତବ ଚରଣରେ ଜନ୍ମେ ଜନ୍ମେ ମୁହିଁ ସେବି ॥

Digitized by srujanika@gmail.com

ଛପନ କୋଟି ଦେବୀ ଯେ ଚୌଷଠି ଯୋଗିନୀ ।
ଅଷ୍ଟ ଚଣ୍ଡୀ ଦେବୀ ନବକୋଟି କାତ୍ୟାୟନୀ ॥
ମହୀଶାଳୁ ମଣ୍ଡଳେ ଯେତେକ ମହାଦେବୀ ।
ତାଙ୍କ ପାଦେ ଶରଣ ମୁଁ ଶାରଳା ଯେ କବି ॥
ଜନ୍ମେ ଜନ୍ମେ ଅଛଇଁ ଗୋ ମୁହିଁ ଶୂଦ୍ର ମୂଢ଼ ।
କେବଳ ସେବିଲି ଦୁର୍ଗା ଶ୍ରୀଚରଣ ବେନି ॥
ଶ୍ରୀ ଦୁର୍ଗାର ଶ୍ରୀଚରଣ ତଳେ ମୁଁ ଶରଣ ।
ଶ୍ରୀ ସର୍ବମଙ୍ଗଳା ପାଦେ ମୋର ନିବେଦନ ॥

ଇତି ଶ୍ରୀ ଚଣ୍ଡୀପୁରାଣ ସମ୍ପୂର୍ଣ୍ଣ ।

କଟକ, ଅରୁଣୋଦୟ ପ୍ରେସରେ ପ୍ରିଣ୍ଟର ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ମୁଦ୍ରିତ ।

Digitized by srujanika@gmail.com

# ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ଅରୁଣୋଦୟ ପୁସ୍ତକାଳୟରେ ବିକ୍ରୟାର୍ଥେ
ଗ୍ରାହକଗଣ ଚିଠିକଲେ ଅନାୟାସେ ପ୍ରାପ୍ତ ହେବେ ।

| | |
|---|---|
| ମହାଭାରତ ଆଦ୍ୟପର୍ବ | ଟ ୨୳ |
| ,, ମଧ୍ୟପର୍ବ | ଟ ୨୳ |
| ,, ସଭାପର୍ବ | ଟ ୨୳ |
| ,, ବନପର୍ବ | ଟ ୨୳ |
| ,, ବିରାଟପର୍ବ | ଟ ୧। |
| ,, ଉଦ୍ୟୋଗପର୍ବ | ଟ ୧୲ |
| ,, ଭୀଷ୍ମପର୍ବ | ଟ ୧। |
| ,, ଦ୍ରୋଣପର୍ବ | ଟ ୦ ୳ |
| ,, କର୍ଣ୍ଣପର୍ବ | ଟ ୦ ।୵ |
| ,, ଶଲ୍ୟପର୍ବ | ଟ ୦ ୷ |
| ,, ଗଦାପର୍ବ | ଟ ୦ ୷ |
| ,, ସୌପ୍ତିକା ବା ଐଷିକପର୍ବ | ଟ ୦ । |
| ,, ନାରୀ ଓ ଶାନ୍ତିପର୍ବ | ଟ ୦ ୷ |
| ,, ଅଶ୍ୱମେଧ ଓ ଆଶ୍ରମିକପର୍ବ | ଟ ୦ ।୵ |
| ,, ମୂଷଳୀପର୍ବ | ଟ ୦ ।୵ |
| ,, ସ୍ୱର୍ଗାରୋହଣପର୍ବ | ଟ ୦ ।୵ |
| ରାମାୟଣ ଆଦ୍ୟକାଣ୍ଡ | ଟ ୧୲ |
| ,, ଅଯୋଧ୍ୟାକାଣ୍ଡ | ଟ ୦ ୳୵ |
| ,, ଅରଣ୍ୟକାଣ୍ଡ | ଟ ୦ ୳୵ |
| ,, କିଷ୍କିନ୍ଧ୍ୟାକାଣ୍ଡ | ଟ ୦ ୳୵ |
| ,, ସୁନ୍ଦରକାଣ୍ଡ | ଟ ୦ ୳୵ |
| ,, ଲଙ୍କାକାଣ୍ଡ | ଟ ୧୳ |
| ,, ଉତ୍ତରକାଣ୍ଡ | ଟ ୧। |
| ନୃସିଂହପୁରାଣ ୧ମ ରତ୍ନାକର | ଟ ୧୲ |
| ,, ୨ୟ ରତ୍ନାକର | ଟ ୦ ୳ |
| ,, ୩ୟ ରତ୍ନାକର | ଟ ୧୲ |
| ,, ୪ର୍ଥ ରତ୍ନାକର | ଟ ୧୳ |
| ,, ୫ମ ରତ୍ନାକର | ଟ ୦ ।୵ |
| ,, ୬ଷ୍ଠ ରତ୍ନାକର | ଟ ୦ ।୵ |
| ,, ୭ମ ରତ୍ନାକର | ଟ ୧୳ |
| ବ୍ରହ୍ମବୈବର୍ତ୍ତପୁରାଣ ବ୍ରହ୍ମଖଣ୍ଡ | ଟ ୦ ୳୵ |
| ,, ପ୍ରକୃତିଖଣ୍ଡ | ଟ ୨୲ |
| ,, ଗଣେଶଖଣ୍ଡ | ଟ ୧୲ |
| ,, ଶ୍ରୀକୃଷ୍ଣଜନ୍ମଖଣ୍ଡ | ଟ ୨।୵ |
| ବଷ୍ଣୁ କେଶବ ପୁରାଣ ପ୍ରଥମସର୍ଗ | ଟ ୧। |
| ,, ଦ୍ୱିତୀୟସର୍ଗ | ଟ ୧୲ |
| ,, ତୃତୀୟସର୍ଗ | ଟ ୧୲ |
| ,, ଚତୁର୍ଥସର୍ଗ | ଟ ୦ ।୵ |
| ,, ପଞ୍ଚମସର୍ଗ | ଟ ୦ ୳୵ |

ଶିବପୁରାଣ ପ୍ରଥମଖଣ୍ଡ
,, ଦ୍ୱିତୀୟଖଣ୍ଡ
,, ତୃତୀୟ ଖଣ୍ଡ
,, ଚତୁର୍ଥଖଣ୍ଡ
ନାରଦ ପୁରାଣ
ମତ୍ସ୍ୟପୁରାଣ
ମାର୍କଣ୍ଡେୟପୁରାଣ (ସଚିତ୍ର)
କୂର୍ମପୁରାଣ ୧ମ ୨ୟ ଏକତ୍ର
,, ୩ୟ
ବରାହପୁରାଣ
ଅଲଙ୍କାରରାମାୟଣ ପୂର୍ବଖଣ୍ଡ
ଏକତ୍ର ଉତ୍ତରଖଣ୍ଡ
ସଚିତ୍ର ଅଧ୍ୟାତ୍ମ ରାମାୟଣ
ଗଣେଶପୁରାଣ
ବୈଦେହୀଶବିଳାସ ୧ମ ଖଣ୍ଡ
,, ୨ୟ ଖଣ୍ଡ
,, ୩ୟ ଖଣ୍ଡ
,, ୪ର୍ଥ ଖଣ୍ଡ
ସଚିତ୍ରହରିବଂଶ ୧ମ ଖଣ୍ଡ
,, ,, ୨ୟ ଖଣ୍ଡ
,, ,, ୩ୟ ଖଣ୍ଡ
,, ,, ୪ର୍ଥ ଖଣ୍ଡ
,, ,, ୫ମ ଖଣ୍ଡ
,, ,, ୬ଷ୍ଠ ଖଣ୍ଡ
,, ,, ୭ମ ଖଣ୍ଡ
ଶ୍ରୀମଦ୍ଭାଗବତ ୧ମ ସ୍କନ୍ଧ
,, ୨ୟ ସ୍କନ୍ଧ
,, ୩ୟ ସ୍କନ୍ଧ
,, ୪ର୍ଥ ସ୍କନ୍ଧ
,, ୫ମ ସ୍କନ୍ଧ
,, ୬ଷ୍ଠ ସ୍କନ୍ଧ
,, ୭ମ ସ୍କନ୍ଧ
,, ୮ମ ସ୍କନ୍ଧ
,, ୯ମ ସ୍କନ୍ଧ
,, ୧୦ମ ସ୍କନ୍ଧ (ସୋଧ
,, ,, (ଦ୍ୱାଦଶ
,, ୧୧ଶ ସ୍କନ୍ଧ
,, ୧୨ଶ ସ୍କନ୍ଧ
,, ୧୩ଶ ସ୍କନ୍ଧ


ଅରୁଣୋଦୟ ପ୍ରେସ, ବାଲୁବଜାର କଟକ
ପୋଃ ଅଃ ବୁଦ୍ଧପେଠ ।

ପ୍ରିଣ୍ଟର—
ଶ୍ରୀ ନିତ୍ୟାନନ୍ଦ ସା


Digitized by srujanika@gmail.com